# ନୀଳକଣ୍ଠ ସ୍ମାରକୀ

ପଂଚମ ଖଂଡ

## ଦାର୍ଶନିକ ନୀଳକଂଠ



ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି

Digitized by PPRACHIN, SOA

# ନୀଳକଂଠ ସ୍ମାରକୀ

## ପଂଚମ ଖଣ୍ଡ

( ଦାର୍ଶନିକ ନୀଳକଂଠ )

ପଣ୍ଡିତ ନୀଳକଂଠ ସ୍ମୃତି ସମିତି
୩୦୩, ଖାରବେଳ ନଗର
ଭୁବନେଶ୍ୱର - ୭୫୧୦୦୧

Digitized by PPRACHIN, SOA

# ନୀଳକଣ୍ଠ ସ୍ମାରକୀ-୫ମ ଖଣ୍ଡ

## ଦାର୍ଶନିକ ନୀଳକଣ୍ଠ

ସଂକଳନ

**ଡଃ ବିଜୟାନନ୍ଦ କର**

ପ୍ରକାଶକ

**ପଣ୍ଡିତ ନୀଳକଣ୍ଠ ସ୍ମୃତି ସମିତି**
୩୦୩, ଖାରବେଳ ନଗର
ଭୁବନେଶ୍ୱର - ୭୫୧୦୦୧

ମୁଦ୍ରାକର

**କ୍ୱାଲିଟି ପ୍ରେସ୍ (ପ୍ରା) ଲିମିଟେଡ୍**
ଏ/୬୭ ଇଣ୍ଡଷ୍ଟ୍ରିୟାଲ ଏରିଆ
ଭୁବନେଶ୍ୱର - ୭୫୧୦୦୧

ପ୍ରଥମ ସଂସ୍କରଣ - ୧୯୮୮

ମୂଲ୍ୟ

ଟ ୧୬-୦୦ ( ସାଧା ସିଲେଇ )
ଟ ୨୦-୦୦ ( ବୋର୍ଡ ବନ୍ଧାଇ )

**NILAKANTHA SMARAKI-Vol. V**

**( Nilakantha, The Philosopher )**

Editor
**Dr. Bijoyananda Kar**

Publisher
**Pandit Nilakantha Smruti Samiti**
303, Kharavela Nagar
Bhubaneswar - 751001

Printed at
**Kwality Press (P) Ltd.**
A/67, Industrial Area
Bhubaneswar - 751001

1st. Edition - 1988

Rs. 16-00 ( Paper Pack )
Rs. 20-00 ( Board Bound )

Digitized by PPRACHIN, SOA

# ॥ ବିଷୟ ସୂଚୀ ॥


| ବିଷୟ | ଲେଖକ | ପୃଷ୍ଠା |
|---|---|---|
| ମୁଖବନ୍ଧ | (ସଂପାଦକ) ଡଃ ବ୍ରଜସୁନ୍ଦର କର) | |
| ମୋ ଜୀବନ ଦର୍ଶନ | ପଣ୍ଡିତ ନୀଳକଂଠ ଦାସ | |
| ନୀଳକଂଠଂକ ଯଜ୍ଞ ଚେତନା | (ଡଃ କୃଷ୍ଣ ପ୍ରସାଦ ମିଶ୍ର) | ୧ |
| ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ପଣ୍ଡିତ ନୀଳକଂଠ | (ଶ୍ରୀ ଚନ୍ଦ୍ର ଶେଖର ରଥ) | ୧୧ |
| ପଣ୍ଡିତ ନୀଳକଂଠଂକ ରଚନାରେ ଶ୍ରୀଜଗନ୍ନାଥ ଚେତନାର ସ୍ୱରୂପ | (ଡକ୍ଟର ବାସୁଦେବ ସାହୁ) | ୧୬ |
| ଜଗନ୍ନାଥ ଧର୍ମୀୟ ପରମ୍ପରା ଓ ଏହାର ସାଂସ୍କୃତିକ ଗୁରୁତ୍ୱ ସମ୍ପର୍କରେ ନୀଳକଂଠଂକ ଆଭିମୁଖ୍ୟ | (ଡକ୍ଟର କୁମୁଦିନୀ ମିଶ୍ର) | ୩୦ |
| ପଣ୍ଡିତ ନୀଳକଂଠଂକ ରାଜନୈତିକ ଦର୍ଶନ ଏକ ଅଧ୍ୟୟନ | (ଡଃକ୍ଟର ସତ୍ୟନାରାୟଣ ରଥ) | ୪୧ |
| ପଣ୍ଡିତ ନୀଳକଂଠଂକ ରାଜନୀତି ବିଜ୍ଞାନରେ ଦର୍ଶନ | (ଡଃ ଶ୍ରୀରାମ ଚନ୍ଦ୍ର ଦାଶ) | ୬୧ |
| ଧର୍ମୀୟ ଚେତନା, ଗୀତା ଓ ନୀଳକଂଠଂକ ଦୃଷ୍ଟିଭଙ୍ଗୀ | (ଡକ୍ଟର ବ୍ରଜସୁନ୍ଦର କର) | ୭୦ |
| ପଣ୍ଡିତ ନୀଳକଂଠ ଓ ମାନବତା ବାଦ | ଡକ୍ଟର ଚନ୍ଦ୍ରା ପଟ୍ଟନାୟକ | ୭୯ |
| ନୀଳକଂଠ ଦୃଷ୍ଟିରେ ସମାଜ ସଂସ୍କାର ଓ ତାହାର ଦାର୍ଶନିକ ଭିତ୍ତି | (ଶ୍ରୀମତୀ ମେନକା ନନ୍ଦ) | ୮୫ |
| ନୀଳକଂଠଂକ ଦୃଷ୍ଟିରେ ଆର୍ଯ୍ୟଧର୍ମ ଏକ ଦାର୍ଶନିକ ପର୍ଯ୍ୟାଲୋଚନା | (ଶ୍ରୀମତୀ ରଶ୍ମିରେଖା ପତି) | ୮୯ |
| ଜୈନଧର୍ମ ଓ ନୀଳକଂଠଂକ ଦୃଷ୍ଟିଭଙ୍ଗୀ ଏକ ଦାର୍ଶନିକ ସମୀକ୍ଷା | (କୁମାରୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର) | ୯୬ |
| ପଣ୍ଡିତ ନୀଳକଂଠଂକ ଦର୍ଶନରେ ଶ୍ରୀକୃଷ୍ଣ | (ଶ୍ରୀଯୁକ୍ତ ସୌମ୍ୟବନ୍ଧୁ କର) | |
| ବହୁ ମତରେ ବହୁ କୃଷ୍ଣ | (ଡକ୍ଟର ଗୋପୀନାଥ ମହାପାତ୍ର) | |
| ନୀଳକଂଠଂକ ଦର୍ଶନ ଭିତ୍ତିକ ଧର୍ମୀୟ ଦୃଷ୍ଟି ଭଙ୍ଗୀ | (ଡକ୍ଟର ନମିତା କର) | |


Digitized by PPRACHIN, SOA

# ମୋ ଜୀବନ ଦର୍ଶନ

ନୀଳକଂଠ ଦାସ

ଖୁଂଟି-ନାଟି ଘଟନାର ସ୍ମରଣ ମୋର କେବେ ତୀକ୍ଷ୍ଣ ନଥିଲା । ବଡ଼ ଶୀଘ୍ର ଘଟନାମାନ ଭୁଲିଯାଏ । ମୋ ଜୀବନରେ ମୁଁ ଜାଣେ ସେ ମୋର ସୌଭାଗ୍ୟ । ସେଥିରେ ମୁଁ କାହାପ୍ରତି ତିକ୍ତତା ବା ଶତ୍ରୁତା ପୋଷିପାରେ ନାହିଁ । ମିତ୍ରତାରେ ହୁଏତ ସେଇଆ ହୋଇଥିବ । କିନ୍ତୁ ମୁଁ ତା' କିପରି କହିବି, ଅନ୍ୟମାନେ କହିବେ । ମୁଁ ଏତିକି କହିପାରେ, ବହୁ କ୍ଷେତ୍ରରେ ପ୍ରାଣର ପ୍ରତିଷ୍ଠିତଭବ ମତେ ବହୁକାଳ ଘାରେ ନାଇ । କିଂବା ଭବାବେଶରେ ଯେଉଁ ସ୍ପଂଦନ ଉଠେ, ତାହା ମୋର ହୁଏତ ବଡ଼ ତୀବ୍ର ନୁହେ । କିଂବା ଯେତେ ତୀବ୍ର ହେଲେ ମଧ୍ୟ ଖୁବ୍ ସ୍ଥାୟୀ ହୁଏ ନାଇ ।

ଅନ୍ୟଥା ମଧ୍ୟ ମୁଁ **ଯୁକ୍ତିକୁ ଭବଠାରୁ ବେଶି ଆଦର ଓ ସମ୍ମାନ କରେ** । ମୋ ବିଗ୍ଭରରେ ଯୁକ୍ତି ହେଉଚି ମାନବର ବିଶେଷ ଭବାବେଶ । ପଶୁ ପକ୍ଷୀଙ୍କର ମଧ୍ୟ ହୁଏ । ବିଶେଷରେ ପୋଷା ଜଂତୁ-ମାନେ ଯୁକ୍ତିରେ ପୋଷକକୁ ମାନଂତି ନାଇ । ତାଂକ ପ୍ରାଣରେ ଭବ ଉଠାଇ ତାକୁଇ ସ୍ଥାୟୀ କରିବାର ଉଦ୍ୟମ ହେଉଚି ପୋଷା ମନାଇବା । **ଯୁକ୍ତିଛାଡ଼ି ଭବାବେଶ ଧଇଲେ ମାନବ ବେଳେବେଳେ ପଶୁପରି ହୁଏ, ମତ୍ତାଂଧ ହୁଏ** । କ୍ରମେ ଯେପରି ମୋର ବୟସ ଓ ବିଗ୍ଭର ପରିଣତ ହେଲା, ମୁଁ ଏଇ କଥା ଖୁବ୍ ଅନୁଭବ କଲି । ମାନବ ସଭ୍ୟତାର ସମସ୍ତ ବିକାଶ ଭିତରେ ମତେ ଦିଶିଲା, ମାନବର ଭକ୍ତି ଧର୍ମ ଗୋଟିଏ ପଶୁ ଧର୍ମ । ପଶୁ ବୋଇଲେ ମୁଁ କହୁଚି ମାନବେତର ଜଂତୁ । ମାନବକୁ ପଶୁପରି ମନାଇ ସଂଘବଦ୍ଧ ଭବରେ ରଖି ଚଳାଇବା ବରାବର ଏଇ ଭକ୍ତି-ଧର୍ମ ସୂତ୍ରରେ କରାହୋଇଆସିଚି । ଯଥାର୍ଥ ମାନବର ଏହା ଧର୍ମ

Digitized by PPRACHIN, SOA

ହେବା ଉଚିତ ନୁହେଁ, ମାନବ ଧର୍ମ ବିଗ୍ରହର ବିଶେଷତ୍ୱ ହେଉଚି, ଯୁକ୍ତି ଓ ସେହି ଯୁକ୍ତିରୁ ବାହାରୁଥିବା ମାନବର ଦାର୍ଶନିକ ଧର୍ମ । ସେହି ସୂତ୍ରରେ ଆଦିମ ଜୈନ-ଧର୍ମ ପ୍ରତି ମୋର ପ୍ରଗାଢ଼ ଅନୁରାଗ ଜନ୍ମିଲା । ମୁଁ ଦେଖିଲି ଜଗନ୍ନାଥ ଯଥାର୍ଥରେ ଜୈନ ଉପାସ୍ୟର ସଂକେତ ମୈତ୍ରୀରେ । ଭକ୍ତମାନେ ତାଙ୍କୁ କେତେଶବର୍ଷ ହେଲ ପତିତପାବନକରି ଲୋକଙ୍କୁ ଆଗ୍ରହଭ୍ରଷ୍ଟ କରିଚଂତି । ଏହିସବୁ ବିଗ୍ରହ ବୁଦ୍ଧି ହୁଏତ ମୋର ପିଲା ଦିନର ସେଇ ଯୁକ୍ତି ପଂଥିତ୍ୱର ଭୂୟୋ ବିକାଶ ।

ମନେ ପଡୁଚି, ପୁରୀର ସ୍ୱକର୍ମ ଧନ୍ୟ ପୁଣ୍ୟଶ୍ଳୋକ ସେ କାଳର ମୁକ୍ତାର ରାମଚଂଦ୍ର ଦାସଂକ କଥା । ସେପରି ମନସ୍ୱୀ ଉଦାରଚେତା ପ୍ରାଣବଂତ ପୁରୁଷ ମୁଁ କମ୍ ଦେଖିଛି । ସେତେବେଳେ ଅବଶ୍ୟ ଓଡ଼ିଶା ଥିଲା, ଆମର ଚିଂତାର ବିଷୟ । ଓଡ଼ିଶାର ଦୁର୍ଗତି ପ୍ରତି ପ୍ରୀତି, ଓଡ଼ିଶାର ଭବିଷ୍ୟତରେ ଆଦର ଓ ବିଶ୍ୱାସ ତହିଁ ସଂଗେ ଭାରତ ଓ ସେହି ସୂତ୍ରରେ ମାନବ ସେବାର ମାର୍ଗ । ନାନା ଭାବରେ ବାରଂବାର ସେ ଆମକୁ କହିଥିବା ଆଜି ମୋର କାହିଁ କେବେ ଚଳଚିତ୍ର ଦେଖିଲାପରି ମନେ ପଡୁଚି ।

ଚଳଚିତ୍ର କଥାଟା କହିଲି । କିଂତୁ ମୁଁ ତାହା ଦେଖେ ନାଇ । ରଂଗ ମଂଚରେ ଅଭିନୟ ବି ଦେଖେନାଇ । ପିଲାଦିନେ ନୂଆକରି ଇଂରେଜି ପଢିଲାବେଳେ ସେ କାଳର କେଶବ ସେନଂକ ପ୍ରଭାବିତ 'ନବ ବିଧାନ ପଂଥୀ ପ୍ରତାପଚଂଦ୍ର ମଜୁମଦାର ଲେଖିଥିବା "Aids to moral character" ନାମକ ଖଂଡେ ପୁସ୍ତକ ପଢିଥିଲି । ଯେଥିରେ ପଢିଥିଲି Novels and dramas raise passions and pervert the use of them. ବାଲୁତ ମନ୍‌ରେ ଛାପ ପଡ଼ିଯାଏ, ରହିଯାଏ । ପଂଚତଂତ୍ରରେ ଯଥାର୍ଥ କୁହାଯାଇଛି । "ଯନ୍ନବେ ଭାଜନେ ଲଗ୍ନ ସଂସ୍କାରେ ନାନ୍ୟଥା ଭବେତ୍ । କଥା ଛଲେନ ବାଲାନାଂ ନିତିଃ ସ୍ତଦୀୟ କଥ୍ୟତେ" ମାଟି ପାତ୍ର କଂଚା ଥିଲାବେଳେ ସେଥିରେ ଯ ହା ଚିହ୍ନ ଲାଂଛନ ବା ଚିତ୍ର ଅଂକା ହୋଇଥାଏ, ପୋଡ଼ି ଦେଲେ ତାହା ଚିରଂତନ ଭାବରେ ସେହିପରି ରହିଯାଏ । ବହୁ ଘଟଣା ଘଟି ଗଲାଣି, ମୋ ଉପରେ ବହୁ ଯୁକ୍ତି ତର୍କର ସ୍ରୋତ, ବିଚକ୍ଷଣତାର ବିଗ୍ରହଣା ଓ ଶିକ୍ଷା ବିଧାନଚର୍ଚ୍ଚାର ସ୍ରୋତ ବହି-ଗଲାଣି । କିଂତୁ ପ୍ରତାପ ଚଂଦ୍ର ମଜୁମଦାରଂକର ସେହି ଧାଡ଼ିକର ଛାଂଚ

Digitized by PPRACHIN, SOA

ମୋ ପ୍ରାଣରୁ ଲିଭିନାଇ । ଜୀବନରେ ଜଣେ ଦୁଇ ଜଣ ବଂଧୁଂକର ନିମଂତ୍ରଣରେ ଅତି ବାଧ୍ୟ ବାଧକତାରେ ପଡ଼ି ବୋଧହୁଏ ଥରେ ଦିଲ୍ଲୀରେ, ଆଉଥରେ କଲିକତାରେ ଦୁଇଥର ସିନେମା ଦେଖିଛି ଓ ନାଟ୍ୟ ମଂଦିରରେ ଥରେ ମାତ୍ର ଭାଦୁଡ଼ିଂକର ନାଟ୍ୟ ନାୟକତ୍ୱରେ ଶରତ ଚଟର୍ଯୀଂକର 'ଷୋଡ଼ଶୀ'ର ଅଭିନୟ ଦେଖିଛି । ଆଉ ଦେଖିବାର ମନେ ହେଉନାଇ । ତେବେ କେହି କେହି ବ୍ୟବସ୍ଥାପକମାନଂକୁ କାଚ କାରଖାନାରେ କାଚ ତିଆରି ଠାରୁ ଲୁହା ଓ ଲୁଗା କଳର କାମ ଚଳଚିତ୍ରରେ ଦେଖାଇବାର ବ୍ୟବସ୍ଥା କରି ଭେଜିକୁ ଡାକିବାରେ ତାହା ସବୁ କେତେ ଦେଖିଛି ।

ମାତ୍ର ଏବେ ମଧ୍ୟ ମୁଁ କହିପାରେ, ବର୍ତ୍ତମାନ ଦେଶରେ ଯେଉଁ ସିନେମା ଦେଖିବା ଓ ଦେଖାଇବାର ବାତ୍ୟା ଛୁଟିଛି, ତା'ର ଯଥା ନିୟଂତ୍ରଣ ନ ହେଲେ ଭାରତ ଭାରତ ହୋଇ ରହିବ ନାଇ । ଭାରତୀୟ ବାଳକ ବଢି ଭାରତୀୟ ମନୁଷ୍ୟ ଆଉ ହେବେ ବୋଲି ମୋର ମନେ ହେଉନାଇ । ଶୀଘ୍ର ଭାରତୀୟ ସଂସ୍କୃତିରେ ପରିପ୍ରାଣିତ ଆମ ଧୁରଂଧରମାନେ ଏସବୁର ଯଥାଯଥ ନିୟଂତ୍ରଣପାଇଁ ସୁଚିତିଂତ ଓ ଦୃଢ ବ୍ୟବସ୍ଥା କରିବା ଦରକାର ।

ସେ କଥା ଛାଡ଼ । କହୁଥିଲି ମୋର ଯୁକ୍ତି ପ୍ରୀତି ଓ ସେହି ସଂପର୍କରେ ସ୍ୱର୍ଗତ ରାମଚଂଦ୍ର ଦାସଂକ କଥା । ରାମଚଂଦ୍ରଂକ ପରି କଥୋପକଥନରେ ଯୁକ୍ତି ବାର୍ଦ୍ଧିବାଲୋକ ଆଉ ମୁଁ ଦେଖିନାଇ । ସେ ଥିଲେ ସେ ସେକାଳ ମୁକ୍ତାର, ଇଂରେଜି ଜାଣି ନଥିଲେ । ମୁଁ ଯେଉଁ କାଳ କଥା କହୁଛି, ସେତେବେଳେ ଓଡ଼ିଆଂକ ଭିତରେ ଇଂରଜି ପଢୁଆ ବଡ ବେଶୀ ନଥିଲେ । କେହି ଯଦି Entrance ପାଶ୍ କଲା, ତେବେ ସେକାଳେ ସ୍ୱର ଉଠୁଥିଲା ସେ ଭାରି ଭଲ ଇଂରେଜି ଲେଖେ । କାହିଁକିନା ଆଉ ସବୁ ସେତେବେଳର ଓଡ଼ିଆ କିରାନି କର୍ମଚାରୀମାନେ ସେକାଳ High School 3rd. Class, 4th କ୍ଲାସ୍ ପାଶ୍ ବା ଫେଲ୍‌ବାଲା । ମନେଅଛି, ସମସ୍ତେ କହଂତି ସେକାଳ ପୁରୀର ସିରସ୍ତାଦାର (ମଧୁସୂଦନ ମହାଂତି) ଭାରି ଭଲ ଇଂରେଜି ଜାଣୁଥିଲେ । ପରେ ଜାଣିଲି, ସେ ଗୋଟିଏ ସେକାଳର ବହୁତ କର୍ମଚାରୀଂକ ପରି ସାଧୁ ଲୋକଥିଲେ ଓ ସବୁ କିରାନି କର୍ମଚାରୀଂକୁ ଯଥାଶକ୍ତି ସାହାଯ୍ୟ କରୁଥିଲେ । ସେ ସାହାଯ୍ୟ କରିବାର ପ୍ରଧାନ କ୍ଷେତ୍ର ଥିଲା ସେ ଦରପାଠୁଆ କିରାନି କର୍ମଚାରୀଂକର ଇଂରେଜି ଲେଖାସବୁ ସଂଶୋଧନ କରିଦେବା । ତାପରେ ଭଲ ଇଂରେଜି ଜାଣିବା କଥାଟା

Digitized by PPRACHIN, SOA

ସେତେବେଳେ ଗୋଟାଏ ବଡ଼ ଆଦରର ବସ୍ତୁ ଓ ଗୁଣଥିଲା । ଇଂରେଜ ଅଧୀନରେ ଆମର ମନୋବୃତ୍ତି ଯାହାଥିଲା, ସେତେବେଳେ ସେଇଆ ହବାର କଥା । ସେ କଥା ସ୍ୱାଧୀନ ଭରତରେ ଆଜି କେହି କଳ୍ପନା କରି ପାରିବେ ନାଇ, ବୁଝିବାତ ଦୂରର କଥା । ସେଇଥିପାଇଁ କହୁଥିଲି, ରାମଚଂଦ୍ର ମୁକ୍ତାରେ ଖୁବ୍ ଅଳ୍ପ ଇଂରେଜି ପଢିଥିଲେ ମଧ୍ୟ, ଇଂରେଜି ବହି ଓ ସାହେବ ଇଂରେଜିରେ କହିଲେ ସେବୁର ସେ ମର୍ମାର୍ଥ ବୁଝି ଯାଉଥିଲେ । ସେ ମଧ୍ୟ ନିଜେ ଓଡ଼ିଆରେ ସୁବକ୍ତା ଥିଲେ । ସେତେବେଳର ସଭ ଏମିତି କଥା ଏବେ ଅନେକ ହୁଏତ ପସଂଦକୁ ଆଣିବେ ନାଇ । ମୋ ଜୀବନରେ ବୋଧହୁଏ ପୁରୀରେ ସାହି ଓ କଂଦିରେ ପ୍ରାୟ ୧୦, ୧୨ ଜାଗା ଓ କଟକରେ ୫,୬ ଜାଗାରେ ମୁଁ ସଭମାନ କରି ସେଥିରେ କ୍ରମାନ୍ୱୟରେ ସଭପତି ଓ ସଂପାଦକ ହୋଇଥିଲି । ସର୍ବତ୍ର ଆଲୋଚନା ସଭ । ସର୍ବତ୍ର ସ୍କୁଲ କଲେଜ ପାଠ୍ୟ ବାହାରେ ଥିବା ଅନ୍ୟ ପୁସ୍ତକ ପଢ଼ି ଧର୍ମ, ସମାଜଠାରୁ କୃଷି, ଶିଳ୍ପ ପର୍ଯ୍ୟଂତ, ଜନସେବାଠାରୁ ଧନ ଦାନ ପର୍ଯ୍ୟଂତ ସବୁ ବିଷୟରେ ବିଗ୍ରର ଓ ବାଦ ପ୍ରତିବାଦ (Delate) ଚଳାଇବାର ମୋର ମନେ ଅଛି । ଏଇସବୁ କାର୍ଯ୍ୟରେ, ଛାତ୍ରମାନଂକୁ ପ୍ରେରଣା ଦେବାପାଇଁ ପୁରୀରେ ସେତେବେଳେ ଏକମାତ୍ର ବ୍ୟକ୍ତିଥିଲେ ରାମଚଂଦ୍ର ମୁକ୍ତିଆର । ହାଇସ୍କୁଲ ବା ପୁରୀ ଜିଲାସ୍କୁଲ ପିଲାମାନଂକ ସଂଗେ ସେତେବେଳେ ସେ ବହୁତ ମିଶୁଥିଲେ, ପିଲମାନଙ୍କ ସଙ୍ଗେ କଥାବାର୍ତ୍ତାକରି ଯୁକ୍ତି ତର୍କ ସୂତ୍ରରେ ତାଂକୁ ପ୍ରଭବିତ କରିବା । ସେ କଥାବାର୍ତ୍ତାର ପ୍ରଣାଳୀ କି ,ସୁଂଦର । ମୁକ୍ତିଆରେ କାହାକୁ କୌଣସି ସାକ୍ଷାତ ଉପଦେଶ ଦେବାର ମୋ ମନେ ହେଉ ନାଇ । ସେ ଆରଂଭ କରଂତି, କଥାବାର୍ତ୍ତା । ତୀବ୍ରମତ ପ୍ରକାଶ କରିବାପାଇଁ ପିଲମାନଙ୍କୁ ଖୁବ୍ ସୁବିଧା ଦିଅଂତି । କିଂତୁ ନିଜ କଥାବାର୍ତ୍ତାରେ ସେ କୌଣସି ମତର ସାକ୍ଷାତ ପ୍ରତିବାଦ କରଂତି ନାଇ । ଯେପରିକି ପିଲ୍ଲଂକ କଥାଟା ମାନିଗଲ୍ଲ ପରି ଯୁକ୍ତିର ଧାର ଧରି ଗ୍ଲଇଂତି । ଆଶ୍ଚର୍ଯ୍ୟ କଥା, କେତେକ କଥାବାର୍ତ୍ତା ପରେ ପିଲଟି ଯାହା କହୁନା କାହିଁକି, ସେ ମୁକ୍ତିଆରଂକ କଥାଟି କେତେ-ବେଳେ ଜାଣି ନପାରି ମାନିଯାଏ । ହୁଏତ ଏପରି ହୁଏ ପିଲଟି ପ୍ରଥମରୁ ତିକ୍ତ ଭବରେ ଯେଉଁ ମତ ପ୍ରକାଶ କରିଥାଏ, ତାର ଠିକ୍ ବିପରୀତ କଥାଟି ନିଜର କରିନିଏ । ସ୍ତ୍ରୀ ଶିକ୍ଷା, ସ୍ତ୍ରୀ ସ୍ୱାଧୀନତା, ବାଲ୍ୟବିବାହ, ଜାତିଭେଦ ଏସବୁ ସେତେବେଳର ପ୍ରଧାନ ବିଗ୍ରରବସ୍ତୁ । ତା'ଛଡ଼ା

Digitized by PPRACHIN, SOA

କବିତା କିପରି ଲେଖିବ, ଗଦ୍ୟର ଉପଯୋଗିତା କଅଣ, ଜନସେବା କାହିଁକି, କିପରି କରିବ, ଇଂରେଜ ଶାସନର ମୂଲ୍ୟ ଓ ଗତି କ'ଣ, ଭାଂଗ ଖାଇବା ଦରକାର କି ନୁହେଁ, ପାଚିଲା ଗାମୁଛାର ଉପଯୋଗିତା ପ୍ରଭୃତି ଛୋଟ ବଡ଼ କେତେ ବିଷୟ ତାଂକ ସଂଗେ ଦିନପରେ ଦିନ ଏପରିକି ବାରଂବାର ପଢ଼ିଥିବା ଆଜି ମନେ ହେଉଚି । ମହୁମାଛି ଯେପରି ଦିନ ଯାକ କାହିଁ କୁଆଡେ ବୁଲି ଫୁଲରୁ ମହୁ ସଂଗ୍ରହ କରିସାରି ଆକାଶର ସଂକୁ ସଂକେତ ହୀନ ମାର୍ଗରେ ପୁଣି ଠିକ୍ ସଂଧ୍ୟାକୁ ସେହି ମଧୁଚକ୍ରକୁ ଫେରି ଆସେ, ଆମେ ପିଲାଏ ସେହିପରି ସ୍କୁଲ ସରିଲା ମାତ୍ରେ ଅପରାହ୍ନ କୃତ୍ୟ ଯଥା ଶୀଘ୍ର ସାରିକି ଆକର୍ଷଣରେ କେଜାଣି ମୁକ୍ତିଆରଂକ ଘରବାଟେ କୌଣସି ବାହାନାଧରି ଗଲାପରି ଯାଉଁ । ତାଂକ ବସାଘରଟା ଥାଏ ପଥୁରିଆ ସାହି ମୁଣ୍ଡରେ, କୁଂଡ଼ାଇବେଂଟ ସାହିର ଗଳିଟା ମିଶିବାଠାରେ, ଡାହାଣପଟ କଣ ଘରଟା । ସେହିଠାରେ ସେ ଯେପରି ପିଲାଂକୁ ଅପେକ୍ଷା କରି ବସି ଥାଆଂତି । ବିଶେଷରେ ଶନିବାର ଓ ଛୁଟି ପୂର୍ବ ଦିନ କଥା-ବାର୍ତ୍ତାରେ ଗତି ୧୨ଟା ବାଜିଯାଏ ।(ସ୍ୱର୍ଗତ ପେନ୍‌ସନ୍ ପ୍ରାପ୍ତ ହେଡ଼ମାଷ୍ଟର) ଜଗନ୍ନାଥ ମହାପାତ୍ର (ଓକିଲ) ପଦ୍ମଚରଣ ପଟ୍ଟନାୟକ ଆମେ ତିନିସଂଗୀ ଅନେକ ସମୟରେ ସେଠି ଏକତ୍ର ହେଉ ।

ମୁକ୍ତିଆରେ ଗୋଟିଏ କିଛି ବିଷୟ ଧରି କଥା ଉଠାଇବା ପାଇଁ ପ୍ରସ୍ତୁତ ହୋଇ ଯେପରି ବସିଥାଆଂତି । ଆଜି ମନେ ପଡ଼ିଯାଉଚି, ଗୋଟିଏ ଶନିବାରରେ ଗଲାବେଳକୁ ସେ ମଧୁବାବୁଂକ "ବସଂତ ଗାଥା"ଟି ଧରି ବସିଥିଲେ । ସେ ଗତିଯାକ ସେଇ ବସଂତ ଗାଥା ପଢ଼ା ଚର୍ଚ୍ଚା । ପୁରୀଟା ସେତେବେଳେ ଥିଲା ଭାଂଗ ଖାଇବାର ଜାଗା । ଜଗନ୍ନାଥ ମହାପାତ୍ରେ ଓ ମୁଁ ଦୁହେଁ ସେଦିନ ଟିକିଏ ଟିକିଏ ଭାଂଗ ଖାଇଥିଲୁ । ଅବଶ୍ୟ ୧୯୦୧ ମସିହା ଶେଷଠାରୁ ମୁଁ ଭାଂଗ କେବେ ଛୁଇଁନାଇ । କିଂତୁ ସେଦିନ ମନେ ଅଛି ଆମ ଦୁହିଂକୁ ନିଶା ଲାଗିଥିଲା । ଆଲୋଚନାରେ କୌଣସି ମତେ ହସ ଉଠିଲେ ଆମେ ଦୁହେଁ ନିଶାଗ୍ରସ୍ତ ହୋଇ ଖାଲି ହସୁଥିଲୁ । ମୁକ୍ତିଆରେ ନିଶ୍ଚୟ ଜାଣି ପାରିଥିବେ । କିଂତୁ ଜାଣିଛଂତି ବୋଲି ଆମେ କଦାପି ଜାଣି ନାହୁଁ । ପରେ ଆମେ ଆପଣା ଭିତରେ ବିଗ୍ରହକରି ସେ କଥା ମନେ ପକାଇ ସକାଳୁ ବଡ଼ ଲଜ୍ଜିତ ହୋଇ ପରେ ମୁକ୍ତିଆରଂକ ପାଖକୁ ଯିବାରେ ଟିକିଏ ସଂକୋଚ ମଧ୍ୟ ଆମର ହେଲା । କିଂତୁ ଫେରେ ମୁକ୍ତିଆରଂକ ସଂଗେ ମିଳନ ହେଲା । ହେଲେହେଁ ସେ ସଂକୋଚର ଉଲ୍ଲେଖ ସେ କରି ନାହାଂତି । ଆମକୁ ମଧ୍ୟ ସେ ସଂକୋଚର ଉଲ୍ଲେଖ କରିବା କୌଣସି ଅବକାଶ ପର୍ଯ୍ୟଂତ ସେ ଦେଇ ନାହାଂତି ।

Digitized by PPRACHIN, SOA

ଏବେ ମନେ ହେଉଚି ସେହିକାଳୁ ସେ ମୋର ଯୁକ୍ତିପରତାକୁ ଖୁବ୍ ଲକ୍ଷ କରିଥିଲେ । କାହିଁକିନା, ପଦ୍ମଚରଣ ପଟ୍ଟନାୟକଂକୁ ସେ ଡାକୁଥିଲେ 'କବି' । ଜଗନ୍ନାଥ ମହାପାତ୍ରଂକୁ ଡାକୁଥିଲେ ସାଆଂତେ (ସେ ହେଉଛଂତି ସାମଂତ ବ୍ରାହ୍ମଣ) ମତେ ଡାକୁଥିଲେ ଦରଶନୀ । ଏହି ଆମୋଦକର ନାମଟି ଭିତରେ ସଂକେତ ଥିଲା ଦର୍ଶନ-ପଂଥୀ । ଅନ୍ୟମାନଂକୁ ସେ ଚିହ୍ନାଇ ଦେଉଥିଲେ, ଏହି ବରଶନୀ ନୀଳକଂଠଂକ ସଂଗେ କଥାବାର୍ତ୍ତା ହୁଅ । ପଂଡ଼ିତ ଗୋପବଂଧୁ ସେତେବେଳକୁ ପୁରୀ ଜିଲ୍ଲାସ୍କୁଲରୁ ପାଶ୍ କରିସାରି ପୁରୀ ଛାଡ଼ିଥିଲେ । କିଂତୁ ସେତେବେଳେ ମୁକ୍ତିଆରେ ଯେପରିକି ତାଙ୍କର ଥିଲେ ଶ୍ରେଷ୍ଠ ଗୁରୁ । ସେ ଆସି ମୁକ୍ତିଆରଂକ ଘରେ ରହୁଥିଲେ । ଏପରି ରହିବା ବେଳେ ମୁକ୍ତିଆରେ ମତେ ଚିହ୍ନାଇ ଦେଇଥିଲେ । 'ଗୋପବଂଧୁ ଏ ନୀଳକଂଠଂକୁ ଜାଣ ?' ଏ ଏକ ଦର୍ଶନୀ । ମୋର ଆଉ ଗୋପବଂଧୁଂକ ଭିତରେ ପର ଜୀବନରେ ଯେଉଁ ପୁଣ୍ୟ ଭାବର ଆଦାନ ପ୍ରଦାନର ସଂପର୍କ ଫୁଟିଥିଲା ତାର ଆଜି ସ୍ଥାନ ଖୁବ୍ ସଂଭବ ଏଇଠାରେ ।

କିଂତୁ ମୁଁ କହୁଥିଲି, ମୁଁ ପିଲାଦିନୁ ଯଥାର୍ଥରେ ହୋଇଥିଲି ଯୁକ୍ତି-ପଂଥୀ । ଭାବ ରାଜ୍ୟରେ ପ୍ରବେଶକରି ଆତ୍ମବିସ୍ମୃତ ହେବା ମୁଁ ପସଂଦ କରୁନଥିଲି । ପିଲାଦିନୁ ମୋର ବ୍ୟକ୍ତିତ୍ୱର ପ୍ରଧାନ ବିଚାର ହେଉଛି କର୍ତ୍ତବ୍ୟ କରିବାକୁ ହେବ । କର୍ତ୍ତବ୍ୟ ଆଗେ ଅନ୍ୟଥା ଭାବାବେଶର ସ୍ଥାନ ନାଇ । Tennysonରେ ପରେ ପଢିଥିଲି, "Duty, duty clear of consequences" ସେ ଏହା କୌଣସି ସଂପର୍କରେ ଥଟ୍ଟାକରି ଲେଖିଛଂତି ।

କିଂତୁ ଗୋଟିଏ କଥା ମନେ ହେଉଛି ମୁଁ ଏହି ଥଟ୍ଟାପାଇଁ Tennyson ଙ୍କ ସମାଲୋଚନା କରି ତାଙ୍କର ଭକ୍ତିଭାବକୁ ଦେଖାଇବା-ପାଇଁ ତାଂକରି କଥା ଉଦ୍ଧାରକରି ଲେଖିଥିଲି । ଯେଉଁ Tennyson ଈଶ୍ୱରଂକ ସଂବଂଧରେ ଲେଖି ପାରଂତି "By faith and faith alone we embrace, believing where we can not prove." ମୋର ସେତେବେଳର ଇଂରେଜି ଅଧ୍ୟାପକ ସ୍ୱର୍ଗତ ଉପେଂଦ୍ର ନାଥ ମୈତ୍ର । ମୋ ପ୍ରବଂଧ ଲେଖାରେ ଭକ୍ତି ଭାବର ଏ ବିରୋଧ ଦେଖି ବିସ୍ମୟ ପ୍ରକାଶ କରିଥିଲେ । କିଂତୁ ମୋର ଏଠି କହିବାରକଥା ମୁଁ ଏହିପରି ଯୁକ୍ତିଭାବ ଭାବିତ ଥିବାରୁ ଅନେକ କ୍ଷେତ୍ରରେ ଅନୁରାଗ ବିରାଗ ଜଡ଼ିତ ଥିବା ଘଟଣାର ସ୍ମୃତି ମୋର ସ୍ପଷ୍ଟ ନୁହେଁ ।



Digitized by PPRACHIN, SOA

# ମୁଖବନ୍ଧ

ପଣ୍ଡିତ ନୀଳକଂଠ ସ୍ମୃତି ସମିତି ୧୯୮୦ ମସିହାଠାରୁ ବେଶ୍ ସକ୍ରିୟ ହୋଇ ପଣ୍ଡିତ ଦାସଙ୍କର ନାନାବିଧ ମୌଳିକ ଚିନ୍ତାଧାରାର ବିଭିନ୍ନ ଦୃଷ୍ଟିକୋଣରୁ ଆଲୋଚନାମାନ କରାଇ ତନ୍ମଧ୍ୟରୁ ପ୍ରସୂତ ଚିନ୍ତୋଦ୍ଦୀପକ ପ୍ରବନ୍ଧ, କବିତା ପ୍ରଭୃତି ଏକତ୍ରିତ କରି ଗ୍ରନ୍ଥ ଆକାରରେ ପ୍ରକାଶ କରିଆସୁଛନ୍ତି । ପ୍ରଥମେ ୧୯୮୦ ମସିହାରେ ନୀଳକଂଠ ସ୍ମାରକୀ ପ୍ରଥମଖଣ୍ଡ ଓ ପରେ ଦ୍ୱିତୀୟ ଖଣ୍ଡ ପ୍ରକାଶିତ ହୋଇଥିଲା ୧୯୮୪ ମସିହାରେ । ଏହି ଦ୍ୱିତୀୟ ଖଣ୍ଡରେ ପଣ୍ଡିତ ଦାସଙ୍କ ସମ୍ବନ୍ଧୀୟ ସ୍ମୃତି ଚାରଣ ବ୍ୟତୀତ କେତୋଟି ଆଲୋଚନାତ୍ମକ ପ୍ରବନ୍ଧ, କବିତାବଳୀ ତଥା ପଣ୍ଡିତ ଦାସଂକ ରଚନାରୁ କିୟଦଂଶ ମଧ୍ୟ ସ୍ଥାନ ପାଇଅଛି । ଏତଦ୍ ବ୍ୟତୀତ ଗ୍ରନ୍ଥଟିର ପ୍ରାରମ୍ଭରେ ନୀଳକଂଠଂକ ଶତବାର୍ଷିକୀ ପାଳନ ଉତ୍ସବରେ ଦିନପଂଜି ସ୍ଥାନ ପାଇଛି ଏବଂ ସେଥିରେ ପ୍ରାୟ ଦୁଇବର୍ଷ ବ୍ୟାପୀ ଅନୁଷ୍ଠିତ ବିଭିନ୍ନ ସଭା-ସମିତି ସମ୍ବନ୍ଧରେ ତଥ୍ୟପୂର୍ଣ୍ଣ ବିବରଣୀ ପ୍ରଦତ୍ତ ହୋଇଛି । ସେହି ବିବରଣୀ ଉପରେ ଦୃଷ୍ଟିପାତ କଲେ ଜଣାଯିବ ଯେ ନୀଳକଂଠଂକ ଚିନ୍ତାଧାରା ନେଇ ଦୁଇଟି ତାତ୍ତ୍ୱିକ ଆଲୋଚନା-ଚକ୍ର ୧୯୮୩-୮୪ ମସିହା ମଧ୍ୟରେ ସ୍ମୃତି ସମିତି ତରଫରୁ ଅନୁଷ୍ଠିତ ହୋଇଥିଲା । ସେଥିରୁ ଗୋଟିଏ "ନୀଳକଂଠଂକ ରାଜନୈତିକ ଦୃଷ୍ଟିକୋଣ" ଉପରେ ଓ ଅନ୍ୟଟି "ନୀଳକଂଠଂକ ଧର୍ମ ଦର୍ଶନ" ଉପରେ ।

ମନେହୁଏ, ୫-୮-୧୯୮୪ ତାରିଖରେ ଅନୁଷ୍ଠିତ ଆଲୋଚନା ଚକ୍ରଟି ପଣ୍ଡିତ ଦାସଙ୍କ ଦାର୍ଶନିକ ଚିନ୍ତାଧାରା ଉପରେ ଆଲୋଚନା ତଥା ଗବେଷଣା ନିମନ୍ତେ ଅନ୍ତତଃ ସ୍ମୃତି ସମିତି ତରଫରୁ ପ୍ରଥମ ପଦକ୍ଷେପ । ଅବଶ୍ୟ ଏଥିରେ ଦର୍ଶନ ସହ ଧର୍ମୀୟ ଭାବଧାରାର ସମନ୍ୱିତ ଆଲୋଚନା ହୋଇଥିଲା, ଯାହାକି ଭାରତୀୟ ଦର୍ଶନ ଚର୍ଚ୍ଚା ପରିପ୍ରେକ୍ଷୀରେ ସ୍ୱାଭାବିକ ଅଟେ । ଆଲୋଚନା ଚକ୍ରରେ ପ୍ରବନ୍ଧମାନ ଉପସ୍ଥାପନ କରିଥିଲେ ଡ଼ଃ ବାଉରୀବନ୍ଧୁ କର, ଡ଼ଃ କୁମୁଦିନୀ ମିଶ୍ର, ଡ଼ଃ ପ୍ରମୋଦ କୁମାର ଦ୍ୱିବେଦୀ ଓ ମୁଁ ନିଜେ । ଡ଼ଃ କର ତାଙ୍କ ରଚିତ "ନୀଳକଂଠଂକ ପ୍ରବନ୍ଧରେ ଆଧ୍ୟାତ୍ମିକ ଓ ଦାର୍ଶନିକ ଚେତନା"ରେ ଅନ୍ୟାନ୍ୟ ବିଷୟ ସହିତ ନୀଳକଂଠଂକ ମାନବବାଦୀ ମନୋଭାବ ବିଷୟରେ କିଞ୍ଚିତ୍ ସୂଚନା ଦେଇଛନ୍ତି । ଡ଼ଃ ମିଶ୍ର ତାଙ୍କର "ନୀଳକଂଠଂକ ଧର୍ମ ଚେତନା ଓ ଦାର୍ଶନିକ

Digitized by PPRACHIN, SOA

ଦୃଷ୍ଟିକୋଣ" ପ୍ରବନ୍ଧରେ ଧର୍ମ ଚେତନା ଓ ଦାର୍ଶନିକ ଦୃଷ୍ଟି କୋଣ ଉପରେ ପରସ୍ପରର ପରିପୂରକ ତାହା ଦର୍ଶାଇବା ସହିତ ମାନବ ସମାଜର ଉନ୍ନତି କଳ୍ପେ ସମାଜରେ ଦେଖା ଦେଇଥିବା ବିଭିନ୍ନ ସମାସ୍ୟା ପ୍ରତି ନୀଳକଂଠଂକ ଦାର୍ଶନିକ ଦୃଷ୍ଟିଭଙ୍ଗୀ କିଭଳି ସଚେତନ ଏବଂ ଏହାର ଏକ ଯୁକ୍ତିଯୁକ୍ତ ସମାଧାନ ନିମନ୍ତେ କିପରି ଯତ୍ନବାନ୍, ତାହାର ଏକ ଆଭାସ ଦେଇଚନ୍ତି । ଡ଼ଃ ଦ୍ୱିବେଦୀ ଜଗନ୍ନାଥ ଧର୍ମ କିପରି ମାନବୀୟ ସାମ୍ୟ ତଥା ମୈତ୍ରୀଭାବରେ ଦ୍ୟୋତକ, ତାହା ପ୍ରକାଶ କରିଛନ୍ତି । ଏହି ତିନିଗୋଟି ପ୍ରବନ୍ଧରେ "ନୀଳକଂଠଂକ ଧର୍ମ ଦର୍ଶନ" ଭିତ୍ତିକ ଚିନ୍ତାଧାରା ଉପରେ ବହୁ ଉପାଦେୟ ଓ ତଥ୍ୟ ଭିତ୍ତିକ ଆଲୋଚନାମାନ ହୋଇଛି ।

ପଣ୍ଡିତ ଦାସ କେବଳ ଶୁଦ୍ଧ ଦାର୍ଶନିକ ତତ୍ତ୍ୱ ବା କେବଳ ଶୁଦ୍ଧ ଧର୍ମ ତତ୍ତ୍ୱର ଆଲୋଚନା କରିଯାଇ ନାହାନ୍ତି । ତାଙ୍କର ଚିନ୍ତାଧାରା ଉଭୟ ଧାରା ଓ ଦର୍ଶନ ତତ୍ତ୍ୱାଦରେ ସମନ୍ୱିତ ହୋଇ ଏକ ମୌଳିକ ଦୃଷ୍ଟିଭଙ୍ଗୀର ଅବତାରଣା କରିଅଛି । ଏହି ମୌଳିକ ଦୃଷ୍ଟିଭଙ୍ଗୀଟି କ'ଣ ହୋଇପାରେ ଏବଂ ଏହାକୁ ସାଧାରଣ ଭାବେ ସ୍ୱୀକୃତ ବିଭିନ୍ନ ଦାର୍ଶନିକବାଦ ମଧ୍ୟରୁ କେଉଁଥିରେ ସଂଯୋଜିତ କରିପାରିଲେ ନୀଳକଂଠଂକ ଧର୍ମ-ଦର୍ଶନର ଏକ ଯଥାର୍ଥ ପ୍ରତିପ୍ରକାଶ ତଥା ମୂଲ୍ୟାୟନ ହୋଇପାରିବ, ଏହି ଲକ୍ଷ୍ୟ ନେଇ ମୁଁ ଆଲୋଚନା-ଚକ୍ରରେ "Humanist Philosophy of Pt. Nilakantha Das" ଶୀର୍ଷକ ଏକ ଇଂରାଜି ପ୍ରବନ୍ଧ ଉପସ୍ଥାପନ କରିଥିଲି । ସେଥିରେ (ବୋଧହୁଏ ପ୍ରଥମ ଥର ପାଇଁ) ପଣ୍ଡିତ ଦାସଙ୍କ ଧର୍ମୀୟ ଦାର୍ଶନିକ ଦୃଷ୍ଟିଭଙ୍ଗୀ ମାନବତାବାଦୀମୂଳକ ବୋଲି ମୁଁ ସୂଚାଇଥିଲି । ଏହି ମାନବତାବାଦ ଆଧ୍ୟାତ୍ମିକତା ଭିତ୍ତିକ ବୋଲି ମଧ୍ୟ ଏଥିରେ ମୁଁ ପ୍ରକାଶ କରିଥିଲି । ପରେ ସ୍ମୃତି ସମିତିର ସଂପାଦକ ଶ୍ରୀଯୁକ୍ତ ମଧୁସୂଦନ ଦାସଙ୍କ ଅନୁରୋଧ କ୍ରମେ ଉକ୍ତ ଇଂରାଜି ପ୍ରବନ୍ଧ ଉପରେ ଭିତ୍ତି କରି "ପଣ୍ଡିତ ନୀଳକଂଠ ଓ ମାନବତାବାଦୀ ଧର୍ମ" ଶୀର୍ଷକ ଏକ କ୍ଷୁଦ୍ର ପ୍ରବନ୍ଧ ରଚନା କରିଥିଲି, ଯାହାକି ନୀଳକଂଠ ସ୍ମାରକୀ ଦ୍ୱିତୀୟ ଖଣ୍ଡରେ ପ୍ରକାଶ ପାଇଛି । ସ୍ମୃତି ସମିତି ତରଫରୁ ନୀଳକଂଠଂକ ଧର୍ମ-ଦର୍ଶନ ସମ୍ବନ୍ଧରେ ଏକ ଗବେଷଣା-ମୂଳକ ଲେଖା ପ୍ରସ୍ତୁତ କରିବା ନିମନ୍ତେ ମତେ ଅନୁରୋଧ କରାଯାଇଥିବାରୁ ମୁଁ ସେ ଦିଗରେ ଆଗେଇଥିଲି ଓ ତାହା ନ ହୋଇଥିଲେ ହୁଏତ ନୀଳକଂଠଂକ ଦାର୍ଶନିକ ଚିନ୍ତନର ମୌଳିକତା ତଥା ଗଭୀରତା ଅନ୍ତତଃ ମୋର ଦୃଷ୍ଟିଗୋଚର ହୋଇପାରି ନ ଥାଆନ୍ତା । ସେଥି ନିମନ୍ତେ ମୁଁ ଅବଶ୍ୟ ସ୍ମୃତି ସମିତି ପ୍ରତି କୃତଜ୍ଞ ।

ଆଲୋଚନା ଚକ୍ରରେ ପ୍ରବନ୍ଧ ଉପସ୍ଥାପନା କରିବା ଅବସରରେ ମୁଁ ନୀଳକଂଠଂକ ଚିନ୍ତାଧାରାର ପ୍ରସାର ନିମନ୍ତେ ଇଂରାଜିରେ ଆଲୋଚନା ତଥା



Digitized by PPRACHIN, SOA

ପ୍ରକାଶନ ଉପରେ ଗୁରୁତ୍ୱ ଦେଇଥିଲି ଏବଂ ସେହି ପରିପ୍ରେକ୍ଷୀରେ ପରେ ୧୯୮୬ ମସିହାରେ ଆସାମର ଗୌହାଟୀଠାରେ ଅନୁଷ୍ଠିତ ସର୍ବଭାରତୀୟ ଦର୍ଶନ ଆଲୋଚନା ଚକ୍ରରେ "Pandit Das: A Humanist Philosopher" ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିଥିଲି । ସେଥିରେ ପଣ୍ଡିତ ଦାସଙ୍କଦ୍ୱାରା ଧର୍ମ ସମ୍ବନ୍ଧୀୟ ଆଲୋଚିତ କେତେକ ପ୍ରଧାନ ପ୍ରତ୍ୟୟ ଯଥା: ଅଧ୍ୟାତ୍ମ ଧର୍ମ ଓ ଲୌକିକ ଧର୍ମ, ଜୀବାତ୍ମା ଓ ପରମାତ୍ମା ଆଦିର ପର୍ଯ୍ୟାପ୍ତ ଆଲୋଚନା କରି ତାଙ୍କର ଦାର୍ଶନିକ ଚିନ୍ତାଧାରା କିଭଳି ଏକ ଆଧ୍ୟାତ୍ମିକ ମାନବତାବାଦୀ ମୂଳକ ହୋଇପାରିଛି, ତାହାର ଏକ ସୂଚନା ଦେଇଥିଲି । ପ୍ରବନ୍ଧଟିର ବିସ୍ତୃତ ଆଲୋଚନା ହୋଇଥିଲି ଓ ଆଲୋଚନାରେ ଅଂଶ ଗ୍ରହଣ କରିଥିବା ପ୍ରଫେସର କୃଷ୍ଣ ପ୍ରସାଦ ମିଶ୍ରଙ୍କ ସମେତ ଅନ୍ୟାନ୍ୟ ଭାରତୀୟ ଗବେଷକ ତଥା ଦର୍ଶନବିତ୍ମାନଙ୍କଠାରୁ ଅନେକ ଉତ୍ସାହପୂର୍ଣ୍ଣ ମନ୍ତବ୍ୟମାନ ପାଇଥିଲି । ପରେ ଉକ୍ତ ପ୍ରବନ୍ଧ Orissa Review (December 1986)ରେ ପ୍ରକାଶିତ ହୋଇଛି । ଆଉ ମଧ୍ୟ ସ୍ମୃତି ସମିତି ତରଫରୁ ୪-୮-୧୯୮୫ ତାରିଖରେ ଆୟୋଜିତ ଏକ ଆଲୋଚନା ଚକ୍ରରେ "ଭାରତୀୟ ଦାର୍ଶନିକ ପରମ୍ପରା ଓ ପଣ୍ଡିତ ନୀଳକଂଠଙ୍କ ଧର୍ମ-ଦର୍ଶନ" ଶୀର୍ଷକ ପ୍ରବନ୍ଧ ଉପସ୍ଥାପନ କରିବାର ସୁଯୋଗ ମୁଁ ପାଇଥିଲି । ସେଥିରେ ପାରମ୍ପରିକ ଭାରତୀୟ ଦାର୍ଶନିକ ଐତିହ୍ୟର ପୃଷ୍ଠଭୂମିରେ ପଣ୍ଡିତ ନୀଳକଂଠଙ୍କ ଆଧ୍ୟାତ୍ମିକ ମାନବିକତାବାଦୀ ମୂଳକ ଦାର୍ଶନିକ ଚିନ୍ତାଧାରାର ବ୍ୟବସ୍ଥିତି କିପରି ନିର୍ଦ୍ଧାରଣ କରାଯାଇପାରେ ଏବଂ ପଣ୍ଡିତ ଦାସଙ୍କର ଏହି ଚିନ୍ତାଧାରାର ଦାର୍ଶନିକ ଗଭୀରତା କେତେ ତଥା ସାମାଜିକ ଉପାଦେୟତା କ'ଣ ହୋଇପାରେ ସେ ବିଷୟରେ ମଧ୍ୟ ସଂକ୍ଷିପ୍ତ ଆଲୋଚନା କରିଥିଲେ । ଏହି ପ୍ରବନ୍ଧ ପରେ 'ସଂଯୋଗ' (ଜାନୁଆରି, ୧୯୮୭)ରେ ପ୍ରକାଶିତ ହୋଇଛି ।

କିନ୍ତୁ ଏକଥା ଅବଶ୍ୟ ସ୍ୱୀକାରଯୋଗ୍ୟ ଯେ ମୋର ଅଳ୍ପ କିଛି ଲେଖା ଏବଂ ୫-୮-୧୯୮୪ ତାରିଖରେ ଅନୁଷ୍ଠିତ ଆଲୋଚନା ଚକ୍ରରେ ପଠିତ ଅନ୍ୟାନ୍ୟ ପ୍ରବନ୍ଧ ଗୁଡ଼ିକ ନୀଳକଂଠଙ୍କ ସୁଦୂର ପ୍ରସାରୀ ଗଭୀର ଦାର୍ଶନିକ ଚେତନାର ପରିପ୍ରକାଶ ତଥା ଯଥାଯୋଗ୍ୟ ମାନ ନିର୍ଦ୍ଧାରଣ ନିମନ୍ତେ ଯଥେଷ୍ଟ ନ ଥିଲି । ସେଥି ନିମନ୍ତେ ମୁଁ ଓ ସ୍ମୃତି ସମିତିର କେତେକବନ୍ଧୁ ନୀଳକଂଠଙ୍କ କେବଳ ଦାର୍ଶନିକ ଚିନ୍ତାଧାରା ଉପରେ ଆହୁରି କେତେଟା ଆଲୋଚନା ଚକ୍ର କରାଇବା ନିମନ୍ତେ ଇଚ୍ଛା ପ୍ରକାଶ କରିଥିଲୁ । ଫଳରେ ଗତ ୯-୧୧-୧୯୮୬ ତାରିଖରେ ପଣ୍ଡିତ ନୀଳକଂଠଙ୍କ ତିରୋଧାନ ବାର୍ଷିକୀ ଅବସରରେ "ଦାର୍ଶନିକ ନୀଳକଂଠ" ଶୀର୍ଷକ ଏକ ପୂର୍ଣ୍ଣାଙ୍ଗ ପ୍ରଥମ ପର୍ଯ୍ୟାୟ ଆଲୋଚନା ଚକ୍ର ସ୍ମୃତି ସମିତି ତରଫରୁ ଆୟୋଜିତ ହୋଇଥିଲି । ଆଲୋଚନା ଚକ୍ରର ସଂଯୋଜନା ଦାୟିତ୍ୱ ତୁଲାଇବାକୁ ସମିତିର ସମ୍ପାଦକ ମତେ ଅନୁରୋଧ କରିଥିଲେ । ଆଲୋଚନା



Digitized by PPRACHIN, SOA

ଚକ୍ରରେ ଅଧ୍ୟକ୍ଷତା କରିଥିଲେ ସମିତିର ସଭାପତି ଡଃ ସଦାଶିବ ମିଶ୍ର ଓ ମୁଖ୍ୟ ଅତିଥିରୂପେ ଯୋଗ ଦେଇଥିଲେ ଓଡ଼ିଶା ସାହିତ୍ୟ ଏକାଡେମୀ ସଭାପତି ଶ୍ରୀଯୁକ୍ତ ସୁରେନ୍ଦ୍ର ମହାନ୍ତି । ସଂଯୋଜକ ଭାବେ ଆଲୋଚନା ଚକ୍ରର ପ୍ରାରମ୍ଭରେ ପଣ୍ଡିତ ଦାସଙ୍କ ମାନବୀୟ ଦୃଷ୍ଟିଭଙ୍ଗୀର ଏକ ସଂକ୍ଷିପ୍ତ ସୂଚନା ମୁଁ ଦେଇଥିଲି ଏବଂ ପରେ ଆଲୋଚନା ଚକ୍ରରେ ପାଞ୍ଚଗୋଟି ପ୍ରବନ୍ଧ ଉପସ୍ଥାପିତ ହୋଇଥିଲା । ପୁନଶ୍ଚ ୩୦-୧୧-୮୬ ତାରିଖରେ ସମିତି ତରଫରୁ "ଦାର୍ଶନିକ ନୀଳକଂଠ" ଶୀର୍ଷକ ବିଷୟର ଦ୍ୱିତୀୟ ପର୍ଯ୍ୟାୟ ଆଲୋଚନା ଚକ୍ର ଅନୁଷ୍ଠିତ ହୋଇଥିଲା । ଏଥିରେ ମଧ୍ୟ ପାଞ୍ଚଗୋଟି ପ୍ରବନ୍ଧ ଉପସ୍ଥାପନ କରିବାର ଆୟୋଜନ ହୋଇଥିଲା । ଆଲୋଚନା ଚକ୍ରରେ ଅଧ୍ୟକ୍ଷତା କରିଥିଲେ ଡଃ ସଦାଶିବ ମିଶ୍ର, ଉଦ୍‌ଘାଟକ ଭାବେ ଯୋଗ ଦେଇଥିଲେ ଓଡ଼ିଶାର ଶିକ୍ଷାମନ୍ତ୍ରୀ ଶ୍ରୀ ମତଲୁବ୍ ଅଲ୍ଲୀ, ବରେଣ୍ୟ ଅତିଥି ଭାବେ ଯୋଗ ଦେଇଥିଲେ ଶ୍ରୀ ଗିରିଧାରୀ ପ୍ରସାଦ ଗୁରୁ ଓ ସଂଯୋଜକ ଭାବେ ଉପସ୍ଥିତ ଥିଲେ ଅଧ୍ୟାପକ ଦାଶରଥି ଦାସ । ୧୯୮୬ ମସିହା ପରେ ପ୍ରାୟ ଏକବର୍ଷ ଧରି ନୀଳକଂଠଙ୍କ ଦର୍ଶନ ସମ୍ବନ୍ଧରେ ଆଉ କିଛି ଆଲୋଚନା ସମିତି ତରଫରୁ କରାଯାଇ ପାରି ନ ଥିଲା । ଯଦିଓ "ନୀଳକଂଠଙ୍କ ସାଂସ୍କୃତିକ ଚେତନା ଉପରେ ପଶ୍ଚିମବଙ୍ଗ ଶାନ୍ତିନିକେତନଠାରେ ଏକ ଆଲୋଚନା ଚକ୍ର ଅନୁଷ୍ଠିତ କରାଯାଇଥିଲା । ଯାହାହେଉ, ଗତବର୍ଷ ନଭେମ୍ବର ମାସ ୧୫ ତାରିଖରେ ସମିତି ତରଫରୁ ଦାର୍ଶନିକ ନୀଳକଂଠ-ତୃତୀୟ ପର୍ଯ୍ୟାୟ ଆଲୋଚନା ଚକ୍ର ଅନୁଷ୍ଠିତ ହେଲା । ଏଥିରେ ସମିତିର ସଭାପତି ଡଃ ସଦାଶିବ ମିଶ୍ର ଅଧ୍ୟକ୍ଷତା କରିଥିଲେ ଓ ଉଦ୍‌ଘାଟକ ରୂପେ ଯୋଗ ଦେଇଥିଲେ ଶ୍ରୀଯୁକ୍ତ ଗଙ୍ଗାଧର ମହାପାତ୍ର । ଆଉ ମଧ୍ୟ ମୁଖ୍ୟଅତିଥି ଭାବେ ଡଃ ବିଦ୍ୟାଧର ମିଶ୍ର ଓ ମୁଖ୍ୟବକ୍ତା ଭାବେ ପ୍ରଫେସର କୃଷ୍ଣ ପ୍ରସାଦ ମିଶ୍ର ଯୋଗଦାନ କରିଥିଲେ । ସଂଯୋଜକ ଭାବେ ମୁଁ ନୀଳକଂଠଙ୍କ ଦାର୍ଶନିକ ପ୍ରତିଭାର ବିଭିନ୍ନ ଅନାଲୋଚିତ ଦିଗ ଗୁଡ଼ିକ ଉପରେ ପ୍ରାରମ୍ଭିକ ସୂଚନା ଦେଇଥିଲି । ଆଲୋଚନା ଚକ୍ରରେ ପାଞ୍ଚଗୋଟି ପ୍ରବନ୍ଧ ଉପସ୍ଥାପନ କରାଯାଇଥିଲା ।

ତିନୋଟିଯାକ ଆଲୋଚନା ଚକ୍ରରେ ଆଲୋଚନା ବେଶ୍ ଆକର୍ଷଣୀୟ ହୋଇ ପାରିଥିଲା ଏବଂ ଧର୍ମ-ଦର୍ଶନ ସମ୍ବଳିତ ନାନା ବିଷୟ ଉତ୍ଥାପନ କରାଯାଇ ସେଥିରେ ନୀଳକଂଠଙ୍କ ଭୂମିକା ବିଷୟରେ ତନ୍ନତନ୍ନ କରାଯାଇଥିଲା । ଆଲୋଚନା ଚକ୍ର ଗୁଡ଼ିକରେ ଉପସ୍ଥାପିତ ପ୍ରବନ୍ଧମାନଙ୍କ ମଧ୍ୟରୁ କେତେକ ଏଠାରେ ଏକତ୍ରିତ ଭାବେ ପ୍ରକାଶ କରାଯାଇଅଛି । ସ୍ଥଳ ବିଶେଷରେ କେତେକ ପ୍ରବନ୍ଧରେ ସ୍ୱଳ୍ପ କିଛି ପରିବର୍ତ୍ତନ ଆବଶ୍ୟକ ଦୃଷ୍ଟିରୁ କରାଯାଇଛି । ଅବଶ୍ୟ ତାହାଦ୍ୱାରା ପ୍ରବନ୍ଧର ବକ୍ତବ୍ୟରେ କୌଣସି ଆଞ୍ଚ ଅଣାଯାଇ ନାହିଁ । ଯେଉଁ କେତେକ ପ୍ରବନ୍ଧ ଏହି ସଂକଳନରେ ସ୍ଥାନ ପାଇନାହିଁ, ସେଗୁଡ଼ିକ ମୂଲ୍ୟାତ୍ମକ ଦୃଷ୍ଟିରୁ ଆଦୌ ନ୍ୟୂନ



Digitized by PPRACHIN, SOA

ନୁହଁନ୍ତି । କେବଳ ଦର୍ଶନ ସମ୍ବନ୍ଧୀୟ ବ୍ୟାପାରରେ ସଂପୃକ୍ତ ବିଷୟକୁ ଆଖି ଆଗରେ ରଖି ସଂକଳନଟିଏ ପ୍ରକାଶ କରିବା ଲକ୍ଷ୍ୟ ଥିବାରୁ କେତେଗୁଡ଼ିଏ ନିର୍ଦ୍ଦିଷ୍ଟ ପ୍ରବନ୍ଧ ଏହି ପ୍ରକାଶନରେ ସ୍ଥାନ ପାଇବାର ସ୍ଥିର କରାଗଲା । ଆମର ଆଶା, ପରେ ସୁବିଧା ମିଳିଲେ ସମିତି ଏଠାରେ ଅପ୍ରକାଶିତ ଅଥଚ ଆଲୋଚିତ ପ୍ରବନ୍ଧଗୁଡ଼ିକୁ ଏକାଠି ପ୍ରକାଶ କରିବାର ସୁଯୋଗ ପାଇବେ ।

ଏଥିରେ ପ୍ରକାଶିତ ପ୍ରଥମ ପ୍ରବନ୍ଧ "ନୀଳକଂଠଂକ ଯଜ୍ଞ ଚେତନା" ଦାର୍ଶନିକ ଶୈଳୀରେ ପୁଷ୍ଟ ଏକ ଗ୍ଭବୋଦ୍ଦୀପକ ରଚନା । ଏଥିରେ ପ୍ରଫେସର କୃଷ୍ଣ ପ୍ରସାଦ ମିଶ୍ର ନୀଳକଂଠ ଚିନ୍ତାଧାରାରେ 'ଯଜ୍ଞ' ପ୍ରତ୍ୟୟକୁ ଦାର୍ଶନିକ ଦୃଷ୍ଟିରୁ ମୂଳ ସୂତ୍ରକାଠି ବା Key concept ଭାବେ ଉପସ୍ଥାପିତ କରିଛନ୍ତି । ଜ୍ଞାନ,କର୍ମ,ଭକ୍ତି ଆଦି ବିଭିନ୍ନ ପ୍ରତ୍ୟୟର ଯୁକ୍ତିଗତ ଅନୁଶୀଳନ କରିବା ଅବସରରେ 'ଯଜ୍ଞ' କିପରି ଅଧିଷ୍ଠାନ ଭାବେ ନୀଳକଂଠଂକ ସମଗ୍ର ଦାର୍ଶନିକ ଦୃଷ୍ଟିରେ ବ୍ୟବସ୍ଥିତ ହୋଇ ପାରିଛି ତାହା ଦର୍ଶାଇବାକୁ ଡଃ ମିଶ୍ର ଉଦ୍ୟମ କରିଛନ୍ତି । ତାଙ୍କର ଆଲୋଚନା ଅବଶ୍ୟ ବିଚାରଯୋଗ୍ୟ ।

ଶ୍ରୀଯୁକ୍ତ ଚନ୍ଦ୍ରଶେଖର ରଥ ତାଙ୍କର ସ୍ୱଭାବ ସୁଲଭ ସାହିତ୍ୟିକ ଛଟାରେ "ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ପଣ୍ଡିତ ନୀଳକଂଠ" ପ୍ରବନ୍ଧ ପ୍ରସ୍ତୁତ କରିଛନ୍ତି । ପ୍ରାରମ୍ଭରେ ବୈଜ୍ଞାନିକ, ଦାର୍ଶନିକ ତଥା କବିର ବିଭିନ୍ନ ଦୃଷ୍ଟିକୋଣର ସୂଚନା ଦେଇ ପଣ୍ଡିତ ନୀଳକଂଠଂକ ଦାର୍ଶନିକ ଚିନ୍ତାଧାରା କିପରିଭାବେ ଏହି ବିବିଧ ଦୃଷ୍ଟିକୋଣର ଏକ ପ୍ରକାର ସମନ୍ୱୟରୁ ଉଦ୍‌ଭବ ତାହା ଦର୍ଶାଇବାକୁ ଉଦ୍ୟମ କରିଅଛନ୍ତି । ଦାର୍ଶନିକ ପରିବେଶରେ ପାରମ୍ପରିକ ଭାବେ ଆଲୋଚିତ ଦୃଶ୍ୟ ତଥା ଦ୍ରଷ୍ଟା ମଧ୍ୟରେ ସମ୍ପର୍କ ବିଷୟରେ ଅନୁଧ୍ୟାନ କରିବା ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଂଠଂକ ଦର୍ଶନ ସମ୍ବନ୍ଧୀୟ ଚିନ୍ତାଧାରାର ସୂତ୍ରପାତ କରିବାକୁ ସେ ପ୍ରୟାସ କରିଛନ୍ତି । ତାଙ୍କ ମତରେ ପଣ୍ଡିତ ନୀଳକଂଠ ଧର୍ମ-ବିଶ୍ୱାସୀ; କିନ୍ତୁ ଧର୍ମାନ୍ଧ କିମ୍ବା ଧର୍ମଭୀରୁ ନୁହଁନ୍ତି । ଶ୍ରୀଯୁକ୍ତ ରଥଙ୍କ ମନ୍ତବ୍ୟ ଅବଶ୍ୟ ପ୍ରଣିଧାନ ଯୋଗ୍ୟ ।

ପ୍ରଫେସର ବାସୁଦେବ ସାହୁ ତାଙ୍କର "ପଣ୍ଡିତ ନୀଳକଂଠଂକ ରଚନାରେ ଶ୍ରୀଜଗନ୍ନାଥ ଚେତନାର ସ୍ୱରୂପ" ପ୍ରବନ୍ଧରେ ନୀଳକଂଠଂକ ମତାନୁଯାୟୀ ପୁରୁଷୋତ୍ତମ ତତ୍ତ୍ୱର ଉଲ୍ଲେଖନୀୟ ବ୍ୟାଖ୍ୟାନ କରିଛନ୍ତି । ନୀଳକଂଠଂକ ଦୃଷ୍ଟିରେ ଭଗବାନଙ୍କ ଶ୍ରେଷ୍ଠ ବା ଉତ୍ତମ ବ୍ୟକ୍ତିତ୍ୱ ହିଁ ପୁରୁଷୋତ୍ତମ । "ପୁରୁଷ" ଶବ୍ଦର ମନୁଷ୍ୟ ଭାବରେ ମଧ୍ୟ ଶଙ୍କରାଚାର୍ଯ୍ୟ 'କେନ ଉପନିଷଦ' ଉପରେ ଭାଷ୍ୟ ( ୨.୫ ) ରଚନା କରିବା ଅବସରରେ ଅର୍ଥ ପ୍ରକାଶ କରିଅଛନ୍ତି । ଏବେ ସ୍ୱାମୀ ପ୍ରଭୁପାଦ ମଧ୍ୟ 'ପୁରୁଷୋତ୍ତମ' ଶବ୍ଦର ଅର୍ଥ ଉତ୍ତମ ବ୍ୟକ୍ତିକୁ ବୁଝାଏ ବୋଲି



Digitized by PPRACHIN, SOA

କହିଥିବା ପ୍ରଫେସର ସାହୁ ଉଲ୍ଲେଖ କରିଛନ୍ତି । ମନେହୁଏ, ପଣ୍ଡିତ ନୀଳକଂଠଂକ ପୁରୁଷୋତ୍ତମ ତତ୍ତ୍ୱର ବ୍ୟାଖ୍ୟାନ ଉତ୍ତମ ମନୁଷ୍ୟ ମାଧ୍ୟମରେ ହିଁ ସହଜରେ ବୋଧ-ଗମ୍ୟ । କାରଣ ତାଙ୍କ ଭାଷାରେ ଗୀତା ଧର୍ମ ଏହିପରି ଯଥାର୍ଥରେ ମାନବ ଧର୍ମ, ଏଥିରେ ଅମନୁଷ୍ୟତା ପାଇଁ ଯେପରି ସ୍ଥାନ ନାହିଁ, ଅମାନୁଷତା ବା ଅତିମାନୁଷତା ପାଇଁ ମଧ୍ୟ ସେହିପରି ସ୍ଥାନ ନାହିଁ'' ( ଗୀତା ପ୍ରବେଶ, ପୃଷ୍ଠା ୩୬୯ ) । ପୁରୁ-ଷୋତ୍ତମ ତତ୍ତ୍ୱ ବ୍ୟତୀତ ପ୍ରଫେସର ସାହୁ ପତିତପାବନ, କୈବଲ୍ୟ, ତ୍ରିମୂର୍ତ୍ତି, ଚତୁର୍ଦ୍ଧାମୂର୍ତ୍ତି ଆଦି ବିଭିନ୍ନ ପ୍ରାସଙ୍ଗିକ ତତ୍ତ୍ୱ ଗୁଡ଼ିକ ଉପରେ ବଡ ତତ୍ତ୍ୱପୂର୍ଣ୍ଣ ଆଲୋଚନା କରିଛନ୍ତି ଏବଂ ସେଥିରୁ ପଣ୍ଡିତ ଦାସ ପାରମ୍ପରିକ ଧର୍ମଶାସ୍ତ୍ରଗତ ପ୍ରମୁଖ ବିଷୟ ଗୁଡ଼ିକର ଏକ ସୁଦୃଢ଼ ନବୋଚିତ ବ୍ୟାଖ୍ୟାନ କରିଥିବାର ସଙ୍କେତ ମିଳୁଅଛି ।

ଡଃ କୁମୁଦିନୀ ମିଶ୍ର ''ଜଗନ୍ନାଥ ଧର୍ମୀୟ ପରମ୍ପରା ଓ ଏହାର ସାଂସ୍କୃତିକ ଗୁରୁତ୍ୱ ସମ୍ବନ୍ଧରେ ନୀଳକଂଠଂକ ଆଭିମୁଖ୍ୟ'' ପ୍ରବନ୍ଧରେ ଜଗନ୍ନାଥ ଧର୍ମୀୟ ପର-ମ୍ପରା ନୀଳକଂଠଂକ ଦୃଷ୍ଟିରୁ କିପରି ମୌଳିକତଃ ଜୈନ ଧର୍ମୀୟ ଭାବଧାରାର ପ୍ରତୀକ, ତାହାର ସମ୍ୟକ୍ ସୂଚନା ଦେଇଛନ୍ତି । ଉଭୟ ଜୈନ ଓ ଜଗନ୍ନାଥ ଧର୍ମୀୟ ଚେତନା ଈଶ୍ୱର ବିହୀନ ଆତ୍ମଧର୍ମ ଉପରେ ବ୍ୟବସ୍ଥିତ ବୋଲି ପଣ୍ଡିତ ଦାସଙ୍କ ମତକୁ ଲେଖିକା ଯଥାର୍ଥ ଭାବେ ବ୍ୟାଖ୍ୟାନ କରିଛନ୍ତି । ନୀଳକଂଠଂକ ଦୃଷ୍ଟିରେ ଉଭୟ ଜୈନ ଓ ଜଗନ୍ନାଥ ଧର୍ମୀୟ ଚିନ୍ତାଧାରା ମୈତ୍ରୀ ଭାବର ପ୍ରକାଶକ । ମାନବୀୟ ଦୃଷ୍ଟିକୋଣରୁ ସେହି ମହନୀୟ ମୈତ୍ରୀଭାବ ସମ୍ବଳିତ ତତ୍ତ୍ୱଟି ଉପରେ ଗୁରୁତ୍ୱ ଦେଇ ନୀଳକଂଠ ଯେ ନିଜକୁ ଏକ ଶ୍ରେଷ୍ଠ ମାନବଧର୍ମୀ ରୂପେ ପ୍ରକାଶ କରି ଯାଇଛନ୍ତି, ତାହା ଡଃ କୁମୁଦିନୀ ମିଶ୍ରଙ୍କ ଲେଖାରେ ଅବଶ୍ୟ ସୂଚିତ ହୋଇଛି ।

ପ୍ରବନ୍ଧ ''ଧର୍ମୀୟ ଚେତନା, ଗୀତା ଓ ନୀଳକଂଠଂକ ଦୃଷ୍ଟିଭଙ୍ଗୀ''ରେ ପଣ୍ଡିତ ଦାସଙ୍କ ଯୁକ୍ତି ଭିତ୍ତିକ ଧର୍ମୀୟ ଦର୍ଶନ ସମ୍ବନ୍ଧରେ ମୁଁ ସମ୍ୟକ୍ ଆଲୋଚନା କରିଅଛି । ତାଙ୍କର ଭକ୍ତି-ବିବର୍ଜିତ ତଥା ଜ୍ଞାନ-ପ୍ରଣୋଦିତ ବିଚାରଧାରାର ବ୍ୟାଖ୍ୟାନ ସହିତ ଭାରତୀୟ ଦର୍ଶନ ପରିପ୍ରେକ୍ଷୀରେ ତାହାର ଏକ ମୂଲ୍ୟାୟନ କରାଯାଇଛି । ଏଠାରେ ଉଲ୍ଲେଖନୀୟ ଯେ ଗୀତା ଉପରେ ପଣ୍ଡିତ ଦାସଙ୍କ ସମାଜ-ଦର୍ଶନ ବ୍ୟବସ୍ଥିତ ମାନବ-ଧର୍ମୀ ଟୀକା ଭାରତୀୟ ସଂସ୍କୃତି ବିଷୟକ ଗବେଷଣା କ୍ଷେତ୍ରରେ ଏକ ଅଭିନବ ଅଧ୍ୟାୟ ସୃଷ୍ଟି କରିଛି । ଦାର୍ଶନିକ ଦୃଷ୍ଟି-କୋଣରୁ ତାଙ୍କ ବକ୍ତବ୍ୟର ଯଥେଷ୍ଟ ଗୁରୁତ୍ୱ ରହିଅଛି । ନିଜର ବିଚାର ବୁଦ୍ଧି ମାଧ୍ୟମରେ ଧର୍ମୀୟ ଚେତନାରେ ଜ୍ଞାନ ତତ୍ତ୍ୱର ଐକାନ୍ତିକ ପ୍ରାସଙ୍ଗିକତା ଓ ଭକ୍ତିବାଦର ସମାଲୋଚନା ଉପରେ ପଣ୍ଡିତ ଦାସ ଯେ ଏକ ଦୃଷ୍ଟି ଆକର୍ଷଣକାରୀ



Digitized by PPRACHIN, SOA

ମତ ପ୍ରଦାନ କରିଯାଇଛନ୍ତି, ତାହା ଇଙ୍ଗିତ କରିବାକୁ ପ୍ରବନ୍ଧରେ ଉଦ୍ୟମ କରାଯାଇଅଛି । ଏହି ପରିପ୍ରେକ୍ଷୀରେ ଗୀତାରେ ଉଲ୍ଲିଖିତ କୃଷ୍ଣ ତତ୍ତ୍ୱ ଉପରେ ତାଙ୍କର ବ୍ୟାଖ୍ୟାନ ବ୍ୟକ୍ତି-ସମାଜ ସମ୍ପର୍କ ଦୃଷ୍ଟିରୁ ଅତୀବ ଗୁରୁତ୍ୱପୂର୍ଣ୍ଣ । ଏହି ଚିନ୍ତାଧାରାର ଉଭୟ ନୈତିକ ତଥା ସାମାଜିକ କ୍ଷେତ୍ରରେ ଯଥେଷ୍ଟ ଉପଯୋଗିତା ରହିଛି । ବିଶେଷ କରି ଏହି ପ୍ରସଙ୍ଗରେ ପଣ୍ଡିତ ଦାସଙ୍କର ଧର୍ମୀୟ ଚେତନା ମାନବୀୟ ମୂଲ୍ୟବୋଧ ଉପରେ ସୁପ୍ରତିଷ୍ଠିତ ବୋଲି ବିଚାରିବା ସ୍ୱାଭାବିକ, ଏହା ମୋର ମନେହୁଏ ।

ଡ଼କ୍ଟର ଚନ୍ଦ୍ରା ପଟ୍ଟନାୟକ ତାଙ୍କର "ପଣ୍ଡିତ ନୀଳକଂଠ ଓ ମାନବତାବାଦ" ପ୍ରବନ୍ଧରେ ନୀଳକଂଠଙ୍କୁ ଏକ ଶ୍ରେଷ୍ଠ ମାନବତାବାଦୀ ଦାର୍ଶନିକ ଭାବେ ଗଣନା କରିଛନ୍ତି । ତାଙ୍କ ମତରେ ସାଧାରଣତଃ 'ମାନବତାବାଦ' ଶବ୍ଦଟି ବହୁଳ ଭାବରେ ପ୍ରୟୋଗ କରାଯାଇଥିବାରୁ ତାହାର ଅର୍ଥ କ୍ରମେ ଅସ୍ପଷ୍ଟ ହୋଇଯାଇଛି । ନୀଳକଂଠଙ୍କ ଦାର୍ଶନିକ ଚିନ୍ତାଧାରା ପରିପ୍ରେକ୍ଷୀରେ 'ମାନବତାବାଦ' ଶବ୍ଦଟି ଏକ ନିର୍ଦ୍ଦିଷ୍ଟ ଅର୍ଥ ସୂଚକ ହେବା ବିଧେୟ । ସେଥିନିମନ୍ତେ ଡଃ ପଟ୍ଟନାୟକ 'ମାନବତା' ଶବ୍ଦର ସଂଜ୍ଞା ନିରୂପଣ କରିବା ନିମନ୍ତେ ଆଗ୍ରହ ପ୍ରକାଶ କରିଛନ୍ତି ଓ ସେହି ସଂକ୍ରାନ୍ତରେ ପୁରାତନ କାଳର ଗ୍ରୀକ୍ ଦାର୍ଶନିକ ପ୍ରୋଟାଗୋରାସ୍, ନିକଟ ଅତୀତର ଦାର୍ଶନିକ ଜେମସ୍ ଓ ସିଲର୍‌ଙ୍କ ଦୃଷ୍ଟିଭଙ୍ଗୀକୁ ଆଲୋଚନାର ପରିସର ମଧ୍ୟକୁ ଆଣିଛନ୍ତି ଏବଂ ତା' ପରେ ଆମେରିକାରେ ୧୯୩୩ ମସିହା ଓ ପରେ ପ୍ରକାଶିତ Humanist Manifesto I, II, ଏବଂ IIIର ମଧ୍ୟ ଉଲ୍ଲେଖ କରିଛନ୍ତି । ଲେଖିକାଙ୍କ ମତରେ ପଣ୍ଡିତ ଦାସ ସ୍ୱ ରଚିତ 'ଆର୍ଯ୍ୟ ଜୀବନ' ଓ 'ଗୀତା ଭାଷ୍ୟ' ରେ ମାନବତାବାଦର ଯେଉଁ ସମର୍ଥନ ସୂଚକ ଭିତ୍ତିଭୂମି ପ୍ରସ୍ତୁତ କରି ଯାଇଛନ୍ତି, ତାହା ପାଶ୍ଚାତ୍ୟ ମାନବତାବାଦ ଇସ୍ତାହାର ଗୁଡ଼ିକରେ ମଧ୍ୟ ଦେଖିବାକୁ ବିରଳ । ଏହି ପ୍ରସଙ୍ଗରେ ଲେଖିକା ପଣ୍ଡିତ ଦାସଙ୍କ ଦ୍ୱାରା ଆଲୋଚିତ 'ବ୍ୟକ୍ତିତ୍ୱ' ପ୍ରତ୍ୟୟଟିର ଅର୍ଥ ବିଶ୍ଳେଷଣ କର୍ମ ମାଧ୍ୟମରେ କରିବାରେ ଗୁରୁତ୍ୱ ଦେଇଛନ୍ତି । ତାଙ୍କ ମତରେ ଏହିଭଳି ବ୍ୟାଖ୍ୟାନ ସମ୍ପୂର୍ଣ୍ଣ ଅଭିନବ । ଆମର ଆଶା, ଲେଖିକା ତାଙ୍କର ଏହି ସଂକ୍ରାନ୍ତୀୟ ପରବର୍ତ୍ତୀ ଲେଖାରେ ଶେଷ ବିଷୟଟିର ବିସ୍ତୃତ ଆଲୋଚନା କରିବେ । କାରଣ ତାହା ଦାର୍ଶନିକ ଆଲୋଚନା ଦୃଷ୍ଟିରୁ ବିଶେଷ ତାତ୍ପର୍ଯ୍ୟପୂର୍ଣ୍ଣ ମନେହୁଏ ।

ଅଧ୍ୟାପିକା ମେନକା ନନ୍ଦ ତାଙ୍କ ରଚିତ "ନୀଳକଂଠଙ୍କ ଦୃଷ୍ଟିରେ ସମାଜ ସଂସ୍କାର ଓ ତାହାର ଦାର୍ଶନିକ ଭିତ୍ତି" ପ୍ରବନ୍ଧରେ ନୀଳକଂଠଙ୍କ ସମାଜ-ଦର୍ଶନ ସମ୍ବନ୍ଧୀୟ ଦୃଷ୍ଟିଭଙ୍ଗୀ ଉପରେ ଆଲୋକପାତ କରିବା ନିମନ୍ତେ ଉଦ୍ୟମ କରିଅଛନ୍ତି । ତାଙ୍କର ଆଲୋଚନା ଅପେକ୍ଷାକୃତ ସ୍ୱଳ୍ପ ହେଲେ ହେଁ ଦର୍ଶନ ଦୃଷ୍ଟିରୁ



Digitized by PPRACHIN, SOA

ବେଶ୍ ଉତ୍ସାହପ୍ରଦ । ସତର୍କତାର ସହ ଅଧ୍ୟାପିକା ନନ୍ଦ ନୀଳକଂଠଂକ ଦୃଷ୍ଟିରୁ 'ପ୍ରାଚୀନତା' ଏବଂ 'ନୂତନତା' ପ୍ରତ୍ୟୟ ଦ୍ୱୟର ବ୍ୟାଖ୍ୟାନ କରି ସାମାଜିକ ପରି-ପ୍ରେକ୍ଷୀରେ ଉଭୟର ଯଥାର୍ଥ ଗୁରୁତ୍ୱ ସୂଚାଇଛନ୍ତି ।

ଆର୍ଯ୍ୟ ଧର୍ମ ନୀଳକଂଠଂକ ଚିନ୍ତାଧାରାର ଅନ୍ୟତମ ଶ୍ରେଷ୍ଠ କୃତି । ଏହାର ଦାର୍ଶନିକ ତାତ୍ପର୍ଯ୍ୟ ଉଲ୍ଲେଖନୀୟ । ଅଧ୍ୟାପିକା ରଶ୍ମିରେଖା ପତି "ନୀଳକଂଠଂକ ଦୃଷ୍ଟିରେ ଆର୍ଯ୍ୟ ଧର୍ମ: ଏକ ଦାର୍ଶନିକ ପର୍ଯ୍ୟାଲୋଚନା" ଶୀର୍ଷକ ପ୍ରବନ୍ଧରେ ଆର୍ଯ୍ୟ ଧର୍ମ କିପରି ବସ୍ତୁତଃ ସ୍ୱଧର୍ମ ତାହା ଆଲୋଚନା କରିବାକୁ ଯାଇ ସେହି ଧର୍ମଭାବ ଯେ ଆତ୍ମ-କୈନ୍ଦ୍ରିକ ଅହମିକାର ଦ୍ୟୋତକ ନୁହେଁ, ତାହାର ସଙ୍କେତ ଦେଇଛନ୍ତି । ଆର୍ଯ୍ୟ ଧର୍ମର ମୌଳିକ ଭିତ୍ତି ଅଧ୍ୟାତ୍ମ ମାନବୀୟ ଦର୍ଶନ ଦ୍ୱାରା ଯେ ପୁଷ୍ଟ, ତାହା ଲେଖିକା ପ୍ରତିପାଦନ କରିବାକୁ ଚେଷ୍ଟା କରିଅଛନ୍ତି ।

ଗବେଷିକା ସ୍ୱର୍ଣ୍ଣପ୍ରଭା ମହାପାତ୍ର ନୀଳକଂଠଂକ ଦାର୍ଶନିକ ଚିନ୍ତାଧାରାର ଏକ ଗୁରୁତ୍ୱପୂର୍ଣ୍ଣ (ଯଦିଓ ସାଧାରଣ ଭାବେ ଅନାଲୋଚିତ) ଦିଗଟି ଉପରେ ଆଲୋକ-ପାତ କରିଛନ୍ତି । ତାଙ୍କର ପ୍ରବନ୍ଧ "ଜୈନ ଧର୍ମ ଓ ନୀଳକଂଠଂକ ଦୃଷ୍ଟିଭଙ୍ଗୀ: ଏକ ଦାର୍ଶନିକ ସମୀକ୍ଷା"ରେ ଜୈନ ଧର୍ମର ଦାର୍ଶନିକ ପୃଷ୍ଠଭୂମି ତଥା ନୀଳ-କଂଠଂକ ଦାର୍ଶନିକ ଦୃଷ୍ଟିଭଙ୍ଗୀର ପର୍ଯ୍ୟାପ୍ତ ଆଲୋଚନା କରାଯାଇଛି । ଜୈନ ଧର୍ମୀୟ ପରମ୍ପରାରେ ମାନବୀୟ ସ୍ୱାତନ୍ତ୍ର୍ୟ ତଥା ସ୍ୱାଧୀନତା ଉପରେ ଯେଉଁ ଗୁରୁତ୍ୱ ଆରୋପ କରାଯାଇଛି, ତାହାର ସ୍ପଷ୍ଟ ସୂଚନା ଲେଖିକା ତାଙ୍କ ପ୍ରବନ୍ଧର ପ୍ରଥମ ଭାଗରେ ବ୍ୟକ୍ତ କରିଚନ୍ତି । ପ୍ରବନ୍ଧର ଦ୍ୱିତୀୟ ଭାଗରେ ନୀଳକଂଠଂକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ଲେଖିକା ତାହାର ଜୈନ ଧର୍ମ-ଦର୍ଶନ ସମ୍ବନ୍ଧୀୟ ମାନବୀୟ ବିଚାରଧାରା ସହିତ କିପରି ସଙ୍ଗତି ତଥା ସମନ୍ୱୟ ହୋଇପାରିଛି, ତାହା ସୁନ୍ଦରରୂପେ ପ୍ରକାଶ କରିଅଛନ୍ତି ।

ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ ନେଇ ପଣ୍ଡିତ ନୀଳକଂଠଂକ ମନ୍ତବ୍ୟ ଆଲୋଚକ ତଥା ସମାଲୋଚକମାନଙ୍କ ଦୃଷ୍ଟିଆକର୍ଷଣ କରିଛି । ପ୍ରଫେସର ଗୌରାଙ୍ଗ ଚରଣ ନାୟକ ତାଙ୍କ ରଚିତ "କୃଷ୍ଣତତ୍ତ୍ୱ" ଶୀର୍ଷକ ପ୍ରବନ୍ଧରେ ବୋଧହୁଏ ନିକଟ ଅତୀତରେ ପ୍ରଥମ ଥର ପାଇଁ ଏହି ପ୍ରସଙ୍ଗଟି ଉତ୍ଥାପନ କରି ଭାଗବତର ଲୀଳା ମାଧୁରୀ ଓ ଗୀତାର ଜ୍ଞାନୈଶ୍ବର୍ଯ୍ୟ ଅବିଚ୍ଛେଦ୍ୟ ଭାବେ କୃଷ୍ଣ ଚରିତ୍ରରେ ବିଦ୍ୟମାନ ବୋଲି ମତ ଦେଇଛନ୍ତି । ଏହି ପରିପ୍ରେକ୍ଷୀରେ ସେ ପଣ୍ଡିତ ନୀଳକଂଠଂକ ମତ-ବାଦର ସମାଲୋଚନା କରିଛନ୍ତି । ଏଠାରେ ପ୍ରକାଶିତ ମୋ ପ୍ରବନ୍ଧରେ ତଥ୍ୟାତ୍ମକ ତଥା ମୂଲ୍ୟାତ୍ମକ ଦୃଷ୍ଟିଭଙ୍ଗୀର ଅବତାରଣା କରାଯାଇ ସେହି ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଂଠଂକ ମତର ସାର୍ଥକତା ସୁଝାଇବାକୁ ଉଦ୍ୟମ କରାଯାଇଛି ।



Digitized by PPRACHIN, SOA

ସୁଖର କଥା, ଏହି ଶ୍ରୀକୃଷ୍ଣ-ତତ୍ତ୍ୱଟି ଏବେ ଅନ୍ୟ ଆଲୋଚକମାନଙ୍କ ଦୃଷ୍ଟି ମଧ୍ୟ ଆକର୍ଷଣ କରିଛି ।

ଶ୍ରୀଯୁକ୍ତ ସୌରିବନ୍ଧୁ କର ତାଙ୍କ ରଚିତ "ପଣ୍ଡିତ ନୀଳକଂଠଙ୍କ ଦର୍ଶନରେ ଶ୍ରୀକୃଷ୍ଣ" ପ୍ରବନ୍ଧରେ ବିଭିନ୍ନ ପୌରାଣିକ ତଥ୍ୟ ତଥା କେତେକ ଗବେଷକଙ୍କ ମତର ଅବତାରଣା କରି ମହାଭାରତୀୟ ଶ୍ରୀକୃଷ୍ଣ ଓ ଭାଗବତରେ ଶ୍ରୀକୃଷ୍ଣ ଏକ ଏବଂ ଅଭିନ୍ନ ବୋଲି ମତପୋଷଣ କରି ପଣ୍ଡିତ ନୀଳକଂଠଙ୍କ ମତର ସମାଲୋଚନା କରିଛନ୍ତି । ଶ୍ରୀଯୁକ୍ତ କର ତାଙ୍କର ମତକୁ ପ୍ରତିପାଦନ କରିବା ପରିପ୍ରେକ୍ଷୀରେ ଉଭୟ ମହାଭାରତ ଓ ଭାଗବତର ରଚୟିତା ବ୍ୟାସ ବୋଲି ଦର୍ଶାଇ ହେଥିରୁ ମହାଭାରତୀୟ କୃଷ୍ଣ ଓ ଭାଗବତର କୃଷ୍ଣ ଏକ ହେବାର ଧାରଣାଟିର ସମର୍ଥନ କରିଛନ୍ତି । କିନ୍ତୁ 'ବ୍ୟାସ' ନାମଟି ଭାରତୀୟ ପରମ୍ପରାରେ ଅବଶ୍ୟ କୁହେଳିକାପୂର୍ଣ୍ଣ, ଏହା ଯେ ଗୋଟିଏ ନିର୍ଦ୍ଦିଷ୍ଟ ବ୍ୟକ୍ତିକୁ ସୂଚାଉଅଛି, ତାହା ଅଦ୍ୟାପି ସ୍ୱୀକୃତ ହୋଇନାହିଁ । ବରଂ ପକ୍ଷାନ୍ତରେ ବିଭିନ୍ନ ଯୁଗରେ ରଚିତ ବିବିଧ ଶାସ୍ତ୍ରାଦିର ପ୍ରଣେତା ତଥା କଥିତ ବ୍ୟାସ ବୋଲି ଧାରଣା କରିବାର ଦୃଷ୍ଟାନ୍ତ ଏହି କ୍ଷେତ୍ରରେ ଆଦୌ ବିରଳ ନୁହେଁ । ପୁନଶ୍ଚ ଶ୍ରୀମଦ୍ ଭାଗବତ ଉପରେ ଏକ ପ୍ରାମାଣିକ ଗବେଷକ ଶ୍ରୀ ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ (ଯାହାଙ୍କୁ ଶ୍ରୀଯୁକ୍ତ କର ତାଙ୍କ ପ୍ରବନ୍ଧରେ ମଧ୍ୟ ଉଲ୍ଲେଖ କରିଛନ୍ତି)ଙ୍କ ମତକୁ ବିଚାରକୁ ନେଲେ ଏହା ସ୍ପଷ୍ଟ ହୁଏ ଯେ ଏବେ ମିଳୁଥିବା ଶ୍ରୀମଦ୍ ଭାଗବତ ବସ୍ତୁତଃ ତିନୋଟି ପର୍ଯ୍ୟାୟରେ ସଂଗଠିତ ଏବଂ ଏହାର ବିଭିନ୍ନ ପର୍ଯ୍ୟାୟ ବିଭିନ୍ନ ସମୟରେ ରଚିତ ହୋଇ ସମଗ୍ର ଭାଗବତର କଳେବର ବର୍ଦ୍ଧିତ ହୋଇଅଛି । ଶ୍ରୀ ଭଟ୍ଟାଚାର୍ଯ୍ୟ ଆହୁରି ମଧ୍ୟ ଉଲ୍ଲେଖ କରିଛନ୍ତି ଯେ ଭାଗବତର ଶେଷ ପର୍ଯ୍ୟାୟ ପରବର୍ତ୍ତୀ କାଳରେ ତାମିଲ ସନ୍ଥମାନଙ୍କ ଦ୍ୱାରା ରଚିତ ହୋଇଛି । ଏଥିରୁ ସୂଚିତ ହେଉଛି କି ଭାଗବତରେ ବର୍ଣ୍ଣିତ ରସାଭିଳାଷୀ ଶ୍ରୀକୃଷ୍ଣ ଚରିତ ସମ୍ବନ୍ଧରେ ପଣ୍ଡିତ ନୀଳକଂଠଙ୍କ ସମାଲୋଚନା ବାସ୍ତବରେ ଏହି ଶେଷ ପର୍ଯ୍ୟାୟ ଭାଗବତ ପ୍ରତି ଉଦ୍ଦିଷ୍ଟ । ଏହି ଦୃଷ୍ଟିରୁ ବିଚାର କଲେ ପଣ୍ଡିତ ନୀଳକଂଠଙ୍କ ସମାଲୋଚନାତ୍ମକ ମନ୍ତବ୍ୟ ବୋଧଗମ୍ୟ ହୋଇ ପାରୁଛି । ଯାହାହେଉ, ଶ୍ରୀଯୁକ୍ତ କରଙ୍କ ପ୍ରବନ୍ଧ ଏହି ଶ୍ରୀକୃଷ୍ଣ ତତ୍ତ୍ୱ ଉପରେ ଆହୁରି ଆଲୋଚନା କରିବା ନିମନ୍ତେ ଖୋରାକ ଯୋଗାଇଥିବାରୁ ଯେ ସ୍ୱାଗତଯୋଗ୍ୟ, ଏହା ଅସ୍ୱୀକାର କରିହେବ ନାହିଁ ।

ଡଃ ଗୋପୀନାଥ ମହାପାତ୍ର ଏହି ବିଷୟରେ ଅଧିକ ଆଲୋଚନା କରିବାକୁ ଯାଇ "ବହୁ ମତରେ ବହୁ କୃଷ୍ଣ" ଶୀର୍ଷକ ଏକ ପ୍ରବନ୍ଧ ପ୍ରସ୍ତୁତ କରିଅଛନ୍ତି । ତାଙ୍କର ପ୍ରବନ୍ଧ ପ୍ରାସଙ୍ଗିକତା ଦୃଷ୍ଟିରୁ ଅତ୍ୟନ୍ତ ଉପଯୋଗୀ । ତେଣୁ ତାହାକୁ ମଧ୍ୟ ଏଠାରେ ପ୍ରକାଶ କରାଯାଇଛି । ଡଃ ମହାପାତ୍ର ବିବିଧ ଉପାଦେୟ ଶାସ୍ତ୍ରୀୟ



Digitized by PPRACHIN, SOA

ଉପାଦାନ ସଂଗ୍ରହ ପୂର୍ବକ ହିନ୍ଦୁ ସନାତନ ଧର୍ମୀୟ ପରମ୍ପରାରେ ଶ୍ରୀକୃଷ୍ଣ ଜଣେ ବ୍ୟକ୍ତି ନ ହୋଇ ବହୁ ବ୍ୟକ୍ତିଙ୍କର ସମାହାର ବୋଲି ଧାରଣା କରିଛନ୍ତି । ଏହି ଦୃଷ୍ଟିରୁ ସେ ଗୀତାର କୃଷ୍ଣ, ଭାଗବତର କୃଷ୍ଣଙ୍କଠାରୁ ଭିନ୍ନ ବୋଲି ବର୍ଣ୍ଣନା କରନ୍ତି । ତାଙ୍କ ମତରେ ପୁରାଣ ଗ୍ରନ୍ଥକରେ, ଗୀତାରେ ଏବଂ ଭାଗବତରେ କୃଷ୍ଣଙ୍କ ଚରିତ୍ର ମହାଭାରତକୁ ପୁରାପୁରି ଅନୁସରଣ କରି ରଚିତ ହୋଇ ନାହିଁ । ତେଣୁ ଏହି ସମସ୍ତ ଗ୍ରନ୍ଥ ଗ୍ରନ୍ଥକରେ କୃଷ୍ଣ ନାମରେ ଭିନ୍ନ ଭିନ୍ନ ଚରିତ୍ର ତଥା ବ୍ୟକ୍ତିଙ୍କର ଅବତାରଣା କରାଯାଇଛି । ମନେହୁଏ, ଏହି ବିଷୟକ ଆଲୋଚନା ପ୍ରସଙ୍ଗରେ ଡଃ ମହାପାତ୍ରଙ୍କ ମନ୍ତବ୍ୟ ବେଶ୍ ତାତ୍ପର୍ଯ୍ୟପୂର୍ଣ୍ଣ ।

ପଣ୍ଡିତ ନୀଳକଣ୍ଠ ତାଙ୍କର ଦାର୍ଶନିକ ଚିନ୍ତାଧାରାକୁ ରାଜନୀତି ବିଷୟକ ବିଭିନ୍ନ ସମସ୍ୟାର ସମାଧାନ କ୍ଷେତ୍ରରେ ପ୍ରୟୋଗ କରି ଏକ ନିର୍ଦ୍ଦିଷ୍ଟ ରାଜନୈତିକ ମତବାଦର ଯେ ସମର୍ଥନ କରିଛନ୍ତି, ତାହାର ସ୍ପଷ୍ଟୀକରଣ ତଥା ପୁଙ୍ଖାନୁପୁଙ୍ଖ ପର୍ଯ୍ୟାଲୋଚନା ନିମନ୍ତେ ସ୍ମୃତି ସମିତି ତରଫରୁ ଆଗ୍ରହ ପ୍ରକାଶ ପାଇଥିଲା । ସେହି ପରିପ୍ରେକ୍ଷୀରେ ଓଡ଼ିଶାର ଖ୍ୟାତନାମା ରାଜନୀତି ବିଶାରଦ ତଥା ଉତ୍କଳ ବିଶ୍ୱବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗର ପୂର୍ବତନ ମୁଖ୍ୟାଧକ୍ଷ ପ୍ରଫେସର ଡ଼ଃ ଶ୍ରୀରାମ ଚନ୍ଦ୍ର ଦାଶ ଏବଂ ସେହି ବିଭାଗର ବର୍ତ୍ତମାନର ମୁଖ୍ୟାଧକ୍ଷ ପ୍ରଫେସର ଡଃ ସତ୍ୟନାରାୟଣ ରଥଙ୍କୁ ଦୁଇଟି ପ୍ରବନ୍ଧ ପ୍ରସ୍ତୁତ କରିବା ନିମନ୍ତେ ଅନୁରୋଧ କରାଯାଇଥିଲା । ଡଃ ରଥଙ୍କର ପିତା ଶ୍ରୀଯୁକ୍ତ ଜଗନ୍ନାଥ ରଥ ନୀଳକଣ୍ଠଙ୍କ ପ୍ରଥମ ରାଜନୈତିକ ଜୀବନର କେବଳ ଅନ୍ତରଙ୍ଗ ସହକର୍ମୀ ନ ଥିଲେ, ଆଶ୍ରମ ଜୀବନଠାରୁ କାରାଗାର ପର୍ଯ୍ୟନ୍ତ ବହୁକାଳ ଏକତ୍ର ଅତିବାହିତ କରିଥିଲେ । ସେଇ ସୂତ୍ରରେ ଡ଼ଃ ରଥ ନୀଳକଣ୍ଠଙ୍କ ପ୍ରଥମ ରାଜନୈତିକ ଜୀବନର ବହୁ ଚିତ୍ତାକର୍ଷି ଘଟଣାବଳୀର ପ୍ରତ୍ୟକ୍ଷ ବା ପରୋକ୍ଷ ଜ୍ଞାନ ଅର୍ଜନ କରିଥିଲେ । ସେହିପରି ଡଃ ଶ୍ରୀରାମଚନ୍ଦ୍ର ଦାଶ ପଣ୍ଡିତ ନୀଳକଣ୍ଠଙ୍କ ପରବର୍ତ୍ତୀ ଜୀବନରେ ବହୁଦିନ ଦୈନିକ 'ନବଭାରତ'ର ପ୍ରକାଶନ ଦାୟିତ୍ୱରେ ରହିବା ବ୍ୟତୀତ ନୀଳକଣ୍ଠଙ୍କ ସହିତ ଓତଃପ୍ରୋତ ଭାବରେ ଜଡ଼ିତ ଥିଲେ ଓ ନୀଳକଣ୍ଠଙ୍କ ରାଜନୀତି ତଥା ରାଜନୈତିକ ଦର୍ଶନ ବିଶେଷ ଭାବରେ ଅନୁଧ୍ୟାନ କରିବାର ସୁଯୋଗ ଲାଭ କରିଥିଲେ । ସେମାନେ ବହୁ ଶ୍ରମ ସ୍ୱୀକାର ପୂର୍ବକ ଦୁଇଟି ଉପାଦେୟ ପ୍ରବନ୍ଧ ସମିତିକୁ ଅର୍ପଣ କରିଛନ୍ତି ଯାହାକି ଏହି ସଂକଳନରେ ପଞ୍ଚମ ଓ ଷଷ୍ଠ ସ୍ଥାନ ପାଇ ତାହାର କଲେବର ବୃଦ୍ଧି କରିଛି ।

ଡଃ ସତ୍ୟନାରାୟଣ ରଥ ତାଙ୍କର ପ୍ରବନ୍ଧ "ପଣ୍ଡିତ ନୀଳକଣ୍ଠଙ୍କ ରାଜନୈତିକ ଦର୍ଶନର ଏକ ଅଧ୍ୟୟନରେ ପଣ୍ଡିତ ଦାସଙ୍କୁ ଏକ ହେତୁବାଦୀ ସମ୍ପନ୍ନ ବିପ୍ଳବ ରାଜନୀତି ଦାର୍ଶନିକ ବୋଲି ମତବ୍ୟକ୍ତ କରିଛନ୍ତି । ଯଥାର୍ଥରେ ପଣ୍ଡିତ ଦାସ ତାଙ୍କର ରାଜନୀତି ସମେତ ସକଳ ପ୍ରକାର ଚିନ୍ତାଧାରାକୁ ଯୁକ୍ତ୍ୟାଶ୍ରିତ କରିବାରେ ଆଦୌ ପରାଙ୍ମୁଖ ନ ଥିଲେ । କୌଣସି ପ୍ରକାର ଶସ୍ତା ଲୋକପ୍ରିୟ



Digitized by PPRACHIN, SOA

ଭାବ ବାହ୍ୟଲତା ବା ଅନ୍ଧ ବିଶ୍ୱାସ ଅଥବା କୁଟନୀତି ନାମରେ ଶଠତାକୁ ଆଦୌ ପ୍ରଶ୍ରୟ ନ ଦେଇ ବେଶ୍ ନିର୍ଭୀକ ଭାବେ ଯୁକ୍ତି ଭିତ୍ତିକ ହେତୁପରକ ରାଜନୈତିକ ମନ୍ତବ୍ୟମାନ ପଣ୍ଡିତ ଦାସ ଯେ ପ୍ରକାଶ କରୁଥିଲେ ତାହାର ଏକ ଯଥାଯୋଗ୍ୟ ପରିପ୍ରକାଶ ଡଃ ରଥଙ୍କ ଆଲୋଚନାରେ ସ୍ଥାନ ପାଇଛି । ପଣ୍ଡିତ ଦାସଙ୍କ କର୍ମମୟ ଜୀବନୀରୁ ବିବିଧ ଦୃଷ୍ଟାନ୍ତ ଦେଇ ଡଃ ରଥ ପଣ୍ଡିତ ନୀଲକଂଠଙ୍କ ରାଜନୈତିକ ଚିନ୍ତନର ହେତୁବାଦୀ ପରମ୍ପରା ( Rationalist tradition ) ସମ୍ବନ୍ଧେ ବେଶ୍ ଆଲୋକପାତ କରିଛନ୍ତି ।

ଡଃ ଶ୍ରୀରାମଚନ୍ଦ୍ର ଦାଶ ତାଙ୍କର "ପଣ୍ଡିତ ନୀଲକଂଠଙ୍କ ରାଜନୀତି ବିଜ୍ଞାନରେ ଦର୍ଶନ" ଶୀର୍ଷକ ପ୍ରବନ୍ଧରେ ପଣ୍ଡିତ ଦାସଙ୍କ ଜୀବନୀରୁ କେତେକ ଉଲ୍ଲେଖନୀୟ ଘଟଣାମାନ ଉଲ୍ଲେଖ କରି ତାଙ୍କର ଦାର୍ଶନିକ ଚେତନା ଯେ ଏକ ନିର୍ଭୀକ ତଥା ବିବେକାନୁମୋଦିତ ଭିତ୍ତିଭୂମିରେ ପର୍ଯ୍ୟବସିତ ତାହାର ଏକ ଯଥାର୍ଥ ସଂକେତ ଦେଇଛନ୍ତି । କୌଣସି ପ୍ରକାର ବୃଥା ଆଶଙ୍କା କିମ୍ବା ଭୟର ଶିକାର ନ ହୋଇ ଦେଶର ସର୍ବୋଚ୍ଚ ଶାସକକର୍ତ୍ତାଙ୍କ ଦୋଷ ଦୁର୍ବଳତାକୁ ସ୍ପଷ୍ଟ କରି ପ୍ରକାଶ କରିବା ନିମନ୍ତେ ଯେଉଁ ସତ୍ସାହସ ତଥା ଦୃଢ଼ତାର ପ୍ରୟୋଜନ ତାହା ପୂର୍ଣ୍ଣ ମାତ୍ରାରେ ପଣ୍ଡିତ ଦାସଙ୍କ ନିକଟରେ ବିଦ୍ୟମାନ ଥିଲା ଏବଂ ତାହା କିପରି ତାଙ୍କର ରାଜନୀତି ଦର୍ଶନକୁ ପୁଷ୍ଟ କରିଥିଲା । ତାହା ଡଃ ଦାଶ ବିଜ୍ଞତାର ସହ ପ୍ରବନ୍ଧରେ ପ୍ରକାଶ କରିଛନ୍ତି ।

ପଣ୍ଡିତ ନୀଲକଂଠଙ୍କ ସଂସ୍ପର୍ଶରେ ପିଲାଦିନରୁ ଆସିବାର ସୁଯୋଗ ଲାଭ କରି ଡକ୍ଟର ନମିତା କର ତାଂକର ଜୀବନ ସଂବଂଧୀୟ ଦୃଷ୍ଟିଭଙ୍ଗୀ ବିଷୟରେ ପ୍ରତ୍ୟକ୍ଷ ସୂଚନା ପାଇଥିବାର ମନେହୁଏ । ପରେ ଦର୍ଶନ ଅଧ୍ୟୟନ ତଥା ଚର୍ଚ୍ଚାର ଅବସରରେ ସେ ନୀଲକଂଠଙ୍କ ଜୀବନଦର୍ଶନ ସଂବଂଧରେ ତାଙ୍କର ବିକ୍ଷିପ୍ତ ଚିନ୍ତାଧାରାକୁ ସଂଯୋଜିତ କରି ଏକ କ୍ଷୁଦ୍ର ପ୍ରବଂଧ ପ୍ରସ୍ତୁତ କରିବାର ସମର୍ଥ ହୋଇଚନ୍ତି । ନୀଲକଂଠଙ୍କ ଦର୍ଶନ ସଂବଂଧୀୟ ମୌଳିକ ଭାବ ଧାରାକୁ ସରଳ ଭାବେ ଉପସ୍ଥାପିତ କରିଥିବାରୁ ଉକ୍ତ ପ୍ରବଂଧଟି ଏଇ ସଂକଳନରେ ପ୍ରକାଶ କରିବାର ସ୍ଥିର କରାଗଲା ।

ସବୁଠାରୁ ଆନନ୍ଦର ବିଷୟ ଯେ ନୀଲକଂଠଙ୍କ ନିଜଲେଖା, କ୍ୱଚିତ୍ ପ୍ରକାଶିତ "ମୋ ଜୀବନ ଦର୍ଶନ" ସ୍ମୃତିସମିତି ଯୋଗାଡ଼କରି ପାଇଚନ୍ତି । ଏଥିରେ ପ୍ରକାଶ ଯେ ଏ ପୁସ୍ତକର ସମ୍ମାନ ବଢ଼ାଇଦେଇଚି, କହିବା ନିଷ୍ପ୍ରୟୋଜନ ବୁଝାଯାଏ, ପଣ୍ଡିତ ନୀଳକଂଠ ବଡ଼ ଯୁକ୍ତିବାଦୀ ଥିଲେ । ସେ ନିଜେ ଲେଖିଚନ୍ତି, "ମୁଁ ଯୁକ୍ତିକୁ ଭାବଠାରୁ ବେଶି ଆଦର ଓ ସମ୍ମାନ କରେ । ×



Digitized by PPRACHIN, SOA

ଯୁକ୍ତିଶୂନ୍ୟ ଭାବାବେଶ ଧଇଲେ ମାନବ ବେଳେ ବେଳେ ମତାଂଧ ହୁଏ ।" ଏହାହିଁ ମନେହୁଏ ନୀଳକଂଠଂକ ଦର୍ଶନର ମଂଜ ।

ସଂକଳନରେ ସନ୍ନିବେଶିତ ଏହି ପ୍ରବନ୍ଧ ପଣ୍ଡିତ ନୀଳକଂଠଂକ ସୁଗଭୀର ଦାର୍ଶନିକ ପ୍ରତିଭା ସମ୍ବନ୍ଧରେ କିଛି ସୂଚନା ଦେଇଅଛି । ସେଗୁଡ଼ିକର ରଚୟିତାଗଣ ତାଙ୍କ ନିଜ ନିଜ ଉଦ୍ୟମରେ କେତେଦୂର ସଫଳ ହୋଇଛନ୍ତି, ତାହା ସୁଧୀ ପାଠକବୃନ୍ଦ ଅବଶ୍ୟ ବିଚାର କରିବେ । ମୋର ଆଶା, ପ୍ରବନ୍ଧ ଗୁଡ଼ିକରେ କରାଯାଇଥିବା ବିଭିନ୍ନ ବିଷୟକ ଆଲୋଚନା ନୀଳକଂଠଂକ ଦାର୍ଶନିକ ଦୃଷ୍ଟି-ଭଙ୍ଗୀକୁ ଲୋକଲୋଚନକୁ ଅଣାଇବାରେ ନିଶ୍ଚିତ ସାହାଯ୍ୟ କରିପାରିବ ଓ ଏହି ଦିଗରେ ପରବର୍ତ୍ତୀ ପଦକ୍ଷେପ ନେବାପାଇଁ ଉତ୍ସାହୀ ଗବେଷକମାନଙ୍କୁ ଆବଶ୍ୟକ ପ୍ରେରଣା ଯୋଗାଇବ ।

ବାଣୀବିହାର
ତା ୧୪ । ୩ । ୧୯୮୮ ଖ୍ରୀ

ବିଜୟାନନ୍ଦ କର
ସଂଯୋଜକ

Digitized by PPRACHIN, SOA

# ନୀଳକଂଠଂକ ଯଜ୍ଞ ଚେତନା

ଡକ୍ଟର କୃଷ୍ଣ ପ୍ରସାଦ ମିଶ୍ର

## ଅନେକ ତାଲାର ଗୋଟିଏ ଚାବି :

ନୀଳକଂଠଙ୍କ ଦର୍ଶନ ମୋତେ ଉଦ୍ୟାନ ପରି ନୁହେଁ, ମହାରଣ୍ୟ ପରି ବୋଧହୁଏ । ଭବିଷ୍ୟତରେ ଦର୍ଶନ ଗବେଷକମାନେ ଏହି ମହାରଣ୍ୟରୁ ବୃକ୍ଷ ଆଣି ଉଦ୍ୟାନ କରିବାର ପ୍ରୟାସ କରିବେ । କିନ୍ତୁ ବର୍ତ୍ତମାନ ସୁଦ୍ଧା କୌଣସି ସାଧାରଣ ପାଠକ ଏହି ମହାରଣ୍ୟରୁ କିଛି ତଥ୍ୟ ସଂଗ୍ରହ କରିବା ପ୍ରମାଦପୂର୍ଣ୍ଣ ଓ ବିପଦ ସଂକୁଳ । ଏଥିପାଇଁ ନୀଳକଂଠଙ୍କ ଦର୍ଶନ ସମ୍ପର୍କରେ କିଛି କହିବାକୁ ଚେଷ୍ଟା କଲାବେଳେ ପ୍ରମାଦରେ ନପଡ଼ିବା ପାଇଁ ମୁଁ ଏକ ମନ୍ତ୍ର ଖୋଜୁଥିଲି, ଯେଉଁ ମନ୍ତ୍ରଟିକୁ ଗୋଟିଏ ଶବ୍ଦରେ ପ୍ରକାଶ କରି ଯାଇପାରେ, ସେଇଟି ହେଉଛି "ଯଜ୍ଞ"। ନୀଳକଂଠଂକ ଦର୍ଶନରେ କେବଳ ନୁହେଁ, ବୋଧେ ସମଗ୍ର ଭାରତୀୟ ଦର୍ଶନ ବୁଝିବା ପାଇଁ ସେଇ ଗୋଟିଏ ପ୍ରତ୍ୟୟ ପାଠକକୁ ସାହାଯ୍ୟ କରିବା ପାଇଁ ସମର୍ଥ ହୋଇଥାଏ । ଏହି "ଯଜ୍ଞ", ଭାରତୀୟ ଦର୍ଶନର ବହୁ ଗ୍ରନ୍ଥି ଉନ୍ମୋଚନ କରିବା ପାଇଁ ଏକମାତ୍ର ସୂତ୍ର ବା ମାଷ୍ଟର କି । ଆଧୁନିକ ଦାର୍ଶନିକ ଭାଷାରେ କହିଲେ, ଏହା ହେଉଛି ଭାରତୀୟ ଦର୍ଶନର " କି କନ୍‌ସେପ୍ଟ " ।

ବେଦକୁ କେବଳ ଆର୍ଯ୍ୟମାନଙ୍କ ସଭ୍ୟତା, ସଂସ୍କୃତି ଓ ବିଚାରର ଗ୍ରନ୍ଥ ବୋଲି ପଣ୍ଡିତ ନୀଳକଂଠ କହି ନାହାନ୍ତି । ଆର୍ଯ୍ୟ ସଭ୍ୟତା ପୂର୍ବରୁ ବହୁ ବିଭିନ୍ନ ସଭ୍ୟତା — ନିଷାଦ, ଦ୍ରାବିଡ଼, ଇତ୍ୟାଦି ଜାତି ସେମାନଙ୍କର ବିଚାର ଓ ଆଲୋଚନାର ଭଙ୍ଗିମାନଙ୍କୁ ଯାଇଥିଲେ । ସେ ଗୁଡ଼ିକର ପ୍ରଭାବ ବେଦରେ ଦେଖିବାକୁ ମିଳେ । ଉଦାହରଣ ସ୍ୱରୂପ, ନାସଦୀୟ ସୂକ୍ତରେ ସେ ନିଷାଦ ସଭ୍ୟତାର ବିଚାର ଧାରା – ଶୂନ୍ୟ ଧର୍ମ-ଦେଖିବାକୁ ପାଇଛନ୍ତି ।

## ଚାରୋଟି ବେଦ— ସବୁ ବେଦର ଚାରି ଚାରି ଭାଗ :

ଭାରତ ବର୍ଷକୁ ଆସିଥିବା ଶବର, ଦ୍ରାବିଡ଼ ଓ ଆର୍ଯ୍ୟ, ସବୁ ସଭ୍ୟତାର ବିଚାର ଧାରା ବେଦରେ ଦେଖିବାକୁ ମିଳେ । ଏହି ବେଦ ଗୋଟିଏ ନୁହେଁ,

Digitized by PPRACHIN, SOA

ଗୁଡ଼ିକ — ଋକ୍, ଯଜୁଃ, ସାମ ଓ ଅଥର୍ବ । ସ୍ୱାମୀ ଦୟାନନ୍ଦଙ୍କ ପରି ଏହି ଗ୍ରନ୍ଥବେଦକୁ ଇତିହାସ ଧାରାରୁ ଉର୍ଦ୍ଧ୍ୱ ବୋଲି ପଣ୍ଡିତ ନୀଳକଂଠ ଭାବନ୍ତି ନାହିଁ, ଅନ୍ୟ ପକ୍ଷରେ ଏହି ଗ୍ରନ୍ଥବେଦ ଭାରତର ବହୁ ପ୍ରାଚୀନ ଇତିହାସ ଓ ସମୟକ୍ରମେ ଆସିଥିବା ବିଭିନ୍ନ ବିଚାରଧାରାର ସଂଘର୍ଷକୁ ପ୍ରକାଶ କରୁଛି ବୋଲି ସେ କହନ୍ତି । ପ୍ରତ୍ୟେକ ବେଦରେ ଅର୍ଥବାଦ ଓ ତତ୍ତ୍ୱବାଦ ରହିଛି । ପ୍ରତ୍ୟେକ ବେଦର ସଂହିତାହିଁ ତା'ର ମନ୍ତ୍ର । ଏହି ସଂହିତାର ଅର୍ଥବାଦ ବ୍ରାହ୍ମଣ ବା କର୍ମ-କାଣ୍ଡରେ ବିକଶିତ ଓ ତତ୍ତ୍ୱବାଦ ଉପନିଷଦ ବା ଜ୍ଞାନକାଣ୍ଡରେ ପ୍ରସ୍ଫୁଟିତ । ସଂହିତା ଭାଗ ବିଧିନିଷେଧାଦି ବ୍ୟାଖ୍ୟାମୂଳକ ଆଲୋଚନା ଦ୍ୱାରା ବ୍ରାହ୍ମଣରେ ପରିଣତ ହୋଇଥିଲି ଓ ବେଦର ଏହି "ଯଜ୍ଞ ଦାନ ନିୟମ" ସମ୍ବନ୍ଧ ବ୍ରାହ୍ମଣ ଭାଗକୁ ଆଖି ଆଗରେ ରଖି ଗୀତାରେ ଭଗବାନ୍ " ପୁଷ୍ପିତଂ ବାଚଂ " [୨] ବିଶେଷଣ ପ୍ରୟୋଗ କରିଥିଲେ । ସଂହିତା ଓ ବ୍ରାହ୍ମଣର ତତ୍ତ୍ୱବାଦ ଆରଣ୍ୟକ ଓ ଉପନିଷଦରେ ଦେଖିବାକୁ ମିଳେ । ସକଳ ବେଦର ତତ୍ତ୍ୱବାଦର ଉତ୍କର୍ଷ ଗୀତାରେ ଦେଖିବାକୁ ମିଳେ ଯେଉଁଥିରେ ଘୋର ଅଙ୍ଗୀରସଙ୍କ ଶିଷ୍ୟ କୃଷ୍ଣ "ଯଜ୍ଞ"ର ପ୍ରଚଳିତ ଅର୍ଥକୁ ପରିବର୍ତ୍ତନ କରିବାରେ ସକ୍ଷମ ହୋଇଥିଲେ ।

## କର୍ମ-ନିତ୍ୟ, ନୈମିତ୍ତିକ, କାମ୍ୟ-କର୍ମର ବିଭାଜନ :

ଭାରତୀୟ ସମାଜର ସବୁ ମାନବମାନଙ୍କ ସକଳ ପ୍ରକାର କର୍ମକୁ ଦୃଷ୍ଟିରେ ରଖି ସେଗୁଡ଼ିକୁ ଶୃଙ୍ଖଳିତ କରି ସମାଜ ଉପଯୋଗୀ କରିବା ପାଇଁ ଚେଷ୍ଟା କୃଷ୍ଣଙ୍କର ମୂଳରୁ ଥିଲା । ମଣିଷ ପ୍ରତିଦିନ କେଉଁ କର୍ମ କରିବ, କେଉଁ କର୍ମ କରିବ ନାହିଁ, ତାହା ବିଧି ଓ ନିଷେଧ ବିଭାଗରେ ବର୍ଣ୍ଣିତ ହୋଇଅଛି । ସେହିପରି ବିଶେଷ ଇଚ୍ଛା ଓ ପ୍ରୟୋଜନ ନିମନ୍ତେ ନୈମିତ୍ତିକ କର୍ମ କରାଯାଏ । ଏହାଛଡ଼ା ନିଜର ସ୍ୱାର୍ଥ ସାଧନ ପାଇଁ ପୁରୁଷ ଅଂସଙ୍ଖ୍ୟ କର୍ମ ମଧ୍ୟ କରିଥାଏ । ଏହାକୁ "ପୁରୁଷାର୍ଥ କର୍ମ" ବୋଲି କୁହାଯାଏ । କର୍ମରୁ ବିରତି ସମ୍ଭବ ନଥିବାରୁ "ନହି କଶ୍ଚିତ କ୍ଷଣମପି ଜାତୁ ତିଷ୍ଠତ୍ୟ କର୍ମକୃତ୍" [୩] ବୋଲି ଗୀତାରେ କୁହାଯାଇଛି । କର୍ମ ମାଧ୍ୟମରେ ମଣିଷ କିପରି ଶ୍ରେଷ୍ଠତା ପାଇ ପାରିବ ତାହାର କଳ୍ପନା ଗୀତାରେ କରାଯାଇଛି । ଏହି ପରିପ୍ରେକ୍ଷୀରେ "ଯଜ୍ଞାର୍ଥ କର୍ମ" ପ୍ରତ୍ୟୟର ଆବିର୍ଭାବ ହୋଇଅଛି, ଯଜ୍ଞ ଶବ୍ଦର ଅର୍ଥରେ ମଧ୍ୟ ପରିବର୍ତ୍ତନ ଅଣା ଯାଇଛି ।

## ଯଜ୍ଞାର୍ଥ କର୍ମ :

ଆରମ୍ଭରୁ ଅନେକ କର୍ମ ଭିତରେ ଯଜ୍ଞକର୍ମ ଏକ ବିଶିଷ୍ଟ କର୍ମ ହୋଇ ରହିଥିଲି । ଏହି କର୍ମରେ ଅଗ୍ନିକୁ ପ୍ରଜ୍ୱଳନ କରି ସେଥିରେ ମନ୍ତ୍ର ଉଚ୍ଚାରଣ ପୂର୍ବକ ଆହୁତି ଦେବା ଯଜ୍ଞର ବୈଶିଷ୍ଟ୍ୟ ହୋଇ ରହିଥିଲା । ଯଜମାନ ନିଜର ଇଚ୍ଛାପୂରଣ ପାଇଁ ଯଜ୍ଞ ଅନୁଷ୍ଠାନ କରୁଥିଲେ - ଯେପରିକି ପୁତ୍ର ପ୍ରାପ୍ତି



Digitized by PPRACHIN, SOA

ପାଇଁ "ପୁତ୍ରେଷ୍ଟି ଯଜ୍ଞ", ସ୍ୱର୍ଗ ପ୍ରାପ୍ତି ପାଇଁ "ଅଗ୍ନିଷ୍ଟୋମ ଯଜ୍ଞ" ଇତ୍ୟାଦି । କ୍ରିମେର୍ଯ୍ୟ ପର୍ଯ୍ୟାୟରେ ଏହି ଯଜ୍ଞର ଅର୍ଥ ବ୍ୟାପକ ଓ ବିସ୍ତୃତ ହୋଇ ଗଲା । ନିଜର ଇଚ୍ଛା ପୂରଣ ପାଇଁ ଯଜ୍ଞ ଅନୁଷ୍ଠାନ କରି ନଯାଇ ଦେବତାର ପ୍ରୀତି ବିଧାନ ପାଇଁ ଯଜ୍ଞ ଅନୁଷ୍ଠାନ କରାଯାଉଛି ବୋଲି ଧାରଣା କରାଗଲା । ଦେବତାର ପ୍ରୀତି ନହେଲେ ଫଳ ପ୍ରାପ୍ତି ସମ୍ଭବ ନୁହେଁ । ଏହି ବିଶ୍ୱାସ ଗୋଟିଏ ସ୍ତରରେ ଯଜମାନର କାମନାକୁ ଗୌଣ କରି ଦିଏ ଓ ଦେବତାର ପ୍ରୀତିକୁ, ପ୍ରସନ୍ନତାକୁ ମୁଖ୍ୟ ଆସନ ଦେଇଦିଏ । ଯଜ୍ଞ ପ୍ରତ୍ୟୟ ଆରମ୍ଭର ପ୍ରଥମ ପର୍ଯ୍ୟାୟରେ ଦ୍ରାବିଡ, ନିଷାଦ ଓ ଆର୍ଯ୍ୟମାନେ ବହୁ ଦେବାଦେବୀରେ ବିଶ୍ୱାସ କରୁଥିଲେ । କିନ୍ତୁ ଅଗ୍ନିରେ ଆହୁତି ଦେଲାବେଳେ "ଇନ୍ଦ୍ରାୟ ନ ମମ ଇଦଂ ଇନ୍ଦ୍ରାୟ" "ବରୁଣାୟ ନ ମମ ଇଦଂ ବରୁଣାୟ" କହି ଆହୁତି ଦେଉଥିଲେ, ଅର୍ଥାତ୍ "ଏହି ଅର୍ପିତ ବସ୍ତୁ ଇନ୍ଦ୍ରଙ୍କ ପାଇଁ, ମୋ ପାଇଁ ନୁହେଁ", ଏପରି ଧାରଣା କରା-ଯାଇଥିଲା, ଏହାକୁ ହିଁ "ଯଜ୍ଞାର୍ଥ କର୍ମ" ବା "ନିଷ୍କାମ କର୍ମ" ବୋଲି ମିଦ୍ଧ୍ରୁ-ମାସକମାନେ ଗ୍ରହଣ କରି ନେଲେ ଓ ଏହି ଅର୍ଥକୁ ସେମାନଙ୍କ ମନରେ ଠିକ୍ ବୋଲି ଧରି ବସିଲେ ।

କିନ୍ତୁ ଏହି ପ୍ରତ୍ୟୟର ପରବର୍ତ୍ତୀ ବିକାଶ ପର୍ଯ୍ୟାୟରେ ବହୁ ଦେବତା ପରିବର୍ତ୍ତେ ଗୋଟିଏ ବ୍ରହ୍ମା ବା ତତ୍ତ୍ୱର କଳ୍ପନା କରି ଯାଇଥିଲା, ଯେଉଁଥିପାଇଁ ଋକ୍ ବେଦ କହିବାକୁ ସାହାସ କଲେ :

"ଇନ୍ଦ୍ରଂ ମିତ୍ରଂ ବରୁଣଂ ଅଗ୍ନିଂ ଆହୁଃ
ଅଥୋଦିବ୍ୟଃ ସଃ ସୁପର୍ଣ୍ଣଃ ଗରୁତ୍ମାନ୍
ଏକଂ ସଦ୍ ବିପ୍ରାଃ ବହୁଧା ବଦନ୍ତି
ଅଗ୍ନିଂ ଯମଂ ମାତରିଶ୍ୱାନଂ ଆହୁଃ [୪]

ଏହି ପରିବର୍ତ୍ତନ ପାଇଁ ଦେବକୀ ପୁତ୍ର କୃଷ୍ଣଙ୍କ ଅବଦାନ ରହିଛି, ଯାହା ପରେ " ଇନ୍ଦ୍ର ଗୋବିନ୍ଦ ଗୋବର୍ଦ୍ଧନ " ଉପାଖ୍ୟାନରେ ସୁସ୍ପଷ୍ଟ । ସେହି ଏକ ଦେବତାଙ୍କ ପ୍ରୀତି ପାଇଁ ଯଜ୍ଞ କରାଯାଏ । ଏହି ପର୍ଯ୍ୟାୟରେ ଯଜ୍ଞ ଏକ ବିଶିଷ୍ଟ କର୍ମ ନରହି ମଣିଷର ପ୍ରାୟ ପ୍ରତ୍ୟେକ କର୍ମକୁ ଅଧିକାର କରିଥିଲା । ଅର୍ଥାତ ଯଜ୍ଞ ବହିର୍ଭୂତ ହୋଇ କୌଣସି କର୍ମ ରହିଲା ନାହିଁ । ଆଶ୍ରମ ବିଧି ଅନୁଯାୟୀ ଯଜ୍ଞ ସକଳ କର୍ମକୁ ଅଧିକାର କଲା । ଉଦାହରଣ ସ୍ୱରୂପ, ଯଜ୍ଞରେ ଶାସ୍ତ୍ରପାଠ ଆଲୋଚନା ପିତୃ ଯଜ୍ଞରେ ତର୍ପଣ, ଶ୍ରାଦ୍ଧାଦି କର୍ମ, ସେହିପରି ଭୂତ ଯଜ୍ଞରେ ମାନବେତର ସକଳ ପ୍ରକାର ପ୍ରାଣୀଙ୍କ ରକ୍ଷଣାବେକ୍ଷଣ ଓ ସେମାନଙ୍କୁ ଖାଇବାକୁ ଦେବା ମନୁଷ୍ୟ ଯଜ୍ଞରେ ଦାନ ବିତରଣାଦି କର୍ମ ଅନ୍ତର୍ଭୁକ୍ତ ହେଲା । ଏହି ସକଳ କର୍ମ ବାହାରେ ପ୍ରାୟ ଆଉ କୌଣସି କର୍ମ ରହିଲା ନାହିଁ । ସକଳ କର୍ମକୁ ଯଜ୍ଞ ଆବୋରି ନେବା



Digitized by PPRACHIN, SOA

ପରେ ଯଜ୍ଞର ତାତ୍ତ୍ୱିକ ଅର୍ଥ "ଅନ୍ୟ ନିମନ୍ତେ ନିଜର ଯେଉଁ କର୍ତ୍ତବ୍ୟ ଅଛି, ସେହି ବୁଦ୍ଧିରେ କର୍ମ କରିବାକୁ ହିଁ ଯଜ୍ଞ" କୁହାଗଲା । ଅର୍ଥାତ୍ କୌଣସି ବିଶେଷ କର୍ମ ନୁହେଁ, ନିଜର ସ୍ୱାର୍ଥକୁ ଉତ୍ସର୍ଗ କରି ଅନ୍ୟ ପାଇଁ କର୍ମ କରିବାହିଁ ହେଲା ଯଜ୍ଞ କର୍ମ । ନିଜର ସ୍ୱାର୍ଥ ସିଦ୍ଧି ପାଇଁ, ନିଜର ଦାବୀ ପୂରଣ ପାଇଁ, ଯେଉଁ କର୍ମ କରାଯାଏ, ତାହା ହେଲା ପୁରୁଷାର୍ଥ କର୍ମ ଓ ସେହି କର୍ମରେ ମଣିଷର ଆସକ୍ତି ସୃଷ୍ଟି ହୁଏ ଓ ମଣିଷ କର୍ମ ବନ୍ଧନରେ ପଡ଼େ ବୋଲି କୁହାଗଲା । ଯଜ୍ଞାର୍ଥ କର୍ମଠାରୁ ପୁରୁଷାର୍ଥ କର୍ମ ଏହିଭାବେ ସମ୍ପୂର୍ଣ୍ଣ ଭିନ୍ନ !

## ବିଶ୍ୱକର୍ମ ବିଧାନରେ ଯଜ୍ଞ :

ନିଜର ସ୍ୱାର୍ଥକୁ ତ୍ୟାଗ କରି ଅନ୍ୟ ପାଇଁ କର୍ତ୍ତବ୍ୟରତ ରହିବା ଯଜ୍ଞର ପ୍ରକୃତ ଅର୍ଥ ରୂପେ ଗୃହୀତ ହୋଇଥିଲି । ଯଜ୍ଞର ଏହି ଅର୍ଥକୁ ଭଗବାନ କୃଷ୍ଣ ସମର୍ଥନ କରିଥିଲେ । ଗୀତାରେ ଯଜ୍ଞ ଓ କର୍ମର ଏହି ଗୂଢ଼ାର୍ଥ ସେ ସୂର୍ଯ୍ୟଙ୍କୁ କହିଥିଲେ ଓ ସୂର୍ଯ୍ୟଙ୍କଠାରୁ ମନୁ, ତାଙ୍କଠୁ ଇକ୍ଷ୍ୱାକୁ ଓ ଅନ୍ୟ ସୂର୍ଯ୍ୟବଂଶୀୟ କ୍ଷତ୍ରିୟମାନେ ଏହି ତତ୍ତ୍ୱ ଗ୍ରହଣ କରିଥିଲେ । ଏଥିରୁ ଅନ୍ୟ ଏକ ଅର୍ଥ ମଧ୍ୟ ଗ୍ରହଣ କରାଯାଇ ପାରିବ । ଏହି ବିଶ୍ୱ ବ୍ରହ୍ମାଣ୍ଡ ସୂର୍ଯ୍ୟଙ୍କଠାରୁ ସୃଷ୍ଟି । ସୂର୍ଯ୍ୟ ନିରପେକ୍ଷ ଭାବେ ଆଲୋକ ବିକୀରଣ କରିବା ଦ୍ୱାରା ସୌର ଜଗତ୍ ଯେପରି ତିଷ୍ଠି ରହିଛି, ତାହା ବିଶ୍ୱକର୍ମ ବିଧାନରେ ଯଜ୍ଞର ଗୂଢ଼ାର୍ଥ ପ୍ରକାଶ କରୁଅଛି ବୋଲି ପଣ୍ଡିତ ନୀଳକଂଠ ଲେଖିଛନ୍ତି । "ଅନ୍ନରୁ ପ୍ରାଣୀ ଜାତ ହୁଏ, କିନ୍ତୁ ଅନ୍ନ ଜାତ ହୁଏ ବର୍ଷାରୁ । ବର୍ଷା ଯଜ୍ଞ ଯୋଗୁଁ ସମ୍ଭବ ହୋଇଥାଏ । ଭୂତମାନେ ନିତ୍ୟ ନିୟତ କର୍ମରେ ବ୍ୟାପୃତ । ଭୂତମାନଙ୍କର ଏହି ନିତ୍ୟ ନିୟତ କର୍ମ ଯୋଗୁଁ ବିଶ୍ୱ ବିକାଶ ସମ୍ଭବ ହୋଇଅଛି । ବିଶ୍ୱପ୍ରକାଶରେ ପରମାତ୍ମାଙ୍କ ନିର୍ଲିପ୍ତ ଭାବେ କର୍ମ କରିଯିବାହିଁ ବିଶେଷତ୍ୱ ଓ ଏହିପରି କର୍ମର ସୂତ୍ର ମାନବ ସମାଜ ବିଶ୍ୱ ବିକାଶରୁ ଗ୍ରହଣ କରି ଯେଉଁ କର୍ମ କରେ, ତାହାହିଁ ଯଜ୍ଞାର୍ଥ କର୍ମ ।" [୫]

## ଜ୍ଞାନ, କର୍ମ ଓ ଭକ୍ତି-ତିନୋଟି ମାର୍ଗ ନୁହେଁ :

ସାଧାରଣତଃ ଗୀତାର ଭାଷ୍ୟକାରମାନେ ଓ ବହୁ ସନ୍ଥ ଯୋଗୀ ବ୍ରହ୍ମ ପ୍ରାପ୍ତି ପାଇଁ ତିନୋଟି ସ୍ୱତନ୍ତ୍ର ଉପାୟ ବା ମାର୍ଗ- ଜ୍ଞାନ, କର୍ମ ଓ ଭକ୍ତି - ନିର୍ଦ୍ଦେଶ କରିଥାନ୍ତି । ପଣ୍ଡିତ ନୀଳକଂଠ ଏହି ମତର ବିରୋଧ କରିଛନ୍ତି । ତାଙ୍କ ଦୃଷ୍ଟିରେ ନିର୍ଲିପ୍ତ ରହି ବିଶ୍ୱାତ୍ମା ଯେଉଁ ଢ଼ଙ୍ଗରେ ବିଶ୍ୱ ପ୍ରକାଶ କରୁଛନ୍ତି ତାକୁ ଦୃଷ୍ଟିରେ ରଖି ନିଜର ଆଶ୍ରମ ଓ ବର୍ଣ୍ଣ - ଅର୍ଥାତ୍ ସ୍ୱୈଦନା ଅନୁଯାୟୀ ବିଶ୍ୱାତ୍ମାଙ୍କ ପ୍ରୀତ୍ୟର୍ଥେ କର୍ମ କରିଯିବାହିଁ ଯଜ୍ଞ ଓ ଏହି ଯଜ୍ଞ ଅନୁଷ୍ଠାନରେ ଜ୍ଞାନ, କର୍ମ ଓ ଭକ୍ତି ସବୁର ଉପସ୍ଥିତି ଲକ୍ଷ୍ୟଣୀୟ । କୌଣସି କଥାରେ ଶ୍ରଦ୍ଧା ଓ ବିଶ୍ୱାସ ରଖିବାହିଁ ଭକ୍ତି ।



Digitized by PPRACHIN, SOA

## ବିଶ୍ୱକର୍ମ ଓ ଯଜ୍ଞକର୍ମ ;

ପଣ୍ଡିତ ନୀଳକଂଠ ବିଶ୍ୱକର୍ମ ଓ ଯଜ୍ଞକର୍ମରେ ବହୁ ସମାନତା ଦେଖିଛନ୍ତି । ବିଶ୍ୱାତ୍ମା ନିର୍ଲିପ୍ତ ରହି ଯେପରି ଭାବରେ ବିଶ୍ୱକର୍ମ କରି ଚାଲିଛନ୍ତି, ସେହିପରି ଭାବରେ ଯଜ୍ଞ କର୍ମ କରାଯିବା ବିଧେୟ ବୋଲି ସେ ମତ ଦେଇଛନ୍ତି । ବିଶ୍ୱକର୍ମର ଧାରା ଗୋଟିଏ ନିୟମରେ ପ୍ରକାଶ ପାଏ । ଏହି କର୍ମର ଧାରାରେ ସିଦ୍ଧି, ଅସିଦ୍ଧିର ସୂଚନା ନାହିଁ, କାମନାର ବ୍ୟାକୁଳତା ନାହିଁ । କିନ୍ତୁ ଯଜ୍ଞ କରିବା ପାଇଁ କାମଯୁକ୍ତ ମାନବର କର୍ମ ସ୍ୱାତନ୍ତ୍ର୍ୟ ଅଛି । ନାନା ପ୍ରକାର ଏଷଣା ତା ମନରେ ରହିଅଛି, ଯେଉଁଥିପାଇଁ ସେ ନିଜର କାମ୍ୟକର୍ମ ଓ ପୁରୁଷାର୍ଥ କର୍ମରେ ବ୍ୟାପୃତ ରହି ଜୀବନ କଟାଇଦିଏ । ସକଳ ସାମାଜିକ ବିଭ୍ରାଟ ଓ ବିଶୃଙ୍ଖଳା ଏହି ପ୍ରକାର କର୍ମ ଓ ଇଚ୍ଛା ସ୍ୱାତନ୍ତ୍ର୍ୟରୁ ସମ୍ଭବ ହୋଇଥାଏ । ବିଶ୍ୱକର୍ମର ଚେତନା ସହିତ ସ୍ୱତନ୍ତ୍ର ଇଚ୍ଛା ରଖିଥିବା ମାନବର କର୍ମ ଚେତନାର କିପରି ସାମଞ୍ଜସ୍ୟ ଓ ସମନ୍ୱୟ ରହିବ ଯାହା ଫଳରେ ସମାଜର ସ୍ଥିତି ଓ ବିକାଶ ବିଶ୍ୱାତ୍ମାଙ୍କ ସଙ୍କେତ ଅନୁଯାୟୀ ସମ୍ଭବପର ହେବ, ତାହାହିଁ ବିଚାର ଯୋଗ୍ୟ କଥା ।

ଭୂତ ସୃଷ୍ଟି, ସେଗୁଡ଼ିକର ସଂଗ୍ରହ ଓ ପାଳନ ମୂଳରେ ବିଧାତା ବିଶ୍ୱପୁରୁଷଙ୍କ କର୍ମ ଦେଖାଯାଇ ପାରେ । ନୀଳକଂଠ ଲେଖିଛନ୍ତି :

ସେହି କର୍ମମାନଙ୍କର ପରସ୍ପର ଆପେକ୍ଷିକ ପ୍ରବୃତ୍ତିରେ ଲୋକସ୍ଥିତି ରହିଛି । ଯେପରିକି ସୂର୍ଯ୍ୟ କିରଣ ପଡ଼ିଲେ ଜଳ ଆକାଶରୁ ଉଠି ବର୍ଷା ରୂପରେ ପୁଣି ତଳେ ପଡ଼େ, ବର୍ଷାରୁ ଶସ୍ୟ, ଶସ୍ୟରୁ ଅନ୍ନ, ଇତ୍ୟାଦି । ଏହା ଗୋଟିଏ ଉଦାହରଣ ମାତ୍ର । ଏହି ଉଦାହରଣରେ ସମସ୍ତ ବିଶ୍ୱକର୍ମ ଓ ମନୁଷ୍ୟାଦିର କର୍ମ ବୁଝିବାକୁ ହେବ । ବିଶ୍ୱକର୍ମରେ ଦେଖ; ଗ୍ରହ, ତାରା ଓ ଭିନ୍ନ ଭିନ୍ନ ଜାଗତିକ ବସ୍ତୁ ମାନେ ଯଥା ନିୟମରେ ନିଜ ନିଜ କକ୍ଷରେ ଠିକ୍ ଚାଲିବେ । ତା' ନହେଲେ ସାରା ସୃଷ୍ଟି ଅସ୍ତବ୍ୟସ୍ତ ହୋଇଯିବ । ପକ୍ଷୀ ଡ଼ିମ୍ବ ଦେବା ପାଇଁ ବସା କରିବ, ଡ଼ିମ୍ବ ଉଷୁମାଇ ବିଧିମତେ ଫୋଡ଼ିବ, ଜନ୍ତୁ ପିଲା ପାଇଁ ପହ୍ଲାରେ ଦୁଧ ରଖି ପିଲାଙ୍କୁ ଖାଇବାକୁ ଦେବ, ପିଲାଙ୍କୁ ଜଗି ବଢ଼ାଇବ । ଏସବୁ କରିବାରେ କାହାର କିଛି ଯଥାର୍ଥ ସ୍ୱାର୍ଥ ନାହିଁ । ତଥାପି ସମସ୍ତେ ଯଥା ନିୟମରେ ଏହା କରି ଯାଉଛନ୍ତି । ଏହାହିଁ ବିଧାତାଙ୍କର ବିଶ୍ୱ ବିକାଶ କର୍ମ । ଏହା ନିୟମିତ ରୂପେ ଚାଲିଛି । କାହାରି କର୍ମ ପୁଣି ନିଜ ପାଇଁ ନୁହେଁ, ଏହା ଅନ୍ୟ ପାଇଁ । ସ୍ୱଭାବ ନିୟମରେ ବସ୍ତୁ, ଜନ୍ତୁ ସମସ୍ତେ ଅନାସକ୍ତ ଓ ସ୍ୱାର୍ଥହୀନ କର୍ମରେ ଲାଗିଛନ୍ତି । ସମସ୍ତେ ବିଧାତାଙ୍କର କର୍ମଲୀଳାରେ ନିଜ ନିଜର ନିର୍ଦ୍ଦିଷ୍ଟ କର୍ମ କରି ଯାଉଛନ୍ତି ମାତ୍ର । ଏହିପରି ଏଇ ଅନାସକ୍ତିରେ, ଏଇ ପରସ୍ପର ଅପେକ୍ଷାରେ,ଅନ୍ୟ ପାଇଁ ନିଜର ନିର୍ଦ୍ଦିଷ୍ଟ କର୍ମ କଲେ, ବିଶ୍ୱକର୍ମ ଲୀଳାରେ ନିଜର ସ୍ୱଭାବ ବା ନିଜକୁ ପାଳନ ବା ପ୍ରକାଶ କରିବାର



Digitized by PPRACHIN, SOA

ଯଜ୍ଞାର୍ଥ କର୍ମ । ତେଣୁ ଯଜ୍ଞ ବୋଇଲେ ନିଜର କର୍ମକୁ ଏଇଠାରେ ସମୂହ ବିଶ୍ୱକର୍ମ-ଲୀଳାରେ ଉତ୍ସର୍ଗ କରିବା ବା କରିଦେବା । [୭]

## ପୁରୁଷ ସୂକ୍ତ :

ମାନବ ସମାଜ, ମାନବେତର ପଶୁ ସମାଜ ଓ ପ୍ରାଣୀ ସମାଜ ପୁରୁଷର ବିକାଶର ବିଭିନ୍ନ ପର୍ଯ୍ୟାୟ ମାତ୍ର ବୋଲି ବେଦରେ କଳ୍ପନା କରାଯାଇଛି । ଗୋଟିଏ ତତ୍ତ୍ୱ ଗୋଟିଏ ପୁରୁଷର କିଛି ଅଂଶ ଏହି ବିଶ୍ୱ ଓ ଏହି ବିଶ୍ୱର ମାନବ ସମାଜ, ପ୍ରାଣୀ ସମାଜ ବିଭିନ୍ନ ଅଙ୍ଗ ମାତ୍ର । ବିଶ୍ୱକର୍ମର ଅଧିଷ୍ଠାନ ପୁରୁଷକୁ ବିରାଟ ପୁରୁଷ ବୋଲି କୁହାଯାଇଛି । ସେହି ପୁରୁଷ ନିଜକୁ ଉତ୍ସର୍ଗୀକୃତ କରି ଯଜ୍ଞ ମାଧ୍ୟମରେ ଏହି ବିଶ୍ୱର ବିକାଶ କରିଅଛି । ବେଦ ଧର୍ମର ଯଜ୍ଞର ପ୍ରକୃତ ଅର୍ଥ ଏହି ପୁରୁଷସୂକ୍ତରୁ ମିଳିଥାଏ । ବ୍ରହ୍ମର ଆତ୍ମ ବିକାଶ ବା ଆତ୍ମୋତ୍ସର୍ଗ ହିଁ ଯଜ୍ଞ । ପଣ୍ଡିତ ନୀଳକଂଠ ଲେଖିଛନ୍ତି "ଏହି ପ୍ରକାର ଧର୍ମ ନିଜକୁ ଅବିଚ୍ଛିନ୍ନ ବା ବ୍ୟକ୍ତ କରିବା ହିଁ—ଏହି ବ୍ରହ୍ମପୁରୁଷର ଏକ ବିରାଟ ଯଜ୍ଞ କର୍ମ । ବ୍ରହ୍ମର ଏହି ଯଜ୍ଞ ବିନା ସୃଷ୍ଟି ବା ପ୍ରକାଶ ଅସମ୍ଭବ । ଏହି ଯଜ୍ଞ ହିଁ ବ୍ରହ୍ମପୁରୁଷର ଆତ୍ମ ବିସ୍ତାର, ଆତ୍ମବଳି ବା ଆତ୍ମ ତ୍ୟାଗ ରୂପେ ଦେବ ଓ ଋଷିମାନଙ୍କ ଠାରେ ପ୍ରତିଭାତ । ..ଏହି ଯଜ୍ଞ ବିନା ପୃଥିବୀ ନାହିଁ, ଆକାଶ ନାହିଁ, ସ୍ୱର୍ଗ ନାହିଁ, ଦେବ ନାହାନ୍ତି, ଋଷି ନାହାନ୍ତି, ଋତୁ ନାହିଁ, କାଳ ନାହିଁ, ଦେଶ ନାହିଁ, ପୃଥିବୀରେ ଘୋଡ଼ା, ଗୋରୁ, ଛେଳି, ମେଣ୍ଢା, ପଶୁପକ୍ଷୀ କେହି ନାହାଁନ୍ତି; ଆହୁରି ସମାଜ ନାହିଁ, ମନୁଷ୍ୟ ନାହିଁ, କି ସମାଜର ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୁଦ୍ର ବୋଲି କର୍ମଭେଦ ନାହିଁ ।" [୭]

## ପୁରୁଷାର୍ଥ—କାମ, ଅର୍ଥ, ଧର୍ମ, ପ୍ରେମ ଓ ମୋକ୍ଷ !

ମାନବର କାମନାକୁ କର୍ମ କରିବାର ପ୍ରେରଣାକୁ ଶୃଙ୍ଖଳିତ କରିବାକୁ ହୁଏ । ଏହି ଶୃଙ୍ଖଳା ଏକ ସାଧନା ଏବଂ ସାଧନାରେ ସିଦ୍ଧି ଲାଭ କଲେ ଯଜ୍ଞ କରିବାର ପ୍ରକ୍ରିୟା ମଣିଷ ଶିଖିନେଲା ବୋଲି କୁହାଯିବ । ମଣିଷ ନିଜର ସ୍ୱୋପକୁ ବଳି ଦେଇ ଅନ୍ୟ ପ୍ରତି କର୍ତ୍ତବ୍ୟ କରିବାରେ ନିଜର ପୁରୁଷାର୍ଥ ଦେଖିବା ଏକ ସାଧନା । ତ୍ୟାଗର ଅନୁପାତରେ ବ୍ୟକ୍ତିତ୍ୱର ବିକାଶ । ମଣିଷର ସ୍ୱାର୍ଥର ବଳିଦାନକୁ ଲକ୍ଷ୍ୟ ରଖି "କ୍ରମୋର୍ଦ୍ଧ ପୁରୁଷାର୍ଥ"—କାମ, ଅର୍ଥ, ଧର୍ମ, ପ୍ରେମ ଓ ମୋକ୍ଷର ସୋପାନୀକରଣ କରାଯାଇଛି । କାମନା, ତୃଷ୍ଣା ଓ ସ୍ୱାର୍ଥର କ୍ରମିକ ତ୍ୟାଗରେ ବ୍ୟକ୍ତିତ୍ୱର କ୍ରମୋନ୍ନତିର ଧାରଣା କରାଯାଇଅଛି । ଅର୍ଥାତ୍ ମୁକ୍ତ ଅବସ୍ଥାରେ 'ଅହଂ ବ୍ରହ୍ମାସ୍ମି' ଅର୍ଥାତ୍ ମାନବ ନିଜକୁ ବିଶ୍ୱାତ୍ମା ସହ ତାଦାତ୍ମ୍ୟ କରିବାରେ କ୍ଷମ ହୁଏ । ପୁରୁଷାର୍ଥରେ ଏହି ବ୍ୟକ୍ତି ଯଜ୍ଞର ମୋକ୍ଷ ହିଁ ପୂର୍ଣ୍ଣାହୂତି ଅଟେ । ନିଜର ବ୍ୟକ୍ତିତ୍ୱକୁ ବିଶ୍ୱବିକାଶର ଆବଶ୍ୟକୀୟ ଅଂଶ ବୋଲି ଧାରଣା କରି ସେହି



Digitized by PPRACHIN, SOA

ମହାଯଜ୍ଞରେ ନିଜକୁ ସମ୍ପୂର୍ଣ୍ଣ ରୂପେ ବଳି ଦେବା ବା ଉତ୍ସର୍ଗ କରିବା "ବ୍ରହ୍ମକର୍ମ ସମାଧି" ।

## ଯଜ୍ଞରେ ସମାଜ ଧର୍ମ–ସ୍ୱଧର୍ମ–ଚାତୁର୍ବର୍ଣ୍ଣ୍ୟ :

ବିଶ୍ୱ ବିକାଶର ମୂଳ ଭିତ୍ତିକୁ ଲକ୍ଷ୍ୟ ରଖି ଚେତନା ଅନୁସାରେ ବର୍ଣ୍ଣବିଭାଗ କରାଯାଇଅଛି ଓ ଏହି ବର୍ଣ୍ଣ ବିଭାଗ ଅନୁସାରେ ସମାଜ ତିଷ୍ଠିଲେ ସମାଜର ବିକାଶ ହୁଏ ଓ ସମାଜ ଅନ୍ତର୍ଗତ ସବୁ ମାନବଙ୍କର ବିକାଶ ମଧ୍ୟ ସମ୍ଭବ ହୋଇ-ଥାଏ । ଚାତୁର୍ବର୍ଣ୍ଣ୍ୟ ସବୁ ସମାଜର ଏକ ଆବଶ୍ୟକୀୟ ବିଭାଗୀକରଣ ଓ ଏହି ବର୍ଣ୍ଣ ବିଭାଗରୁ ମଣିଷ ନିଜର ଚେତନା ଅନୁଯାୟୀ କର୍ମ କରିବାକୁ ପ୍ରେରଣା ପାଇଥାଏ । ଚେତନା ଅନୁଯାୟୀ ସ୍ୱଭାବ ଓ ସ୍ୱଧର୍ମ । ସ୍ୱଭାବ ବଦଳିବା ପୂର୍ବରୁ କର୍ମ ବଦଳିବା ଉଚିତ ନୁହେଁ । ନିଜର ସ୍ୱଭାବ ଅନୁସାରେ କର୍ମ କଲେ ସମାଜରେ ଶୃଙ୍ଖଳା ରହେ । ଚେତନା ଅର୍ଥ ବୃତ୍ତି । ବୃତ୍ତି ନେଇ କର୍ମ । ତାହାହିଁ ସ୍ୱଭାବ ନିୟତ କର୍ମ ।

## କର୍ମ କରିବାର ଦୁଇଟି ଦୃଷ୍ଟି :

କର୍ମରତ ମାନବ ସମାଜରେ ଯଜ୍ଞାର୍ଥ କର୍ମ କରିବାକୁ ହେଲେ କର୍ତ୍ତବ୍ୟ ଦୃଷ୍ଟିରୁ ହିଁ କର୍ମ କରିବା ଉଚିତ୍ ! ଏଠାରେ କର୍ମର ବନ୍ଧନ ନାହିଁ, ଆସକ୍ତି ନାହିଁ, ବରଂ ବନ୍ଧମୁକ୍ତ ରହିଛି । ନିଜର ଦାବୀ (rights) ଜାହିର କରି କର୍ମ କରିବାର ପରମ୍ପରା ସମାଜରେ ବିଶୃଙ୍ଖଳା ଆଣିଥାଏ, ବିପ୍ଳବ ଆଣିଥାଏ । ତାହା ବାଞ୍ଛନୀୟ ନୁହେଁ ବୋଲି ପଣ୍ଡିତ ନୀଳକଂଠ କହିଛନ୍ତି । ଭାରତୀୟ ସମାଜ ସବୁବେଳେ ଏକ ସାମାଜିକ ଆଦର୍ଶ ଆଗରେ ରଖି କର୍ତ୍ତବ୍ୟ ଦ୍ୱାରା ପ୍ରେରିତ ହୋଇ ପ୍ରତ୍ୟେକ ଲୋକ କର୍ମ କରିବା ଶ୍ରେୟସ୍କର ବୋଲି ମନେ କରିଛି । କର୍ତ୍ତବ୍ୟ କରିବା ହିଁ ସ୍ୱଧର୍ମ କରିବା । ବର୍ଣ୍ଣ ଓ ଆଶ୍ରମ ନେଇ କର୍ତ୍ତବ୍ୟ ସ୍ଥିରୀକୃତ ହୋଇଥାଏ ।

## ସ୍ୱଧର୍ମ ହିଁ ସାଧନା :

ମୁକ୍ତି ପ୍ରାପ୍ତି ପାଇଁ ସାଧନା ପ୍ରୟୋଜନ ଓ ଯଜ୍ଞ କର୍ମ ହିଁ ସାଧନା ଅଟେ । ନିଜର ସ୍ୱଧର୍ମ କରିବା ନିର୍ଲିପ୍ତ ରହି, ଫଳ କାମନା ନରଖି, ସ୍ୱଧର୍ମ କରିଯିବାକୁ ପଣ୍ଡିତଜୀ ମତପ୍ରକାଶ କରିଛନ୍ତି ।

## ଭକ୍ତି :

ସାଧନାରେ ଭକ୍ତିର ସ୍ଥାନ ନେଇ ପଣ୍ଡିତଜୀଙ୍କ ମତ ଆମେ ପୂର୍ବରୁ ବିଚାର କରିଛୁ । ଭକ୍ତି ଏକ ସ୍ୱତନ୍ତ୍ର ମାର୍ଗ ନୁହେଁ । ପ୍ରତ୍ୟେକ ଯଜ୍ଞାନୁଷ୍ଠାନ ପାଇଁ ବିଶ୍ୱଯଜ୍ଞ ଧାରଣା ଦୃଢ଼ ରଖିବା ପ୍ରୟୋଜନ । ଏଥିପାଇଁ ଲୋଡ଼ା ଭକ୍ତି । ବିଶ୍ୱପୁରୁଷ ବା ବିଶ୍ୱାତ୍ମା ପ୍ରତି ଶ୍ରଦ୍ଧା ଓ ପ୍ରପତ୍ତି ରଖିବା ହିଁ ଭକ୍ତି । ଏଥିପାଇଁ ବିଶ୍ୱବିକାଶରେ ବ୍ୟକ୍ତି ଚେତନା ମୂଳକ ପୁରୁଷକୁ ସ୍ପଷ୍ଟ ଭାବେ ଦେଖି ସେହି ପୁରୁଷ ପାଖରେ ଆତ୍ମସମର୍ପଣ



Digitized by PPRACHIN, SOA

କର ଯଜ୍ଞ କରିବା ଅନେକଙ୍କ ପାଇଁ ସହଜ ହୁଏ । ପଣ୍ଡିତଜୀଙ୍କ ଆତ୍ମଜୀବନୀରେ ବର୍ଣ୍ଣିତ ଏକ ବିବରଣୀକୁ ଦୃଷ୍ଟାନ୍ତ ଭାବେ ନିଆଯାଇପାରେ । ପଣ୍ଡିତ ଗୋପବନ୍ଧୁଙ୍କ ସହ ଥରେ କଥାବାର୍ତ୍ତା କରୁଥିଲା ବେଳେ ମହାଭାରତରୁ ଶ୍ରୀକୃଷ୍ଣ ଚରିତ୍ର ବାଦ୍ ଦିଆ ଗଲେ ବିଶେଷ କିଛି କ୍ଷତି ହେବନାହିଁ ବୋଲି ପଣ୍ଡିତ ନୀଳକଂଠ କହିଥିଲେ । ସେହି ସମୟରେ ଏପରି କହିବା ପାପ ବୋଲି ଗୋପବନ୍ଧୁ ନୀଳକଂଠଙ୍କୁ ଭର୍ତ୍ସନା କରିଥିଲେ । ପଣ୍ଡିତ ନୀଳକଂଠ ଏହି ଭର୍ତ୍ସନା ପରେ ସମଗ୍ର ମାନବ ସମାଜ ପାଇଁ କୌଣସି ସମ୍ପ୍ରଦାୟର ପୂଜ୍ୟ ପୁରୁଷ ପୂଜ୍ୟ ଭାବେ ଗ୍ରହଣୀୟ ନ ହୋଇ ପାରନ୍ତି ବୋଲି କଳ୍ପନା କରି ମାନବୀୟ ଭକ୍ତି, ଶ୍ରଦ୍ଧା ଓ ପ୍ରୀତି ବିଶ୍ୱ ପ୍ରକାଶ କରୁଥିବା ବିଶ୍ୱାତ୍ମା ପ୍ରତି ଯିବା ଉଚିତ ବୋଲି ମତ ଦେଇଥିଲେ ଓ ଏହି ମତକୁ ପ୍ରତିଷ୍ଠା କରିବା ପାଇଁ ସେ ମାସିକ **ନବଭାରତ** ଆରମ୍ଭ କରିଥିଲେ । ଅର୍ଥାତ୍ ପଣ୍ଡିତ ନୀଳକଂଠଙ୍କ ଈଶ୍ୱର କୌଣସି ଆକାରଧାରୀ ତତ୍ତ୍ୱ ନୁହେଁ କିନ୍ତୁ ଏହା ବିଶ୍ୱ ପ୍ରକାଶରେ ଅନ୍ତର୍ଭୁକ୍ତ ଓ ସମସ୍ତ ବିଶ୍ୱବ୍ରହ୍ମାଣ୍ଡ ଏହାର ଏକ ଅଂଶ ମାତ୍ର । ଏହି ତତ୍ତ୍ୱକୁ କୌଣସି ମାନବ ବା କେହି ଅବତାରୀ ସହିତ ଏକ ବା ଅପୃଥକ ବୋଲି ଭାବିବା ମିଥ୍ୟା ଅଟେ । ତଥାପି ପଣ୍ଡିତଙ୍କ ପରେ ଭକ୍ତ ନେଇ ତାଙ୍କ ମତକୁ ଉଦାର କରି ଦେଇଛନ୍ତି ।

## ଆଧୁନିକ ସମାଜ, ଆଧୁନିକ ଜୀବନ ପାଇଁ ପ୍ରୟୋଗ- ଯଜ୍ଞ କର !

ପଣ୍ଡିତ ନୀଳକଂଠ ଯଜ୍ଞ, ଈଶ୍ୱର ପ୍ରଭୃତି ପ୍ରତ୍ୟୟର ଯେଉଁ ବାଖ୍ୟା ଦେଇଛନ୍ତି, ତାହାର ସବିଶେଷ ଆଲୋଚନା ଓ ପ୍ରୟୋଗ ଆଧୁନିକ ମାନବ ସମାଜ ପାଇଁ ଅତିବ ପ୍ରୟୋଜନୀୟ । ଆଧୁନିକ ମାନବ ସମାଜ, ମାନବ ସମାଜ ନରହି ସଂଗ୍ରହକାମୀ (Possessive) ବ୍ୟକ୍ତିମାନଙ୍କ ଗୋଷ୍ଠୀରେ ପରିଣତ ହୋଇଅଛି । ଯେଉଁମାନେ ନିଜର ସ୍ୱାର୍ଥ ସାଧନ କରିବା, ନିଜେ ଭୋଗ କରିବା ଛଡ଼ା ଆଉ କିଛି ବୁଝନ୍ତି ନାହିଁ, କି ଭାବନ୍ତି ନାହିଁ- ଗୀତା ବର୍ଣ୍ଣିତ ଆସୁରୀ ସମ୍ପଦ ଏମାନଙ୍କଠାରେ ପ୍ରଚୁର ଦେଖାଯାଏ । ଗୀତା ଢଙ୍ଗରେ କହିଲେ :

ଈଶ୍ୱରୋଽହମହଂ ଭୋଗୀ ସିଦ୍ଧୋଽହଂ ବଳବାନ୍ ସୁଖୀ
ଆଢ୍ୟୋଽଭି ଜନବାନସ୍ମି କୋଽନ୍ୟୋଽସ୍ତି ସଦୃଶୋ ମୟା
ଯକ୍ଷ୍ୟେ ଦାସ୍ୟାମି ମୋଦିଷ୍ୟ ଇତ୍ୟଜ୍ଞାନ ବିମୋହିତାଃ । [୮]

ଅର୍ଥାତ୍ ଏମାନେ ମଧ୍ୟ ଯଜ୍ଞ କରନ୍ତି । ଯଜ୍ଞ ଆଳରେ ମନସ୍କାମନା ପୂର୍ଣ୍ଣ କରିବା ପାଇଁ ଏମାନେ ଯଜ୍ଞର ପ୍ରାରମ୍ଭିକ ଅର୍ଥକୁ ନରମେଧ ଯଜ୍ଞ କରିବା ଅସମ୍ଭବ ନୁହେଁ । ଯାହାର ଦୃଷ୍ଟାନ୍ତ ଆଧୁନିକ ସମାଜରେ ପ୍ରଚୁର ଦେଖିବାକୁ ମିଳୁଛି । କିନ୍ତୁ ଶେଷରେ ଏମାନେ ଯଜ୍ଞର ପ୍ରକୃତ ଅର୍ଥ ବୁଝି ନଥିବାରୁ ପଣ୍ଡିତ ନୀଳକଂଠଙ୍କ ଭାଷାରେ,



Digitized by PPRACHIN, SOA

"........ଆଜ ମୋତେ ଯାହା ମିଳିଲା, ଏହି ମନୋରଥକୁ ଏବେ ପୂରା କରିବି, ଏ ଧନ ମୋର ଅଛି ଏତକ ବି ମୋର ହୋଇଯିବ, ଏ ଶତ୍ରୁକୁ ମୁଁ ମାରିଲି, ଆଉମାନଙ୍କୁ ବି ମାରିବି, ମୁଁ ମାରିବି । ମୁଁ ଭୋଗୀ, ମୁଁ ସିଦ୍ଧ, ମୁଁ ଭଗବାନ, ମୁଁ ସୁଖୀ, ମୁଁ ହେଉଛି ଶ୍ରୀମାନ୍ । ମୁଁ କୁଳୀନ, ମୋ ପରି ଆଉ କିଏ ଅଛି ? ମୁଁ ଯାଗ କରିବି, ଦାନ ଦେବି, ମଉଜ କରିବି– ଏହିପରି ଅଜ୍ଞାନରେ ମୂଢ଼ ହୋଇ ଥିବା ଲୋକେ ବହୁ କାମନାରେ ଭ୍ରମି ଭ୍ରମି ମୋହ ଜାଲରେ ବାନ୍ଧି ହୋଇ କାମ ଭୋଗରେ ଲାଗି ରହି, ଘୋର ନରକରେ ପଡ଼ନ୍ତି ।" [୯]

**ପଣ୍ଡିତଜୀଙ୍କ କେତୋଟି ବିଶେଷତା :**

ପଣ୍ଡିତ ନୀଳକଂଠଂକ ଦର୍ଶନରେ କେତୋଟି ବିଶେଷତା ଦେଖିବାର ଅଛି । ସାଧାରଣତଃ ହିନ୍ଦୁ ଧର୍ମ ଦର୍ଶନରେ ଈଶ୍ୱରଙ୍କ ତିନୋଟି ରୂପରୁ ବ୍ରହ୍ମା ସ୍ରଷ୍ଟା, କିନ୍ତୁ ପ୍ରାୟ ପୂଜା ପାଆନ୍ତିନି । କେବଳ ଋଷିସମାନେ ବରପ୍ରାପ୍ତି ପାଇଁ ତାଙ୍କୁ ପୂଜା କରିଥାନ୍ତି । ଅନ୍ୟ ଦୁଇ ରୂପ ଶିବ ଓ ବିଷ୍ଣୁ ବହୁଳ ଭାବେ ପୂଜିତ । ବିଷ୍ଣୁ ବିଶ୍ୱର ରକ୍ଷାକର୍ତ୍ତା, ଶିବ ଧ୍ୱଂସକର୍ତ୍ତା । ନୀଳକଂଠଂକ ଲେଖାରେ ବିଧାତା ବିଶ୍ୱପୁରୁଷ ବା ବିଶ୍ୱାତ୍ମା ଶବ୍ଦ ବହୁଳ ଭାବେ ପ୍ରଯୁକ୍ତ ହୋଇଛି । ବିଶ୍ୱବିନାଶକୁ ନୀଳକଂଠ ଜୋର୍ ଦେବା ସହିତ ଯଜ୍ଞର ମହତ୍ତ୍ୱ ମଧ୍ୟ ପ୍ରତିପାଦନ କରିଛନ୍ତି । ପାରମ୍ପରିକ ଧାରଣାରେ ବ୍ରହ୍ମାଙ୍କର ଯଜ୍ଞ ସହ ସମ୍ପର୍କ ସୁପ୍ରତିଷ୍ଠିତ । ନୀଳକଂଠଂକ ଲେଖା ପାଠକଙ୍କ ମନରେ ବିଧାତା ଓ ଯଜ୍ଞ ଶବ୍ଦ ଗୁଡ଼ିକ ପ୍ରତି ଅନୁରାଗ (Proattitude) ସୃଷ୍ଟି କରିବାକୁ ସକ୍ଷମ ହୋଇଛି ।

ନୀଳକଂଠଂକ ଦର୍ଶନରେ ଜର୍ମାନ ଦାର୍ଶନିକ ହେଗେଲ୍ଙ୍କ ଓ ଭାରତୀୟ ଦାର୍ଶନିକ ରାମାନୁଜାଚାର୍ଯ୍ୟଙ୍କ ପ୍ରଭାବ ମଧ୍ୟ ପରିଲକ୍ଷିତ ହୁଏ । ଗୀତା ଭାଷ୍ୟରେ ତିଳକଙ୍କ ପରି କର୍ମ ପ୍ରତ୍ୟୟକୁ ମୁଖ୍ୟ କରି ନୀଳକଂଠ ତାଙ୍କର ଭାଷ୍ୟ ଲେଖିଛନ୍ତି । ବିଶ୍ୱର ଆତ୍ମା ବିଶ୍ୱାତ୍ମା ନକହି ବିଶ୍ୱହିଁ ଆତ୍ମା ବିଶ୍ୱାତ୍ମା ବୋଲି ନୀଳକଂଠ ତାଙ୍କ ଦର୍ଶନରେ ଅର୍ଥ କରିଥିବା ପରେ ଜଣା ପଡ଼ୁଚି । ନିଶ୍ଚିତ ଭାବେ ଏହା ଏକ ପ୍ରକାର Pantheisn ବା ସର୍ବେଶ୍ୱର ବାଦ । [୧୦] ସମଗ୍ର ବିଶ୍ୱକୁ ବିଶ୍ୱାତ୍ମାଙ୍କ ବିକାଶ କିମ୍ବା ପ୍ରକାଶ ବୋଲି ଗ୍ରହଣ କଲେ ପ୍ରତ୍ୟେକ ଜିନିଷର ଅସ୍ତିତ୍ୱର ଯଥାର୍ଥ୍ୟ ସ୍ୱୀକୃତ ହୋଇଯାଏ । ଏପରି ମତ ଗ୍ରହଣ କଲେ କୌଣସି ଜିନିଷକୁ ଭଲ ଖରାପ, ସୁନ୍ଦର ଅସୁନ୍ଦର, ବୋଲି ବିଗ୍ଭର କରିବାର ଆବଶ୍ୟକତା ରହେ ନାହିଁ ଓ ଏକ ପ୍ରକାର କାରଣ ତନ୍ତ୍ରବାଦ ( Determinism ) ଓ ରକ୍ଷଣଶୀଳତା ( Conservatism ) ଦୃଷ୍ଟିକୋଣ ଗ୍ଭଲିଆସେ । କର୍ମ ଉପରେ ନୀଳକଂଠ ଗୁରୁତ୍ୱ ଦେଇଥିବାରୁ କାରଣ ତନ୍ତ୍ରବାଦ ଓ ରକ୍ଷଣଶୀଳତାର କର୍ମ ପ୍ରତ୍ୟୟ ସହ ଅନ୍ତର୍ନିହିତ ବିବାଦ ମଧ୍ୟ ବିଗ୍ଭର୍ଯ୍ୟ । ନୀଳକଂଠ ଦର୍ଶନର ତତ୍ତ୍ୱମୀମାଂସକମାନେ ଏକଥା କରିବେ ।



Digitized by PPRACHIN, SOA

## ଟିପ୍‌ପଣୀ


୧ । ପଣ୍ଡିତ ନୀଳକଂଠ ଦାସ,**ଶ୍ରୀମଦ୍ ଭଗବଦ୍‌ଗୀତା,**
ଦ୍ୱିତୀୟ ସଂସ୍କରଣ ମୁଖବନ୍ଧ ପୃଷ୍ଠା ୧୮-୨୧ ।
[ପ୍ରକାଶକ,କଟକ,ନଉ ଷ୍ଟୁଡେଣ୍ଟସ୍ ଷ୍ଟୋର,୧୯୬୮]

୨ । ,, **ଶ୍ରୀମଦ୍ ଭଗବଦ୍‌ଗୀତା,** ପୃଷ୍ଠା ୫୮-୫୯ ।

୩ । ,, **ଗୀତା ପ୍ରବେଶ** ।

୪ । ,, **ଋଗ୍‌ବେଦ** ୧. ୧୦୪. ୧୦, ଦେଖ ପୃ. ୮୯-୯୦

୫ । ,, ଶ୍ରୀମଦ୍ ଭଗବତ୍ ଗୀତା ପୃଷ୍ଠା ୧୨୭-୧୨୮ ।

୬ । ,, ,, ଗୀତା, ୩ୟ ଅଧ୍ୟାୟ ପୃଷ୍ଠା ୯୮-୯୯ ।

୭ । ,, ,, ,, ପୃଷ୍ଠା ୮୮-୯୩ ।

୮ । ,, ,, ,, ପୃଷ୍ଠା ୩୯୪-୩୯୫ ।

୯ । ,, ,, ,, ପୃଷ୍ଠା ୩୯୫ ।



ପ୍ରଫେସର, ଦର୍ଶନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୪


—୦—



Digitized by PPRACHIN, SOA

# ଦାର୍ଶନିକ ଦୃଷ୍ଟିଭଙ୍ଗୀ
# ଓ
# ପଣ୍ଡିତ ନୀଳକଣ୍ଠ

**ଶ୍ରୀ ଚନ୍ଦ୍ରଶେଖର ରଥ**

ଜଗତ୍‌ରେ ଦୃଶ୍ୟଭାଗ ଏବଂ ଦ୍ରଷ୍ଟାଭାଗ ପରସ୍ପରର ପରିପୂରକ ଅଥଚ ସ୍ୱତନ୍ତ୍ର । ଦୃଶ୍ୟଭାଗ ଜଡ଼, ଚେତନ କିମ୍ବା ଉଭୟର ସମାହାର ହୋଇପାରେ । କିନ୍ତୁ ଦ୍ରଷ୍ଟାଭାଗ କେବଳ ଚେତନ ! ଦୃଶ୍ୟମାନ ଜଗତର ବିବିଧତା, ତାରତମ୍ୟ, ବର୍ଣ୍ଣ ଏବଂ ଆକାର ସଂବନ୍ଧରେ ଜାଣିବାକୁ ଦ୍ରଷ୍ଟା ଯେଉଁ ଉପାୟ ଅବଲମ୍ବନ କରେ, ତାହା ଦୃଷ୍ଟି । ଦୃଷ୍ଟିର ପରିବର୍ତ୍ତନ ହେଲେ ଦୃଶ୍ୟ ମଧ୍ୟ ପରିବର୍ତ୍ତିତ ହୋଇଯାଏ । ଏଣୁ ଗୋଟିଏ ବସ୍ତୁ ବିଭିନ୍ନ ଦୃଷ୍ଟି କୋଣରୁ ବିଭିନ୍ନ ରୂପରେ ପ୍ରତିଭାତ ହୁଏ । ରୂପ ସହିତ ନାମର ସଂପର୍କ ରହିଥିବାରୁ ଗୋଟିଏ ବସ୍ତୁ ଅଥବା ବ୍ୟକ୍ତି ଅନେକ ରୂପରେ ପ୍ରତୀୟମାନ ହୋଇ ଅନେକ ନାମରେ ନାମିତ ହୋଇଥାଏ । ସେଥିପାଇଁ ବହୁରୂପୀ ଏକକ ବସ୍ତୁକୁ ବିଭିନ୍ନତାର ଜାଲ ଭେଦକରି ଆବିଷ୍କାର କରିବାକୁ ପ୍ରୟାସ କରିଯାଏ । ବାଗ୍‌ରମ୍ଭଣମ୍ ବିକାରୋ,ମୃତ୍ତିକା ନାମଧେୟମ୍ ଇତିଏବ ସତ୍ୟ ଯେ କୌଣସି ସହସ୍ର ନାମରେ ନାମିତ ହେଉଥିବା ଏବଂ ତଦନୁପାତକ ସହସ୍ର ରୂପରେପ୍ରତିଭାତ ହେଉଥିବା, ମୃତ୍ତିକା ନୁହେଁ, ମୃତ୍ତିକା ନାମଧେୟ ବସ୍ତୁଟି ସତ୍ୟ । ଗୋଟିଏ ବ୍ୟକ୍ତି ଭିନ୍ନ ଭିନ୍ନ ଦୃଷ୍ଟିରୁ କାହାର ବାପ ତ କାହାର ପୁଅ, କାହାର ମାତୁଳ ତ କାହାର ଭାଇ । କେତେବେଳେ ଶ୍ରୋତା, କେତେବେଳେ ବକ୍ତା, ଜେତା ଅଥବା ବିଜେତା । ତାର ନାମ, ରୂପ, ଭୂମିକା ଦୃଶ୍ୟମାନ । ଏ ସମସ୍ତ ବିଭିନ୍ନତା ଯଦି ତା'ର ସ୍ୱରୂପ ନୁହେଁ, ତେବେ ତାର ସତ୍ୟ ରୂପଟି କ'ଣ ?— ରୂପ ଗୁଣ ବିବର୍ଜିତ ହୋଇଗଲେ ବସ୍ତୁ ବା ବ୍ୟକ୍ତିର ଅତିରିକ୍ତ ସତ୍ତା କିଛି ରହେ କି ନାହିଁ ? ଯଦି ରହେ ତାହା କ'ଣ ଆଉ ଏକ ରୂପଭଳି ଦ୍ରଷ୍ଟବ୍ୟ ନା ନୁହେଁ ? ଯଦି ଦ୍ରଷ୍ଟବ୍ୟ, ତେବେ ସେ କିଭଳି ଦୃଷ୍ଟି ? ମଣିଷ ଏକ ମନସ୍କ ପ୍ରାଣୀ ରୂପେ ଏ

Digitized by PPRACHIN, SOA

ପୃଥିବୀରେ ବଞ୍ଚିବା ଦିନଠାରୁ ଏ ପ୍ରଶ୍ନରାଶି ତାକୁ ଆଲୋଡ଼ିତ କରି ଆସିଛି ଏବଂ ଏ ଯାବତ୍ ସେ ସତ୍ୟର ସନ୍ଧାନ କରିଆସିଛି । ଅବଶ୍ୟ ଏଠାରେ ମନେ ରଖିବାକୁ ହେବ ଯେ ମାନବ ମାନେ ମନସ୍କ ହୋଇ ପାରନ୍ତି, କିନ୍ତୁ ସତ୍ୟ ସନ୍ଧାନର ଦୁର୍ଗମ ପଥ ମାତ୍ର କେତେ ଜଣଙ୍କ ଦ୍ୱାରା ଅନୁସୃତ ହୁଏ । ମନୁଷ୍ୟାଣାଂ ସହସ୍ରେଷୁ କଶ୍ଚିଦ୍ୟତତି ସିଦ୍ଧୟେ, ଯତତାଂ ଅପି ସିଦ୍ଧାନାଂ କଶ୍ଚିନ୍ ମାଂ ବେତ୍ତି ତତ୍ତ୍ୱତଃ ।

ଦ୍ରଷ୍ଟା ଦେଖେ ସତ, କିନ୍ତୁ ତା'ର ସ୍ଥାନ, କାଳ, ଓ ମାନସିକତା ଉପରେ ତା'ର ଦୃଷ୍ଟିଭଙ୍ଗୀ ନିର୍ଭର କରେ । ଏଣୁ ଭୂମିରେ ଠିଆ ହୋଇ ଦେଖିଲେ ରାସ୍ତା ଯେପରି ଦେଖାଯାଏ, ଛାତ ଉପରୁ ତାହା ଅନ୍ୟ ପ୍ରକାର ଦେଖାଯାଏ । ଦ୍ୱିପ୍ରହର ବେଳେ ଗୋଟିଏ ରୂପ ତ, ସନ୍ଧ୍ୟାରେ ଗୋଟିଏ—ମୋଟ ଉପରେ ରୂପ ଏକ ପ୍ରବାହ, କାଳ ସ୍ଥାନ ବ୍ୟକ୍ତି ଏକେ ଏକେ ପ୍ରବାହ । ମାନସିକତା ମଧ୍ୟ ସଦାଚଞ୍ଚଳ ଓ ଭାସମାନ । ଏଣୁ କ୍ଷୁଧିତ କ୍ରୁଦ୍ଧ ବ୍ୟକ୍ତିକୁ ଯାହା ଦିଶେ, ସେ ଶାନ୍ତ ସନ୍ତୁଷ୍ଟ ଥିଲେ ତାହା ଦିଶନ୍ତା ନାହିଁ । ତାର ମାନସିକ ଅବସ୍ଥା ଉପରେ ଦୃଷ୍ଟିର ପରିବର୍ତ୍ତନ ହୋଇଯାଏ । ତେବେ ଦୃଷ୍ଟିକୁ ସ୍ଥାନ କାଳ ବ୍ୟକ୍ତି ନିରପେକ୍ଷ କରିହେବ କି ନାହିଁ ? ଏ ଦିଗରେ ମୁଖ୍ୟତଃ ଦୁଇ ପ୍ରକାର ପ୍ରୟାସ ହୋଇଥିବାର ଦେଖାଯାଏ । ଗୋଟିଏ ବସ୍ତୁନିଷ୍ଠ ବୈଜ୍ଞାନିକର ପ୍ରୟାସ, ସେ ବସ୍ତୁମାତ୍ରକୁ ସ୍ୱୀକାର କରେ । ବସ୍ତୁକୁ ବସ୍ତୁରେ ପରୀକ୍ଷା କରେ, ଏବଂ ଯଥା ସମ୍ଭବ ନିରପେକ୍ଷତା ରକ୍ଷାକରେ । ବସ୍ତୁର ଲକ୍ଷଣ ,ଆଚରଣ, ଏବଂ ବେଳେବେଳ ସ୍ୱଭାବ ବା ଧର୍ମ ନିରୂପଣ କରେ । ସେ ଯଥା ସମ୍ଭବ ଅସମ୍ପୃକ୍ତ ରହି କେବଳ ଦେଖେ ଏବଂ ପରୀକ୍ଷା ଦ୍ୱାରା ପ୍ରମାଣ କରେ । ସେ ବୁଝାଇ ଦେଇପାରେ କିପରି ଅଗ୍ନିଶିଖା ଊର୍ଦ୍ଧ୍ୱକୁ ଜଳେ ଏବଂ ଜଳଧାରା ନିମ୍ନକୁ ପ୍ରବାହିତ ହୁଏ । କୌଣସି ଘଟଣା ପ୍ରବାହକୁ ତଟସ୍ଥ ରହି ସେ ଜାଣିବାକୁ ଚାହେଁ କିପରି ତାହା ଘଟୁଛି । କିନ୍ତୁ କାହିଁକର ଉତ୍ତର ତା' ପାଖରେ ନାହିଁ । କାହିଁକି ବୋଲି ପ୍ରଶ୍ନକୁ ସେ ସ୍ୱୀକାର କରେ ନାହିଁ । କାହିଁକି ଅଗ୍ନି ଊର୍ଦ୍ଧ୍ୱଶିଖ ଏବଂ କାହିଁକି ଜଳଧାର ନିମ୍ନମୁଖୀ, କାହିଁକି ଗ୍ରହପିଣ୍ଡ ବର୍ତ୍ତୁଳ, କାହିଁକି ପୃଥିବୀ ପଶ୍ଚିମରୁ ପୂର୍ବକୁ ଘୂର୍ଣ୍ଣାୟମାନ ଏ ସମସ୍ତ ପ୍ରଶ୍ନ ତା ପାଇଁ ନିରର୍ଥକ ଏବଂ ଅଳୀକ । ଆଉ ଜଣକ ପାଇଁ ଏ କାହିଁକି ପ୍ରଶ୍ନଟି କିନ୍ତୁ ବେଶୀ ଗୁରୁତ୍ୱପୂର୍ଣ୍ଣ । ସେ ପରିଣାମ ଅପେକ୍ଷା କାରଣ ଜାଣିବାରେ ବେଶୀ ଆଗ୍ରହୀ । ସୃଷ୍ଟି ଅପେକ୍ଷା ସ୍ରଷ୍ଟା, ଦୃଶ୍ୟ ଅପେକ୍ଷା ଦ୍ରଷ୍ଟା, ତା ସକାଶେ ଅଧିକ ଜ୍ଞାତବ୍ୟ, ସେ ହେଉଛି ଦାର୍ଶନିକ । ସେ ମଧ୍ୟ ଯଥା ସମ୍ଭବ ନିରପେକ୍ଷତା ରକ୍ଷା କରି ପ୍ରତୀୟମାନତାର ବର୍ମଭେଦ କରିବାକୁ ଚେଷ୍ଟା କରେ । ତାର ସତ୍ୟ ସନ୍ଧାନରେ ବସ୍ତୁନିଷ୍ଠତା ଅପେକ୍ଷା ଭାବନିଷ୍ଠତା ବେଶୀ । ସେ ବସ୍ତୁକୁ ବସ୍ତୁରେ ଦେଖେ ନାହିଁ । ବସ୍ତୁକୁ ଏବଂ ଦୃଶ୍ୟକୁ ଅତିକ୍ରମକରି ବସ୍ତୁଭାବରେ ପ୍ରବେଶ କରେ । ଦାର୍ଶନିକ ଏହି କାରଣରୁ ତତ୍ତ୍ୱଦର୍ଶୀ । ଏ ଉଭୟ ଦୃଷ୍ଟି ଅସାଧାରଣ । ଉଭୟେ ଯଥାସମ୍ଭବ ନୈର୍ବୈକ୍ତିକ ଏବଂ ନିରପେକ୍ଷ । ଉଭୟ ନିଜ ନିଜ ଢଙ୍ଗରେ ସତ୍ୟର ସନ୍ଧାନକାରୀ ।



Digitized by PPRACHIN, SOA

ଆଉ ଗୋଟିଏ ଦୃଷ୍ଟିଭଙ୍ଗୀ ମଧ୍ୟ ଅସାଧାରଣ, ତା' ହେଲା କବିଦୃଷ୍ଟି । କବି କ୍ରାନ୍ତଦର୍ଶୀ, ଏଣୁ ତ୍ରିକାଳ ଦ୍ରଷ୍ଟା । ସେ ଯେତେବେଳେ କୌଣସି ସହସ୍ରଶୀର୍ଷା ସହସ୍ରାକ୍ଷ ପୁରୁଷର ବର୍ଣ୍ଣନା କରନ୍ତି, ତାହା ସମସ୍ତଙ୍କ ପାଇଁ ସାଧାରଣ ଭୂମିରେ ପରୀକ୍ଷିତ ଅନୁଭବ ନୁହେଁ । ତାହା ବିଚାର, ଯୁକ୍ତି କିମ୍ବା ପରୀକ୍ଷା ସାପେକ୍ଷ୍ୟ ନୁହେଁ ତାହା ଏକ ଉଦ୍ଭାସିତ ସତ୍ୟ । ଆଉ ଏକ ରାଜ୍ୟ, ଅନ୍ୟ ଏକ ଚେତନା, ଭିନ୍ନ ଏକ ଦୃଷ୍ଟିରେ ଦେଖା ଦେଇଥିବା ମହତ୍ତ୍ୱର, ବୃହତ୍ତ୍ୱର ସତ୍ୟ । ସେଥିପାଇଁ କବିଂ ପୁରାଣମ୍ ଅନୁଶାସିତାରଂ ଭଳି ବାକ୍ୟରେ ଆଦ୍ୟ ସ୍ରଷ୍ଟାଙ୍କୁ କଳ୍ପନା କରି ତାଙ୍କୁ 'କବି' ନାମରେ ନାମିତ କରାଯାଇଛି । ଦାର୍ଶନିକ ବୈଜ୍ଞାନିକ କେବଳ ଦେଖନ୍ତି, ଯାହା ପ୍ରଚ୍ଛନ୍ନ ତାକୁ ଉଦ୍‌ଘାଟନ କରନ୍ତି ଅନାବିଷ୍କୃତକୁ ଆବିଷ୍କାର କରନ୍ତି । କିନ୍ତୁ କବି ସୃଷ୍ଟି କରେ । ଯାହା ଆଦୌ ନଥିଲା ତାକୁ ସର୍ଜନା କରି ସ୍ଥାନ-କାଳିକତା ପ୍ରଦାନ କରେ ।

ଏ ତିନୋଟି ଦୃଷ୍ଟିଭଙ୍ଗୀ ଅବିମିଶ୍ର ଏବଂ ସ୍ୱତନ୍ତ୍ର ଭାବରେ ଅସାଧାରଣ । ଶିକ୍ଷା ସଂସ୍କାର ଓ ସାଧନା ଅନୁସାରେ ଯେ କୌଣସି ଗୋଟିଏ ଦୃଷ୍ଟିଭଙ୍ଗୀ ସ୍ଥିର ହୋଇ ସାଧାରଣ ବ୍ୟକ୍ତି ଜୀବନରେ ଅସାଧାରଣ ମନୀଷୀଙ୍କର ଆବିର୍ଭାବ ସଂଘଟିତ କରାଏ । କିନ୍ତୁ ତିନୋଟି ଦୃଷ୍ଟିଭଙ୍ଗୀ ସ୍ୱାଭାବିକ ଭାବରେ କୌଣସି ଗୋଟିଏ ଜୀବନରେ ସହାବସ୍ଥାନ କରିବାର ଦୃଷ୍ଟାନ୍ତ ଅତ୍ୟନ୍ତ ବିରଳ । ଓଡ଼ିଶାର ପରମ ସୌଭାଗ୍ୟ ଯେ କାଳେ କାଳେ ଏ ଭୂମିରେ ଯୁଗଙ୍କର ପୁରୁଷମାନେ ଆବିର୍ଭୂତ ହୋଇଛନ୍ତି ଏବଂ ଅସାଧ୍ୟ ସାଧନ କରିଛନ୍ତି । ଏ ଯୁଗରେ କବି ଦାର୍ଶନିକ ଏବଂ ବୈଜ୍ଞାନିକର ଦୃଷ୍ଟିକୁ ତ୍ରିନୟନପରି ଧାରଣ କରିଥିଲେ କେବଳ ପଣ୍ଡିତ ନୀଳକଣ୍ଠ । ତାହା ଏକ ଅସାଧାରଣ ସମନ୍ୱୟ ଏବଂ ଅନନ୍ୟ ।

ସତ୍ୟବାଦୀ ବନ ବିଦ୍ୟାଳୟର ପଞ୍ଚସଖାଙ୍କ ଭିତରେ ଯେଉଁ ତିନିଜଣ ପଣ୍ଡିତ ସୁଖ୍ୟାତି ଅର୍ଜନ କରିଥିଲେ ସେମାନେ ହେଲେ ସ୍ୱନାମଧନ୍ୟ ଗୋପବନ୍ଧୁ, ନୀଳକଂଠ ଏବଂ ଗୋଦାବରୀଶ । ଗୋପବନ୍ଧୁଙ୍କ କବିପ୍ରାଣ ଅଗାଧ ବିଶ୍ୱାସ ଏବଂ ତ୍ୟାଗପୂତ ସତ୍ୟନିଷ୍ଠତା, ଗୋଦାବରୀଶଙ୍କ ଆଧୁନିକ ଶିକ୍ଷା ମାଧ୍ୟମରେ ବୈଜ୍ଞାନିକ ନିରପେକ୍ଷତା ସହିତ ଭାବ ପ୍ରବଣ କବିତ୍ୱ, ସେମାନଙ୍କୁ ସ୍ୱତନ୍ତ୍ର ସମ୍ମାନର ଅଧିକାରୀ କରିପାରିଛି । କିନ୍ତୁ କେବଳ ନୀଳକଂଠ ହିଁ ବହୁଶାସ୍ତ୍ର ବିଦ୍‌ବତା ସହିତ ପ୍ରଖର ବାଗ୍ମୀତା, କୋମଳ ବିନୟସହିତ ନିର୍ମମ ଦାର୍ଶନିକତା ଏବଂ ସାମାଜିକ ସହୃଦୟତା ସହିତ କଠୋର ବୈଜ୍ଞାନିକତାର ଅପୂର୍ବ ସମନ୍ୱୟରେ ଏକ ବିସ୍ମୟକର ପ୍ରତିଭା ରୂପେ ସମସ୍ତଙ୍କୁ ଚକିତ କରିଛନ୍ତି ।

ସମାଜରେ ବହୁ କୁସଂସ୍କାର ବିରୁଦ୍ଧରେ ସ୍ୱର ଉତ୍ତୋଳନ କରିବା ପଶ୍ଚାତ୍ତରେ ରକ୍ଷଣଶୀଳ ଗୋଷ୍ଠୀକୁ ଅବଜ୍ଞା କରିବା ପଶ୍ଚାତ୍ତରେ ଯେଉଁ ଦୃଢ଼ତା ଏବଂ ସାହାସର ପରିଚୟ ମିଳେ ତାର ଭିତ୍ତିଭୂମି ହେଉଛି ଏକ ବିଚାର ନିଷ୍ଠତା । ସେଥିପାଇଁ ପ୍ରୟୋଜନ ହେଉଥିବା ମାନସିକତା ଏବଂ ଦୃଷ୍ଟିଭଙ୍ଗୀ ବୈଜ୍ଞାନିକ ।



Digitized by PPRACHIN, SOA

କାଲେଜି ଛଡ଼ାଇବା, ବନ ବିଦ୍ୟାଳୟ ପ୍ରେଷଣାଳରେ ଜାତିଭେଦକୁ ଅସ୍ୱୀକାର କରିବା ଭଳି ଅସଂଖ୍ୟ ଘଟଣା ତାଙ୍କର ବୈଜ୍ଞାନିକ ମୁକ୍ତ ଚିନ୍ତାର ସୂଚକ । କିନ୍ତୁ ତାଙ୍କ ଚରିତ୍ରରେ ବଳିଷ୍ଠତମ ଅଙ୍ଗ ହେଉଛି ନିର୍ଭିକତା । ଯେ ସତ୍ୟକୁ ସମ୍ମାନ ଦେଇ ନାହିଁ, ସାମାଜିକ, ରାଜନୈତିକ କିମ୍ବା ବୌଦ୍ଧିକ ଆଚରଣରେ ଯେ ଲାଭାଲାଭ ବିଚାର ଊର୍ଦ୍ଧ୍ୱକୁ ଯାଇ ନାହିଁ, ଯେ ସ୍ୱାର୍ଥ ସିଦ୍ଧିକୁ, ମାନ ଅପମାନକୁ, ଜୟ ପରାଜୟକୁ ତୁଚ୍ଛ ଜ୍ଞାନ କରିନାହିଁ, ସେ କଦାପି ନିର୍ଭୀକ ହୋଇ ପାରିବ ନାହିଁ । ଏଥିପାଇଁ, ଯେଉଁ ଦୃଷ୍ଟିଭଙ୍ଗୀର ପ୍ରୟୋଜନ ତାହା ଦାର୍ଶନିକ । ସେଥି ସକାଶେ ଜେଲ୍ ଭିତରେ କିମ୍ବା ବାହାରେ, ପଦବୀ ଥିବା ବେଳେ କିମ୍ବା ଯିବା ବେଳେ ପଣ୍ଡିତ ନୀଳକଂଠ ସ୍ଥିତପ୍ରଜ୍ଞ । ବହୁ ଶାସ୍ତ୍ର ଦର୍ଶୀ ପଣ୍ଡିତ ଅସଂଖ୍ୟ ପଦୋଦ୍ଧାର କରି ବହୁ ପୁଷ୍ପିତ ଭାଷଣ ଦେବାକୁ ସମର୍ଥ, କିନ୍ତୁ ସେଭଳି ଦୃଷ୍ଟି ଏବଂ ଆଚରଣ ସହଜସାଧ୍ୟ ନୁହେଁ । ଦର୍ଶନ ଶାସ୍ତ୍ର ଅଧ୍ୟୟନ କରି କିମ୍ବା ସେଥିରେ ଥିବା ନିଗୂଢ଼ ତତ୍ତ୍ୱ ମାନଙ୍କୁ ବ୍ୟାଖ୍ୟା କରି ଜଣେ ଦାର୍ଶନିକ ହୋଇପାରିବ ନାହିଁ । ସେଥିପାଇଁ ସ୍ୱାନୁଭବ ସ୍ୱକୀୟ ଆଚରଣ ଏବଂ ସ୍ୱାଭାବିକ ଦୃଷ୍ଟିଭଙ୍ଗୀ ଆବଶ୍ୟକ । ସେଭଳି ବ୍ୟକ୍ତି ମାନଙ୍କର କାୟମନୋବାକ୍ୟରେ ସମତା ରକ୍ଷା ହୋଇଥାଏ । ଗୋପବନ୍ଧୁଙ୍କ ଧର୍ମପଦ କିମ୍ବା ଗାନ୍ଧିଙ୍କ ଗୀତା ମାହାତ୍ମ୍ୟ ପଢ଼ି ସେ ଯାହା ଅନୁଭବ କଲେ ତାହା ଯେତେ ଅପ୍ରିୟ ହେଲେ ସୁଦ୍ଧା ସେ ନିଃସଙ୍କୋଚ ପ୍ରକାଶ କରିଥିଲେ ତଦ୍ୱାରା, ସେ ଦୁଇ ମହାନ୍ ବ୍ୟକ୍ତିଙ୍କ ପ୍ରତି ନୀଳକଂଠଙ୍କ ଶ୍ରଦ୍ଧା ସମ୍ମାନ ଆଦୌ ହ୍ରାସ ପାଇ ନଥିଲା । ବରଂ ତାଙ୍କ ପ୍ରତି ସେ ଶ୍ରଦ୍ଧାବାନ୍ ଥିଲେ ବୋଲି, ସେମାନଙ୍କ ମହତ୍ତ୍ୱକୁ ଅକ୍ଷୁର୍ଣ୍ଣ ରଖିବାରେ ଆଗ୍ରହୀ ଥିଲେ ବୋଲି, ସେପରି କହିଥିଲେ ।

ସେ ଧର୍ମ ବିଶ୍ୱାସୀ ଥିଲେ, କିନ୍ତୁ ଧର୍ମାନ୍ଧ କିମ୍ବା ଧର୍ମଭୀରୁ ନଥିଲେ । ଧର୍ମ ନାଁରେ ସତ୍ୟର ଅପଲାପ ତାଙ୍କର ଅସହ୍ୟ ହେଉଥିଲା । ଏଣୁ ସେ ସମଗ୍ର ଜଗନ୍ନାଥ ସଂସ୍କୃତି ଏବଂ ଗୀତାଶାସ୍ତ୍ରରେ ଶ୍ରୀକୃଷ୍ଣ ବାସୁଦେବଙ୍କ ତତ୍ତ୍ୱକୁ ବିଶଦ, ନିର୍ମମ ବ୍ୟାଖ୍ୟା କରି, ବହୁଲୋକଙ୍କ ଅପ୍ରିୟ ହେବା ସତ୍ତ୍ୱେ ସେ ତାଙ୍କ ବିଶ୍ୱାସରେ ଅଟଳ ରହିଥିଲେ । ବୈଜ୍ଞାନିକର ବିଚାରନିଷ୍ଠତା, ବେଳେ ବେଳେ ମଣିଷକୁ ଯନ୍ତ୍ରବତ୍ ଏକ ଦେଶଦର୍ଶୀ କରିଦିଏ । ବିଶ୍ୱାସରେ ବିଚାର ନଥାଏ । ଏଣୁ ପ୍ରାୟ ସବୁ ପ୍ରକାର ବିଶ୍ୱାସକୁ କେବଳ ମାତ୍ରା ଭେଦରେ ଅନ୍ଧ ବିଶ୍ୱାସ କୁହାଯାଇ ପାରେ । ଧର୍ମ ଏବଂ ଲୋକାଚାର ସମ୍ବନ୍ଧୀୟ ଅନ୍ଧ ବିଶ୍ୱାସ ଅସଂଖ୍ୟ ଏଥିରେ ସନ୍ଦେହ ନାହିଁ । କିନ୍ତୁ ବିଜ୍ଞାନ କ୍ଷେତ୍ରରେ ମଧ୍ୟ କେତେକ ରୂଢ଼ି ବିଶ୍ୱାସକୁ ଅନ୍ଧ ବିଶ୍ୱାସ ରୂପେ ଆଖ୍ୟାତ କରାଯାଇପାରେ । ଯଥା ଯେତେ ସଂସ୍କାର ସବୁ କୁସଂସ୍କାର ଏଣୁ ବର୍ଜନୀୟ । ଈଶ୍ୱର କାଳ୍ପନିକ, ଅପ୍ରାମାଣ୍ୟ, ଏଣୁ ଅବିଚାରଣୀୟ ଏବଂ ଅସତ୍ୟ । ମୋଟ ଉପରେ ଧର୍ମ ବିଷୟରେ ବିଜ୍ଞାନ କ୍ଷେତ୍ରରେ ଅନେକ ଅନ୍ଧ ବିଶ୍ୱାସ ରହିଛି । ବୈଜ୍ଞାନିକ ଦୃଷ୍ଟିଭଙ୍ଗୀ ସତ୍ତ୍ୱେ ସେଥିରେ ଯନ୍ତ୍ରବତ୍ ଆବଦ୍ଧ ନରହି ତାକୁ ଅତିକ୍ରମ କରିବା ସକାଶେ ଅସାଧାରଣ ସାମର୍ଥ୍ୟର ପ୍ରୟୋଜନ । ଦର୍ଶନର ସୂକ୍ଷ୍ମ, ଉଦାର



Digitized by PPRACHIN, SOA

ଏବଂ ବସ୍ତୁଗତ ଦୃଷ୍ଟି ନଥିଲେ ତାହା ସମ୍ଭବ ନୁହେଁ । ନୀଳକଂଠ ବିଜ୍ଞାନକୁ ସ୍ୱୀକାର କରୁଥିଲେ, ତାର ବିଚାର-ନିଷ୍ଠତାକୁ ପ୍ରୟୋଗ କରୁଥିଲେ, କିନ୍ତୁ ତାର ଦୋଷ ଏବଂ ବସ୍ତୁ ସୀମାକୁ ଦର୍ଶନରେ ଅତିକ୍ରମ କରୁଥିଲେ । ସେଥିପାଇଁ ରାଜନୀତି, ସମାଜ-ସେବା ଓ ଆନ୍ଦୋଳନ ଆଦି ଘୋର କର୍ମ ଭିତରେ ନିଃସ୍ପୃହ ଜ୍ଞାନଯୋଗୀ ପରି ସେ ସୁସ୍ଥିର ଏବଂ ପ୍ରଜ୍ଞାଦୀପ୍ତ ରହି ପାରୁଥିଲେ ।

ତାଙ୍କର ଦେଶପ୍ରେମ ଏବଂ ସାହିତ୍ୟ ପ୍ରୀତି ଅବିସମ୍ବାଦିତ । କିନ୍ତୁ ଜାତୀୟତାକୁ ମଧ୍ୟ ସେ ଅଳୀକ ଭାବପ୍ରବଣତାରୁ ମୁକ୍ତ ରଖୁଥିଲେ । ଜୟଦେବଙ୍କୁ ଓଡ଼ିଆ କହିବାରେ, କିମ୍ବା ଜଗନ୍ନାଥଙ୍କୁ ଜୈନ ଭିତ୍ତିକ କହିବାରେ ତାଙ୍କର ସ୍ୱଦେଶପ୍ରୀତି ମ୍ଳାନ ହୋଇନଥିଲା । ଧର୍ମପଦ ଭଳି କଳ୍ପନାକୁ ସେ ଇତିହାସର ଅଙ୍ଗୀଭୂତ କରିବା ସପକ୍ଷରେ ନ ଥିଲେ । ଭଂଜ ସାହିତ୍ୟରେ ପୃଥିବୀର ସକଳ ଜ୍ଞାନ ଭଣ୍ଡାର ନିହିତ ଅଛି ଭଳି ଉଦ୍ଭଟ ଉତ୍କଟ ଜାତୀୟତା ପାଇଁ ନୀଳକଂଠଙ୍କ ବିଚାରଶୀଳ ପ୍ରଜ୍ଞା ପ୍ରସ୍ତୁତ ନ ଥିଲା । ଜାତୀୟତା ଭଳି ଏକ ପ୍ରବଳ ଆବେଗ କ୍ଷେତ୍ରରେ ଭାବପ୍ରବଣତାରୁ ମୁକ୍ତ ରହିବା କେବଳ ଦାର୍ଶନିକ ପକ୍ଷରେ ହିଁ ସମ୍ଭବ ।

ଅବାସ୍ତବ, ସଂସାର ବିମୁଖ ଏବଂ ଜାଗତିକ ଦାୟିତ୍ୱବୋଧପ୍ରତି ଉଦାସୀନ ହେବା ଦାର୍ଶନିକର ଅପବାଦ । ଏ ସଂଗ୍ରାମୀ ପୁରୁଷଙ୍କର ଜୀବନ ଚରିତ ସାମାନ୍ୟ ଆଲୋଚନା କଲେ, ଏହା କିପରି ଅପ୍ରମାଣିତ ହୋଇଛି ସହଜରେ ବୁଝାପଡ଼ିଯିବ । ପରିବାର, ସମାଜ, ଦେଶ ଏବଂ ମାନବ ଜାତି ପ୍ରତି ସେ କେତେଦୂର ଦାୟିତ୍ୱ-ସଂପନ୍ନ ଥିଲେ ଏବଂ ତାଙ୍କ କର୍ତ୍ତବ୍ୟନିଷ୍ଠା ଓ ସେବାପରାୟଣତା କେତେ ଅକୁଣ୍ଠ ଥିଲା, ତାହା ସମସ୍ତଙ୍କୁ ସୁବିଦିତ । ଅବଶ୍ୟ ଏ ସମସ୍ତ ବିପୁଳ କର୍ମ ପାଇଁ ସେ ତାଙ୍କ ନିଃସ୍ପୃହ ଦାର୍ଶନିକର ଅବିଚଳିତ କେନ୍ଦ୍ରରୁ, ଦୃଢ଼ ଈଶ୍ୱର ବିଶ୍ୱାସରୁ ଶକ୍ତି ଆହରଣ କରୁଥିଲେ । ଏଣୁ ତାଙ୍କର ଦାର୍ଶନିକ ଜ୍ଞାନ ଭକ୍ତି ରସାଣିତ ଓ କର୍ମ ସଂଯୁକ୍ତ ଥିଲା । ଦାର୍ଶନିକଙ୍କର ଆଉ ଏକ ଅପବାଦ ରହିଛି ଯେ ସେମାନେ ଶୁଷ୍କତତ୍ତ୍ୱଗ୍ରାହୀ ହୋଇ ଥିବାରୁ ରସଜ୍ଞ ନୁହନ୍ତି, ତାଙ୍କର ରସବୋଧ ନାହିଁ । କିନ୍ତୁ ନୀଳକଣ୍ଠଙ୍କ ଦାର୍ଶନିକ କର୍କଶତାକୁ ମସୃଣ ଏବଂ ରସସିକ୍ତ କରିଥିଲା ତାଙ୍କ ଅନ୍ତରର କାବ୍ୟ-ପୁରୁଷ । ଦାର୍ଶନିକ, ସଂସ୍କାରକ, ଜନନେତା, ମନ୍ତ୍ରୀ ବାଚସ୍ପତି କୁଳପତି ହେବା ବାଗ୍ମୀ, ପଣ୍ଡିତ, ବୈଜ୍ଞାନିକ ହେବା ସମ୍ଭବ; କିନ୍ତୁ କବି ହେବା ଏକ ବିରଳ ଘଟଣା, କାରଣ କବି ଆବେଗାଶ୍ରୟୀ, ଏବଂ ଦର୍ଶନ ଆବେଗ ବିରହିତ । ଏ ଅପୂର୍ବ ସମନ୍ୱୟ କବିମନୀଷୀ ନୀଳକଂଠଙ୍କ କ୍ଷେତ୍ରରେ ସମ୍ଭବ ହୋଇଛି ।

ତାଙ୍କ ଜୀବନର ବିପୁଳତା ଏକ ବିଶାଳ ବଟବୃକ୍ଷପରି ବହୁଶାଖା ଉପଶାଖା ସମନ୍ୱିତ ହୋଇ ବିରାଜମାନ । କୌଣସି ଗୋଟିଏ ଦିଗରୁ ଦେଖି ତାଙ୍କୁ କଳନା କରିବା ଅସମୀଚୀନ ଓ ଅସମ୍ଭବ । ସେହି ପ୍ରାଜ୍ଞ, ପ୍ରୌଢ଼, ବରେଣ୍ୟ ପୁରୁଷଙ୍କୁ ଶ୍ରଦ୍ଧା ଜ୍ଞାପନ କରିବାହିଁ ଏ ନିବନ୍ଧର ଏକମାତ୍ର ଉଦ୍ଦେଶ୍ୟ ।

—o—



Digitized by PPRACHIN, SOA

# ପଣ୍ଡିତ ନୀଳକଂଠଙ୍କ ରଚନାରେ ଶ୍ରୀ ଜଗନ୍ନାଥ-ଚେତନାର ସ୍ୱରୂପ

ଡକ୍ଟର ବାସୁଦେବ ସାହୁ

ଶ୍ରୀ ଜଗନ୍ନାଥ ହେଉଛନ୍ତି ଓଡ଼ିଶାର ରାଷ୍ଟ୍ର ଦେବତା । ଓଡ଼ିଆମାନଙ୍କର ଜାତୀୟ - ଜୀବନ, ସାମାଜିକ ଜୀବନ, ଧର୍ମ, ସଂସ୍କୃତି ଓ ସାହିତ୍ୟ ପ୍ରଭୃତି ବହୁ ବିଶିଷ୍ଟ ବିଭାବ ଶ୍ରୀ ଜଗନ୍ନାଥଙ୍କୁ କେନ୍ଦ୍ର କରି ଗଢ଼ି ଉଠିଥିବା ସଂସ୍କୃତି ସହିତ ଓତପ୍ରୋତ ଭାବରେ ଜଡ଼ିତ । ଓଡ଼ିଶାର ସଂସ୍କୃତି କହିଲେ ମୁଖ୍ୟତଃ ଜଗନ୍ନାଥ-ସଂସ୍କୃତିକୁ ବୁଝାଏ । ଓଡ଼ିଶା ଇତିହାସର ଏକ ଉଲ୍ଲେଖ ଯୋଗ୍ୟ ଅଂଶ ଜଗନ୍ନାଥଙ୍କ ଇତିହାସ ଉପରେ ହିଁ ଆଧାରିତ । [୧] ଓଡ଼ିଶାର ବିଭିନ୍ନ ଧର୍ମ ଶ୍ରୀ ଜଗନ୍ନାଥ-ଉପାସନା - ଭିତ୍ତିକ ଧର୍ମ ଓ ସଂସ୍କୃତି ଦ୍ୱାରା ଗଭୀର ଭାବରେ ପ୍ରଭାବିତ ଓ ଶ୍ରୀ ଜଗନ୍ନାଥ ଧାମ ବିଭିନ୍ନ ଧର୍ମର ସମନ୍ୱୟ - ତୀର୍ଥ । [୨] ଭାରତର ଚତୁର୍ଦ୍ଧାମ ମଧ୍ୟରେ ଶ୍ରୀ ଜଗନ୍ନାଥ ଧାମ ଶ୍ରେଷ୍ଠଧାମ ଭାବରେ ବହୁ ଗବେଷକ ଓ ଐତିହାସିକ-ମାନଙ୍କ ଦ୍ୱାରା ବିବେଚିତ ହୋଇଛି । ଶ୍ରୀ ଜଗନ୍ନାଥ, ଶ୍ରୀ ଜଗନ୍ନାଥଙ୍କ ଧାମ ଓ ଜଗନ୍ନାଥ ଧର୍ମ ସଂପର୍କରେ ବହୁ ଓଡ଼ିଆ, ଭାରତୀୟ, ବୈଦେଶିକ ଗବେଷକ, ଐତିହାସିକ, ଦାର୍ଶନିକ ଓ ଭକ୍ତିକ ଆଲୋଚନା କରିଛନ୍ତି । ଓଡ଼ିଆ ଆଲୋଚକ-ମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଂଠ ଯେ ଶ୍ରେଷ୍ଠ, ମୁକ୍ତ କଂଠରେ ସମସ୍ତେ ସ୍ୱୀକାର କରିବେ । ଓଡ଼ିଆମାନଙ୍କ ମଧ୍ୟରେ ସେ ହିଁ ସର୍ବପ୍ରଥମେ ଶ୍ରୀ ଜଗନ୍ନାଥଙ୍କ ସଂପର୍କରେ ମୌଳିକ ଦୃଷ୍ଟିକୋଣ ନେଇ ସର୍ବାଧିକ ବ୍ୟାପକ ଆଲୋଚନା କରିଛନ୍ତି । ଏ ଆଲୋଚନାରେ ଭାବପ୍ରବଣତା ନାହିଁ, ଭକ୍ତିକ ମିଥ୍ୟା ନାହିଁ, ସଂକୀର୍ଣ୍ଣ ଆଞ୍ଚଳିକ ଜାତୀୟତାର ମୋହ ନାହିଁ, ଅଛି ଏକ ନିରପେକ୍ଷ, ସ୍ଥିତପ୍ରଜ୍ଞ, ସତ୍ୟଦର୍ଶୀ ମୌଳିକ ଚିନ୍ତକ ଓ ନିର୍ଭୀକ ସମାଲୋଚକର ଦୃଷ୍ଟିଭଙ୍ଗୀ । ସତ୍ୟର ଅନୁସନ୍ଧାନ ପାଇଁ ସେ ଭାଷାତତ୍ତ୍ୱ, ଇତିହାସତତ୍ତ୍ୱ, ସମାଜତତ୍ତ୍ୱ, ପ୍ରତ୍ନତତ୍ତ୍ୱ ଓ ଧର୍ମତତ୍ତ୍ୱ ପ୍ରଭୃତି

Digitized by PPRACHIN, SOA

ଜ୍ଞାନ - ବିଜ୍ଞାନର ଢଗ୍ ବିଢଗ୍ ପରିକ୍ରମା କରିଛନ୍ତି । ଶ୍ରୀ ଜଗନ୍ନାଥଙ୍କ ସଂପର୍କରେ ମୌଳିକ ଓ ଦାର୍ଶନିକ ତତ୍ତ୍ୱ ଏବଂ ଐତିହାସିକ ସତ୍ୟ ପରିବେଷଣ ଦୃଷ୍ଟିରୁ ପଣ୍ଡିତ ନୀଳକଂଠ ସର୍ବପ୍ରଥମ ଓ ଏ ଯାବତ୍ ସର୍ବଶ୍ରେଷ୍ଠ ବିଦ୍ୱାନ ଗବେଷକ ବୋଲି ମନେ ହୁଅନ୍ତି ।

'ଓଡ଼ିଆ ସାହିତ୍ୟର କ୍ରମ - ପରିଣାମ', 'ଶ୍ରୀମଦ୍ ଭଗବଦ୍ ଗୀତା'ର 'ଗୀତା ପ୍ରବେଶ' ଶୀର୍ଷକ ଭାଷ୍ୟ ବା ଟୀକା ଗ୍ରନ୍ଥ, ସଂସ୍କୃତ ଓ ସଂସ୍କୃତି, କଲିକତାରୁ ପ୍ରକାଶିତ ନିଖିଳ ଭାରତ ପ୍ରବାସୀ ଉତ୍କଳ ସମ୍ମିଳନ ସୋଭେନିଅର୍ ଦ୍ୱିତୀୟ ଭାଗରେ ସନ୍ନିବେଶିତ "Hints on the Significance and History of Jagannath" ଶୀର୍ଷକ ଗବେଷଣା ପ୍ରସୂତ ଇଂରାଜୀ ସନ୍ଦର୍ଭ, ସତ୍ୟବାଦୀ, ନବଭାରତ ଓ ଝଙ୍କାର ପ୍ରଭୃତି ପତ୍ରିକାରେ ପ୍ରକାଶିତ ମୂଲ୍ୟବାନ ଆଲୋଚନା ମାନଙ୍କରେ ପଣ୍ଡିତ ନୀଳକଂଠ ଓଡ଼ିଶାର ତଥା ଭାରତର ସାଂସ୍କୃତିକ ଏବଂ ସାହିତ୍ୟିକ ପୃଷ୍ଠଭୂମି ଉପରେ ଶ୍ରୀ ଜଗନ୍ନାଥ ସଂସ୍କୃତିର ବୈଶିଷ୍ଟ୍ୟ ଆଲୋଚନା କରିବାକୁ ଯାଇ ତାହାର ମୂଳଉତ୍ସ ନିର୍ଣ୍ଣୟ କରିବା ସଙ୍ଗେ ସଙ୍ଗେ ଏହାର ବିକାଶ ଧାରା ଓ ବିପର୍ଯ୍ୟୟ ଉପରେ ବ୍ୟାପକ ଆଲୋକପାତ କରିଛନ୍ତି । ଏ ସଂସ୍କୃତିର ମୌଳିକ ସ୍ୱରୂପ, ବିକାଶ ବେଳେ ଏହା ମଧ୍ୟରେ ଘଟିଯାଇଥିବା ସମ୍ମିଶ୍ରଣ ଓ ସମନ୍ୱୟ, ଏପରି ସମ୍ମିଶ୍ରଣ ଓ ସମନ୍ୱୟ ଦ୍ୱାରା ଏହାର ରୂପରେ ଦେଖା ଦେଇଥିବା ପରିବର୍ତ୍ତନ ଏବଂ ଏହି ପରିବର୍ତ୍ତନର ଭଲମନ୍ଦ ଦିଗ ସଂପର୍କରେ ତାଙ୍କର ଗବେଷଣା ଓ ଅଭିମତ ସଂପୂର୍ଣ୍ଣ ନିରପେକ୍ଷ ଓ ପାଣ୍ଡିତ୍ୟ ପୂର୍ଣ୍ଣ ।

## ପୁରୁଷୋତ୍ତମ ତତ୍ତ୍ୱ ଓ ଶ୍ରୀ ଜଗନ୍ନାଥ

ଶ୍ରୀ ଜଗନ୍ନାଥଙ୍କର ମୂଳ ସ୍ୱରୂପ ଶ୍ରୀମଦ୍ ଭଗବଦ୍ ଗୀତାର ପୁରୁଷୋତ୍ତମ ତତ୍ତ୍ୱ ଭିତରେ ନିହିତ ବୋଲି ପଣ୍ଡିତ ନୀଳକଂଠଙ୍କର ମତ । ସେ କହନ୍ତି ଗୀତାର ଶ୍ରୀ କୃଷ୍ଣ ହେଉଛନ୍ତି ପୁରୁଷୋତ୍ତମ । [୩] ଗୀତାରେ ପୁରୁଷୋତ୍ତମ ସତ୍ତାର ସ୍ୱରୂପ ସଂପର୍କରେ ଶ୍ରୀକୃଷ୍ଣ ବିଶ୍ଳେଷଣ କରିଛନ୍ତି, "ଯସ୍ମାତ୍ କ୍ଷରମତୀ ତୋଽହମକ୍ଷରାଦପି ଚୋତ୍ତମଃ/ଅତୋଽସ୍ମି ଲୋକେ ବେଦେ ଚ ପ୍ରଥିତଃ ପୁରୁଷୋତ୍ତମଃ ।" [୪] ଅର୍ଥାତ୍ କ୍ଷରରୁ ଅତୀତ, ଅକ୍ଷରରୁ ଅତୀତ, ମୁଁ ଉତ୍ତମ, ତେଣୁ ପୁରୁଷୋତ୍ତମ । ଏଠାରେ 'କ୍ଷର'ର ଅର୍ଥ ହେଉଛି 'ବ୍ୟକ୍ତ ପୁରୁଷ' ଓ ଅକ୍ଷର'ର ଅର୍ଥ ହେଉଛି 'ଅବ୍ୟକ୍ତ ପୁରୁଷ' । ନୀଳକଂଠ ଉପର ଶ୍ଳୋକରେ ଥିବା 'ଲୋକେ' ଏବଂ 'ବେଦେ' ଶବ୍ଦର ଅର୍ଥ ଦର୍ଶାଇ ଲେଖିଛନ୍ତି, "ଲୋକରେ ବୋଇଲେ ଜଗତରେ । ଜଗତ୍ ଜନଙ୍କ କଲ୍ୟାଣ ପାଇଁ ସେ ହେଉଛନ୍ତି ପୁରୁଷୋତ୍ତମ । ବେଦରେ ବୋଇଲେ ଜ୍ଞାନରେ ବା ତତ୍ତ୍ୱ ଦର୍ଶନ ହିସାବରେ ମଧ୍ୟ ସେ ହେଉଛନ୍ତି ପୁରୁଷୋତ୍ତମ ।" [୫] ତାଙ୍କ ମତରେ ଏହି ପୁରୁଷୋତ୍ତମ ପ୍ରଥମେ ଲୋକ



Digitized by PPRACHIN, SOA

ଚଳଣିରେ କୌଣସି ଉପାସ୍ୟ ଦେବତା ଥିଲେ । ପରେ ଜ୍ଞାନ ରାଜ୍ୟ ଅଧିକାର କଲେ । 'ପୁରୁଷ' ଶବ୍ଦର ବ୍ୟୁତ୍ପତ୍ତି ଦର୍ଶାଇବାକୁ ଯାଇ ସେ ଲେଖିଛନ୍ତି ଯେ ଆଦି ପୁରୁଷ ବା ବିଶ୍ୱାତ୍ମା ଯେହେତୁ ସବୁ ପାପ ଦଗ୍‌ଧ କରି ନିଷ୍କଳଙ୍କ ହୋଇଥିଲେ, ସେହି ହେତୁ ତାଙ୍କର ନାମ ହୋଇଥିଲା 'ପୁରୁଷ' — "ପୂର୍ବଂ ଔଷତ୍ ପୁରୁଷ ।" [୭] ଏହି ଦୃଷ୍ଟିରୁ ଦେଖିଲେ ନୀଳକଂଠ ଭଗବାନଙ୍କର ଶ୍ରେଷ୍ଠ ବା ଉତ୍ତମ ବ୍ୟକ୍ତିତ୍ୱକୁ ହିଁ ପୁରୁଷୋତ୍ତମ ଭାବରେ ଗ୍ରହଣ କରିଥିବା ମନେହୁଏ । ଭକ୍ତ ବେଦାନ୍ତ ସ୍ୱାମୀ ପ୍ରଭୁପାଦ ମଧ୍ୟ ତାଙ୍କର 'Krsna, the supreme Personality of god-head' ଗ୍ରନ୍ଥରେ 'ପୁରୁଷୋତ୍ତମ' ଶବ୍ଦର ଠିକ୍ ଏହିଭଳି ବ୍ୟାଖ୍ୟା କରିଛନ୍ତି । [୭]

ନୀଳକଂଠ ପୁଣି କହନ୍ତି 'ଶ୍ରୀମଦ୍ ଭଗବଦ୍ ଗୀତା' ରଚନା ସମୟକୁ କୃଷ୍ଣ, ବିଷ୍ଣୁ ଓ ଈଶ୍ୱର ସମସ୍ତେ ଏକ ହୋଇ ଜଗନ୍ନାଥ ଭୂମିର ପୁରୁଷୋତ୍ତମ ରୂପେ ପ୍ରତିଷ୍ଠାଲାଭ କରି ସାରିଥିଲେ । ଏହି ଜଗନ୍ନାଥ ଭୂମିର କୌଣସି ପୁରୁଷୋତ୍ତମ ସେତେବେଳକୁ ଲୋକ ଚଳଣିରେ ଉପାସ୍ୟ ଦେବତା ଭାବରେ ପ୍ରସିଦ୍ଧି ଲାଭ କରିଥିଲେ । [୮] ଓଡ଼ିଆମାନେ ହିଁ ବେଦର ବିଷ୍ଣୁଙ୍କୁ ଗୀତାର ପୁରୁଷୋତ୍ତମ କୃଷ୍ଣରେ ପରିଣତ କରିଛନ୍ତି । ଗୀତାର ଏହି କୃଷ୍ଣ ହିଁ ଜଗତ୍ ଜନଙ୍କ ହିତପାଇଁ ଲୋକରେ ଉପାସ୍ୟ ଦେବତା ରୂପେ ପ୍ରତିଷ୍ଠା ଲାଭକରି ଓଡ଼ିଶାର ପୁରୁଷୋତ୍ତମ କ୍ଷେତ୍ରର ପୁରୁଷୋତ୍ତମ ବା ଜଗନ୍ନାଥରେ ପରିଣତ ହୋଇଛନ୍ତି । ଏହି ଜଗନ୍ନାଥ ମହାଭାରତର ଶାନ୍ତି ପର୍ବରେ ନାରାୟଣ ରୂପରେ ପରିଚିତ ହୋଇଛନ୍ତି । [୯] ଜଗନ୍ନାଥଙ୍କର କ୍ଷେତ୍ର ପୁରୁଷୋତ୍ତମ କ୍ଷେତ୍ର ଭାବରେ ଓ ନିଜେ ପୁରୁଷୋତ୍ତମ ଭାବରେ ଏ ପର୍ଯ୍ୟନ୍ତ ସର୍ବଜନ - ବିଦିତ । 'ପୁରୁଷୋତ୍ତମ' ଏବଂ 'ଜଗନ୍ନାଥ' ଏ ଦୁଇଟି ଶବ୍ଦ ଓଡ଼ିଶାରେ ଅତି ପ୍ରାଚୀନ କାଳରୁ ବ୍ୟବହୃତ ହୋଇ ଆସୁଅଛି ।

ପୁରୁଷୋତ୍ତମ - ଚେତନାର ସେ ଚମତ୍କାର ତାତ୍ତ୍ୱିକ ବ୍ୟାଖ୍ୟା କରିଛନ୍ତି । ତାଙ୍କ ମତରେ ପୁରୁଷୋତ୍ତମ - ଚେତନାରେ ପୁରୁଷ - ଚେତନା ପରାନୁରକ୍ତି ପାଇଁ ମହାନ୍, ବ୍ୟାପକ, ବିଶାଳ ଓ ଊର୍ଦ୍ଧ୍ୱାୟିତ ହେବାକୁ ଚାହେଁ । ଜଗନ୍ନାଥ ଧର୍ମର ପୁରୁଷୋତ୍ତମ - ଚେତନା ଭିତରେ ରହିଛି ବିଶ୍ୱୈକ ପ୍ରାଣତା, ବିଶ୍ୱପୁରୁଷ, ଅନନ୍ତ ପୁରୁଷ ସତ୍ତ୍ୱର ନିର୍ଯ୍ୟାସ । ଜଗନ୍ନାଥ ଧର୍ମରେ ଉପାସ୍ୟ ପାଖରେ ଉପାସକର ଆତ୍ମସମର୍ପଣ ତତ୍ତ୍ୱଟିକୁ ସେ ବିଶ୍ଳେଷଣ କରି କହିଛନ୍ତି— ଉପାସ୍ୟ ଦେବତା ବା ଈଶ୍ୱରରେ ଗୁଣ ଓ ଶକ୍ତିର ଆରୋପ କରି ତାହାର ଗାନ କରିବା ହେଉଛି ଭଜନ, ସ୍ତବ, ସ୍ତୁତି ବା ଉପାସନା । ଏହା ପ୍ରାକୃତ ଧର୍ମ, ଜଗନ୍ନାଥ ଧର୍ମ ଏହି ପ୍ରାକୃତ ଧର୍ମଠାରୁ ଭିନ୍ନ । ଜଗନ୍ନାଥ ଧର୍ମରେ ଉପାସନା କହିଲେ ଉପାସ୍ୟରେ ଆରୋପିତ ଗୁଣ ବା ଶକ୍ତିର ଯଶୋଗାନ ନୁହେଁ, ଉପାସ୍ୟର ପାଖରେ ରହିବା ପରି ବିଗ୍ରହ



Digitized by PPRACHIN, SOA

ତନ୍ମୟ ହେବାର ନିରନ୍ତର ପ୍ରଯତ୍ନ । ଏ ପ୍ରଯତ୍ନରେ ଆତ୍ମାର ବନ୍ଧନ ଫିଟିଯାଏ ଓ ଏହା କ୍ରମେ ମୁକ୍ତ ବା ନିର୍ବାଣ ଅଭିମୁଖୀ ହୁଏ । ନିଜ ଆତ୍ମା ପୁରୁଷର ସୁଖ ପାଇଁ ଭୋଗ ବା ଲାଳସା ଜାଗ୍ରତ ହୁଏ ନାହିଁ । ସେ 'ପୁରୁଷୋତ୍ତମ' ଶବ୍ଦଟିର ଐତିହାସିକ ଓ ଦାର୍ଶନିକ ବିଶ୍ଳେଷଣ କରି ଦର୍ଶାଇଛନ୍ତି ଯେ 'ପୁରୁଷ' ଆତ୍ମା ସୁଖଠାରୁ ଅର୍ଥାତ୍ ନିଜର ବ୍ୟକ୍ତିଗତ ସୁଖ ସମ୍ଭୋଗଠାରୁ ମୁକ୍ତ ହେଲେ ଓ ନିଜର ପରିବେଶରେ ଥିବା ପରିବାର, ଗ୍ରାମାଦି ପାଇଁ ଆତ୍ମୋତ୍ସର୍ଗ କଲେ ହୋଇଯାଏ 'ପୁରୁଷୋତ୍ତମ' । କ୍ରମଶଃ ଦେଶାତ୍ମବୋଧ ଓ ବିଶ୍ୱୈକପ୍ରାଣତାରେ ଆତ୍ମା ପୁରୁଷ ତନ୍ମୟ ହେଲେ ହୋଇଯାଏ ଶ୍ରେଷ୍ଠ ପୁରୁଷ ବା 'ପୁରୁଷୋତ୍ତମ' । ପୁରୁଷୋତ୍ତମ ଚେତନାରେ ପୁରୁଷ ଓ ଜଗତ୍ ଅଭିନ୍ନ । ତେଣୁ ପୁରୁଷୋତ୍ତମ ବା ପୁରୁଷ ନାଥର ଅର୍ଥ ହେଉଛି ଜଗତ୍‌ନାଥ 'ଜଗନ୍ନାଥ' । 'ଜଗନ୍ନାଥ' କହିଲେ ଜଗତର ପ୍ରଭୁ ବା ନିଗ୍ରହାନୁଗ୍ରହ ସମର୍ଥ ବିଭୂତିମନ୍ତ ବିଭୁ ନୁହଁନ୍ତି, ଜଗତ୍ ରୂପକ ପୁରୁଷର ଉତ୍ତମ ବା ଶ୍ରେଷ୍ଠ ସ୍ୱରୂପ । ସେହି ଜଗତ୍ ସ୍ୱରୂପ ପୁରୁଷର ବା ପୁରୁଷୋତ୍ତମର ସୁଖ-ଦୁଃଖରେ ନିଜେ ସମସୁଖୀ-ଦୁଃଖୀ ହୋଇ ପାରିଲେ ଅର୍ଥାତ୍ ସମଗ୍ର ବିଶ୍ୱର ଅନୁଭବ ସଙ୍ଗରେ ନିଜର ଅନୁଭବକୁ ସମୀକୃତ କରିପାରିଲେ ହିଁ ହେବ ଜଗନ୍ନାଥ ଙ୍କର ପ୍ରକୃତ ଉପାସନା । ନିଜର ସୀମିତ ବା ବ୍ୟକ୍ତି କର୍ମକୁ ଜଗତ୍ - ପୁରୁଷ ଚେତନାରେ ଉଦ୍‌ବୃଦ୍ଧ କରି ଜଗତ୍ ପାଇଁ ଉତ୍ସର୍ଗ କରିବା ହିଁ ଜଗନ୍ନାଥ-ଧର୍ମ । ଜଗନ୍ନାଥ ଧର୍ମରେ ଅନୁପ୍ରାଣିତ ହେଲେ ଜନତା ବା ଜଗତର ସେବା ଲାଗି ପ୍ରୟୋଜନ ହେଉଥିବା ଯେ କୌଣସି କାର୍ଯ୍ୟକୁ ଘୃଣ୍ୟ କାର୍ଯ୍ୟ ବୋଲି ବିବେଚନା କରିବାର ଅବକାଶ ରହେ ନାହିଁ । (୧୦) ସେହି ହେତୁ ଓଡ଼ିଆ ଜାତିର ମଉଡ ମଣି ମଣିଷ ଗଜପତି ଜଗତ୍-ପୁରୁଷର ଶ୍ରେଷ୍ଠ ସ୍ୱରୂପ ଜଗନ୍ନାଥଙ୍କର ସେବକ ବା ନିଯୋଗ ଭାବରେ ହାଡ଼ିର କାର୍ଯ୍ୟ ଛେରା ପହଁରା କରିବାକୁ କୁଣ୍ଠାବୋଧ ନକରି ବରଂ ପରମ ଗୌରବ ବୋଲି ମନେ କରନ୍ତି । (୧୧)

ପୁଣି ସେ ଜୀବକୁ 'ପୁରୁଷ' ଓ ଅଜୀବକୁ 'ପ୍ରକୃତି' ଭାବରେ ଗ୍ରହଣ କରି 'ପୁରୁଷୋତ୍ତମ-ଚେତନା'ର ଠିକ୍ ଏହିପରି ସ୍ୱରୂପ ବିଶ୍ଳେଷଣ କରିଛନ୍ତି— "ଏଇ ଜୀବ ହେଉଛି ପୁରୁଷ । ଏହାରି ତୃଷ୍ଣାର ତୃପ୍ତି ସାଧନା ବା ଭୋଗପାଇଁ ଅଜୀବ ବା ପ୍ରକୃତିର ପ୍ରୟୋଜନ । ଏଇ ତୃଷ୍ଣାର ଗଣ୍ଠି ଛିଣ୍ଡାଇବାକୁ ହେବ । କିପରି ? ଅନ୍ୟର ଭୋଗାଧାନକୁ ଚାହିଁଲେ ନିଜର ତୃଷ୍ଣା ବିସ୍ତୀର୍ଣ୍ଣ ହୋଇ କ୍ରମେ ଛିଡ଼ିଯାଏ । ଏହାଇ ଜୀବର ଅନୁଭବ । ସେଥିରେ ମୈତ୍ରୀ ବା ଅନ୍ୟ ପ୍ରତି ସମଭାବ ହୁଏ । ଏହାଇ ପୁରୁଷର ବିସ୍ତାର ଓ ତୃଷ୍ଣା ଛିଣ୍ଡାଇବାର ଗତି । ଦେଖ, ମୋ ଆତ୍ମାପୁରୁଷର ତୃପ୍ତି ପାଇଁ ମୁଁ ଭୋଗ ଚାହେଁ । ମାତ୍ର ପରିବାରର ଭୋଗରେ ମୋର ଆତ୍ମା ତୃପ୍ତ ହୁଏ । ପରିବାର ସୁଖୀ ହେଲେ ମୋ ଦୁଃଖ ମୋତେ ବାଧେ ନାଇ— ମୁଁ ସୁଖୀ ହୁଏ । ଏଥିରେ ପରିବାର - ପୁରୁଷର ମୁଁ ଉପାସନା କରେ— ଅର୍ଥାତ୍ ତାଙ୍କୁଇ ଆଗରେ ରଖି ସେଥିରେ ତନ୍ମୟ ହୋଇଯାଏ । ଏହାଇ ଉପାସନା । ସେଇପରି



Digitized by PPRACHIN, SOA

ଦେଶବାସୀଙ୍କ ସୁଖକୁ ଆଗରେ ରଖି ବା ଧ୍ୟାନରେ ସେ ଦେଶ - ପୁରୁଷ ସଙ୍ଗେ ତନ୍ମୟ ହୋଇ ମୁଁ ଦେଶ ପାଇଁ ଜେଲ ଯାଏ, ଫାଶି ପାଏ । ସେଥିରେ ମୋର ଆତ୍ମା ପୁରୁଷ ଦେଶରେ ବ୍ୟାପ୍ତ ହୋଇଯାଏ । ଏହା ଦେଶମୈତ୍ରୀ । ଆହୁରି ବିସ୍ତୀର୍ଣ୍ଣ ହେଲେ— ସାରା ଜଗତର ମଙ୍ଗଳ ହେଲେ ମୋ ଆତ୍ମାର ତୃପ୍ତି । ଏହାଇ ଜଗତ୍ ପୁରୁଷ ବା ଜଗନ୍ନାଥର ଉପାସନା । ଏହି ଜଗତ୍ ପୁରୁଷ ହିଁ ସବୁ ପୁରୁଷଠାରୁ ବଡ଼— ପୁରୁଷୋତ୍ତମ । ଏହି ପୁରୁଷୋତ୍ତମରେ ତନ୍ମୟ ହୋଇ ପାରିଲେ ମନୁଷ୍ୟର ସବୁ ତୃଷ୍ଣାର ଗଣ୍ଠି ଛିଡ଼ିଯାଏ । (୧୨)

ସେ ପୁଣି 'ପୁରୁଷ'କୁ କ୍ଷୟ ସତ୍ତା ବା ବିକାର ସତ୍ତା ଭାବରେ ଓ 'ପୁରୁଷୋତ୍ତମ'କୁ ଅକ୍ଷୟ ସତ୍ତା, ନିତ୍ୟ ସତ୍ତା ବା ବିକାରହୀନ ସତ୍ତା ଭାବରେ ଗ୍ରହଣ କରିଛନ୍ତି । ଜଣେ ପୁରୁଷୋତ୍ତମ- ଚେତନାରେ ଅନ୍ୱିତ ହେଲେ ସମଗ୍ର ଜଗତ୍- ପୁରୁଷ ମଧ୍ୟରେ ତନ୍ମୟ ବା ଏକ ହୋଇଯାଏ । ସବୁବେଳେ ସେ ଅନୁଭବ କରେ- 'ସୋଽହମ୍ ସତ୍ତ୍ୱ' (୧୩) ଏହି ପୁରୁଷୋତ୍ତମ- ଚେତନା ବା ଜଗନ୍ନାଥ ଚେତନାରେ ଅନୁପ୍ରାଣିତ ହେଲେ ଜନତାର ସେବା ଲାଗି ପ୍ରୟୋଜନ ହେଉଥିବା ଯେ କୌଣସି କାର୍ଯ୍ୟ ସାଧନ ପାଇଁ ଯେତେ ବଡ କ୍ଷମତା ବା ପଦବୀରେ ଥିବା ମଣିଷ କୁଣ୍ଠାବୋଧ କରେ ନାହିଁ । ସମାଜର ମୁଖ୍ୟ ଲୋକେ, ରାଜା-ମହାରାଜାମାନେ ଜଗତ-ପୁରୁଷର (ମାନବ ସମାଜର) ସେବା କରି ଜଗନ୍ନାଥ ଧର୍ମର ଯଥାର୍ଥ ଉପାସନା-ଆଦର୍ଶ ଦେଖାଇବା ଆବଶ୍ୟକ ବୋଲି ଓଡ଼ିଆ ଆହ୍ୱାନ ଦେଇଛି ।

ଉପର୍ଯ୍ୟୁକ୍ତ ନିତ୍ୟ ସତ୍ତାରେ ଉଦ୍‌ବୁଦ୍ଧ ମଣିଷ ଯେତେବେଳେ ସମଗ୍ର ବିଶ୍ୱ- ମାନବ ପାଇଁ ଅନାସକ୍ତ କର୍ମ ବା କର୍ତ୍ତବ୍ୟରେ ଆତ୍ମଦାନର ତପସ୍ୟା କରେ, ସେତେବେଳେ ମୁକ୍ତିର ପଥ ଆପେ ଆପେ ଉନ୍ମୁକ୍ତ ହୋଇଯାଏ । ବୈଷମ୍ୟ ମଧ୍ୟରେ ସାମ୍ୟ, ବିଶୃଙ୍ଖଳା ମଧ୍ୟରେ ଶୃଙ୍ଖଳା, ଅଶାନ୍ତି ଭିତରେ ଶାନ୍ତି ଆଣିପାରେ ଏହି ପୁରୁଷୋତ୍ତମ ଚେତନା । ଅନାହତ, ସ୍ୱଚ୍ଛନ୍ଦ ଗତିରେ ଗଡ଼ିଚାଲେ •ତାର ସନାତନ ଓ ନିତ୍ୟ ନୂତନ ଧାରା । (୧୪) ଓଡ଼ିଶାରେ ଏହି ପୁରୁଷୋତ୍ତମ – ଚେତନାର ଆଦ୍ୟ – ଉନ୍ମେଷ ଘଟିଥିବାରୁ ଜଗନ୍ନାଥ – ଭୂମିକୁ ଭାରତୀୟ ଧର୍ମ–ଜଗତର ଆଦିପୀଠ ବୋଲି ସେ ନିର୍ଦ୍ଦେଶ କରିଛନ୍ତି । (୧୫) ଏହି ପୀଠରେ ଶତ ବିଘ୍ନାତ ସତ୍ତ୍ୱେ ଜଗତର ଗତି ଧାରା ଆଜି ବି ଜୀବନ୍ତ ରହିଛି ବିଶ୍ୱ ମୈତ୍ରୀ ବା ପୁରୁଷୋତ୍ତମ- ଚେତନାର ମନ୍ତ୍ର । (୧୬)

**ପତିତ ପାବନ-ତତ୍ତ୍ୱ**

ପୁରୁଷୋତ୍ତମ ସଂସ୍କୃତିରେ ସମାଜର ସର୍ବୋଚ୍ଚ ସ୍ତରରେ ଥିବା ମଣିଷ ଓ ସର୍ବନିମ୍ନ ସ୍ତରରେ ଥିବା ମଣିଷ ସମାନ । ସର୍ବନିମ୍ନ ସ୍ତରରେ ଅବହେଳିତ, ଲାଞ୍ଛିତ । ଅବନତ ଅବସ୍ଥାରେ ଥିବା ମଣିଷଟିକୁ ଉଚ୍ଚ ସ୍ତରକୁ ଟାଣି ନେବା, ତାର



Digitized by PPRACHIN, SOA

ପାପିତାପ, ଅଭାବ- ଅନଟନରୁ ତାଙ୍କୁ ଉଦ୍ଧାର କରିବା, ଅପବିତ୍ର ଅବସ୍ଥାକୁ ପବିତ୍ର କରିବା ହେଉଛି ଜଗନ୍ନାଥ ଧର୍ମର ଏକ ବିଶିଷ୍ଟ ଢଙ୍ଗ । ତେଣୁ ଜଗନ୍ନାଥଙ୍କର ଅନ୍ୟ ଏକ ନାମ 'ପତିତ ପାବନ' । ତାଙ୍କ ପତାକାର ନାମ 'ପତିତ ପାବନ ବାନା' । 'ପତିତ ପାବନ' ଅର୍ଥରେ ଜଗନ୍ନାଥଙ୍କୁ ଅଗତିର ଗତି, ଅନାଥର ନାଥ, ଦୀନବନ୍ଧୁ, ଆର୍ତ୍ତତ୍ରାଣ ଇତ୍ୟାଦି ଭାବରେ ସମ୍ବୋଧନ କରାଯାଏ ।

ନୀଳକଂଠଂକ ମତରେ ପତିତ ପାବନ ଧର୍ମ ଓ ଦରିଦ୍ର ନାରାୟଣ ସେବା ଭାରତର ମୂଳ ଧର୍ମ ନୁହେଁ । (୧୭) ପଶ୍ଚିମ ଏସିଆରେ ପ୍ରକାଶ ପାଇଥିବା ଇହୁଦୀ ଧର୍ମ, ଜେରୋଆଷ୍ଟ୍ରୀୟ ଧର୍ମ, ତତ୍ ପ୍ରସୂତ ଖ୍ରୀଷ୍ଟ ଧର୍ମ ପ୍ରଭୃତିରୁ ପତିତ ପାବନ ଧର୍ମର ସୃଷ୍ଟି । ଏଗୁଡ଼ିକରେ ପୃଥିବୀର ମହାଶକ୍ତି ଶାଳୀ ସମ୍ରାଟଙ୍କଠାରୁ ଆହୁରି ବଡ ଆଧ୍ୟାତ୍ମିକ ସମ୍ରାଟ ରୂପେ ଈଶ୍ୱରଟିଏ କଳ୍ପନା କରି ତାଙ୍କଠାରେ ସଂପୂର୍ଣ୍ଣ ଆତ୍ମ ସମର୍ପଣ କରିବା ଓ କରାଇବାରେ ଲାଗିବାକୁ ହୁଏ । ସେଥିରେ ପାପୀମାନଙ୍କର ତ୍ରାଣକାର୍ଯ୍ୟରେ ଈଶ୍ୱର ବରାବର ଲାଗିଥାନ୍ତି ଓ ସେହି ଈଶ୍ୱରଙ୍କର ସେହି କାର୍ଯ୍ୟ କରିବା ପାଇଁ ତାଙ୍କର ସତ୍ୟ-ସମାଚାର, ଆଦେଶ ଓ ଉପଦେଶମାନ ଧରି ଧାର୍ମିକ ମାନେ ବି ଲାଗି ପଡ଼ିଥାନ୍ତି । ଏ ଧର୍ମଚିନ୍ତା ବା ଦର୍ଶନ ହୀନ ଦୁଃସ୍ଥ ପ୍ରପୀଡ଼ିତ ମାନବକୁ ବଡ଼ ସୁଖ ଲାଗେ ଓ ସେ ତାହା ସହଜରେ ଧରିନିଏ । ତେଣୁ ପୃଥିବୀରେ ଏହି ଧର୍ମର ପ୍ରଭାବ ହିଁ ବେଶି । ଏହି ପ୍ରଭାବ ଚିରକାଳ ଭାରତ ଦ୍ୱାରରେ ଧକ୍କା ଦେଇଛି । ତେଣୁ ଅତି ଆଦିମ କାଳରେ ଏକ ଆଡେ ଏଇ ପ୍ରାକୃତ ଧର୍ମ ହିଁ ପତିତପାବନ ଧର୍ମ ଓ ଅନ୍ୟ ଆଡ଼େ ଦାର୍ଶନିକ ଆତ୍ମଧର୍ମ ବା ମୈତ୍ରୀ ଧର୍ମ ଯାହା ଜଗନ୍ନାଥ ଧର୍ମ ନାମରେ ଖ୍ୟାତ । ପୁଣି ଏହା ମଧ୍ୟରେ ନାନା ଶାଖା ପ୍ରଶାଖା ପ୍ରଭାବ ପରିଣତିରେ ଦୁହିଁଙ୍କ ଭିତରେ ଆଦାନ ପ୍ରଦାନର ଇତିହାସ... ... ... ଖୁବ୍ ମନେ କରାଯାଇ ପାରେ, ପଶ୍ଚିମର ପତିତପାବନ ଧର୍ମର ପ୍ରଭାବ ପଡ଼ି ବୌଦ୍ଧର ନିରାଲମ୍ବ ମୈତ୍ରୀରେ ପ୍ରକାଶ ପାଇଥିଲା ମହାଯାନର କରୁଣା ଓ ତାହିଁ ସଙ୍ଗେ ବୁଦ୍ଧରୂପୀ ଈଶ୍ୱରଙ୍କର ଓ ତାଙ୍କ ଭକ୍ତଙ୍କର ପାପତ୍ରାଣର ପ୍ରଚେଷ୍ଟା । ସେଇଥିରୁ ପୁଣି ଯୋଗାଗ୍ରର ବାଟେ କାଳକ୍ରମେ ନାନା ଶାଖା ପ୍ରଶାଖାରେ ଶାକ୍ତ, ବୈଷ୍ଣବ ଓ ସନ୍ଥ ଧର୍ମ ମାନଙ୍କର ପ୍ରକାଶ ଓ ପ୍ରତିଷ୍ଠା । ( ୮ ) କ୍ରମେ ପତିତ ପାବନ ଭାବନାର ଅଧଃ-ପତନ ଘଟିଛି । କାଙ୍ଗାଳ ସେବା ଓ କାଙ୍ଗାଳ ଭୋଜନ ହେଉଛି ସେଇ ଅଧଃପତନର ଅତି ନଗ୍ନ ରୂପ । (୧୯) ତାଙ୍କ ମତରେ ଜଗନ୍ନାଥ ହେଉଛନ୍ତି ମୈତ୍ରୀ ଦେବ । ତାଙ୍କ ପାଖେ କେହି ପତିତ ନୁହେଁ, କେହି ଉନ୍ନତ ନୁହେଁ । (୨୦)

ପଣ୍ଡିତ ନୀଳକଂଠଂକର ଏହି ଦୃଷ୍ଟିକୋଣ ମୌଳିକ ଓ ନିଜସ୍ୱ ହୋଇ-ପାରେ । କିନ୍ତୁ ଏଥିରେ ସତ୍ୟତା କେତେ ଦୂର ରହିଛି ପରୀକ୍ଷା କରିବାର କଥା । ଜଗନ୍ନାଥ-ଚେତନା ବା ପୁରୁଷୋତ୍ତମ-ଚେତନାର ଉଦ୍‌ଭବ ମୂଳରେ ରହିଛି ମୈତ୍ରୀ, ସାମ୍ୟ, କରୁଣା ଓ ବିଶ୍ୱଭାବ । ଏଥିରେ ପତିତମାନଙ୍କୁ ଘୃଣା ଦୃଷ୍ଟିରେ



Digitized by PPRACHIN, SOA

ନ ଦେଖି ମୈତ୍ରୀ ଓ ଭ୍ରାତୃତ୍ୱରେ ଅଭିଷ୍ଣାତ କରି ସେମାନଙ୍କୁ ଉଦ୍ବୁଦ୍ଧିତ କରିବା ହେଉଛି ଜଗନ୍ନାଥ ଧର୍ମର ମୁଖ୍ୟ ଆଭିମୁଖ୍ୟ । ତେଣୁ ଜଗନ୍ନାଥ ଧାମ ଓ ଧର୍ମର ପଥିତ ପାବନ-ଚେତନା ପଶ୍ଚିମାଗତ ନୁହେଁ, ନିଜସ୍ୱ ବୋଲି ମନେ ହୁଏ ।

## କୈବଲ୍ୟ – ଚେତନା

ଶ୍ରୀ ଜଗନ୍ନାଥଙ୍କର ମହାପ୍ରସାଦର ଅନ୍ୟ ନାମ କୈବଲ୍ୟ । ବୈଷ୍ଣବମାନଙ୍କ ମତରେ 'କେବଳ' ଶବ୍ଦରୁ 'କୈବଲ୍ୟ' ଶବ୍ଦର ସୃଷ୍ଟି । ଏହାର ଅର୍ଥ ହେଉଛି, ଏକମାତ୍ର ପଦାର୍ଥ ବା ପରମ ପଦାର୍ଥ । କୈବଲ୍ୟକୁ ବୈଷ୍ଣବମାନେ ସ୍ୱୟଂ ପରଂବ୍ରହ୍ମ ସ୍ୱରୂପ ବୋଲି ମନେ କରନ୍ତି । ମୁକ୍ତି ବା ଭଗବତ୍ ସାନ୍ନିଧ ଯାହା କି ଭକ୍ତର ପରମ କାମ୍ୟ ବିଷୟ ତାହା 'କୈବଲ୍ୟ'ଭିତରେ ରହିଛି ବୋଲି ସେମାନଙ୍କର ବିଶ୍ୱାସ । 'ମୁକ୍ତି' କୈବଲ୍ୟ ଭିତରେ ନିହିତ ରହିଛି ବୋଲି ଓଡ଼ିଶାରେ ପାରଂପରିକ ବିଶ୍ୱାସ ଥିବାରୁ କବି ଉପେନ୍ଦ୍ର ଭଞ୍ଜ କୋଟିବ୍ରହ୍ମାଣ୍ଡ ସୁନ୍ଦରୀ କାବ୍ୟର ପ୍ରଥମ ଛାନ୍ଦରେ ଲେଖିଛନ୍ତି—"ମୁକ୍ତି ଦେବା ଗୁପ୍ତ ହୋଇଅଛି ଯୁକ୍ତାକ୍ଷରେ"। ଜଗନ୍ନାଥଙ୍କ ନାମରେ ଏକମାତ୍ର ଯୁକ୍ତାକ୍ଷର 'ନ୍ନ' ଏହାକୁ ସ୍ୱତନ୍ତ୍ର ଭାବରେ ଉଚ୍ଚାରଣ କରି ହୁଏ ନାହିଁ, ଉଚ୍ଚାରଣ ପାଇଁ ପୂର୍ବରେ ସ୍ୱରଧ୍ୱନି 'ଅ' ସଂଯୁକ୍ତ କରିବାକୁ ହୁଏ । ତେଣୁ ଉଚ୍ଚାରଣଟି ହୁଏ 'ଅନ୍ନ' । ଶ୍ରୀ ଜଗନ୍ନାଥଙ୍କର ଅନ୍ନ ହେଉଛି କୈବଲ୍ୟ । ତେଣୁ କୈବଲ୍ୟ ମୁକ୍ତି ସହିତ ଅଭିନ୍ନ ।

କିନ୍ତୁ କୈବଲ୍ୟ ସମ୍ପର୍କରେ ପଣ୍ଡିତ ନୀଳକଂଠ ଭିନ୍ନମତ ପୋଷଣ କରିଛନ୍ତି । ସେ ଏହାକୁ ଜୈନ ଧର୍ମର 'କେବଳୀ' ସହିତ ସମ୍ପୃକ୍ତ କରି ତାତ୍ତ୍ୱିକ ବ୍ୟାଖ୍ୟା ପ୍ରଦାନ କରିଛନ୍ତି— "ସେମାନଙ୍କର ( ଜୈନମାନଙ୍କର ) ଦର୍ଶନ ଥିଲା— ଜୀବ-ଅଜୀବର ସମବାୟରେ ବ୍ୟକ୍ତି ବା ସୃଷ୍ଟି । 'ଜୀବ ହେଉଛି ଜୀବନର ଭିତ୍ତି ଓ 'ଅଜୀବ'ର ନିୟାମକ । 'ଅଜୀବ'ରୁ ଜୀବକୁ' ଅଲଗା କଲେ ବ୍ୟକ୍ତି ହେବ କେବଳ ଜୀବମାତ୍ର ବା 'କେବଳୀ' । ଏହି 'କେବଳୀ'ଭାବ 'କେବଳୀତ୍ୱ' ବା କୈବଲ୍ୟ ଆସିଗଲେ ତା ପରେ ନିର୍ବାଣ । ଏହି କୈବଲ୍ୟ ଲାଭପାଇଁ ଜୀବର ଏକାନ୍ତ ଉପାସନା ଲୋଡ଼ା । ଏହି ଉପାସନା ବା ସାଧନା ହେଉଛି 'ଯୋଗ' ବା 'ଜୀବ ଉପାସନା' ବା 'ଜୀବଧ୍ୟାନ'ରେ ଲାଗି ରହିବା । ଏହି ଜୀବ-ଅଜୀବ ଜ୍ଞାନର ଧାରଣା ହିଁ ପୃଥିବୀର ଆଦି ଦର୍ଶନ ।" (୨୧) ଜୈନ ଧର୍ମର ଏହି ଦର୍ଶନଟି ଜଗନ୍ନାଥଙ୍କ କୈବଲ୍ୟ ବା ମହାପ୍ରସାଦ ମଧ୍ୟରେ ନିହିତ ରହିଛି ।

## 'ଜଗନ୍ନାଥ' ନାମର ସୃଷ୍ଟି ଇତିହାସ

'ପୁରୁଷୋତ୍ତମ' ଓ 'ଜଗନ୍ନାଥ' ନାମ ଦୁଇଟିକୁ ନେଇ 'ଜଗନ୍ନାଥ' ସନାତନ ହିନ୍ଦୁ ଧର୍ମର ଦେବତା ବୋଲି ବହୁ ଯୁକ୍ତି ହୋଇଥାଏ । ତେବେ



Digitized by PPRACHIN, SOA

'ଜଗନ୍ନାଥ' ନାମର ସୃଷ୍ଟି ପାଇଁ ପଣ୍ଡିତ ନୀଳକଂଠ ଜୈନଧର୍ମ ଓ ବୌଦ୍ଧଧର୍ମର ଇତିହାସ ଓ ଦର୍ଶନ ଖୋଜିଛନ୍ତି । ସେ କହନ୍ତି, 'ଜଗନ୍ନାଥ' ଗୋଟିଏ ଜୈନ ଶବ୍ଦ । 'ଜଗନ୍ନାଥ' ଶବ୍ଦର ଅର୍ଥ 'ଜଗତ୍' ରୂପ ନାଥ ବା ପୁରୁଷ । ଜଗତ୍ ହେଉଛି ଉପାସ୍ୟ ପୁରୁଷ । ଜୈନମାନେ ଉପାସ୍ୟ ପୁରୁଷଙ୍କୁ ନାଥ ବୋଲି କହିଥାନ୍ତି । ଜୈନ ଅଭିଧାନ ଗ୍ରନ୍ଥରୁ ଜଣାଯାଏ 'ଜଗନ୍ନାଥ' ଶବ୍ଦ ମୂଳତଃ ଜୈନ ଏବଂ ଏହା ଜିନେଶ୍ୱର ଅର୍ଥାତ୍ ଆଦିନାଥ ଋଷଭଙ୍କର ନାମାନ୍ତର । (୧୨) ନୀଳକଣ୍ଠ ଅଧିକ ଅଗ୍ରସର ହୋଇ କହିଛନ୍ତି ଯେ 'ଜଗନ୍ନାଥ' ଋଷଭନାଥଙ୍କ ସଙ୍ଗେ ସମାନ । 'ଋଷଭନାଥ' ଅର୍ଥ 'ସୂର୍ଯ୍ୟନାଥ' । ଋଷଭନାଥ ହେଉଛନ୍ତି ଜଗତ୍‌ର ଜୀବନରୂପୀ ପୁରୁଷ । ଏହା ହେଉଛି ପ୍ରାଚୀନ ବାବିଲୋନ୍‌ର ଆବିଷ୍କାର । (୧୩) ସୂର୍ଯ୍ୟ ଯେ କୃଷି ଓ ଉତ୍ପାଦନର ଦେବତା ଓ ଜଗତ୍‌ର ଜୀବନ ଏକଥା ଲୋକବିଶ୍ୱାସରେ ମଧ୍ୟ ବଦ୍ଧମୂଳ ହୋଇଯାଇଥିଲା । ଲୋକମାନେ ବୃଷଭରେ ହଳ କରୁଥିଲେ; ସୂର୍ଯ୍ୟଙ୍କୁ ବାସନ୍ତ ବିଷୁବରେ ଦେଖିଲେ ଲୋକେ ଭାବୁଥିଲେ, ବୃଷଭ (କର୍ଷଣ)ର ସମୟ ହୋଇଗଲା । ସେହିକାଳ ଥିଲା ଆକାଶରେ ବୃଷଭରାଶି ଉଦୟର କାଳ । ତେଣୁ ସୂର୍ଯ୍ୟଙ୍କ ନାମ ହୋଇଯାଇଥିଲା ବୃଷଭ ବା ଋଷଭ । (୧୪) ସୂର୍ଯ୍ୟ ବା ଋଷଭ ଯେ ଜଗତର ଜୀବନ ଏକଥା ବେଦରେ ମଧ୍ୟ ସ୍ୱୀକୃତ ହୋଇଅଛି— "ସୂର୍ଯ୍ୟ ! ମା ଜଗତସ୍ତୁସଶ୍ଚ ।" (୧୫) ପ୍ରାଚୀନ ମିଟାନ୍ନି ଦେଶରେ ମଧ୍ୟ ଧାରଣା ଥିଲା ଯେ ସୂର୍ଯ୍ୟ ଜଗତର ଆତ୍ମା । ମିଟାନ୍ନି-ରାଜା ଦଶରଥ (ଖ୍ରୀ.ପୂ. ୧୪୦୦ ଶତାବ୍ଦୀ)ଙ୍କ ଭଗିନୀ ଓ କନ୍ୟା ମିଶରର ରାଜବଂଶରେ ବିବାହିତା ହୋଇ ନିଜ ରାଜ୍ୟର ସୂର୍ଯ୍ୟ ଧର୍ମକୁ ମିଶରରେ ପ୍ରଚାର କରିଥିଲେ । ଏହି ଧର୍ମର ନାମଥିଲା ଆଟେନ୍ ବା ଆତ୍ମନ୍, ଅର୍ଥାତ୍ ସୂର୍ଯ୍ୟ ଯେ ଜଗତ୍‌ର ଆତ୍ମା ଏବଂ ସେ ହିଁ ହେଉଛନ୍ତି ପରମ ପୁରୁଷ ବା ପୁରୁଷୋତ୍ତମ—ଏହା ଏହି ଧର୍ମରେ ବ୍ୟାଖ୍ୟାତ ହୋଇଥିଲା । ମିଶରୀୟ ପୁରୁଷୋତ୍ତମ ଓ ପୁରୀର ପୁରୁଷୋତ୍ତମ ବା ଜଗନ୍ନାଥ ଖୁବ୍ ସମ୍ଭବ ଏହି ଜୈନ ଧର୍ମର ଫଳ । (୧୬)

ପୁଣି ପଣ୍ଡିତ ନୀଳକଂଠ 'ଜଗନ୍ନାଥ' ନାମଟିକୁ ବୌଦ୍ଧଧର୍ମ ସହିତ ସଂପୃକ୍ତ କରିଦେଇଛନ୍ତି । ପୁରୀରେ ବୁଦ୍ଧଦନ୍ତର ପ୍ରତିଷ୍ଠା ଓ ସ୍ଥାନାନ୍ତରର ଇତିହାସ ସନ୍ଧାନ ପ୍ରସଙ୍ଗରେ ସେ ଲେଖିଛନ୍ତି—"ଏବେ ଏଇ ଦନ୍ତ ଇତିହାସ ସଙ୍ଗେ ସ୍କନ୍ଦ ପୁରାଣ ତଥା ସ୍ଥାନୀୟ କିମ୍ବଦନ୍ତୀମୂଳକ 'ଦେଉଳ ତୋଳା' ପୁସ୍ତକରେ ବୁଦ୍ଧାବତାର-ପୂଜା-ଜଗନ୍ନାଥଙ୍କ ଇତିହାସ ସହିତ ତୁଳନା କରାଯାଉ । ଏଠାରେ ମନେ ରଖିବାକୁ ହେବ । ଜଗନ୍ନାଥ କଥାଟି ବୁଦ୍ଧଙ୍କ ନିଜ ଉକ୍ତି । ବୁଦ୍ଧ ହେଲାବେଳେ ଓ ଦେହତ୍ୟାଗ କଲାବେଳେ ବୁଦ୍ଧ କହି ପକାଇଥିଲେ— "ମୁଁ ଜଗତ୍‌ର ନାଥ—ଜଗତର ଦୁଃଖ ନାଶର ଉପାୟ ମୁଁ ପାଇଛି । (୧୭)



Digitized by PPRACHIN, SOA

ମାଲକଣ୍ଟ ଦର୍ଶାଇଛନ୍ତି ଯେ ଜୈନଧର୍ମ ହେଉଛି ଭାରତର ଦାର୍ଶନିକ ଧର୍ମର ମୂଳ । ବୌଦ୍ଧଧର୍ମ ହେଉଛି ଜୈନଧର୍ମର ପରବର୍ତ୍ତୀ ସଂସ୍କୃତ ପ୍ରକାଶ । 'ଜିନ' ଯୋଗୀଙ୍କର ନାମ ହେଉଛି 'ମୁନି' । 'ଜିନବର' ବୁଦ୍ଧ ହେଉଛନ୍ତି 'ଶାକ୍ୟମୁନି' । ଏହିପରି ଭାବରେ ଜୈନ ଦର୍ଶନ ଓ ବୌଦ୍ଧ ଦର୍ଶନ ପରସ୍ପର ସୂକ୍ଷ୍ମ ଭାବରେ ସଂପୃକ୍ତ (୨୮) ଓ ଜଗନ୍ନାଥ ଧର୍ମ ଏହି ଦୁଇ ଦର୍ଶନର ସମନ୍ୱୟର ଅମୃତ ଫଳ । ତେଣୁ ସେ ଜଗନ୍ନାଥ ଧାମର ତ୍ରିମୂର୍ତ୍ତି ଓ ଚତୁର୍ଦ୍ଧାମୂର୍ତ୍ତି ପରିକଳ୍ପନା ସହିତ ଜୈନ ଏବଂ ବୌଦ୍ଧଦର୍ଶନକୁ ସଂପୃକ୍ତ କରିଦେଇଛନ୍ତି ।

## ତ୍ରିମୂର୍ତ୍ତି, ତ୍ରିରତ୍ନ ଓ ଚତୁର୍ଦ୍ଧା ମୂର୍ତ୍ତିତତ୍ତ୍ୱ

ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରା—ଏହି ତ୍ରିମୂର୍ତ୍ତି ସଂପର୍କରେ ଆଲୋଚନା କଲାବେଳେ ସେ ପ୍ରଥମେ ବୈଷ୍ଣବ ଦର୍ଶନଦ୍ୱାରା ପ୍ରଭାବିତ ହୋଇଥିଲେ ଓ ତେଣୁ କହିଥିଲେ—ଶ୍ରୀଜଗନ୍ନାଥ ହେଉଛନ୍ତି 'ଶୂନ୍ୟ' ସ୍ୱରୂପ । ଶୂନ୍ୟକୁ ଅନ୍ଧକାର ରୂପେ କଳ୍ପନା କରାଯାଇଥିବାରୁ ତାଙ୍କର ବର୍ଣ୍ଣ 'କୃଷ୍ଣ' । ଏହି ସ୍ୱରୂପରେ କର୍ମେନ୍ଦ୍ରିୟର ସୂଚନା ଥିବାରୁ ଜଗନ୍ନାଥଙ୍କଠାରେ ଦୁଇଟି ହାତର ସଙ୍କେତ ରହିଛି । ସୁଭଦ୍ରା ହେଉଛନ୍ତି ରଜୋରୂପିଣୀ, ଯୋଗମାୟା, ପ୍ରକୃତି । ସେ ବର୍ଣ୍ଣମୟୀ ବା ବର୍ଣ୍ଣିନୀ । ତେଣୁ ତାଙ୍କର ବର୍ଣ୍ଣ ସୁବର୍ଣ୍ଣ ବା ହଳଦିଆ । ତାହାଙ୍କୁ ଆଦିମାତାଙ୍କ ବିନ୍ଦୁରୂପେ ଗ୍ରହଣ କରାଯାଉଥିବାରୁ ତାଙ୍କର ହାତ ନାହିଁ । ବଳଭଦ୍ର ହେଉଛନ୍ତି 'ବିରାଟ ରୂପ' ବା ବ୍ୟକ୍ତର ମୂଳ । ସେ 'ଶୂନ୍ୟ'ର 'ଠୂଳ' ରୂପ । ତେଣୁ ସ୍ପଷ୍ଟ ପ୍ରକାଶ୍ୟମାନ ରୂପ । ହେଇ ହେତୁ ତାଙ୍କର ରଙ୍ଗ ଧଳା । ତାଙ୍କ ମୂର୍ତ୍ତିରେ କର୍ମେନ୍ଦ୍ରିୟର ସଙ୍କେତ ସ୍ୱରୂପ ହାତ ମଧ୍ୟ ଅଛି । ସେ ଅତି ବଳବାନ୍, ଅନନ୍ତ । ତେଣୁ ସେ ଶେଷ ଦେବ, ସେ 'ବଡଠାକୁର' । ଗୀତାରେ ଯେଉଁ ଅନନ୍ତ ଓ ଦେବେଶଙ୍କର ବର୍ଣ୍ଣନା ଅଛି ସେ ସେହି ଶେଷଦେବ ବା ବଡଠାକୁରଙ୍କର ମୂଳ ଉତ୍ସ । (୨୯)

ଚତୁର୍ଦ୍ଧା ମୂର୍ତ୍ତି ସଂପର୍କରେ ଆଲୋଚନା କରି ସେ ଏହି ତ୍ରିମୂର୍ତ୍ତି ସଙ୍ଗରେ ଥିବା ସୁଦର୍ଶନଙ୍କୁ ଅଣାକାର ନିରଞ୍ଜନ ଏବଂ ଅବର୍ଣ୍ଣନୀୟ ବୋଲି ଉଲ୍ଲେଖ କରିଛନ୍ତି । (୩୦) ଏହି ଚତୁର୍ଦ୍ଧା ମୂର୍ତ୍ତି ମଧ୍ୟରେ ବିଭିନ୍ନ ମୂର୍ତ୍ତିର ସ୍ୱରୂପ ବର୍ଣ୍ଣନ କରି ସେ କହିଛନ୍ତି, ଏ ଚାରୋଟି ଅଲଗା ଅଲଗା ମୂର୍ତ୍ତି ନୁହେ । ଏଥିରେ ମହାଶୂନ୍ୟ ବା ସୁଦର୍ଶନ ହିଁ ମୂଳ । ତେଣୁ ସେ ଆଗ । ତାପରେ ବିଶ୍ୱରୂପ ବଳଭଦ୍ର, ତାପରେ ଯୋଗମାୟା ରୂପ ସୁଭଦ୍ରା ଓ ତହୁଁ ଶୂନ୍ୟରୂପ ଜଗନ୍ନାଥ........... । ଏହା ଏକ ଜଗନ୍ନାଥ-ପୁରୁଷୋତ୍ତମଙ୍କର ଏ ଚାରି ପ୍ରକାରରେ ଧାରଣା ।''(୩୧)



Digitized by PPRACHIN, SOA

ଜୈନ ଧର୍ମ ଓ ବୌଦ୍ଧ ଧର୍ମର ଦର୍ଶନ ଅଧ୍ୟୟନ କରିବା ପରେ ତାଙ୍କର ଦୃଷ୍ଟିକୋଣ ବଦଳି ଯାଇଥିଲା । ଜଗନ୍ନାଥ, ବଳଭଦ୍ର ଓ ସୁଭଦ୍ରାଙ୍କୁ ସେ ଜୈନ ଧର୍ମର ଜ୍ଞାନ, ଦର୍ଶନ, ଚରିତ୍ର ସହିତ ଏବଂ ବୌଦ୍ଧ ଧର୍ମର ବୁଦ୍ଧ, ଧର୍ମ, ସଂଘ ସହିତ ସଂପୃକ୍ତ କରିଛନ୍ତି । (୩୨)

ଚତୁର୍ଦ୍ଧାମୂର୍ତ୍ତିଙ୍କୁ ସେ ପୁଣି କର୍ମର ପ୍ରକାଶମୟ ସତ୍ୟ,ତପସ୍ୟା, ମହାଶୃଙ୍ଖଳା ଓ ସମସ୍ତ ପ୍ରକାଶର ଅବ୍ୟକ୍ତ କାରଣ ରୂପେ ଗ୍ରହଣ କରିଛନ୍ତି ।

## ଶବର ଧର୍ମର ଧାରା ଓ ଶ୍ରୀ ଜଗନ୍ନାଥ

ପଣ୍ଡିତ ନୀଳକଂଠ ଶ୍ରୀ ଜଗନ୍ନାଥଙ୍କୁ ଶବର ସଂସ୍କୃତିର ଧାରା ସହିତ ମଧ୍ଯ ସଂପୃକ୍ତ କରିଛନ୍ତି । ତାଙ୍କ ମତରେ, ଭାରତରେ ଯେଉଁ ଅସୁର ସଭ୍ୟତା ଦିନେ ପୃଥିବୀର ସେ କାଳର ସମସ୍ତ ସଭ୍ୟ ଦେଶରେ ବ୍ୟାପିଥିଲା, ତାହା ହେଉଛି ଶବର ସଭ୍ୟତା । ଶବର ଓ ଅସୁର ଏକ ବୋଲି ସେ ଭାବନ୍ତି । ବହୁକାଳରୁ ଓଡ଼ିଶା ଶବର ଭୂମି । ବିରାଟ ଦୁର୍ଭେଦ୍ୟ ଶବର ସଭ୍ୟତା ବିନ୍ଧ୍ୟ ଡେଇଁ ବହୁ ପ୍ରାଚୀନ କାଳରୁ ଏହି ଓଡ଼ିଶା ଭୂମିରେ ଆଶ୍ରୟ ନେଇ କାଳେ କାଳେ ଆର୍ଯ୍ୟର ଆକ୍ରମଣରେ ବାଧା ଦେଇ ଶେଷକୁ ନାନା ଭାବରେ ଆର୍ଯ୍ୟନାମ ଗ୍ରହଣ କରି ମଧ୍ଯ ନିଜର ପ୍ରାଣ-ପ୍ରବାହ ଜୀବନ୍ତ ରଖିଛି । ନୀଳାଚଳ ବା ପୁରୀର ଜଗନ୍ନାଥ ଆଜି ମଧ୍ୟ ଏହି ପ୍ରାଣପ୍ରବାହର ପ୍ରତୀକ । ଏହି ଜଗନ୍ନାଥ ଶବର ଦେବତା ବୋଲି ସ୍ପଷ୍ଟ କଥିତ ହେଲେ ହେଁ ଆଜି ଶ୍ରେଷ୍ଠ ଆର୍ଯ୍ୟ ଧର୍ମର ମହୋପାସ୍ୟ । ତଥାପି ପରିଣତ ଆର୍ଯ୍ୟଧର୍ମ ମୁଖ୍ୟ ଲକ୍ଷଣ ଜାତିଭେଦ ଏଠାରେ ନୀତି ତଥା କାର୍ଯ୍ୟରେ ମଧ୍ଯ ନାହିଁ । (୩୩)

ଋଗ୍‌ବେଦର ୧୦ମ ମଣ୍ଡଳରେ ଥିବା ଦାରୁ ସମ୍ପର୍କୀୟ ମନ୍ତ୍ରଟି ହେଉଛି—

"ଅଦୋ ଯଦ୍ଦାରୁ ପ୍ଲବତେ ସିନ୍ଧୋଃ ପାରେ ଅପୌରୁଷମ୍
ତଦା ରଭସ୍ୱ ଦୁର୍ହଣୋ ତେନ ଗଚ୍ଛ ପରସ୍ତରମ୍ ।" (୩୪)

ପଣ୍ଡିତ ନୀଳକଂଠ ଏହାର ଅର୍ଥ କରିଛନ୍ତି— "ଜଣେ ବୈଦିକ ଋଷି ଦୁର୍ହଣ (ଯାହାର ଅର୍ଥ ଦୁର୍ବଚନ ବା କୁଭାର୍ଷୀ )ଙ୍କୁ ସମ୍ବୋଧନ କରି କହୁଛନ୍ତି, ସିନ୍ଧୁ ତୀରରେ ଭାସମାନ ଏହି ଅପୌରୁଷେୟ ଦାରୁକୁ ଛେଦନ କରି ପରମ ପଦ ଲାଭ କର । (୩୫) ଏଠାରେ ଦାରୁକୁ ଅପୁରୁଷ କୁହାଯିବା ଦ୍ୱାରା ଏହାକୁ ଅନାର୍ଯ୍ୟ ଦେବତା ବା ଶବର ଦେବତା ଭାବରେ ଗ୍ରହଣ କରାଯାଇଅଛି । ନୀଳକଂଠ ପୁଣି ଉଲ୍ଲେଖ କରିଛନ୍ତି ଯେ ଶବର ମାନଙ୍କର 'ଶବରୀ ନାରାୟଣ' ପରବର୍ତ୍ତୀ କାଳରେ 'ଜଗନ୍ନାଥ'ଙ୍କ ସହିତ ସମୀକୃତ ହୋଇ ଯାଇଛନ୍ତି । ଏହି ଶବରୀ ନାରାୟଣ ନିମ କାଠରେ ତିଆରି ଏକ ମୁଣ୍ଡ ଯୁକ୍ତ ସ୍ତମ୍ଭ ବିଶେଷ । (୩୬)



Digitized by PPRACHIN, SOA

## ପଣ୍ଡିତ ନୀଳକଂଠଙ୍କ 'କୋଣାର୍କେ'ରେ ଜଗନ୍ନାଥ-ଚେତନା

ଓଡ଼ିଶାର ଗୌରବାଢ୍ୟ ଇତିହାସର ପୁନଃ ସ୍ମରଣ ମାଧ୍ୟମରେ ଓଡ଼ିଆ ଜାତିକୁ ଉଦ୍‌ବୁଦ୍ଧ ଓ ଜାଗ୍ରତ୍ କରିବାର ମହାନ୍ ଲକ୍ଷ୍ୟ ନେଇ ନୀଳକଂଠ ସୃଷ୍ଟି କରିଛନ୍ତି 'କୋଣାର୍କେ' କାବ୍ୟ । ଏଥିରେ ସେ ବହୁବାର ପୁରୁଷୋତ୍ତମ କ୍ଷେତ୍ର ଓ ପ୍ରଭୁ ପୁରୁଷୋତ୍ତମଙ୍କର ମାହାତ୍ମ୍ୟ ବର୍ଣ୍ଣନ କରିଛନ୍ତି । ବଡ ଦେଉଳ ଦେଖିଲେ ଛାତ୍ରମାନେ ବିସ୍ମୟରେ ଆଖି ଖୋଷି ଦେବେ ବୋଲି ସେ ଅନୁଭବ କରିଛନ୍ତି । ଇତିହାସ ଓ କିମ୍ବଦନ୍ତୀ ଭିତ୍ତିରେ ସେ ଶ୍ରୀ ଜଗନ୍ନାଥ, ତାଙ୍କର କ୍ଷେତ୍ର ଓ ରାଷ୍ଟ୍ରର ସେ ମାହାତ୍ମ୍ୟ ସନ୍ଧାନ କରି ବାରମ୍ବାର ପ୍ରଚଳିତ ହୋଇଛନ୍ତି । ଏଥିପାଇଁ ସେ ମାୟାଦେବୀ ( କୋଣାର୍କେ )ର ସନ୍ନ୍ୟାସୀ ଚରିତ୍ରର ଅବତାରଣା କରିଛନ୍ତି । ଏ ଦେଶର ଗୌରବ ନୀଳାଚଳ ନାଥଙ୍କ ଆଶୀର୍ବାଦ ଯୋଗୁ ସମ୍ଭବ ହୋଇଛି ବୋଲି ସେ ବହୁ ସ୍ଥଳରେ ଦର୍ଶାଇଛନ୍ତି ଓ ଶ୍ରୀ ଜଗନ୍ନାଥ ହିଁ ଓଡ଼ିଶାର ନେତା ବୋଲି ଗୋପବନ୍ଧୁଙ୍କ ସହ ଏକ ମତ ହୋଇଛନ୍ତି ।

ପ୍ରବନ୍ଧରେ ନୀଳକଂଠ ଯୁକ୍ତିବାଦୀ କିନ୍ତୁ କାବ୍ୟରେ ନୀଳକଂଠ ଭକ୍ତିବାଦୀ । କାଞ୍ଚି ଅଭିଯାନରେ ଶ୍ରୀ ଜଗନ୍ନାଥ କଳା ଘୋଡ଼ାରେ ସୈନିକ ବେଶରେ ପୁରୁଷୋତ୍ତମ ଦେବଙ୍କୁ ସାହାଯ୍ୟ କରିବା, ରକ୍ତବାହୁ ଚିଲିକାର ବିକ୍ଷୁବ୍ଧ ଉର୍ମିରେ ସଲିଳ-ସମାଧି ଲଭ କରିବା ଇତ୍ୟାଦି ଘଟଣାର କୌଣସି ଇତିହାସ ନାହିଁ । ପ୍ରବନ୍ଧ ଓ ସମାଲୋଚନାରେ ଯେଉଁ କିମ୍ବଦନ୍ତୀକୁ ଅଳ୍ପକ ମିଥ୍ୟା ବୋଲି ନୀଳକଂଠ ସମାଲୋଚନା କରିଛନ୍ତି, କାବ୍ୟରେ ତାହାକୁ ସେ ଆଦରରେ ସ୍ଥାନ ଦେଇଛନ୍ତି । ସତ୍ୟ ହେଉ, ମିଥ୍ୟା ହେଉ, ଓଡ଼ିଶାର ପ୍ରାଣ ଶ୍ରୀ ଜଗନ୍ନାଥଙ୍କ ସହିତ ସମ୍ପୃକ୍ତ ପ୍ରସଙ୍ଗ ଉତ୍‌ଥାପନ କରି ଓଡ଼ିଆମାନଙ୍କ ପ୍ରାଣରେ ଜାତୀୟ ଚେତନା ସୃଷ୍ଟି କରିବା ଥିଲା ତାଙ୍କ 'କୋଣାର୍କେ' ସୃଷ୍ଟିର ଲକ୍ଷ୍ୟ ।

## ସଂସ୍କାରବାଦୀ ନୀଳକଂଠ

ପରବର୍ତ୍ତୀ କାଳରେ ଜଗନ୍ନାଥ ଧର୍ମରେ ଯେଉଁ କେତେକ ଅନ୍ଧବିଶ୍ୱାସ, କୁସଂସ୍କାର ଓ କୁ ପ୍ରଥା ପ୍ରଚଳିତ ହୋଇଅଛି, ନୀଳକଂଠ ତାହାର କଠୋର ସମାଲୋଚନା କରିଛନ୍ତି । ଜଗନ୍ନାଥ ସଂସ୍କୃତିରେ ତନ୍ତ୍ରର ପ୍ରଭାବକୁ ସେ ପସନ୍ଦ କରି ନାହାନ୍ତି । ବଜ୍ରଯାନୀ ଓ ସହଜଯାନୀ ବୌଦ୍ଧମାନେ ଜଗନ୍ନାଥଙ୍କ ପୂଜାରେ ପଞ୍ଚ 'ମ' କାର ଚଳାଇ ଦେଇଥିଲେ । ସେହି ସମୟରୁ ଜଗନ୍ନାଥ ହୋଇଗଲେ ଭୈରବ ଓ ବିମଳା ହୋଇଗଲେ ଭୈରବୀ । ଆଶ୍ୱିନ ମହାଷ୍ଟମୀ ଦିନ ଲୁଚାଇ କରି ପାଠିର ଛୁଆଁଇ ବିମଳା ମନ୍ଦିରରେ ବୋଦା ପକାଇବା ବିଧି ଏହି ତାନ୍ତ୍ରିକ-ମାନେ ହିଁ ଚଳାଇ ଦେଇଛନ୍ତି । (୩୭) ରାମାନୁଜଙ୍କ ସମୟରୁ ପୁରୀ ମନ୍ଦିର



Digitized by PPRACHIN, SOA

ଜଗନ୍ନାଥଙ୍କ ଖଟଣିରେ ପ୍ରଚଳିତ ଦେବଦାସୀ ବା ମାହାରୀ ପ୍ରଥାକୁ ମଧ୍ୟ ନୀଳକଂଠ ସମାଲୋଚନା କରିଛନ୍ତି । (୩୮) ଓଡ଼ିଶାର ବୈଷ୍ଣବମାନେ ହେଉଛନ୍ତି ପ୍ରଚ୍ଛନ୍ନ ତାନ୍ତ୍ରିକ ସହଜିଆ ବୌଦ୍ଧ । ସେମାନେ କେତେବେଳେ ଜଗନ୍ନାଥଙ୍କୁ ରାଧାରୂପେ, କେତେବେଳେ ସୁଭଦ୍ରାଙ୍କୁ ରାଧା ରୂପେ, କେତେବେଳେ ଲକ୍ଷ୍ମୀଙ୍କୁ ରାଧା ରୂପେ ଓ କେତେବଲେ ଜଗନ୍ନାଥଙ୍କୁ ରାଧା-କୃଷ୍ଣଙ୍କର ଯୁଗଳ ମୂର୍ତ୍ତି ରୂପେ ଗ୍ରହଣ କରିଛନ୍ତି । ଏହା ସତ୍ତ୍ୱେ ସହଜିଆ ଓ ଗୌଡୀୟ ବୈଷ୍ଣବମାନେ ଜଗନ୍ନାଥଙ୍କ ମଧ୍ୟରେ ପରକୀୟା ପ୍ରେମ ଧର୍ମ ପଶାଇ ପାରି ନାହାନ୍ତି ବୋଲି ନୀଳକଂଠ ଦେଖି ପାରିଛନ୍ତି । (୩୯) ପୁରୁଷୋତ୍ତମ ଦେବଙ୍କର କାଞ୍ଚି ଅଭିଯାନରେ ଜଗନ୍ନାଥ ଓ ଦୁଇ ଅଶ୍ୱାରୋହୀ ରୂପରେ ଯୁଦ୍ଧରେ ଅବତୀର୍ଣ୍ଣ ହେବା ଓ ମାଣିକ ଗଉଡୁଣୀଠାରୁ ଦହି ଖାଇବା ଉପାଖ୍ୟାନକୁ ସେ ଭକ୍ତିକ ମିଥ୍ୟା ବୋଲି ପ୍ରତିପାଦନ କରିଛନ୍ତି । ତାଙ୍କ ଭାଷାରେ "ଏଥିରେ ତତ୍ତ୍ୱ ନାହିଁ କି ସତ୍ୟ ନାହିଁ ।"(୪୦)

ଜଗନ୍ନାଥ ସଂସ୍କୃତିର କେତେକ ମହାନ୍ ଦିଗ ପାଇଁ ନୀଳକଂଠ ଗର୍ବ ଅନୁଭବ କରିଛନ୍ତି । ତାହା ହେଉଛି ଜଗନ୍ନାଥ ଧର୍ମରେ ଧର୍ମ-ସମନ୍ୱୟ (୪୧), ପୁରୀବାସୀଙ୍କର ଆତିଥେୟତା, ଜନସେବା (୪୨) ଓ ମୈତ୍ରୀ (୪୩) । ତାଙ୍କ ଭାଷାରେ, "ଓଡ଼ିଆର ଜୀବନ—ସଂକେତ ହେଉଛି ଜଗନ୍ନାଥଙ୍କ ମୈତ୍ରୀ ଓ ସ୍ୱୟଂ ଜଗନ୍ନାଥ ।" (୪୪) ଓଡ଼ିଶାର ରାଜନୀତି କ୍ଷେତ୍ରରେ ଜଗନ୍ନାଥଙ୍କ ସ୍ଥାନ ହେଉଛି ଶ୍ରେଷ୍ଠ । ସେ ହିଁ ହେଉଛନ୍ତି ରାଜା । କପିଳେନ୍ଦ୍ର ଦେବ ଜଗନ୍ନାଥଙ୍କୁ ଓଡ଼ିଶାର ରାଜା ରୂପେ ଘୋଷଣା କରି ତାହାଙ୍କୁ ଉଚ୍ଚ ସ୍ଥାନ ଦେଇଥିଲେ । (୪୫)

ଜଗନ୍ନାଥଙ୍କ ରଥଯାତ୍ରା ବେଳେ ମହାରାଜାଙ୍କର ଛେରା ପହଁରା କାର୍ଯ୍ୟ ମୈତ୍ରୀ, କର୍ମର ମାହାତ୍ମ୍ୟ, ସମାଜସେବା, ସମାଜର କଲ୍ୟାଣ ଚିନ୍ତା, ସାମ୍ୟ, ସାର୍ବଜନୀନତା ପ୍ରଭୃତି ମହାନ୍ ଗୁଣର ପ୍ରତୀକ ବୋଲି ସେ ବହୁବାର ବର୍ଣ୍ଣନା କରିଛନ୍ତି । ଏହାକୁ ବିଶ୍ୱଧର୍ମ ଓ ବିଶ୍ୱକର୍ମ ଆଖ୍ୟା ଦେଇଛନ୍ତି । (୪୬) ପୁରୀରେ 'ମେହେନ୍ତର' ଓ 'ମେହେନ୍ତରାଣୀ' ଏହି ଦୁଇଟି ଶବ୍ଦ ପାଇଁ 'ମାହାର' ଓ ମାହାରାଣୀ' ଶବ୍ଦର ବ୍ୟବହାର ଅଛି । ନୀଳକଂଠଙ୍କ ମତରେ ଏ ଦୁଇଟି ଶବ୍ଦ ଯଥାକ୍ରମେ 'ମହାରାଜା ଓ ମହାରାଣୀ' ଶବ୍ଦରୁ ସୃଷ୍ଟି ଲାଭ କରିଛି । ପୁରୁଷୋତ୍ତମ କ୍ଷେତ୍ରରେ ମେହେନ୍ତର ଓ ମେହେନ୍ତରାଣୀଙ୍କ କାର୍ଯ୍ୟକୁ ଯେ ଉଚ୍ଚସ୍ଥାନ ଦିଆଯାଏ, ଏ ଶବ୍ଦ ଦୁଇଟି ତାହାର ପ୍ରମାଣ ।

ନୀଳକଂଠ ଜଗନ୍ନାଥ ସଂସ୍କୃତିରେ ଯାହା ମହାନ୍ ଦିଗ ତାହାକୁ ସ୍ପଷ୍ଟ ଦେଖାଇ ଦେଇଛନ୍ତି ଓ ଯାହା କୁତ୍ସିତ ଦିଗ ତାହା ପ୍ରତି ମଧ୍ୟ ଅଙ୍ଗୁଳି ନିର୍ଦ୍ଦେଶ କରିଛନ୍ତି । ଜଗନ୍ନାଥ ସଂସ୍କୃତି ମୂଳତଃ, ଆଦର୍ଶ, ପବିତ୍ର ଓ ନିଷ୍କଳଙ୍କ । କାଳକ୍ରମେ ତହିଁରେ ବହୁ ଅନାଦର୍ଶ ଓ କଳଙ୍କ ପ୍ରବେଶ କରିଯାଇଛି । ନୀଳକଂଠ ମୂଳ ସ୍ୱରୂପଟି ଚିହ୍ନାଇ ଦେବା ସଙ୍ଗେ ସଙ୍ଗେ ବିକୃତ ରୂପଟିର ସଂଶୋଧନ ପାଇଁ



Digitized by PPRACHIN, SOA

ମଧ୍ୟ ବ୍ୟାକୁଳତା ପ୍ରକାଶ କରିଛନ୍ତି । ଜଗନ୍ନାଥ ସଂସ୍କୃତି ସଂପର୍କରେ ସେ ଯେଉଁମତ ପ୍ରଦାନ କରିଛନ୍ତି, ତାହା ସର୍ବ ସମ୍ମତ ନ ହୋଇପାରେ, ମାତ୍ର ତାହା ପଛରେ ରହିଛି ଜଣେ ଅନୁସନ୍ଧାନୀ ସତ୍ୟନିଷ୍ଠ ଗବେଷକର ଦୃଷ୍ଟି ଓ ଯୁକ୍ତି, ଗଭୀର ତାତ୍ତ୍ୱିକ ଦର୍ଶନ, ମୌଳିକ ଚିନ୍ତନ ଓ ସର୍ବୋପରି ନିର୍ଭୀକତା । ଏ ପର୍ଯ୍ୟନ୍ତ ତାଙ୍କ ବିଶ୍ଳେଷଣ ପଦ୍ଧତି ଅନତିକ୍ରମ୍ୟ ହୋଇ ରହିଛି । ଗୋଟିଏ ତତ୍ତ୍ୱକୁ ପ୍ରତିଷ୍ଠା କରିବା ପାଇଁ ଶହ ଶହ ତତ୍ତ୍ୱ ଗର୍ଭିତ ଗ୍ରନ୍ଥ ପଢିବାର ନିଷ୍ଠା, ଧୈର୍ଯ୍ୟ, ବିଦ୍‌ବତ୍ତା ଓ ଜିଜ୍ଞାସା, କେତେ ଜଣଙ୍କର ଥାଇ ପାରେ ବା ଅଛି ?

—o—

## ସଂକେତ ସୂଚୀ


(୧) ଡ଼ଃ ହରେକୃଷ୍ଣ ମହତାବ– ଓଡ଼ିଶା ଇତିହାସ, ୨ୟ ଖଣ୍ଡ, ୨ୟ ସଂସ୍କରଣ, ପୃ ୫୫୪ ।
(୨) ଡଃ ବେଣୀମାଧବ ପାଢ଼ୀ– ଦାରୁଦେବତା, ପୃ ୧ ।
(୩) ପଣ୍ଡିତ ନୀଳକଂଠ ଦାସ— ଗୀତା ପ୍ରବେଶ, ପୃ ୪୩୧ ।
(୪) ଶ୍ରୀମଦ୍ ଭଗବଦ୍ ଗୀତା, ୧୫-୧୮ ।
(୫) ପଣ୍ଡିତ ନୀଳକଂଠ— ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ୧ମ ଭାଗ, ଗ୍ରନ୍ଥାବଳୀ ୧ମ ଭାଗ, ପୃ ୯୯ ।
(୬) ଆର୍ଯ୍ୟ ଜୀବନ, ସତ୍ୟବାଦୀ ପତ୍ରିକା ୧/୩-୪, ପୃ ୧୦୬ ।
(୭) Bhakti Vedanta Swami Prabhu pada— Krsna, the Supreme Personality of God-head, p 271.
(୮) ପଣ୍ଡିତ ନୀଳକଂଠ— ଭାରତୀୟ ସଂସ୍କୃତିକୁ ଓଡ଼ିଶାର ଦାନ,ଝଙ୍କାର, ୧୦/୨ ।
(୯) ସଂସ୍କୃତ ମହାଭାରତ, ଶାନ୍ତି ପର୍ବ ( ବଙ୍ଗବାସୀ ସଂସ୍କରଣ ), ୩୪୬/୧୦ ।
(୧୦) ଓ.ସା.କ୍ର.ପ., ୩ୟ ଭାଗ, ପୃ ୮୭ ।
(୧୧) ତତ୍ରୈବ, ପୃ ୮୭ ।
(୧୨) ତତ୍ରୈବ ପୃ ୪୮୦-୪୮୧ ।
(୧୩) ତତ୍ରୈବ,ପୃ ୪୮୨ ।
(୧୪) ପଣ୍ଡିତ ନୀଳକଂଠ— ସଂସ୍କୃତ ଓ ସଂସ୍କୃତି ( ଗ୍ରନ୍ଥାବଳୀ, ୨ୟ ଖଣ୍ଡ ପୃ ୪୯୩ ), ।
(୧୫) ସଂସ୍କୃତ ଓ ସଂସ୍କୃତି, ପୃ ୧୦୯. ।
(୧୬) ତତ୍ରୈବ, ପୃ ୧୧୦ ।
(୧୭) ଓ.ସା.କ୍ର.ପ., ପୃ ୪୮୭ ।




Digitized by PPRACHIN, SOA

(୧୮) ତତ୍ରୈବ, ପୃ ୮୭ ।
(୧୯) ତତ୍ରୈବ, ପୃ ୪୮୯ ।
(୨୦) ତତ୍ରୈବ, ୧ମ ଭାଗ, ପୃ ୧୧୯-୧୨୦ ।
(୨୧) ସଂସ୍କୃତ ଓ ସଂସ୍କୃତି, ପୃ ୩୨ ।
(୨୨) Abhidhana Rajendra, Val IV, p 1385.
(୨୩) ଡଃ ଲକ୍ଷ୍ମୀନାରାୟଣ ସାହୁଙ୍କ ଓଡ଼ିଶାରେ ଜୈନ ଧର୍ମ, ଗ୍ରନ୍ଥ ପ୍ରବେଶ, ପୃ ୭ ।
(୨୪) Hibbert Lecturers (1978)– Prof. Sayce.
(୨୫) ଋଗ୍‌ବେଦ ୧/୧୧୫/୧ ।
(୨୬) ଓଡ଼ିଶାରେ ଜୈନ ଧର୍ମ, ଗ୍ରନ୍ଥ ପ୍ରବେଶ, ପୃ ୮— ନୀଳକଣ୍ଠ ଦାସ, ।
(୨୭) ନୀଳକଣ୍ଠ— ଗୀତା ପ୍ରବେଶ, ପୃ ୨୮୩ ।
(୨୮) ନୀଳକଣ୍ଠ— ସଂସ୍କୃତ ଓ ସଂସ୍କୃତି, ପୃ ୩୨ ।
(୨୯) ଓ.ସା.ଇ.ପ, ୧ମ ଭାଗ, ପୃ ୧୬୬-୧୧୭ ।
(୩୦) ତତ୍ରୈବ, ପୃ ୧୧୭ ।
(୩୧) ତତ୍ରୈବ, ପୃ ୧୧୮-୧୧୯ ।
(୩୨) ସଂସ୍କୃତ ଓ ସଂସ୍କୃତି, ପୃ ୪୪୫ ।
(୩୩) ଗୀତା ପ୍ରବେଶ, ପୃ ୨୭୩ ।
(୩୪) ଋଗ୍‌ବେଦ ମଣ୍ଡଳ ୧୦/ସୂକ୍ତ ୧୫୫/ମନ୍ତ୍ର ୩ ।
(୩୫] Pandit Nilakantha Das— Hints on the significance and History of Jagannath, [ Nikhil Bharat Prabasi Utkal Sammelan Souvenier, Calcutta, January, 1959 ]
(୩୬) Ibid.
(୩୭) ଓ.ସା.ଇ.ପ. ୨ୟ ଭାଗ, ପୃ ୯-୧୬ ।
(୩୮) ତତ୍ରୈବ, ପୃ ୧୭-୧୮ ।
(୩୯) ତତ୍ରୈବ, ପୃ ୧୫୮ ।
(୪୦) ତତ୍ରୈବ, ପୃ ୧୬୭ ।
(୪୧) ତତ୍ରୈବ, ପୃ ୨୪ ।
(୪୨) ତତ୍ରୈବ, ପୃ ୨୭-୩୪ ।
(୪୩) ତତ୍ରୈବ, ପୃ ୪୯ ।
(୪୪) ତତ୍ରୈବ, ପୃ ୪୯ ।
(୪୫) ତତ୍ରୈବ, ପୃ ୭୭, ୧୦୮-୧୦୯ ।
(୪୬) ତତ୍ରୈବ, ପୃ ୮୨-୮୩ ।

ପ୍ରଫେସର, ସ୍ନାତକୋତ୍ତର, ଓଡ଼ିଆ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର-୭୫୧୦୦୪



Digitized by PPRACHIN, SOA

# —ଜଗନ୍ନାଥଧର୍ମୀୟ ପରଂପରା ଓ ଏହାର ସାଂସ୍କୃତିକ ଗୁରୁତ୍ୱ ସମ୍ବନ୍ଧରେ ନୀଳକଂଠଂକ ଅଭିମୁଖ୍ୟ—

ଡକ୍ଟର କୁମୁଦିନୀ ମିଶ୍ର

## ପ୍ରବନ୍ଧର ଉଦ୍ଦେଶ୍ୟ

ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତିକୁ ଚିହ୍ନି ଚିହ୍ନାଇବାରେ ପଣ୍ଡିତ ନୀଳକଂଠ ହେଉଛନ୍ତି ଓଡ଼ିଶାର ଅପ୍ରତିଦ୍ୱନ୍ଦୀ ଗବେଷକ । ତାଙ୍କର ସମସ୍ତ ଧର୍ମ ଦର୍ଶନ ଓ ସଂସ୍କୃତି ବିଷୟକ ରଚନାରେ ସେ ଜଗନ୍ନାଥ ଧର୍ମ ଓ ଜଗନ୍ନାଥ ସଂସ୍କୃତିର ମହତ୍ତ୍ୱ ପ୍ରତିପାଦନ କରିଛନ୍ତି । ଭେଦ ବୁଦ୍ଧି ଜନିତ ପ୍ରକୃତ କୁ ସଂସ୍କାର ଓ ଉପଧର୍ମର ଅଚ୍ଛେଦ୍ୟ ବନ୍ଧନ ମଧ୍ୟରେ ଜଗନ୍ନାଥ ଏକ ସାମ୍ୟ ମୈତ୍ରୀ ଓ ମୁକ୍ତିର ଆଦର୍ଶ—ଏହି ଦୃଷ୍ଟିରୁ ନୀଳକଂଠ ଜଗନ୍ନାଥ ଧର୍ମର ପାରଂପରିକ ଆଦର୍ଶ ଅନୁଧ୍ୟାନ କରି ଜନ ଜୀବନର ସାମାଜିକ ବିକାଶରେ ଜଗନ୍ନାଥ ସଂସ୍କୃତିର ଯେଉଁ ଅବଦାନ ଦର୍ଶାଇଛନ୍ତି ତାହାର ଆଲୋଚନା ଏହି ପ୍ରବନ୍ଧର ଉଦ୍ଦେଶ୍ୟ ।

## ଓଡ଼ିଶା ଓ ଜଗନ୍ନାଥ

ଜଗନ୍ନାଥଙ୍କ ସହ ଓଡ଼ିଶା ରାଜ୍ୟର ଯେଉଁ ଘନିଷ୍ଠ ସଂପର୍କ ତାହା ଅନ୍ୟ କୌଣସି ରାଜ୍ୟର କୌଣସି ଦେବତାଙ୍କ ସହ ଲକ୍ଷ୍ୟ କରାଯାଏ

Digitized by PPRACHIN, SOA

ନାହିଁ । ଓଡ଼ିଶାର ଧର୍ମ ଓ ସଂସ୍କୃତି କହିଲେ ସାଧାରଣ ଅର୍ଥରେ ଜଗନ୍ନାଥ ଧର୍ମ ଓ ସଂସ୍କୃତିକୁ ବୁଝିବାକୁ ହୁଏ । ଡକ୍ଟର ହରେକୃଷ୍ଣ ମହତାବ କହନ୍ତି—"ଓଡ଼ିଶାର ଧର୍ମ ବୋଲନ୍ତେ ଜଗନ୍ନାଥଙ୍କ ଉପାସନା ଓ ଓଡ଼ିଶାର ଧର୍ମର ଇତିହାସ ବୋଲନ୍ତେ ଜଗନ୍ନାଥଙ୍କ ଇତିହାସ ବୁଝାଏ ।" (୧) ଓଡ଼ିଶାକୁ ଯେଉଁ-ମାନେ ଧର୍ମ ପ୍ରଚାର କରିବାକୁ ଆସିଛନ୍ତି, ସମସ୍ତେ ଜଗନ୍ନାଥଙ୍କୁ ନିଜ ନିଜ ଧର୍ମର ପ୍ରତୀକ ରୂପେ ଗ୍ରହଣ କରି ନେଇଛନ୍ତି । ସେ ଦୃଷ୍ଟିରୁ ଜଗନ୍ନାଥ କେତେବେଳେ ଶବର-ଦେବତା ହୋଇଛନ୍ତି ତ, କେତେବେଳେ ଜୈନଧର୍ମ ଓ ବୌଦ୍ଧଧର୍ମର ପ୍ରତୀକ ରୂପେ ଦେଖା ଦେଇଛନ୍ତି । କେବେ ପୁଣି ବୈଷ୍ଣବ ମାନଙ୍କ ଉପାସ୍ୟ ହୋଇଛନ୍ତି ତ କେବେ ଗୀତୋକ୍ତ ପୁରୁଷୋତ୍ତମ ରୂପେ ପ୍ରତିଷ୍ଠା ପାଇଛନ୍ତି । କେବେ ଦାରୁବ୍ରହ୍ମ, କେବେ ନୀଳମାଧବ, କେବେ ରାଧାକୃଷ୍ଣଙ୍କ ଯୁଗଳ ମୂର୍ତ୍ତି, କେବେ ବା ସତ୍ୟ ନାରାୟଣ ଏହିପରି କେତେ ରୂପରେ ସେ ଜନମାନସର କେନ୍ଦ୍ର ବିନ୍ଦୁ ହୋଇ ଆସିଛନ୍ତି ।

## ଜଗନ୍ନାଥ ଧର୍ମୀୟ ପରଂପରା

ପୁରାଣ ମାନଙ୍କରେ ପୁରୁଷୋତ୍ତମ ମାହାତ୍ମ୍ୟ ସମ୍ବନ୍ଧୀୟ ବିଭିନ୍ନ ଧାରଣା ପ୍ରତିପାଦିତ ହେବା ପରେ ଐତିହାସିକମାନେ ଜଗନ୍ନାଥଙ୍କ ପ୍ରାଚୀନତା ଓ ମୌଳିକତା ବିଷୟରେ ନାନା ପ୍ରକାର ଯୁକ୍ତି ଉପସ୍ଥାପନ କରିଛନ୍ତି । ଜେମ୍ସ ଫର୍ଗୁସନଙ୍କ 'History of Indian and Eastern Architecture, ଜେନେରାଲ କନିଂହାମଙ୍କ Ancient Geography of India, ଫରାସୀ ଗବେଷକ ଲୁଇସ୍ ରୋଜଲେଟ୍‌ଙ୍କ 'India and its Princes', ନଗେନ୍ଦ୍ର ନାଥ ବସୁଙ୍କ Modern Budhism in Orissa' ଏବଂ ଡକ୍ଟର ହରେକୃଷ୍ଣ ମହତାବଙ୍କ 'ଓଡ଼ିଶା ଇତିହାସ' ଗ୍ରନ୍ଥରେ ଜଗନ୍ନାଥଙ୍କୁ ବୌଦ୍ଧ ଧର୍ମର ପ୍ରତୀକ ବୋଲି କୁହାଯାଇ ବୌଦ୍ଧ ତ୍ରିରତ୍ନ ବୁଦ୍ଧ, ଧର୍ମ ଓ ସଂଘରୁ ଜଗନ୍ନାଥ-ବଳଭଦ୍ର-ସୁଭଦ୍ରା ରୂପୀ ତ୍ରିମୂର୍ତ୍ତିର ଉତ୍ପତ୍ତି ପ୍ରତିପାଦିତ ହୋଇଅଛି । ଅନ୍ୟ ଦିଗରେ ଐତିହାସିକ, ମନମୋହନ ଗାଙ୍ଗୁଲିଙ୍କ 'Orissa and her Remains', ପ୍ରଭାତ କୁମାର ମୁଖାର୍ଜୀଙ୍କ Vaishnavism in Orissa, ମହାମହୋପାଧ୍ୟାୟ ସଦାଶିବ ମିଶ୍ରଙ୍କ 'ଜଗନ୍ନାଥ ମନ୍ଦିର' ଏବଂ ସୂର୍ଯ୍ୟନାରାୟଣ ଦାଶଙ୍କ 'ଶ୍ରୀ ଜଗନ୍ନାଥ ମନ୍ଦିର' ଗ୍ରନ୍ଥରେ ଜଗନ୍ନାଥଙ୍କୁ ବ୍ରାହ୍ମଣ୍ୟ ଧର୍ମର ଦେବତା ବୋଲି ପ୍ରମାଣ କରାଯାଇଛି । ତୃତୀୟ ମତବାଦଟି ଡକ୍ଟର ବେଣୀମାଧବ ପାଢୀଙ୍କ 'ଦାରୁଦେବତା', ଡକ୍ଟର ନବୀନ କୁମାର ସାହୁଙ୍କ 'History of Orissa', G. V. Rammurtyଙ୍କ 'Saura English Dictionary', ଗୁରୁଦାସ ସରକାରଙ୍କ 'ମନ୍ଦିରେର କଥା'ରେ ପରିଲକ୍ଷିତ, ଏହି ଗ୍ରନ୍ଥ ଗୁଡ଼ିକରେ ଜଗନ୍ନାଥଙ୍କ ଶବର ମୂଳକତା ଉପରେ ଗୁରୁତ୍ୱ

---

୧ । ଓଡ଼ିଶା ଇତିହାସ—ପୃ-୪୩୩ ।



Digitized by PPRACHIN, SOA

ଦିଆ ଯାଇଛି । ଏହି ଲେଖକମାନଙ୍କ ମତରେ, ଶବର ଭାଷାରେ ବ୍ୟବହୃତ 'ଜଗନ୍ତ' ଶବ୍ଦର ଅର୍ଥ—ଶବର ଦେବତା ଏବଂ ଏହି 'ଜଗନ୍' ଶବ୍ଦର ସଂସ୍କୃତ ରୂପ ହେଉଛି—ଜଗନ୍ନାଥ । *

## ଜଗନ୍ନାଥ ଏକ ଜୈନ ଅନୁଷ୍ଠାନ— ନୀଳକଂଠଂକ ସିଦ୍ଧାନ୍ତ

ପୂର୍ବୋକ୍ତ ମତ ଗୁଡ଼ିକୁ ଖଣ୍ଡନ କରି ପଣ୍ଡିତ ନୀଳକଂଠ କହନ୍ତି,—ଜଗନ୍ନାଥ ହେଉଛନ୍ତି ମୂଳତଃ ଜୈନ ସିଦ୍ଧିର ପ୍ରତୀକ । ପରବର୍ତ୍ତୀ କାଳରେ ତାଙ୍କୁ ବୌଦ୍ଧ କରିବାପାଇଁ ଚେଷ୍ଟା କରାଯାଇଛି । 'The cult of Jagannatha' 'Hints on the Significance and Hisfory of Jagannatha' ଏଇ ଦୁଇ ପ୍ରବନ୍ଧରେ ସେ ଜଗନ୍ନାଙ୍କୁ ଏକ ଜୈନ ଅନୁଷ୍ଠାନ ରୂପେ ଗ୍ରହଣ କରି ଓଡ଼ିଶାରେ ଜଗନ୍ନାଥ ଉପାସନାର ଐତହ୍ୟ ବିଷୟରେ ଆଲୋକପାତ କରିଛନ୍ତି । ତାଙ୍କ ଭାଷାରେ— 'Jagannatha means 'Jagat' or Universe, which is a 'natha' or 'Purusha' (person) to be worshipped' (୧) ଏଠାରେ 'ଜଗନ୍ନାଥ' ଶବ୍ଦରେ ସେ ଜଗତକୁ ଏକ ବ୍ୟକ୍ତିସତ୍ତା ଏବଂ 'ନାଥ'କୁ ଜୈନଙ୍କ ଦ୍ୱାରା ବ୍ୟବହୃତ ଏକ ସାଙ୍ଗିଆଁ ବୋଲି ଦର୍ଶାଇଛନ୍ତି । "ଯେପରି ଜୈନ ମାନଙ୍କ ଠାରେ ଋଷଭ ନାଥ, ଆଦିନାଥ, ନେମିନାଥ, ପାର୍ଶ୍ୱନାଥ ପ୍ରଭୃତି, ଏ ସେହିପରି ଜଗତ ସ୍ୱରୂପ ଉପାସ୍ୟ ପୁରୁଷର ନାମ ଜଗନ୍ନାଥ । (୨) ଜଗନ୍ନାଥଙ୍କୁ ନୀଳକଂଠ ଋଷଭନାଥଙ୍କ ସହ ତୁଳନା କରିଛନ୍ତି । ଋଷଭ ନାଥ ବା ସୃଷ୍ଟି ଜଗତର ଜୀବନ ରୂପୀ ପୁରୁଷ । ଜଗନ୍ନାଥ ହେଉଛନ୍ତି ଜଗତ ରୂପୀ ପୁରୁଷ । ସେ ପୁଣି କହନ୍ତି, ଜୈନ ତୀର୍ଥଙ୍କରମାନଙ୍କ ଉତ୍ସବରେ ଅନୁଷ୍ଠିତ ରଥଯାତ୍ରାରୁ ଜଗନ୍ନାଥଙ୍କ ରଥଯାତ୍ରାର ପରିକଳ୍ପନା କରାଯାଇଛି ।

ଜଗନ୍ନାଥଙ୍କ 'କୈବଲ୍ୟ' କଥାଟିରେ ମଧ୍ୟ ନୀଳକଂଠ ଜୈନ ମୂଳକୁ ଅନୁସନ୍ଧାନ କରି ଲେଖିଛନ୍ତି—'କୈବଲ୍ୟ କଥାଟି ମୂଳତଃ ଗୋଟିଏ ଜୈନ କଥା । ଜୈନମାନେ ନିଜର ନିର୍ବାଣ ସାଧନାରେ ଜୀବକୁ ଅଜୀବ ଠାରୁ ଅଲଗା କରି କେବଳ ଜୀବ ସ୍ୱରୂପ ହୋଇ ଯିବାପାଇଁ ଲାଗନ୍ତି । ଏହି କେବଳ ଜୀବର ଅବସ୍ଥାକୁ

---

* ଦାରୁ ଦେବତା—ଡଃ ବେଣୀମାଧବ ପାଢ଼ୀ—୩୨ ପୃଷ୍ଠା ଦ୍ରଷ୍ଟବ୍ୟ ।

(୧) O.H.R.J.—Vol. No. I—Part-I ରେ ପ୍ରକାଶିତ Cult of Jagannath ପ୍ରବନ୍ଧ ଦ୍ରଷ୍ଟବ୍ୟ ।

(୨) ରଥଯାତ୍ରା-ନୀଳକଂଠ ଦାସ, ଉତ୍କଳ ସାହିତ୍ୟ-ନୂଆ ପ୍ରସ୍ଥ–୧।୪ ପୃ-୧୫୭ ।



Digitized by PPRACHIN, SOA

କହନ୍ତି 'କୈବଲ୍ୟ । ଏହି କୈବଲ୍ୟ ଆସିଗଲେ ଦେହତ୍ୟାଗ ମାନେ ନିର୍ବାଣ ବା ମୁକ୍ତ ମନକୁ ହୁଏ । ଜଗନ୍ନାଥଙ୍କ ଠାରେ ଜୀବଦ୍ଦଶାରେ ଯେଉଁ ମୁକ୍ତି ମିଳେ, ତାହାର ନାମ କୈବଲ୍ୟ । ଅନ୍ୟତ୍ର ଏହି ଅର୍ଥରେ ଏ ନାମ ନାହିଁ ।" (୧)

ବୌଦ୍ଧଙ୍କ ପରି ଜୈନଙ୍କର ମଧ୍ୟ ତ୍ରିରତ୍ନ ବିଶ୍ୱାସ ଅଛି । ସମ୍ୟକ୍ ଦର୍ଶନ, ସମ୍ୟକ୍ ଜ୍ଞାନ ଓ ସମ୍ୟକ୍ ଚରିତ୍ର ହେଉଛି ଜୈନଙ୍କ ତ୍ରିରତ୍ନ । ଏହା ହିଁ ଜୈନ-ଧର୍ମର ସକଳ ତତ୍ତ୍ୱର ଆଧାର ଓ ମୋକ୍ଷ ପ୍ରାପ୍ତିର ମାର୍ଗ ବୋଲି ନୀଳକଂଠ ଦର୍ଶାଇଛନ୍ତି । ଜଗନ୍ନାଥ, ଏକ ଜୈନ ଅନୁଷ୍ଠାନ—ତାଙ୍କର ଏହି ମତବାଦର ପୃଷ୍ଠପୋଷକତା କରିଛନ୍ତି—ଐତିହାସିକ କେଦାର ନାଥ ମହାପାତ୍ର, ପଂଡିତ ଦାନାମ୍ବର ଆଚାର୍ଯ୍ୟ, ପଣ୍ଡିତ ବିନାୟକ ମିଶ୍ର ଓ ଡକ୍ଟର ବାସୁଦେବ ସାହୁ, କେଦାର ନାଥ ମହାପାତ୍ର ଜଗନ୍ନାଥଙ୍କ ତ୍ରିମୂର୍ତ୍ତିଙ୍କୁ ଜୈନ ତ୍ରିମୂର୍ତ୍ତି ସହ ସଂପୃକ୍ତ କରିଛନ୍ତି । ଜଗନ୍ନାଥଙ୍କ ଠାରେ ଜୀନତ୍ୱ ଆରୋପ କରି ଡକ୍ଟର ବାସୁଦେବ ସାହୁ । କହନ୍ତି—"ଜଗନ୍ନାଥଙ୍କୁ ଜୈନ ଦେବତା ଭାବରେ କଳ୍ପନା କରିବାର ବହୁ ପ୍ରମାଣ ଓଡ଼ିଶାର ସଂସ୍କୃତି ଭିତରେ ରହିଛି । ଜୈନର 'ପୁରିସୁତ୍ତି' ବା 'ପୁରିସୋତ୍ତିମ' ଓଡ଼ିଆର ପୁରୁଷୋତ୍ତମ, ଜୈନର ଜୀନଦେବ, ଅର୍ହତ, ବାସୁଦେବ ଓଡ଼ିଆର ଜଗନ୍ନାଥ, ପରଂବ୍ରହ୍ମ ଓ କୃଷ୍ଣ-ବାସୁଦେବ । ଜୈନ ଧର୍ମଗ୍ରନ୍ଥ 'ନନ୍ଦୀସୂତ୍ର'ରେ ମଧ୍ୟ 'ଜଗନ୍ନାଥ' ଶବ୍ଦର ଅର୍ଥ ଜଗତ ପାଳକ ବା ଜୀନ ଦେବ ଭାବରେ ଉଲ୍ଲିଖିତ ।" (୨)

## ଜଗନ୍ନାଥଙ୍କୁ 'ଜୀନଦେବ' ଭାବେ ପ୍ରତିଷ୍ଠା ଦେବାରେ ନୀଳକଂଠଙ୍କ ଉଦ୍ଦେଶ୍ୟ

ଓଡ଼ିଶାରେ ଧର୍ମ ଧାରାର ବିଚାର କଲାବେଳେ ଜାତି ପ୍ରାଣ ନୀଳକଂଠ ସର୍ବଦା ଓଡ଼ିଆ ସଂସ୍କୃତି ଓ ଓଡ଼ିଶା ଇତିହାସର ଆତ୍ମିକ ବିକାଶ ପ୍ରତି ସଚେତନ ହୋଇଛନ୍ତି । ତାଙ୍କ ଯୁକ୍ତିରେ, ଜଗନ୍ନାଥଙ୍କ ଠାରେ ଜୈନ ଭିତ୍ତି ପ୍ରତିପାଦନ କଲେ ଓଡ଼ିଆ ସଂସ୍କୃତିର ବିକାଶ ଯେତେ ପ୍ରକଟିତ ହୁଏ, ବୌଦ୍ଧଭିତ୍ତି ପ୍ରତିପାଦନ କଲେ ତାହା ହୁଏ ନାହିଁ । ସେହି ଦୃଷ୍ଟିରୁ ଜଗନ୍ନାଥଙ୍କୁ ଜୀନଦେବ ଭାବେ ପ୍ରତିଷ୍ଠା ଦେବା ପାଇଁ ସେ ବିଭିନ୍ନ ରଚନା ଓ ଅଭିଭାଷଣରେ ବହୁ ଯୁକ୍ତି ଉପସ୍ଥାପନ କରିଛନ୍ତି । ତନ୍ମଧ୍ୟରୁ କେତୋଟି ମାତ୍ର ନିମ୍ନରେ ପ୍ରଦତ୍ତ ହେଲା ।

---

(୧) ଜଗନ୍ନାଥ ଧର୍ମ—ଉତ୍କଳ ସାହିତ୍ୟ-ନୂଆ ପ୍ରସ୍ଥ—୧/୯, ପୃ-୩୯୮ ।

(୨) ଜଗନ୍ନାଥ ଚେତନାର ଉଦ୍ଭବ ଓ ବିକାଶ—ଝଙ୍କାର ୨୯ଶ ଭାଗ—ବିଷୁବ ସଂଖ୍ୟା, ଏପ୍ରିଲ—୧୯୭୭ ।



Digitized by PPRACHIN, SOA

## ଜଗନ୍ନାଥ ଧର୍ମ ଓ ଜୈନଧର୍ମ ଉଭୟ ଈଶ୍ୱର ବହୀନ ଧର୍ମ ବା ଆତ୍ମ ଧର୍ମ :

ପଣ୍ଡିତ ନୀଳକଂଠ ଜୈନଧର୍ମକୁ ପ୍ରାଚୀନତମ ଅଧ୍ୟାତ୍ମ୍ୟ ଧର୍ମ ରୂପେ ପ୍ରତିପାଦନ କରି ତାହା ମଧ୍ୟରେ ଜଗନ୍ନାଥ ଧର୍ମର ଗୂଢ଼ ତତ୍ତ୍ୱ ଅନୁସନ୍ଧାନ କରିଛନ୍ତି—"ଜଗତରେ ଧର୍ମ ସ୍ଥୂଳତଃ ଦୁଇ ପ୍ରକାରର— ଗୋଟିଏ ବାହାରୁ ନିର୍ଦ୍ଦେଶିତ ଧର୍ମ ବା ଭୌତିକ ଧର୍ମ ଓ ଅନ୍ୟଟି ଅଧ୍ୟାତ୍ମ୍ୟ ଧର୍ମ—ଯେଉଁଥିରେ ମନୁଷ୍ୟ ନିଜ ଭିତରୁ ନିର୍ଦ୍ଦେଶ ଲାଭ କରେ । ଭୌତିକ ଧର୍ମରେ ଦେବତା ବା ଈଶ୍ୱର ମନୁଷ୍ୟକୁ ନିର୍ଦ୍ଦେଶ ଦିଅନ୍ତି । ମନୁଷ୍ୟ ଈଶ୍ୱରଙ୍କ ଭୟରେ ନିର୍ଦ୍ଦେଶିତ ହେବାପରି କାମ କରେ । କିନ୍ତୁ ଅଧ୍ୟାତ୍ମ୍ୟ ଧର୍ମରେ ମନୁଷ୍ୟ ନିଜ ଭିତରେ ଯେଉଁ ଆତ୍ମା ବା 'ପୁରୁଷ' ଅଛି, ତାହାର ଉପାସନା କରେ ।" (୧) ଏହି ବ୍ୟକ୍ତି ସତ୍ତା ବା ପୁରୁଷ ଜଗନ୍ନାଥ ଧର୍ମରେ ପରିବ୍ୟାପ୍ତ ହୋଇ ଜଗତର ସ୍ତରକୁ ଉନ୍ନିତ ହୋଇଛି । ଜଗନ୍ନାଥ ହୋଇଛନ୍ତି ଜଗତ ରୂପୀ ପୁରୁଷ । ସେହି ଜଗତ ସ୍ୱରୂପ ପୁରୁଷର ସୁଖ ଦୁଃଖରେ ନିଜେ ସୁଖୀ, ଦୁଃଖୀ ହୋଇ ପାରିଲେ ଅର୍ଥାତ୍ ସମଗ୍ର ବିଶ୍ୱର ଅନୁଭବ ସଙ୍ଗରେ ନିଜର ଅନୁଭବକୁ ସାମିଲ କରି ପାରିଲେ ହିଁ ହେବ ଜଗତ ଉପାସନା । ନିଜର ସୀମିତ ବ୍ୟଷ୍ଟି ବା ବ୍ୟକ୍ତ କର୍ମକୁ ଜଗତ ଚେତନାରେ ଉଦ୍‌ବୁଦ୍ଧ କରି ଜଗତ ପାଇଁ ଉତ୍ସର୍ଗ କରିବା ହେଉଛି ଜଗନ୍ନାଥ ଧର୍ମ । ପୁରୁଷକୁ ଜଗତ ବା ଜଗତକୁ ପୁରୁଷ ସହ ଅଭେଦ କଳ୍ପନା କରିବା ହେଉଛି ଜୈନ ଧର୍ମର ନିଜସ୍ୱ । (୨)

### ଆତ୍ମ ଧର୍ମର ବିକାଶ

ଅଧ୍ୟାତ୍ମବାଦୀ ଜୈନ ଦାର୍ଶନିକମାନେ ଜାଣିଥିଲେ ଯେ, ଜୀବ ଏବଂ ଅଜୀବ– ଏ ଦୁଇ ପ୍ରକାର ବସ୍ତୁକୁ ନେଇ ଜଗତର ସୃଷ୍ଟି । ଜୈନ ଦର୍ଶନ ଅନୁସାରେ ଜୀବ ଓ ଅଜୀବର ନିତ୍ୟ ସଂପର୍କରେ ନାମ-ରୂପ-ମୟ ଜଗତ ସୃଷ୍ଟି ରହିଛି । ଅର୍ଥାତ୍ ଜୀବ ଓ ଅଜୀବ ସଂପର୍କରେ ଆସିବାରୁ ସବୁ ନାମ ରୂପ ସମ୍ଭବ ହୋଇଛି । ଜୀବ ହେଉଛି ଜୀବନର ହେତୁ, ଯାହାକୁ ଜୈନମାନେ 'ପୁରୁଷ' ବୋଲି କହୁଥିଲେ । ଏହି ଜୀବ ବା ପୁରୁଷ ଅଜୀବରୁ ସଂପର୍କ ତୁଟାଇ ଦେଲେ ସ୍ୱାଧୀନ ହୁଏ । (୩) 'ଜୀବ' ଶବ୍ଦ ସୁମେରୀୟ 'ଜି'ରୁ ଆସିଛି । ଏହାର ଅର୍ଥ, ଜୀବ ଭିତରେ ଥିବା

---

(୧) ଗୀତା ପୀଠିକା—ନୀଳକଂଠ ଦାସ—ପୃଷ୍ଠା ୮୨

(୨) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ— ୨ୟ ଭାଗ—ନୀଳକଂଠ ଗ୍ରନ୍ଥାବଳୀ— ୩ୟ ଖଣ୍ଡ ୧୯୧ ପୃଷ୍ଠା ଦ୍ରଷ୍ଟବ୍ୟ ।

(୩) ଗୀତା ପୀଠିକା—୧୯ ପୃଷ୍ଠା ଦ୍ରଷ୍ଟବ୍ୟ



Digitized by PPRACHIN, SOA

ଆର୍ମିକ ଶକ୍ତି । ଏଥିରୁ କ୍ରମେ 'ଜଣିବା' କଥାଟି ଆସିଲା । 'ଜଣ' ଶବ୍ଦର ଅର୍ଥ ହେଲା– ଜଣିବା ଲୋକ । 'ଜଣ ଭାବ' ବା ଆତ୍ମାକୁ ଧରି ଇନ୍ଦ୍ରିୟକୁ ଜୟ କରିବା ଭାବ ହେଉଛି ପୃଥିବୀର ଶ୍ରେଷ୍ଠ ଧର୍ମଭାବ । ଏହା 'ଆଟେନ୍' ( ଆତ୍ମନ୍ ) ଧର୍ମ ନାମରେ ଖ୍ରୀ: ପୂ: ୧୪ଶ ଶତାବ୍ଦୀରେ ମିଶର ଓ ଇଜିପ୍ଟରେ ପ୍ରଚାର ଲାଭ କରି-ଥିଲା । ଏ ଧର୍ମ କ୍ରମେ ଭାରତରେ ଆତ୍ମ ଧର୍ମ ରୂପେ ବେଦ ଓ ଉପନିଷଦ୍‌ରେ ସ୍ଥାନ ପାଇଲା ଏବଂ ଏଇ ଆତ୍ମଭାବ 'ଗୀତା'ରେ ମଧ୍ୟ ପରିସ୍ଫୁଟ ହେଲା । ଆତ୍ମଭାବରୁ ଦୁଇଟି ସତ୍ୟ ପ୍ରକାଶ ପାଇଥିଲା— ପୂର୍ଣ୍ଣ ଓ ଶୂନ୍ୟ । ପୂର୍ଣ୍ଣ ଭାବ ବା ପୁରୁଷ ଭାବଟି 'ପୁରୁଷୋତ୍ତମ' ରୂପେ ଗୀତାରେ ପ୍ରକାଶ ପାଇଛି ।–

"ଯସ୍ମାତ୍‌କ୍ଷରମତୀତୋଽହମକ୍ଷରାଦପି ଚୋତ୍ତମଃ
ଅତୋଽସ୍ମି ଲୋକେ ବେଦେଚ ପ୍ରଥିତଃ ପୁରୁଷୋତ୍ତମଃ ।"

( ଗୀତା-୧୫।୧୮ )

ଏଠାରେ ଭଗବାନ୍ କୃଷ୍ଣ କହୁଛନ୍ତି— ଯେହେତୁ ମୁଁ କ୍ଷର ବା ବ୍ୟକ୍ତ ପୁରୁଷରୁ ଅତୀତ ବା ଉପରେ, ପୁଣି ଅକ୍ଷର ବା ଅବ୍ୟକ୍ତ ପୁରୁଷରୁ ମଧ୍ଯ ଶ୍ରେଷ୍ଠ, ସେଥିପାଇଁ ପୁରାଣାଦି ଲୌକିକ ଶାସ୍ତ୍ରରେ ଓ ଅପୌରୁଷେୟ ନିତ୍ୟଜ୍ଞାନ ବେଦରେ ମୁଁ 'ପୁରୁଷୋତ୍ତମ' ବୋଲି ଖ୍ୟାତ । ନୀଳକଂଠଂକ ଯୁକ୍ତିରେ, ଗୀତାର ଏଇ ପୁରୁଷୋତ୍ତମ ହେଉଛନ୍ତି– ଜଗନ୍ନାଥ । ସେ କହନ୍ତି, ଶ୍ରୀମଦ୍ ଭଗବଦ୍ ଗୀତା ରଚନା ସମୟକୁ କୃଷ୍ଣ, ବିଷ୍ଣୁ ଓ ଈଶ୍ୱର ସମସ୍ତେ ଏକ ହୋଇ ଜଗନ୍ନାଥ ଭୂମିର ପୁରୁଷୋତ୍ତମ ରୂପେ ପ୍ରତିଷ୍ଠିତ ହୋଇ ସାରିଥିଲେ । ଏଇ ଜଗନ୍ନାଥ ଭୂମିର କୌଣସି ପୁରୁଷୋତ୍ତମ ସେତେବେଳକୁ ଲୋକରେ ଉପାସ୍ୟ ରୂପେ ପ୍ରତିଷ୍ଠିତ ଥିଲେ । ସେଇ ପୁରୁଷୋତ୍ତମ ହେଉଛନ୍ତି କୃଷ୍ଣ ଓ ସମସ୍ତ ଅବତାରର ଅବତାରୀ । (୧) ପୁରୁଷୋତ୍ତମ-ପୁରୀ ବା ଶ୍ରୀକ୍ଷେତ୍ର ବ୍ୟତୀତ 'ଗୀତା' ବେଳକୁ ଅନ୍ୟ କୌଣସି-ଠାରେ ଭକ୍ତର ଉପାସ୍ୟ ଦେବ ରୂପେ ପୁରୁଷୋତ୍ତମ ନାହାନ୍ତି ବୋଲି ମତ ଦେଇ ସେ ଲେଖିଛନ୍ତି—

"The name Puri is really Purusottama-Puri Locally it is called Purusottam ( Oriya-Purastama, Prastam ) As the place of Purusottama or Jagannath it is the supreme place of worship in the Hindu world." (୨)

(୧) ଆର୍ଯ୍ୟ ଜୀବନ– ସତ୍ୟବାଦୀ– ୧/୩-୪ ପୃ ୧୦୭ ଦ୍ରଷ୍ଟବ୍ୟ
(୨) Cult of Jagannath- Page-17



Digitized by PPRACHIN, SOA

'ପୁରୁଷ' ଶବ୍ଦଟିକୁ ପଣ୍ଡିତ ନୀଳକଂଠ ସାମ୍ୟ ଓ ମୈତ୍ରୀର ପ୍ରତୀକ ଅର୍ଥରେ ଗ୍ରହଣ କରିବା ମୂଳରେ ଜୈନଧର୍ମ ଶାସ୍ତ୍ରର ପ୍ରଭାବ ସ୍ୱୀକାର୍ଯ୍ୟ । ଜୈନ ଶାସ୍ତ୍ରରେ ଜୀବନର ପରିଚର୍ଯ୍ୟାରେ ସାମ୍ୟ ଓ ମୈତ୍ରୀର ଗୁରୁତ୍ୱ ଓ ଅପରିହାର୍ଯ୍ୟତା ଦର୍ଶାଇ ଦିଆଯାଇଛି । ଋଗ୍‌ବେଦର–

"ଅଦୋ ଯଦ୍ଦାରୁ ପ୍ଲବତେ
ସିନ୍ଧୋଃପାରେ ଅପୁରୁଷମ୍
ତଦାରଭସ୍ୱ ଦୁର୍ହଣୋ
ତେନ ଗଚ୍ଛ ପରସ୍ତରମ୍ ।"

( ଋଗ୍ ୧୦/୧୫୫/୩ ଶ୍ଳୋକ )

ଏହି ଶ୍ଳୋକକୁ ଅର୍ଥ କରି ନୀଳକଂଠ କହନ୍ତି, ଯାହା ପୁରୁଷ ଭାବର ବିପରୀତ ବା ସାମ୍ୟ ମୈତ୍ରୀର ବିରୋଧୀ, ସେହି ଅପୁରୁଷକୁ ଛେଦନ କଲେ ମନୁଷ୍ୟ ପରମ ପଦର ଅଧିକାରୀ ହୋଇ ପାରିବ । ଅର୍ଥାତ୍ ଜୀବନରେ ସିଦ୍ଧି ଲାଭ କରି ସଂକୀର୍ଣ୍ଣତା ତଥା ସ୍ୱାର୍ଥରୁ ମୁକ୍ତ ହୋଇ ପାରିବ । (୧) ତାଙ୍କ ମତରେ ସମୁଦ୍ରରେ ଭାସୁଥିବା ଦାରୁ ପୁରୁଷ ନୁହେଁ । ଏହା ଅଷ୍ଟ୍ରିକ୍ ବା ପ୍ରୋଟୋ ଅଷ୍ଟ୍ରୋଲଏଡ୍ ବୃକ୍ଷ ଉପାସନାର ଅବଶେଷ— ଦାରୁ ଉପାସନା । ଏହା ସହିତ ବେଦର ସହସ୍ର ଶୀର୍ଷା ପୁରୁଷ ବା ଜୈନଙ୍କ ଉପାସ୍ୟ ପୁରୁଷର କୌଣସି ସଂପର୍କ ନାହିଁ ।

## ଜୈନ ଧର୍ମ–ମୈତ୍ରୀଧର୍ମ, ଜଗନ୍ନାଥ ବିଶ୍ୱ ମୈତ୍ରୀର ପ୍ରତୀକ

ଜୈନଧର୍ମରେ ପ୍ରତ୍ୟେକ ମନୁଷ୍ୟ ସ୍ୱାଧୀନ ବା ଆତ୍ମବାନ୍ । ଜୈନଧର୍ମାବଲମ୍ବୀ ମାନେ ପତିତପାବନଙ୍କ ଅନୁକରଣରେ ନିଜକୁ ବଡ଼ ମନେକରି ଦରିଦ୍ରଙ୍କ ସେବା କରନ୍ତି ନାହିଁ । ଅନୁଭବରେ ସାମ୍ୟ ପ୍ରତିଷ୍ଠା କରି ମୈତ୍ରୀର ଆଚରଣରେ ଆତ୍ମଲାଭର ପ୍ରଚେଷ୍ଟା କରନ୍ତି । ତେଣୁ ନୀଳକଂଠଙ୍କ ଯୁକ୍ତିରେ, ଜୈନଧର୍ମ ହେଉଛି ଯଥାର୍ଥରେ ମୈତ୍ରୀ ଧର୍ମ । ଜଗନ୍ନାଥଙ୍କ ଠାରେ ଜୈନତ୍ୱ ପ୍ରତିପାଦନ କରି ସେ ଓଡ଼ିଶାର ଧାର୍ମିକ ପରଂପରାରେ ମୈତ୍ରୀ ଭାବକୁ ଗୁରୁତ୍ୱ ଦେଇଛନ୍ତି । ଜଗନ୍ନାଥଙ୍କୁ 'ପତିପାବନ' କୁହାଯିବାର ସେ ପୁଣି ଘୋର ବିରୋଧ କରି କହନ୍ତି, ଜଗନ୍ନାଥଙ୍କୁ 'ପତିତପାବନ' ମନେ କରିବାର ଓଡ଼ିଆ ସାହିତ୍ୟ ତଥା ସଂସ୍କୃତିରେ ଆଞ୍ଚ ଆସିବା ସ୍ୱାଭାବିକ, କାରଣ ଜଗନ୍ନାଥ ହେଉଛନ୍ତି—ମୈତ୍ରୀ ଦେବ । ତାଂକ

---

(୧) Hints on the Significance and History of Jagannatha–April-1958 O.H.R.J.– Vol VII No 1 P 17.



Digitized by PPRACHIN, SOA

ନିକଟରେ କେହି ପତିତ ନୁହନ୍ତି ବା କେହି ଉନ୍ନତ ନୁହନ୍ତି । —"ଜଗନ୍ନାଥ ପତିତପାବନ ନୁହନ୍ତି । ସେ ହେଉଛନ୍ତି ଅନନ୍ତ ବିଶ୍ୱ-ପ୍ରକାଶର ବିନ୍ଦୁରେ ଏକ ପୁଣି ବିଶ୍ୱ ତତ୍ତ୍ୱର ଏକରେ ପ୍ରକାଶ ରୂପ ବିନ୍ଦୁ । ସେ ବିଶ୍ୱ ମୈତ୍ରୀର ପ୍ରତୀକ, ମୈତ୍ରୀ ଦେବ-ପୁରୁଷୋତ୍ତମ । ସେ ହେଉଛନ୍ତି—ଶୁଦ୍ଧ, ବୁଦ୍ଧ, ଜଗନ୍ନାଥ । (୧)

ବିଶ୍ୱ ମୈତ୍ରୀର ସଂଜ୍ଞା ନିରୂପଣ କରି ସେ ପୁଣି ଲେଖିଛନ୍ତି—"କାହାର କଅଣ ଦରକାର ଅଛି, ମୋର କାହାପ୍ରତି କଅଣ କରିବାର ଅଛି, ତାହାଇ ହେଉଛି ମୋର ପ୍ରକାଶ । ଏହାଇ ହେଲା ବିଶ୍ୱ ମୈତ୍ରୀ । (୨) ଏଇ ଦୃଷ୍ଟିରୁ ଓଡ଼ିଆଙ୍କର ଆରାଧ୍ୟ ଦେବତା ଜଗନ୍ନାଥ ବିଶ୍ୱମୈତ୍ରୀର ଶ୍ରେଷ୍ଠ ପ୍ରତୀକ । ସେ କୌଣସି ବ୍ୟକ୍ତି ବା ସ୍ଥାନର ନୁହନ୍ତି । ଏଇ ଏକା ସବୁ ସ୍ତରର ମାନବ ପାଇଁ ଜଗତର ନାଥ । ବିଷ୍ଣୁଙ୍କର ବୁଦ୍ଧ ଅବତାର । ସେହି ପୁଣି ଓଡ଼ିଆଂକ ପରମ ଦେବତା—ଓଡ଼ିଆ ସମାଜର ଗତି-ନିୟାମକ ।

ପତିତପାବନ ଧର୍ମରେ ସମାଜର ରଜା-ପ୍ରଜା, ଆଧିପତ୍ୟ ଦାସତ୍ୱ, ଦର୍ପ-ଦୈନ୍ୟ, ଶକ୍ତିମତ୍ତା-ବଳହୀନତାର ଧାରଣାକୁ ଅତି ବିସ୍ତୃତ କରି ତାହାକୁ ଆଧ୍ୟାତ୍ମିକ ଆବରଣରେ ଘୋଡ଼ାଇ ଲୋକଙ୍କୁ ଯେଉଁଭଳି ଭୁଲାଇ ମନାଇ ନିଆ ଯାଇଥାଏ, ପଣ୍ଡିତ ନୀଳକଂଠ ତା'ର ନିନ୍ଦା କରି ଜଗନ୍ନାଥଙ୍କୁ ସବୁ ବୈଷମ୍ୟ ଭିତରେ ବିଶ୍ୱ ଭିତରେ ମହା ଶୃଙ୍ଖଳା ରୂପେ ତଥା ଚତୁର୍ଦ୍ଧା ମୂର୍ତ୍ତି ପୁରୁଷୋତ୍ତମ ରୂପେ ଅଭିହିତ କରିଛନ୍ତି । ତାଙ୍କ ଭାଷାରେ ସେଇ ହେଉଚନ୍ତି, ଘୋର ଅପ୍ରକାଶ—ସୁଦର୍ଶନ; ସେଇ ହେଉଚନ୍ତି ସମସ୍ତ ପ୍ରକାଶର ଅବ୍ୟକ୍ତ କାରଣ—ଜଗନ୍ନାଥ; ସେଇ ହେଉଚନ୍ତି ତପସ୍ୟାର ଯୋଗମାୟା- ସୁଭଦ୍ରା, ପୁଣି ସେଇ ହେଉଚନ୍ତି, ବିଶ୍ୱ ପ୍ରକାଶ ବା ସତ୍ୟର ପ୍ରତୀକ- ଅନନ୍ତ ଠୂଳ ରୂପ, ଜଗନ୍ନିବାସ, ଦେବେଶ ବା ବଡଠାକୁର । ଏଇ ପରି ଚତୁର୍ଦ୍ଧାମୂର୍ତ୍ତି ଜଗନ୍ନାଥ ହେଉଚନ୍ତି- ପୁରୁଷୋତ୍ତମ । (୩)

## ଛେରା ପହଁରା ଚଳଣିରେ ମୈତ୍ରୀ ଧର୍ମର ସଂକେତ

ଜଗନ୍ନାଥଙ୍କ ସେବାରେ ଛେରା ପହଁରା ଚଳଣି ମଧ୍ୟରେ ପଣ୍ଡିତ ନୀଳକଂଠ ବିଶ୍ୱ ମୈତ୍ରୀ ଭାବର ସଙ୍କେତ ଲକ୍ଷ୍ୟ କରିଛନ୍ତି । ଏ ଚଳଣିର ମର୍ମ ବୁଝାଇ ସେ ଲେଖିଛନ୍ତି— ବିଶ୍ୱରୂପୀ ପୁରୁଷର ସେବାରେ କୌଣସି କର୍ମ ହେୟ ବା ଉପାଦେୟ ନୁହେଁ । ସବୁକାମ ସମାନ, ଜଗନ୍ନାଥଙ୍କ ମୈତ୍ରୀ ଧର୍ମରେ ଛେରା ପହଁରା କାର୍ଯ୍ୟଟି ବ୍ୟକ୍ତି କର୍ମର ସଂକେତ, ଛେରା' ଅର୍ଥ ବହଳିଆ ଘୋରା ଚନ୍ଦନ, ବଟା ହଳଦି

---

(୧) ସଂସ୍କୃତ ଓ ସଂସ୍କୃତି—ନୀଳକଂଠ ଗ୍ରନ୍ଥାବଳୀ-(୨ୟ ଖଣ୍ଡ) ପୃ-୪୯୧

(୨) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ—ନୀଳକଂଠ ଗ୍ରନ୍ଥାବଳୀ, ୩ୟ ଖଣ୍ଡ —୧୩୦ ପୃଷ୍ଠା ।

(୩) ସଂସ୍କୃତ ଓ ସଂସ୍କୃତି— ନୀ. ଗ୍ର- ୨ୟ ଖଣ୍ଡ – ୪୯୨ ପୃଷ୍ଠା



Digitized by PPRACHIN, SOA

ପ୍ରଭୃତି ତରଳ ଦ୍ରବ୍ୟ ଏବଂ 'ପହଁଚ୍ଚ' ଅର୍ଥ ଓଲାଇବା । ତେଣୁ ଛେରାପହଁରା ଅର୍ଥ ପାଣି ଛୁଞ୍ଚି ଓଲାଇ ଥାନ ବା ବାଟ ପରିଷ୍କାର କରିବା । ଜଗତ ରୂପୀ ପୁରୁଷ ବା ଜଗନ୍ନାଥଙ୍କ ସେବାରେ ଘୃଣା ଓ ଅବଜ୍ଞା କାର୍ଯ୍ୟତଃ ଉଠାଇବାକୁ ହେବ । ଏଥିପାଇଁ ଛେରାପହଁରା ଚଳଣିର ପ୍ରଚଳନ । ଏହା ହାଡ଼ିର କାମ ହୋଇପାରେ, କିନ୍ତୁ ବିଶ୍ୱ ବିକାଶ ଓ ବିଶ୍ୱ ଚଳଣିରେ ଏହା ମହା ମୈତ୍ରୀର ସଂକେତ । ତେଣୁ ଏହା ସମାଜ ନେତା ସମ୍ରାଟଙ୍କ କର୍ମ । ଏହାର ଆଗ୍ରହରେ ପ୍ରକୃତ ଧର୍ମ । ଏ ଧର୍ମର ଅପଲାପ ଅସହ୍ୟ । ଏଥିପାଇଁ ପୁରୁଷୋତ୍ତମ ଦେବଙ୍କ କାଞ୍ଚି ଅଭିଯାନ । (୧)

## ଜଗନ୍ନାଥ ମହା ସମନ୍ୱୟର ବିଗ୍ରହ

ପଣ୍ଡିତ ନୀଳକଂଠ ଜଗନ୍ନାଥଙ୍କ ଠାରେ ଜୈନ ମୂଳକତା ଅନୁସନ୍ଧାନ କରିଥିଲେ ହେଁ, ପ୍ରସଙ୍ଗକ୍ରମେ ଜଗନ୍ନାଥ ସଂସ୍କୃତି ସହ ଶବର ସଂସ୍କୃତିର ଅଭେଦ ଦର୍ଶାଇ ଆର୍ଯ୍ୟ-ଅନାର୍ଯ୍ୟ ସଂସ୍କୃତି ମଧ୍ୟରେ ଜଗନ୍ନାଥଙ୍କୁ ଏକ ମହା ସମନ୍ୱୟର ବିଗ୍ରହ ରୂପେ ପ୍ରତିଷ୍ଠା ଦେଇଛନ୍ତି । ପୃଥିବୀର ସନାତନ ସତ୍ୟ ପ୍ରତିଷ୍ଠା ଦିଗରେ କଳିଙ୍ଗର ଶବର ସଂସ୍କୃତି ତଥା ଜଗନ୍ନାଥ ସଂସ୍କୃତିର ଅବଦାନର ସୂଚନା ଦେଇ ଲେଖିଛନ୍ତି—"କଳିଙ୍ଗର ଧର୍ମ ଓ ସଂସ୍କୃତିକୁ ଏକ କଥାରେ କହିଲେ କୁହାଯିବ- ଏହା ଜଗନ୍ନାଥ । ଏଠାରେ କର୍ମରେ ଭେଦଜ୍ଞାନ ନାହିଁ— ଧର୍ମରେ ଅନ୍ଧତା ନାହିଁ । ଏହାହିଁ ବିଶ୍ୱଧର୍ମରେ ମହା ସମନ୍ୱୟର ବିଗ୍ରହ । କଳିଙ୍ଗର ବୃଦ୍ଧ ଶବର ବୃଦ୍ଧ ମାଳବ ରାଜାଙ୍କୁ ଏହା ଶିଖାଇ ଚିରକାଳ ପାଇଁ ଭାରତର ଧର୍ମର ଏଇ ନିତ୍ୟ ପ୍ରତିଷ୍ଠାନରେ ପ୍ରାଣ ପ୍ରତିଷ୍ଠା କରିଯାଇଛନ୍ତି । ଏହା କଳିଙ୍ଗ ତଥା ଶବର ସଂସ୍କୃତିର ନିତ୍ୟ ସଂକେତ ରୂପେ ଭେଦଧର୍ମ ଜଡ଼ିତ ଭାରତ ତଥା ପୃଥିବୀରେ ସନାତନ ସତ୍ୟର ମହାବାଣୀ ସିନ୍ଧୁ ସମୀର ଦୋଳିତ ସମୁନ୍ନତ ଚକ୍ରାଳ ସଂକେତରେ ପ୍ରଚାର କରୁଅଛି ।" (୨)

## ଜଗନ୍ନାଥ ଧର୍ମର ସାଂସ୍କୃତିକ ଗୁରୁତ୍ୱ

ମାନବ ସମାଜର ଆଦି ବିକାଶରେ ନୀଳକଂଠ ଧର୍ମ ଧାରଣାର ଗୁରୁତ୍ୱ ଉପଲବ୍ଧି କରିଛନ୍ତି । ଧର୍ମକୁ ସେ ସଂସ୍କୃତିର ପରିପୂରକ ଭାବେ ଗ୍ରହଣ କରି ଏହା ମାଧ୍ୟମରେ କିପରି ମନୁଷ୍ୟର ଆତ୍ମ ଜିଜ୍ଞାସା ଓ ଆତ୍ମ ବିକାଶ ପରିପୁଷ୍ଟ ହୁଏ ବିଭିନ୍ନ ପ୍ରବନ୍ଧରେ ତାହାର ସୂକ୍ଷ୍ମାନୁସୂକ୍ଷ୍ମ ଆଲୋଚନା କରିଛନ୍ତି । ଏହି ଦୃଷ୍ଟିରୁ ସେ ଜଗନ୍ନାଥ ଧର୍ମକୁ ଆତ୍ମ ଧର୍ମ ରୂପେ ପ୍ରତିଷ୍ଠା ଦେଇ ଏହାର ବିଶ୍ୱ ବ୍ୟାପକତା ପ୍ରତି ପାଠକଙ୍କ ଦୃଷ୍ଟି ଆକର୍ଷଣ କରିଛନ୍ତି । ଜଗନ୍ନାଥ ଧର୍ମ ସବୁ ଧର୍ମକୁ ଆତ୍ମସ୍ଥ କରି ମଧ୍ୟ ନିଜ ଭାବରେ ଦୃଢ଼ ରହି ଥିବାରୁ ସେ ଏହାକୁ ମୌଳିକ ଧର୍ମ ଭାବେ

---

(୧) ଓଡ଼ିଆ ସାହିତ୍ୟର କ୍ରମ ପରିଣାମ- ନୀ. ଗ୍ର.- ୩ୟ ଖଣ୍ଡ-୨୦୭ପୃଷ୍ଠା ଦ୍ରଷ୍ଟବ୍ୟ
(୨) ଗୀତା ପ୍ରବେଶ- 'ଗୀତା'- ନୀଳକଂଠ ଦାସ-୪ର୍ଥ ସଂସ୍କରଣ-ପୃଷ୍ଠା-୪୩୪ ।



Digitized by PPRACHIN, SOA

ଅଭିହିତ କରିଛନ୍ତି । ସମାଜରେ ସାମ୍ୟ ଓ ମୈତ୍ରୀ ପ୍ରତିଷ୍ଠା ପୂର୍ବକ ମାନବକୁ ତା'ର କର୍ତ୍ତବ୍ୟ ପ୍ରତି ସଚେତନ କରିବାରେ ଜଗନ୍ନାଥ ଧର୍ମ କିପରି ସହାୟକ ହୋଇଛି । ତାହାର କେତେକ ଦୃଷ୍ଟାନ୍ତ ନୀଳକଂଠଙ୍କ ରଚନାରେ ପରିଲକ୍ଷିତ ।

## ସାମାଜିକ କର୍ତ୍ତବ୍ୟବୋଧ ହିଁ ଜଗନ୍ନାଥ ଧର୍ମର ସାର ମର୍ମ

ଜଗନ୍ନାଥ ଧର୍ମରେ ଜଗତକୁ ପୁରୁଷ ରୂପେ କଳ୍ପନା କରାଯାଇ ଆତ୍ମାର ଧାରଣାକୁ ବିଶ୍ୱର ସ୍ତରକୁ ଉନ୍ନିତ କରାଯାଇଛି । ଏହି ଧର୍ମ ଅନୁସାରେ ସମାଜ ପ୍ରତି ବ୍ୟକ୍ତିର କର୍ତ୍ତବ୍ୟ କଅଣ ତାହା ଜାଣିବା ହେଉଛି 'ଯୋଗ' ଏବଂ ସେହି କର୍ତ୍ତବ୍ୟ ପରାୟଣ ବ୍ୟକ୍ତି ହେଉଛନ୍ତି ଗୀତୋକ୍ତ 'ପରମ ଯୋଗୀ' । ଏଥି ଯୋଗୁ ପଣ୍ଡିତ ନୀଳକଂଠ ଆମ ଦେଶରେ ପ୍ରଚଳିତ 'ଧର୍ମ'ର ବାଖ୍ୟା କରି କହନ୍ତି— "ଏ ଦେଶରେ ଧର୍ମର ଅର୍ଥ 'ଋତ' ଅର୍ଥାତ୍ ବିଶ୍ୱ ସଂସ୍ଥାରେ ନିଯୁକ୍ତ ବା ନିତ୍ୟ ନିର୍ଦ୍ଦିଷ୍ଟ କର୍ତ୍ତବ୍ୟ । ଲୋକ ବ୍ୟବହାରରେ ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନସାଧାରଣର ମଙ୍ଗଳ ହୁଏ, ତାହା ହିଁ ଧର୍ମ । ଏଥିରେ ଜନ ସମାଜ ଧରି ହୋଇ ରହେ ବୋଲି ଏହାର ନାମ ଧର୍ମ ।" (୧) ଏହି କର୍ତ୍ତବ୍ୟ ବୋଧ ଯୋଗୁ ହିଁ ଓଡ଼ିଶାର ଧର୍ମ ପରଂପରାରେ ସାମ୍ୟ ଓ ମୈତ୍ରୀ ଭାବ ପ୍ରତିଷ୍ଠିତ ହୋଇ ପାରିଥିଲା । ଓଡ଼ିଆ ଭୂମିର ଏହି ବିଶ୍ୱ-ମୈତ୍ରୀ ଭାବରେ ଦୀକ୍ଷିତ ହୋଇ ରାଜା ଇନ୍ଦ୍ରଦ୍ୟୁମ୍ନ ନିଜର କୁଳ ଲୋପ କରିବା ପାଇଁ ଜଗନ୍ନାଥଙ୍କୁ ବର ମାଗିଥିଲେ । ଏହି ଭୂମିରେ ଗୋଡ଼ ଦେଇ ପର ରାଜ୍ୟ-ଲୋଲୁପ 'ଚଣ୍ଡାଶୋକ' ଅହିଂସା ମନ୍ତ୍ରରେ ଦୀକ୍ଷିତ ହେଲେ ।

## ଓଡ଼ିଆ ଚଳଣିରେ ମୈତ୍ରୀ ଧର୍ମର ସାଧନା

ଜଗନ୍ନାଥ ହେଉଛନ୍ତି ଓଡ଼ିଆ ଜାତିର ନେତା, ଓଡ଼ିଆ ଚଳଣିର ନିୟନ୍ତା । ଜଗନ୍ନାଥଙ୍କ ଛାମୁ ତଳେ ସବୁ ମନୁଷ୍ୟ ସମାନ । ଜାତି-ଧର୍ମ-ବର୍ଣ୍ଣ ନିର୍ବିଶେଷରେ ସମସ୍ତେ ଏକାଠି ବସି ତାଙ୍କ ପ୍ରସାଦ କୈବଲ୍ୟ ଜ୍ଞାନରେ ସେବା କରନ୍ତି । ଶବର ବିଶ୍ୱାବସୁ ଓ ବ୍ରାହ୍ମଣ ବିଦ୍ୟାପତି— ଉଭୟଙ୍କ ବଂଶଧର ତାଙ୍କ ସେବାରେ ନିୟୋଜିତ । ଓଡ଼ିଆ ଚଳଣିରେ ମଧ୍ୟ ଏହି ଆଦର୍ଶ ପରିଲକ୍ଷିତ । ଜାତି ଭେଦ କିପରି ଓଡ଼ିଆଙ୍କ ପ୍ରାଣକୁ ସ୍ପର୍ଶ କରି ନଥିଲା ସେ ସଂପର୍କରେ ନୀଳକଂଠ 'ଓଡ଼ିଆ ସାହିତ୍ୟର କ୍ରମ ପରିଣାମ' ଗ୍ରନ୍ଥରେ ସୂଚନା ଦେଇଛନ୍ତି । ଏ ଭୂମିରେ ଯେ କେହି ରାଜା ହେଲେ କ୍ଷତ୍ରିୟ ଭାବେ ପରିଚିତ ହୋଇଛନ୍ତି । ଭୋଇ ବିଦ୍ୟାଧର ଭୌମ ବଂଶ ସୃଷ୍ଟି କରିଛନ୍ତି । ଗଉଡ଼ କପିଳେନ୍ଦ୍ର ସୂର୍ଯ୍ୟବଂଶୀ ହୋଇଛନ୍ତି । ଓଡ଼ିଶାର

---

(୧) ମାନବ ପ୍ରଗତିର ଧାରା (୧) —ପ୍ରତିକ୍ରିୟାର ପରଂପରା—ନବଭାରତ-
୪ର୍ଥ ବର୍ଷ ୫ମ ସଂଖ୍ୟା ।



Digitized by PPRACHIN, SOA

ଆଦିକବି ଶୂଦ୍ର ସାରଳା ଦାସ, ସିଦ୍ଧ ସାଧକ- ଭୀମ ଭୋଇ ପରମ ଭକ୍ତ—ଯବନ ସାଲବେଗ, ତେଣୁ ଗଉଡ଼ କବି ଅଚ୍ୟୁତାନନ୍ଦ ଲେଖିଛନ୍ତି—

"ସର୍ବେ ହୋଇବେ ଏକାକାର
ନଥିବ ବେଦର ବିଗ୍ଭର ।"

( ଏଠାରେ ବେଦର ଅର୍ଥ 'ବର୍ଣ୍ଣଭେଦ' କୁ ବୁଝାଉଛି ) । ଓଡ଼ିଆ ଚଳଣିରେ ରାଜା-ପ୍ରଜା, ଧନୀ-ଦରିଦ୍ର, ଉଚ୍ଚ-ନୀଚ ପ୍ରଭୃତି ଭେଦଭାବ ଦ୍ୱାରା ସମାଜ କଳଙ୍କିତ ହୋଇନଥିଲା । ଏଠାରେ ରାଜା ଥିଲେ ରାଜ୍ୟର ରକ୍ଷକ, ରାଜ୍ୟ ଥିଲା ମୈତ୍ରୀ ଧର୍ମର ରାଜ୍ୟ, ପ୍ରଜାମାନେ ଥିଲେ ସ୍ୱାଧୀନ ଓ କର୍ତ୍ତବ୍ୟବୋଧ-ସମ୍ପନ୍ନ । ଏହା ଦର୍ଶାଇବା ପାଇଁ ନୀଳକଂଠ 'ସାରଳା ମହାଭାରତ'ର ନିମ୍ନୋକ୍ତ ପଂକ୍ତି ଉଦ୍ଧାର କରିଛନ୍ତି—

"ଯେ ଯାହା ଅର୍ଜଇ ସେ ତହିଁର ଦୁଇଭାଗ
ସୈନ୍ୟ ପାଳିବାକୁ ନେଇ ଯୋଏ ରାଜା ଆଗ ।"

( ଭୀଷ୍ମ ପର୍ବ )

**ଉପସଂହାର**

ପଣ୍ଡିତ ନୀଳକଂଠ ବହୁ ଯୁକ୍ତି ଓ ଦୃଷ୍ଟାନ୍ତ ସହ ଜଗନ୍ନାଥ ଧର୍ମକୁ ଆତ୍ମଧର୍ମ ବୋଲି ପ୍ରତିପାଦନ କରି ଏହାକୁ ଭାରତର ମୌଳିକ ଧର୍ମ ରୂପେ ପ୍ରତିଷ୍ଠା ଦେଇ-ଛନ୍ତି ଏବଂ ମାନବ ସମାଜର ବିକାଶ ଦିଗରେ ଏହାର ସାଂସ୍କୃତିକ ଗୁରୁତ୍ୱ ଦର୍ଶାଇ-ଛନ୍ତି । ମାତ୍ର ଏହି ମୌଳିକ ଧର୍ମରେ ଭକ୍ତିଭାବ ପଶିବା ଫଳରେ ଆମ ଦେଶରେ ସାମ୍ୟ ମୈତ୍ରୀ ଭାବ ବ୍ୟାହତ ହେଉଥିବାରୁ ସେ ଅନେକତ୍ର କ୍ଷୋଭ ପ୍ରକାଶ କରି-ଛନ୍ତି । ଏହି ଭକ୍ତିଚର୍ଯ୍ୟା ଯୋଗୁ ଦକ୍ଷିଣର ଦେବଦାସୀ, ବଙ୍ଗ ଦେଶର ବଜ୍ରଯାନ, ସହଜ ଯାନ ଓ ଧର୍ମର ଆକ୍ରମଣ ଫଳରେ ଓଡ଼ିଆଙ୍କ ମୈତ୍ରୀ ଧର୍ମ ତଥା ଜଗନ୍ନାଥ ଧର୍ମ ବାରମ୍ବାର ଆଘାତର ସମ୍ମୁଖୀନ ହୋଇଛି । ଭକ୍ତ ଧର୍ମର ପ୍ରବକ୍ତାମାନେ ଈଶ୍ୱରଙ୍କ ନାମରେ ସତ୍ୟ, ଧର୍ମ ଓ ନ୍ୟାୟର ଦୋହି ଦେଇ ମାନବ ସମାଜକୁ ଭକ୍ତି ଓ ବିଶ୍ୱାସରେ ଅନ୍ଧ କରି ସମାଜକୁ ଭୁଲ ବାଟରେ ପରିଚାଳିତ କରନ୍ତି । ନୀଳକଂଠ ଏହାକୁ 'ଭକ୍ତିକ ମିଥ୍ୟା' ଆଖ୍ୟା ଦେଇ ତାହା ବିରୁଦ୍ଧରେ ଲେଖନୀ ଚାଳନା କରି-ଛନ୍ତି । ତାଙ୍କ ଯୁକ୍ତିରେ ଆତ୍ମଭାବରେ ଦୀକ୍ଷିତ ହେବା ହିଁ ଭାରତର ମୌଳିକ ଧର୍ମ । ଏହି ମୌଳିକ ଧର୍ମରେ ଭକ୍ତିଭାବ ପଶିଲେ ନାନା ପ୍ରକାର ଭେଦଭାବ ସୃଷ୍ଟି ହୋଇ ମନୁଷ୍ୟ କ୍ରମେ କ୍ଷୁଦ୍ର ହୁଏ ଏବଂ ପୃଥିବୀରେ ମୈତ୍ରୀ ଭାବର ପ୍ରତିଷ୍ଠା ବ୍ୟାହତ ହୁଏ । ତେଣୁ ମାନବ ସଭ୍ୟତା ଓ ସଂସ୍କୃତିର ବିକାଶ ଦିଗରେ ସାମ୍ୟ ମୈତ୍ରୀ ଓ ମୁକ୍ତିର ବିଗ୍ରହ ରୂପେ ସେ ଜଗନ୍ନାଥଙ୍କୁ ହିଁ ଦେଖିଛନ୍ତି ଏବଂ ଜଗନ୍ନାଥ ଧର୍ମୀୟ ପରଂପରାକୁ ମାନବ ଭାବରାଜ୍ୟର ଏକ ପୁଣ୍ୟ ପରଂପରା ରୂପେ ପ୍ରତିଷ୍ଠା ଦେଇଛନ୍ତି ।

—୦—

ଅଧ୍ୟାପିକା, ଓଡ଼ିଆ ବିଭାଗ
ରମାଦେବୀ ମହିଳା କଲେଜ

Digitized by PPRACHIN, SOA

# ପଣ୍ଡିତ ନୀଳକଂଠଂକ ରାଜନୈତିକ ଦର୍ଶନ : ଏକ ଅଧ୍ୟୟନ

ଡଃ ସତ୍ୟନାରାୟଣ ରଥ

ସ୍ୱାଧୀନ ଭାରତ ଓ ଆଧୁନିକ ଓଡ଼ିଶାର ଅଭ୍ୟୁଦୟ, ବିକାଶ ତଥା ସଂଗଠନରେ ଯେଉଁ ତ୍ୟାଗୀ, ମତିମାନ୍ ତଥା ଦୂରଦୃଷ୍ଟି ସଂପନ୍ନ ନେତାମାନଙ୍କର ମହାନ୍ ଅବଦାନ ଅଛି, ସେମାନଙ୍କ ମଧ୍ୟରେ ପଣ୍ଡିତ ନୀଳକଂଠଂକର ଏକ ବିଶିଷ୍ଟ ସ୍ଥାନ ରହିଛି । ପଣ୍ଡିତ ନୀଳକଂଠଂକର ବ୍ୟକ୍ତିତ୍ୱ ତଥା ପ୍ରତିଭା ବହୁମୁଖୀ; ତାଙ୍କର ଚିନ୍ତାଧାରା ଓ କୃତିର ପ୍ରଭାବ ଅତ୍ୟନ୍ତ ବ୍ୟାପକ । ସେ ଥିଲେ ଏକାଧାରରେ ଦାର୍ଶନିକ, ସାହିତ୍ୟିକ, ସାମ୍ବାଦିକ, ସମାଜ ସଂସ୍କାରକ, ରାଜନୀତିକ, ବ୍ୟବସ୍ଥାପକ ଓ ଦେଶ ବତ୍ସଳ । ବହୁ ବ୍ୟକ୍ତିଙ୍କ ଜୀବନ ଏକମୁଖୀ ହୋଇଥାଏ । ଅର୍ଥାତ୍ ଯଦି ସେମାନେ ଜ୍ଞାନ ଲିପ୍ସୁ ହୁଅନ୍ତି, ତେବେ କେବଳ ଜ୍ଞାନର ଆହରଣ ଓ ଚର୍ଚ୍ଚାରେ ସେମାନଙ୍କ ଜୀବନର ଅଧିକାଂଶ ସମୟ ବିତି ଯାଏ । ପକ୍ଷାଂତରେ, ଯଦି ସେମାନେ କର୍ମର ବ୍ରତ ଗ୍ରହଣ କରନ୍ତି ତେବେ ଜ୍ଞାନ ଆହରଣ ପ୍ରତି ବିଶେଷ ଧ୍ୟାନ ନ ଦେଇ ନିଜ କର୍ମରେ ବ୍ୟସ୍ତ ରହନ୍ତି । କିନ୍ତୁ ଅତି ଅଳ୍ପ ବ୍ୟକ୍ତି ଥାଆନ୍ତି ଯେଉଁମାନଙ୍କ ଜୀବନରେ ଜ୍ଞାନର ଆହରଣ ତଥା କର୍ମାନୁଷ୍ଠାନର ଏକ ସନ୍ତୁଳିତ ସମନ୍ୱୟ ଦେଖା-ଯାଏ । ମୋର କଳନାରେ ପଣ୍ଡିତ ନୀଳକଂଠ ଏଇ ତୃତୀୟ ଗୋଷ୍ଠୀର ମୁଷ୍ଟିମେୟ ବ୍ୟକ୍ତିଙ୍କ ମଧ୍ୟରେ ଅଗ୍ରଗାମୀ । ସତ୍ୟବାଦୀର ଐତିହାସିକ 'ବନ ବିଦ୍ୟାଳୟ'ର ପ୍ରଧାନାଚାର୍ଯ୍ୟ ପଦର ଦାୟିତ୍ୱ ତୁଲାଇବାଠାରୁ ଆରମ୍ଭ କରି ପରିଣତ ଜୀବନରେ ଓଡ଼ିଶା ସାହିତ୍ୟ ଏକାଡେମୀର ସଭାପତି ପଦର କର୍ତ୍ତବ୍ୟ ସଂପାଦନ ପର୍ଯ୍ୟନ୍ତ ଯଦି ପଣ୍ଡିତ ମହାଶୟଙ୍କର ଜୀବନଧାରା ଅନୁଧ୍ୟାନ କରାଯାଏ, ତେବେ ସେ କିପରି ଅପରିସୀମ ଜ୍ଞାନର ଅନୁସଂଧାନ ସହିତ ଗୋଟିଏ ଶୃଙ୍ଖଳିତ କର୍ମାନୁଷ୍ଠାନର ବାସ୍ତବତାକୁ ମିଳାଇ ପାରିଥିଲେ, ତାହା ସହଜରେ ଜଣା ପଡ଼ିବ । ଏପରି ଏକ ଜ୍ଞାନ ପରିମାର୍ଜିତ ସୁଦୀର୍ଘ କର୍ମମୟ ସଫଳ ଜୀବନଯାପନ କରିଥିବା ମହାନ୍ ବ୍ୟକ୍ତିଙ୍କର ରାଜନୈତିକ ଚିନ୍ତାଧାରା ଉପରେ ଆଲୋକପାତ କରିବା ସହଜ ନୁହେଁ ।

Digitized by PPRACHIN, SOA

ତେଣୁ ପଣ୍ଡିତ ନୀଳକଂଠଂକର ବହୁ ଦେଶଦର୍ଶୀ ଚିନ୍ତାଧାରାର ଅଳ୍ପ କେତେକ ସ୍ୱଭାବ ଉପରେ ଏକ ସଂକ୍ଷେପ ଆଲୋଚନାର ପ୍ରୟାସ ଏଠାରେ କରାଯାଇଛି ।

## ରାଜନୈତିକ ଦର୍ଶନର ପରିସର

କୌଣସି ଚିନ୍ତାନାୟକଙ୍କର ରାଜନୈତିକ ଦର୍ଶନର ପର୍ଯ୍ୟାଲୋଚନା କରିବା ପୂର୍ବରୁ ରାଜନୈତିକ ଦର୍ଶନର ପରିସର କ'ଣ, ସେ କଥା ଏଠାରେ ସଂକ୍ଷେପରେ ସୂଚିତ ହୋଇପାରେ । ରାଜନୈତିକ ଦର୍ଶନରେ ଯେଉଁ ମୁଖ୍ୟ ପ୍ରଶ୍ନ ଉତ୍ଥାପନ କରାଯାଇ ଏହା ଆଲୋଚନା କରାଯାଏ, ତାର ଯୁକ୍ତିଯୁକ୍ତ ଉତ୍ତର ପାଇବାକୁ ହେଲେ ଆମକୁ ଦର୍ଶନ ଶାସ୍ତ୍ରର ଭିତ୍ତି ଅନୁସନ୍ଧାନ କରିବାକୁ ପଡିବ । କାରଣ ରାଜନୀତି ଦର୍ଶନରେ ସଦା ଆଲୋଚିତ ରାଷ୍ଟ୍ରତତ୍ତ୍ୱ, ସମାଜ ତତ୍ତ୍ୱ ଏବଂ ରାଷ୍ଟ୍ର ଓ ସମାଜରେ ବ୍ୟକ୍ତିର ଉପଯୁକ୍ତ ସ୍ଥାନ ନିରୂପଣ କରିବାକୁ ହେଲେ ସାଧାରଣ ଦର୍ଶନର ଭିତ୍ତି ଖୋଜି ବାହାର କରିବା ଆବଶ୍ୟକ । ପାଶ୍ଚାତ୍ୟ ରାଜନୈତିକ ଚିନ୍ତାଧାରାରେ ରାଷ୍ଟ୍ରର କର୍ତ୍ତୃତ୍ୱ,ନାଗରିକ ଭାବରେ ବ୍ୟକ୍ତିର ରାଷ୍ଟ୍ର ସହ ସଂପର୍କ,ବ୍ୟକ୍ତିର ଅଧିକାର ଓ କର୍ତ୍ତବ୍ୟ, ରାଷ୍ଟ୍ର ତଥା ବ୍ୟକ୍ତି ଉପରେ ସାମାଜିକ ତଥା ପାରିପାର୍ଶ୍ୱିକ ପରିବର୍ତ୍ତନର ପ୍ରଭାବ, ରାଷ୍ଟ୍ର-ରାଷ୍ଟ୍ର ସଂବନ୍ଧର ପ୍ରକୃଷ୍ଟ ଆଧାର—ଏହି ସବୁ ସମସ୍ୟାର ବିସ୍ତାରିତ ଆଲୋଚନା କରାଯାଇଥାଏ । ଗ୍ରୀକ୍ ଦାର୍ଶନିକ ପ୍ଲେଟୋ, ଆରିଷ୍ଟଟଲ୍ଂକଠାରୁ ଆରମ୍ଭ କରି ଆଧୁନିକ ଯୁଗର ହବସ୍, ଲକ୍, ରୁଷୋ, ହେଗେଲ, ମାର୍କସ୍ ଗ୍ରୀନ୍ ପ୍ରଭୃତି ରାଜନୈତିକ ଚିନ୍ତକମାନେ କୌଣସି କୌଣସି ବିଶ୍ୱଦର୍ଶନର ଆଧାରକୁ ଭିତ୍ତି କରି ସେମାନଙ୍କର ସିଦ୍ଧାନ୍ତ ଉପସ୍ଥାପନ କରି ଯାଇଛନ୍ତି । ଏହି କଥା ସୂଚାଇବାକୁ ଯାଇ ସୁପ୍ରସିଦ୍ଧ ଲେଖକ ଏବେନ୍‌ଷ୍ଟାଇନ୍ ଲେଖିଛନ୍ତି ।

"No study of the fundamental problems of political philosophy can be fruitful without the awareness that they are intimately related to the basic issues of general philosophy. Every theory of state and society, and of the position of the individual in them, derives—more often unconciously than consciously— from a more comprehensive conception of the world and man's place in it."

(୧) William Ebenstein, Modern Political Thought, the Great Issues ( 2nd ed. 1960,Oxford & IBH Publishing Co, New Delhi ) P. 31



Digitized by PPRACHIN, SOA

ଉପର୍ଯ୍ୟୁକ୍ତ ଦାର୍ଶନିକ ଦୃଷ୍ଟିଭଂଗୀ ପଣ୍ଡିତ ନୀଳକଂଠଂକର ବିଭିନ୍ନ ପ୍ରବଂଧରୁ ପରିସ୍ଫୁଟ ହୁଏ । ଏଇ ବିଷୟଟି ଅନୁଶୀଳନ କଲେ ପ୍ଲେଟୋ, ହେଗେଲ୍‌ଂକ ପରି ପାଶ୍ଚାତ୍ୟ ରାଜନୀତି ଦାର୍ଶନିକମାନଙ୍କ ସଦୃଶ ପଣ୍ଡିତ ନୀଳକଂଠ ଭାରତୀୟ ଦର୍ଶନର ପୃଷ୍ଠଭୂମିରେ ସମସାମୟିକ ମୁଖ୍ୟ ସାମାଜିକ ଓ ରାଜନୈତିକ ସମସ୍ୟା ଗୁଡ଼ିକ ବିଶ୍ଳେଷଣ କରି ନିଜର ଗଭୀର ଚିଂତା ପ୍ରସୂତ ଅଭିମତ ବ୍ୟକ୍ତ କରି-ଯାଇଛଂତି । ଅନେକ ପାଶ୍ଚାତ୍ୟ ଦାର୍ଶନିକମାନଂକ ତୁଲ୍ୟ ପଣ୍ଡିତ ନୀଳକଂଠ ଭାରତର ସମସାମୟିକ ପରିସ୍ଥିତି ଓ ସେଥିରୁ ଉଦ୍‌ଭୂତ ସମସ୍ୟା ଗୁଡ଼ିକୁ ହିଁ ନିଜ ଚିଂତନର ମୁଖ୍ୟ ବିଷୟବସ୍ତୁ ରୂପେ ଗ୍ରହଣ କରିଛନ୍ତି ।

ଯେଉଁ ସବୁ ସମସ୍ୟାକୁ ବିଚାର କରି ସେ ନିଜର ଲେଖନୀ ଚାଳନା କରିଥିଲେ ସେ ଗୁଡ଼ିକ ଭାରତରେ ବ୍ରିଟିଶ୍ ସାମ୍ରାଜ୍ୟବାଦୀ ଶାସନ ଓ ତଜ୍ଜନିତ ପରିସ୍ଥିତିର ପରିପ୍ରେକ୍ଷୀରେ ହିଁ ଆଲୋଚନା କରିବା ବିଧେୟ । ଏ ଦୃଷ୍ଟିରୁ ଦେଖିଲେ ଆଧୁନିକ ଭାରତର ଅନ୍ୟାନ୍ୟ ଚିଂତାନାୟକ, ଯଥା— ରାଜା ରାମମୋହନ ରାୟ, ସ୍ୱାମୀ ଦୟାନଂଦ, ବାଲ ଗଂଗାଧର ତିଲକ, ଗୋପାଲ କୃଷ୍ଣ ଗୋଖଲେ, ଶ୍ରୀ ଅରବିଂଦ, ମହାତ୍ମାଗାଂଧି, ଲାଲା ଲଜପତ୍ ରାୟଙ୍କ ସଦୃଶ ପଣ୍ଡିତ ନୀଳକଂଠ ସାମ୍ରାଜ୍ୟବାଦୀ ଶାସନର କବଳରୁ ମୁକ୍ତିଲାଭ, ନୂତନ ଶାସନ ବ୍ୟବସ୍ଥାର ଗଣତାଂତ୍ରିକ ସଂଗଠନ, କୁସଂସ୍କାର ଗ୍ରସ୍ତ ସମାଜର ଆଧୁନିକୀକରଣ ଆଦି ସମସ୍ୟାକୁ ତାଂକ ରାଜନୈତିକ ବିଶ୍ଳେଷଣର ପ୍ରଧାନ ଆଧାର ବୋଲି ଧରିନେଇ ଥିଲେ । କିନ୍ତୁ ଦାର୍ଶନିକର ଦୃଷ୍ଟିଭଂଗୀରେ ଏଇ ସମସ୍ୟା ଗୁଡ଼ିକର ତାତ୍ତ୍ୱିକ ଆଲୋଚନା ହିଁ ପଣ୍ଡିତ ନୀଳକଂଠଂକର ରାଜନୈତିକ ଚିନ୍ତାଧାରାର ବୈଶିଷ୍ଟ୍ୟ ।

ରାଜନୈତିକ ଚିଂତାଧାରାର ପରଂପରା ଦୃଷ୍ଟିରୁ ଦେଖିଲେ ପଣ୍ଡିତ ନୀଳକଂଠ ଏକ ବିପ୍ଳବବାଦୀ (Radicalist) ରୂପେ ପ୍ରତୀୟମାନ ହୁଅଂତି । କିଂତୁ ବିପ୍ଳବବାଦର ଭିତ୍ତିଭୂମିରେ ଅଂଧବିଶ୍ୱାସ ଓ ଭାବପ୍ରବଣତା ପରିବର୍ତ୍ତେ ତାଂକଠାରେ ହେତୁବାଦୀ ପରଂପରା ( Rationalist Tradition )ର ପରିଚୟ ମିଳେ । ଏପରିକି ୧୯୬୩ ମସିହାରେ ସତ୍ୟବାଦୀଠାରେ ସୂତାକଟା ଦ୍ୱାରା ଓଡ଼ିଶା ତଥା ଭାରତର ଆର୍ଥିକ ସମସ୍ୟାର ସମାଧାନ ହୋଇପାରିବ ବୋଲି ଗାଂଧିଜୀ ମତ ଦେବାରୁ ପଣ୍ଡିତ ନୀଳକଂଠ ବିଶ୍ୱାସ ଅଥବା ଭକ୍ତିରେ ଗାଂଧିଂକ ମତ ଗ୍ରହଣ ନ କରି ତାଂକ ମତ ସପକ୍ଷରେ ଯୁକ୍ତି ଦେବାପାଇଁ ଗାଂଧିଂକୁ ଅନୁରୋଧ କରିଥିଲେ, କିଂତୁ ଗାଂଧିଜୀ ଯୁକ୍ତି ବଳରେ ତାଂକୁ ବୁଝାଇ ପାରି ନ ଥିଲେ । ତେଣୁ ପଣ୍ଡିତ ନୀଳକଂଠ ତାଂକ ମତ ଗ୍ରହଣ ନକରି ଗାଂଧିଜୀଂକୁ ନମସ୍କାର କରି ଚାଲିଯାଇଥିଲେ । ଏ ପ୍ରସଂଗରେ ନୀଳକଂଠ **'ଆତ୍ମ ଜୀବନୀ'**ରେ ଯାହା ଲେଖିଛଂତି, ତାହା ଅବଧାରଣ ଯୋଗ୍ୟ । ସେ ଲେଖିଛନ୍ତି :



Digitized by PPRACHIN, SOA

"ସତ୍ୟବାଦୀରେ ଗାଂଧିଙ୍କ ସହିତ ସୂତାକଟା ବିଷୟରେ ମୋର କଥା ହେଲା । ସତ୍ୟବାଦୀର ପାଠ ବଂଦ କରାଯାଇ କେତେକ ଛାତ୍ରଂକପାଇଁ ସୂତାକଟା ପାଠ୍ୟ ରୂପେ ପ୍ରଚଳନ ହୋଇଥାଏ । ବହୁତ ଆଲୋଚନା ପରେ ସୂତାକଟା ଦ୍ୱାରା ଓଡ଼ିଶାରେ ତଥା ଦେଶରେ ଆର୍ଥିକ ସମସ୍ୟାର ସମାଧାନ ହେବ ବୋଲି ଗାଂଧି ମତ ଦେଲେ; କିଂତୁ ମୁଁ ଏ ମତକୁ ଆଦୌ ଗ୍ରହଣ କରି ପାରିଲି ନାଇ । ମୁଁ ଶେଷକୁ ସେଠାରେ କହିଥିଲି, "ତା'ହେଲେ—

By faith and faith alone we embrace
Believing when we cannot prove."

ମୁଁ Tennyson ଙ୍କ 'In Memorium' ରୁ ଏହି ଧାଡ଼ିଟି ଉଦ୍ଧାର କରିବା ପରେ ଗାଂଧିଜୀ କହିଥିଲେ 'Exactly, that is the attitude' କିଂତୁ ମୋର ସେତେବେଳକୁ ଆଉ ଯୁକ୍ତି ଛାଡ଼ି Belief ରେ ଭୁଲିବା ପାଇଁ ଅବସ୍ଥା ରହିଲି ଆସିଥିଲି । ମୁଁ ସେଠାରୁ ତାଂକୁ ନମସ୍କାର କରି ଉଠି ଆସିଥିଲି ।" (୨)

## ଆଦର୍ଶବାଦୀ ଚିଂତାଧାରା:—

ପଣ୍ଡିତ ନୀଳକଂଠ କଲିକତା ବିଶ୍ୱବିଦ୍ୟାଳୟରୁ ଦର୍ଶନଶାସ୍ତ୍ରରେ ଏମ୍. ଏ. ପାଶ୍ କରି ୧୯୧୧ ମସିହାରେ ସତ୍ୟବାଦୀ ବନବିଦ୍ୟାଳୟରେ ଯୋଗ ଦେଇଥିଲେ । ଦର୍ଶନଶାସ୍ତ୍ରର ଅଧ୍ୟୟନ ନୀଳକଂଠଂକର ଯୁକ୍ତିବାଦୀ ମନୋବୃତ୍ତିକୁ ସବଳ ଓ ପରିପୁଷ୍ଟ କରିଥିଲା; କାରଣ ଦାର୍ଶନିକ ତଥ୍ୟର ବିଶ୍ଳେଷଣ କେବଳ ତର୍କବଳରେ ହିଁ ହୋଇ ପାରିବ ।

ଦର୍ଶନ ଶାସ୍ତ୍ରର ପ୍ରଭାବ ସାଂଗକୁ ଉତ୍କଳ ମଣି ଗୋପବଂଧୁଂକର ବ୍ୟକ୍ତିତ୍ୱର ଗଭୀର ପ୍ରଭାବ ମିଶି ନୀଳକଂଠଂକ ତରୁଣ ହୃଦୟ ଓ ମନରେ ଯେଉଁ ଭାବ ତରଂଗ ସୃଷ୍ଟି କରିଥିଲା, ତାର ପରିଣାମରେ ନୀଳକଂଠଂକର ଜୀବନ ଆଦର୍ଶବାଦ ସ୍ରୋତରେ ପ୍ରବାହିତ ହେଲା । ପାଠ ପଢ଼ିବା ଅବସ୍ଥାରେ ସେ ଓ ତାଙ୍କ ଗ୍ରାମର ଅନଂତ ମିଶ୍ର ମିଶି ହରିହର ଦାସଂକ ସଂଗେ ଗୋପବଂଧୁଂକ ଗାଁକୁ ଯାଇଥିଲେ ଓ ତାଂକୁ ଦେଖା କଲେ । ସେ ଦିନର ଅଭିଜ୍ଞତାରେ ଉଦ୍‌ବୁଦ୍ଧ ହୋଇ ହରିହର, ନୀଳକଂଠ ଓ ଅନଂତ ମିଶ୍ରେ ସରକାରୀ ଚାକିରୀ ନ କରି ଦେଶ ସେବାରେ ଜୀବନ କଟାଇବା ପାଇଁ ସଂକଳ୍ପ କଲେ । ଏହି ଆଦର୍ଶକୁ ବାସ୍ତବତାର ରୂପ ଦେବା ପାଇଁ

(୨) 'ଆତ୍ମଜୀବନୀ', ନୀଳକଂଠ ଗ୍ରଂଥାବଳୀ ୧ମ ଖଣ୍ଡ (କଟକ, ୧୯୬୩) ପୃ-୯୪



Digitized by PPRACHIN, SOA

ବି.ଏ. ପାଶ୍ କରିବା ପରେ ନୀଳକଂଠ ଗୋପବଂଧୁଂକ ସଂଗେ ୧୯୦୯ ରେ ସତ୍ୟବାଦୀରେ ଏକ ବନ ବିଦ୍ୟାଳୟ ଆରଂଭ କଲେ ଓ ତାହାର ଉପଯୁକ୍ତ ଅଧ୍ୟକ୍ଷ ହେବା ପାଇଁ ଏମ୍. ଏ. ପଢ଼ିବା ଲାଗି କଲିକତା ଚାଲିଗଲେ । ସେଠାରୁ ୧୯୧୧ରେ ଏମ୍.ଏ. ପାଶ୍ କରି ଫେରିବା ପରେ ଏହି ବନ ବିଦ୍ୟାଳୟରେ ଯୋଗ ଦେଲେ । ସେ ଓ ତାଙ୍କ ସହଯୋଗୀମାନେ ବନ ବିଦ୍ୟାଳୟ ଓ ତାର ହଷ୍ଟେଲରେ ଛୁଆଁ, ଅଛୁଆଁ ଭେଦଭାବ ନ ରଖି ବହୁ ସଂସ୍କାର ମୂଳକ କାର୍ଯ୍ୟ କରୁ ଥିବାର ଦେଖି ରକ୍ଷଣଶୀଳ ବ୍ରାହ୍ମଣ ଓ ସେମାନଙ୍କ ସମର୍ଥକମାନେ ସ୍କୁଲ ଗୃହ ସଂଗେ ଲାଇବ୍ରେରୀଟିକୁ ପୋଡ଼ି ଦେଲେ । ତଥାପି ଶିକ୍ଷକମାନଙ୍କ ମନୋବଳ ଦୃଢ଼ ଥିଲା ଓ ସେମାନେ ନିଜ ଲକ୍ଷ୍ୟ ଅଥବା ଆଦର୍ଶରେ ଅଟଳ ରହିଲେ । ଏହା ବୁଝାଇବାକୁ ଯାଇ ନୀଳକଂଠ ଲେଖିଛନ୍ତି :

"ଦେଶ ବାସୀ ଖୋଜିବେ କି ? ଜିନିଷ ଚାଲିଯାଏ, ଭାବ ରାଜ୍ୟରେ ମୃତ୍ୟୁ ନାହିଁ । ........ଭାବ ଇତିହାସ ଭୂମି ଛାଡ଼ି ସ୍ମୃତିରେ ହିଁ ପ୍ରଭାବ ବିସ୍ତାର କରେ ।" (୩)

## ଦାର୍ଶନିକ ଭିତ୍ତି :

ଓଡ଼ିଶାର ଇତିହାସ ପ୍ରସିଦ୍ଧ ଜଗନ୍ନାଥ ସଂସ୍କୃତିର ବିଶ୍ଳେଷଣ ମାଧ୍ୟମରେ ପଣ୍ଡିତ ନୀଳକଂଠଂକର ଦର୍ଶନ ଆମ୍ଭ ପ୍ରକାଶ କରିଛି । ତାଙ୍କ ମତରେ ପ୍ରାକ୍-ବୈଦିକ ଜୈନ ଧର୍ମର ଶୂନ୍ୟବାଦୀ (The voidists) ଏବଂ ଆମ୍ବବାଦୀ (the soulists)—ଏହି ଉଭୟ ଶାଖାର ସମନ୍ୱୟ ଓଡ଼ିଶାର ଜଗନ୍ନାଥ ଧର୍ମ ଓ ସଂସ୍କୃତିରେ ଘଟିଛି । ଜଗନ୍ନାଥର ଅର୍ଥ ଜଗତର ନାଥ, (Lord of the universe) ନୁହେଁ,ଏହାର ଅର୍ଥ ହେଉଛି ଜଗତ ନାଥ ଅର୍ଥାତ୍'ଜଗତ୍ ପୁରୁଷ" (the universe personified); ଏହି ଅର୍ଥରେ ଜଗନ୍ନାଥ ହେଉଛନ୍ତି 'ପୁରୁଷୋତ୍ତମ' ଯାହା ଭାଗବତ ଗୀତାର ପଞ୍ଚଦଶ ଅଧ୍ୟାୟରେ ବର୍ଣ୍ଣିତ ହୋଇଛି । ଏହି ପୁରୁଷୋତ୍ତମ ହେଉଛଂତି—କ୍ଷର ପୁରୁଷ ଓ ଅକ୍ଷର ପୁରୁଷ । କ୍ଷର ପୁରୁଷ ହିସାବରେ ଜଗନ୍ନାଥ ନିରଂତର ପରିବର୍ତ୍ତନଶୀଳ ଜଗତର ପ୍ରତୀକ; ପୁଣି ଅକ୍ଷର ପୁରୁଷ ଭାବରେ ଜଗନ୍ନାଥ ଅପରିବର୍ତ୍ତନଶୀଳ ଜଗତ-ତତ୍ତ୍ୱର ପ୍ରତୀକ । ପୃଥିବୀର ମନୁଷ୍ୟ ଜୀବାତ୍ମା, ଜଗନ୍ନାଥ ହେଲେ ପୁରୁଷୋତ୍ତମ (the Supreme self, Universal self) ।

## ଜଗନ୍ନାଥ ଧର୍ମର ସଂସ୍କୃତି ଓ ମାନବ ସମାଜର ମୌଳିକ ମୂଲ୍ୟବୋଧ :

(କ) ବିଶ୍ୱର ପ୍ରତୀକ ଜଗନ୍ନାଥଙ୍କ ଠାରେ ଜ୍ଞାନ, ମୈତ୍ରୀ, କର୍ମ ଓ ସାମ୍ୟ ଧର୍ମର ସମନ୍ୱୟ ଘଟିଛି । ଜ୍ଞାନ ଅର୍ଥାତ୍ ବୌଦ୍ଧିକ ବିଚାର ଦୃଷ୍ଟିରୁ ମାନବ

(୩) 'ଆତ୍ମଜୀବନୀ', ନୀଳକଂଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃ-୭୫



Digitized by PPRACHIN, SOA

ମାନବ ମଧ୍ୟରେ ଭେଦ ନାଇ । ଅଧିକାର ଭେଦରେ ବ୍ୟକ୍ତିର କର୍ତ୍ତବ୍ୟ ଭିନ୍ନ ହେଲେ ହେଁ, ବିକାଶରେ ବ୍ୟକ୍ତି ମାନେ ଆଧ୍ୟାତ୍ମିକତାର ପ୍ରକାଶ । ସବୁ ବ୍ୟକ୍ତି ବିଶ୍ୱ ପୁରୁଷର ବିକାଶ; ସବୁଠାରେ ସେଇ ବିଶ୍ୱ-ପୁରୁଷ ପୁରୁଷୋତ୍ତମ ହିଁ ପୂର୍ଣ୍ଣ-ମାତ୍ରାରେ ବିରାଜିତ । ଅତଏବ "ତତ୍ତ୍ୱ ଦୃଷ୍ଟିରୁ ଏଇ ଜଗନ୍ନାଥ ଯୁଗଯୁଗାଂତ ପରୀକ୍ଷିତ ମାନବର ଜ୍ଞାନ ସାଧନା ଓ କର୍ମ ଶୃଙ୍ଖଳାର ବିଗ୍ରହ ମାତ୍ର ।" (୪)

## (ଖ) ସ୍ୱାତନ୍ତ୍ର୍ୟ, ସାମ୍ୟ ଓ ମୈତ୍ରୀ :

ପାଶ୍ଚାତ୍ୟ ସଭ୍ୟତାରେ ଅଷ୍ଟାଦଶ ଶତାବ୍ଦୀର ଶେଷ ପାଦରେ ସ୍ୱାତନ୍ତ୍ର୍ୟ, ସାମ୍ୟ ଓ ମୈତ୍ରୀର ଦୋହାଇ ଦେଇ ନାଗରିକମାନେ ଫରାସୀ ବିପ୍ଳବ କରି ରାଜତଂତ୍ରକୁ ସମାପ୍ତ କରି ଦେଲେ ଓ ପ୍ରଜାତଂତ୍ରର ଯୁଗ ଆରଂଭ କରିଥିଲେ କିନ୍ତୁ ଏହାର ବହୁ ଶତାବ୍ଦୀ ପୂର୍ବରୁ ଜଗନ୍ନାଥଂକ ପୀଠରେ ସ୍ୱାତନ୍ତ୍ର୍ୟ, ସାମ୍ୟ ଓ ମୈତ୍ରୀ ନୀତି ରୂପେ ଗୃହୀତ ହୋଇ ଲୋକମାନଙ୍କ ଆଚରଣରେ ପ୍ରତିଫଳିତ ହୋଇଥିଲା ।

## (ଗ) ବ୍ୟକ୍ତି ଓ ସମାଜ

ବ୍ୟକ୍ତି ଓ ସମାଜ ମଧ୍ୟରେ ଥିବା ସଂବଂଧ ନିରୂପଣ କରିବାକୁ ଯାଇ ନୀଳକଂଠ ଲେଖିଛଂନ୍ତି—

"ବ୍ୟକ୍ତି ପ୍ରକୃତିର ଦାସ । ବ୍ୟକ୍ତି ନିଜ ଆଦର୍ଶ ଅନୁସରଣ କରି ବର୍ତ୍ତମାନର ସୀମା ଲଂଘନ କରି ଭବିଷ୍ୟତର ପୂର୍ଣ୍ଣ ଆଭାସ ଦେଖେ ।"

ଏଇ ଦୁଓଟି ବିଭାବର ବିଧିସଂଗତ ସମବାୟରେ ମନୁଷ୍ୟର ପ୍ରକୃତ ମନୁଷ୍ୟତ୍ୱ ପ୍ରତିଷ୍ଠାପିତ ହୁଏ ।" (୫)

'ନୀତି ଓ ପ୍ରକୃତି' ପ୍ରବଂଧରେ ନୀଳକଂଠ ଲେଖିଛଂତି, "—ମନୁଷ୍ୟ ଜୀବନ ପଶୁତ୍ୱ ଓ ଦେବତ୍ୱର ସମବାୟ । ପଶୁ ପ୍ରବୃତ୍ତି ବଳରେ ମନୁଷ୍ୟ ଦେହ ଧାରଣ କରୁଛି; ଧର୍ମ ତା ଜୀବନର ବିଶେଷତ୍ୱ । ଯାହାଦ୍ୱାରା ମାନବ ସମାଜ ଓ ସଭ୍ୟତା ଧୃତ ଓ ପରିବର୍ଦ୍ଧିତ, ତାହାହିଁ ଧର୍ମ ।"

## (ଘ) ଅଧିକାର ଓ କର୍ତ୍ତବ୍ୟର ସମନ୍ୱୟ :

ସ୍ୱାର୍ଥାନ୍ୱେଷଣ ଓ ନିଃସ୍ୱାର୍ଥପରତାର ସମନ୍ୱୟରେ ହିଁ ଅଧିକାର ଓ କର୍ତ୍ତବ୍ୟର ସମବାୟ ଉପଲବ୍ଧ ହୁଏ । ଯେତେବେଳେ ବ୍ୟକ୍ତି ସାର୍ବଜନୀନ ଆତ୍ମାକୁ ନିଜ

---

(୪) ନୀଳକଂଠଂକ ଗୀତା, ପୃ–୪୩୬

(୫) ପଣ୍ଡିତ ନୀଳକଂଠ, ନୀଳକଂଠ ଗ୍ରଂଥାବଳୀ, ତୃତୀୟ ଖଣ୍ଡ, ପୃ–୪୦୮–୪୦୯



Digitized by PPRACHIN, SOA

ମଧ୍ୟରେ ଅନୁଭବ କରେ, ସେତେବେଳେ ସେ ଜଗତର ସ୍ୱାର୍ଥ ସଙ୍ଗେ ନିଜ ସ୍ୱାର୍ଥ ଏକ ବୋଲି ଅନୁଭବ କରିଥାଏ; ଏପରି ଅବସ୍ଥାରେ ଅଧିକାର ଓ କର୍ତ୍ତବ୍ୟର ସମବାୟ ଉପଲବ୍ଧ ହୁଏ । ଏହାହିଁ ନୀଳକଂଠଂକର ସ୍ପଷ୍ଟ ମତ ।

## (ଡ) ବିଶ୍ୱ ମୈତ୍ରୀ—

ନୀଳକଂଠଂକ ଦୃଷ୍ଟିରେ ଏଇ ଆଦର୍ଶ ବଳରେ ମନୁଷ୍ୟ ପ୍ରକୃତିର ଚପଳ ତରଂଗ ନିୟମିତ ଓ ଶୃଂଖଳିତ ହୁଏ; ସାର୍ବଜନୀନ ଆତ୍ମା ମନୁଷ୍ୟ ମଧ୍ୟରେ ପ୍ରାଣ ଲାଭକରେ । ବିଶ୍ୱମୈତ୍ରୀ ଭାବର ଉଦ୍ରେକ ନହେବା ଯାଏଁ ବିଶ୍ୱରାଷ୍ଟ୍ର ସଂଘର ପରିକଳ୍ପନା କଳ୍ପନାରେ ହିଁ ରହିବ ।

## ଭାରତୀୟ ଜାତୀୟତା ଓ ଓଡ଼ିଆ ଆଂଚଳିକତା

୧୯୨୧ ମସିହା ଆରଂଭରେ ସମଗ୍ର ଭାରତବର୍ଷରେ ଗାଂଧିଜୀଂକ ଅସହ-ଯୋଗ ଆଂଦୋଳନ (Non-Cooperation Movement)ର ଜୁଆର ମାଡ଼ିଗଲା । ଏହିପରି ଗୋଟିଏ ଆଂଦୋଳନ କରାଯିବା ପାଇଁ ୧୯୨୦ ସେପ୍ଟେମ୍ବର ମାସରେ କଲିକତାଠାରେ ଅନୁଷ୍ଠିତ ଭାରତୀୟ ଜାତୀୟ କଂଗ୍ରେସର ସ୍ୱତନ୍ତ୍ର ଅଧିବେଶନରେ ସର୍ବସମ୍ମତି କ୍ରମେ ପ୍ରସ୍ତାବ ଗୃହୀତ ହେଲା । ତା' ଆଗରୁ ଘଟିଥିବା ଅମାନୁଷିକ ଜାଲିୟାନାବାଗ୍ ହତ୍ୟାକାଣ୍ଡର ପ୍ରତିକ୍ରିୟା ବାତାବରଣକୁ ସରଗରମ କରିଥାଏ । ଗାଂଧିଜୀଂକ ଅବାଧ ନେତୃତ୍ୱରେ ପରିଚାଳିତ ଅସହଯୋଗ ଆଂଦୋଳନ ନାମକ ମହାଭାରତୀୟ 'ସ୍ୱରାଜ୍ୟ' ଯଜ୍ଞରେ ଉତ୍କଳବାସୀ ଯେପରି ଅକୁଂଠିତ ସହଯୋଗ ଦେଇ ପାରିବେ, ତାର ବାର୍ତ୍ତା ଗୋପବଂଧୁ ନାଗପୁର କଂଗ୍ରେସ ଅଧିବେଶନରେ ପିଟାଇ ଆସିଥିଲେ । ୧୯୦୩ ମସିହାରେ ଉତ୍କଳ୍ ଗୌରବ ମଧୁସୂଦନ ଦାସଂକ ନେତୃତ୍ୱରେ ସଂଗଠିତ ଉତ୍କଳ ସମ୍ମିଳନୀ 'ଭାଷା ସୂତ୍ରରେ ପ୍ରଦେଶ ଗଠନ' ନୀତିକୁ ଗ୍ରହଣ କରିଥାଂତି ଓ ପରସ୍ପରଠାରୁ ବିଚ୍ଛିନ୍ନ ହୋଇ ରହିଥିବା ସମସ୍ତ ଓଡ଼ିଆ ଭାଷାଭାଷୀ ଅଂଚଳ ଗୁଡ଼ିକୁ ଏକତ୍ର କରି ସ୍ୱତଂତ୍ର ଓଡ଼ିଶା ପ୍ରଦେଶ ଗଠନ ନିମଂତେ ପ୍ରସ୍ତାବ ଗ୍ରହଣ କରି ଏହାର ବାସ୍ତବ ରୂପାୟନ ନିମଂତେ ଆଂଦୋଳନ ଆରଂଭ କରି ଦେଇଥାଂତି । ଏହି ପ୍ରଦେଶ ଗଠନ ଆଂଦୋଳନରେ ଗୋପବଂଧୁ ସକ୍ରିୟ ଭାଗ ନେଇଥିବାରୁ ସତ୍ୟବାଦୀ ବନବିଦ୍ୟା-ଳୟର ଅଧ୍ୟକ୍ଷ ପଣ୍ଡିତ ନୀଳକଂଠଂକ ସମେତ ପଂଚସଖା ସ୍ୱତଂତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ହେଉଥିବା ଆଂଦୋଳନକୁ ପୂର୍ଣ୍ଣପ୍ରାଣରେ ସମର୍ଥନ କରି ଆସୁଥିଲେ । ନାଗପୁର ଅଧିବେଶନରେ ଗୋପବଂଧୁଂକ ଭାଷାସୂତ୍ରରେ ପ୍ରଦେଶ ଗଠନ ନୀତିକୁ ଜାତୀୟ କଂଗ୍ରେସ ଗ୍ରହଣ କଲେ ।

ନାଗପୁର ଅଧିବେଶନରୁ ଫେରି ଗୋପବନ୍ଧୁ ଅସହଯୋଗର ମହାଭାରତୀୟ ସ୍ରୋତରେ ଓଡ଼ିଆ ଜାତୀୟତାର ଆଞ୍ଚଳିକ ସ୍ରୋତ ମିଶି ଯିବାପାଇଁ ସମସ୍ତଙ୍କୁ



Digitized by PPRACHIN, SOA

ପ୍ରବର୍ତ୍ତାଇଲେ ଏବଂ ଏ ଦିଗରେ ପ୍ରଥମ ପଦକ୍ଷେପ ସ୍ୱରୂପ ସତ୍ୟବାଦୀ ବନବିଦ୍ୟାଳୟକୁ ଜାତୀୟ ବିଦ୍ୟାଳୟରେ ପରିଣତ କରିଦେଲେ । କେବଳ ସେତିକି ନୁହେଁ; କଟକରେ ସତ୍ୟବାଦୀ ମେସ୍‌ରେ ରହି ରେଭେନ୍‌ସା କଲେଜରେ ପଢ଼ୁଥିବା ବନବିଦ୍ୟାଳୟର ପୁରାତନ ଛାତ୍ରମାନଙ୍କୁ କଲେଜ ଛାଡ଼ି ଅସହଯୋଗ ଆନ୍ଦୋଳନରେ ଯୋଗ ଦେବାପାଇଁ ଡାକରା ଦେଲେ । ଗୋପବନ୍ଧୁଙ୍କ ଆହ୍ୱାନରେ ସତ୍ୟବାଦୀ ମେସ୍‌ରେ ଥିବା ପୁରାତନ ଛାତ୍ରମାନେ କଲେଜ ଛାଡ଼ି ଗୋପବନ୍ଧୁଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନର ଜୁଆର ମଧ୍ୟକୁ ଡେଇଁ ପଡ଼ିଲେ । (୬)

ଏହି ପରିପ୍ରେକ୍ଷୀରେ ନୀଳକଂଠଂକ ମହାଭାରତୀୟ ଜାତୀୟତା ଓ ଆଞ୍ଚଳିକ ଜାତୀୟତାକୁ ବୁଝିବାକୁ ହେବ । ୧୯୨୦ ମସିହା ସେପ୍ଟେମ୍ବର ମାସଠାରୁ ନୀଳକଂଠ ସତ୍ୟବାଦୀ ବନବିଦ୍ୟାଳୟ ଛାଡ଼ି କଲିକତା ବିଶ୍ୱବିଦ୍ୟାଳୟରେ "ଓଡ଼ିଆ ଓ ତୁଳନାତ୍ମକ ଭାଷାତତ୍ତ୍ୱ"ର ଅଧ୍ୟାପକ ରୂପେ ଯୋଗ ଦେଇଥାନ୍ତି । ଉପରୋକ୍ତ ନାଗପୁର ଅଧିବେଶନରୁ ଫେରୁଥିବା ବେଳେ କଲିକତାଠାରେ ଗୋପବନ୍ଧୁଙ୍କ ସଙ୍କେତ ବୁଝିପାରି ନୀଳକଂଠ ଗାନ୍ଧିଜୀଙ୍କ ପ୍ରବର୍ତ୍ତିତ ଅସହଯୋଗ ଆନ୍ଦୋଳନରେ ଯୋଗ ଦେବା ନିମନ୍ତେ ସ୍ଥିର କଲେ । ଗୋପବନ୍ଧୁଙ୍କୁ ତାର ବାର୍ତ୍ତା ଦେଇ ସେ ଜାନୁଆରୀ ୬ ତାରିଖ ଦିନ ବିଶ୍ୱବିଦ୍ୟାଳୟ ଚାକିରୀରୁ ଇସ୍ତଫା ଦେଲେ ଓ ସମ୍ବଲପୁରର ଓକିଲ ଶ୍ରୀଯୁକ୍ତ ଭାଗିରଥି ମିଶ୍ରଙ୍କ ସହ ଉଭୟ ଗୋପବନ୍ଧୁ ଓ ନୀଳକଂଠ କଲିକତାରୁ ସମ୍ବଲପୁର ଗଲେ । ତା'ପରଦିନ ସକାଳେ ପନ୍ଦ୍ର୍ନ ନୀଳକଂଠ ସମ୍ବଲପୁରରେ ଅସହଯୋଗ ଆନ୍ଦୋଳନ ଆରମ୍ଭ କରିଦେଲେ । (୭)

ଗାନ୍ଧିଜୀ ଓ ଗୋପବନ୍ଧୁଙ୍କ ନେତୃତ୍ୱରେ ଅସହଯୋଗ ଆନ୍ଦୋଳନରେ ସକ୍ରିୟ ଯୋଗଦାନ କରିଥିଲେ ମଧ୍ୟ ପଣ୍ଡିତ ନୀଳକଂଠ ନିଜର ବୌଦ୍ଧିକ ସ୍ୱାତଂତ୍ର୍ୟ ହରାଇ ନଥିଲେ । ଗୁରୁ ତୁଲ୍ୟ ବ୍ୟକ୍ତିମାନଙ୍କ ପ୍ରତି ଶ୍ରଦ୍ଧା ଓ ସମ୍ମାନ ପ୍ରଦର୍ଶନ କରିଥିଲେ ହେଁ ସେମାନଙ୍କର ମତାମତକୁ ବିନା ବିଚାରରେ ଗ୍ରହଣ କରିବା ପଣ୍ଡିତ ନୀଳଂକଂଠଙ୍କର ବୁଦ୍ଧିବାଦୀ ମନୋବୃତ୍ତିର ବିରୋଧୀ ଥିଲା । ସେ ତାଙ୍କର ବହୁ ଭାଷଣରେ ଗୀତାରେ ଶ୍ରୀକୃଷ୍ଣଙ୍କ ଉପଦେଶକୁ ଉଦ୍ଧାର କରି କହିଛନ୍ତି—

---

(୬) ସତ୍ୟବାଦୀ ମେସ୍‌ରେ ଥିବା ସତ୍ୟବାଦୀ ସ୍କୁଲର ପୁରାତନ ଛାତ୍ରମାନଙ୍କ ମଧ୍ୟରେ ଲେଖକର ପିତା ସ୍ୱର୍ଗତ ଜଗନ୍ନାଥ ରଥ ଅନ୍ୟତମ ଥିଲେ । ଗୋପବନ୍ଧୁ ନାଗପୁର କଂଗ୍ରେସ ଅଧିବେଶନରୁ ୧୯୨୦ ଡ଼ିସେମ୍ବର ମାସ ୩୧ ତାରିଖ ରାତିରେ କଟକ ଫେରି ସେମାନଙ୍କୁ କଲେଜ ପଢ଼ା ଛାଡ଼ି ସ୍ୱରାଜ ଆନ୍ଦୋଳନରେ ଯୋଗ ଦେବା ପାଇଁ ପ୍ରବର୍ତ୍ତାଇ ଥିଲେ । ସେ କଥା ଲେଖକ ନିଜ ପିତାଙ୍କଠାରୁ ବହୁବାର ଶୁଣିଛି ।

(୭) ନୀଳକଂଠ ଗ୍ରନ୍ଥାବଳୀ, ୧ମ ଖଣ୍ଡ, ପୃଷ୍ଠା ୮୭-୮୮ ।



Digitized by PPRACHIN, SOA

"ପରପ୍ରଶ୍ନେନ ସେବୟା ।" ସୁତରାଂ ମହାଭାରତୀୟ ଜାତୀୟ ଆନ୍ଦୋଳନରେ ସକ୍ରିୟ ନେତୃତ୍ୱ ଦେଇଥିଲେ ହେଁ ସେଥିରେ ଭାବବହ୍ୱଳିତ ହୋଇ ନିଜର ଜନ୍ମଭୂମି ଓଡ଼ିଶାର ଯୁକ୍ତିଯୁକ୍ତ ରାଜନୈତିକ ଦାବୀକୁ ସେ ଭୁଲି ଯାଇନଥିଲେ । ସୁତରାଂ ଚୌରିଚୌରା ଗଣହିଂସାକାଣ୍ଡ ଘଟଣାକୁ କେନ୍ଦ୍ର କରି ମହାତ୍ମାଗାନ୍ଧି ଯେତେବେଳେ ଅସହଯୋଗ ଆନ୍ଦୋଳନକୁ ଅଗ୍ରନକ ଭାବରେ ବନ୍ଦ କରିଦେଲେ, ସେତେବେଳେ ପଣ୍ଡିତ ନୀଳକଂଠ ନିଷ୍କ୍ରିୟ ହୋଇ ବସି ରହି ପାରିଲେ ନାହିଁ । ଗୋପବନ୍ଧୁଙ୍କ ପରାମର୍ଶ କ୍ରମେ ସେ ମୋତିଲାଲ ନେହରୁ ଓ ଚିତ୍ତରଞ୍ଜନ ଦାସଙ୍କ ଦ୍ୱାରା ସଂଗଠିତ ସ୍ୱରାଜ ଦଳରେ ଯୋଗ ଦେଲେ ଓ ତାତ୍କାଳିକ ରାଜନୈତିକ ଭାଷାରେ 'ପରିବର୍ତ୍ତନବାଦୀ' ( Pro-Changer ) ଭାବେ ପରିଚିତ ହେଲେ ।

ପ୍ରଥମେ କଂଗ୍ରେସ ସ୍ୱରାଜ ଦଳର ସଦସ୍ୟ ଓ ଅଳ୍ପ କିଛି ସମୟ ବ୍ୟବଧାନ ପରେ ସ୍ୱରାଜ ପ୍ରଧାନ ଦଳର ପ୍ରଧାନ ସମ୍ପାଦକ ଭାବରେ ପଣ୍ଡିତ ନୀଳକଂଠ ଯାହା ସବୁ କରି ପାରିଥିଲେ ସେ ସବୁ ବ୍ୟାଖ୍ୟା କରିବା ଏ ପ୍ରବନ୍ଧର ପରିସର ବହିର୍ଭୂତ । କିନ୍ତୁ ଏଠାରେ ଏତିକି ସୂଚାଇ ଦିଆଯାଇ ପାରେ ଯେ ୧୯୨୪ ମସିହାରେ କେନ୍ଦ୍ର ବ୍ୟବସ୍ଥା ସଭାର ସଦସ୍ୟ ଭାବେ ନିର୍ବାଚିତ ହେବା ପରେ ପଣ୍ଡିତ ନୀଳକଂଠ ସମଗ୍ର ଭାରତର ଜାତୀୟ ସ୍ୱାର୍ଥ ପ୍ରତି ଅବହିତ ରହି ମଧ୍ୟ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ନିମନ୍ତେ ପ୍ରସ୍ତାବ ଆଣିଥିଲେ ଓ ସେ କାଳର ବଡ଼ଲାଟଂକ ଶାସନ ପରିଷଦର ଘରୋଇ ବିଭାଗ ସଦସ୍ୟ(Home Member of the Governor-General's Executive Council) ସାର୍ ମୁଡ୍ଡିମ୍ୟାନଂକୁ ଏଥିପାଇଁ ପ୍ରଭାବିତ କରି ପାରିଥିଲେ । ଏହା କରିବାରେ ଏଠି ଲକ୍ଷ୍ୟ କରିବାର କଥା ପଣ୍ଡିତ ନୀଳକଂଠ ଜାତୀୟ ସ୍ୱାର୍ଥକୁ ଜଗିବା ସଙ୍ଗେ ସଙ୍ଗେ ଆଞ୍ଚଳିକ ଓଡ଼ିଆ ଜାତୀୟତା (Oriya Sub-Nationalism)ର ଯଥାର୍ଥ ରାଜନୈତିକ ଦାବୀକୁ ଜାତୀୟ ଦରବାରରେ ଅତି ସାହସ ଓ ବିଚକ୍ଷଣତା ସହ ଉପସ୍ଥାପିତ କରିଥିଲେ । ଏକଥା ଉଲ୍ଲେଖ ଯୋଗ୍ୟ ଯେ ବ୍ୟବସ୍ଥା ସଭାରେ ପଣ୍ଡିତ ନୀଳକଂଠ ଲୁହ ଗଡ଼ାଉ ନ ଥିଲେ । ଅବଶ୍ୟ ତାଂକ ଜୀବନାଦର୍ଶର ମୂର୍ତ୍ତିମନ୍ତ ପୁରୁଷ ଗୋପବଂଧୁ ଦୁଃଖୀ ଦରିଦ୍ରମାନଙ୍କ ସମସ୍ୟା ବ୍ୟବସ୍ଥା ସଭାରେ ଉପସ୍ଥାପିତ କଲାବେଳେ ସ୍ୱତଃ କାନ୍ଦି ପକାଉଥିଲେ ଓ ଉପସ୍ଥିତ ସଦସ୍ୟମାନଙ୍କୁ କଂଦାଇ ପାରୁଥିଲେ । ପଣ୍ଡିତ ନୀଳକଂଠ ସେପରି ଭାବପ୍ରବଣ ନ ଥିଲେ । ତାଂକର ବୁଦ୍ଧିବାଦୀ ତର୍କଶାଣିତ ମସ୍ତିଷ୍କ ସମ୍ମୁଖରେ କୋମଳ ହୃଦୟର ଜୁଆର ସଂଯତ ହୋଇ ରହୁଥିଲା । କାରଣ ଏକ ବୁଦ୍ଧିବାଦୀ ରାଜନୀତିଜ୍ଞ ଭାବରେ ପଣ୍ଡିତ ନୀଳକଂଠ ଯାହା ଉପସ୍ଥାପନ କରୁଥିଲେ ସେଥିପାଇଁ ସେ ସର୍ବଦା ଅକାଟ୍ୟ ଯୁକ୍ତି ଦେଉଥିଲେ । ଏଠାରେ ତାଙ୍କର ନିଜର ଉକ୍ତି ମଧ୍ୟରୁ କେତୋଟି ମାତ୍ର ଅନୁଧ୍ୟାନ କଲେ ପଣ୍ଡିତ ନୀଳକଂଠଂକର ହେତୁବାଦୀ ରାଜନୀତି (Rationalist Politics)ର ଦୃଷ୍ଟାଂତ ମିଳି ପାରିବ ।



Digitized by PPRACHIN, SOA

୧୯୨୭ ମସିହା ଫେବୃୟାରୀ ୮ ତାରିଖ ଓଡ଼ିଶା ଓ ଓଡ଼ିଆଙ୍କ ପାଇଁ ଏକ ସ୍ମରଣୀୟ ଦିବସ । କାରଣ ସେ ଦିନ ବ୍ୟବସ୍ଥାପକ ପଣ୍ଡିତ ନୀଳକଣ୍ଠ କେନ୍ଦ୍ର ବ୍ୟବସ୍ଥା ସଭାରେ ପ୍ରଥମ ଥର ପାଇଁ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ କରାଯାଉ ବୋଲି ପ୍ରସ୍ତାବ ଉପସ୍ଥାପନ କରି ତା ଉପରେ ଏକ ସୁଚିନ୍ତିତ ଭାଷଣ ଦେଇଥିଲେ । ସେଥିରେ ସେ ତତ୍‌କାଳୀନ ବଙ୍ଗ ପ୍ରଦେଶ ଓ ବିହାର ପ୍ରଦେଶରେ ଯେଉଁ ସବୁ ଓଡ଼ିଆ ଭାଷୀ ଅଂଚଳ ଥିଲା ସେଠାରେ ଜନଗଣନା ସମୟରେ ଓଡ଼ିଆ କହୁଥିବା ଲୋକମାନଙ୍କୁ ଓଡ଼ିଆ ବୋଲି ଲିପିବଦ୍ଧ କରିବା ପାଇଁ ଅଫିସରମାନେ କିପରି ଡରିଥିଲେ, ତାହା ଦର୍ଶାଇ ପଣ୍ଡିତ ନୀଳକଂଠ କହିଥିଲେ—

"I may here inform the House that the Oriyas have been under several administration in several tracts, and practically in each of the tracts an intermediary ruling race with vested interests has been created and the Bengal Government puts it clearly that the Census Supervisors and Enumerators are afraid to record people as Oriya—speaking because they fear if they put it like that, the tract will be transferred to Orissa." (୮)

୧୯୩୧ ମସିହାରେ ପରିକଳ୍ପିତ ଓଡ଼ିଶା ପ୍ରଦେଶର ସୀମା ନିର୍ଦ୍ଧାରଣ କରିବା ନିମନ୍ତେ ଯେଉଁ 'ଓଡ଼ିଶା କମିଟି' ( ଅଥବା O' Donnell Committee ) ଗଠିତ ହେଲା, ତା ଆଗରେ ଉତ୍କଳ ପ୍ରଦେଶ କଂଗ୍ରେସ କମିଟି ତରଫରୁ ଏକ ସ୍ମାରକ ପତ୍ର ଉପସ୍ଥାପନ କରିବା ପାଇଁ ଉତ୍କଳ କଂଗ୍ରେସର ତଦାନୀନ୍ତନ ସଭାପତି ପଣ୍ଡିତ ନୀଳକଂଠଙ୍କୁ ଦାୟିତ୍ୱ ଦିଆଗଲା । ଏହି ଦାୟିତ୍ୱ ବଳରେ, ପଣ୍ଡିତ ନୀଳକଂଠ ଯେଉଁ 'ବିବରଣୀ ଓ ସ୍ମାରକ ପତ୍ର' ଲେଖିଲେ ସେଥିରେ ଓଡ଼ିଆ ଜାତୀୟତାର ରାଜନୈତିକ ଯଥାର୍ଥତା ଯୁକ୍ତିର ସହ ପ୍ରତିପାଦନ କରିଥିଲେ । ସେଥିରେ ସେ ନିମ୍ନ ଯୁକ୍ତି ସବୁ ଆଗତ କରିଥିଲେ—

(୮) Quoted in Pandit Nilakantha Das, the Statement And The Memorandum With Supplementary Memorandum submitted on 28-11-31 to the Orissa Committe—1931 ( The Lakshmi Printing Works, Calcutta, 1931 ) P-15.



Digitized by PPRACHIN, SOA

(୯) ଓଡ଼ିଆ ଭାଷାଭାଷୀ ଲୋକମାନେ ବିହାର ସଙ୍ଗେ ମିଶି କରି ରହିଲେ ସଂଖ୍ୟାଲଘୁ ହେବେ ସତ; କିନ୍ତୁ ଏହି ସଂଖ୍ୟା ଲଘୁ ଓଡ଼ିଆ ଏପରି ଶକ୍ତିଶାଳୀ ହେବେ ଯେ ଦକ୍ଷ ଶାସନ ଦୃଷ୍ଟି କୋଣରୁ ତାହା ବିହାର ପକ୍ଷେ ଅସମୀଚୀନ ତଥା ଅବାଂଛନୀୟ ହେବ । ନୀଳକଂଠ ଲେଖିଲେ—

"A minority which can not be absorbed is so to say, a curse to the administration. It has been an international problem in the government of the world. What to speak of India and her provinces ? Oriyas have a history and traditional culture of which any race may be proud. Therefore as a minority, they can not be easily absorbed and lose this identity in the majority" । (୯)

## ଓଡ଼ିଆ ସଂସ୍କୃତିର ରକ୍ଷା

କୌଣସି ଜାତିର ନିଜତ୍ୱ (identity) ତାର ସଂସ୍କୃତିର ବୈଶିଷ୍ଟ୍ୟ ଉପରେ ନିର୍ଭର କରିଥାଏ । ସଂସ୍କୃତି, କଳା ଓ ଧର୍ମ ଓ ସବୁ ଦୃଷ୍ଟିରୁ ଓଡ଼ିଆ-ମାନେ ନିଜର ସ୍ୱାତନ୍ତ୍ର୍ୟ ରକ୍ଷା କରି ଆସିଛନ୍ତି । ଓଡ଼ିଆ ସଂସ୍କୃତିର ସର୍ବ ଶ୍ରେଷ୍ଠ ବୈଶିଷ୍ଟ୍ୟ ଅଛି ପୁରୁଷୋତ୍ତମ ଜଗନ୍ନାଥଂକୁ କେଂନ୍ଦ୍ର କରି; ଏହି ଜଗନ୍ନାଥ-- ସଂସ୍କୃତିର ମାନବତାବାଦୀ ସାମ୍ୟ ମୈତ୍ରୀ ବାଣୀ ଜାତିଭେଦ-ଗ୍ରସ୍ତ ତଥା ଅସ୍ପୃଶ୍ୟତାଦୁଷ୍ଟ ହିନ୍ଦୁ ସମାଜର ଉର୍ଦ୍ଧ୍ୱକୁ ଯାଇ ଓଡ଼ିଶାର ଜଗନ୍ନାଥ ପୃଥିବୀର ସକଳ ହିଂଦୁ ମାନଂକର ଶ୍ରେଷ୍ଠ ଉପାସ୍ୟ ଦେବତା ଭାବେ ପୂଜା ପାଉଛଂତି । ସୁତରାଂ ନିଜର ଜଗନ୍ନାଥ ସଂସ୍କୃତିକୁ ରକ୍ଷା କରିବା ଉଦ୍ଦେଶ୍ୟରେ ଓଡ଼ିଆମାନେ ନିଜ ରାଜନୈତିକ ଅଭିନ୍ନତା ଅନୁଭବ କରିବାପାଇଁ ଏକ ସ୍ୱତଂନ୍ତ୍ର ପ୍ରଦେଶ ଭାବରେ ସଂଗଠିତ ହେବାର ଅଧିକାର ପାଇବା ଉଚିତ । ଏହି ଯୁକ୍ତି ଉପସ୍ଥାପନ କରି ପଣ୍ଡିତ ନୀଳକଂଠ ଓଡ଼ିଶା କମିଟି ସମକ୍ଷରେ ଆଗତ କରିଥିବା ବିବୃତ୍ତିରେ ଲେଖିଥିଲେ—

"Nobody denies that the Oriyas in History were a sturdy and prosperous race, and set up a culture second perhaps to a few other races in

(୯) I bid, P- 17



Digitized by PPRACHIN, SOA

India. They developed art in its pure Indo-Aryan form and spirit. The monumental works of architecture are witness to it. Theirs is the unique culture of Jagannath where alone in the caste-ridden Hindu world of India problems like sectarianism and untouchability have been solved both in practice and in principle on the broad basis of humanity. Their literature too was vast and voluminous. (୧୦)

### (୩) ଅର୍ଥନୈତିକ ଶୋଷଣ ଓ ଦୁଃସ୍ଥିତିରୁ ରକ୍ଷା :

ବ୍ରିଟିଶ ଶାସନାଧୀନ ହେବାଠାରୁ ପୁରୁଷାନୁକ୍ରମେ ବିଚ୍ଛିନ୍ନ ଓଡ଼ିଆ ଅଞ୍ଚଳରେ ଅବସ୍ଥିତ ଓ ସହାନୁଭୂତିହୀନ ଉଦାସୀନ ଶାସନ ଓଡ଼ିଆମାନଙ୍କର ଆର୍ଥିକ ମେରୁଦଣ୍ଡକୁ ଭାଙ୍ଗି ଦେଇଛି । ବିଶାଳ ପ୍ରାକୃତିକ ସଂପଦ, କୁଶଳୀ ଶ୍ରମିକ, ସୁସଙ୍ଗଠିତ ଗ୍ରାମ୍ୟଶିଳ୍ପ, କାରିଗର ସମାଜ, ଏ ସବୁ ଅବହେଳିତ ହୋଇଛି । ସେମାନଙ୍କର ସଂପଦ ସୁପ୍ତ ଅବସ୍ଥାରେ ରହିଛି । ଯେଉଁ ଓଡ଼ିଆ ଶ୍ରମିକଗଣ, ସୂକ୍ଷ୍ମ-କଳା ଓ କାରୁକାର୍ଯ୍ୟ ପୂର୍ଣ୍ଣ ମନ୍ଦିର ଗଢ଼ିଥିଲେ ଏବଂ ସମୁଦ୍ର ଲଂଘି ବେପାର ବଣିଜ କରିବା ସଙ୍ଗେ ସଙ୍ଗେ ସାମ୍ରାଜ୍ୟ ସ୍ଥାପନ କରିଥିଲେ, ସେମାନେ ଆଜି ଆସାମର ଚା' ବଗିଚାରେ ଚା' ପତ୍ର ତୋଳି ବାଛିବାରେ ଜୀବିକା ନିର୍ବାହ କରୁଛନ୍ତି । ଏ ସବୁର ପରିବର୍ତ୍ତନ ଓ ପୁନର୍ଗଠନ ବର୍ତ୍ତମାନର ପରିସ୍ଥିତିରେ ଅପରିହାର୍ଯ୍ୟ ହୋଇ ପଡ଼ିଛି । ଏଇ ପରିପ୍ରେକ୍ଷୀରେ ଓଡ଼ିଆମାନେ ନିଜର ଏକ ସ୍ୱତନ୍ତ୍ର ପ୍ରଦେଶ ଗଠନ କରି ନିଜକୁ ଆର୍ଥିକ ଦୁଃସ୍ଥିତିରୁ ରକ୍ଷା କରିବା ପାଇଁ ବ୍ୟାକୁଳ ।

ଏହି ସବୁ ଅକାଟ୍ୟ ଯୁକ୍ତି ଦେଇ ଓଡ଼ିଶା କମିଟି ସମକ୍ଷରେ ଉପସ୍ଥାପିତ କରିଥିବା ସ୍ମାରକ ପତ୍ର ( Memorandum )ରେ ପଣ୍ଡିତ ନୀଳକଣ୍ଠ ଲେଖିଥିଲେ—

"Generations of dismemberment and bad and unsympathetic administration have ruined our finances. Our national wealth, which consists

(୧୦) Pandit Nilakantha Das The Statement And The Memorandum With Supplementary Memorandum ( The Lakshmi Printing Works, Calcutta, 1931 ) P-1



Digitized by PPRACHIN, SOA

in vast national [sie] (natural ? ) resources and skilled labour as well as organised village industry and artisan guild, has never been attended to. Our resources lie dormant. Our labourers who built up the monumental works of art and architecture and a vast oversea trade and empire, are now plucking, curing and sieving tea leaves in the Assam tea-gardens. All these await revival with an autlook befitting the task

"We demand a Province of our own greatly because of this misery, which is mainly financial." (୧୧)

ଏଠାରେ ସୂଚାଇ ଦେବା ପ୍ରାସଙ୍ଗିକ ଯେ ୧୯୩୧ ମସିହାରେ ଓଡ଼ିଆ ଉପରାଷ୍ଟ୍ରୀୟତା ଭିତ୍ତି ଉପରେ ୧୯୩୫ ଭାରତ ଶାସନ ଆଇନରେ ପରିକଳ୍ପିତ ଭାରତୀୟ ସଂଘର ଏକ ଅପରିହାର୍ଯ୍ୟ ଅଙ୍ଗ ରୂପେ ସ୍ୱତନ୍ତ୍ର ଓଡ଼ିଶା ପ୍ରଦେଶ ଗଠନ ଫଳରେ ପଣ୍ଡିତ ନୀଳକଂଠଂକ ଯୁକ୍ତିଗୁଡ଼ିକ ଦୀର୍ଘ ଅର୍ଦ୍ଧ ଶତାବ୍ଦୀ ପରେ ମଧ୍ୟ ଗୋଟିଏ ରାଷ୍ଟ୍ର ମଧ୍ୟରେ ଉପରାଷ୍ଟ୍ରୀୟତାର ସ୍ୱୀକୃତିର ଯଥାର୍ଥତା ପ୍ରତିପାଦନ କରୁଛି ।

## ଗଣତନ୍ତ୍ର ପ୍ରତି ପଣ୍ଡିତ ନୀଳକଂଠଂକ ଆଭିମୁଖ୍ୟ—

କଥାରେ ଅଛି "ରାମ୍ ରାମ୍ ସବୁ କୋଇ କହେ, ମରମ୍ ନ ଜାନେ କୋଇ ।" ସେହିପରି ବିଂଶ ଶତାବ୍ଦୀରେ ବହୁ ବ୍ୟକ୍ତି, ବିଶେଷ କରି ନେତୃସ୍ଥାନୀୟ ବ୍ୟକ୍ତି, କଥା କଥାକେ ଗଣତନ୍ତ୍ରର ଦୁହାଇ ଦେଇଥାନ୍ତି, କିନ୍ତୁ ମୁଷ୍ଟିମେୟ କେତେକଙ୍କ ବ୍ୟତୀତ ଅନ୍ୟ ସମସ୍ତଙ୍କ ଚାଲିଚଳଣି ତଥା ବ୍ୟବହାର ଅତ୍ୟନ୍ତ ଅଗଣତାନ୍ତ୍ରିକ ମନେ ହୁଏ । ତାର କାରଣ ଅନ୍ୟଠାରୁ ଶୁଣି କରି ହେଉ ଅଥବା ନିଜର ରାଜନୈତିକ ସ୍ଥିତି ଓ ସ୍ୱାର୍ଥ ରକ୍ଷା ପାଇଁ ହେଉ, ସେମାନେ 'ଗଣତନ୍ତ୍ର' ଶବ୍ଦଟି ନିରନ୍ତର ଦୋହରାଇ ଥାନ୍ତି ସିନା, ଗଣତାନ୍ତ୍ରିକ ମୂଲ୍ୟବୋଧ ସେମାନଙ୍କର ବ୍ୟବହାର ଓ କାର୍ଯ୍ୟରେ ପ୍ରତିଫଳିତ ହୁଏ ନାହିଁ । ପଣ୍ଡିତ ନୀଳକଂଠ କିନ୍ତୁ ଉପର୍ଯ୍ୟୁକ୍ତ ଶ୍ରେଣୀର ବ୍ୟକ୍ତିମାନଂକଠାରୁ ବହୁ ଊର୍ଦ୍ଧ୍ୱରେ । ସାରା ଜୀବନ ଜ୍ଞାନର ସାଧନା ଓ ଜ୍ଞାନପ୍ରଣୋଦିତ ମାର୍ଗରେ ଦେଶ ଓ ଦଶପାଇଁ କର୍ମସାଧନାର ଅଭ୍ୟାସ ତାଂକୁ ଗଣତାଂତ୍ରିକ ମାର୍ଗରେ ଚଳାଉଥିଲା । ଶ୍ରୀମଦ୍ ଭଗବଦ୍ ଗୀତା ପାଠ ଓ ତାହାର

(୧୧) Pandit Nilakantha Das, ap. cit., P-19



Digitized by PPRACHIN, SOA

ଓଡ଼ିଆ ଅନୁବାଦ କରି ସେ ନିଜେ ଗୀତା ଧର୍ମରେ ଦୀକ୍ଷିତ ହୋଇଥିଲେ । ତାଂକ ମତରେ ବ୍ୟକ୍ତିର ଆନ୍ତରିକ ଚେତନା ତାର କଥା, ଗ୍ଭଲିଚଳଣି ଓ ବ୍ୟବହାରରେ ପ୍ରକଟିତ ହୋଇଥାଏ । ସୁତରାଂ ଯେଉଁ ବ୍ୟକ୍ତି ପ୍ରକୃତ ଧର୍ମପରାୟଣ, ତାର ଆଦର୍ଶ ହେଉଛି ଗୀତାର ଆଦର୍ଶ—"ସର୍ବଭୂତସ୍ଥ ଆତ୍ମାନଂ, ସର୍ବଭୂତାନିଚାତ୍ମନି ।" ଅର୍ଥାତ୍ ପ୍ରତ୍ୟେକ ବ୍ୟକ୍ତି ସାର୍ବଜନୀନ ଆତ୍ମାକୁ ନିଜ ଆତ୍ମା ମଧ୍ୟରେ ଅନୁଭବ କରିବା ଦ୍ୱାରା ସେ ଜୀବନର ପ୍ରେୟ ଓ ଶ୍ରେୟ ଉଭୟ ମଧ୍ୟରେ ସନ୍ତୁଳନ ରକ୍ଷା କରି ପାରିବ ଓ ନିଜ ସାଧନା ବଳରେ ନୀତି ଅର୍ଥାତ୍ ଧର୍ମ ମାର୍ଗରେ ଅଗ୍ରସର ହୋଇ ଜୀବନରେ ଦେବତ୍ୱର କ୍ରମ ବିକାଶ ଅନୁଭବ କରି ପାରିବ । ନୀଳକଂଠଙ୍କ ମତରେ ନିଜର ବୋଧ ଶକ୍ତି ଓ ବିଗ୍ଭର ଶକ୍ତି ଦ୍ୱାରା ହିଁ ମନୁଷ୍ୟ ଜୀବନରେ 'ଧର୍ମ ଶକ୍ତି'ର ଉଦ୍ରେକ ହୋଇଥାଏ । ଥରେ ଏହି ଶକ୍ତି ଉଦ୍ରେକ ହେଲେ ବ୍ୟକ୍ତି ଆତ୍ମତୃପ୍ତିକୁ ଚରମ ଲକ୍ଷ ନ ବିଗ୍ଭରି ସମସ୍ତ ଜଗତର ଅସ୍ତିତ୍ୱରେ ନିଜର ଅସ୍ତିତ୍ୱ ଅନୁଭବ କରେ । ଏଇ ଅନୁଭବରେ ବ୍ୟକ୍ତିର ପ୍ରକୃତ ସାମାଜିକ ପ୍ରାଣ ପ୍ରକଟିତ ହୁଏ ଓ କ୍ରମଶଃ ତାହା ସାର୍ବଜନୀନ ହୋଇଯାଏ । ଅତଏବ ପଣ୍ଡିତ ନୀଳକଣ୍ଠଙ୍କ ବିଶ୍ଳେଷଣ ଅନୁସରଣ କଲେ ଜଣାପଡ଼େ ଯେ 'ଗଣତାନ୍ତ୍ରିକ ବ୍ୟକ୍ତିତ୍ୱ' Democratic Personality)ର କଥା ଓ କାର୍ଯ୍ୟରେ ସାମାଜିକ ପ୍ରାଣ ପ୍ରକଟିତ ହୋଇଥାଏ ।

ପଣ୍ଡିତ ନୀଳକଂଠଂକର ଉପର୍ଯ୍ୟୁକ୍ତ ତାତ୍ତ୍ୱିକ ବିଶ୍ଳେଷଣକୁ ଗଣତନ୍ତ୍ର ଶାସନର ଭିତ୍ତିଭୂମି ବୋଲି କୁହାଯାଇ ପାରେ । କାରଣ କେବଳ ଆନୁଷ୍ଠାନିକ ଭାବରେ ହାତ ଟେକ ଅଥବା ଗୁପ୍ତ ଭାବରେ ମତ ଦାନ କଲେ ଗଣତନ୍ତ୍ର ପ୍ରତିଷ୍ଠିତ ହୁଏ ନାହିଁ; ଏପରି ହେଉଥିଲେ କମ୍ୟୁନିଷ୍ଟ ଦଳ ଦ୍ୱାରା ଶାସିତ ସୋଭିଏତ୍ ସଂଘ ଅଥବା ଯୁଦ୍ଧ ପୂର୍ବ ଜର୍ମାନୀର ନାଜି ଶାସନ ଅଥବା ଇଟାଲୀର ଫାସିଷ୍ଟ ଶାସନକୁ ବି ଗଣତନ୍ତ୍ର ଆଖ୍ୟା ଦେବାରେ ଆପତ୍ତି ରହନ୍ତା ନାହିଁ ।

ପଣ୍ଡିତ ନୀଳକଂଠଂକର ଗଣତଂନ୍ତ୍ର ପ୍ରତି ଆଭିମୁଖ୍ୟ କେବଳ ନୀତିଗତ ବିଶ୍ଳେଷଣରେ ପର୍ଯ୍ୟବସିତ ନୁହେଁ । ନୈଷଧ କାବ୍ୟର ମୁଖ୍ୟନାୟକ ନଳ ରାଜାଂକ ଜୀବନ ପଦ୍ଧତି ଅନୁସରଣରେ ଅଧ୍ୟୟନ, ବୋଧ, ଆଚରଣ ତଥା ପ୍ରଗ୍ଭରଣ ଦ୍ୱାରା ପଣ୍ଡିତ ନୀଳକଂଠ ତାଂକ ରାଜନୈତିକ ଜୀବନରେ ଗଣତାଂନ୍ତ୍ରିକ ମନୋବୃତ୍ତି ଓ ନୀତି ଗୁଡ଼ିକ ନିଜର ଅଂଗୀଭୂତ କରି ପାରିଥିଲେ । ଏ ପ୍ରକାର କୃତିତ୍ୱରେ ସତ୍ୟବାଦୀ ବନବିଦ୍ୟାଳୟର ସାଧନା ତାଙ୍କୁ ଏକ ଶକ୍ତିଶାଳୀ ଆଧାର ଯୋଗାଇଥିଲି ।

ପଣ୍ଡିତ ଗୋପବଂଧୁ ଶାନ୍ତିନିକେତନରେ ବିଶ୍ୱଭାରତୀ ଅନୁଷ୍ଠାନ ଦେଖି ସେଠାରେ ଛାତ୍ରାବାସ ଓ ବିଦ୍ୟାଳୟର ତଥାକଥିତ ଗଣତାଂନ୍ତ୍ରିକ ପରିଗ୍ଭଳନାରେ



Digitized by PPRACHIN, SOA

ସନ୍ତୁଷ୍ଟ ନ ଥିଲେ । ତେଣୁ ସେ ବନବିଦ୍ୟାଳୟର ଛାତ୍ର ଓ ଶିକ୍ଷକମାନଙ୍କର ଏକ ସଭା ଡକାଇ ଗଣତାନ୍ତ୍ରିକ ବିଧିରେ କପରି ପୂର୍ଣ୍ଣାଙ୍ଗ ଶିକ୍ଷା ଦେବାକୁ ହେବ ସେ କଥା ବୁଝାଇବାକୁ ଯାଇ କହିଥିଲେ, :-

"ଛାତ୍ରାବାସର ଯାବତୀୟ କଥା— ଖାଇବା, ଖୁଆଇବା, ଶୋଇବା, ବସିବା, ପଢିବା, ପଢ଼ାଇବା ସକଳ କାର୍ଯ୍ୟ ପିଲାମାନେ କରିବେ, ହାତରେ କରିବେ— ତେବେ ଶିକ୍ଷା ପୂର୍ଣ୍ଣାଙ୍ଗ ହେବ । .........ତୁମ୍ଭେମାନେ ସମସ୍ତେ ଭାବି ଏକ ଯୋଜନା ତିଆରି କର । .........ଶିକ୍ଷକମାନେ ସର୍ବସାଧାରଣ ଛାତ୍ରଙ୍କ ପରି ରହିବେ । କ୍ଷମତାର ଅପବ୍ୟବହାର ନ ହେବା ପାଇଁ ଶିକ୍ଷକମାନଙ୍କ ଉପରେ ଅଙ୍କୁଶ ମଧ୍ଯ ରହିବ" । (୧୨)

ଏଥିଲାଗି ସେ ଶିକ୍ଷକ ଓ ଛାତ୍ରମାନଙ୍କୁ ପ୍ରସ୍ତାବ ଦେବାପାଇଁ ଅନୁରୋଧ କରିଥିଲେ । ତନ୍ମଧ୍ୟରୁ ସେ ପଣ୍ଡିତ ନୀଳକଂଠଂକ ପ୍ରସ୍ତାବଟିକୁ ଗ୍ରହଣ କରିଥିଲେ । କହିବା ବାହୁଲ୍ୟ ଯେ ଗୋପବଂଧୁଙ୍କ ପରିକଳ୍ପିତ ଏଇ ଗଣତାନ୍ତ୍ରିକ ପରିଚାଳନାର ଭାର ମୁଖ୍ୟତଃ ପ୍ରଧାନାଚାର୍ଯ୍ୟ ନୀଳକଂଠଂକ ଉପରେହିଁ ପଡ଼ିଥିଲା । ଏହି ଅଭିଜ୍ଞ-ତାର ସୁଫଳ ନୀଳକଂଠଂକ ଉପରେ ବିଶେଷ ପ୍ରଭାବ ପକାଇଥିଲା ।

ସ୍ୱରାଜ ଦଳର ସଭ୍ୟରୂପେ ପଣ୍ଡିତ ନୀଳକଂଠ କେନ୍ଦ୍ର ବ୍ୟବସ୍ଥା ସଭା ( Central Legislative Assembly )ର ସଦସ୍ୟ ନିର୍ବାଚିତ ହେଲେ କିନ୍ତୁ ଆଜି କାଲିର ଅଧିକାଂଶ ପ୍ରତିନିଧିଙ୍କ ପରି ସେ କେବଳ ଭାରପ୍ରାପ୍ତ ହାତଟେକା ପ୍ରତିନିଧି ନ ଥିଲେ । ବ୍ରିଟିଶ ସରକାରଙ୍କର ବିବିଧ ଶାସନ ନୀତିକୁ ସମାଲୋଚନା କରି ସେ ଯେଉଁ ମତ ବ୍ୟକ୍ତ କରୁଥିଲେ ସେ ସବୁର ଗଣତାନ୍ତ୍ରିକ ମହତ୍ତ୍ୱ ଅତ୍ୟନ୍ତ ଶିକ୍ଷାପ୍ରଦ ତଥା ତାତ୍ପର୍ଯ୍ୟ ପୂର୍ଣ୍ଣ । ଲବଣ କରକୁ ସମାଲୋଚନା କରି ବ୍ୟବସ୍ଥାପକ ନୀଳକଂଠ ଦୃଢ ଭାବରେ କହିଥିଲେ; "ଏହା ଖାଦ୍ୟ ଉପରେ ବସାଯାଇଥିବା ଗୋଟିଏ ଟିକସ । ଏ ଟିକସ ଧନୀ ଲୋକମାନଙ୍କୁ ବାଧିବ ନାହିଁ, ଯଦିଓ ଧନୀ-ମାନଙ୍କର ଏଭଳି ଏକ କର ସହିତ କୌଣସି ସଂପର୍କ ନାହିଁ ବୋଲି ମୁଁ କହୁ ନାହିଁ । ଏହା ଗୋଟିଏ କର ହୋଇଥିବାରୁ ସର୍ବାପେକ୍ଷା ଦରିଦ୍ର ଟିକସ ଆକାରରେ ଯେତିକି ଦେଉଛି ଜଣେ ଧନୀ ଲୋକଙ୍କୁ ବି ସେତିକି ଦେବାକୁ ପଡୁଛି । ଏହା ବର୍ତ୍ତମାନର ସାମ୍ରାଜ୍ୟବାଦୀ ସଭ୍ୟତା ସହିତ ଖାପ ଖାଉଛି;........କାରଣ ଏହା ସାମ୍ରାଜ୍ୟବାଦୀ ଶୋଷଣ-ନୀତିର ଏକ ବିଶେଷ ଲକ୍ଷଣ । ଏହା ମନୁଷ୍ୟର ରକ୍ତ

---

(୧୨) ନୀଳକଂଠ ଗ୍ରଂଥାବଳୀ, ୧ମ ଖଣ୍ଡ, ପୃ-୭୧ ।



Digitized by PPRACHIN, SOA

ଉପରେ ବସା ଯାଇଥିବା ଏକ କର । ଏହି କର ଭାରରେ ଗରିବ ଲୋକଙ୍କୁ ଟଙ୍କା ଯୋଗାଡ଼ କରିବାରେ ନିଜର ଲହୁ ବୁହାଇ ଦେବାକୁ ପଡୁଛି" । (୧୩)

"It is a tax which is levied on food. Rich people are not affected by the tax, although I don't say that rich people have nothing to do with the tax. It is a tax all the same, and they pay as much perhaps as the poorest man pays. It is in keeping with the character of the present Imperialistic civilization……It partakes of the distinct character of that Imperialistic policy of exploitation. It is a tax an human blood. The poorman is bled to find money for the coffers of the state under this tax."

ଉପର୍ଯ୍ୟୁକ୍ତ ଅଭିମତରୁ ରାଜନୀତିଜ୍ଞ ନୀଳକଣ୍ଠଙ୍କର ଗଣତାନ୍ତ୍ରିକ ଦୃଷ୍ଟି-କୋଣରୁ ସାମ୍ରାଜ୍ୟବାଦୀ ଶୋଷଣ-ମୂଳକ ଶାସନ ନୀତି ପ୍ରତି କ'ଣ ଧାରଣା ଥିଲା ତାହାର ସ୍ପଷ୍ଟ ପରିଚୟ ସଙ୍ଗେ ତାଙ୍କ ଦାମ୍ଭିକତାର ମଧ୍ୟ ପରିଚୟ ମିଳେ ।

## ଓଡ଼ିଶାରେ କୃଷକ ସମସ୍ୟା ଓ ଲୋକ ପ୍ରତିନିଧି ସରକାରର ଦାୟିତ୍ୱ :

୧୯୩୭ ମସିହା ଜୁଲାଇ ମାସରେ ଓଡ଼ିଶାରେ ସ୍ୱର୍ଗତ ବିଶ୍ୱନାଥ ଦାସଙ୍କ ନେତୃତ୍ୱରେ ଲୋକ ପ୍ରତିନିଧିମୂଳକ କଂଗ୍ରେସ ସରକାର ଗଢ଼ା ହେଲା । ଗଣତନ୍ତ୍ରରେ ଏକ ପ୍ରତିନିଧିମୂଳକ ସରକାର ସମ୍ମୁଖରେ ଯେଉଁ ମୁଖ୍ୟ ସମସ୍ୟା ଦେଖାଯାଏ ସେ ସବୁର ସମାଧାନର ସଙ୍କେତ ପଣ୍ଡିତ ନୀଳକଣ୍ଠ ତାତ୍କାଳିକ 'ନବ ଭାରତ'ର 'ଆଲୋଚନା' ସ୍ତମ୍ଭରେ ଦେଇଛନ୍ତି । ଗଣତାନ୍ତ୍ରିକ ସରକାର ପ୍ରତି ଲକ୍ଷ୍ୟ ରଖି

---

(୧୩) Pandit Nilakantha Das, Same Speeches And Remarks of Pandit Nilakantha Das ( In the Delhi Session of the Legislative Assembly 1929 from January to April) P. 58, Pandit Das said.



Digitized by PPRACHIN, SOA

ନୀଳକଂଠ ଲେଖିଛନ୍ତି— "ଏହା ଲୋକ ଶାସନ, ଏହାର କୃତ୍ୟାକୃତ୍ୟ ମାପିବାର ଏକମାତ୍ର ମାନଦଣ୍ଡ ହେଉଛି ଲୋକମତ ଓ ଲୋକସ୍ୱାର୍ଥ ।" ପୁନଶ୍ଚ ଲୋକମତକୁ ସଙ୍ଗରେ ନେଇ ଶାସନ କରିବା ଗଣତାନ୍ତ୍ରିକ ସରକାରର କର୍ତ୍ତବ୍ୟ । ଏହି ଦୃଷ୍ଟିରୁ କୃଷକ ବହୁଳ ଓଡ଼ିଶାରେ ପ୍ରଜାସ୍ୱତ୍ୱ ଆଇନରେ ସଂସ୍କାର ଆଣିବା ଦରକାର । ସରକାର ଓ ପ୍ରଜା ମଧ୍ୟରେ ପ୍ରଜାସ୍ୱତ୍ୱ ରହିବା ଉଚିତ ନୁହେଁ ଦର୍ଶାଇ ନୂତନ ଆଇନରେ ପ୍ରଜାର ଋଣଭାର କିପରି ଲଘୁ ହୋଇ ପାରିବ, ସେ ସଂପର୍କରେ ସ୍ପଷ୍ଟ ସଙ୍କେତ ଦେଇଥିଲେ । (୧୪)

## ଶିଳ୍ପ ସମସ୍ୟା

ଶିଳ୍ପ ସମସ୍ୟାକୁ ପଣ୍ଡିତ ନୀଳକଂଠ ଦେଶ ଗଠନ ( Nation-building )ର ପୃଷ୍ଠଭୂମିରେ ବିଶ୍ଳେଷଣ କରି ସେ ସଂପର୍କରେ ନିଜର ସୁଚିନ୍ତିତ ମତ ବ୍ୟକ୍ତ କରିଥିଲେ । ତାଙ୍କ ମତରେ- "ଦେଶ ଗଠନର ମୂଳ ସୂତ୍ର ହେଉଛି ଗ୍ରାମର ଆୟ ବ୍ୟୟ ଜାଣିବା । ସେହିଠାରେ ଦେଶର ଆର୍ଥିକ ପରିସ୍ଥିତିର ଯଥାର୍ଥ ମାପକାଠି ରହିଛି ।" (୧୫) ତେଣୁ ଗ୍ରାମର ଆୟ ବଢ଼ାଇବାକୁ—ଶିଳ୍ପର ଶ୍ରୀବୃଦ୍ଧି ସାଧନ କରିବାକୁ ହେବ । କାରଣ କୃଷିର ଆୟ ପରସ୍ପର ନାନା କାରଣରୁ ଏ ଦେଶରେ ଏବେ ଅତ୍ୟନ୍ତ ସୀମାବଦ୍ଧ ।" (୧୬) ନୀଳକଂଠଂକ ମତରେ ଗ୍ରାମ୍ୟ ଶିଳ୍ପର ସମୃଦ୍ଧି ଦୁଇଟି ମାର୍ଗରେ ହୋଇପାରିବ : ଯଥା-(କ) ଶିଳ୍ପରେ ତାଲିମ ( industrial training ); (ଖ) ଶିଳ୍ପ ସାଧନା । ଶିଳ୍ପ ସାଧନାର ମୂଳ ତତ୍ତ୍ୱଟି ବୁଝି ସେହି ସୂତ୍ରରୁ ଶିଳ୍ପ ବୃଦ୍ଧିର ସାଧନା ଆରମ୍ଭ କରିବାକୁ ହେବ । ଏହାକୁ ବୁଝାଇବାକୁ ଯାଇ ପଣ୍ଡିତ ନୀଳକଂଠ ଲେଖିଛନ୍ତି :

"ଏ ଶିଳ୍ପର ସାଧନା ମୂଳରେ ଗୋଟିଏ ନୀତି ରହିଛି । ଜାତି ନିଜେ ନିଜକୁ ରକ୍ଷା କରିବା ପାଇଁ ଏ କାର୍ଯ୍ୟ କରୁଛି ବୋଲି ବୁଝିବା ଦରକାର । ସେଥି-ପାଇଁ ସୁଚିନ୍ତିତ ଆଇନ ବଳରେ ଗ୍ରାମବାସୀଙ୍କୁ ସ୍ୱାଧୀନ କରିବାକୁ ହେବ ।" (୧୭)

---

(୧୪) ପଣ୍ଡିତ ନୀଳକଂଠ, 'ନବଭାରତ' (ମିଥୁନ ୧୩୪୪, ୪ର୍ଥ ବର୍ଷ, ୧ମ ସଂଖ୍ୟା) ପୃ-୭୫-୭୬ ।

(୧୫) ପଣ୍ଡିତ ନୀଳକଂଠ, 'ନବଭାରତ' (ଧନୁ ୧୩୪୫, ୪ର୍ଥ ବର୍ଷ ୭ମ ସଂଖ୍ୟା ପୃ-୫୦୫, ଗାଂଧିଜୀଙ୍କ ମତରେ "ଗ୍ରାମମାନଙ୍କରେ ରହିଛି ଭାରତର ଆତ୍ମା ।"

(୧୬) 'ନବଭାରତ' (ଧନୁ, ୧୩୪୫) ପୃ-୫୦୫ ।

(୧୭) 'ନବଭାରତ' (ଧନୁ ୧୩୪୫) ପୃ-୫୦୬ ।



Digitized by PPRACHIN, SOA

**ଶ୍ରମିକ ସମସ୍ୟା :**

ଦେଶର ଶିଳ୍ପୀକରଣ ସହିତ ଶ୍ରମିକ ସମସ୍ୟା ଓତପ୍ରୋତ ଭାବରେ ଜଡ଼ିତ । ଶ୍ରମିକ ସମସ୍ୟାକୁ ନୀଳକଂଠ ଆନ୍ତର୍ଜାତିକ ପରିପ୍ରେକ୍ଷୀରେ ବିଶ୍ଳେଷଣ କରିଛନ୍ତି । ଏ ସମସ୍ୟାକୁ ବୁଝାଇବାକୁ ଯାଇ ପଣ୍ଡିତ ନୀଳକଣ୍ଠ କେତେଗୁଡ଼ିଏ ମୌଳିକ ପ୍ରଶ୍ନର ଉତ୍ତର ଯେଉଁଭଳି ସାବଲୀଳ ଭାଷାରେ ଦେଇଛନ୍ତି ତାହା କ୍ୱଚିତ୍ ଦେଖାଯାଏ । ଉଦାହରଣ ସ୍ୱରୂପ ନୀଳକଣ୍ଠ ଲେଖିଛନ୍ତି—

"ବର୍ତ୍ତମାନ ଯୁଗରେ ଶ୍ରମିକର ସମସ୍ୟା ହିଁ ଏକ ପ୍ରଧାନ ସମସ୍ୟା । ଶ୍ରମିକ ଧନ ଅର୍ଜୁଚି, ମାତ୍ର ସେ ସବୁ ପାଉ ନାହିଁ । ଯାହା ବା ପାଉଛି ତାହା ନିଜର ବୋଲି ପାଉ ନାହିଁ, ଅନ୍ୟର ଭୃତ୍ୟର ପରି ପାଉଚି । ମାତ୍ର ଏ ସବୁ ଠିକ ନୁହେଁ । ଶ୍ରମିକ ଯେଉଁ ଧନ ଅର୍ଜୁଚି, ତା ସେ ନିଜେ ନିଜର ବୋଲି ପାଇବ । ମାଲିକ ରହିବେ ନାହିଁ । ଶ୍ରମିକର ସଂଗ୍ରହ ବା ସରକାର ହିଁ ମାଲିକ ହେବେ । ରକ୍ଷିତ ସ୍ୱାର୍ଥ ଓ ଅର୍ଜିବା ପାଇଁ ଯେଉଁ ସାମଗ୍ରୀ ଦରକାର ସେଥିରେ ବ୍ୟକ୍ତି ବା ଦଳଗତ ସ୍ୱାର୍ଥ ଲୋପ ପାଇବ ।" (୧୮)

କିନ୍ତୁ ଶ୍ରମିକ ସ୍ୱାର୍ଥ ରକ୍ଷାର ଦୋହାଇ ଦେଇ ଶ୍ରମିକ ନେତାମାନେ ନିଜର ସଂରକ୍ଷିତ ସ୍ୱାର୍ଥ ଅନ୍ୱେଷଣରେ ବ୍ୟସ୍ତ; ଏହି ଲକ୍ଷଣ ଫ୍ୟାସିଜିମ୍ ଓ ସାମ୍ୟବାଦ ଉଭୟ ବ୍ୟବସ୍ଥାରେ ପରିଲକ୍ଷିତ; ଶ୍ରମିକ ସ୍ୱାର୍ଥ ନାମରେ ଯଥେଚ୍ଛାଚାରୀ ଦଳ ଅଥବା ଏକଛତ୍ର ରାଜତ୍ୱ (Dictatorship)ର ଅଭ୍ୟୁଦୟ ହୋଇଛି ।

ଭାରତର ଶ୍ରମିକ କଥା କହିଲାବେଳେ କଳ କାରଖାନାର ଶ୍ରମିକମାନଙ୍କ କଥା ବିଶେଷ ଭାବରେ ଦୃଷ୍ଟି ଆକର୍ଷଣ କରିଥାଏ; କାରଣ ଏଇ ଶ୍ରମିକମାନଙ୍କୁ ଧରି ଆପତ୍ତି, ଜୁଲମ ଠାରୁ ଆରମ୍ଭ କରି ଧର୍ମଘଟ ପର୍ଯ୍ୟନ୍ତ କରାଯାଉଛି । ଶ୍ରମିକର ଧର୍ମଘଟ ଦ୍ୱାରା ହେଉ, ଅଥବା ଶ୍ରମିକର ମଜୁରି ବୃଦ୍ଧି ଦ୍ୱାରା ହେଉ, ଯେଉଁ ଶିଳ୍ପ-ଜାତ ଧନର କ୍ଷତି ଘଟୁଛି ତାକୁ ଦେଉଛି "ଗରିବ ନିରନ୍ନ ସାଧାରଣ ପ୍ରଜା ।" ଶ୍ରମିକ ସ୍ୱାଧୀନତା ନାମରେ ଜାତୀୟ ଧନର ଯେଉଁ ଅପଚୟ ଘଟୁଛି ତାର "ମୂଳ ପ୍ରତିକାର" "ଚିନ୍ତା ଓ ଚତୁରତା" ପ୍ରୟୋଗ କରି କରାଯାଉ । (୧୯) ସ୍ୱାଧୀନ ଭାରତରେ ଦେଖା ଦେଇଥିବା ଜଟିଳ ଶ୍ରମିକ ସମସ୍ୟାର ସମାଧାନ ପାଇଁ ନୀଳକଂଠଂକର ବିଶ୍ଳେଷଣ କେତେ ପ୍ରାସଂଗିକ ତଥା ଉପଯୋଗୀ ତାହା ସହଜରେ ଅନୁମେୟ ।

---

(୧୮) 'ନବଭାରତ' ଧନୁ ୧୩୪୫, ପୃ-୫୦୩

(୧୯) 'ନବଭାରତ', ଧନୁ ୧୩୪୫, ପୃ-୫୦୪-୫୦୫



Digitized by PPRACHIN, SOA

# ଉପସଂହାର

ଉଲ୍ଲିଖିତ ଆଲୋଚନାରେ ପଣ୍ଡିତ ନୀଳକଂଠଙ୍କର ରାଜନୈତିକ ଦର୍ଶନରି ବିବିଧ ବିଭାବକୁ ଆଧୁନିକ ଭାରତର ଶିକ୍ଷିତ, ସ୍ୱାଧୀନଚେତା ତଥା ସ୍ୱାଧୀନତାଲିପ୍ସୁ ମଧ୍ୟବିତ୍ତ ଶ୍ରେଣୀର ଦେଶର ସାମାଜିକ, ଆର୍ଥିକ ତଥା ରାଜନୈତିକ ସମସ୍ୟା ପ୍ରତି ଯେଉଁ ଦୃଷ୍ଟିଭଂଗୀ ରହିଛି ସେହି ପରିପ୍ରେକ୍ଷୀରେ ବିଶ୍ଳେଷଣ କରାଯାଇଛି । ବ୍ରିଟିଶ ଶାସକମାନଙ୍କ ଦ୍ୱାରା ପ୍ରବର୍ତ୍ତିତ ଶିକ୍ଷାର ବିଷୟବସ୍ତୁ ତଥା ପଦ୍ଧତି ଭାରତୀୟ ସମାଜ ଉପରେ ଯେଉଁ ପ୍ରଭାବ ପକାଇଥିଲା ତାର ପରିଣାମରେ ଭାରତରେ ନବଜାଗରଣ ଯୁଗର ଅଭ୍ୟୁଦୟ ହେଲା । ଏହି ଯୁଗର ଅଗ୍ରଦୂତ ଥିଲେ ରାଜା ରାମମୋହନ ରାୟ; କିନ୍ତୁ ରାମମୋହନଙ୍କର ମୃତ୍ୟୁ ପରେ ନବ ଜାଗରଣର ଜୁଆର ତତ୍କାଳୀନ ଭାରତର ରାଜଧାନୀ କଲିକତାରୁ ଦେଶର ବିଭିନ୍ନ ଦିଗକୁ ଖେଳି ଯାଇଥିଲା । ଓଡ଼ିଶାରେ ଭାରତୀୟ ନବ ଜାଗରଣର ବାର୍ତ୍ତାବହ ହେଲେ ପ୍ରାତଃ ସ୍ମରଣୀୟ ମଧୁସୂଦନ ଦାସ, ଫକୀର ମୋହନ ସେନାପତି, ଗୌରୀ ଶଙ୍କର ରାୟ, ଗୋପବଂଧୁ ଦାସ ଏବଂ ସତ୍ୟବାଦୀ ବନ ବିଦ୍ୟାଳୟର 'ପଂଚସଖା' । ନୂତନ ଧରଣର ଶିକ୍ଷା ମାଧ୍ୟମରେ ନବ ଉତ୍କଳର ସଂସ୍କାର, ପୁନର୍ଗଠନ ଓ ଆଧୁନିକୀକରଣ ନିମନ୍ତେ ଯେଉଁ ତରୁଣମାନଙ୍କୁ ତାଲିମ ଦେବାର ସ୍ୱପ୍ନ ଗୋପବଂଧୁ ଦେଖିଥିଲେ, ତାକୁ ବାସ୍ତବ ରୂପ ଦେବାର ଭାର ପଡ଼ିଲା, ମୁଖ୍ୟତଃ ବନ ବିଦ୍ୟାଳୟର କୁଳପତି ପଣ୍ଡିତ ନୀଳକଂଠଙ୍କ ଉପରେ । ପଂଚସଖା ଗୋଷ୍ଠୀର ଆଚାର୍ଯ୍ୟ ହରିହର, ପଣ୍ଡିତ କୃପାସିଂଧୁ ପ୍ରଭୃତିଙ୍କ ସହାୟତାରେ ନୀଳକଂଠ ନୂତନ ସଂଗଠନମୂଳକ ଶିକ୍ଷାଦାନ କରି ଯେଉଁ ତରୁଣମାନଙ୍କୁ ଉଦ୍‌ବୁଦ୍ଧ ଓ ଉତ୍ସାହିତ କରିଥିଲେ ସେମାନଙ୍କ ମଧ୍ୟରୁ ଅନେକ ସ୍ୱରାଜ ଆଂଦୋଳନରେ ସୈନିକ ହୋଇ ଦେଶ ସେବା ପାଇଁ ଆତ୍ମୋତ୍ସର୍ଗ କରିଥିଲେ । ସୁତରାଂ ବିଂଶ ଶତାବ୍ଦୀର ପ୍ରଥମାର୍ଦ୍ଧରେ ଉତ୍କଳରେ ଭାରତୀୟ ନବଜାଗରଣର ଯେଉଁ ଜୁଆର ପ୍ରବାହିତ ହେଲା, ତାର ଚିଂତାନାୟକ ଥିଲେ ତର୍କବାଦୀ, ପ୍ରଗତିକାମୀ, ବିପ୍ଳବୀ, ସମାଜ ସଂସ୍କାରକ, ସ୍ୱାଧୀନତା ସଂଗ୍ରାମୀ ତଥା ଉଦାରବାଦୀ ପଣ୍ଡିତ ନୀଳକଂଠ । ନିଜର ଜ୍ଞାନ ଗରିମା ବଳରେ ପ୍ରାଚୀନ ଭାରତର ଦାର୍ଶନିକ ଦୃଷ୍ଟିଭଙ୍ଗୀରେ ଆଧୁନିକ ପରାଧୀନ ଭାରତ ତଥା ଓଡ଼ିଶାର ପ୍ରଧାନ ସାମାଜିକ , ଅର୍ଥନୈତିକ ତଥା ରାଜନୈତିକ ସମସ୍ୟା ଗୁଡ଼ିକର ତାତ୍ତ୍ୱିକ ବିଶ୍ଳେଷଣ କରି ସମାଧାନର ସୂତ୍ର ଯେପରି ଭାବରେ ପଣ୍ଡିତ ନୀଳକଂଠ ତାଂକ ଲେଖନୀ ମୁନରେ ଟାଣି ଦେଇ ଯାଇଛନ୍ତି, ତାହା ତାଙ୍କର ଅବିଶ୍ରାନ୍ତ ବୌଦ୍ଧିକ ସାଧନାର ଫଳ । ଆଜି ପଣ୍ଡିତ ନୀଳକଂଠ ଉକ୍ତ ସାଧନାର ପଥରେ ଆଗେଇ ଯାଇ ଅନ୍ୟମାନଙ୍କୁ ନେତୃତ୍ୱ ଦେବାପାଇଁ ଇହଧାମରେ ନାହାନ୍ତି ସତ; କିନ୍ତୁ ରହିଯାଇଛି ତାଙ୍କର ଦର୍ଶନ, ତାଙ୍କର ସାହିତ୍ୟକୃତି ଏବଂ ତାଙ୍କର ରାଜନୈତିକ ଚିନ୍ତନର ହେତୁବାଦୀ ପରଂପରା (the rationalist tradition) ।



Digitized by PPRACHIN, SOA

ନିଜର ମୌଳିକ ଚିନ୍ତା ଦ୍ୱାରା ଓଡ଼ିଶାକୁ ପ୍ରଭାବିତ କରିଥିବା ମଧୁସୂଦନ ଓ ଗୋପବଂଧୁଙ୍କ ପଛକୁ ନୀଳକଂଠଂକର ସ୍ଥାନ ସୁରକ୍ଷିତ । ଆଜି ନୀଳକଂଠ ମରି କରି ମଧ୍ୟ ଅମର; କାରଣ ତାଙ୍କ ନିଜର ପ୍ରଜ୍ଞାଦ୍ୟୋତକ ଭାଷାରେ 'ଭାବ ରାଜ୍ୟରେ ମୃତ୍ୟୁ ନାଇ' । ସ୍ୱାଧୀନ ଭାରତରେ ଆଜି ବ୍ୟକ୍ତି ତଥା ସମାଜ ମଧ୍ୟରେ ସୁସଂହତ ସଂପର୍କ ରକ୍ଷା କରି ଦେଶକୁ ଗଣତାନ୍ତ୍ରିକ ପଦ୍ଧତିରେ ପ୍ରଗତି ମାର୍ଗରେ ଆଗେଇ ନେବା ପାଇଁ ଯେଉଁ ମୌଳିକ ଚିଂତନର ଅପରିହାର୍ଯ୍ୟ ଆବଶ୍ୟକତା ଅଛି, ସେଥିରେ ନେତୃତ୍ୱ ଦେବାପାଇଁ ଅନେକ ନୀଳକଂଠ ଜନ୍ମ ଗ୍ରହଣ କରନ୍ତୁ, ଏତିକି ପୁରୁଷୋତ୍ତମ ଜଗନ୍ନାଥଙ୍କଠାରେ ମୋର ବିନମ୍ର ନିବେଦନ ।

ରାଜନୀତି ବିଜ୍ଞାନ ପ୍ରାଗୃର୍ଥି
ଉତ୍କଳ ବିଶ୍ୱବିଦ୍ୟାଳୟ, ବାଣୀବିହାର
ଭୁବନେଶ୍ୱର-୪

—o—



Digitized by PPRACHIN, SOA

# ପଣ୍ଡିତ ନୀଳକଣ୍ଠଙ୍କ ରାଜନୀତି ବିଜ୍ଞାନରେ ଦର୍ଶନ

**ଡଃ ଶ୍ରୀରାମଚନ୍ଦ୍ର ଦାସ**

ଆମଦେଶରେ ପଣ୍ଡିତ ନୀଳକଣ୍ଠ ଥିଲେ ଜଣେ ବରିଷ୍ଠ ପାଣ୍ଡିତ୍ୟର ଅଧିକାରୀ ଦୂରଦର୍ଶୀ ରାଜନୈତିଜ୍ଞ ଓ ବିଶିଷ୍ଟ ଦାର୍ଶନିକ । ପିଲାଦିନରୁ ସେ କୌଣସି କାର୍ଯ୍ୟ କରିବା ପୂର୍ବରୁ ତାହା କରଣୀୟ କି ନା, ବିଚାର କରି ଦେଖୁଥିଲେ— ଯାହା ତାଙ୍କୁ ଯୁକ୍ତିସିଦ୍ଧ ମନେ ହେଉଥିଲା, ସେ କରୁଥିଲେ–ଅନ୍ୟଥା ନୁହେଁ । ନିଜର ବାପା ମା ଏପରିକି ତାଙ୍କର ଦୀକ୍ଷାଗୁରୁ ଗୋପବନ୍ଧୁଙ୍କ କଥାକୁ ମଧ୍ୟ ବିଚାର ନ କରି ସେ ମାନି ନେଉ ନଥିଲେ ।

ପିଲାଦିନର ଗୋଟିଏ ଘଟଣା— ତାଙ୍କ ମା (ବୋଉ) ଗାଁ ହରଚଣ୍ଡୀ ଠାକୁରାଣୀଙ୍କ ପାଇଁ ପାଚିଲା କଦଳୀ ପେଣ୍ଡାଏ ଯାଚଜ୍ଞା କରିଥିଲେ— ଟଙ୍ଗା ଯାଇଥିବା କଦଳୀ ପେଣ୍ଡାରୁ ବାଳକ ନୀଳକଣ୍ଠ ୨ଟି ଛିଣ୍ଡାଇ ଖାଇଦେଲେ । ଅବଶ୍ୟ ନୀଳକଣ୍ଠଙ୍କର ସେପରି ଠାକୁର ବିଶ୍ୱାସ ନ ଥିଲା— ମାତ୍ର ତାଙ୍କର ମା ବୁଢୀ ୫୦ ବର୍ଷରେ ବୁଢ଼ୀଦିନର ଗୋଟିଏ ବୋଲି ପୁଅ ନୀଳକଣ୍ଠ, ଏପରି ଏକ ଅଘଟଣ ଘଟାଇବାରେ ସେ ବିବ୍ରତ ହୋଇ ପଡ଼ିଲେ । ନୀଳକଣ୍ଠ ତାଙ୍କୁ ବୁଝାଇଲେ "ତୁ ତ କହୁଛୁ, ହରଚଣ୍ଡୀ ଠାକୁରାଣୀ ଆମର ମାଆ— ଆଚ୍ଛା, ତୋ ପାଇଁ ଭଲ ଜିନିଷ କିଛି ଥୁଆ ହୋଇଥିଲେ ମୁଁ ସେଥିରୁ କିଛି ଖାଇଦେଲେ ତୁ ଖୁସି ହୁଅନ୍ତୁ ନା ମୋ ଉପରେ ରାଗି କରି ମୋର ଅନିଷ୍ଟ ଚିନ୍ତା କରନ୍ତୁ ?" ଏଥିରୁ ତାଙ୍କର ଦାର୍ଶନିକ ଚିନ୍ତନ ସୁସ୍ପଷ୍ଟ ।

ସେଇପରି ଗୋପବନ୍ଧୁ ବାବୁ ଥରେ ଭାଗବତ ପାରାୟଣ କରାଇବା ପରେ ନୀଳକଣ୍ଠଙ୍କୁ ପଚାରିଲେ "ନୀଳକଣ୍ଠ, କିପରି ଲାଗିଲା ।" ନୀଳକଣ୍ଠ କହିଲେ "ଯେ ଏଥିରେ କୃଷ୍ଣ ଚରିତ୍ରଟି ଖଞ୍ଜି ଦେଇଛି, ସେ ଜଣେ ପରମ ବୈଷ୍ଣବ ।"

Digitized by PPRACHIN, SOA

ଗୋପବନ୍ଧୁ କହିଲେ 'ନୀଳକଂଠ, ଏପରି କହ ନାଇ, ପାପ ହେବ ।' ନୀଳକଂଠ କିନ୍ତୁ ନିର୍ବିକାର । ଏ ସବୁଥିରେ ପାପ ପୁଣ୍ୟର ବିଚାର ତାଙ୍କର ନଥିଲା— ପରର ବା ଦେଶର ମଙ୍ଗଳ କରିବା ହିଁ ଥିଲା ତାଙ୍କର ଧର୍ମ ।

ରାଜନୈତିକ ଜୀବନରେ ନୀଳକଂଠଂକର ଗୋପବନ୍ଧୁଙ୍କ ସଙ୍ଗେ ମନୋମାଳିନ୍ୟର ଅବକାଶ ସେପରି ଘଟି ନ ଥିଲା । ସମସ୍ତ କର୍ମରେ ସେ ଗୋପବନ୍ଧୁଙ୍କର ଦକ୍ଷିଣ ହସ୍ତ ସ୍ୱରୂପ ଥିଲେ ଓ ଗୋପବନ୍ଧୁଙ୍କ ସହିତ ବହୁ କ୍ଷେତ୍ରରେ ନିଜ ଚିନ୍ତାଧାରାରେ ମୂଳ ଲକ୍ଷ୍ୟ ଅର୍ଥାତ୍ ଦେଶର ମଙ୍ଗଳକୁ ଲକ୍ଷ୍ୟରେ ରଖି କାର୍ଯ୍ୟ କରିଯାଉଥିଲେ । ସମୟ ଅସମୟରେ ଗୋପବନ୍ଧୁ ନୀଳକଂଠଂକ ସହିତ ଆଲୋଚନା କରି କର୍ମପନ୍ଥା ନିର୍ଦ୍ଧାରଣ କରୁଥିଲେ ।

ପରି ଜୀବନରେ ଉଭୟେ ସ୍ୱାଧୀନତା ସଂଗ୍ରାମରେ ଯୋଗଦେଲେ— ନୀଳକଂଠ କଲିକତା ବିଶ୍ୱବିଦ୍ୟାଳୟର ଅଧ୍ୟାପକର ପଦଛାଡ଼ି ଗୋପବନ୍ଧୁଙ୍କ ସଙ୍ଗେ କଂଗ୍ରେସରେ ଯୋଗ ଦେଇଥିଲେ ୧୯୨୧ ମସିହାରେ ।

ପଣ୍ଡିତ ନୀଳକଂଠଂକ ରାଜନୈତିକ ଜୀବନ ଏକ ବିରାଟ ମୋଡ଼ ନେଲା, ଯେତେବେଳେ ସେ ୧୯୩୯ ମସିହାରେ କଂଗ୍ରେସ ପରିତ୍ୟାଗ କରି ସୁଭାଷ ଚନ୍ଦ୍ର ବୋଷଙ୍କ ନବ ଗଠିତ Forward Blockରେ ଯୋଗ ଦେଲେ । ସେତେବେଳକୁ ସେ ଉତ୍କଳ ପ୍ରଦେଶ କଂଗ୍ରେସର ସଭାପତି ଥାନ୍ତି ଓ ସୁଭାଷ ଚନ୍ଦ୍ର ଦ୍ୱିତୀୟ ଥର ପାଇଁ ନିଖିଳ ଭାରତ କଂଗ୍ରେସର ସଭାପତି ଭାବେ ନିର୍ବାଚିତ ହୋଇଥାନ୍ତି, ଗାନ୍ଧିଜୀଙ୍କ ପ୍ରାର୍ଥୀ ଡଃ ପଟ୍ଟାଭି ସୀତାରାମାୟାଙ୍କୁ ବହୁ ଭୋଟରେ ପରାସ୍ତ କରି ଏବଂ ଗାନ୍ଧିଜୀ କହିଥାନ୍ତି, ପଟ୍ଟାଭିଙ୍କ ପରାଜୟ ମୋର ପରାଜୟ ।"

ଏବକୁ ଜର୍ମାନୀ ପୋଲାଣ୍ଡ ଆକ୍ରମଣ କରନ୍ତେ ବିଶ୍ୱଯୁଦ୍ଧର ସୂତ୍ରପାତ ହୁଏ । ଏଥିରେ ଇଂରେଜଙ୍କୁ ସାହାଯ୍ୟ ଦେବା କଥାରେ ମହାତ୍ମା ଗାନ୍ଧିଙ୍କ ସହିତ ସୁଭାଷ ବାବୁଙ୍କର ନୀତିଗତ ପାର୍ଥକ୍ୟ ଜନ୍ମେ ଓ ସୁଭାଷ ଚନ୍ଦ୍ର କଂଗ୍ରେସ ସଭାପତି ପଦରୁ ଇସ୍ତଫା ଦେଇ ଦିଅନ୍ତି । ଏତିକିବେଳେ ପୁଣି କଂଗ୍ରେସର ନିର୍ଦ୍ଦେଶରେ କଂଗ୍ରେସଶାସିତ ପ୍ରଦେଶମାନଙ୍କରେ ମଧ୍ୟ ଯୁଦ୍ଧରେ ଇଂରେଜ ସରକାରଙ୍କୁ ସାହାଯ୍ୟ କରିବେ ନାହିଁ ବୋଲି କହି କଂଗ୍ରେସ ମନ୍ତ୍ରୀମଣ୍ଡଳମାନେ ଇସ୍ତଫା ଦେଲେ ।

**ନୀଳକଂଠଂକର ଫରୱାର୍ଡ ବ୍ଲକରେ ଯୋଗଦାନ ଓ ଓଡ଼ିଶାରେ ମିଳିତ ମନ୍ତ୍ରୀମଣ୍ଡଳ ଗଠନ–**

ଏପରି ଏକ ପରିସ୍ଥିତିରେ ସୁଭାଷ ଚନ୍ଦ୍ର ପଣ୍ଡିତ ନୀଳକଂଠଂକ ସହିତ ମନ୍ତ୍ରଣା କଲେ— ସୁଭାଷ ବାବୁ କହିଲେ, "ଏ ଯୁଦ୍ଧରେ ଶତ୍ରୁପକ୍ଷ ଜିତିବାର ଆଶା



Digitized by PPRACHIN, SOA

ଉତ୍କଳ ଓ ଭାରତର ସ୍ୱାଧୀନତା ଲାଗି ଆମକୁ ସେମାନଙ୍କର ସାହାଯ୍ୟ ନେବାକୁ ପଡ଼ିବ ।" ତୁରନ୍ତ ସ୍ୱାଧୀନତା ପ୍ରାପ୍ତି ଆଶା ରଖିଥିବା ନୀଳକଂଠଂକ ମନକୁ ଏହା ପାଇଲା ଓ ସେ ସୁଭାଷଙ୍କୁ ସମସ୍ତ ପ୍ରକାର ସାହାଯ୍ୟ କରିବେ ବୋଲି ପ୍ରତିଶ୍ରୁତି ଦେଲେ ।

ଏଠି ବୁଝିବାର କଥା, ଏପରି ଏକ ସନ୍ଧିକାଳରେ ଯେ କୌଣସି ଜନନେତା ପାରିପାର୍ଶ୍ୱିକ ଘଟଣାବଳୀକୁ ଆଖି ଆଗରେ ରଖି ସ୍ଥିର ଚିତ୍ତରେ ନିଜର ରାଷ୍ଟ୍ରନୀତିକ କର୍ତ୍ତବ୍ୟ ଚିନ୍ତା କରିଥାନ୍ତି । ତଦନୁସାରେ କାର୍ଯ୍ୟକାରୀ ହେବାରେ ବାସ୍ତବବାଦୀ ରାଜନୀତିଜ୍ଞ ଦାର୍ଶନିକ ନିଜର ଉପାୟ ନିର୍ଦ୍ଧାରଣ କରନ୍ତି-ଯେହେତୁ ତାହାଁର ସଫଳତା ଉପରେ ରାଜନୀତିଜ୍ଞ ଦାର୍ଶନିକର ଜୀବନର ସଫଳତା ନିର୍ଭର କରେ ।

ଏଇ ପରିପ୍ରେକ୍ଷୀରେ ନୀଳକଂଠଂକ ଦାର୍ଶନିକ ଦୃଷ୍ଟିଭଙ୍ଗୀ ଓ ରାଜନୈତିକ ଚିନ୍ତାଧାରାର ବିଶ୍ଳେଷଣ କରାଯାଉ । ଏହା ପୂର୍ବରୁ ସୁଭାଷ ଚନ୍ଦ୍ର ନିଜ କଂଗ୍ରେସ କାର୍ଯ୍ୟକାରୀ କମିଟି ଗଠନ କଲାବେଳେ ନୀଳକଂଠଂକୁ ଉପେକ୍ଷା କରିଥିଲେ । ଏ ସଂପର୍କରେ ସେ ଗୋପବନ୍ଧୁଙ୍କ ଅମର ବାଣୀ—

"ନିଜ ସ୍ୱାର୍ଥ ଲାଗି ଜାତି ନୁହେଁ ହିନ୍ଦୁ,
ବିଶ୍ୱ ହିତେ ତାର ପ୍ରତି ରକ୍ତ ବିନ୍ଦୁ ।"

ନୀଳକଂଠ ପୂରାପୂରି ଗ୍ରହଣ କରିଥିଲେ । ଦେଶର ବିରାଟ ଉଜ୍ଜ୍ୱଳ ଭବିଷ୍ୟତ ଆଶାରେ ଓ ସେମାନଙ୍କ ଜୀବନର ଚରମ ଲକ୍ଷ୍ୟ ସାଧନର ଉପଯୁକ୍ତ ଦୃଷ୍ଟିରୁ ନୀଳକଂଠ ପୂରା-ପୂରି ଏହା ଗ୍ରହଣ କରିଗଲେ । ସେ ପ୍ରଦେଶ କଂଗ୍ରେସ କମିଟିର ସଭାପତି ପଦରୁ ଇସ୍ତଫା ଦେଲେ । ହେଲେହେଁ ଏ ବାବଦରେ ଯେଉଁ ଦାୟିତ୍ୱର ବୋଝ ସେ ନିଜ ମୁଣ୍ଡକୁ ନେଲେ, ତାକୁ କାର୍ଯ୍ୟକାରୀ କରିବା କେଡ଼େ କଠିନ ବ୍ୟାପାର, ତା' ମଧ୍ୟ ପଣ୍ଡିତ ନୀଳକଂଠ ସେତେବେଳେ ସାବଧାନତାର ସହ ବିଚାରକୁ ନିଶ୍ଚୟ ନେଇ-ଥିବେ । ସେ ସବୁ ଭିତରେ ଥିଲା—

(୧) କଂଗ୍ରେସ ବିରୁଦ୍ଧରେ ଯିବାରେ ସେତେବେଳର ପରିସ୍ଥିତିରେ ଜନମତର ପ୍ରକାଣ୍ଡ ବିରୋଧର ସାମନା କରିବାକୁ ପଡ଼ିବ । ମହାତ୍ମା ଗାନ୍ଧିଙ୍କ ନିଜ ପ୍ରାର୍ଥୀ ଡଃ ସୀତାରାମାୟାଙ୍କ ପରାଜୟରେ ଯେ ଦେଶରେ ଗାନ୍ଧିଜୀଙ୍କ ପ୍ରଭାବ ସାମାନ୍ୟ ଭାବରେ ମଧ୍ୟ ହ୍ରାସ ପାଇ ଯାଇଥିଲା, ତାହା ନୁହେଁ ।

(୨) ଯୁଦ୍ଧରେ ଇଂରେଜଂକୁ ସାହାଯ୍ୟ ଦେବେ ନାଇ ବୋଲି କହି କଂଗ୍ରେସ ମନ୍ତ୍ରୀମଣ୍ଡଳମାନେ ଇସ୍ତଫା ଦେବାରେ ଦେଶରେ ତଥା ଓଡ଼ିଶାରେ କଂଗ୍ରେସ ଅଧିକ ଲୋକପ୍ରିୟତା ହାସଲ କରିଥାନ୍ତି । ଯୁଦ୍ଧରେ ଚେଷ୍ଟା ସାହାଯ୍ୟ ଦେବେ



Digitized by PPRACHIN, SOA

ବୋଲି କହି ମନ୍ତ୍ରୀମଣ୍ଡଳ ଗଠନ କରାଗଲେ, ଜନ ଅସଂତୋଷ ତୀବ୍ରତର ହେବାର ଆଶଙ୍କା ଥାଏ ।

(୩) ଓଡ଼ିଶା ବିଧାନ ସଭାରେ କଂଗ୍ରେସର ସଂଖ୍ୟା ଗରିଷ୍ଠତା ଥିବା ସତ୍ତ୍ୱେ ଏଠାରେ ଏକ ବେକଂଗ୍ରେସୀ ମିଳିତ ମନ୍ତ୍ରୀମଣ୍ଡଳ, ଅନ୍ୟାନ୍ୟ ପୂର୍ବପଟ ରାଜ୍ୟ-ମାନଙ୍କ ପରି, ଗଠନ କରିବା ଆଦୌ ସହଜ ସାଧ୍ୟ ନଥିଲା । କଳେ ବଳେ କୌଶଳେ ମନ୍ତ୍ରୀମଣ୍ଡଳଟିଏ ଗଠନ କରିଦେଲେ ମଧ୍ୟ, ତା'ର ସ୍ଥାୟିତ୍ୱ ନିର୍ଦ୍ଧାରଣ କରିବା ସହଜ ନଥିଲା ।

ଏ ସମସ୍ତ ବିଷୟରକୁ ନେଇ ବିଜ୍ଞ, ଦୂରଦର୍ଶୀ, ରାଜନୀତି ପ୍ରବୀଣ, ଚତୁର ଓ ରାଜନୀତିଜ୍ଞ ଦାର୍ଶନିକ ନୀଳକଂଠ ଏପରି ଏକ କଠିନ କାର୍ଯ୍ୟ ହାତକୁ ନେଇଥିଲେ । ଏବେ ଟିକିଏ ଦେଖିବାର କଥା, ଏ ସମସ୍ତ ସେ କିପରି ଭାବରେ ସମାହିତ କରି ଏଥିରେ ଉଦ୍ୟୋଗୀ ହେଲେ ।

(୧) ଯୁଦ୍ଧ ଉଦ୍ୟମରେ ସାହାଯ୍ୟ କରିବା କଥା ଲାଟସାହେବଙ୍କୁ କୁହାଗଲା । ପାରଳାଖେମୁଣ୍ଡି ମହାରାଜାଙ୍କ ଅଧୀନରେ କଳେ ବଳେ କୌଶଳେ ବିଧାନ-ସଭାରେ ସଂଖ୍ୟାଗରିଷ୍ଠତା ଦର୍ଶାଇ ଓଡ଼ିଶାରେ ଏକ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଗଲା ।

(୨) ଯୁଦ୍ଧରେ ସାହାଯ୍ୟ କରିବା ବାହାନାରେ ଦେଶର ତଥା ଓଡ଼ିଶାର ଯୁବ ସଂପ୍ରଦାୟକୁ ସୈନ୍ୟ ବାହିନୀରେ ଯୋଗ ଦେଇ ଯୁଦ୍ଧ ବିଦ୍ୟା ଶିକ୍ଷାର ଏ ଅପୂର୍ବ ସୁଯୋଗ ଗ୍ରହଣ କରିବା ଉଚିତ ବୋଲି ଉଦ୍‌ବୋଧନ ଦିଆଗଲା ।

ଏତେ ବେଳକୁ ସୁଭାଷ ଚନ୍ଦ୍ର ନିଜ କଲିକତା ଏଲ୍‌ଗିନ୍ ରୋଡ ବାସ-ଭବନରୁ ଅନ୍ତର୍ଦ୍ଧାନ ବନ୍ଦୀଥିବା ଅବସ୍ଥାରେ ସେଠାରେ ମୁତୟନ କରାଯାଇଥିବା ୬୨ ଜଣ ପୋଲିସଙ୍କ ଆଖିରେ ଧୂଳି ଦେଇ ବଣ ଜଙ୍ଗଲ ପୂର୍ଣ୍ଣ, ବରଫାଚ୍ଛାଦିତ ପାହାଡ଼ ପର୍ବତ ପଥ, ବେପଥ ଅତିକ୍ରମ କରି କାବୁଲ ବାଟେ ଜର୍ମାନୀ, ତହୁଁ ରୁଷିଆ ଓ ଜାପାନର ରଣାଙ୍ଗନରେ ପହଞ୍ଚି, ବର୍ମା ସୀମାନ୍ତରେ ଆଜାଦ୍ ହିନ୍ଦ୍ ସରକାର ଓ ଆଜାଦ୍ ହିନ୍ଦ୍ ଫୌଜ ଗଠନ କରି "ଦିଲ୍ଲୀ ଚଲୋ" ଡ଼ାକ ଦେଇ ତେଣେ ଅଦ୍ଭୁତ ପୂର୍ବ ଜାଗରଣ ସୃଷ୍ଟି କଲେଣି । ଏଣେ ପୂର୍ବପଟ ରାଜ୍ୟମାନଙ୍କରେ ଫରୱାର୍ଡ ବ୍ଲକର ମନ୍ତ୍ରୀମଣ୍ଡଳମାନ ଗଠିତ ହୋଇ ସୁଭାଷଙ୍କ ସହ ସଂପର୍କ ରକ୍ଷାର ବ୍ୟବସ୍ଥା ମଧ୍ୟ ହେବାରେ ଲାଗିଛି ।

ଓଡ଼ିଶା ଏ ସମସ୍ତରେ ପଛରେ ପଡ଼ିନାଇ । ମୁଖ୍ୟମନ୍ତ୍ରୀ ପାରଳା ମହାରାଜାଙ୍କ ପ୍ରଚେଷ୍ଟାରେ ଗଞ୍ଜାମର ବଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ଓ ଫରୱାର୍ଡ ବ୍ଲକ ନେତା ଶ୍ରୀ ଦିବାକର ପଟ୍ଟନାୟକଙ୍କୁ ବର୍ମା ସୀମାନ୍ତରେ ଯୁଦ୍ଧ ଫେରନ୍ତା ଓଡ଼ିଆ ମାନଙ୍କର



Digitized by PPRACHIN, SOA

ସୁବିଧା କରିବା ନିମନ୍ତେ ଆବଶ୍ୟକୀୟ ଅନୁମତି ପତ୍ର ଦିଆଯାଇ ତାଙ୍କୁ କଲିକତା ପଠାଇ ଦିଆଗଲାଣି । ସେଠାରୁ ବର୍ମାବାଟେ ଏକ ଗୋପନୀୟ ପଥ ଦେଇ ସେ ସୁଭାଷଙ୍କୁ ସାକ୍ଷାତ କରିବାର କଥା । ହଠାତ୍ ଗୋଏନ୍ଦା ପୁଲିସ ଏ ସବୁର ସନ୍ଧାନ ପାଇଗଲେ— ସେମାନେ ଏସବୁର ଆୟୋଜକ ଶ୍ରୀ ହର୍ଷବାବୁଙ୍କ ବସାରେ ପହଞ୍ଚନ୍ତେ ଶ୍ରୀଯୁକ୍ତ ପଟ୍ଟନାୟକ ପାଇଖାନା ଭିତରେ ଥାଇ ସୁଭାଷବାବୁଙ୍କ ପାଖକୁ ଯିବା ରାସ୍ତାର ନକ୍‌ସା ସମେତ ଆବଶ୍ୟକୀୟ କାଗଜପତ୍ର ଚୋବାଇ ଚୋବାଇ ଗର୍ଭସ୍ଥ କରି ପକାଇଲେ । ସେ ସମସ୍ତ ଧରାପଡ଼ିଥିଲେ ରାଧାନାଥ ବାବୁ କହିବା ପରି କେବଳ ପଣ୍ଡିତ ନୀଳକଂଠ ଓ ପଣ୍ଡିତ ଗୋଦାବରୀଶ ଫାସିକାଠରେ ଝୁଲି ନ ଥାନ୍ତେ, ପାରଳାଖେମୁଣ୍ଡି ମନ୍ତ୍ରୀ ମଣ୍ଡଳର ମଧ୍ୟ ପତନ ହୋଇଥାନ୍ତା ଓ ଏ ଷଡ଼ଯନ୍ତ୍ରରେ ଲିପ୍ତଥିବା ବ୍ୟକ୍ତିମାନେ ନାନା ଭାବରେ ଦଣ୍ଡିତ ହେବା ନିଶ୍ଚିତ ଥାନ୍ତା । ଦିବାକର ବାବୁଙ୍କ ଉପସ୍ଥିତ ବୁଦ୍ଧି ସେ ସବୁରୁ ରକ୍ଷାକଲା । ମାତ୍ର ଏତେବେଳେ ଏ ସମସ୍ତ ମସୁଧାର ଯେପରି କି ସବୁ ଓଲଟ ପାଲଟ ହୋଇଗଲା— ରଣକ୍ଷେତ୍ରରେ ସୁଭାଷ ବାବୁଙ୍କର ଉଡ଼ାଜାହାଜ ଦୁର୍ଘଟଣାରେ ମୃତ୍ୟୁହେଲା— ଶତ୍ରୁପକ୍ଷ ଯୁଦ୍ଧରେ ହାରି-ଗଲେ । ଆଜାଦ୍ ହିନ୍ଦ୍ ଫୌଜ ଯୁଦ୍ଧ ବନ୍ଦୀ ହେଲେ, ହେଲେହେଁ ସୁଭାଷଚନ୍ଦ୍ର ବୋଷ ଓ ସୁଭାଷ ପନ୍ଥୀମାନଙ୍କର ଜୀବନପଣ ସଂଗ୍ରାମ ବୃଥା ଯାଇ ନଥିଲା । ନୀଳକଂଠ ଓ ଗୋଦାବରୀଶ 'ଦେଶଦ୍ରୋହୀ' ଆଖ୍ୟାରୁ ମଧ୍ୟ ନିସ୍ତୃତି ପାଇଗଲେ । ଅବଶ୍ୟ ଏ ସମସ୍ତ ମଧ୍ୟରେ ସେମାନେ 'ଦେଶ-ପ୍ରାଣ' ଓ କଦାପି ଦେଶ ଦ୍ରୋହୀ ହୋଇ ନପାରନ୍ତି ବୋଲି ନୀଳକଂଠ ବଜ୍ର ଗମ୍ଭୀର ସ୍ୱରରେ ବିକ୍ଷୁବ୍ଧ ଜନତା ତଥା ବିଧାନ ସଭାରେ ପ୍ରମାଣିତ କରୁଥିଲେ ।

## ନୀଳକଂଠ, ଗୋଦାବରୀଶଙ୍କୁ 'ଦେଶଦ୍ରୋହୀ' ଆଖ୍ୟା—

ଏ ସଂବନ୍ଧରେ ନୀଳକଂଠ ବୁଝାଇ କହିଥିବାର ମାତ୍ର ଗୋଟିଏ ଲେଖାଏଁ ଉଦାହରଣ ଏଠି ଦିଆଯିବ ।

### (କ) ବିକ୍ଷୁବ୍ଧ ଜନତାଙ୍କୁ ଉତ୍ତର

ପାରଳା ମନ୍ତ୍ରୀମଣ୍ଡଳ ଅଧୀନରେ ନୀଳକଂଠଙ୍କ ନିଜ ଦଳର ପଣ୍ଡିତ ଗୋଦାବରୀଶ ଶିକ୍ଷାମନ୍ତ୍ରୀ ଥାନ୍ତି । ତାଙ୍କର କାକଟପୁର ଅଞ୍ଚଳକୁ ଗସ୍ତ କର୍ମ ସ୍ଥିର ହେଲା । ମାତ୍ର ସି. ଆଇ. ଡ଼ି. ସୂତ୍ରରୁ ସେ ଅଞ୍ଚଳରେ ନିମାପଡ଼ାଠାରେ ଏକ ବିକ୍ଷୋଭର ଆୟୋଜନ ହେଉଥିବାର ଶୁଣି ଗସ୍ତନିମ ବାତିଲ କରିବାକୁ ଗୋଦାବରୀଶ ବାବୁ ସ୍ଥିର କଲେ । ଏହା ନୀଳକଂଠଙ୍କ କାନକୁ ଗଲା । ସେ ବିକ୍ଷୋଭର ମୁକାବିଲା କରିବା ଲାଗି ଗୋଦାବରୀଶ ବାବୁଙ୍କୁ ପରାମର୍ଶ ଦେଲେ ଏବଂ କହିଲେ "ଅରେ ଯଦି ତୁମେ ଲୋକଙ୍କୁ ଡରିଯିବ, ସେମାନେ ତୁମକୁ ଅନ୍ୟ ଅଞ୍ଚଳକୁ ଆଉ ଯିବାକୁ ଦେବେ ନାଇ— ତୁମେ କଣ କରିବ ? ଚାଲ, ମୁଁ ତୁମ



Digitized by PPRACHIN, SOA

ଯାଙ୍ଗେ ଯିବ ।'' ଏମାନେ ନମାପଡ଼ାରେ ପହଂଚଲା ବେଳକୁ ଏକ ବିରାଟ ବିକ୍ଷୋଭ–''ଦେଶଦ୍ରୋହୀଏ ଫେରଯାଅ'' ''ଦେଶଦ୍ରୋହୀଏ ଫେରଯାଅ'' ଧ୍ୱନିରେ ଗଗନ ପବନ ମୁଖରିତ ! ନୀଳକଂଠ ଜନତାଙ୍କୁ ବୁଝାଇବାକୁ ଚେଷ୍ଟା କଲେ— ମାତ୍ର ତାଙ୍କୁ ଶୁଣୁଚି କିଏ ? ନୀଳକଂଠ ଓ ଜନତାର ଏଇ କଥା କଟାକଟି ଘଟଣାକୁ ପ୍ରତ୍ୟକ୍ଷ ଦର୍ଶୀ କବି ବର୍ଣ୍ଣନା କରିଛନ୍ତି–

''କଥା ନ ଶୁଣନ୍ତି ଜନତା ଖାଲି କରନ୍ତି ରୋଳ,

ନୀଳକଂଠ— କହିଲି ''ଟିକିଏ ଶୁଣନ୍ତୁ, ତୋଳି ଗମ୍ଭୀର ସ୍ୱର ।''
ବାରଂବାର ଏହା ବୋଲନ୍ତେ ଶେଷେ ଆସେ ଉତ୍ତର,

ଜନତା— ''କିଛି ଶୁଣିବୁନି ଏଠାରୁ ଦେଶଦ୍ରୋହୀଏ ଫେର ।''

ନୀଳକଂଠ— ''ଆସିଛୁ ତ ଯିବୁ ଆଗକୁ କିଆଁ ନ ଯିବୁ କହି
ଦେଶଦ୍ରୋହ କିବା କରିଲୁ, ମତେ ବତାଇ ଦିଅ ।''

ଜନତା— ''କହନ୍ତୁ ବୁଝାଇ କିପାଇଁ ଇଂରେଜରେ ଯୁଦ୍ଧରେ ,
ବଳ ଦେଉଛନ୍ତି, ନୁହେଁକି ମନ୍ତ୍ରୀତ୍ୱର ମୋହରେ ?''

ନୀଳକଂଠ— ''ଆସ ଦଶଜଣ ବସିବା, କଥା ପକାଇ ଦେବା ।
ଗୋଟିଏ ମାତର ସର୍ତ୍ତରେ ଏବୁଁ ରାଜି ହୋଇବା ।
ଆମ ଦୋଷ ଥିଲେ, ଏଠାରୁ ଆମେ ବାହୁଡ଼ି ଯିବୁ ।
ନଥିବା ଆମର ଫଗଡ଼େ, ଆମେ ତୁମକୁ ନେବୁ ।''

ଏଇଠି ହେଲା ନୀଳକଂଠଂକର ଜିତାପଟ ଏବଂ ଏହାହିଁ ପ୍ରକୃତରେ ନୀଳକଂଠଙ୍କର ରାଜନୀତିକ ଦର୍ଶନ ତଥା ଚାଣ୍ଡାଧାରୀ ଓ ଚତୁରତାର ପରିଚୟ । ଏବେ ନମାପଡ଼ାର କେତେକ ମୁଖିଆ ଆସିଲେ– ବହୁ ଯୁକ୍ତି ତର୍କ ହେଲା– ନୀଳକଂଠଂକୁ କିଏବା ଯୁକ୍ତିରେ ପାରନ୍ତା ? ଫଳରେ ନୀଳକଂଠ ସେଠାରୁ ସାଥିରେ କେତେକ ମୁଖିଆଙ୍କୁ ଧରି କାକଟପୁର ଓ ଅସ୍ତରଙ୍ଗ ଗଲେ– ସେଠାରେ ବିରାଟ ସଭାମାନ ହେଲା । ନୀଳକଂଠ ନିଜମତରେ ଲୋକଙ୍କୁ ଦୀକ୍ଷିତ କରି ନିଜ ରାଜନୈତିକ ଦର୍ଶନର ମହତ୍ତ୍ୱ ପ୍ରତିପାଦନ କଲେ ।

## (ଖ) ବିଧାନ ସଭାରେ ସଭ୍ୟମାନଂକୁ ଚେତାବନୀ

ଏହି 'ଦେଶଦ୍ରୋହ' କଥା ପୁଣି ଉଠିଥିଲା ଏହାର ବହୁପରେ ଓଡ଼ିଶା ବିଧାନ ସଭାରେ, ଯେତେବେଳେ ପଣ୍ଡିତ ନୀଳକଂଠ ଓ ପଣ୍ଡିତ ଗୋଦାବରୀଶ ୧୯୫୨ ରେ ଅନ୍ୟ ଦୁଇଜଣ ସଙ୍ଗୀଙ୍କ ସହ ବିଧାନ ସଭା ବିରୋଧୀ ଦଳର ଆସନ



Digitized by PPRACHIN, SOA

ଅଳଂକୃତ କରିଥିଲେ । କଂଗ୍ରେସ ମନ୍ତ୍ରୀମଣ୍ଡଳ ଇସ୍ତଫା ଦେବା ପରେ ପଣ୍ଡିତ ନୀଳକଂଠ ମିଳିତ ମନ୍ତ୍ରୀମଣ୍ଡଳ ଗଠନ କରାଇ ଥିବାରୁ କଂଗ୍ରେସ ବାଲାଙ୍କର ତାଙ୍କ ପ୍ରତି ବିଦ୍ୱେଷ ରହିବା ଏକ ସାଧାରଣ କଥା । ଜଣେ ଯୁବକ କଂଗ୍ରେସ ସଭ୍ୟ ଏହି କଥାରେ ବିଧାନ ସଭାରେ ଗୋଦାବରୀଶ ବାବୁଙ୍କୁ ଲକ୍ଷ୍ୟକରି "ଦେଶଦ୍ରୋହୀ" ବୋଲି କହନ୍ତେ, ପଣ୍ଡିତ ନୀଳକଂଠ ସଙ୍ଗେ ସଙ୍ଗେ ନିଜ ଆସନରୁ ଉଠିପଡ଼ି କହିଲେ "ବାଚସ୍ପତି ମହାଶୟ. ଏହାର ଉତ୍ତର ମୁଁ ଦେବି, ଯେହେତୁ ମୁଁ ସେଇ ମିଳିତ ମନ୍ତ୍ରୀମଣ୍ଡଳ ଗଠନର ପୁରୋଧା ଥିଲି ।" ସେ କହିଚାଲିଲେ, ରାଜନୀତିରେ ବିଶ୍ୱାସ ଘାତକତା ଯଦି କେହି କରିଥାଏ, ସେ ହେଲେ ଏବର "ପ୍ରଧାନମନ୍ତ୍ରୀ ଓ କଂଗ୍ରେସ ସଭାପତି ପଣ୍ଡିତ ଜବାହରଲାଲ ନେହରୁ" ! ସଭାରେ ହଇଚଗୋଳ ଆରମ୍ଭ ହୋଇଗଲା । ନୀଳକଂଠଙ୍କର ଏତେବଡ ଆସ୍ପର୍ଦ୍ଧା ! ଜବାହରଲାଲଙ୍କୁ 'ବିଶ୍ୱାସ ଘାତକ' କହୁଛନ୍ତି— କଂଗ୍ରେସ ବେଞ୍ଚରୁ ହେଲା, "Withdraw, Withdraw" । ନୀଳକଂଠ କହିଲେ, "ଆପଣମାନେ ଧୈର୍ଯ୍ୟଧରି ଶୁଣନ୍ତୁ । ଆପଣଙ୍କ କଂଗ୍ରେସ ଦଳର ସର୍ବୋଚ୍ଚ ନେତା ତଥା ଭାରତର ପ୍ରଧାନ ମନ୍ତ୍ରୀଙ୍କ ଉପରେ ମୁଁ ଯେ ଏତେବଡ ଦୋଷାରୋପ କରୁଚି, ତାର କାରଣ ମୁଁ କହୁଛି ।" ଆରମ୍ଭକଲେ, "୧୯୩୭ ମସିହା ନିର୍ବାଚନ । ଉତ୍ତର ପ୍ରଦେଶରେ ମୁସଲିମଲିଗ ନିର୍ବାଚନ ଲଢିବାର ଠିକ୍ କରିଥାନ୍ତି । ଲିଗ୍ ର ନେତା ଜିନ୍ନାଙ୍କ ସଙ୍ଗେ କଥା ହେଲା, ତାଙ୍କ ଲିଗ୍ ମେମ୍ବରଙ୍କ ସଙ୍ଗେ କଂଗ୍ରେସ ମେମ୍ବରମାନେ ମିଶି ଏକ କୋଆଲିସନ ମନ୍ତ୍ରୀମଣ୍ଡଳ ଗଠନ କରିସିବ । ନିର୍ବାଚନ ପରେ ଓଡ଼ିଶା ପରି ସେଠାରେ କଂଗ୍ରେସର ସଂଖ୍ୟାଗରିଷ୍ଠତା ହେବାରେ ଜବାହରଲାଲ ଆଉ ଲିଗ୍ କୁ ପଗ୍ଭରିଲେ ନାଇ । କଂଗ୍ରେସ ମନ୍ତ୍ରୀମଣ୍ଡଳ ଗଠନ କରାଇଲେ । ଏହାକୁ ରାଜନୀତିରେ କୁହାଯାଏ "ବିଶ୍ୱାସ ଘାତକତା" ଓ ଏହାରି ଫଳରେ ହୋଇଥିଲା ପାକିସ୍ତାନର ସୃଷ୍ଟି । ଓଡ଼ିଶା ମୁସଲିମ୍ ଲିଗକୁ ଏକ ତୃତୀୟାଂଶ ସ୍ଥାନ ଦେଇଥିବାର ଉତ୍ତରରେ ପ୍ରତ୍ୟୁତ୍ପନ୍ନମତି ନୀଳକଂଠ କହିଲେ "ମୁଁ ଆପଣମାନଙ୍କ ପରି ଏତେ ବୁଦ୍ଧିମାନ ନୁହେଁ— ଲିଗ ନେତା ଶୋଭନ୍ ଖାଁକୁ ଚରି ଲିଗ୍ ର ପ୍ରାପ୍ୟାଂଶ ଦେଇ ପାରି ନଥିଲି ।" ନୀଳକଂଠଂକର ଏହି ଦମ୍ଭୋକ୍ତିରେ ଓ ଅଛାଲିଆ କଥାରେ ସବୁ ଥଣ୍ଡା ପଡ଼ିଗଲା ।

ପଣ୍ଡିତ ନୀଳକଂଠଙ୍କର ଏହି ସ୍ପଷ୍ଟୋକ୍ତି ପରେ ଆଉ ବିଶ୍ୱାସ ଘାତକତା ଶବ୍ଦ ଶୁଣିବାକୁ ମିଳିଲା ନାଇ । ଏଠି ଦେଖିବାରକଥା ଗଣତନ୍ତ୍ର ଶାସନରେ ଏହାହିଁ ଥିଲା ନୀଳକଂଠଂକ ରାଜନୈତିକ ଦର୍ଶନର ଭିତ୍ତି । ରାଜନୀତିକୁ କୁଟନୀତି କୁହାଗଲେ ମଧ୍ୟ, ଠକାମି ବା ଭଣ୍ଡାମିର ସ୍ଥାନ ବର୍ଜନୀୟ ନୀଳକଂଠଂକଠାରେ ଥିଲା ।

**କଂଗ୍ରେସକୁ ପ୍ରତ୍ୟାବର୍ତ୍ତନ**

ଏଇ ନୀଳକଂଠଂକୁ ପରେ କିପରି ସେହି କଂଗ୍ରେସ ସଭାପତି ଓ ଭାରତର ପ୍ରଧାନ ମନ୍ତ୍ରୀ ପଣ୍ଡିତ ନେହରୁ ନିମନ୍ତ୍ରଣ ଜଣାଇ ପାଦ ତଳେ ପ୍ରଣାମ କରି କଂଗ୍ରେସକୁ ଫେରାଇ ନେଇ ଥିଲେ ଓ



Digitized by PPRACHIN, SOA

ତା'ପରେ ନୀଳକଂଠ କିପରି ନିର୍ଦ୍ୱନ୍ଦ୍ୱରେ ସେହି ସତ୍ୟବାଦୀ ନିର୍ବାଚନୀ ମଣ୍ଡଳୀରୁ ନିର୍ବାଚିତ ହୋଇ ବାଚସ୍ପତିର ଆସନ ଅଳଂକୃତ କରିଥିଲେ ଏବଂ ନୂଆ ନୂଆ ପରମ୍ପରାମାନ ସୃଷ୍ଟି କରିଥିଲେ, ତାହା ସମସ୍ତଙ୍କୁ ଜଣା ! ଏପରିକି ମନ୍ତ୍ରୀମଣ୍ଡଳ ଭାଙ୍ଗିଗଲେ ମଧ୍ୟ ନୂତନ ବାଚସ୍ପତିଙ୍କୁ ନିଜ ପଦରୁ ଅବ୍ୟାହତି ଦିଆ-ଯିବାର ପ୍ରଚଳିତ ପରମ୍ପରା ନେଇ ପ୍ରଧାନମନ୍ତ୍ରୀ ଜବାହରଲାଲଙ୍କ ସଙ୍ଗେ ଅକାଟ୍ୟ ଯୁକ୍ତି ସହ ଲଢ଼ି ନୂତନ ପରମ୍ପରା ସଂସଦୀୟ ଇତିହାସରେ ସୃଷ୍ଟି କରାଇଥିଲେ !

**ନୀଳକଂଠଂକ ରାଜନୈତିକ ଦର୍ଶନ :**

ଦର୍ଶନ ଶବ୍ଦର ସାଧାରଣ ଆଭିଧାନିକ ଅର୍ଥ ହେଲା, ଅବଲୋକନ ବା ଦେଖିବା । ସେ ହିସାବରେ ନୀଳକଂଠଂକ ରାଜନୈତିକ ଦର୍ଶନ କିପରି ନିର୍ଭୁଲ ଓ ସୁଦୂର ପ୍ରସାରୀ ଥିଲା, ତାହା ଏବେ ଦେଖାଯାଉ —

ଦର୍ଶନ ତତ୍ତ୍ୱବିତ୍‌ମାନେ ନୀଳକଂଠଂକୁ ଜଣେ ବିଶିଷ୍ଟ ମାନବତାବାଦୀ ଦାର୍ଶନିକ ବୋଲି ଅଭିହିତ କରିଥାଂନ୍ତି । ଉଭୟ ଚିଂତନରେ, କର୍ମରେ ଓ ନିଜର ଆଚରଣରେ । ପ୍ରଥମ ଜୀବନରେ ସତ୍ୟବାଦୀର ପ୍ରଧାନ ଶିକ୍ଷକ ଥିବା ବେଳୁ ନୀଳକଂଠ ବିଚାର କରୁଥିଲେ, ଭଗବାନଂକ ଦୃଷ୍ଟିରେ ସୃଷ୍ଟିରେ ମାନବ ମାତ୍ରେ ସମାନ । ସେ ହିସାବରେ ସେ ପ୍ରଥମେ ଛୁଆଁ ଅଛୁଆଁ ନିର୍ବିଶେଷରେ ଛାତ୍ରମାନଙ୍କୁ ବନ ବିଦ୍ୟାଳୟରେ ଗ୍ରହଣ କରୁଥିଲେ ଓ ସମାଜରେ ଅସ୍ପୃଶ୍ୟ ଭାବେ ପରିଗଣିତ ଛାତ୍ରମାନଙ୍କୁ ଛାତ୍ରାବାସରେ ରଖାଇ କୁଳୀନ ବ୍ରାହ୍ମଣ ଛାତ୍ର ଓ ଶିକ୍ଷକ ମାନଙ୍କ ସହିତ ଏକ ପଂକ୍ତିରେ ସେମାନଙ୍କ ଭୋଜନର ବ୍ୟବସ୍ଥା ମଧ୍ୟ କରିଥିଲେ । ଏଥିରେ ତାଂକୁ ଯେଉଁ ନିର୍ଯ୍ୟାତନା ଭୋଗ କରିବାକୁ ପଡ଼ିଥିଲା ଓ ଶେଷରେ ତାଂକ ପ୍ରିୟ ପୁସ୍ତକାଗାର ସହିତ ସ୍କୁଲ ଘରଟିକୁ ଦୁର୍ବୃତ୍ତମାନେ ଯେପରି ପୋଡ଼ି ଦେଇଥିଲେ, ସେଥିପ୍ରତି ସେ ଭ୍ରୂକ୍ଷେପ ନ କରି ଦ୍ୱିଗୁଣ ଉତ୍ସାହରେ ସମାଜ ସଂସ୍କାର କାର୍ଯ୍ୟରେ ଲାଗି ପଡ଼ିଥିଲେ, ତାହା ଓଡ଼ିଶା କାହିଁକି ସାରା ଭାରତର ଦୃଷ୍ଟି ଆକର୍ଷଣ କରିଥିଲା ।

ଦେଶରୁ ଦାରିଦ୍ର୍ୟ, ନିରକ୍ଷରତା, ଉଚ୍ଚ ନୀଚ ଭେଦଭାବ ଦୂର କରି ଦେଶକୁ ଉନ୍ନତ କରିବା ଓ ସର୍ବୋପରି ଦେଶକୁ ପରାଧୀନତା ଶୃଙ୍ଖଳରୁ ମୁକ୍ତ କରିବା ଗୋପବଂଧୁ, ନୀଳକଂଠ ଓ ତାଂକ ସହଯୋଗୀମାନଂକର ଧ୍ୟେୟ ଥିଲା । ଏଥିପାଇଁ କାରାବରଣ ଠାରୁ ଜୀବନ ଉତ୍ସର୍ଗ କରିବା ପର୍ଯ୍ୟଂନ୍ତ ନୀଳକଂଠ ସର୍ବଦା ପ୍ରସ୍ତୁତ ଥିଲେ । ତାହାହିଁ ହେଲା, ନୀଳକଂଠଂକ କର୍ମମୟ ରାଜନୈତିକ ଜୀବନ ଦର୍ଶନ । ଏ ସବୁର ପରିଣତି ପ୍ରତି ମଧ୍ୟ ସେ ଅବହିତ ଥିଲେ ଓ ସେଇ ଚିଂତନ ଓ ଦର୍ଶନରେ ଅଟଳ ବିଶ୍ୱାସ ରଖି ସେ ଉପରୋକ୍ତ ସମସ୍ତ କାର୍ଯ୍ୟରେ ଅଗ୍ରସର ହୋଇଥିଲେ ।

**ଭାରତର ସ୍ୱାଧୀନତା ପ୍ରାପ୍ତି :**

ଯୁଦ୍ଧ କ୍ଷେତ୍ରରେ ସୁଭାଷଂକର ମୃତ୍ୟୁ, ଯୁଦ୍ଧରେ ଶତ୍ରୁ ପକ୍ଷର ପରାଜୟ, ଆଜାଦ୍ ହିଂଦ ଫୌଜଂକୁ ଯୁଦ୍ଧବନ୍ଦୀ ରୂପେ ଭାରତକୁ ଅଣାଯିବାରେ ସୁଭାଷ ପନ୍ଥୀ



Digitized by PPRACHIN, SOA

ବା ନୀଳକଂଠ ଅବଚଳିତ ଥିଲେ । ପୁଣି ସେମାନଙ୍କର ସାଧନା ଯେ ବିଫଳ ହେବ ନାଇ ଓ ସେମାନଙ୍କର ଲକ୍ଷ୍ୟ ଯେ ଶେଷରେ ପୂର୍ଣ୍ଣ ହେବ, ଏ ବିଶ୍ୱାସ ମଧ୍ୟ ସେମାନଙ୍କର ଥିଲା । ଆତ୍ମ ଶକ୍ତିରେ ନିର୍ଭରଶୀଳ ନୀଳକଂଠ ଭଗବାନଂକ କରୁଣା ଉପରେ ସମସ୍ତନା ନ୍ୟସ୍ତ କରିଦେବାର ପକ୍ଷପାତୀ ନ ଥିଲେ । ମାତ୍ର ଘଟଣାର ପ୍ରବାହରେ ତାହାପରେ ଯାହାସବୁ ଘଟିଗଲା, ତାହାହିଁ ହେଲା, ସ୍ୱାଧୀନତା ପ୍ରେମୀ, ନିଜ ଜୀବନ ବିନମୟରେ ଦେଶର ମୁକ୍ତିକାମୀ ମାନଙ୍କର ବାସ୍ତବ ବିଜୟ ।

କୁହାଯାଇଛି, ଆଜାଦ ହିନ୍ଦ୍ ଫୌଜ ଯୁଦ୍ଧ ବନ୍ଦୀ ହେଲେ । ସେମାନଙ୍କୁ ଭାରତକୁ ଅଣାଯାଇ ଦିଲ୍ଲୀର ଲାଲ୍ କିଲାରେ ସେମାନଙ୍କର ବିଚାର ହେଲା । ପଣ୍ଡିତ ଜବାହରଲାଲ, ବିଶିଷ୍ଟ ଆଇନଜ୍ଞ ଭୂଲା ଭାଇ ଦେଶାଇ ପ୍ରମୁଖ ସେମାନଙ୍କ ପକ୍ଷରୁ ଅଦାଲତରେ ଲଢିଲେ । ଦେଶରେ ଅଭୂତପୂର୍ବ ଜନ ଜାଗରଣ ଦେଖାଦେଲା । ଭାରତୀୟ ସୈନ୍ୟ ବାହିନୀରେ ଆନ୍ଦୋଳନ ହେଲା— ବମ୍ବେରେ ନୌସେନାମାନେ ଧର୍ମଘଟ କଲେ, କରାଚିରେ ବିମାନବାହିନୀ ବିଦ୍ରୋହ କଲେ । ଇଂରେଜ ସରକାରଙ୍କର ସୈନ୍ୟ ବାହିନୀ ଉପରେ ଏବେ ଆଉ ବିଶ୍ୱାସ ରହିଲା ନାଇ— ବ୍ରିଟିଶରାଜ ସେମାନଙ୍କୁ ସନ୍ଦେହ ଚକ୍ଷୁରେ ଦେଖିଲେ । ଶେଷରେ ଭାରତକୁ ସ୍ୱାଧୀନତା ଦେଇ ଏ ଦେଶରୁ ବାହୁଡ଼ି ଯିବାର ସିଦ୍ଧାନ୍ତ ଗ୍ରହଣ କଲେ । ଏ ସମ୍ବନ୍ଧରେ ସେତବେଳର ବିଳାତ ପ୍ରଧାନ ମନ୍ତ୍ରୀ ଶ୍ରମିକ ଦଳର ନେତା କ୍ଲେମେଣ୍ଟ ଅଟଲି ପରେ ୧୯୫୫ ରେ ଯାହା ସବୁ ବ୍ୟକ୍ତ କରିଥିଲେ, ତାହା ଏଠି ଉଲ୍ଲେଖନୀୟ ଓ ପ୍ରଣିଧାନ ଯୋଗ୍ୟ । ସେ କହିଥିଲେ, "The Raj left India hurriedly mainly becaause the loyalty of the Indian Army became suspect, as was evident by the revolt of the I.N.A. and the Indian Army." Clement Atlee also made it clear that "the impact of the Gandhi's traditional mass movement was the minimum on the crucial decission to leave India."

(Impact of I.N.A. on Indian Army— Himansu Roy, the Statesman, Calcutta 8-3-86)

ସୁଭାଷଚନ୍ଦ୍ର ମରି ଅମର ହୋଇଛନ୍ତି— ପଣ୍ଡିତ ନୀଳକଂଠ ଓ ସୁଭାଷ-ପନ୍ଥୀମାନେ ଭାରତର ସ୍ୱାଧୀନତାକୁ ତ୍ୱରାନ୍ୱିତ କରିଛନ୍ତି, ଏଥିରେ ସନ୍ଦେହ ନାଇ । ନୀଳକଂଠଂକ ରାଜନୈତିକ ଦର୍ଶନ ଓ ବିଚାର ଧାରା ସାଫଲ୍ୟ ମଣ୍ଡିତ ହୋଇଛି ।

*0*



Digitized by PPRACHIN, SOA

# ଧର୍ମୀୟ ଚେତନା, ଗୀତା ଓ ନୀଳକଂଠଂକ ଦୃଷ୍ଟିଭଙ୍ଗୀ

ଡକ୍ଟର ବିଜୟାନନ୍ଦ କର

ପଣ୍ଡିତ ନୀଳକଂଠ ଦାସ ଭାରତୀୟ ସଂସ୍କୃତି ଚେତନା ବିଷୟରେ ଏକ ଅନନ୍ୟ-ସାଧାରଣ ଗବେଷକ । ଅନ୍ୟାନ୍ୟ ପ୍ରମୁଖ ଗବେଷକମାନଙ୍କ ଭଳି ପାରମ୍ପରିକ ଭାରତୀୟ ଧର୍ମ, ଦର୍ଶନ ଓ ସର୍ବୋପରି ସଂସ୍କୃତି ସମ୍ବନ୍ଧରେ ଚିରାଚରିତ, ଗତାନୁଗତିକ ମତବାଦକୁ ଅକାଟ୍ୟ ଭାବେ ଗ୍ରହଣ କରିବାକୁ ସେ ଆଦୌ ପ୍ରସ୍ତୁତ ନଥିଲେ । ନିଜର ସ୍ୱଭାବ ସୁଲଭ ବୌଦ୍ଧିକ ତଥା ଯୌକ୍ତିକ ଭିତ୍ତିଭୂମି ଉପରେ ଦୃଢ଼ ରହି ସେ ବୈଦିକ ସଂସ୍କୃତି ସମ୍ବନ୍ଧରେ ମୌଳିକ ଏବଂ ବଳିଷ୍ଠ ମନ୍ତବ୍ୟ ପ୍ରଦାନ କରିଛନ୍ତି । ବିଶେଷ କରି ଦାର୍ଶନିକ ଦୃଷ୍ଟିରୁ ଗୀତା ଧର୍ମୀୟ ଚିନ୍ତାଧାରା ଉପରେ ତାଙ୍କର ବକ୍ତବ୍ୟ ଅତ୍ୟନ୍ତ ତାତ୍ପର୍ଯ୍ୟ ପୂର୍ଣ୍ଣ ମନେ ହୁଏ ।

ପଣ୍ଡିତ ଦାସଙ୍କ ଦୃଷ୍ଟିରେ ଧର୍ମ ମାନବ ଜୀବନର ପ୍ରକୃତି ଏବଂ ତାହାଇ ମାନବତ୍ୱର ସାରମର୍ମ । ତାଙ୍କ ନିଜ ଭାଷାରେ "ଲୋକ ବ୍ୟବହାରରେ ଯେଉଁ କର୍ତ୍ତବ୍ୟରେ ସମାଜର ସ୍ଥିତି ଠିକ୍ ରହେ ବା ଜନସାଧାରଣଙ୍କର ମଙ୍ଗଳ ହୁଏ, ତାହାହିଁ ଧର୍ମ ।" ଏଥିରୁ ସୁସ୍ପଷ୍ଟ ଯେ ତାଙ୍କ ପାଇଁ ଧର୍ମ ସାମାଜିକ ମୂଲ୍ୟବୋଧ ମାଧ୍ୟମରେ ହିଁ ଅର୍ଥପୂର୍ଣ୍ଣ । ସମାଜରେ ଏକ ସୁସଂହତ, ଅର୍ଥପୂର୍ଣ୍ଣ, ମାନବୀୟ ଜୀବନ-ଦର୍ଶନର ଲକ୍ଷ୍ୟ ନେଇ ଧର୍ମର ପରିପ୍ରକାଶ ହୋଇଥାଏ । ତାଙ୍କ ମତରେ ମନୁଷ୍ୟ ଧର୍ମ ଭାବାପନ୍ନ ହେବା ପାଇଁ କୌଣସି ବାହ୍ୟ ଶକ୍ତିର ଆଶ୍ରୟ ନ ଲୋଡ଼ି କେବଳ ନିଜ ବିବେକର ସଦୁପଯୋଗ କରିବା ଏବଂ ବିବେକ-ବୁଦ୍ଧି ଅନୁଯାୟୀ ଯାହାକିଛି ବ୍ୟକ୍ତି ତଥା ସମାଜ କ୍ଷେତ୍ରରେ ଯଥାଯଥ ଭାବେ କଲ୍ୟାଣକର ତାହାକୁ ସ୍ୱୀକାର କରିବା । ଧର୍ମୀୟ ଚେତନାରେ କୌଣସି ପ୍ରକାର ଅତିନାଗତିକତା, ଅତୀନ୍ଦ୍ରିୟତା ଏବଂ ଅତିମାନୁଷତାର ସ୍ଥାନ ନାହିଁ ବୋଲି ପଣ୍ଡିତ ଦାସ ଦୃଢ଼ ମତ ପୋଷଣ କରିଛନ୍ତି ।

Digitized by PPRACHIN, SOA

ଏହି ପରିପ୍ରେକ୍ଷୀରେ ଆର୍ଯ୍ୟ ଧର୍ମକୁ ଅପୌରୁଷେୟ କହିବାର ତାତ୍ପର୍ଯ୍ୟ ସମ୍ବନ୍ଧରେ ଆଲୋଚନା କରିବାକୁ ଯାଇ ସେ ମତ ଦେଇଛନ୍ତି ଯେ କୌଣସି ବ୍ୟକ୍ତି ବିଶେଷ ବା ନିର୍ଦ୍ଦିଷ୍ଟ ପୁରୁଷ ଦ୍ୱାରା ଧର୍ମ ସୃଷ୍ଟ ହୋଇ ନପାରେ। ଆଉ ମଧ୍ୟ ସାମାଜିକ ସ୍ତରରେ କୌଣସି ନିର୍ଦ୍ଦିଷ୍ଟ ସଂକୀର୍ଣ୍ଣମନା ଗୋଷ୍ଠୀ ଅଥବା ସଂପ୍ରଦାୟ ମଧ୍ୟରେ ଏହା ସୀମିତ ରହି ନପାରେ। ଏହା ବିଶ୍ୱ ବ୍ୟାପକ। ଏଠାରେ ଅବଶ୍ୟ ସ୍ମରଣ କରିଯାଇପାରେ ଯେ କେତେକ ବ୍ୟକ୍ତି ଧର୍ମୀୟ ଚେତନା ମନୁଷ୍ୟ ମୂଳକ ନ ହୋଇ ଈଶ୍ୱର ମୂଳକ ବୋଲି କଳ୍ପନା କରିଛନ୍ତି। କିନ୍ତୁ ଯୁକ୍ତି ଭିତ୍ତିକ ପଣ୍ଡିତ ଦାସଙ୍କ ବିଗ୍ଭରଧାରା ଏଭଳି କଳ୍ପନାକୁ ସ୍ୱୀକାର ନକରି ଧର୍ମକୁ ଏକ ଚିରନ୍ତନ ପ୍ରାକୃତିକ ମାନବୀୟ ବ୍ୟାପାର ଭାବେ ଗ୍ରହଣ କରିଛି। ଏହି ପ୍ରସଙ୍ଗରେ ବେଦ ପ୍ରଚଳିତ 'ଋତ' ଆଖ୍ୟାନ ସହିତ ତାଙ୍କର ଧର୍ମ ବିଷୟକ ଆଲୋଚନାର ଯଥେଷ୍ଟ ସାମଞ୍ଜସ୍ୟ ପରିଲକ୍ଷିତ ହୁଏ। ବିଶ୍ୱରେ ମାନବ ସମାଜକୁ ନୈତିକ ଦୃଷ୍ଟିରୁ ସୁନିୟନ୍ତ୍ରିତ କରିବା ନିମନ୍ତେ ଯେଉଁଭଳି ଆର୍ଯ୍ୟ ସାଂସ୍କୃତିକ ପରମ୍ପରାରେ ଋତ ବା ଧର୍ମ ଅଥବା କର୍ମ ପ୍ରଭୃତି ସହଯୋଗୀ ପ୍ରତ୍ୟୟଗୁଡ଼ିକର ଅବତାରଣା କରାଯାଇଛି ସେହି ସବୁକୁ ଲକ୍ଷ୍ୟ ରଖି ପଣ୍ଡିତ ଦାସ ଧର୍ମୀୟ ଚେତନା ବିଶେଷ କରି ଗୀତା ଧର୍ମୀୟ ଚେତନାର ଏକ ରହସ୍ୟାବୃତ, ଅଲୌକିକ ଏବଂ ଐନ୍ଦ୍ରଜାଲିକ ବ୍ୟାଖ୍ୟାନ ନ କରି ଲୌକିକ, ମାନବୋଚିତ ନୀତିଗତ ଦୃଷ୍ଟିଭଙ୍ଗୀର ସମର୍ଥନ କରିଛନ୍ତି। ଏହି ପରିପ୍ରେକ୍ଷୀରେ ସେ ଧର୍ମରେ କୌଣସି ପ୍ରକାର ରହସ୍ୟାବୃତ ମନୁଷ୍ୟେତର ଈଶ୍ୱର-କଳ୍ପନାକୁ ପ୍ରଶ୍ରୟ ଦେବାକୁ ଯୁକ୍ତିଯୁକ୍ତ ମନେ କରିନାହାନ୍ତି। ତାଙ୍କ ନିଜ ଭାଷାରେ "ମାନବର ସମସ୍ତ କଳ୍ପନା, କଳନା ଆପେକ୍ଷିକ; ଅନପେକ୍ଷିକ ବା ଅନପେକ୍ଷଣୀୟ ବସ୍ତୁର କଳନା ବା କଳ୍ପନା ମାନବର ନାହିଁ। ତେବେ ନିଗ୍ରହାନୁଗ୍ରହ ସମର୍ଥ ବିଭୁ ବା ଈଶ୍ୱରର କଳ୍ପନା ମାନବର ଅହଂକାର ଛଡ଼ା ଆଉ କ'ଣ ହୋଇପାରେ?" ଏହି କଥାଟିର ତାତ୍ପର୍ଯ୍ୟ ହେଲା ଯେ ଧର୍ମୀୟ ଚିନ୍ତନ ସମେତ ସମସ୍ତ ମାନବୀୟ ଚିନ୍ତନ ଆପେକ୍ଷିକ ହେବାକୁ ବାଧ୍ୟ। ଯେ କୌଣସି ପ୍ରକାର ଅନପେକ୍ଷିକ ଧାରଣା ଯେତିକି ଅବାସ୍ତବ-ସେତିକି ଅର୍ଥହୀନ। ତେଣୁ ଏକ ଅନପେକ୍ଷିୟ ଈଶ୍ୱର-ପ୍ରତ୍ୟୟର ଧାରଣା ଧର୍ମୀୟ ପରିସରରେ ଶ୍ରେୟସ୍କର ନୁହେଁ ବୋଲି ସେ ଯୁକ୍ତିବାଢ଼ିଛନ୍ତି। ତାଙ୍କ ମତରେ ସେଥିପାଇଁ ସନାତନ ଆର୍ଯ୍ୟ ଧର୍ମ ପ୍ରକୃତ ପକ୍ଷେ ଆସ୍ତିକ ବା ଯୁକ୍ତି ଭିତ୍ତିକ ଅନୀଶ୍ୱର ଧର୍ମ। ଧର୍ମର ଉପର୍ଯ୍ୟୁକ୍ତ ବ୍ୟାଖ୍ୟାନ ସାଧାରଣ ଲୋକ ପ୍ରଚଳିତ ଈଶ୍ୱର-ବ୍ୟବସ୍ଥିତ, ଭକ୍ତି-ଆଚ୍ଛାଦିତ, ଧର୍ମ-ଧାରଣାଠାରୁ ସଂପୂର୍ଣ୍ଣ ଭାବେ ପୃଥକ୍। ଗୋଟିଏ ଅଲୌକିକ ହେଲାବେଳେ ଅନ୍ୟଟି ଲୌକିକ; ଗୋଟିଏ ମାନବାତୀତ ହେଲାବେଳେ ଅନ୍ୟଟି ମାନବୀୟ; ଗୋଟିଏ ଅବିବେକାନୁମୋଦିତ, ଅନ୍ଧପରମ୍ପରାଶ୍ରୟୀ ହେଲାବେଳେ ଅନ୍ୟଟି ବିବେକାନୁମୋଦିତ ଯୁକ୍ତିପରକ।



Digitized by PPRACHIN, SOA

ପଣ୍ଡିତ ଦାସଙ୍କ ଦୃଷ୍ଟିରୁ ଆର୍ଯ୍ୟ ଧର୍ମ ବିଶ୍ୱ ସହିତ ଅଙ୍ଗାଙ୍ଗୀଭାବେ ଜଡ଼ିତ । ମଣିଷ ନିଜକୁ ବିଶ୍ୱଠାରୁ ସଂପୂର୍ଣ୍ଣ ପୃଥକ୍ ନ ଭାବି ନିଜକୁ ବିଶ୍ୱସହ ଏକାଠି କରି ଏକ ସୁସଂହତ ନୈତିକ ଜୀବନ ନିମନ୍ତେ ଯୁକ୍ତିଯୁକ୍ତ ବିବେକ-ବୁଦ୍ଧି ସମ୍ମତ ନୀତି ନିୟମର ସଂଯୋଜନା କରେ । ଏଥିରେ କାହାରି କ୍ଷୟ, କ୍ଷତିର ପ୍ରଶ୍ନ ଉଠି ନପାରେ । ବେଦାନ୍ତରେ ବହୁବାର "ସର୍ବଭୂତାନ୍ତରାତ୍ମା" ଅର୍ଥାତ୍ ସମଗ୍ର ବିଶ୍ୱରେ ସେହି ଅବିନଶ୍ୱର ଋତ ତତ୍ତ୍ୱର ପ୍ରତୀକ ଆତ୍ମାକୁହିଁ ଧାରଣା କରାଯାଇଛି । ଏଠାରେ ଆତ୍ମା କହିଲେ ପାରଲୌକିକ, କୁହେଳିକାପୂର୍ଣ୍ଣ ଅସୀମ ବସ୍ତୁକୁ ନ ବୁଝାଇ ଏକ ସର୍ବବ୍ୟାପକ ( universal ) ନୀତିଗତ ବିଗ୍ଭର ବୁଦ୍ଧି ସମ୍ମତ ମୂଲ୍ୟବୋଧକୁ ହିଁ ସୂଚିତ କରୁଛି । ଏହି ଧାରଣାକୁ ମନ ମଧ୍ୟରେ ଦୃଢ଼ ରଖି ମାନବ "ସର୍ବ ଭୂତ ହିତେ ରତ" ଅର୍ଥାତ୍ ସମସ୍ତଙ୍କର ମଙ୍ଗଳ ଶ୍ରେୟ ବୋଲି ବିଗ୍ଭରେ ।

ଏଠାରେ ଅବଶ୍ୟ ପଣ୍ଡିତ ଦାସଙ୍କ ଦୃଷ୍ଟିରୁ ବୈଦିକ ତଥା ଆର୍ଯ୍ୟ ଧର୍ମୀୟ ଚେତନାର ପର୍ଯ୍ୟାପ୍ତ ଆଲୋଚନା ସମ୍ଭବ ନୁହେଁ କି ଆବଶ୍ୟକ ବି ନୁହେଁ । ଗୀତା ଉପରେ ଏକ ଭାଷ୍ୟ ରଚନା କରିବା ଅବସରରେ ସେ ସନାତନ ବୈଦିକ ଧର୍ମର ତାତ୍ପର୍ଯ୍ୟ ନିରୂପଣ କରିଛନ୍ତି ଓ ତତ୍ ସଙ୍ଗେ ସଙ୍ଗେ ଧର୍ମୀୟ ଚେତନା ସମ୍ବନ୍ଧରେ ନିଜର ସ୍ୱତନ୍ତ୍ର ମନ୍ତବ୍ୟ ପ୍ରକାଶ କରିଛନ୍ତି ଯାହାକି ଏଠାରେ ଆଲୋଚନାର ମୁଖ୍ୟ ବସ୍ତୁ ।

ଗୀତା ସନାତନ ବୈଦିକ ଧର୍ମ ପରମ୍ପରାର ଅମୂଲ୍ୟ ପ୍ରାମାଣିକ ଗ୍ରନ୍ଥ ଭାବରେ ସ୍ୱୀକୃତି ଲାଭ କରିଛି । ମହାଭାରତରେ ବର୍ଣ୍ଣିତ କୁରୁକ୍ଷେତ୍ର ଯୁଦ୍ଧକାଳୀନ କୃଷ୍ଣ-ଅର୍ଜ୍ଜୁନ କଥୋପକଥନ ପୃଷ୍ଠଭୂମିରେ ଏହି ମହାନ୍ ଗ୍ରନ୍ଥ ରଚିତ ହୋଇଛି ଏବଂ ଏଥିରେ କୃଷ୍ଣଙ୍କ ମୁଖ ନିଃସୃତ ଉପଦେଶାତ୍ମକ ବାଣୀ ଧର୍ମାଚରଣ ନିମନ୍ତେ ଅତୀବ ଉପାଦେୟ ବୋଲି ଏହି ଧର୍ମୀୟ ପରମ୍ପରା ନିର୍ବିବାଦରେ ସ୍ୱୀକାର କରିଛି । କୃଷ୍ଣଙ୍କ ଉକ୍ତିକୁ ବିଭିନ୍ନ ଦୃଷ୍ଟିକୋଣରୁ ବ୍ୟାଖ୍ୟାନ କରାଯାଇଛି । ସେହି ବିଭିନ୍ନତା ମଧ୍ୟରେ ହିଁ ଗୀତାର ଗୁରୁତ୍ୱ ହ୍ରାସ ନ ପାଇ ବରଂ ବହୁଗୁଣିତ ହୋଇପାରିଛି । ଏପରିକି ଗୀତାରେ ବର୍ଣ୍ଣିତ କୃଷ୍ଣ-ଚରିତ୍ର ଏବଂ ଉପନିଷଦ, ଭାଗବତ ପ୍ରଭୃତି ଅନ୍ୟାନ୍ୟ ଶାସ୍ତ୍ରମାନଙ୍କରେ ଉଲ୍ଲିଖିତ କୃଷ୍ଣ-ଚରିତ୍ର ମଧ୍ୟରେ ତୁଳନାତ୍ମକ ବିଗ୍ଭର କରି କେତେକ ସେହି ପରିପ୍ରେକ୍ଷୀରେ ଗୀତାରେ ବର୍ଣ୍ଣିତ କୃଷ୍ଣଙ୍କୁ ଯୋଗେଶ୍ୱର ବା ଜ୍ଞାନ-ପ୍ରଧାନ ବୋଲି ବିଗ୍ଭରି ଶ୍ରେଷ୍ଠ ମତ ଦେଉଥିଲାବେଳେ ଅନ୍ୟ କେତେକ ଭାଗବତରେ ଚର୍ଚ୍ଚିତ ଭକ୍ତି ରସ ପ୍ରାଧାନ୍ୟ ଗୋପୀ କୃଷ୍ଣଙ୍କୁ ଶ୍ରେଷ୍ଠ ବୋଲି ମତ ଦେଇଛନ୍ତି ଏବଂ ପୁଣି ଅନ୍ୟ କେତେକ ବେଦ-କୃଷ୍ଣ, ଗୀତା-କୃଷ୍ଣ, ଭାଗବତ-କୃଷ୍ଣ ମଧ୍ୟରେ କିଛି ଭେଦ ନାହିଁ, ସବୁ ବିଭିନ୍ନତାର ମଧ୍ୟରେ ଐକ୍ୟର ସନ୍ଧାନ ପାଇଛନ୍ତି ବୋଲି ସେମାନେ ଦୃଢ଼ ମତ ବ୍ୟକ୍ତ କରିଛନ୍ତି । ଏଠାରେ ଏହି ପ୍ରସଙ୍ଗରେ ପଣ୍ଡିତ ନୀଳକଂଠଙ୍କ ବକ୍ତବ୍ୟକୁ ବିଗ୍ଭରକୁ ନିଆଯାଇପାରେ ।



Digitized by PPRACHIN, SOA

ତାଙ୍କ ମତରେ ଗୀତାରେ ବର୍ଣ୍ଣିତ ଯୋଗେଶ୍ୱର କୃଷ୍ଣ-ତତ୍ତ୍ୱ ଶୁଦ୍ଧଜ୍ଞାନ ପ୍ରସୂତ, ଆର୍ଯ୍ୟ-ଅନାର୍ଯ୍ୟ ମଧ୍ୟରେ ଲକ୍ଷିତ ସାଂସ୍କୃତିକ ବିରୋଧତାର ଅବସାନ ଅଣାଇ ଏକ ସୁସ୍ଥ ସର୍ବକଲ୍ୟାଣକର ଯୁକ୍ତିଯୁକ୍ତ ମାନବୀୟ ମୂଲ୍ୟବୋଧର ପରିପ୍ରକାଶ ନିମନ୍ତେ ଗୀତାର କୃଷ୍ଣ-ତତ୍ତ୍ୱର ଉପଯୋଗୀତା ରହିଛି, ଏଥିରେ ଜ୍ଞାନ ବା ବୁଦ୍ଧିର ସାମୂହିକ ବିକାଶ ଘଟିଛି ଓ କୌଣସି ପ୍ରକାର ରହସ୍ୟାତ୍ମକ ଭକ୍ତି, ଲୀଳା ଅଥବା ରସର ପରିସରଠାରୁ ଏହା ସଂପୂର୍ଣ୍ଣ ଅତୀତ । ଏହି ପ୍ରସଙ୍ଗରେ ପଣ୍ଡିତ ଦାସ ଭାଗବତରେ ବର୍ଣ୍ଣିତ ରସରାଜ କୃଷ୍ଣ-ତତ୍ତ୍ୱର ସମାଲୋଚନା ପୂର୍ବକ ଏହା ଭାରତୀୟ ପରମ୍ପରାର କୃଷ୍ଣ ନୁହନ୍ତି ବୋଲି ମତ ବ୍ୟକ୍ତ କରିଛନ୍ତି । ଏଥି ନିମନ୍ତେ ତାଙ୍କ ଲେଖାର କେତେକ ଭାଗବତ ପ୍ରେମୀ ସମାଲୋଚକ ଉନ୍ମୁଳ ବିରୋଧ କରିବାକୁ ପଛାଇ ନାହାନ୍ତି ( ଏହି ପରିପ୍ରେକ୍ଷୀରେ ଡକ୍ଟର ଗୌରାଙ୍ଗ ଚରଣ ନାୟକଙ୍କ "କୃଷ୍ଣ-ତତ୍ତ୍ୱ" ଶୀର୍ଷକ ପ୍ରବନ୍ଧଟି ଦ୍ରଷ୍ଟବ୍ୟ, ପ୍ରଜାତନ୍ତ୍ର, ୧୭ । ୮ । ୧୯୮୭ ) । ଡକ୍ଟର ନାୟକଙ୍କ ମତରେ "ଭାଗବତର ଲୀଳା ମାଧୁର୍ଯ୍ୟ ଏବଂ ଗୀତାର ଜ୍ଞାନୈଶ୍ୱର୍ଯ୍ୟ, ଏ ଉଭୟ ଅବିଚ୍ଛେଦ୍ୟ ଭାବେ ଏକ ଏବଂ ଅଦ୍ୱିତୀୟ କୃଷ୍ଣ ଚରିତ୍ରରେ ବିଦ୍ୟମାନ । ଏହା ଆମ ସଂସ୍କୃତି ତଥା ପରମ୍ପରା ପରିପ୍ରେକ୍ଷୀରେ ଅସ୍ୱୀକାର କରିବାର ଉପାୟ ନାହିଁ ।"

ଉପର୍ଯ୍ୟୁକ୍ତ ସମାଲୋଚନା ଏବଂ ତତ୍‌ସମ ଚିନ୍ତାଧାରାର ମୂଲ୍ୟାଙ୍କନ ପୂର୍ବରୁ ପଣ୍ଡିତ ଦାସଙ୍କ ଦୃଷ୍ଟିକୋଣ ବିଷୟରେ ସମ୍ୟକ୍ ଆଲୋଚନା ଅବଶ୍ୟ ବିଧେୟ । ଏକଥା ଉଲ୍ଲେଖଯୋଗ୍ୟ ଯେ ଗୀତାର କୃଷ୍ଣ-ତତ୍ତ୍ୱହିଁ ଭାରତୀୟ ପରମ୍ପରାର ପରିଚାୟକ ଶୀର୍ଷକ ପଣ୍ଡିତ ଦାସଙ୍କ ମନ୍ତବ୍ୟ କୌଣସି ଐତିହାସିକ ତଥ୍ୟ ଉପରେ ନିର୍ଭରଶୀଳ ବୋଲି ଯୁକ୍ତି ବାଢ଼ିବା ଅନ୍ତତଃ ତାଙ୍କ ପକ୍ଷରେ ଆବଶ୍ୟକ ହୋଇ-ନାହିଁ । କାରଣ ତାଙ୍କ ମନ୍ତବ୍ୟଟି ପ୍ରକୃତ ପକ୍ଷେ ତଥ୍ୟ ମୂଳକ ( factual ) ନ ହୋଇ ମୂଲ୍ୟାତ୍ମକ ( valuational ) ଭାବେ ପ୍ରକାଶିତ ହୋଇଛି । ଭାରତୀୟ ଧର୍ମ-ସଂସ୍କୃତିକୁ, ସେଥିସହ ଅଙ୍ଗାଙ୍ଗୀଭାବେ ଜଡ଼ିତ ଦାର୍ଶନିକ ପରିବେଷ୍ଟନୀ ମାଧ୍ୟମରେ, ଏକ ସାମଗ୍ରିକ ଦୃଷ୍ଟିରୁ ବିଚାର କରିବାକୁ ଯାଇ ସେ ଗୀତା ଧର୍ମୀୟ ଚେତନାର ମୌଳିକ ତତ୍ତ୍ୱକୁ ନିରୂପଣ କରିବାର ପ୍ରୟାସ କରିଛନ୍ତି ଏବଂ ତାହାର ଏକ ଯୁକ୍ତିଯୁକ୍ତ ତଥା ପ୍ରୟୋଗାତ୍ମକ ମାନବୋଚିତ ମୂଲ୍ୟାୟନ କରିଛନ୍ତି । ସେହି ପ୍ରସଙ୍ଗରେହିଁ ଗୀତାର ଜ୍ଞାନ-ପ୍ରଧାନ କୃଷ୍ଣ-ତତ୍ତ୍ୱ ଭାରତୀୟ ପରମ୍ପରାର ଏକମାତ୍ର ଦ୍ୟୋତକ ଏବଂ ଭାଗବତର ଲୀଳା କୃଷ୍ଣ ସେ ଦୃଷ୍ଟିରୁ ଅଗ୍ରାହ୍ୟ ବୋଲି ତାଙ୍କ ମନ୍ତବ୍ୟଟିର ଯଥାଯଥ ଆଲୋଚନା କରାଯାଇପାରେ । ପୂର୍ବରୁ ସୂଚିତ ହୋଇଅଛି ଯେ ଭାରତୀୟ ଧର୍ମୀୟ ଚେତନାକୁ କୌଣସି ଯୁକ୍ତି-ବହିର୍ଭୂତ, ଐନ୍ଦ୍ରଜାଲିକ, ମାନବାତୀତ ପାରଲୌକିକ ଆବେଷ୍ଟନୀ ମଧ୍ୟରେ ଚିହ୍ନଣ ନ କରି ସେ ଏହାକୁ ବୁଦ୍ଧିପରକ ଦାର୍ଶନିକ ଦୃଷ୍ଟିରୁହିଁ ବିଚାର କରିଛନ୍ତି ଏବଂ ସେହି ଦୃଷ୍ଟିରୁ ପାରମ୍ପରିକତା ସମ୍ବନ୍ଧରେ ବଳିଷ୍ଠ ଯୁକ୍ତିର ଅବତାରଣା କରିଛନ୍ତି ।



Digitized by PPRACHIN, SOA

ପୂର୍ବକାଳରୁ ଗଢିଉଠିଥିବା ଭାରତୀୟ ଧର୍ମୀୟ ଚେତନା ଅବଶ୍ୟ ଆଧ୍ୟାତ୍ମିକ। କିନ୍ତୁ ଏହି ଆଧ୍ୟାତ୍ମିକତା ଯୁକ୍ତି ବହିର୍ଭୂତ ଅଲୌକିକ ଈଶ୍ୱରୀୟ ଭକ୍ତିଭାବର ଦ୍ୟୋତକ ନୁହେଁ । କାରଣ ଯେ କୌଣସି ପ୍ରକାର ବୁଦ୍ଧି ଅଗମ୍ୟ ଭଗବତ୍ ବିଶ୍ୱାସ ଏକ ପ୍ରକାର ଅନ୍ଧ କୁଂସ୍କାରଣା ତଥା ସ୍ୱବିବେକତାର ଜଳାଞ୍ଜଳିରେ ହିଁ ସମ୍ଭବ ହୁଏ ବୋଲି ପଣ୍ଡିତ ଦାସ ଦୃଢ଼ ମତବ୍ୟକ୍ତ କରିଛନ୍ତି । ସେହି ପରିପ୍ରେକ୍ଷୀରେ ଭାରତୀୟ ପରମ୍ପରା ସ୍ୱୀକୃତ ଗୀତା-ଧର୍ମ ତଥା କୃଷ୍ଣତତ୍ତ୍ୱ ସମ୍ବନ୍ଧରେ ନିଜର ମନ୍ତବ୍ୟ ସେ ପ୍ରକାଶ କରିଛନ୍ତି ଏବଂ ମୋ ମତରେ ସେ ସବୁକୁ ବିଚାରକୁ ନେଇ ପଣ୍ଡିତ ଦାସଙ୍କ ଦୃଷ୍ଟି ଭଙ୍ଗୀର ସମୀକ୍ଷା କରିବା ବାଞ୍ଛନୀୟ ।

ଗୀତା ଧର୍ମୀୟ ଚେତନାରେ ଶୁଦ୍ଧଜ୍ଞାନ ବା ପବିତ୍ର ବିବେକ ବୁଦ୍ଧିର ଯେ ପ୍ରାଧାନ୍ୟ ରହିଅଛି,ତାହା ଅବଶ୍ୟ ସ୍ୱୀକାର୍ଯ୍ୟ । 'ବୁଦ୍ଧୌ ଶରଣଂ ଅନ୍ୱିଚ୍ଛ' ଅଥବା 'ବୁଦ୍ଧିଶରଣାଗତି' ପ୍ରଭୃତି ଗୀତାର ତାତ୍ପର୍ଯ୍ୟପୂର୍ଣ୍ଣ ବାଣୀ ଏହି ପ୍ରସଙ୍ଗରେ ଉଲ୍ଲେଖନୀୟ । କେତେକ ଗୀତାର ଉଲ୍ଲିଖିତ କର୍ମଯୋଗ ବିଷୟଟି ଉତ୍ଥାପନ କରି ଧର୍ମୀୟ ଚେତନା କେବଳ ଶୁଦ୍ଧଜ୍ଞାନ ସୀମାବଦ୍ଧ ନୁହେଁ ବୋଲି ଧାରଣା କରନ୍ତି । କିନ୍ତୁ ଗୀତାର ନିଷ୍କାମ କର୍ମରେ ଯେଉଁ କର୍ମ ଯୋଗର ମହତ୍ତ୍ୱ ପ୍ରତିପାଦନ କରାଯାଇଛି,ତାହା ପ୍ରକୃତରେ ବୁଦ୍ଧି ବହିର୍ଭୂତ ନ ହୋଇ ବୁଦ୍ଧି ଆଶ୍ରିତ ବୋଲି ବୋଲି ବିଚାରିବା ଅଧିକ ଗ୍ରହଣୀୟ । କାରଣ ବିବେକୀ ତଥା ସମବୁଦ୍ଧିସମ୍ପନ୍ନ ବ୍ୟକ୍ତି ହିଁ କେବଳ କର୍ମର ଫଳ ଉପରେ ଅଯଥା ଆଶା ପୋଷଣ ନକରି ନିରନ୍ତର ସ୍ୱଭାବ ନିୟତ ସ୍ୱକର୍ତ୍ତବ୍ୟ ସାଧନ କରିବାରେ ନିଜକୁ ନିୟୋଜିତ କରିପାରେ ; ଅନ୍ୟଥା କର୍ମଯୋଗର ସମ୍ପାଦନ ଲକ୍ଷ୍ୟ ଭ୍ରଷ୍ଟ ହେବା ଅପରିହାର୍ଯ୍ୟ । ତେଣୁ ଯୁକ୍ତିଗତ ବୌଦ୍ଧିକ ଧର୍ମୀୟ ଚେତନା କର୍ତ୍ତବ୍ୟ ବୋଧର ପରିପନ୍ଥୀ ହୋଇ ନ ପାରେ । ଉଭୟ ପରସ୍ପରର ସହଯୋଗୀ । ଗୋଟିକୁ ବାଦ୍ ଦେଇ ଅନ୍ୟଟି ବରଂ ବିକଳାଙ୍ଗ ବୋଲି ବିଚାରିବା ଶ୍ରେୟସ୍କର ।

ଏହି ପରିପ୍ରେକ୍ଷୀରେ ଉକ୍ତ ପ୍ରସଙ୍ଗଟି ମଧ୍ୟ ଆଲୋଚନାର ପରିସରକୁ ଅଣାଯାଇଥାଏ । କେତେକଙ୍କ ମତରେ ଜ୍ଞାନ ବ୍ୟବସ୍ଥିତ କର୍ତ୍ତବ୍ୟ ସମ୍ପାଦନବେଳେ ଈଶ୍ୱରଙ୍କର ସଭକ୍ତି ଶରଣାପନ୍ନ ହେବା ଅଯୌକ୍ତିକ ନୁହେଁ କି ଅନୈତିକ ନୁହେଁ । ଭକ୍ତିଭାବାପନ୍ନ ହେବାଟା ଅକପଟତାରୁ ଜାତ ବୋଲି ଏଠାରେ ଧାରଣା କରାଯାଇଛି । ଭଗବତ୍ ବିଶ୍ୱାସ ହିଁ ଏତ ମନୁଷ୍ୟକୁ ଆହୁରି କର୍ତ୍ତବ୍ୟରତ ଏପରିକି ଆତ୍ମବିଶ୍ୱାସୀ ହେବାରେ ସାହାଯ୍ୟ କରିଥାଏ ବୋଲି କେତେକ ମତ ପୋଷଣ କରନ୍ତି । ଗୀତାର ଉକ୍ତ "ସର୍ବ ଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ" ପ୍ରଭୃତି କେତେକ ପଦର ଅବତାରଣା ଏକ୍ଷେତ୍ରରେ କରାଯାଇଥାଏ ।

କିନ୍ତୁ ଶୁଦ୍ଧ ବୌଦ୍ଧିକ ପରିବେଷ୍ଟନୀ ମାଧ୍ୟମରେ ଧର୍ମୀୟ ଚେତନାର ନିର୍ଯ୍ୟାସ ନିରୂପଣ କରିବାରେ ବ୍ରତୀ ପଣ୍ଡିତ ଦାସଙ୍କ ପକ୍ଷରେ ଉପର୍ଯ୍ୟୁକ୍ତ ଦୃଷ୍ଟିଭଙ୍ଗୀ



Digitized by PPRACHIN, SOA

ଗ୍ରହଣୀୟ ହୋଇପାରନାହିଁ । କାରଣ ବୌଦ୍ଧିକ ଅନୁସନ୍ଧାନ ଯୁକ୍ତ୍ୟାଶ୍ରିତ ହୋଇଥିବା ଦୃଷ୍ଟିରୁ କୌଣସି ପ୍ରକାର ଅହେତୁକ ବିଷୟ (ତାହା ଯେତେ ଭାବୋଦ୍ଦୀପକ ଅଥବା ରହୋତ୍ତୀର୍ଣ୍ଣ ହେଲେ ହେଁ ) ର ସମର୍ଥନ କରେ ନାହିଁ । ଯୁକ୍ତିଧର୍ମ ବା ଆତ୍ମୀକ ଧର୍ମ ସେହି କାରଣରୁ ହିଁ ଈଶ୍ୱର -ବିହୀନ ଧର୍ମ ହେବାକୁ ବାଧ୍ୟ । କାରଣ ଈଶ୍ୱର ବିଶ୍ୱାସ ଏକ ଅତୀନ୍ଦ୍ରିୟ , ପାରଲୌକିକ ସତ୍ତାର ସ୍ଥିତି ବିଷୟକ ବିଚାରମଣା ଉପରେ ପର୍ଯ୍ୟବସିତ । ତେଣୁ ଏହି ଅନ୍ଧ ବିଶ୍ୱାସ ସାମାଜିକ ତଥା ସାଂସ୍କୃତିକ ଅବସ୍ଥାରେ ଯେତେ ଗଭୀର ଭାବେ ଆସ୍ଥାନ ଜମାଇ ଥାଉ ନା କାହିଁକି, ଏହାର ପରିଣତି ଶେଷରେ ସାମାଜିକ ନ୍ୟାୟ କିମ୍ବା ନୈତିକ ମୂଲ୍ୟବୋଧକୁ ସୁଦୃଢ଼ କରିବା ପରିବର୍ତ୍ତେ ଅନ୍ୟାୟ, ବିଶୃଙ୍ଖଳା ଆଣିବାରେ ସହାୟ କରିଥାଏ । କାରଣ ଇନ୍ଦ୍ରିୟାତୀତ ଏବଂ ବୁଦ୍ଧି ଅଗମ୍ୟ କୁହେଳିକା ପୂର୍ଣ୍ଣ ଧାରଣାଟିକୁ ଗ୍ରହଣ ତଥା କଥିତ ଓ ଧର୍ମ ଭାବାପନ୍ନ ବ୍ୟକ୍ତି ବିଭିନ୍ନ ପ୍ରକାର ଅହଂଭାବାପନ୍ନ ଅନୁଭୂତିକୁ ଜାହିର କରିବାକୁ ଆଗେଇ ଆସେ ଏବଂ ତାହାର ଫଳରେ ବିବିଧ ସାମ୍ପ୍ରଦାୟିକ ଶ୍ରେଣୀ, ଗୋଷ୍ଠୀର ଉଦ୍ଭବ ହୋଇଥାଏ ଭାରତରେ ଭକ୍ତି ପରମ୍ପରାରେ ଶୈବ, ଶାକ୍ତ, ସୌର, ଗାଣପତ୍ୟ, ବୈଷ୍ଣବ ଆଦି ଗୋଷ୍ଠୀ ବିଭିନ୍ନତାରହିଁ ପ୍ରକାଶକ ଏବଂ ସେହି ସନ୍ଧାନରେ ବିବିଧ ସାଂପ୍ରଦାୟିକ ଦ୍ୱନ୍ଦ୍ୱ, କଳହ, ପ୍ରକାଶ ପାଇ ସମାଜରେ ଶାନ୍ତିମୟ ସ୍ଥିତିକୁ ଦୋହଲାଇ ଦେବାର ଦୃଷ୍ଟାନ୍ତ ବିରଳ ନୁହେଁ । ପୁନଶ୍ଚ ବିଭିନ୍ନତାର ତୀବ୍ରତା ଯେତେବେଳେ ଅସହ୍ୟ ହୋଇପଡ଼ୁଛି, ସେତେବେଳେ କେତେକ, ଶୁଦ୍ଧ ବୌଦ୍ଧିକ ବିଚାର ଦୃଷ୍ଟିରୁ ଯେତେ ଅସ୍ୱସ୍ତିକର ବୋଧ ହେଲେ ହେ, ବିଭିନ୍ନତାମଧ୍ୟରେ ଏକତ୍ୱ ନିଶ୍ଚିତରୂପେ ବିଦ୍ୟମାନ ବୋଲି ପ୍ରଚାର କରି ଆତ୍ମ ସନ୍ତୋଷ ଲାଭ କରିବାର ଦୃଷ୍ଟାନ୍ତ ରହିଅଛି । କିନ୍ତୁ ଏସବୁ ନୈତିକ ନ୍ୟାୟ ତଥା ଧର୍ମ ଭାବର ଉଦ୍ରେକ କରିବା ପରିବର୍ତ୍ତେ ଅଯୌକ୍ତିକର ଅନ୍ଧ ବିଚାରମଣା ଉପରେ ପର୍ଯ୍ୟବସିତ ହୋଇଥିବା ଯୋଗୁଁ ଉଭୟ ବ୍ୟକ୍ତି ତଥା ସମାଜ କ୍ଷେତ୍ରରେ ଅଯଥା ଉତ୍ତେଜନା ଓ ବିଶୃଙ୍ଖଳା ଆଣିଥାଏ । ସବୁ ଯୁଗରେ ତଥା କଥିତ ଧର୍ମୀୟ ସମ୍ପ୍ରଦାୟ ଜନିତ କଳହ, ବାଦ ବିବାଦ ସହଜରେ ଉପଲଭ୍ୟ । ସେଥିଯୋଗୁ ପଣ୍ଡିତ ଦାସଙ୍କ ଦୃଷ୍ଟିରୁ ଗୀତାର "ମାମେକଂ ଶରଣଂ ବ୍ରଜ" ର ତାତ୍ପର୍ଯ୍ୟ କୌଣସି ପାରଲୌକିକ ଈଶ୍ୱରୀୟ ଶକ୍ତିର ଶରଣାପନ୍ନ ହେବା ପରିବର୍ତ୍ତେ ମନୁଷ୍ୟ ସ୍ୱବିବେକ ବୁଦ୍ଧିର ଆଶ୍ରିତ ହେବା ତତ୍ତ୍ୱଟିକୁ ହିଁ ନିର୍ଦ୍ଦେଶ କରୁଛି ବୋଲି ବିଚାରିବା ସ୍ୱାଭାବିକ ।

ଏହି ସବୁ ଦିଗରୁ ବିଚାର କରି ପଣ୍ଡିତ ଦାସ ଭାରତୀୟ ପରମ୍ପରାନୁସୃତ ଗୀତା ଧର୍ମୀୟ ଚେତନାର ଏକ ଯୁକ୍ତି ଭିତ୍ତିକ ବ୍ୟାଖ୍ୟାନ ପ୍ରସ୍ତୁତ କରିବାକୁ ଯାଇ ପ୍ରାଧାନ୍ୟ ଲାଭ କରିଥିବା କୃଷ୍ଣ-ତତ୍ତ୍ୱର ଜ୍ଞାନପରକ ଭାଷ୍ୟ ଉପସ୍ଥାପନ କରିଛନ୍ତି । ଏହା ଗୀତାର ବୈଶିଷ୍ଟ୍ୟ ବୋଲି ମନ୍ତବ୍ୟ ଦେବା ସ୍ଥଳରେ ଏଥି ସହ କୌଣସି



Digitized by PPRACHIN, SOA

ପ୍ରକାର ଭକ୍ତି ଧର୍ମର ସାଲିସ ହୋଇ ନପାରେ ବୋଲି ଅତି ସତର୍କତାର ସହ ସେ ସୂଚନା ଦେଇଛନ୍ତି । କାରଣ ଭକ୍ତି ପ୍ରତ୍ୟୟଟିର ଯୌକ୍ତିକ ମୂଲ୍ୟ ନିର୍ଦ୍ଧାରଣ କଲେ ତାହା ପରି ଶେଷରେ କୁହେଳିକା ପୂର୍ଣ୍ଣ ବୁଦ୍ଧି ଅଗମ୍ୟ ହେବାକୁ ବାଧ୍ୟ । ଆଉମଧ୍ୟ ମାନବର ଆତ୍ମବିଶ୍ୱାସ ତଥା ସ୍ୱବିବେକକୁ ସମ୍ପୂର୍ଣ୍ଣ ରୂପେ ପରିହାର ପୂର୍ବକ ଏକ ଅନିର୍ଦ୍ଦିଷ୍ଟ ଲୋକାତୀତ ରହସ୍ୟମୟ ଶକ୍ତି ପାଖରେ ନିଜକୁ ସମ୍ପୂର୍ଣ୍ଣରୂପେ ସମର୍ପଣ କରିବା ଭକ୍ତି–ଭାବଟି ରସ ଦୃଷ୍ଟିରୁ ଯେତେ ଆକର୍ଷଣୀୟ ହେଲେ ହେଁ ଯୌକ୍ତିକ ମୂଲ୍ୟବୋଧ ଦୃଷ୍ଟିରୁ ଅଗ୍ରହଣୀୟ ଏବଂ ସେଥିଯୋଗୁ ଏହା ନୈତିକ ମୂଲ୍ୟାୟନର ପରିପନ୍ଥୀ ବୋଲି ପଣ୍ଡିତ ଦାସ ଯୁକ୍ତି ବାଢ଼ିଛନ୍ତି । ଏହି ପ୍ରକାର ଚିନ୍ତାଧାରା ଏକ ଭୁଲ ବୁଝାମଣା ଉପରେ ପ୍ରତିଷ୍ଠିତ ଥିବା ଯୋଗୁ ତାହାକୁ ଭକ୍ତିକ ମିଥ୍ୟା ବୋଲି ସେ ସମାଲୋଚନା କରିଛନ୍ତି । ଏହି ଦୃଷ୍ଟିରୁ ଶୁଦ୍ଧଜ୍ଞାନ ବ୍ୟବସ୍ଥିତ ଧର୍ମୀୟ ଚେତନାର ରସଭାବ ପ୍ଳାବିତ ଲୀଳାମୟ କୃଷ୍ଣ-ତତ୍ତ୍ୱ ସହିତ କୌଣସି ଯୋଗସୂତ୍ର ସ୍ଥାପନ ହୋଇ ନ ପାରେ । ଗୋଟିଏ ପ୍ରମାଣସିଦ୍ଧ ଦାର୍ଶନିକ ନ୍ୟାୟରେ ପ୍ରତିଷ୍ଠିତ ଥିଲାବେଳେ ଅନ୍ୟଟି ପ୍ରମାଣେତର ଅଯୌକ୍ତିକ ମତାନ୍ଧତା ଉପରେ ପର୍ଯ୍ୟବସିତ । ତେଣୁ ଏହି ପରିପ୍ରେକ୍ଷୀରେ ବହୁ ଗବେଷକ ଗୀତାର ଜ୍ଞାନୈଶ୍ୱର୍ଯ୍ୟ କୃଷ୍ଣ ଓ ଭାଗବତର ଲୀଳାକୃଷ୍ଣ ବିଷୟଟି ମଧ୍ୟରେ ପରସ୍ପର ବିରୋଧୀ ଭାବଧାରାର ସ୍ପଷ୍ଟ ସୂଚନା ପାଇଛନ୍ତି । ସୂକ୍ଷ୍ମ ବିଶ୍ଳେଷଣାତ୍ମକ ପଦ୍ଧତିରେ ହିଁ ଦୁଇଟି ଭାବଧାରାର ବିଭିନ୍ନତା ତଥା ସ୍ୱାତନ୍ତ୍ର୍ୟ ଉପଲବ୍ଧି କରିହେବ । କିନ୍ତୁ ବ୍ୟାପକ ଗବେଷଣା ନ କରି ଉପର ଠାଉରିଆ ଭାବେ ସମସ୍ତ ବିଭିନ୍ନତା ମଧ୍ୟରେ ଐକ୍ୟର ନିଶ୍ଚିତ ସନ୍ଧାନ ମିଳିଅଛି ବା "ଭାରତୀୟ ପରମ୍ପରାରେ ଗୀତାର ଯୋଗେଶ୍ୱର କୃଷ୍ଣ ଏବଂ ଭାଗବତର ଲୀଳା ପୁରୁଷୋତ୍ତମ କୃଷ୍ଣ ଏକାକାର ହୋଇ ଯାଇଛନ୍ତି ଏବଂ ସେମାନଙ୍କ ଭିତରେ କୌଣସି ଭେଦନାହିଁ" ବୋଲି ଅର୍ଥ କରିବା ଆଦୌ ଯୁକ୍ତି-ଯୁକ୍ତ ମନେହୁଏ ନାହିଁ ।

ଏଠାରେ ଆଉ ଗୋଟିଏ ବିଷୟ ମଧ୍ୟ ଲକ୍ଷ୍ୟ କରିବାର କଥା । ଭାରତୀୟ ସାଂସ୍କୃତିକ ଚେତନା ପରିପ୍ରେକ୍ଷୀରେ ଧର୍ମ ଓ ଦର୍ଶନ ମଧ୍ୟରେ ନିବିଡ଼ ସମ୍ପର୍କ ଉଲ୍ଲେଖନୀୟ ଭାବେ ସ୍ୱୀକୃତ । ଉଭୟ ଧର୍ମ ତତ୍ତ୍ୱବିତ୍ ଓ ଦାର୍ଶନିକ କେବଳ ଚିରାଚରିତ ମତବାଦକୁ ଅଭ୍ରାନ୍ତ ବା ଅକାଟ୍ୟ ରୂପେ ଗ୍ରହଣ ପୂର୍ବକ ଏକ ସ୍ଥାଣୁ ଅବସ୍ଥାର ପରିପୋଷକ ନ ହୋଇ ସ୍ଥଳ ବିଶେଷରେ ଯୌକ୍ତିକ ବିଚାର ଦୃଷ୍ଟିରୁ ଯାହା ସାମାଜିକ ଓ ବ୍ୟକ୍ତିଗତ ନୈତିକ ମୂଲ୍ୟ ଦୃଷ୍ଟିରୁ ସମ୍ପତି-ସୂଚକ ଓ ବିଚାରଣୀୟ ତାହାକୁ ସତତ ଦୃଷ୍ଟିଦେଇ ଧର୍ମୀୟ ତଥା ଦାର୍ଶନିକ ଚେତନାରେ ଆବଶ୍ୟକୀୟ ସଂସ୍କାର ମଧ୍ୟ ଆଣିଥାନ୍ତି । ସେହି ଦୃଷ୍ଟିରୁ ପଣ୍ଡିତ ଦାସ ଭାରତୀୟ ସାଂସ୍କୃତିକ ପରମ୍ପରାରେ ଉଭୟ ଜ୍ଞାନ ମାର୍ଗ ଓ ଭକ୍ତି ମାର୍ଗର ପରିପ୍ରସାର ଘଟିଥିଲେ ହେଁ, ଧର୍ମୀୟ ଚେତନା ( ଯେ କି ଦାର୍ଶନିକ ଦୃଷ୍ଟିଭଙ୍ଗୀ ଉପରେ



Digitized by PPRACHIN, SOA

ଊଣା ଅଧିକେ ବ୍ୟବସ୍ଥିତ ) ଜ୍ଞାନ ପରକ ବୋଲି ଯୁକ୍ତି ବାଢିଛନ୍ତି ଏବଂ ସେହି ପ୍ରସଙ୍ଗରେ ତାଙ୍କର ଗୀତାର ଜ୍ଞାନୈଶ୍ୱର୍ଯ୍ୟ କୃଷ୍ଣତତ୍ତ୍ୱକୁ ଶ୍ରେଷ୍ଠ ମଣିବା ଏବଂ ତାହାର ବିରୋଧ କରୁଥିବା ଅନ୍ୟ ତତ୍ତ୍ୱ ଗୁଡ଼ିକୁ ସମାଲୋଚନା କରିବା କିଛି ବିଭ୍ରାନ୍ତିକର ମନେହୁଏ ନାହିଁ । ବରଂ ପକ୍ଷାନ୍ତରେ ଯେଉଁମାନେ ଜ୍ଞାନତତ୍ତ୍ୱ ଓ ଭକ୍ତିତତ୍ତ୍ୱ ମଧ୍ୟରେ କୌଣସି ଭେଦ ନାହିଁ ବୋଲି ମତ ଦିଅନ୍ତି ସେମାନଙ୍କ ବକ୍ତବ୍ୟ ଅବିଶ୍ଳେଷଣାତ୍ମକ ଓ ଅସ୍ପଷ୍ଟ ।

ପଣ୍ଡିତ ଦାସଙ୍କ ଦୃଷ୍ଟିରେ ବ୍ୟକ୍ତି ସମାଜ ମାଧ୍ୟମରେହିଁ ଜୀବାତ୍ମା ଓ ପରମାତ୍ମା ତତ୍ତ୍ୱ ଗୁଡ଼ିକର ଅବଧାରଣା କରାଯାଇ ପାରେ । ଗୀତା ଉପରେ ଭାଷ୍ୟ ରଚନା କରିବା ଅବସରରେ ସେ ମନ୍ତବ୍ୟ ଦେଇଛନ୍ତି ଯେ ଜୀବାତ୍ମା ଓ ପରମାତ୍ମା ଦୁଇଟି ପୃଥକ୍ ଅତାନ୍ଦ୍ରିୟ ରହସ୍ୟାଚ୍ଛାଦିତ ସତ୍ତାକୁ ନିର୍ଦ୍ଦେଶ ନକରି କେବଳ ସାଧାରଣ ( normal ) ବିବେକୀ ମନୁଷ୍ୟର ସ୍ୱଚେତନା ରାଜ୍ୟରେ ସଦା ବିରାଜମାନ ଦୁଇଟି ପୃଥକ୍ ଭାବଧାରାର ପ୍ରକାଶ କରୁଅଛି । ଏହି ଦୁଇ ଭାବଧାରା ଭିନ୍ନ ହେଲେ ହେଁ ପରସ୍ପରର ସମ୍ପୂର୍ଣ୍ଣ ବିରୋଧୀ ନୁହନ୍ତି । ଦୁଇଟି ମଧ୍ୟରେ ସମନ୍ୱୟର ଉଦ୍ରେକ ମାନବୀୟ ନୈତିକ ମୂଲ୍ୟବୋଧର ମହନୀୟ ଲକ୍ଷ୍ୟ । ଏହି ପରିପ୍ରେକ୍ଷୀରେ ଏକଥା ଅବଶ୍ୟ ପ୍ରଣିଧାନ ଯୋଗ୍ୟ ଯେ ମାନବ ସଙ୍କୀର୍ଣ୍ଣାଭିମୁଖୀ ଅହମିକାର ଶିକାର ହେବା ଯେତିକି ଅନୈତିକ ଓ ଅଯୁକ୍ତିକର, ଏକ ରହସ୍ୟାବୃତ ପାରଲୌକିକ ତଥାକଥିତ ସାମାଜିକତାର ଦୋହାଇ ଦେଇ ଆତ୍ମାହୁତିର ସମର୍ଥନ କରିବା ସେତିକି ଅବିବେକିତାର ପରିଚାୟକ । ଦୁଇଟି ଭାବଧାରାର ଏକତରଫା କିମ୍ବା ନିରଙ୍କୁଶ ସମର୍ଥନ ଅନ୍ତତଃ ଧର୍ମୀୟ ଚେତନା ଦୃଷ୍ଟିରୁ ଆଦୌ ଗ୍ରହଣ ଯୋଗ୍ୟ ନୁହେଁ । କେବଳ ଦୁଇଟିର ଯଥାଯଥ ସଂହତି ଓ ସମନ୍ୱୟରେ ହିଁ ଧର୍ମୀୟ ଚେତନାର ସ୍ଥିତି ସୁଦୃଢ଼ । ଏହି ସନ୍ଦର୍ଭରେ ପଣ୍ଡିତ ଦାସଙ୍କ ଦ୍ୱାରା ଗୀତାଧର୍ମ ମଣିଷକୁ ତାହାର ମାନବିକତାକୁ ଚହ୍ନାଇ ଦେବାରେ ପର୍ଯ୍ୟବସିତ ମନ୍ତବ୍ୟଟି ବିଶେଷଭାବେ ଗୁରୁତ୍ୱପୂର୍ଣ୍ଣ । ଏହି ପ୍ରସଙ୍ଗରେ ଗୀତାର ନିମ୍ନୋକ୍ତ ଶ୍ଳୋକଟି ସେ ବିଚାରକୁ ନେଇଛନ୍ତି ।

"ଯୁକ୍ତାହାର ବିହାରସ୍ୟ ଯୁକ୍ତ ଚେଷ୍ଟସ୍ୟ କର୍ମସୁ
ଯୁକ୍ତ ସପ୍ନାବବୋଧସ୍ୟ ଯୋଗୋଭବତି ଦୁଃଖହା ।"

ଏହାର ତାତ୍ପର୍ଯ୍ୟ ହେଲା: ମନୁଷ୍ୟର ଯେପରି ଯେତିକି ଦରକାର, ସାଧାରଣ ସାମାଜିକ ମାନବ ପରି ସେଇପରି ସେତିକି ଆହାର ବିହାର କରିବା, ଯେପରି ସାଧାରଣତଃ ଲୋକେ ଶୁଅନ୍ତି, ଉଠନ୍ତି ଓ କାମ କରନ୍ତି, ସେଇପରି କରିବା ଲୋକର ଯୋଗରେ ଦୁଃଖ ତୁଟେ ।" ଏ'ପରି ଅର୍ଥ ନିରୂପଣ କରି ଗୀତା ଧର୍ମର ସାଧରଣ ମଣିଷ ପ୍ରତି ମହାନ୍ ନିର୍ଦ୍ଦେଶ ତଥା ଉପାଦେୟତାକୁ ସେ ଅତି ପ୍ରାଞ୍ଜଳ



Digitized by PPRACHIN, SOA

ଭାବେ ଉପସ୍ଥାପନ କରିଛନ୍ତି । ଗୀତାର ଧର୍ମୀୟ ତତ୍ତ୍ୱ କୌଣସି ସାଧାରଣ ଇତର ଅତି ମାନୁଷିକ ତ୍ରିକାଳଦର୍ଶୀ ରହସ୍ୟାତ୍ମକ ଯୋଗୀ ପୁରୁଷ ନିମନ୍ତେ ଉଦ୍ଦିଷ୍ଟ ନୁହେଁ । ତାହା ସାଧାରଣ ମଣିଷ ନିମନ୍ତେ ଇହ ଜଗତରେ ସାମାଜିକ ପରିବେଷ୍ଟିନୀ ମଧ୍ୟରେ ହିଁ ଅର୍ଥପୂର୍ଣ୍ଣ । ସେଥିପାଇଁ ପଣ୍ଡିତ ଦାସ ବଙ୍କିତାର ସହ ମତ ଦେଇଛନ୍ତି ଯେ "ଗୀତା ଧର୍ମ ଯଥାର୍ଥରେ ମାନବ ଧର୍ମ । ଏଥିରେ ଅମନୁଷ୍ୟତା ପାଇଁ ଯେପରି ସ୍ଥାନ ନାହିଁ ଅମାନୁଷତା ବା ଅତିମାନୁଷତାପାଇଁ ମଧ୍ୟ ସେଇପରି ସ୍ଥାନ ନାହିଁ । ଏହି ମାନୁଷ୍ୟ ଧର୍ମରେ ମନୁଷ୍ୟ ଭାବରେ ମନୁଷ୍ୟତା ଲାଭ କରିବା ହିଁ ମନୁଷ୍ୟ ଧର୍ମ ବା ଗୀତା ଧର୍ମ । ଏହା ହିଁ ଯଥାର୍ଥ ବେଦ ଧର୍ମ । ଏହାହିଁ ପୁଣି ଆର୍ଯ୍ୟ ଧର୍ମ ଓ ଅନାର୍ଯ୍ୟ ଧର୍ମ ବା ଆର୍ଯ୍ୟ ନାମରେ ଭାରତରେ ପ୍ରାଚୀନ ପାରମ୍ପରିକ ଧର୍ମର ପରିଣତ ଓ ବିକଶିତ କର୍ମଧାରା" ।

ପଣ୍ଡିତ ଦାସଙ୍କ ଗୀତା ଧର୍ମୀୟ ଚେତନାର ମାନବୀୟ ଦୃଷ୍ଟିଭଙ୍ଗିର ଯେ କେବଳ ଦାର୍ଶନିକ ପ୍ରାମାଣିକତା ରହିଛି ତାହା ନୁହେଁ, ଏହାର ଗୁରୁତ୍ୱ ସାମ୍ପ୍ରତିକ ସାମାଜିକ ପରିପ୍ରେକ୍ଷୀରେ ମଧ୍ୟ ଅନସ୍ୱୀକାର୍ଯ୍ୟ । କାରଣ ଅଧୁନା ମନୁଷ୍ୟ ସ୍ୱ ବିବେକ ବୁଦ୍ଧିର ଯଥାର୍ଥ ପ୍ରୟୋଗ ନକରି ଭୂତ ବିଷୟକ ଶରୀର ସର୍ବସ୍ୱ ( physicalism ) ଅଥବା ଅନ୍ୟ ଦିଗରେ ଅଶରୀରୀ ଆତ୍ମା ସର୍ବସ୍ୱ ( Abastract mentalism ) ମତବାଦର ପୃଷ୍ଠ ପୋଷକତା କରିବାର ବହୁ ଦୃଷ୍ଟାନ୍ତ ମିଳୁଅଛି । ଗୋଟିଏ ମନୁଷ୍ୟକୁ ସହଜଲବ୍ଧ ଇନ୍ଦ୍ରିୟାନୁଭବିକ ଭୋଗ ଲାଳସା ଆଡ଼କୁ ଆକର୍ଷଣ କରୁଥିଲା ବେଳେ ଅନ୍ୟଟି ତାହାକୁ ଅହେତୁକ ରହସ୍ୟମୟ ପାରଲୌକିକ ଧାରଣାର ବଶବର୍ତ୍ତୀ କରାଇ ବିଶ୍ୱ ସମାଜଠାରୁ ଦୂରେଇ ନେଇ ଏକ ଅହଂକାରାଚ୍ଛନ୍ନ ବ୍ୟକ୍ତି କୈନ୍ଦ୍ରିକତା ଭାବର ପ୍ରକାଶ କରୁଅଛି । ଉଭୟ ଧର୍ମୀୟ ନୈତିକତା ଦୃଷ୍ଟିରୁ କେବଳ ଅଗ୍ରହଣୀୟ ନୁହେଁ, ଅନ୍ତଃସାର ଶୂନ୍ୟ ମଧ୍ୟ । ତେଣୁ ଭାରତୀୟ ଧର୍ମୀୟ ଚେତନା ବିଶେଷକରି ଗୀତା ଧର୍ମୀୟ ଚିନ୍ତନକୁ ଯୁକ୍ତ୍ୟାଶ୍ରିତ ମାନବୋଚିତ ବିବେକବୁଦ୍ଧି ଭିତ୍ତି ଭୂମିରେ ହିଁ ଅବଧାରଣା କରିବା ନିମନ୍ତେ ପଣ୍ଡିତ ଦାସଙ୍କ ଦାର୍ଶନିକ ବିଶ୍ଳେଷଣର ବାସ୍ତବିକ ଅତ୍ୟନ୍ତ ଗୁରୁତ୍ୱ ରହିଅଛି ।

—o—

ପ୍ରାଧ୍ୟାପକ, ସ୍ନାତକୋତ୍ତର ଦର୍ଶନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ
ଭୁବନେଶ୍ୱର - ୭୫୧୦୦୪.



Digitized by PPRACHIN, SOA

# ପଣ୍ଡିତ ନୀଳକଂଠ ଓ ମାନବତାବାଦ

ଡକ୍ଟର ଚନ୍ଦ୍ରା ପଟ୍ଟନାୟକ

'ମାନବତାବାଦ' ପଣ୍ଡିତ ନୀଳକଂଠଙ୍କ ଚିନ୍ତାଧାରାରେ ବିଶିଷ୍ଟ ସ୍ଥାନ ଅଧିକାର କରିଅଛି । (୧) ବର୍ତ୍ତମାନ କାଳରେ ସାହିତ୍ୟ, ରାଜନୀତି, ସମାଜନୀତି ତଥା ଅନ୍ୟାନ୍ୟ କ୍ଷେତ୍ରରେ "ମାନବତା ବାଦ" ଶବ୍ଦଟି ଏପରି ବହୁଳ ଭାବରେ ପ୍ରୟୋଗ କରାଯାଉଛି ଯେ ଏହାର ଅର୍ଥ କ୍ରମେ ଅସ୍ପଷ୍ଟ ହୋଇ ଯାଉଛି । ଏହି ଶବ୍ଦଟି ପ୍ରତି ବର୍ତ୍ତମାନ ଯୁଗରେ ଏପରି ଏକ ଗୁରୁତ୍ୱ ଆରୋପ କରାଯାଇଛି ଯେ କୌଣସି ବିଷୟ ବା ଅନୁଷ୍ଠାନ ସହିତ ଏହି ଶବ୍ଦଟି ଯୋଡ଼ି ଦେଲେ ସେହି ବିଷୟ ବା ଅନୁଷ୍ଠାନର ମୂଲ୍ୟ ହୁଏତ ଅଧିକ ଲୋକପ୍ରିୟ ହୋଇ ଯାଉଛି । ଅନେକେ ଏହି ଶବ୍ଦଟିର ଅର୍ଥ ସମ୍ବନ୍ଧରେ ସଚେତନ ନ ଥାଇ ମଧ୍ୟ ଏହାର ପ୍ରୟୋଗ କରୁଛନ୍ତି । ତେଣୁ ପଣ୍ଡିତ ନୀଳକଂଠଙ୍କୁ ମାନବତାବାଦୀ କହିଲେ କିମ୍ବା ତାଙ୍କର ଦାର୍ଶନିକ ଚିନ୍ତନକୁ ମାନବତାବାଦ କହିଲେ ତାଙ୍କର ତଥ୍ୟର ସ୍ୱକୀୟତା ଓ ତାଙ୍କର ଦର୍ଶନରେ ନିହିତ ନୂତନତା ସମ୍ବନ୍ଧରେ ଯଥେଷ୍ଟ ଆଲୋକପାତ କରାଯାଇ ପାରିବ ନାହିଁ । ଏହି ଶବ୍ଦଟିର ଅସ୍ପଷ୍ଟ ପ୍ରୟୋଗ ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଂଠଙ୍କ ଅବଦାନ ମଧ୍ୟ ମ୍ଲାନ ହୋଇଯିବାର ଆଶଙ୍କା ଅଛି । ତେଣୁ ଏହି ପ୍ରବନ୍ଧରେ ମୋର ପ୍ରଥମ ଲକ୍ଷ୍ୟ ହେଉଛି "ମାନବତାବାଦ" ଶବ୍ଦଟିର ଏକ ସ୍ପଷ୍ଟ ସଂଜ୍ଞା ନିରୂପଣ କରିବା ଓ ସେହି ପରିପ୍ରେକ୍ଷୀରେ ପଣ୍ଡିତ ନୀଳକଂଠଙ୍କ ମାନବତାବାଦୀ ଦାର୍ଶନିକ ଚିନ୍ତନର ଏକ ବିଶ୍ଳେଷଣ କରିବା ।

ଗ୍ରୀକ୍ ଦାର୍ଶନିକ ପ୍ରୋଟାଗୋରାସ ଖ୍ରୀଷ୍ଟପୂର୍ବ ପଞ୍ଚମ ଶତାବ୍ଦୀରେ ଘୋଷଣା କରିଥିଲେ ମଣିଷ ହିଁ ସବୁ ତଥ୍ୟର ମୂଳ— Man is the measure of all things; of what is, that it is; and of what it is not, that is not "କେତେକ ପ୍ରୋଟାଗୋରାସଙ୍କୁ ମାନବତାବାଦୀ ଦର୍ଶନର ପ୍ରଥମ ଚିନ୍ତକ ବୋଲି କହିଥାଆନ୍ତି । କିନ୍ତୁ ପ୍ରୋଟାଗୋରାସଙ୍କ ଏହି ମତବାଦ ତତ୍କାଳୀନ ଗ୍ରୀସ୍‌ରେ ପ୍ରଚଳିତ ଇନ୍ଦ୍ରିୟାନୁଭବବାଦ ଓ ବୁଦ୍ଧିବାଦ ବିରୁଦ୍ଧରେ

Digitized by PPRACHIN, SOA

ଏକ ପ୍ରତକ୍ରିୟା । ସେଥିରେ ବ୍ୟକ୍ତିବୌଦ୍ଧିକ ମତାମତର ସତ୍ୟତା ଓ ବ୍ୟକ୍ତିଗତ ଅନୁଭୂତ ହିଁ ସତ୍ୟାସତ୍ୟର ନିର୍ଦ୍ଧାରକ ବୋଲି ଜୋର ଦିଆଯାଇଛି । ଏଥିରେ ପୂର୍ଣ୍ଣାଙ୍ଗ ମାନବ ସତ୍ତାର କଳ୍ପନା ସ୍ଥାନ ପାଇନାହିଁ । ପରବର୍ତ୍ତୀ ପଶ୍ଚାତ୍ୟ ଦର୍ଶନର ଇତିହାସରେ "ପୂର୍ଣ୍ଣାଙ୍ଗ ମାନବ ବିଷୟକ କଳ୍ପନା ପ୍ରାୟ ଲୁପ୍ତ । ଊନବିଂଶ ଶତାବ୍ଦୀର ଶେଷ ଭାଗରେ ଉଇଲିଅମ ଜେମ୍ସ ଓ ସିଲର ପ୍ରଭୃତି ଦାର୍ଶନିକ ମାନେ ମାନବକୁ ଦର୍ଶନର କେନ୍ଦ୍ରବିନ୍ଦୁ ରୂପେ ପ୍ରତିପାଦିତ କରିବାର ଚେଷ୍ଟା କରିଥିଲେ । କିନ୍ତୁ ପାଶ୍ଚାତ୍ୟ ଜଗତରେ ମାନବତା ବାଦ ସମ୍ବନ୍ଧରେ ସଚେତନତା ଅପେକ୍ଷାକୃତ ନୂତନ । ୧୯୩୩ ମସିହାରେ Humanist Manifesto(୨) ନାମକ ଇସ୍ତାହାରରେ କେତେଜଣ ଆମେରିକୀୟ ଦାର୍ଶନିକ ଏହାକୁ ଏକ ନିର୍ଦ୍ଦିଷ୍ଟ ରୂପରେଖ ଦେଇଥିଲେ । ୧୯୭୩ ମସିହାରେ ମାନବତାବାଦୀ ଗୋଷ୍ଠୀର ଦ୍ୱିତୀୟ ଇସ୍ତାହାର ପ୍ରକାଶିତ ହୋଇଥିଲା । ଏହାର ଲକ୍ଷ୍ୟ ଓ ରୂପରେଖ ସହିତ ପଣ୍ଡିତ ନୀଳକଣ୍ଠଙ୍କ ଦାର୍ଶନିକ ବିଚାର ଧାରାର ସାମଞ୍ଜସ୍ୟ ସୂଚାଇ ଦିଏ ଯେ ସେ ତାଙ୍କର ଚିନ୍ତା ଓ ଚେତନାରେ କେତେ ଅଗ୍ରଗାମୀ ଥିଲେ । ତାଙ୍କର "ଆର୍ଯ୍ୟ ଜୀବନ" ଓ "ଶ୍ରୀମଦ୍ ଭଗବତ ଗୀତା" ଭାଷ୍ୟରେ ମାନବତା ବାଦର ଯେଉଁ ଦାର୍ଶନିକ ଆଲୋଚନା ଅଛି ତାହା ପାଶ୍ଚାତ୍ୟ-ଜଗତ ମାନବତା ଗୋଷ୍ଠୀର ଇସ୍ତାହାରରେ ମଧ୍ୟ ପ୍ରକଟିତ ହୋଇପାରିନାହିଁ । ହୁଏତ ପଣ୍ଡିତ ନୀଳକଣ୍ଠଙ୍କ ପୁସ୍ତକ ଗୁଡ଼ିକ ଇଂରାଜୀ ଭାଷାରେ ରଚିତ ହୋଇଥିଲେ, ସେ "ମାନବତାବାଦ" ର ଏକ ପ୍ରମୁଖ ପ୍ରବର୍ତ୍ତକ ବୋଲି ପରିଗଣିତ ହୋଇ ଥାଆନ୍ତେ । ମୁଁ ଏହି ପ୍ରବନ୍ଧରେ ପ୍ରଥମେ ପଶ୍ଚାତ୍ୟ ମାନବତାବାଦୀ ଗୋଷ୍ଠୀର ଇସ୍ତାହାରର ମୂଳ ଲକ୍ଷ୍ୟ ଓ ଆଭିମୁଖ୍ୟ ସମ୍ବନ୍ଧରେ କିଛି ସୂଚନା ଦେବାକୁ ଚାହେଁ । ଏପରି କରିବାର କାରଣ ଦୁଇଟି, ପ୍ରଥମତଃ ମାନବତାବାଦ ପ୍ରକୃତରେ କଣ ବୁଝାଏ ତାହା ସମ୍ବନ୍ଧରେ ଏକ ସମ୍ୟକ ଧାରଣା କରିବା ଓ ଦ୍ୱିତୀୟତଃ ଏହି ଆଲୋଚନାର ପୃଷ୍ଠଭୂମିରେ ପଣ୍ଡିତ ନୀଳକଣ୍ଠଙ୍କ ଦାର୍ଶନିକ ସ୍ୱକୀୟତାର ସୂଚନା ଦେବା ।

Humanist Manifesto I ଓ II ଅନୁସାରେ "ମାନବତା ବାଦ" ମୂଳତଃ ଏକ "ଧର୍ମ" । ଏହି ଧର୍ମର ଆଭିମୁଖ୍ୟ ହେଉଛି "ମାନବ" ପ୍ରତ୍ୟୟକୁ 'ଧର୍ମ' 'ସମାଜ' 'ନୀତି ଶାସ୍ତ୍ର' ତଥା ଜାତୀୟତାର କେନ୍ଦ୍ର ବିନ୍ଦୁ ବୋଲି ପ୍ରତୀତ କରିବା । ତେଣୁ ଏହି ଧର୍ମୀୟ ଚେତନାରେ ଅତିନ୍ଦ୍ରିୟ ସତ୍ତାର କୌଣସି ସ୍ଥାନନାହିଁ । ଏହା ଜୀବନ ସମ୍ବନ୍ଧରେ ନୈତି ମୂଳକ ଧାରଣାର ବିରୋଧକରେ । ମାନବ ଜୀବନର ପୂର୍ଣ୍ଣାଙ୍ଗ ବିକାଶ ତଥା ମାନବ ପ୍ରତ୍ୟୟର ସନାତନତା ଓ ସାର୍ବଜନୀନତା ପ୍ରତିଷ୍ଠା ଏହାର ଆଦର୍ଶ । ଏହି ପ୍ରକାର ବିଚାରଧାରାକୁ ହିଁ କେତେକ କ୍ଷେତ୍ରରେ ମାନବତା-ବାଦ ବୋଲି କୁହାଯାଇଥାଏ ।



Digitized by PPRACHIN, SOA

ପଣ୍ଡିତ ନୀଳକଂଠ ତାଙ୍କର ରଚିତ "ଆର୍ଯ୍ୟ ଜୀବନ" ଓ "ଶ୍ରୀମଦ୍-ଭାଗବତଗୀତା"ର ଭାଷ୍ୟରେ ଆର୍ଯ୍ୟଧର୍ମ,ବୌଦ୍ଧ ଧର୍ମ ତଥା ଗୀତା ଧର୍ମର ବିଶ୍ଳେଷଣ କରି ଏଥିରେ ନିହିତ ଥିବା ଯେଉଁ ଶାଶ୍ୱତ ସତ୍ୟ ଗୁଡ଼ିକୁ ଭାରତ ତଥା ବିଶ୍ୱର ଧର୍ମାନ୍ଧ ଜନତାର ସମ୍ମୁଖରେ ରଖିବାର ପ୍ରୟାସ କରିଛନ୍ତି, ତାହା ଅତୀବ ଗୁରୁତ୍ୱପୂର୍ଣ୍ଣ । ଆର୍ଯ୍ୟ ଧର୍ମ, ବେଦ ଧର୍ମ ତଥା ଗୀତା ଧର୍ମକୁ ଅଧିକାଂଶ ଭାରତୀୟ Religion ଅର୍ଥରେ ବୁଝିଛନ୍ତି । ତେଣୁ ଏ ଗୁଡ଼ିକୁ ଅତି-ମାନବୀୟ ଈଶ୍ୱର ସମ୍ବନ୍ଧୀୟ ବିଚାରଧାରା ବୋଲି ସାଧାରଣତଃ ଗଣନା କରାଯାଏ । କିନ୍ତୁ ଏଥିରେ ନିହିତ ଥିବା ମାନବିକତା ଭିତ୍ତିକ ଚିନ୍ତାଧାରାକୁ ସଞ୍ଜୀବିତ କରି ପଣ୍ଡିତ ନୀଳକଂଠ ଏକ ନୂତନ ଦିଗ୍‌ଦର୍ଶନ ଦେଇଛଂନ୍ତି । ହୁଏତ ଅନେକେ ପ୍ରଶ୍ନ କରିପାରନ୍ତି, ଧର୍ମରେ ମାନବତାବାଦର ସ୍ଥାନ କେଉଁଠି ? ଏହାର ବିଚାର କରିବାକୁ ହେଲେ ଆମକୁ ପ୍ରଧାନତଃ ଦୁଇଟି ଶବ୍ଦର ବିଚାର କରିବାକୁ ହେବ— ୧) ମନୁଷ୍ୟ କ'ଣ, ୨) ଧର୍ମ କ'ଣ ?

ପୂର୍ବରୁ ସୂଚିତ ହୋଇଛି ଯେ ମାନବତାବାଦର କେନ୍ଦ୍ର ହେଉଛି ମାନବ ବା ମନୁଷ୍ୟ । କିନ୍ତୁ ମନୁଷ୍ୟ କ'ଣ ? ଏହା କ'ଣ କେବଳ ଅଙ୍ଗ ପ୍ରତ୍ୟଙ୍ଗ ଓ ଦେହର ସମଷ୍ଟି ନା ମନୁଷ୍ୟର ମନୁଷ୍ୟତ୍ୱ ତାହାର 'ଆତ୍ମା'ରେ ହିଁ ନିହିତ ?

ମାନବର କଳ୍ପନା ସାଧାରଣତଃ 'ମୁଁ'ତ୍ୱ ବା 'ଆତ୍ମଭାବ' ଉପରେ ପର୍ଯ୍ୟବସିତ । ଏହି 'ମୁଁ'ତ୍ୱ ବା ଅହଂକାର, ପଣ୍ଡିତ ନୀଳକଂଠଂକ ମତରେ ଦର୍ଶନ, ଧର୍ମ ଓ ସମାଜର ମୂଳଭିତ୍ତି । ସେ ତାଙ୍କର ଦର୍ଶନରେ ଏହାକୁ ହିଁ ସର୍ବୋଚ୍ଚ ସ୍ଥାନ ଦେଇଛନ୍ତି । ତାଙ୍କ ମତରେ–"ସୂର୍ଯ୍ୟ ନ ଥିଲେ ଜୀବ ଜଗତରେ ସୌନ୍ଦର୍ଯ୍ୟ ଓ ଜୀବନ ନାହିଁ । ଗ୍ରହ ନଥିଲେ ସୂର୍ଯ୍ୟର ବଦାନ୍ୟତା ବା ଉପଯୋଗିତା ମଧ୍ୟ ନାଇ । ସେହିପରି ମୁଁ ନ ଥିଲେ ବିଶ୍ୱ ନାଇ, ବିଶ୍ୱ ନ ଥିଲେ ମୁଁ ନାଇ । ଅର୍ଥାତ୍ ମୁଁ ସେହି ସୋଽହଂ । ଏହାହିଁ ଜୀବନର ଆଦର୍ଶ ଓ ଏହାହିଁ ତାହାର ମୁକ୍ତି ।" (୩)

କିନ୍ତୁ ଏହି 'ମୁଁ' କାହାକୁ କହିବା ? ମୋର ଦେହ ଓ ଅଙ୍ଗ ପ୍ରତ୍ୟଙ୍ଗର ସମଷ୍ଟି କ'ଣ ମୁଁ, ନା ମୋର ଆତ୍ମା ହିଁ ମୁଁ ? ଏହି 'ମୁଁ'ର ସଜ୍ଞାନେଇ ବିଶ୍ୱ-ଦର୍ଶନରେ ଦୁଇଟି ସଂଘର୍ଷମୟ ବିଚାରଧାରା ଗଢି ଉଠିଛି । ଯେଉଁ ଦାର୍ଶନିକମାନେ ଦେହକୁ ହିଁ 'ବ୍ୟକ୍ତିତ୍ୱ' ବା' ମୁଁତ୍ୱର ନିର୍ଦ୍ଧାରକ ବୋଲି କହନ୍ତି, ସେମାନେ ଜଡ଼ବାଦୀ, ଅନ୍ୟ ଦିଗରେ ଯେଉଁମାନେ ଦେହକୁ କ୍ଷୟଶୀଳ ଓ ପରିବର୍ତ୍ତନଶୀଳ କହି 'ଆତ୍ମା'କୁ ହିଁ ବ୍ୟକ୍ତିତ୍ୱର ଭିତ୍ତି ବୋଲି ଧରନ୍ତି, ସେମାନେ 'ଆତ୍ମାବାଦୀ' (spiritualist) । କିନ୍ତୁ ପଣ୍ଡିତ ନୀଳକଂଠଂକର 'ମୁ'ତ୍ୱ ବା 'ବ୍ୟକ୍ତିତ୍ୱ'ର ବିଶ୍ଳେଷଣ ସମ୍ପୂର୍ଣ୍ଣ ସ୍ୱତନ୍ତ୍ର—ଏଥିରେ ଦେହ ଓ ଆତ୍ମାର କୌଣସି ସଂଘର୍ଷ ନାହିଁ ।



Digitized by PPRACHIN, SOA

ତାଙ୍କ ମତରେ "ମଣିଷର ଦୈହିକ, ବାଚକ, ମାନସିକ କର୍ମରେ ହିଁ ବ୍ୟକ୍ତିତ୍ୱ ବା ଆତ୍ମାର ବିକାଶ"। ଅର୍ଥାତ୍, 'ମୁଁ'ତ୍ୱର ପ୍ରକାଶ କର୍ମରେ। କର୍ମ ନ ଥିଲେ ଆମେ ବ୍ୟକ୍ତିତ୍ୱର ସ୍ଥିତି ସମ୍ବନ୍ଧରେ ଧାରଣା କରି ପାରିବୁ ନାହିଁ। ଯେପରି ସୂର୍ଯ୍ୟ ଯଦି କିରଣ ନ ଦିଏ ତେବେ ସୂର୍ଯ୍ୟର କଳ୍ପନା କରିଯାଇ ପାରିବ କି ? କିନ୍ତୁ 'ମୁଁ' ବା ବ୍ୟକ୍ତିତ୍ୱ ପୁଣି କର୍ମର "ବୁଜୁଲା" ମଧ୍ୟ ନୁହେଁ। ଏହାର ସତ୍ତା ଅଛି। କର୍ମରେ ହିଁ 'ମୁଁ'ତ୍ୱର ପ୍ରକାଶ ହୁଏ, ମାତ୍ର ସେ ନିଜେ କୌଣସି କର୍ମ ନୁହେଁ। ଏହି ବିଶ୍ଳେଷଣ ଦ୍ୱାରା ନୀଳକଂଠ ମାନବକୁ କେନ୍ଦ୍ର କରି 'ଜଡ଼ବାଦ' ଓ 'ଆତ୍ମାବାଦ'ର ଯୁଗ ଯୁଗ ଧରି ଚାଲି ଆସିଥିବା ପରସ୍ପର ବିରୋଧି ପ୍ରତ୍ୟୟର ସମନ୍ୱୟ ଆଣିଛନ୍ତି।

କର୍ମ ଦ୍ୱାରା ବ୍ୟକ୍ତିତ୍ୱର ବିକାଶ ହୋଇଥାଏ। କିନ୍ତୁ ବିଶ୍ୱ ଓ ସମାଜ ବିନା ମଧ୍ୟ 'କର୍ମ'ର କୌଣସି ଅର୍ଥ ନାହିଁ। ପ୍ରତ୍ୟେକ 'ବ୍ୟକ୍ତି' ବା ବସ୍ତୁର କର୍ମ ଅନ୍ୟ ବ୍ୟକ୍ତିର ବା ବସ୍ତୁର କର୍ମ ଦ୍ୱାରା ପ୍ରଭାବିତ। ପଣ୍ଡିତ ନୀଳକଂଠ ଅତି ସାଧାରଣ ଉଦାହରଣ ଦ୍ୱାରା ଏହି ଗୂଢ଼ ତଥ୍ୟଟି ବୁଝାଇ ଦେଇଛନ୍ତି। ଗୋଟିଏ ପତ୍ର ସୂର୍ଯ୍ୟକିରଣ ସଂଗ୍ରହ କରି, ଅଙ୍ଗାର ପରମାଣୁ ଏକତ୍ରିତ କରି, ଖାଦ୍ୟ ସଂଗ୍ରହ କରି ଗଛକୁ ବିତରଣ କରେ। ତା'ର ଏହି କର୍ମ ଅଣୁ, ସୂର୍ଯ୍ୟ, ବାୟୁ, ଚତୁର୍ଦ୍ଦିଗର ଆକର୍ଷଣ ବିନା ଅସମ୍ଭବ। ପ୍ରତ୍ୟେକ ବ୍ୟକ୍ତିର କର୍ମ ଅନ୍ୟ କେତେକ କର୍ମର ଅପେକ୍ଷାରେ ରହିଛି। ପରସ୍ପର ଭିତରେ ଆଦାନ-ପ୍ରଦାନ ଓ ଆପେକ୍ଷିକତା ବିନା କର୍ମର ପରିପ୍ରକାଶ ଅସମ୍ଭବ। କର୍ମ ମାଧ୍ୟମରେ ହିଁ ଏହି ସମାଜ, ବିଶ୍ୱ ଓ ବ୍ୟକ୍ତିତ୍ୱ ବନ୍ଧା ହୋଇଅଛି। ଏହାକୁ ହିଁ ସେ ଧର୍ମ ବୋଲି କହିଛନ୍ତି। 'ଧର୍ମ' ଶବ୍ଦର ବିଶ୍ଳେଷଣ କରି ସେ କହିଛନ୍ତି "ଧର୍ମ ଶବ୍ଦ ଧୃ ଧାତୁ (ଧାରଣ କରିବା)ରୁ ବାହାରିଚି। ଏହାହିଁ ସ୍ଥିର ଯେ ଯହିଁରେ (ସକଳ ପ୍ରକାର) ଧାରଣ ହୁଏ ତାହାହିଁ ଧର୍ମ" (୪)। ତାଙ୍କ ମତରେ ଆର୍ଯ୍ୟ ଧର୍ମ ତଥା ଭାରତୀୟ ପରମ୍ପରାରେ ଧର୍ମର ଭିତ୍ତି ହେଉଛି ନିଜ କର୍ତ୍ତବ୍ୟର ଅବଧାରଣା ଓ ସାଧନା। ସ୍ୱକର୍ମରେ ନିୟୋଜିତ ହେବା ଦ୍ୱାରା ହିଁ ସମାଜ ତଥା ବିଶ୍ୱ ପରସ୍ପର ସଂଯୋଜିତ ହୋଇ ରହିଛନ୍ତି। ଏହି ଅର୍ଥରେ ହିଁ ସେ କହିଛନ୍ତି "ମୁଁ ନ ଥିଲେ ବିଶ୍ୱ ନାଇ କିମ୍ବା ବିଶ୍ୱ ନ ଥିଲେ ମୁଁ ନାଇ"। ଏଠାରେ Religion ଶବ୍ଦର ଅର୍ଥ ଓ ଭାରତୀୟ ପରମ୍ପରାରେ ପ୍ରଚଳିତ ଧର୍ମ ଶବ୍ଦର ଅର୍ଥରେ ପାର୍ଥକ୍ୟ ନିହିତ। ଅନ୍ୟାନ୍ୟ ପରମ୍ପରାରେ ଧର୍ମ ଶବ୍ଦର ଅର୍ଥ ହେଉଛି 'ପାରଲୌକିକ' ସୁଖ ମାର୍ଗ। ଏହି ଅର୍ଥରେ ଧର୍ମର ପାଳନ କରିବା ଅର୍ଥ ହେଉଛି ପରଲୋକର ସୁଖ ନିମନ୍ତେ କେତେକ ଉପଚାର ପାଳନ କରିବା। ଏଠାରେ ଯୁକ୍ତିର ସ୍ଥାନ ନାହିଁ। ବିଶ୍ୱାସ ହିଁ ତାହାର ଭିତ୍ତି। ଏହି ପ୍ରକାର ଧର୍ମ ଧାରଣାକୁ ସେ ଅନ୍ୟତ୍ର 'ପ୍ରକାଶ ଧର୍ମ' ବୋଲି କହିଛନ୍ତି। ଏହି ଧର୍ମରେ ବିଶ୍ୱର ଆଧାତ୍ମ ବା ଆତ୍ମା ସହିତ ଧର୍ମର ସମ୍ପର୍କ ନାହିଁ। ଏହା ଭୌତିକ



Digitized by PPRACHIN, SOA

ଧର୍ମ ମଧ୍ୟ । ଏଥିରେ ବିଶ୍ୱାସ ରଖୁଥିବା ଲୋକେ ଦେବତା ବା ଈଶ୍ୱରଙ୍କୁ ଜଗତର ଊର୍ଦ୍ଧ୍ୱରେ ରହି ଆମକୁ ନିର୍ଦ୍ଦେଶ ଦେବାର କଳ୍ପନା କରନ୍ତି । (୫) କିନ୍ତୁ ଅଧ୍ୟାତ୍ମ ଧର୍ମ ଯୁକ୍ତି ଭିତ୍ତିକ ଓ ଆତ୍ମର ନିର୍ଦ୍ଦେଶ ବା ସ୍ୱକର୍ମରେ ନିୟୋଜିତ ରହିବା ହିଁ ଏହାର ଆଦର୍ଶ ।

ସ୍ୱଧର୍ମେ ନିଧନଂ ଶ୍ରେୟଃ
ପରଧର୍ମୋ ଭୟାବହଃ

ଗୀତାର ଏହି ମହାନ୍ ଉକ୍ତିର ବ୍ୟାଖ୍ୟା ଯେ 'ଧର୍ମ' ଶବ୍ଦର ଉପରୋକ୍ତ ଅର୍ଥର ଭିତ୍ତିରେ ହିଁ କରି କହିଛନ୍ତି ଯେ ସୃଷ୍ଟି ସାରା ସମସ୍ତେ ସ୍ୱଧର୍ମରେ କର୍ମ-ନିରତ । ଅନ୍ୟର କର୍ମ ସୁଖକର ବୋଲି ଯଦି ପ୍ରତ୍ୟେକ ବସ୍ତୁ ନିଜର ସ୍ୱଭାବ ନିୟତ କର୍ମ ତ୍ୟାଗ କରେ ତେବେ ସୃଷ୍ଟିରେ ଭୟାବହ ବିଶୃଙ୍ଖଳା ଦେଖାଦେବ । ଅନେକେ କିନ୍ତୁ ଗୀତାର ଏହି ଶ୍ଳୋକଟିକୁ ନିଜ ଭୌତିକ ଧର୍ମ ଛାଡ଼ି ଅନ୍ୟ ଧର୍ମ ଗ୍ରହଣ କରିବାର ପରିଣତି ଭୟାବହ ହୁଏ ବୋଲି ବ୍ୟାଖ୍ୟା କରିଛନ୍ତି । କିନ୍ତୁ ଗୀତା ଧର୍ମ ତଥା ଆର୍ଯ୍ୟ ଧର୍ମ ସନାତନ । ତେଣୁ ଏହି ସଭ୍ୟତାରେ "ଧର୍ମାନ୍ତର" ଶବ୍ଦର ପ୍ରୟୋଗ ନାହିଁ । ଧର୍ମାନ୍ତର କଥା କେଉଁଠୁ ଆସିବ ? କାରଣ ଆର୍ଯ୍ୟ ଧର୍ମ ଅନୁସାରେ ବିଶ୍ୱରେ ଧର୍ମ ଏକ ଏବଂ ଏଥିରେ ସମସ୍ତେ ସ୍ୱଧର୍ମ ବା ସ୍ୱକର୍ମ ପାଳନରେ ନିୟୋଜିତ ଥାଆନ୍ତି । ଏଥିରେ ପାରଲୌକିକ ସୁଖ ବା ଈଶ୍ୱରଙ୍କୁ ପ୍ରୀତ ବା ଅସୁଖୀ କରିବାର କଳ୍ପନା ଆସିବ କେଉଁଠୁ ? ଏହି 'ସ୍ୱଧର୍ମ' ଧାରଣ ହେତୁ ବ୍ୟକ୍ତି ଓ ସମାଜ, ବିଶ୍ୱ ଓ ବ୍ୟକ୍ତି, ଭୋଗ ଓ ତ୍ୟାଗ ମଧ୍ୟରେ କୌଣସି ବିରୋଧ ନାହିଁ-ଅଛି କେବଳ ସମନ୍ୱୟ । ତେଣୁ ସେ କହିଛନ୍ତି-"ଏହାହିଁ ସର୍ବ ଧର୍ମ ସମନ୍ୱୟ ଓ ମାନବୀୟ ଧର୍ମର ଏହାହିଁ ମର୍ମ୍ମ୍ୟେ "

କିନ୍ତୁ 'ଧର୍ମର ଏହି ଗୂଢ଼ ଅର୍ଥ ପାଶ୍ଚାତ୍ୟର ମାନବତାବାଦୀ ମାନେ ହୃଦୟଙ୍ଗମ କରି ପାରିନାହାନ୍ତି । କାରଣ Humanist Manifesto-III ର ପ୍ରସ୍ତାବରେ କୁହାଯାଇଛି ଯେ ମାନବବାଦୀମାନେ ସବୁ ପ୍ରକାର ଧର୍ମ ମଧ୍ୟରେ ଏକତ୍ୱର ବନ୍ଧନ ଆଣିବାକୁ ହେଲେ ସେ ସବୁ ଧର୍ମର ମାନବୀୟ ସତ୍ୟ ଗୁଡ଼ିକ ଆବିଷ୍କାର କରିବା ଉଚିତ- "Concern for ultimate values is common to all relgions. What makes other religions believable is their concern for the ultimate values of human life. The humanistic aspects of other religions are what makes them acceptable as religions" (୬) ଏତଦ୍ ବ୍ୟତୀତ ଏହି ଇସ୍ତାହାରରେ ବ୍ୟକ୍ତିବାଦ-ସମାଜବାଦ, ଆସ୍ତିକତା-ନାସ୍ତିକତା, ଭୋଗବାଦ-ତ୍ୟାଗବାଦ, ଆଦି ପରସ୍ପର ବିରୋଧି ସଜ୍ଞା ଗୁଡ଼ିକ ମଧ୍ୟରେ ସମନ୍ୱୟ ସୂତ୍ରର ଅଭାବ ଥିବା ପରି



Digitized by PPRACHIN, SOA

ଜଣାପଡ଼େ । ୧୯୮୩ ମସିହାରେ ମଧ୍ୟ ପାଶ୍ଚାତ୍ୟ ବାଦୀମାନେ ମାନବୀୟ ଏକତାର ସୂତ୍ର ଖୋଜିବାରେ ବ୍ୟସ୍ତ ଥିଲେ । କିନ୍ତୁ ପଣ୍ଡିତ ନୀଳକଂଠ ଏହାର ବହୁପୂର୍ବରୁ ମାନବତାବାଦର ମୂଳ ତତ୍ତ୍ୱ ସମ୍ବନ୍ଧରେ ସୂଚାଇ ଦେଇଛନ୍ତି- ତାଙ୍କର ଭାଷାରେ-"ଆଜି ସମସ୍ତଙ୍କୁ ଜାତିବର୍ଣ୍ଣ ନିର୍ବିଶେଷରେ ଏକ କରିବାର ଯେଉଁ ପ୍ରୟାସ ଚାଲିଚି, ତାହା କୃତ୍ରିମ ପ୍ରକାଶ ଧର୍ମକୁ ଘେନି ଚାଲିଚି । ...ଏହା ମନେ ରଖିବାକୁ ହେବ ଓ ଦେଖିବାକୁ ହେବ ଏଇ 'ଆତ୍ମଭାବ' ବା ଏକ ଭାବରେ ଭାରତର ଦର୍ଶନ ଚିରକାଳ ବ୍ୟକ୍ତିଭାବର ଭେଦ ଗୁଡ଼ିକ ଅନ୍ତରରେ ସବାଉପରକୁ ଉଠିଚି ଓ ଗୀତାରେ ସେଇ ଧର୍ମ ପ୍ରଚାର ପାଇଚି । (୭)

ଏହି ଆଲୋଚନାରୁ ସ୍ପଷ୍ଟ ପ୍ରତୀତ ହୁଏ ଯେ ପଣ୍ଡିତ ନୀଳକଂଠଙ୍କର ମାନବତାବାଦ କେବଳ ଏକ ପ୍ରଚାର ମୂଳକ ସଜ୍ଞା ନୁହେଁ । 'ଗୀତା' ଓ 'ଆର୍ଯ୍ୟ' ଧର୍ମର ବିଶ୍ଳେଷଣ କରି ସେ ଯେଉଁ ମାନବତା ବାଦର ନିର୍ଯ୍ୟାସ ଦେଇ-ଯାଇଛନ୍ତି, ତାହା ଦର୍ଶନର ଇତିହାସରେ ବିରଳ । ତେଣୁ ପଣ୍ଡିତ ନୀଳକଂଠଙ୍କୁ ଜଣେ ଶ୍ରେଷ୍ଠ ମାନବତାବାଦୀ ଦାର୍ଶନିକ କହିଲେ ସତ୍ୟର ଅପଲାପ ହେବ ନାହିଁ ।

## ଟିପ୍ପଣୀ:-

୧। ପଣ୍ଡିତ ନୀଳକଂଠ ଚିନ୍ତାଧାରାକୁ ମାନବତାବାଦ ଭିତ୍ତିକ ବୋଲି ଡକ୍ଟର ବିଜୟାନନ୍ଦ କର ପ୍ରଥମେ ସୂଚାଇଛନ୍ତି । ତାଙ୍କ ପ୍ରବନ୍ଧ "ପଣ୍ଡିତ ନୀଳକଂଠ ଓ ମାନବତାବାଦୀ ଧର୍ମ" (ନୀଳକଂଠ ସ୍ମାରକୀ, ୨ୟ ଖଣ୍ଡ, ୧୯୮୪) ଦ୍ରଷ୍ଟବ୍ୟ ।

2. Humanist Manifesto (I) (II) ଓ (III) Humanist Vision Vol-(I),1981,Edited by Bijyananda kar)

୩। ପଣ୍ଡିତ ନୀଳକଂଠ ଦାସ-ଆର୍ଯ୍ୟଜୀବନ, ପୃ—୧୪୫

୪। ,, ଗୀତା ପ୍ରବେଶ, ପୃ—୯୩

୫। ,, ପୀଠିକା, ପୃ–୧୨

6 . Humanist Manisfesto.(III). (Prof A.J.Bahm), Published in Humanist Vision as stated above.

୭। ପଣ୍ଡିତ ନୀଳକଂଠ ଦାସ–ପୀଠିକା, ପୃ—୧୩

ପ୍ରାଧ୍ୟାପିକା, ସ୍ନାତକୋତ୍ତର ଦର୍ଶନ ବିଭାଗ,
ଉତ୍କଳ ବିଶ୍ୱବିଦ୍ୟାଳୟ, ଭୁବନେଶ୍ୱର-୭୫୧୦୦୪

Digitized by PPRACHIN, SOA

# ନୀଳକଂଠଂକ ଦୃଷ୍ଟିରେ ସମାଜ ସଂସ୍କାର ଓ ତାହାର ଦାର୍ଶନିକ ଭିତ୍ତି

ଅଧ୍ୟାପିକା ମେନକା ନନ୍ଦ

ପଣ୍ଡିତ ନୀଳକଂଠ ଜଣେ ନିର୍ଭୀକ ସମାଜ ସଂସ୍କାରକ ଭାବେ ପ୍ରତିଷ୍ଠିତ । ସମାଜର ଜଣେ ଜାଗ୍ରତ ପ୍ରହରୀ ଭାବରେ ସେ ଧର୍ମ ନାମରେ ସମାଜରେ ପ୍ରବେଶ କରିଥିବା କୁସଂସ୍କାରକୁ ଯୁକ୍ତି ଉପସ୍ଥାପନ ପୂର୍ବକ କଟୁ ସମାଲୋଚନା କରିଛନ୍ତି । ଏହି କ୍ଷୁଦ୍ର ପ୍ରବନ୍ଧରେ ପଣ୍ଡିତ ଦାସଙ୍କ ଦୃଷ୍ଟିରେ 'ସମାଜ ସଂସ୍କାର ଓ ତାହାର ଦାର୍ଶନିକ ଭିତ୍ତି' ସମ୍ବନ୍ଧରେ ସଂକ୍ଷିପ୍ତ ଆଲୋଚନା କରାଯାଉଅଛି ।

ମାନବ ସମାଜରେ ଧର୍ମଗତ ନୀତି ପରମ୍ପରା ଓ ଚଳଣି କେତେବେଳେ ସମାଜର ଉନ୍ନତିର ସହାୟକ ତ କେତେବେଳେ ଉନ୍ନତିର ପଥରୋଧକ । ଯୁକ୍ତିଯୁକ୍ତ ବିଚାର ପୂର୍ବକ ପ୍ରାଚୀନ ପରମ୍ପରା ଓ ଚଳଣିକୁ ପରୀକ୍ଷା କରି ଏହାକୁ ଗ୍ରହଣ କରିବା ବା ତ୍ୟାଗ କରିବାକୁ ସେ ଆହ୍ୱାନ ଦେଇଛନ୍ତି । ପଣ୍ଡିତ ନୀଳକଂଠଂକ ମତରେ କୁସଂସ୍କାର ଗୋଟିଏ ଚିତ୍ତବୃତ୍ତି । ଏହା କାରଣ ନ ବୁଝି ପଶୁପରି କାର୍ଯ୍ୟ କରିଯିବାର ଗୋଟିଏ ପ୍ରବୃତ୍ତି । 'ତେଣୁ ଯାହା ଚଳିଚି ସେଇଆ କରିଯିବା ଉଚିତ' । ଏହା ରକ୍ଷଣଶୀଳତାର ପରିମାପକ । ତାଙ୍କ ମତରେ ଶାସ୍ତ୍ର, ଉପଦେଶ ଓ ସାମାଜିକ ଅନୁଷ୍ଠାନ ମନୁଷ୍ୟର କାର୍ଯ୍ୟ ଓ ମନୁଷ୍ୟର ସମାଲୋଚ୍ୟ । ଏହା 'ବେଦର ଗାର' ନୁହେଁ । ନିଜର ସ୍ୱାଧୀନ ଚିନ୍ତା ଓ ବିଚାରବୁଦ୍ଧିର ମାନଦଣ୍ଡରେ ଅନୁଧ୍ୟାନ, ଅନୁଶୀଳନ ପୂର୍ବକ ସାମାଜିକ ଚଳଣି ଯୁକ୍ତିଯୁକ୍ତ ଓ ସମାଜର କଲ୍ୟାଣପ୍ରଦ ହେଲେ ଗ୍ରହଣୀୟ, ଅନ୍ୟଥା ବର୍ଜନୀୟ । ସମାଜ ସଂସ୍କାର କାର୍ଯ୍ୟରେ ତାଙ୍କର ବଳିଷ୍ଠ ଯୁକ୍ତି ପ୍ରମାଣ ଓ ନିର୍ଭୀକତା ଅନୁକରଣୀୟ । ତତ୍କାଳୀନ ସାମାଜିକ ଚଳଣି ସବୁକୁ ନିଜର ବିଚାର ବୁଦ୍ଧି ଓ ଅଭିଜ୍ଞତାର କଷଟି ପଥରରେ ବିଭିନ୍ନ ବିଷୟକୁ ପରୀକ୍ଷା କରି ସେ ନିର୍ଭୀକଭାବେ ନିଜସ୍ୱ

Digitized by PPRACHIN, SOA

ଝଷ୍ଟତରେ ଉପନୀତ ହୋଇଛନ୍ତି । ପୁରୁଷାନୁକ୍ରମିକ ରକ୍ଷଣଶୀଳ ମନୋଭାବ ବିରୁଦ୍ଧରେ ସେ ଲେଖିଥିଲେ ପ୍ରବନ୍ଧ 'ଅଛୁ ଓ ହେବୁ' । ଯେଉଁମାନେ 'ପୁରୁଣା'କୁ ଜାବୁଡ଼ି ଧରି 'ନୂତନ'କୁ ବକ୍ର ଦୃଷ୍ଟିରେ ଦେଖନ୍ତି, ସେମାନଙ୍କ ବିରୁଦ୍ଧରେ ନୀଳକଂଠ ପ୍ରକୃତ ନୀଳକଂଠ ସାଜି ତାଣ୍ଡବ ନୃତ୍ୟ କରିଥିଲେ । ଶାସନୀ ବ୍ରାହ୍ମଣ ହୋଇ କଣ ରଖିବା ଧର୍ମ ବିରୋଧି କାର୍ଯ୍ୟ ରୂପେ ଧରାଯିବାବେଳେ ସେ କଣ ରଖି ଏହି କୁସଂସ୍କାର ବିରୁଦ୍ଧରେ ଦୃଢ଼ତାର ସହ ଠିଆ ହେଲେ । ସମାଜର ଜାତିଭେଦ ଓ ଅସ୍ପୃଶ୍ୟତା ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ରକ୍ଷଣଶୀଳ ଶାସନୀ ବ୍ରାହ୍ମଣ ସମାଜର ଶରବ୍ୟ ହେଲେ । ସତ୍ୟବାଦୀ ବନ ବିଦ୍ୟାଳୟ ଛାତ୍ରାବାସରେ ଆଗ୍ରଣ୍ଡାଳ-ବ୍ରାହ୍ମଣ ପଂକ୍ତିଭୋଜନର ବ୍ୟବସ୍ଥା କରାଇଥିଲେ । ବନବିଦ୍ୟାଳୟର ଶିକ୍ଷକ ଜୀବନରେ ସମାଜସେବା, ରୋଗୀସେବା ସହିତ ସମାଜରେ ଥିବା ଏ ସମସ୍ତ କୁସଂସ୍କାର ବିରୁଦ୍ଧରେ ସେ ସ୍ୱର ଉତ୍ତୋଳନ କରିଛନ୍ତି । କାରଣ ଅସ୍ପୃଶ୍ୟତା ସମାଜ ଉନ୍ନତିର ପଥରୋଧକ । ଏହା ସମାଜ ବିଭକ୍ତିକରଣର ସହାୟକ ମାତ୍ର ।

ତତ୍କାଳୀନ ଓଡ଼ିଶାର ଅନ୍ୟତମ ସମାଜ ସଂସ୍କାରକ ଶ୍ରୀ ବୈରାଗୀ ଚରଣ ମିଶ୍ରଙ୍କ ପ୍ରବନ୍ଧ 'ବ୍ୟକ୍ତି ଓ ସମାଜ'ରେ ଅନୁରୂପ ଚିନ୍ତାଧାରା ପ୍ରଣିଧାନଯୋଗ୍ୟ । ବୈରାଗୀ ମିଶ୍ରଙ୍କ ମତରେ "ସତ୍ୟାସତ୍ୟ, ନ୍ୟାୟାନ୍ୟାୟ, ଭଲମନ୍ଦ ଇତ୍ୟାଦି ବିଗ୍ଭର କରି କର୍ମ କରିବା ପାଇଁ ପ୍ରତ୍ୟେକ ବ୍ୟକ୍ତିର ବିବେକ ଶକ୍ତି ଅଛି । ସେହି ବିବେକ-ଶକ୍ତି ସମାଜର ନାହିଁ × × × ଆବହମାନ କାଳରୁ ସମାଜବଦ୍ଧ ହୋଇ ରହିଥିବାରୁ ଏବଂ ସମାଜର ଅଧିକାଂଶ ଲୋକ ଯାହା କରୁଅଛନ୍ତି ସେହି ସବୁର ଅନ୍ଧାନୁସରଣରେ ଅଭ୍ୟସ୍ତ ରହିଥିବାରୁ ଆମେ ପ୍ରତ୍ୟେକ ବ୍ୟକ୍ତି ନିଜ ନିଜର ସ୍ୱାଧୀନଚିନ୍ତାରେ ଓ ବିବେକ ବୁଦ୍ଧିରେ ଗ୍ଭଡିଦେଇ ଅନ୍ଧଭାବରେ କାଳଯାପନ କରୁଅଛୁ । × × × ଅଭ୍ୟାସ ଦୃଷ୍ଟିରୁ ଆମେ ଏତେ ଅଳସୁଆ ହୋଇ ଯାଇଅଛୁ ଯେ ନୂଆ ପ୍ରଣାଳୀରେ ଚିନ୍ତା କରିବା ଏବଂ ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ କର୍ମ କରିବା ଆମ୍ଭମାନଙ୍କୁ କଷ୍ଟସାଧ୍ୟ ବୋଧ ହେଉଅଛି ଏବଂ ପୁରୁଣା ପ୍ରଣାଳୀ ସବୁର ଅନ୍ଧାନୁସରଣ କରୁଥିବା ଆମ୍ଭମାନଙ୍କୁ ବିଶେଷ ସୁବିଧାଜନକ ବୋଧ ହେଉଅଛି ।"

ଉଭୟ ସଂସ୍କାରକଙ୍କ ମତରେ ରକ୍ଷଣଶୀଳତା ଜଡ଼ବତ୍ ହିନ୍ଦୁ ସମାଜର ପ୍ରତୀକ । ସ୍ୱାଧୀନଚିନ୍ତା ଓ ବିବେକବୁଦ୍ଧିର ପ୍ରୟୋଗରେ ଅହିତକର ଅଯୌକ୍ତିକ ପରମ୍ପରାର ମୂଳୋତ୍ପାଟନ ସର୍ବାଦୌ କର୍ତ୍ତବ୍ୟ । ପଣ୍ଡିତ ନୀଳକଂଠ 'ସମାଜ ସଂସ୍କାର' ନାମରେ ପୁରାତନ ସାମାଜିକ ପରମ୍ପରାର ସମୂଳ ଧ୍ୱଂସ ସାଧନର ପକ୍ଷପାତୀ ନୁହନ୍ତି । ତାଙ୍କ ମତରେ ସମାଜ ସଂସ୍କାରର ମୁଖ୍ୟ ଲକ୍ଷ୍ୟ ନୁହେଁ ପୁରାତନର ମୂଳୋତ୍ପାଟନ । "କେବଳ ପ୍ରାଚୀନତା" "ପ୍ରାଚୀନତା" ବୋଲି ପାରମ୍ପାରିକତାକୁ ଉଚ୍ଛେଦ କଲେ ନୂତନତା ସ୍ଥାପିତ ହୁଏ ନାହିଁ । ତାଙ୍କ ମତରେ "ପ୍ରାଚୀନ



Digitized by PPRACHIN, SOA

ଅତଏବ ହୀନ" ଏକ ବିତଣ୍ଡା ଯୁକ୍ତି । ପରନ୍ତୁ "ପ୍ରାଚୀନତାଠାରୁ ଉପାଦାନ ଗ୍ରହଣ କରି ତାକୁ ନୂତନ ଆଦର୍ଶର ଉପଯୋଗୀ କରି ଯୁକ୍ତିଯୁକ୍ତ ଓ ସୁନ୍ଦରଭାବରେ ସମାଜର ନବଗଠନରେ ଖଞ୍ଜି ଦେବା ପ୍ରୟୋଜନ" । "ପ୍ରତ୍ୟେକ ପ୍ରାଚୀନ ସମାଜରେ କୁସଂସ୍କାର ମଧ୍ୟରେ ମଧ୍ୟ ବହୁତ ସାମାଜିକ, ନୈତିକ, ପାରିବାରିକ, ପାରମାର୍ଥିକ ଇତ୍ୟାଦି ତତ୍ତ୍ୱ ପ୍ରଚ୍ଛନ୍ନ ଭାବରେ ରହିଅଛି । ଏହା କେହି ଅସ୍ୱୀକାର କରିପାରିବେ ନାଇ ଓ ସେ ସମସ୍ତ ଏକାବେଳେକେ ଛାଡ଼ିଦେଲେ ସମାଜ ବିଶୃଙ୍ଖଳ ହେବ ।" (୬)

ସମାଜରେ 'ଅଛୁଁ' ଶବ୍ଦ ଯେପରି ଅତୀତ ସ୍ମୃତି, 'ହେବୁ' ସେହିପରି ଭବିଷ୍ୟତ ସମ୍ଭାବନାରେ ଅବତାରଣା ସ୍ୱରୂପ । ଅତଏବ 'ଅଛୁ' ଓ 'ହେବୁ' କଦାପି ସମ୍ପୂର୍ଣ୍ଣ ରୂପେ ପୃଥକ୍ ହୋଇ ପାରିବେ ନାହିଁ । ପଣ୍ଡିତ ନୀଳକଂଠ ପରମ୍ପରାଗତ ବିଶ୍ୱାସକୁ 'ଅଛୁଁ' ଶବ୍ଦ ରୂପେ ରୂପାୟିତ କରିଛନ୍ତି । ପରାଧୀନଭାବ, ଆଳସ୍ୟ, ଭୀରୁତା 'ଅଛୁଁ' ଶବ୍ଦ ନିକଟରେ ବିଦ୍ୟମାନ । ସେ 'ହେବୁ' ଶବ୍ଦକୁ ନିର୍ଭୀକ, ସ୍ୱାଧୀନ ଓ ଜୀବନର ସତ୍ୟନିଷ୍ଠ ଦିଗ ରୂପେ ଅଭିହିତ କରିଛନ୍ତି । ସ୍ୱାଧୀନ ଚିନ୍ତା ଦ୍ୱାରା ବିବେକାନୁମୋଦିତ ପରିବର୍ତ୍ତିତ ପ୍ରଣାଳୀରେ ଜୀବନ ଗଠନ କରି ସମାଜର ମଙ୍ଗଳ କରିବା ସଂସ୍କାରକଙ୍କ ମୁଖ୍ୟ ଉଦ୍ଦେଶ୍ୟ । ସେ ଓଡ଼ିଶାର ସଂସ୍କୃତି, ଧର୍ମ ଚଳଣିକୁ ଧରି ଯୁକ୍ତିଯୁକ୍ତ ମାନବଧର୍ମୀ ଚିନ୍ତାଧାରାରେ ଏକ ନୂତନ ମାର୍ଗ ପ୍ରଦର୍ଶନ କରିଅଛନ୍ତି । ସ୍ୱାଧୀନ ଚିନ୍ତା ଦ୍ୱାରା ପ୍ରଚଳିତ ଧର୍ମାଚାର ଅନୁଶୀଳନ ଓ ଯୁକ୍ତିଯୁକ୍ତ ବିଚାର ଦ୍ୱାରା ସାମାଜିକ ନୂତନ ମୂଲ୍ୟବୋଧ ଉପରେ ସାମାଜିକ ରୀତିଚଳଣିର ମୂଲ୍ୟାୟନ ଦାର୍ଶନିକ ଦୃଷ୍ଟିକୋଣରୁ ଯୁକ୍ତିଯୁକ୍ତ ଓ ତାତ୍ପର୍ଯ୍ୟପୂର୍ଣ୍ଣ ।

ଏଠାରେ ଉଲ୍ଲେଖନୀୟ ଯେ ନୀଳକଂଠଙ୍କ ଦୃଷ୍ଟିରୁ ପ୍ରାଚୀନତା ପ୍ରାଚୀନତା ବୋଲି ଅଗ୍ରାହ୍ୟ ନୁହେଁ କି ନୂତନତା ନୂତନତା ବୋଲି ଗ୍ରାହ୍ୟ ନୁହେଁ । ସେହିପରି ତାଙ୍କ ପକ୍ଷରେ ପ୍ରାଚୀନତା ପ୍ରାଚୀନତା ବୋଲି ଗ୍ରହଣୀୟ ନୁହେଁ କି ନୂତନତା ନୂତନତା ବୋଲି ଅଗ୍ରହଣୀୟ ନୁହେଁ । ଉଭୟ ଏକ ସ୍ୱତନ୍ତ୍ର ତଥା ନିରପେକ୍ଷ ଯୁକ୍ତିଗତ ଏବଂ ମାନବୋଚିତ ବିବେକାନୁମୋଦିତ ମାପକାଠି ଦ୍ୱାରା ପରୀକ୍ଷିତ ତଥା ମୂଲ୍ୟାୟନ ହେବା ଉପରେ ପଣ୍ଡିତ ଦାସ ବରାବର ଗୁରୁତ୍ୱ ଆରୋପ କରି ଯାଇଛନ୍ତି । ଏପରିକି ଧର୍ମୀୟ ଚିନ୍ତନକୁ ଯୁକ୍ତ୍ୟାଶ୍ରିତ କରି ସେ ଏକ ମୌଳିକ ଦର୍ଶନାନୁମୋଦିତ ବ୍ୟାଖ୍ୟାନର ସୂତ୍ରପାତ କରିଛନ୍ତି, ଯାହା ଯେ କୌଣସି ଚିନ୍ତାଶୀଳ ବ୍ୟକ୍ତି ପକ୍ଷରେ ଅବଶ୍ୟ ପ୍ରଣିଧାନଯୋଗ୍ୟ । ସେହି ଦୃଷ୍ଟିରୁ ବିଚାର କଲେ ଭାରତୀୟ ଧର୍ମୀୟ ପରମ୍ପରା ଦାର୍ଶନିକ ଦୃଷ୍ଟିଭଙ୍ଗୀସହ ବିରୋଧାଭାବ ପ୍ରଦର୍ଶନ ନକରି ଏକ ସଂହତି ମୂଳକ ସମ୍ପର୍କ ବରାବର ସ୍ଥାପନ କରିଆସିଅଛି । କାରଣ



Digitized by PPRACHIN, SOA

ଧର୍ମ ଏଠି ପରିପ୍ରେକ୍ଷୀରେ ଅହେତୁକ ରକ୍ଷଣଶୀଳତାରେ ପରିପୂର୍ଣ୍ଣ ରହସ୍ୟାତ୍ମକ ପାରଲୌକିକ 'ରିଲିଜିଅନ' ଅର୍ଥରେ ବ୍ୟବହୃତ ନହୋଇ ଏକ ଯୁକ୍ତିଯୁକ୍ତ ସାର୍ବଜନୀନ ନୈତିକ ମୂଲ୍ୟବୋଧ ଉପରେହିଁ ପ୍ରତିଷ୍ଠିତ ହୋଇଅଛି ।

**ଟୀପ୍ପଣୀ :—**

୧ । "ବ୍ୟକ୍ତି ଓ ସମାଜ" ବୈରାଗୀ ମିଶ୍ର ଗ୍ରନ୍ଥାବଳୀ, କଟକ-୨, ୧୯୮୦, ପୃ-୧୩୫ ।

୨ । "ଅଛୁ ଓ ହେବୁ" ନୀଳକଂଠ ଗ୍ରନ୍ଥାବଳୀ, ତୃତୀୟ ଖଣ୍ଡ, କଟକ-୨, ୧୯୬୭, ପୃ-୪୫୭ ।

୩ । ତତ୍ରୈବ, ପୃ-୪୫୦ ।

ଅଧ୍ୟାପିକା, ଦର୍ଶନ ବିଭାଗ, ରମାଦେବୀ ମହିଳା ମହାବିଦ୍ୟାଳୟ
ଭୁବନେଶ୍ୱର

●



Digitized by PPRACHIN, SOA

# ନୀଳକଂଠଂକ ଦୃଷ୍ଟିରେ ଆର୍ଯ୍ୟଧର୍ମ : ଏକ ଦାର୍ଶନିକ ପର୍ଯ୍ୟାଲୋଚନା

ଅଧ୍ୟାପିକା ରଶ୍ମିରେଖା ପତି

୧୮୮୪ ମସିହା ଅଗଷ୍ଟମାସ ୫ ତାରିଖରେ ଭୂମିଷ୍ଠ ହୋଇଥିବା ପିଲାଟିକୁ ଜାଣିଥିଲେ ହୁଏତ ତାଙ୍କ ବାପା, ମା', ଆତ୍ମୀୟସ୍ୱଜନ ବା ଶ୍ରୀ ରାମଚନ୍ଦ୍ରପୁରର କେତେକ ଗ୍ରାମବାସୀ। ହେଲେ ସେଇ ଜାଣିବାର ପରିସରଟା ଯେ ଧୀରେ ଧୀରେ ବଢ଼ି ବଢ଼ି ଏତେ ବିରାଟ ଆକାର ଧାରଣ କରିବ, ସେକଥା ଜାଣିଥିଲା କିଏ ? ଇଂରାଜୀରେ ଗୋଟିଏ କଥା ଅଛି, "A jack of all trades is master of none"। କିନ୍ତୁ ଏଇ କଥାଟି ଅସାର ବୋଲି ପ୍ରମାଣିତ କରି-ଥିଲେ ପଂଡ଼ିତ ନୀଳକଂଠ। ସେ ଥିଲେ ଏକାଧାରରେ ଶିକ୍ଷକ, ସ୍ୱାଧୀନତା-ସଂଗ୍ରାମୀ, ରାଜନୀତଜ୍ଞ, କବି, ପ୍ରାବଂଧିକ, ସମାଜ ସଂସ୍କାରକ, ଜନସେବକ ଏବଂ ସର୍ବୋପରି ଏକ ମୌଳିକ ଦାର୍ଶନିକ। ଜୀବନ ସାରା ସେ ଥିଲେ ଜ୍ଞାନ ଆହରଣରେ ପ୍ରୟାସୀ, ଖାଲି ଆହରଣ ନୁହଁ, 'ଜ୍ଞାନ ବିତରଣ ମଧ୍ୟ ଥିଲା ତାଙ୍କ ଜୀବନର ଲକ୍ଷ୍ୟ। ପ୍ରଣୟିନୀ, ଖାରବେଳ, ଦାସ ନାୟକ, କୋଣାର୍କେ, ଆର୍ଯ୍ୟଜୀବନ, ପ୍ରଭୃତି ପୁସ୍ତକ ଶିଶୁମାନଙ୍କ ଉଦ୍ଦେଶ୍ୟରେ ରଚିତ ପିଲାଙ୍କ ଭାଗବତ, ରାମାୟଣ, ମହାଭାରତ ତଥା ଅନେକ ସରଳ, ସାବଲୀଳ କବିତା, ଭକ୍ତଗାଥା, ଭଗବତ ଗୀତା ଉପରେ ବିସ୍ତୃତ ଭାଷ୍ୟ ରଚନା, ଓଡ଼ିଆ ସାହିତ୍ୟର କ୍ରମ ପରିଣାମ, ସଂସ୍କୃତ ଓ ସଂସ୍କୃତି, ଭାଷା ଓ ସାହିତ୍ୟ ଏବଂ ନିଜର ଆତ୍ମଜୀବନୀ ପ୍ରଭୃତି ଲେଖାଗୁଡ଼ିକ ତାଙ୍କର ସୁଗଭୀର ପାଣ୍ଡିତ୍ୟର ଯଥାର୍ଥ ଦ୍ୟୋତକ। ଦାର୍ଶନିକ ଦୃଷ୍ଟିକୋଣରୁ ସେ "ଶ୍ରୀମଦ୍ ଭଗବତ ଗୀତା" ଉପରେ ଭାଷ୍ୟ-ରଚନା କରିବା ଅବସରରେ ଏକ ମୌଳିକ ଚିନ୍ତନର ଉପସ୍ଥାପନା କରିଯାଇ-ଛନ୍ତି। 'ଆର୍ଯ୍ୟଜୀବନ' ମଧ୍ୟ ଧର୍ମ ଓ ଦର୍ଶନ ସମ୍ବନ୍ଧୀୟ ତାଙ୍କର ଆଉ ଏକ ଅମୂଲ୍ୟ

Digitized by PPRACHIN, SOA

କୃତ । ଆର୍ଯ୍ୟ ଧର୍ମ ସମ୍ପର୍କରେ ତାଙ୍କର ଗମ୍ଭୀର ଅନୁଶୀଳନ ତଥା ମୌଳିକ ଚିନ୍ତାର ହିଁ ମତେ ଏଇ ପ୍ରବନ୍ଧଟି ଲେଖିବାକୁ ଅନୁପ୍ରାଣିତ କରିଛି ।

ନୀଳକଂଠଂକ ମତରେ ଭାରତର ଧର୍ମ ହିଁ ଆର୍ଯ୍ୟଧର୍ମ । ଏହା ପୃଥିବୀର ସର୍ବପ୍ରାଚୀନ ଜୀବନ୍ତ ଧର୍ମ । ଏହା ଖ୍ରୀଷ୍ଟଧର୍ମ, ଜୈନଧର୍ମ, ମୁସଲମ୍ ଧର୍ମ ପରି ଏକ ସ୍ୱତନ୍ତ୍ର ଧର୍ମ ନୁହେଁ, ଏହା ସମଗ୍ର ମାନବ ଧର୍ମ, ଆର୍ଯ୍ୟ ଧର୍ମ ଓ ଅନାର୍ଯ୍ୟ ଧର୍ମ— ଏହି ଦୁଇ ଧର୍ମ ହିଁ ମନୁଷ୍ୟର ଦୈନନ୍ଦିନ ଜୀବନ ଧାରାକୁ ନିୟନ୍ତ୍ରିତ କରେ । କିଏ ଆର୍ଯ୍ୟ, କିଏ ଅନାର୍ଯ୍ୟ ତାହା ମନୁଷ୍ୟର ରକ୍ତ ବା କଙ୍କାଳ ପରୀକ୍ଷା ଦ୍ୱାରା ଜଣାଯାଏ ନାହିଁ । ଆର୍ଯ୍ୟଧର୍ମ କୌଣସି ନିର୍ଦ୍ଦିଷ୍ଟ ଜାତି ବା ଗୋଷ୍ଠୀର ଧର୍ମ ନୁହେଁ ବା ସଂସ୍କୃତି ନୁହେଁ । ଭାରତର ଆର୍ଯ୍ୟଧର୍ମ ଗୋଟିଏ ଆଚାର ସଂସ୍କାର । ମନେହୁଏ, ପଣ୍ଡିତ ନୀଳକଂଠଂକ ଦାର୍ଶନିକ ଦୃଷ୍ଟିକୋଣରୁ ଆର୍ଯ୍ୟ ଶବ୍ଦର ଏକ ସ୍ୱତନ୍ତ୍ର ବ୍ୟାଖ୍ୟାର ଆବଶ୍ୟକତା ତଥା ଉପଯୋଗୀତା ରହିଅଛି । ଏହା ନିଶ୍ଚିତ ଭାବରେ ଐତିହାସିକ ଦୃଷ୍ଟିରୁ ସାଧାରଣ ଭାବେ ସ୍ୱୀକୃତ । Aryan ବା ଆର୍ଯ୍ୟ କହିଲେ ଗୋଟିଏ ଜାତି, ଯାହାକି ଭାରତ ଭୂମିରେ ଦ୍ରାବିଡ, ନିଷାଦ ମାନଙ୍କ ପରେ ପ୍ରତିଷ୍ଠା ଲାଭ କରିଥିଲା ବୋଲି ଅନ୍ତତଃ ଐତିହାସିକ ଦୃଷ୍ଟିରୁ ସ୍ୱୀକାର କରାଯାଇଥାଏ, ନୀଳକଂଠଂକ ମତରେ ଆର୍ଯ୍ୟଧର୍ମର ସେପରି କିଛି ତାତ୍ପର୍ଯ୍ୟ ନାହିଁ । ତାହା ସମସ୍ତ ପ୍ରକାରର ସଂକୀର୍ଣ୍ଣ ଗୋଷ୍ଠୀ ବା ଶ୍ରେଣୀ ସମ୍ପ୍ରଦାୟର ଅତୀତ । ଏଠାରେ କୌଣସି ଐତିହାସିକ ବା ଭୌଗଳିକ ଦୃଷ୍ଟିରେ ଆର୍ଯ୍ୟ ବିଷୟକ ଆଲୋଚନାକୁ ସୀମିତ ନରଖି ଏକ ସ୍ୱାଧୀନ, ନିରପେକ୍ଷ, ସାଂସ୍କୃତିକ ତଥା ନୈତିକ ଆଧ୍ୟାତ୍ମିକ ମୂଲ୍ୟବୋଧ ଦୃଷ୍ଟିରୁ ହିଁ ଆର୍ଯ୍ୟଧର୍ମର ଉତ୍କର୍ଷ କରାଯାଇଛି ବୋଲି ବୋଧହୁଏ ।

ଯୋଗ ଓ ସ୍ୱଧର୍ମ ହିଁ ଆର୍ଯ୍ୟମାନଙ୍କର ଭିତ୍ତି, ଏହି ଯୋଗସିଦ୍ଧ ହେବା ପାଇଁ ବ୍ରହ୍ମରେ ବୁଦ୍ଧି ସ୍ଥିର ରଖିବା ଆବଶ୍ୟକ । ବ୍ରହ୍ମହିଁ ମନୁଷ୍ୟର ସ୍ଥିର ଓ ଚରମ ଆଦର୍ଶ । ବ୍ରହ୍ମ ଯେପରି ସ୍ଥିର ଅଥଚ ବିଶ୍ୱକର୍ମରେ ପ୍ରକାଶମୟ, ସେପରି ବ୍ରହ୍ମର ଆଦର୍ଶରେ ବୁଦ୍ଧି ସ୍ଥିର ରଖି ନିଷ୍କାମ ଅଥଚ ନିରଳସ ଭାବରେ ସ୍ୱଧର୍ମ ପାଳନ କରିବାହିଁ ଯୋଗ । କହିବାକୁ ଗଲେ ଏହି ବୁଦ୍ଧି ହିଁ ବ୍ରହ୍ମ ।

ଏହି ଆର୍ଯ୍ୟ ଧର୍ମ ବା ସ୍ୱଧର୍ମ କ'ଣ ସେ ବିଷୟ ନୀଳକଂଠ ବଡ଼ ସୁନ୍ଦର ଉଦାହରଣ ଦେଇ ବୁଝାଇଛନ୍ତି । ବ୍ରହ୍ମର ବିକାଶମୟ ସ୍ୱରୂପ ବିଶ୍ୱକର୍ମ । ତେବେ ମନୁଷ୍ୟ ତ ଆଉ ବିଶ୍ୱର ସବୁ କର୍ମ ଏକାବେଳେକେ କରିବ ନାହିଁ । କେଉଁ କର୍ମ ସେ କରିବ ? ଧର ସୂର୍ଯ୍ୟ ବିଶ୍ୱବିକାଶର ଗୋଟିଏ ଅଂଶ । ତାର କର୍ମ ହେଉଛି କିରଣ ଦେବା । ସେ କିରଣ ଦେଇଯାଏ । ସେ କିରଣରେ କେଉଁଠି କ୍ଷେତ ପୋଡ଼ି ଯାଉଛି, କେଉଁଠି ମ୍ୟାଲେରିଆ ନଷ୍ଟ ହେଉଛି, କେଉଁଠେ ପଦ୍ମ ଫୁଟିଛି, କେଉଁଠି ଆବର୍ଜନା ପଚାଇ ଦୁର୍ଗନ୍ଧ ସୃଷ୍ଟି କରାଉଛି ତ ଆଉ କେଉଁଠି ଚନ୍ଦ୍ର ପରି



Digitized by PPRACHIN, SOA

ଉପଗ୍ରହକୁ ଆଲୋକିତ କରୁଅଛି । ସିଏ ତାର ନିଜ କର୍ମ ବା ସ୍ୱଧର୍ମ କରି ଯାଉଛି, ଫଳାଫଳର ଅପେକ୍ଷା ରଖୁନାହିଁ, ଅଥଚ ଏଣେ ବିଶ୍ୱର ମହାବିକାଶର ଧାରା ପରିପୁଷ୍ଟ ହେଉଛି । ଏହାହିଁ ସ୍ୱ-ଧର୍ମ । "ସ୍ୱଧର୍ମ" ଏଇ ଶବ୍ଦଟିର ବ୍ୟାକରଣଗତ ଅର୍ଥ ଦୃଷ୍ଟିରୁ ନିଜର ଧର୍ମ ବୋଲି ଭାବିବା ସମୀଚୀନ । ତେବେ ଏଥିରୁ ଏହା ବୁଝିବାକୁ ହେବ ନାହିଁ ଯେ, କେବଳ ନିଜର କାମହିଁ କରିବା ଉଚିତ୍ । ଏ କଥା ସତ ଯେ ବ୍ୟକ୍ତିର ବିକାଶରେ ହିଁ ବିଶ୍ୱର ବିକାଶ । ବିଶ୍ୱ ବ୍ୟକ୍ତିର ସମଷ୍ଟି ମାତ୍ର । ଇଂରାଜୀରେ ଯେଉଁ କଥା ଅଛି "Mind your own business", ପ୍ରକୃତରେ ପ୍ରତ୍ୟେକ ଯଦି ନିଜର କର୍ତ୍ତବ୍ୟ ସୁନ୍ଦରରୂପେ ପାଳନ କରନ୍ତେ, ପରୋକ୍ଷ ଭାବେ ବିଶ୍ୱ ବିକାଶ ହିଁ ହୁଅନ୍ତା । କିନ୍ତୁ ନିଜର କର୍ତ୍ତବ୍ୟ ବୋଧ ଅପର ମାଧ୍ୟମରେ ହିଁ ଜାଗ୍ରତ ହୁଏ । ମନୁଷ୍ୟ ଏକ ସାମାଜିକ ପ୍ରାଣୀ । ସମାଜର ବିକାଶରେ ବ୍ୟକ୍ତିର ବିକାଶ ଓ ବ୍ୟକ୍ତିର ବିକାଶରେ ସମାଜର ବିକାଶ । ତେଣୁ ସ୍ୱଧର୍ମର ନିଷ୍କର୍ଷ ବ୍ୟକ୍ତିଗତ ସ୍ୱାର୍ଥରେ ହିଁ ସୀମିତ ହୋଇ ନପାରେ । ସମାଜ ପରିପ୍ରେକ୍ଷୀରେ ହିଁ ସ୍ୱଧର୍ମର ପରିସୀମା ନିର୍ଦ୍ଧାରିତ ହେବା ବାଞ୍ଛନୀୟ ।

ଫଳର ଆଶା ନରଖି ସ୍ୱଧର୍ମ ପାଳନ କରି ନିଷ୍କାମ କର୍ମ କରିଯିବା ହିଁ ଆର୍ଯ୍ୟଧର୍ମର ଆଦର୍ଶ । ହେଲେ ସୂର୍ଯ୍ୟ, ଚନ୍ଦ୍ର, ପାଣି, ପବନ ଏମାନେ ସିନା ଜଡ଼ବସ୍ତୁ । ସେଥିରେ ଏ ସ୍ୱଧର୍ମ ଓ ଏ ବିଶ୍ୱବିକାଶ ଦେଖାଗଲା । କିନ୍ତୁ ମାନବ ଏଇ ବିଶ୍ୱର ଏକ ଅଂଶ ହେଲେ ବି ମାନବର ବିଶେଷତ୍ୱ ଅଛି । ତାର ବିକାଶ ସମାଜରେ । ତେଣୁ ସମାଜ ତାର ଏକ ଜଗତ, ସମାଜରେ ଆତ୍ମବିକାଶର ଧାରା ହିଁ ମନୁଷ୍ୟର କର୍ମ । କେଉଁଠାରେ ଅଧିକାର ଓ ଭୋଗ ଛଡ଼ାଛଡ଼ିରେ ଘୋର ସଂଗ୍ରାମ ଭିତରେ ଏଇ ଆତ୍ମପ୍ରକାଶ ଦେଖାଯାଏ, କେଉଁଠାରେ ବା ଅଧିକାର ଆଡ଼କୁ ଦୃଷ୍ଟି ନରଖି କର୍ତ୍ତବ୍ୟ ପାଳନରେ ସେଇ ଆତ୍ମବିକାଶ ଦେଖାଯାଏ । କେଉଁଠାରେ ପ୍ରତ୍ୟେକ ନିଜର ଯାହା ଭୋଗ ଦରକାର ସମାଜରୁ ତାହା କୌଣସି ପ୍ରକାରେ ଆଦାୟ କରିବାରେ କର୍ମରତ, ପୁଣି କେଉଁ ସମାଜରେ ନିଜର ଭୋଗକୁ ଅପେକ୍ଷା ନରଖି ଅନ୍ୟପ୍ରତି ନିଜର ଯାହା କର୍ତ୍ତବ୍ୟ ତାହା କରିଯିବାରେ କର୍ମନିରତ । ପ୍ରଥମ ପ୍ରକାର କର୍ମଟି ଅନାର୍ଯ୍ୟ ଆଚରଣ ବା ଅନାର୍ଯ୍ୟ ଧର୍ମ, ଦ୍ୱିତୀୟଟି ଆର୍ଯ୍ୟଧର୍ମ ।

ଏହି ପ୍ରସଙ୍ଗରେ ମନୀଷୀ ପ୍ଳାଟୋଙ୍କ ମତ ଆଲୋଚନା କରିବା ବୋଧେ ଅବାନ୍ତର ହେବନାହିଁ । ପ୍ଲାଟୋ ତାଙ୍କର ବିଖ୍ୟାତ ରଚନା "Republic"ରେ ଏକ ଆଦର୍ଶ ରାଜ୍ୟର ପରିକଳ୍ପନା କରିଥିଲେ । ସେଥିରେ ସେ 'Justice' ଶବ୍ଦଟିକୁ ସମାଜର ମୂଳମନ୍ତ୍ର ବୋଲି ଧରିଥିଲେ । ତାଙ୍କ ମତରେ justice ବା ନ୍ୟାୟ ହେଉଛି ଯାହାର ଯାହା ପ୍ରାପ୍ୟ, ତାହା ତାକୁ ମିଳିବାରେ ସାହାଯ୍ୟ କରିବା । ଅର୍ଥାତ୍, ସମାଜରେ ନିଜର ସ୍ଥିତି ଅନୁସାରେ ସ୍ୱକର୍ମରେ ଲିପ୍ତ



Digitized by PPRACHIN, SOA

ହେବା । ଏ ଦୃଷ୍ଟିରୁ ନୀଳକଂଠ ଓ ପ୍ଲାଟୋଙ୍କ ଚିନ୍ତାଧାରା ମଧ୍ୟରେ କିଛି ସାମଞ୍ଜସ୍ୟ ଥିବା ଭଳି ପରିଲକ୍ଷିତ ହେଉଥିଲେ ମଧ୍ୟ, ପ୍ରକୃତରେ ପ୍ଲାଟୋଙ୍କ ଆଦର୍ଶ ରାଜ୍ୟ ଏକ କଳ୍ପନା ବିଳାସ ଥିବା ସ୍ଥଳେ ନୀଳକଂଠ ସ୍ୱଧର୍ମ ଆର୍ଯ୍ୟଜୀବନରେ ବାସ୍ତବରେ ପ୍ରତିଫଳିତ ବୋଲି ଯୁକ୍ତି କରିଛନ୍ତି ।

ଏଥର ନୀଳକଂଠଂକର ଭଗବତ୍ ବିଶ୍ୱାସ ଉପରେ ଆଲୋକପାତ କରିବା ପ୍ରାସଙ୍ଗିକ । ନୀଳକଂଠ ଥିଲେ ଜଣେ ବିଶିଷ୍ଟ ମାନବବାଦୀ ଦାର୍ଶନିକ । ତାଙ୍କ ମତରେ ଗୀତାରେ ବର୍ଣ୍ଣିତ ବିଶ୍ୱ ପୁରୁଷ କୌଣସି ପାରଲୌକିକ ଅତୀନ୍ଦ୍ରିୟ ଈଶ୍ୱରସତ୍ତା ନୁହେଁ । ଧର୍ମ କହିଲେ କୌଣସି ଅତୀନ୍ଦ୍ରିୟ, ଅତି ଜାଗତିକ ମୂଲ୍ୟବୋଧ ନୁହେଁ । ବରଂ ଧର୍ମ ହେଉଛି ସାମାଜିକ ମୂଲ୍ୟବୋଧ । ଭାରତୀୟ ଧର୍ମୀୟ ପରମ୍ପରା ଦୁଇ ଭାଗରେ ବିଭକ୍ତ । ଗୋଟିଏ ହେଲା ଭୌତିକ, ଅନ୍ୟଟି ଆତ୍ମିକ । ଭୌତିକ ଧର୍ମୀୟ ଚିନ୍ତାଧାରାରେ ମଣିଷ ନିଜକୁ ନ୍ୟୂନ ମନେ କରି ଏକ ବାହ୍ୟ ଶକ୍ତିର କଳ୍ପନା କରିଥାଏ ଓ ସେହି ବାହ୍ୟ ଶକ୍ତି ତାର ଜୀବନ ଧାରାକୁ ପରିଚାଳିତ କରୁଛି ବୋଲି ମନେ କରିଥାଏ । ଏହି ମତବାଦ ସାଧାରଣତଃ ପ୍ରଚଳିତ ହେଲେ ମଧ୍ୟ ବିବାଦୀୟ । କାରଣ, ଏହି ଦୃଷ୍ଟିଭଙ୍ଗୀରେ ମନୁଷ୍ୟ ନିଜ ଉପରୁ ବିଶ୍ୱାସ ହରାଏ । ନୀଳକଂଠଂକ ମତରେ ଏପରି ବହିର୍ ନିର୍ଦ୍ଦେଶିତ ଧର୍ମୀୟ ଭାବଧାରା ଯୁକ୍ତିସମ୍ମତ ନୁହେଁ ଏବଂ ଏହାର ଭିତ୍ତିଭୂମି ଅନ୍ତତଃ ଭାରତୀୟ ଧର୍ମୀୟ ପରଂପରାରେ ସୁଦୃଢ଼ ନୁହେଁ । ଅନ୍ୟ ଏକ ଧର୍ମ ହେଲା ଆତ୍ମିକ ବା ଆଧ୍ୟାତ୍ମିକ ଧର୍ମ । ଏଥିରେ ମନୁଷ୍ୟ କୌଣସି ବାହ୍ୟ ଶକ୍ତିର ଆଶ୍ରୟ ନ ନେଇ ନିଜର ବିବେକ, ନିଜର ବୁଦ୍ଧିମତ୍ତାର ଉପଯୋଗ କରିଥାଏ ଏବଂ ବିବେକ ବୁଦ୍ଧି ଦୃଷ୍ଟିରୁ ଯାହା ଉଭୟ ବ୍ୟକ୍ତି ତଥା ସମାଜ କ୍ଷେତ୍ରରେ କରଣୀୟ ତାକୁ ସ୍ୱୀକାର କରିବାର ଦାୟିତ୍ୱ ନେଇଥାଏ । ମଣିଷ ଏଠାରେ ନିଜର ଆତ୍ମିକ ସାମର୍ଥ୍ୟରେ ସମ୍ପୂର୍ଣ୍ଣ ନିର୍ଭର କରିଥାଏ । ଯାହା କିଛି ଉଭୟ ବ୍ୟକ୍ତି ତଥା ସମଷ୍ଟି ଦୃଷ୍ଟିରୁ ଯୁକ୍ତିଯୁକ୍ତ ତାହାହିଁ କରଣୀୟ । ଏଥିରେ ଅତି ଜାଗତିକତା, ଅତିନ୍ଦ୍ରିୟତା ଏବଂ ଅତି ମାନୁଷତାର ସ୍ଥାନ ନାହିଁ । ପଣ୍ଡିତ ନୀଳକଂଠ ଏହି ଆତ୍ମିକ ଧର୍ମକୁ ଯୁକ୍ତି ଧର୍ମ ଭାବେ ଗ୍ରହଣ କରିଛନ୍ତି ।

ମନୁଷ୍ୟ ଭିତରେ ଭୋଗ ଓ ତ୍ୟାଗ— ଏହି ଦୁଇପ୍ରକାର ଆତ୍ମପ୍ରକାଶର ପନ୍ଥା ରହିଛି । ଗୋଟିଏ ହେଲା ସ୍ପୃହା, ଅନ୍ୟଟି ସଂଯମ । ଗୋଟିକର ପ୍ରକାଶ ଦାବୀରେ, ଅପରଟିର କର୍ତ୍ତବ୍ୟରେ, କିନ୍ତୁ କୌଣସି ଗୋଟିକର ସତ୍ତା ସଂପୂର୍ଣ୍ଣ ଲୋପ ପାଇ ଅନ୍ୟଟିର ବିକାଶ ଘଟେ ନାହିଁ । ଭୋଗ ଭିତରେ ତ୍ୟାଗ ଥାଏ, ଏଣେ ତ୍ୟାଗ ବା କର୍ତ୍ତବ୍ୟର ଆଦର୍ଶରେ ଗଠିତ ସମାଜର ଭୋଗ ବା ଅଧିକାର ଦାବୀ କରି କାଢ଼ିନେବା ମଧ୍ୟ ଦେଖାଯାଏ । ସ୍ପୃହା ମନୁଷ୍ୟର ପ୍ରକୃତିଗତ । ଏ ସ୍ପୃହାରୁ ମନୁଷ୍ୟର ପରିତ୍ରାଣ ନାହିଁ । କେବଳ ସଂଯମ ହିଁ ଆବଶ୍ୟକ । ସେଥି-



Digitized by PPRACHIN, SOA

ପାଇଁ ଭାରତର ଆର୍ଯ୍ୟଧର୍ମୀମାନେ କର୍ତ୍ତବ୍ୟ ମାନଙ୍କୁ ଜୀବନର ଆଦର୍ଶ କରିଥିଲେ । ତ୍ୟାଗ ହୁଏତ ସହଜ ସାଧ୍ୟ ନୁହେଁ । ମାତ୍ର ବିଶ୍ୱ ଧର୍ମରେ ନିଜକୁ ମିଶାଇ କର୍ତ୍ତବ୍ୟ କରିବାରେ ଲାଗିଲେ ଦୃଷ୍ଟି ନିଜ ଭିତରୁ ସହଜରେ ବାହାରକୁ ଯାଏ ନାହିଁ ।

ଏହାହିଁ ଆର୍ଯ୍ୟ ନୀତି । ସମଗ୍ର ପୃଥିବୀର ମାନବନୀତି ମଧ୍ୟ ଏଇୟା । ଏହି ତ୍ୟାଗ ମୂଳକ କର୍ତ୍ତବ୍ୟର ନୀତି ଛଡ଼ା ସମାଜର ବିକାଶ କୁତ୍ରାପି ସମ୍ଭବ ହୋଇ-ନାହିଁ । ଯୁଗେ ଯୁଗେ ଅନାର୍ଯ୍ୟ ଧର୍ମୀମାନେ ଭୋଗ ଓ ଦାବୀର ବିକ୍ଷୋଭ ଭିତରେ ସମାଜ ବିକାଶ ହୁଏତ କରିଛନ୍ତି, କିନ୍ତୁ ତ୍ୟାଗର ଘୋର ସଂଯମ ପରଂପରା ଫୁଟି ନଥିଲେ ସେମାନଙ୍କର ସମାଜ ଆଜି ନଥାନ୍ତା । ପୃଥିବୀର ଅନ୍ୟାନ୍ୟ ସଭ୍ୟତାର ପରଂପରା ବାରମ୍ବାର ବିଧ୍ୱସ୍ତ ହୋଇ ଥରକୁ ଥର ନୂତନ ସଭ୍ୟତାର ଅଙ୍କୁରୋପଣ ହୋଇଛି, ମାତ୍ର ଆଦିମ କାଳରୁ ଭାରତର ଆର୍ଯ୍ୟ ଆଚାର ଓ ସଂସ୍କାର ଧାରା ଠିକ୍ ଚାଲି ଆସିଛି । ଏଥିରେ ପ୍ରତିକ୍ରିୟା ଓ ପ୍ରତିବିଧାନ ହୋଇଛି ସତ, ହେଲେ ଏ ପ୍ରତି ବିଧାନରେ ସମୂହ ଧ୍ୱଂସ ଉପରେ ନୂତନ ଅଙ୍କୁରୋପଣ କେବେ ହୋଇନାହିଁ । ପ୍ରାଚୀନର ସ୍ମୃତି ପର୍ଯ୍ୟନ୍ତ ବଳାତ୍କାରରେ ଧ୍ୱଂସ କରି ନୂତନ ସଂସ୍କାରର ଅଙ୍କୁରୋପଣର ଉଦ୍ୟମ ହୋଇଥିଲେ ମଧ୍ୟ ତା ସ୍ଥାୟୀ ହୋଇନାହିଁ । ମୋଟ ଉପରେ ପ୍ରତିକ୍ରିୟାର ପ୍ରତିବିଧାନ ନ ହୋଇ ସମାଧାନ ହୋଇ ଆସିଛି ।

ଭାରତର ଏଇ ଯେଉଁ ଆର୍ଯ୍ୟଧର୍ମ, ଯାହାର ଭିତ୍ତି ହେଉଛି ନିଜ କର୍ତ୍ତବ୍ୟର ଅବଧାରଣ ଓ ସାଧନା, ତାହା କୌଣସି ପ୍ରତିକ୍ରିୟାରେ ନଷ୍ଟ ହୋଇନାହିଁ ସତ ହେଲେ ମନୁଷ୍ୟ ମାନେ ହିଁ ଭୋଗର ଦାସ । କୌଣସି ଶୃଙ୍ଖଳା କୌଣସି ସାମାଜିକ ଆଚାର ବିଧି ତାର ଗତିପଥ ରୋକି ପାରିନାହିଁ । ତେବେ ଗୀତାରେ ମଧ୍ୟ ଏହି କଥା କୁହାଯାଇଛି,

ଯଦା ଯଦାହି ଧର୍ମସ୍ୟ ଗ୍ଲାନିର୍ଭବତି ଭାରତ,
ଅଭ୍ୟୁତ୍ଥାନମଧର୍ମସ୍ୟ ତଦାତ୍ମାନଂ ସୃଜାମ୍ୟହଂ"
ପରି ତ୍ରାଣାୟ ସାଧୂନାଂ ବିନାଶାୟ ଚ ଦୁଷ୍କୃତାଂ,
ଧର୍ମ ସଂସ୍ଥାପନାର୍ଥାୟ ସଂଭବାମି ଯୁଗେ ଯୁଗେ" (୪. ୭. ୮,

ଅର୍ଥାତ, ଏଠାରେ କୃଷ୍ଣ ଅର୍ଜ୍ଜୁନଙ୍କୁ ବୁଝାଉଛନ୍ତି, ଯେତେବେଳେ ଏହି ଧରାପୃଷ୍ଠରେ ଧର୍ମ ମଣ୍ଡଳ ଆସେ ଓ ଅଧର୍ମ ମୁଣ୍ଡ ଟେକି ଉଠେ, ସେତେବେଳେ ଈଶ୍ୱର ନିଜେ ମାନବ ଦେହ ଧାରଣ କରି ଦୁଷ୍କର୍ମୀଙ୍କୁ ବିନାଶ କରନ୍ତି ଓ ସାଧୁମାନଙ୍କୁ ରକ୍ଷା କରନ୍ତି । ଧର୍ମର ରକ୍ଷା ପାଇଁ ଯୁଗେ ଯୁଗେ ଭଗବାନଙ୍କୁ ଏପରି କରିବାକୁ ପଡ଼ିଥାଏ । ଏଠାରେ ଈଶ୍ୱର ନୈତିକତା ଉପରେ ଆଧାରିତ ମାନବୀୟ ମୂଲ୍ୟବୋଧର ପ୍ରତୀକ କହିଲେ ଅନ୍ତତଃ ନୀଳଂକଣ୍ଠଂକ ଦାର୍ଶନିକ ଦୃଷ୍ଟିରୁ



Digitized by PPRACHIN, SOA

ସମୀଚୀନ ବୋଧ ହେଉଛୁ । କାରଣ କୃଷ୍ଣ କହିଲେ ନୀଳକଂଠ କୌଣସି ଅତି ମନୁଷ୍ୟତାର ଧାରଣା କରନାହାନ୍ତି । ତାଙ୍କର ଅର୍ଜ୍ଜୁନଙ୍କୁ ବିଶ୍ୱରୂପ ଦର୍ଶନ କେବଳ ବିଶ୍ୱକର୍ମର ଧାରଣା, ବିଶ୍ୱ ଆତ୍ମାର ଧାରଣା । ଏହା କେବଳ ଆତ୍ମ ଯୋଗ । ଏକରେ ବହୁ ଓ ବହୁରେ ଏକ ର ଧାରଣା । ବ୍ୟକ୍ତି ଓ ସମଷ୍ଟି ର ସମ୍ବନ୍ଧ ହିଁ ଏଥିରେ ପ୍ରସ୍ଫୁଟିତ । ବ୍ୟକ୍ତିର ଅର୍ଥ ବିଶ୍ୱରେ ଓ ବିଶ୍ୱର ପ୍ରକାଶ ବ୍ୟକ୍ତିରେ । ଏଇ ବିଶ୍ୱରେ ବ୍ୟକ୍ତିହିଁ ବିକାଶର ନିମିତ୍ତ । ଏଇ ବ୍ୟକ୍ତି ରୂପରେ ବିଶ୍ୱର ବିକାଶ କର୍ମ । ଏହାହିଁ ବିଶ୍ୱରୂପଦର୍ଶନର ଯଥାର୍ଥତା ।

ଆର୍ଯ୍ୟଜୀବନର ପ୍ରକୃତି ବିଷୟରେ ଆଲୋଚନା କରି ନୀଳକଂଠ କହନ୍ତି, ଜୀବନ ହେଉଛି ବିକାଶ, କ୍ଷୟ ଓ ବିବର୍ତ୍ତନର ଗୋଟିଏ ନୀତି ବା ନିୟମ, ଗୋଟିଏ ଆଭ୍ୟନ୍ତରୀଣ ଶକ୍ତି । ଏଇ ନୀତିର କ୍ରିୟାଶୀଳତାରେ ଏକ ପରମ୍ପରା ଫୁଟିଉଠେ । ଗୋଟିଏ ଆଦର୍ଶ ବା ଲକ୍ଷ୍ୟ ହେଉଛି ପରମ୍ପରାର ମେରୁଦଣ୍ଡ । ଜୀବନରୂପକ ଶକ୍ତି ସହିତ,ନୀତି,ପରମ୍ପରା ଓ ଆଦର୍ଶ ଏ ତିନୋଟି ଓତପ୍ରୋତ ଭାବେ ଜଡ଼ିତ । ଏ ତିନୋଟି ବ୍ୟତିରେକେ ଶରୀର ହେଉଛି ଏକ ଜଡ଼ପିଣ୍ଡ ।

ଆର୍ଯ୍ୟଜୀବନର ମୂଳ ରହିଛି ଜୀବନ ସମ୍ଭୋଗରେ, ଜୀବନ ଓ ଜଗତକୁ ଅସ୍ୱୀକାର କରି ନୁହେଁ । ଏହି ଜୀବନ ସମ୍ଭୋଗ ହେଉଛି ଆତ୍ମଲାଭ ବା ଆତ୍ମତତ୍ତ୍ୱର ଉପଲବ୍ଧି, ଯାର ମୂଳରେ ରହିଛି ଜୀବନର ସାମଗ୍ରିକ ବିକାଶ । ଆର୍ଯ୍ୟଦୃଷ୍ଟିରେ ଧର୍ମ ହେଉଛି ମାନବ ଜୀବନରର ପ୍ରକୃତି । ଏହା ତାର ମାନବତ୍ୱ । ଏହା ସୃଷ୍ଟିର ଉତ୍ପତ୍ତି ବା ଈଶ୍ୱର ସମ୍ପର୍କୀୟ ବିଭିନ୍ନ ମତବାଦର ପ୍ରହେଳିକା ନୁହେଁ । ସୃଷ୍ଟି ନିୟମ ହିଁ ଧର୍ମ ଓ ତାହା ସ୍ଥିର ତଥା ଅପରିବର୍ତ୍ତନୀୟ । ଭଗବାନ ଓ ବିଶ୍ୱନିୟମ ଏକ ଓ ଅଭିନ୍ନ ।

ଅପୌରୁଷେୟ ବେଦ ହିଁ ଆର୍ଯ୍ୟମାନଙ୍କର ଧର୍ମଗ୍ରନ୍ଥ । ତାର ବିଶ୍ୱାସରେ ତର୍କର ପ୍ରଶ୍ନ ନାହିଁ । ଆମର ଆଦି ପୂର୍ବ ପୁରୁଷମାନେ ଯେଉଁ ଧର୍ମ ଓ ସତ୍ୟ ଉପଲବ୍ଧି କରିଥିଲେ ତାହାହିଁ ବେଦରେ ଲିପିବଦ୍ଧ । ଏଥିରେ ବୈଦିକ ପ୍ରାଣତା ଓ ସତ୍ୟଧର୍ମର ପ୍ରତିଷ୍ଠା ହୋଇଛି ।

ଆର୍ଯ୍ୟଜୀବନର ଲକ୍ଷ୍ୟ ହେଉଛି ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ବାହାରି ଜୀବନକୁ ଜଗତରେ ମିଶାଇ ଦେବା । ଅନନ୍ତ କର୍ତ୍ତବ୍ୟ ମଧ୍ୟରେ ସେଥିପାଇଁ ସେ ଆତ୍ମୋତ୍ସର୍ଗ କରେ । ସମଜ୍ଞାନ ହିଁ ସାଧନାର ସିଦ୍ଧି । ସମଜ୍ଞାନ ଆସିଲେ ହିଁ ମୁକ୍ତି ହୁଏ । ଏହି ସମଜ୍ଞାନ ହିଁ ଆତ୍ମଜ୍ଞାନ, ଗୀତାରେ କୁହାଯାଇଛି—

ବିଦ୍ୟା ବିନୟ ସଂପନ୍ନେ ବ୍ରାହ୍ମଣ ଗବି ହସ୍ତିନି,
ଶୁନି ଚୈବ ଶ୍ୱ ପାକେ ଚ ପଣ୍ଡିତାଃ ସମଦର୍ଶିନଃ ।



Digitized by PPRACHIN, SOA

ଅର୍ଥାତ ବିଦ୍ୟାବିନୟ ସଂପନ୍ନ ଲୋକ, ବ୍ରାହ୍ମଣ, ଗୋରୁ, ହାତୀ, କୁକୁର, ଚଣ୍ଡାଳ ସବୁଠାରେ ପଣ୍ଡିତ ସମଜ୍ଞାନ କରେ । ଏହାହିଁ ଆର୍ଯ୍ୟର ଲକ୍ଷ୍ୟ । ଆର୍ଯ୍ୟର ଏତାଦୃଶ ବ୍ୟାଖ୍ୟା କରି ନୀଳକଂଠ ନିଜର ଦାର୍ଶନିକ ପ୍ରତିଭାର ଯଥାଯଥ ସୂଚନା ଦେଇଛନ୍ତି । ତାଙ୍କର ବକ୍ତବ୍ୟ ଅବଶ୍ୟ ପ୍ରଣିଧାନ ଯୋଗ୍ୟ, ପ୍ରାୟ ପ୍ରତିଟି ଲେଖା ପଛରେ ତାଙ୍କର ଦାର୍ଶନିକ ଚିନ୍ତାଧାରା ନିହିତ । ସେ ଥିଲେ ଜଣେ ଶ୍ରେଷ୍ଠ ମାନବ ବାଦୀ ଦାର୍ଶନିକ । ମନୁଷ୍ୟ ଓ ତାର ସ୍ୱଧର୍ମ, ସ୍ୱକର୍ତ୍ତବ୍ୟ ଉପରେ ହିଁ ସେ ସର୍ବାଧିକ ଗୁରୁତ୍ୱ ଆରୋପ କରୁଥିଲେ । ଆର୍ଯ୍ୟଧର୍ମ ଓ ଆର୍ଯ୍ୟଜୀବନ ବିଷୟରେ ସେ ଯେ କେବଳ ତାଙ୍କର ପ୍ରବନ୍ଧ ଗୁଡ଼ିକରେ ଆଲୋଚନା କରିଛନ୍ତି ତା ନୁହେଁ, ତାଙ୍କ ନିଜ ଜୀବନରେ ମଧ୍ଯ ପାଳନ କରି ସେ ଏହା ଦେଖାଇଛନ୍ତି ।

ଧର୍ମ ନାମରେ ପ୍ରଚଳିତ ଅନେକ ସାମାଜିକ କୁସଂସ୍କାରକୁ ଲୋପ କରିବାରେ ସେ ସତତ ପ୍ରୟାସୀ ଥିଲେ । ଧର୍ମ ଓ ଦର୍ଶନ ଯେ କେବଳ ପୁସ୍ତକର ବିଷୟ ବସ୍ତୁ ନୁହେଁ, ଦୈନନ୍ଦିନ ଜୀବନଯାପନ ପ୍ରଣାଳୀକୁ ସୁଶୃଙ୍ଖଳ କରିବାରେ ପ୍ରଧାନ ସହାୟକ ଏହା ବୁଝାଇଦବା ହିଁ ଥିଲା ତାଙ୍କର ମାନବୀୟ ଦାର୍ଶନିକ ଦୃଷ୍ଟିଭଙ୍ଗୀର ଅନ୍ୟତମ ବୈଶିଷ୍ଟ୍ୟ । ଏହା ବୁଝି ରଖିବା ପ୍ରତ୍ୟେକଙ୍କର ଉଚିତ ।

ଅଧାପିକା, ଦର୍ଶନ ବିଭାଗ
କୁନ୍ତଳା କୁମାରୀ ସାବତ ମହାବିଦ୍ୟାଳୟ
ବାଲେଶ୍ୱର



Digitized by PPRACHIN, SOA

# ଜୈନଧର୍ମ ଓ ନୀଳକଂଠଂକ ଦୃଷ୍ଟିଭଙ୍ଗୀ : ଏକ ଦାର୍ଶନିକ ସମୀକ୍ଷା

କୁମାରୀ ସ୍ୱର୍ଣ୍ଣପ୍ରଭା ମହାପାତ୍ର

ଉପକ୍ରମ :-ଜୈନମତବାଦ ନିରୀଶ୍ୱରବାଦୀ ହେଲେ ମଧ୍ୟ ଏହା ଏକ ଧର୍ମୀୟ ପରମ୍ପରା ଉପରେ ପ୍ରତିଷ୍ଠିତ । ପ୍ରାୟତଃ ସେହି କାରଣରୁ ଏହା ଭାରତୀୟ ଦାର୍ଶନିକ ପରମ୍ପରାରେ ଏକ ସ୍ୱତନ୍ତ୍ର ସ୍ଥାନ ବଜାୟ ରଖିପାରିଛି । ଏଠାରେ କିନ୍ତୁ ମନେ ରଖିବାକୁ ହେବ ଯେ ଧର୍ମ କହିଲେ ସାଧାରଣ ଲୋକ ଯାହା ବୁଝନ୍ତି (ଈଶ୍ୱର ପ୍ରଦତ୍ତ ପରମ୍ପରା ବା ଜଗତ୍ ସଂସ୍ଥାନର ନିୟମ) କିମ୍ବା ଇଂରେଜୀ ଭାଷାରେ ଯାହାକୁ 'ରିଲିଜିଅନ୍' କୁହାଯାଏ, ତାହା ନୁହେଁ । 'ଧର୍ମଃ ଧାରୟତି ପ୍ରଜାଃ' ଉକ୍ତିଟିରୁ ବୁଝାଯାଏ ଧର୍ମ ହେଉଛି ଏକ ନିୟମ ଯାହା ମାନବ ସମାଜକୁ (ଆହୁରି ବ୍ୟାପକ ଭାବରେ କହିଲେ ସମଗ୍ର ବିଶ୍ୱଜଗତକୁ) ଏକତ୍ରିତ କରି ବା ଏକ ସୂତ୍ରରେ ଗ୍ରଥିତ କରି ରଖେ । ସୁତରାଂ ପ୍ରାଥମିକ ଭାବରେ ଧର୍ମ କହିଲେ ଜାଗତିକ ବା ଲୌକିକ ପରିପ୍ରେକ୍ଷୀରେ ଏକ ସଂଯୋଗକାରୀ ଏବଂ ସଂହତି ସମ୍ପାଦନ କରୁଥିବା ସାମାଜିକ ନିୟମକୁ ବୁଝାଏ । ଅବଶ୍ୟ ପରବର୍ତ୍ତୀ ସମୟରେ ଏହାକୁ ଆଲୌକିକ ବା ଅତିଜାଗତିକ ସ୍ୱର୍ଗୀୟ ନିୟମ ରୂପେ ମଧ୍ୟ ଗ୍ରହଣ କରାଯାଇଛି । ତେବେ ସେ ଯାହାହେଉ ଜୈନ ମତବାଦ ଧର୍ମର ପ୍ରଥମୋକ୍ତ ଭାବଧାରାର ଅନୁଶୀଳନ ହିଁ କରିଅଛି । ଏହି ମତବାଦ କିପରି ଭାବରେ ଏକ ଧର୍ମୀୟ ପରମ୍ପରା ଉପରେ ଅବସ୍ଥାପିତ ତଥା ଏହା ପ୍ରତି ପଣ୍ଡିତ ନୀଳକଂଠ ଦାସଙ୍କ ଦୃଷ୍ଟିଭଙ୍ଗୀ କ'ଣ, ତାର ଏକ ଦାର୍ଶନିକ ସମୀକ୍ଷା କରିବା ଏହି ପ୍ରବନ୍ଧ ରଚନାର ଉଦ୍ଦେଶ୍ୟ । ପ୍ରବନ୍ଧଟି ଦୁଇଟି ଭାଗରେ ପରିବେଷିତ ହୋଇଛି । ପ୍ରଥମେ ଜୈନମତବାଦର ଧର୍ମୀୟ ପରମ୍ପରା ଏବଂ ଦ୍ୱିତୀୟରେ ଏହାପ୍ରତି ପଣ୍ଡିତ ଦାସଙ୍କ ଦୃଷ୍ଟିକୋଣକୁ ବିଚାରକୁ ନିଆଯାଇଅଛି ।

Digitized by PPRACHIN, SOA

ଅତି ପ୍ରାଚୀନ କାଳରୁ ଉଦ୍ଭୂତ ଜୈନ ମତବାଦ ସୃଷ୍ଟ ପରମ୍ପରାରେ ମାନବ ଏକ ସ୍ୱାଧୀନ ଚେତା ତଥା ଆତ୍ମ-ସଂଯମୀ ବ୍ୟକ୍ତିତ୍ୱ ହିସାବରେ ପରିଗଣିତ ଏବଂ ସେ କୌଣସି ବାହ୍ୟ ଶକ୍ତିକୁ ନିଜର ଭାଗ୍ୟ-ନିୟନ୍ତ୍ରା ରୂପେ ପରିଗଣିତ କରିନେବାର ପ୍ରୟୋଜନୀୟତା ଅନୁଭବ କରିନାହିଁ । ଜୈନଧର୍ମର ପରିସର ମଧ୍ୟରେ ଈଶ୍ୱର ବା ସେହିପରି କୌଣସି ରହସ୍ୟମୟ ଅତିଜାଗତିକ ଶକ୍ତିର ଶରଣାପନ୍ନ ହୋଇ ମାନବ ତାଙ୍କ କରୁଣା ପ୍ରାର୍ଥୀ ହେବାର ନଜିର ନାହିଁ ।[୧] ଏଥିପାଇଁ କେତେକ ଏହାକୁ ନାସ୍ତିକବାଦରୂପେ ଅଭିହିତ କରିଥାନ୍ତି । କିନ୍ତୁ ନାସ୍ତିକ ଅର୍ଥରେ ଯଦି ଆତ୍ମା, ନୈତିକ ଆଚରଣ ଏବଂ ମୃତ୍ୟୁପରେ ଜୀବନ ବା ଆତ୍ମାର ଅବିନଶ୍ୱରତାକୁ ଗ୍ରହଣ ନକରି ବୁଝାଯାଏ, ତେବେ ଏକମାତ୍ର ଚାର୍ବାକ ଦର୍ଶନ ଏହାର ଅନ୍ତର୍ଗତ ହୋଇପାରିବ । କାରଣ ଉଭୟ ଜୈନଧର୍ମ ଓ ବୌଦ୍ଧଧର୍ମ ଗଭୀର ଭାବେ ଆଧ୍ୟାତ୍ମିକ ଏବଂ ନୈତିକ ଭାବସମ୍ପନ୍ନ । ଭାରତୀୟ ଧର୍ମ ଦର୍ଶନରେ ଈଶ୍ୱରଙ୍କୁ ନ ମାନିବା ନାସ୍ତିକବାଦ ପାଇଁ ଅପରିହାର୍ଯ୍ୟ ନୁହେଁ । ସେହି ଦୃଷ୍ଟିରୁ ଜୈନଧର୍ମକୁ ନାସ୍ତିକ ବାଦରୂପେ ଗଣନା କରିବାର ଯଥାର୍ଥ୍ୟ ନାହିଁ । [୨] ପୁନଶ୍ଚ ଈଶ୍ୱରଙ୍କ ଅସ୍ତିତ୍ୱରେ ବିଶ୍ୱାସ କରୁନଥିବା ସାଂଖ୍ୟ ଏବଂ ମୀମାଂସା ଦର୍ଶନ ମଧ୍ୟ ନାସ୍ତିକ ବୋଲି ଏହି ପରମ୍ପରାରେ ପରିଗଣିତ ହୋଇ ନାହାନ୍ତି ।

ଜୈନମତବାଦ ଈଶ୍ୱରଙ୍କୁ ନମାନିଲେ ମଧ୍ୟ ପ୍ରତ୍ୟେକ ମୁକ୍ତ ଆତ୍ମାକୁ ସେହି-ଭଳି ଉଚ୍ଚ ସ୍ତରୀୟ ବ୍ୟକ୍ତିତ୍ୱ ଭାବେ ଗ୍ରହଣ କରିଥାଏ । ଏହି ମତାନୁସାରେ ତୀର୍ଥଙ୍କରମାନେ ସାଧାରଣ ମାନବ ଭଳି ମରଣଶୀଳ ଅଟନ୍ତି ଓ କେବଳ ଆପଣା ଚେଷ୍ଟାରେ ଏହି ଦୁର୍ଲଭ ମୁକ୍ତି ପ୍ରାପ୍ତ ହୋଇ ସାଧାରଣ ମାନବ ପାଇଁ ପ୍ରେରଣାର ଉତ୍ସ ରୂପେ ଅବସ୍ଥାନ କରନ୍ତି । ସେମାନେ ଦର୍ଶାଇ ଦେବାକୁ ଚାହାନ୍ତି ଯେ ଆମେ ସମସ୍ତେ (ସମଗ୍ର ମାନବ ଜାତି) ଅନ୍ତର୍ନିହିତ ଭାବେ ଜୀନ ଅଟୁ; କାରଣ ମାନବଟିଏ (ତୀର୍ଥଙ୍କର) ଯାହା କରିଛି, ତାହା ମାନବ (ସମଗ୍ର ମାନବ ଜାତି) କରିପାରିବ । ଜୈନଧର୍ମ ଏହିପରିଭାବେ ସ୍ୱ-ସହାୟତା (self-helf)ର ଧର୍ମ ।[୩] ଏହା କିପରି ସ୍ୱ-ସହାୟତାର ଧର୍ମ ଏହା ବୁଝିବା ପାଇଁ, 'ଜୈନ' ଶବ୍ଦାର୍ଥର ଅବତାରଣା କରିବା ବୋଧହୁଏ ଅପ୍ରାସଙ୍ଗିକ ହେବନାହିଁ ।

ସାଧାରଣତଃ ଜୈନଧର୍ମ 'ଜୀନ' ଶବ୍ଦରୁ ହିଁ ଉଦ୍ଭୂତ ହୋଇଅଛି । ପୁନଶ୍ଚ 'ଜୀନ' ଶବ୍ଦର ମୂଳ ସଂସ୍କୃତ 'ଜୀ' ଅର୍ଥରେ ବିଜେତା'କୁ ହିଁ ବୁଝାଏ । ଏହି ବିଜେତା ହେଉଛନ୍ତି ସେହି ବ୍ୟକ୍ତି ଯେ ସଫଳ ଭାବେ ନିଜର ବାସନା ଏବଂ କାମନାକୁ ଅବଦମନ କରି ନିଜ ଉପରେ ପ୍ରଭୁତ୍ୱ ବିସ୍ତାର କରିଥାନ୍ତି ।[୪] ବ୍ୟକ୍ତିର ନିଜ ଉପରେ ପ୍ରଭୁତ୍ୱ ବିସ୍ତାର କରିବା ଶକ୍ତି ସହିତ ବିବେକ ବୁଦ୍ଧି ବଳରେ ସୂକ୍ଷ୍ମଦୃଷ୍ଟି ସମ୍ପନ୍ନ ବିଚାର ଶକ୍ତି ଉପରେ ମଧ୍ୟ ଏହି ଧର୍ମ ଗୁରୁତ୍ୱ ଆରୋପ



Digitized by PPRACHIN, SOA

କରିଅଛି । କାରଣ ଏହି ପ୍ରକାର ବିବେଚନା ଶକ୍ତି ବଳରେ ମାନବ ଭଲ, ମନ୍ଦ ବାଛି ବିଚାର କରି ଧର୍ମୀୟ ନୀତିକୁ ସୁହାଇଲା ଭଳି ଏକ ଉପଯୁକ୍ତ ଚିନ୍ତାଧାରା ଓ କର୍ତ୍ତବ୍ୟପୂର୍ଣ୍ଣ ପଥ ନିର୍ଦ୍ଧାରଣ କରିପାରେ । ଏଥିନିମିତ୍ତ ସେ କୌଣସି ବାହ୍ୟ ଶକ୍ତିର ଆଦେଶ ବା ନିର୍ଦ୍ଦେଶକୁ ଅପେକ୍ଷା ରଖେନାହିଁ, ରଖିବାର ପ୍ରୟୋଜନୀୟତା ମଧ୍ୟ ଉପଲବ୍ଧି ବା କଳ୍ପନା କରିପାରେ ନାହିଁ । ତେଣୁ ବ୍ୟକ୍ତିଗତ ଜୀବର ସ୍ୱାଧୀନତା ଏବଂ ଅନ୍ତର୍ନିହିତ ଶକ୍ତିକୁ ସ୍ୱୀକାର କରୁଥିବା ଏହି ଧର୍ମ ବାସ୍ତବିକ ଆଧ୍ୟାତ୍ମିକ ଭାବରେ ପରିପୁଷ୍ଟ । ଏହା ମାନବର ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ମାନବୀୟ ଶକ୍ତି ବ୍ୟତିରେକେ ଦ୍ୱିତୀୟ କୌଣସି ବାହ୍ୟଶକ୍ତି ଉପରେ ବିଶ୍ୱାସ କରେ ନାହିଁ । ଏହାର ଫଳ ସ୍ୱରୂପ ଏହି ଧର୍ମରେ ଈଶ୍ୱର ବା ସେହିଭଳି ରହସ୍ୟମୟ, ଅତିଜାଗତିକ ବାହ୍ୟଶକ୍ତି ବା ଶରଣାଗତ ଭାବ ପ୍ରଦର୍ଶନର ପ୍ରଶ୍ନ ମଧ ଉଠେ ନାହିଁ ।

ଏଠାରେ କେତେକ ଅଭିଯୋଗ ମଧ କରିଥାନ୍ତି ଯେ ଜୈନଧର୍ମୀମାନେ ଈଶ୍ୱରଙ୍କ ଭଳି ପୂର୍ଣ୍ଣତା ଲଭ କରିଥିବା ମୁକ୍ତାତ୍ମାମାନଙ୍କର ପୂଜାର୍ଚ୍ଚନା ଓ ଧ୍ୟାନ କରନ୍ତି । ସାଧାରଣତଃ ପଞ୍ଚପରମେଷ୍ଠୀ (ଅର୍ହତ, ସିଦ୍ଧ, ଆଚାର୍ଯ୍ୟ, ଉପାଧ୍ୟାୟ ଏବଂ ସାଧୁ)ଙ୍କ ପ୍ରାର୍ଥନା, ବନ୍ଦନା କରିବା ଜୈନମାନଙ୍କ ମଧ୍ୟରେ ବହୁଳ ଭାବରେ ପ୍ରଚଳିତ । ଏହିପରିଭାବେ ଜୈନଧର୍ମ ଈଶ୍ୱରାଭିମୁଖୀ ଧର୍ମତତ୍ତ୍ୱ (theology)ର ବିରୁଦ୍ଧାଚରଣ କରୁ ନଥିବାର କୁହାଯାଇଥାଏ । ବୋଧହୁଏ ଏଇଥିପାଇଁ ପ୍ରଫେସର ହପକିନ୍‌ସ୍ ଏହିଧର୍ମକୁ ବ୍ରାହ୍ମଣ୍ୟଧର୍ମ ଓ ବୌଦ୍ଧଧର୍ମ ମଧରେ ଏକ ମଧବର୍ତ୍ତୀ ଧର୍ମତତ୍ତ୍ୱରୂପେ ଗ୍ରହଣ କରିଛନ୍ତି । [୫] ପୁନଶ୍ଚ ହିରିୟାନା କହିଛନ୍ତି ଯେ ଜୈନଧର୍ମରେ, ମୀମାଂସା ଦର୍ଶନ ଭଳି ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା କହିବା ଦ୍ୱାରା ସୀମିତ କରାହୋଇଯିବା ବା ତାଙ୍କର ସମ୍ପୂର୍ଣ୍ଣତା ସହ ବିରୁଦ୍ଧାଚରଣ ହୋଇଯିବା ଆଶଙ୍କାରେ, ଈଶ୍ୱର ନାହାନ୍ତି ଏବଂ ଜଗତ ସୃଷ୍ଟି ହୋଇନାହିଁ ବୋଲି ବର୍ଣ୍ଣନା ଦେଖାଯାଏ । [୬] ଅବଶ୍ୟ ହିରିୟାନାଙ୍କର ଏହି ବିଚାର କୌଣସି ଜୈନ ଶାସ୍ତ୍ରୀୟ ମତ ଉପରେ ପର୍ଯ୍ୟବସିତ କି ନୁହେଁ ତାହା ସେ ଉଲ୍ଲେଖ କରି ନାହାନ୍ତି । ସୁତରାଂ ଏପରି ମତ ଏଠାରେ ସତ୍ୟାସତ୍ୟ ବିଚାର ନିମନ୍ତେ ଗ୍ରହଣ କରାଯାଇ ପାରୁ ନାହିଁ । ତେବେ ଜୈନ ମତରେ ପ୍ରତ୍ୟକ୍ଷ କିମ୍ବା ଅନୁମାନ ଉପରେ ପର୍ଯ୍ୟବସିତ ଯୁକ୍ତିଦ୍ୱାରା ଈଶ୍ୱରଙ୍କ ଅସ୍ତିତ୍ୱ ପ୍ରମାଣିତ କରାଯାଇ ପାରିବ ନାହିଁ । [୭] କିନ୍ତୁ ଈଶ୍ୱର ଏବଂ ଈଶ୍ୱର-ସମାନ ମାନବ ମଧରେ ସମତା ଆଣିବାକୁ ପ୍ରୟାସ କରି ଜୈନଧର୍ମକୁ ଈଶ୍ୱରାଭିମୁଖୀ ଧର୍ମତତ୍ତ୍ୱଠାରୁ ଭିନ୍ନ ନୁହେଁ ବୋଲି କହିବା ଅସମୀଚୀନ । କାରଣ ଈଶ୍ୱରାଭିମୁଖୀ ଧର୍ମତତ୍ତ୍ୱରେ ଈଶ୍ୱରଙ୍କୁ ସୃଷ୍ଟିକର୍ତ୍ତା ରୂପେ ଗ୍ରହଣ କରାଯାଇଥିବା ସ୍ଥଳେ ଜୈନଧର୍ମରେ ସୃଷ୍ଟିକର୍ତ୍ତା ଈଶ୍ୱର ପ୍ରତ୍ୟୟଟିର କୌଣସି ଚିହ୍ନବର୍ଣ୍ଣ ଦେଖିବାକୁ ମିଳେ ନାହିଁ । ଯେଉଁଠାରେ 'ଈଶ୍ୱର' ପ୍ରତ୍ୟୟ ଅଗ୍ରାହ୍ୟ



Digitized by PPRACHIN, SOA

କରାଯାଇଛି ସେ ସ୍ଥଳରେ 'ଈଶ୍ୱର-ସମାନ' ପ୍ରତ୍ୟୟର ସମ୍ଭାବନା କରାଯାଇ ନ ପାରେ । ସର୍ବୋପରି ଐଶ୍ୱରିକ ଦୈବୀ ଶକ୍ତିକୁ ଜଗତର ସୃଷ୍ଟିକର୍ତ୍ତା ରୂପେ ମାନୁଥିବା ପ୍ରତ୍ୟୟ ଉପରେ ପର୍ଯ୍ୟବସିତ ଈଶ୍ୱରାଭିମୁଖୀ ଧର୍ମତତ୍ତ୍ୱ କେବେହେଲେ ଈଶ୍ୱରଙ୍କ ସ୍ଥାନରେ 'ଈଶ୍ୱର-ସମାନ' ପ୍ରତ୍ୟୟକୁ ଯଥାର୍ଥତଃ ଏକ ବିକଳ୍ପଭାବରେ ଗ୍ରହଣ କରି ନ ପାରେ ।[୮] ପୁନଶ୍ଚ ଏହି ତଥା କଥିତ 'ଈଶ୍ୱର-ସମାନ' ପ୍ରତ୍ୟୟ ଜୈନ ଧର୍ମୀୟ ପରିସରରେ ତୀର୍ଥଙ୍କର ମାନଙ୍କ ପ୍ରତି ପ୍ରଯୁଜ୍ୟ ହୋଇଅଛି । ଏହି ତୀର୍ଥଙ୍କରମାନେ ମନୁଷ୍ୟ ଅଟନ୍ତି ଏବଂ ସେମାନେ ସ୍ୱୀୟ ଚେଷ୍ଟା ବଳରେ ମୁକ୍ତିଲାଭ କରିଥାନ୍ତି । ପଞ୍ଚପରମେଷ୍ଠୀମାନେ ମଧ୍ୟ ଏହି ଜଗତରେ ସେମାନଙ୍କ ଜୀବନକାଳ ମଧ୍ୟରେ ଆତ୍ମଚେଷ୍ଟା ବଳରେ ସାଧାରଣ ମାନବ ସ୍ତରରୁ ଆତ୍ମିକ ଉନ୍ନତି ଲାଭ କରି ଶ୍ରେୟ ପ୍ରାପ୍ତ ହୋଇଥାନ୍ତି । ଏହି ପ୍ରକାର ଜ୍ଞାନୋଦୟ ପଥରେ ସେମାନେ ଈଶ୍ୱର ବା ସେହିପରି କୌଣସି ରହସ୍ୟମୟ ଶକ୍ତିର ସହାୟତା ଲୋଡ଼ନ୍ତି ନାହିଁ । ଈଶ୍ୱର ସହାୟତା ବିନା ମାନବ ନିଜେ ଆତ୍ମଶକ୍ତି ବଳରେ ଏହି ଧର୍ମୀୟ ଶ୍ରେୟ ଲାଭ କରିବାକୁ ସମ୍ପୂର୍ଣ୍ଣ ସମର୍ଥ ବୋଲି ଜୈନଧର୍ମ ସ୍ୱୀକାର କରେ । ଆତ୍ମଚେଷ୍ଟା ବଳରେ ଆଧ୍ୟାତ୍ମିକ ଉନ୍ନତି ଲାଭ ପଥରେ ଗତି କଲାବେଳେ ଆନୁଷଙ୍ଗିକ କ୍ରିୟା ହିସାବରେ ତୀର୍ଥଙ୍କରମାନଙ୍କୁ ସମ୍ମାନ ପ୍ରଦାନ କରିବା କିମ୍ବା ସେମାନଙ୍କୁ ପୂଜାର୍ଚ୍ଚନା କରି ପ୍ରାର୍ଥନା କରିବା ଦ୍ୱାରା ସେମାନଙ୍କର ଅତଳାଗତିକ ଐଶ୍ୱରିକ ଶକ୍ତିକୁ ଭକ୍ତି କରାଯାଉଛି ବା ସେମାନେ ଉକ୍ତ ଶକ୍ତି ବିଶିଷ୍ଟ ଅଟନ୍ତି ଏହା ବିଚାରିବା ଅନୁଚିତ । କେବଳ ସେମାନେ ଆତ୍ମ-ଶକ୍ତି ବଳରେ ଆତ୍ମ-ସଂଯମ କରି 'ଜୀନ' ବା ବିଜେତା ହୋଇଥିବାରୁ ଏବଂ ସେମାନଙ୍କ ଆଦର୍ଶ ଚିନ୍ତାଧାରା ଓ କର୍ମପନ୍ଥା ଏହି ଜଗତରେ ମାନବ ସମାଜର ଆଧ୍ୟାତ୍ମିକ ଉନ୍ନତି ପଥରେ ପ୍ରେରଣାର ଆଲୋକ ବର୍ତ୍ତିକା ରୂପେ ପ୍ରତିଷ୍ଠିତ ଥିବାରୁ ସେମାନଙ୍କୁ ଜୈନଧର୍ମୀ ଏବଂ ସାଧାରଣ ମାନବମାନେ ମଧ୍ୟ ଯଥୋଚିତ ସମ୍ମାନ ପ୍ରଦର୍ଶନ କରିଥାନ୍ତି । ଅବଶ୍ୟ ଦୁର୍ବଳମନା ତଥା ଜୈନଧର୍ମର କଠିନ ସାଧନ ପଥରେ ଗତି କରିବାକୁ ଅସମର୍ଥ ସାଧାରଣ ମାନବ ଉପଯୁକ୍ତ ପଥ ପ୍ରଦର୍ଶନ ଏବଂ ପ୍ରେରଣା ଦାନ ପାଇଁ ଅଲୌକ ସାମାନ୍ୟ ତୀର୍ଥଙ୍କରମାନଙ୍କୁ ପ୍ରାର୍ଥନା କରିବା କିମ୍ବା ସେମାନଙ୍କ ମୂର୍ତ୍ତିପୂଜା କରିବାକୁ ଏହି ଧର୍ମରେ ବାଧା ଦିଆଯାଇ ନାହିଁ । ଏହାଦ୍ୱାରା ସାଧାରଣ ମାନବକୁ ମଧ୍ୟ ମୁକ୍ତି ପଥର ଅଧିକାରୀ ହେବାପାଇଁ ସହାୟତା ଯୋଗାଇ ଦିଆଯାଇଥାଏ । ସମଗ୍ର ମାନବ ଜାତିର ସମୂହ ଆଧ୍ୟାତ୍ମିକ ଉନ୍ନତି ନିମନ୍ତେ ଏହି ପ୍ରକାର ଉଦାର ଧର୍ମୀୟ ଚେତନା ବାସ୍ତବରେ ମାନବିକ ମୂଲ୍ୟବୋଧକୁ ସମ୍ମାନ ଦିଏ ବୋଲି କହିଲେ ଅତ୍ୟୁକ୍ତି ହେବ ନାହିଁ । ପୁନଶ୍ଚ କୌଣସି ଅମାନବ ସହାୟତା ବା ହସ୍ତକ୍ଷେପ ବ୍ୟତୀତ ମାନବ ଯେ ନିଜର ନୈତିକ ଜୀବନକୁ ନିୟନ୍ତ୍ରଣ କରିପାରେ ଜୈନ ମତବାଦସ୍ଥିତ ଏହି ସିଦ୍ଧାନ୍ତ ମଧ୍ୟ ମାନବୀୟ ମୀତକୁ ଗ୍ରହଣ କରିଛି ।[୯] ଜୈନଧର୍ମର ଏହି ମାନବତା-ବାଦକୁ ଅଧିକ ଦୃଢତର କରିବାକୁ ହେଲେ ଏଠାରେ ଏତିକି କୁହାଯାଇପାରେ



Digitized by PPRACHIN, SOA

ଯେ ଯଦିଓ ସାଧାରଣ ମାନବ ତୀର୍ଥଙ୍କରଙ୍କୁ ପ୍ରାର୍ଥନା କରେ ତେବେ ତାହା ତାଙ୍କ କରୁଣା ବା ଦୟାର ପାତ୍ର ହେବାପାଇଁ ନୁହେଁ । ବରଂ ତାଙ୍କୁ ନିଜର ଚିତ୍ତଶୁଦ୍ଧି, ଏକାଗ୍ରତା ଏବଂ ଆଧ୍ୟାତ୍ମିକ ଉନ୍ନତି ପଥରେ ଏକ ପ୍ରେରଣାର ଉତ୍ସରୂପେ ପୂଜାର୍ଚ୍ଚନା କରିଥାଏ । ପ୍ରକୃତ ପକ୍ଷେ ମାନବକୁ ଆତ୍ମଚେଷ୍ଟା ଏବଂ ଆତ୍ମ-ନିର୍ଭରତା ମାଧ୍ୟମରେ ହିଁ ଉଚ୍ଚତର ଧର୍ମୀୟ ସୋପାନକୁ ଆରୋହଣ କରିବାକୁ ହୁଏ ବୋଲି ଏହି ଧର୍ମର ମତ ।

ଏହିପରି ଭାବେ ଜୈନଧର୍ମ ଐଶ୍ୱରିକ ତତ୍ତ୍ୱ ସମ୍ବଳିତ ଧର୍ମଠାରୁ ପୃଥକ ଅଟେ । କିନ୍ତୁ ଏଥିରେ କିଛି ପରିମାଣରେ ଅତି ପ୍ରାକୃତିକତା ବା ଅତି ଜାଗତି-କତା ରହିଥିବାର ମଧ୍ୟ ଲକ୍ଷ୍ୟ କରାଯାଏ । କାରଣ ଏହା ଜୈନ ତୀର୍ଥଙ୍କରମାନଙ୍କୁ ମରଣାନ୍ତର ଅନନ୍ତ ଚତୁଷ୍ଟୟରେ ନିତ୍ୟ ବିରାଜିତ ବୋଲି ଏକ ଧାରଣା ସୃଷ୍ଟି କରି ଜୀବନର ଅମୃତତ୍ୱକୁ ସ୍ୱୀକାର କରିଅଛି । ପ୍ରାକୃତଭାବେ ଜୀବର ଏହି ଅମୃତତ୍ୱକୁ ବୁଝାଇବା ସହଜ ନୁହେଁ, ସୁତରାଂ ଏଠାରେ ଅତି ପ୍ରାକୃତିକତା ସ୍ଥାନ ପାଇଛି । ଏହା ଫଳରେ ଅତିଜାଗତିକତା ଏବଂ ଅତି ପ୍ରାକୃତିକତା ଉପରେ ପର୍ଯ୍ୟବସିତ ଜୈନଧର୍ମର ଆଧ୍ୟାତ୍ମିକତା ଈଶ୍ୱରାଭିମୁଖୀ ଧର୍ମତତ୍ତ୍ୱର ସନ୍ନିକଟ ବୋଲି ମଧ୍ୟ କୁହାଯାଇ ପାରିବ ।

କିନ୍ତୁ ଜୈନ ମତବାଦ ସ୍ଥିତ ଜୀବ, ଅଜୀବ ତତ୍ତ୍ୱ ଏବଂ ଭବ-ମୋକ୍ଷ, ଦ୍ରବ୍ୟ-ମୋକ୍ଷ ଆଦି ପ୍ରତ୍ୟୟର ଗଭୀର ଅନୁଧ୍ୟାନ କଲେ ଜଣାଯାଏ ଯେ ଜୀବ ତାର ଶରୀରର ଆକାରରେ ଆକାରିତ । ଏପରିକି ମୁକ୍ତ ଜୀବ ତାର ସର୍ବଶେଷ ଶାରୀରିକ ଆକାର ହିଁ ଧାରଣ କରିଥାଏ ।[୧୦] ଫଳରେ 'ଅଶରୀର ଆତ୍ମା'—ଏପରି କୌଣସି ପ୍ରତ୍ୟୟ ଜୈନଧର୍ମରେ ରହି ନ ପାରେ । ଯଦିଓ ମରଣଶୀଳ ଶରୀର ନଷ୍ଟ ହୋଇଯାଏ, ତଥାପି ଆତ୍ମା ସମ୍ପୂର୍ଣ୍ଣ ଅଶରୀର ଭାବେ ରହିବା କଥା ଚିନ୍ତା କରାଯାଇ ପାରିବ ନାହିଁ । [୧୧] ସୁତରାଂ ଆତ୍ମାର ଅବସ୍ଥିତି କେବଳ ଜାଗତିକ ପରିପ୍ରେକ୍ଷୀରେ ଚିନ୍ତା କରାଯାଇ ପାରେ ।

ଏତଦ୍‌ବ୍ୟତୀତ ଏହି ଧର୍ମ ପ୍ରଣୋଦିତ କୃଚ୍ଛ୍ର ସାଧନା ଏବଂ ଏହିପରି ଦ୍ୱାଦଶ ବର୍ଷ ସାଧନା ପରେ ଆତ୍ମହତ୍ୟା ଅମନୁଷ୍ୟତାର ପରିଚାୟକ ଅଟେ । ପୁନଶ୍ଚ ପ୍ରାଣୀ, ଉଦ୍ଭିଦ, କୀଟ, ପତଙ୍ଗ ସମସ୍ତଙ୍କ ପ୍ରତି ଅହିଂସା ଆଚରଣ କରି ସର୍ବ ପ୍ରାଣବାଦକୁ ପ୍ରୋତ୍ସାହିତ କରୁଥିବା ଏହି ଧର୍ମ ମାନବତାବାଦଠାରୁ ଦୂରେଇ ଗଲଭଳି ମନେହୁଏ । କିନ୍ତୁ ଜୈନଧର୍ମ ଭଳି ଏକ ସୁପ୍ରାଚୀନ ପରମ୍ପରାରେ ଏ ପ୍ରକାର ଉଗ୍ରବାଦକୁ ସମର୍ଥନ କରୁଥିବା କେତେକ ବ୍ୟକ୍ତିତ୍ୱ ବା ଧାରା ରହିବା କିଛି ଅସ୍ୱାଭାବିକ ନୁହେଁ । କାରଣ ଯେ କୌଣସି ଧର୍ମ ମୌଳିକ ଭାବେ ଏକ ସାମାଜିକ



Digitized by PPRACHIN, SOA

ଅନୁଷ୍ଠାନ ଏବଂ ଏହା ବ୍ୟକ୍ତି ତଥା ସମାଜ ମଧ୍ୟରେ ଆବଶ୍ୟକତା ଅନୁଯାୟୀ ବିଭିନ୍ନ କ୍ଷେତ୍ରରେ ସମାନ୍ତରାଳ ଭାବେ ଯୋଗସୂତ୍ର ରକ୍ଷା କରିଥାଏ । ନୈତିକ କ୍ଷେତ୍ରରେ ମଧ୍ୟ ସେହିଭଳି ଉଭୟ ପକ୍ଷକୁ ସୁହାଇଲା ଭଳି ଏକ ବିବେକାନୁମୋଦିତ ପନ୍ଥାର ଅନୁସରଣ କରିଥାଏ । ସମୟେ ସମୟେ ଯଦିଓ ସ୍ଥାନୀୟ ଗ୍ରୁପ ଦ୍ୱାରା ଧର୍ମ କିଛିଟା ପ୍ରଭାବାନ୍ୱିତ ହୋଇ ପରିବର୍ତ୍ତିତ ହୋଇଥାଏ, ତଥାପି ଏହା ସାମାଜିକ ନିୟମରେ କିଛି ବିଭ୍ରାଟ ସୃଷ୍ଟି ନ କରି ମାନବର ଆବଶ୍ୟକତା ପ୍ରତି ସତର୍କ ଦୃଷ୍ଟି ରଖିଥାଏ । [୧୨] ଜୈନଧର୍ମ କ୍ଷେତ୍ରରେ ମଧ୍ୟ ଏହା ସତ୍ୟ । ଏହାର ଅହିଂସା ନୀତି ପଶୁବଳି ପ୍ରଥାକୁ ଉଚ୍ଛେଦ କରିବା ପାଇଁ ଉଦ୍ଦିଷ୍ଟ ହୋଇ ବ୍ୟକ୍ତି ତଥା ସମାଜକୁ ଏକ କ୍ଷତିକାରକ, ଘୃଣ୍ୟ ଓ ଅମନୁଷ୍ୟତାର ଆଚରଣରୁ ନିବୃତ୍ତ କରିଥାଏ । ଅହିଂସା ଅନ୍ତର୍ଗତ ସଜୀବ ବସ୍ତୁର କ୍ଷତି ନ କରିବା ନୀତି ସର୍ବପ୍ରାଣବାଦକୁ ଉତ୍ସାହିତ କରୁଛି କିମ୍ବା ଏହା ମାନବ ସ୍ୱାର୍ଥର ବିରୁଦ୍ଧାଚରଣ କରୁଛି ବୋଲି ବିଚାରିବା ଅନୁଚିତ । ବରଂ ପ୍ରାଚୀନ ଜୈନଗୁରୁମାନେ କହିଛନ୍ତି ଯେ ଅହିଂସା ନୀତି ସହାନୁଭୂତି ତଥା ସାମ୍ୟ ଉପରେ ପ୍ରତିଷ୍ଠିତ ଏବଂ ଏହା ଜୈନ ମତବାଦର ତାତ୍ତ୍ୱିକ ସର୍ତ୍ତ ( ସବୁ ଜୀବ ଆତ୍ମନିହିତ ଭାବେ ସମାନ ) ଉପରେ ପର୍ଯ୍ୟବସିତ । ପୁନଶ୍ଚ 'ଜଗତ ବଞ୍ଚିଲେ ମନୁଷ୍ୟ ବଞ୍ଚିବ' । ଏଥିରୁ ଜଗତ ସ୍ୱାର୍ଥରେ ମାନବ ସ୍ୱାର୍ଥ ନିହିତ ବୋଲି ସ୍ପଷ୍ଟ ବୁଝାଯାଉଛି । ଏଠାରେ ଲକ୍ଷ୍ୟ କରିବାର କଥା ଯେ, ଆଧୁନିକ ଯୁଗର ପରିବେଶ ସୁରକ୍ଷା ନୀତି ସହ ଏହାର ସାମଞ୍ଜସ୍ୟ ରହିଛି । ଏହିପରି ଭାବରେ ଜୈନମାନେ ମାନବ ସ୍ୱାର୍ଥର ବିରୁଦ୍ଧାଚରଣ ନ କରି ତାକୁ ବହୁଗୁଣିତ କରୁଥିବା ତାତ୍ତ୍ୱିକ ଏବଂ ଅପ୍ରାକୃତ ଅନୁସନ୍ଧାନକୁ ହିଁ ସ୍ୱୀକାର କରିଛନ୍ତି । [୧୩]

ଏକ ପକ୍ଷରେ ଜୈନଧର୍ମ କ୍ରିୟାକାଣ୍ଡ ଯୁକ୍ତ ଯଜ୍ଞଦ୍ୱାରା ଅପ୍ରାକୃତ ଶକ୍ତିର ଅନୁଗ୍ରହ ଲାଭ କରିବାର ଉଗ୍ର ଅନ୍ଧବିଶ୍ୱାସ ପ୍ରତି ଏବଂ ଅପର ପକ୍ଷରେ ସମାଜର କ୍ଷତିକାରକ ଜାଗତିକ ବାସନା ଏବଂ ଇନ୍ଦ୍ରିୟ ପରାୟଣତା ଯୁକ୍ତ ଉତ୍କଟ ସୁଖବାଦ ତଥା ବସ୍ତୁତାନ୍ତ୍ରିକ ପ୍ରବୃତ୍ତି ପ୍ରତି ପ୍ରତିକୂଳ ପ୍ରତିକ୍ରିୟା ପ୍ରଦର୍ଶନ କରିଅଛି । କାରଣ ଉଭୟ କ୍ଷେତ୍ରରେ ଅମାନୁଷିକ କ୍ରିୟା କଳାପକୁ ହିଁ ପ୍ରଶ୍ରୟ ଦିଆଯାଇଥାଏ । ଏହି ଉଭୟ ଆତ୍ୟନ୍ତିକ ମତ ବା ପଥ ବିରୁଦ୍ଧରେ ଯାଇ ଜୈନଧର୍ମ ଏକ ବିକଳ୍ପ ପନ୍ଥା ଗ୍ରହଣ କରିଅଛି । ଏହା ହେଉଛି ଆଧ୍ୟାତ୍ମିକମାନବତାବାଦ । [୧୪] ଯଦିଓ ଜୈନଧର୍ମ ଆଧ୍ୟାତ୍ମିକତାବାଦକୁ ପ୍ରଶ୍ରୟ ଦେଇ ଅପ୍ରାକୃତ ଅନୁସନ୍ଧାନକୁ ପ୍ରୋତ୍ସାହିତ କରିଛି, ତଥାପି ଏହା ମାନବର ସର୍ବାଙ୍ଗୀନ ସାମାଜିକ ଉନ୍ନତିକୁ ପ୍ରତିହତ କରି ନାହିଁ । ଜୈନଧର୍ମର ପ୍ରାଥମିକ ଲକ୍ଷ୍ୟ ହେଉଛି ଆତ୍ମାର ପୂର୍ଣ୍ଣତା ସାଧନ ଏବଂ ସେଥିପାଇଁ ଏହାର ବିସ୍ତାରିତ ନୈତିକ ନିୟମାବଳୀ ସମାଜର ଯେ କୌଣସି ସ୍ତରର ସମଗ୍ର ମାନବ ଜାତିପାଇଁ ଉଦ୍ଦିଷ୍ଟ । ସେଥିପାଇଁ କୁହାଯାଇଛି ଯେ ଜୈନଧର୍ମ



Digitized by PPRACHIN, SOA

ଯେକୌଣସି ଅନ୍ୟ ଧର୍ମମତ ଅପେକ୍ଷା ମାନବକୁ ଧର୍ମ କ୍ଷେତ୍ରରେ ସମ୍ପୂର୍ଣ୍ଣ ସ୍ୱାଧୀନତା ପ୍ରଦାନ କରିଅଛି । [୧୫] ଏହିଭଳି ଭାବେ ଜୈନ ମତବାଦ ମାନବ ତଥା ବିଶ୍ୱପାଇଁ ସାମାଜିକ ବା ଜାଗତିକ ସ୍ତରରେ ସଂଯୋଗକାରୀ ବା ସଂହତି ସୃଷ୍ଟିକାରୀ ନିୟମ ପ୍ରଣୟନ କରିଥିବାରୁ ତାହା ଏକ ପ୍ରକୃଷ୍ଟ ଧର୍ମୀୟ ପରମ୍ପରା ଉପରେ ପ୍ରତିଷ୍ଠିତ ବୋଲି କହିଲେ ବାହୁଲ୍ୟ ହେବ ନାହିଁ ।

ବିଖ୍ୟାତ ଉତ୍କଳୀୟ ମାନବତାବାଦୀ ଦାର୍ଶନିକ ପଣ୍ଡିତ ନୀଳକଂଠ ଦାସଙ୍କ ଦ୍ୱାରା ଅନୂଦିତ ଶ୍ରୀମଦ୍‌ଭଗବଦ୍‌ଗୀତାର ମୁଖବନ୍ଧ ପାଠ କଲେ ଦେଖା-ଯାଏ ଯେ କେବଳ ଗୀତା ନୁହେଁ, ଭାରତୀୟ ଧର୍ମୀୟ-ଦର୍ଶନ ପରମ୍ପରା ଉପରେ ଏହି ସୁଚିନ୍ତିତ ବିସ୍ତୃତ ଉପକ୍ରମଣିକା ତାଙ୍କର ମାନବ ସମାଜ ଓ ସଂସ୍କୃତି ସଚେତନତାକୁ ଯଥାର୍ଥ ଭାବେ ପରିସ୍ଫୁଟ କରିଅଛି । ଧର୍ମକୁ, ଅତିଜାଗତିକ ପରିପ୍ରେକ୍ଷୀରେ ବ୍ୟବହୃତ ଇଂରେଜୀ ଶବ୍ଦ 'ରିଲିଜିଅନ'ଠାରୁ ପୃଥକ କରି ତାହାକୁ ସାମାଜିକ ପରିପ୍ରେକ୍ଷୀରେ ଗ୍ରହଣ କରିନେବାର କୃତିତ୍ୱ ପଣ୍ଡିତ ଦାସଙ୍କୁ ଅର୍ପଣ କରାଯାଇପାରେ । ତାଙ୍କ ମତରେ ଧର୍ମ ହେଉଛି ଏକ ସାମାଜିକ ଅନୁଷ୍ଠାନ ଯାହା କେତେକ ସାର୍ବଜନୀନ ନିୟମାବଳୀ ଦ୍ୱାରା ମାନବ ସମାଜର ଏକତ୍ର ଶାନ୍ତିପୂର୍ଣ୍ଣ ସହାବସ୍ଥାନରେ ସହାୟକ ହୋଇଥାଏ ।

ଧର୍ମକୁ ସାମାଜିକ ପରିପ୍ରେକ୍ଷୀରେ ଗ୍ରହଣ କରି ପଣ୍ଡିତ ଦାସ ଏହାର ଦୁଇଟି ବିଭାଗ ଥିବା ଦର୍ଶାଇଛନ୍ତି । ଯେଥିମଧ୍ୟରୁ "ଗୋଟିଏ ହେଉଛି, ବାହାରୁ ନିର୍ଦ୍ଦେଶିତ ବା ଭୌତିକ । ଆଉ ଗୋଟିଏ ହେଉଚି ଆଧ୍ୟାତ୍ମିକ ବା ଆତ୍ମିକ । ଏଇ ଆତ୍ମିକ ଧର୍ମକୁଇ ମୁଁ କହୁଚି, ଆଧ୍ୟାତ୍ମଧର୍ମ ନିର୍ଦ୍ଦେଶ ମନୁଷ୍ୟର ଦରକାର, ସେ ନିର୍ଦ୍ଦେଶ ବାହାରୁ ଦେବତା ବା ଈଶ୍ୱର ଦିଅଂତି । ମନୁଷ୍ୟ ସେଇ ଦେବତା ବା ଈଶ୍ୱରଂକ ଭୟରେ ନିର୍ଦ୍ଦେଶିତ ହେଲିପରି କାମ କରେ । ଏହାକୁଇ ମଧ୍ୟ ଭକ୍ତି ଧର୍ମ ବୋଲି କହଂତି । X X X ଅନ୍ୟ ଧର୍ମଟି ହେଉଚି ଅଧ୍ୟାତ୍ମ ଧର୍ମ । ଏଥିରେ ମନୁଷ୍ୟ ନିର୍ଦ୍ଦେଶର ସ୍ଥାନକୁ ବାହାରେ ନ ଦେଖି ନିଜ ଭିତରେ ଦେଖେ ।" [୧୬]

ପଣ୍ଡିତ ଦାସ ଜୈନଧର୍ମକୁ ପୃଥିବୀରେ ପ୍ରଥମ ଆଧ୍ୟାତ୍ମ ଧର୍ମ ରୂପେ ପ୍ରମାଣିତ କରିଛନ୍ତି । [୧୭] ସେ ପୁନଶ୍ଚ କହିଛନ୍ତି "ପୃଥିବୀରେ ପୁଣି ମୌଳିକ ଦର୍ଶନ ବୋଲି ଯାହା ଅଛି, ବା ପୂର୍ଣ୍ଣ ଆଧ୍ୟାତ୍ମ ଗୁଣଯୁକ୍ତ ଯେତେ ଧର୍ମ ଅଛି, ସେ ସବୁର ମୂଳରେ ଏଇ ଜୈନଧର୍ମ । X X ସବୁଥିରେ ଜୈନଧର୍ମର ପୂର୍ଣ୍ଣ ପ୍ରଭାବ ଦେଖିବାକୁ ମିଳେ । ଦର୍ଶନରେ ମଧ୍ୟ ଜୈନଧର୍ମ ପୁରା ଅନୁଭବ ଉପରେ ପ୍ରତିଷ୍ଠିତ ।" [୧୮]



Digitized by PPRACHIN, SOA

ଜୈନଧର୍ମର ଜୀବ-ଅଜୀବ ପ୍ରସଙ୍ଗ କ୍ରମେ ସେ ଦର୍ଶାଇଛନ୍ତି ଯେ ଜୀବ ସୁମେରୀୟ 'ଜୀ' ଅର୍ଥରେ ଜୀବନୀ ଶକ୍ତିକୁ ବୁଝାଏ ଏବଂ ଏହା ଠିକ୍ ଆତ୍ମା ନୁହେଁ । ଆତ୍ମା ହେଉଛି ଜୀବର ମୁଁ ହୁ ବା ମୁଁ-ଭାବ । ଏହାକୁ ପୁରୁଷ ମଧ୍ୟ କୁହାଯାଏ ଏବଂ ଓଁ ନାମରେ ଏହା ନାମିତ । ଉପନିଷଦରେ ଓଁର ବ୍ୟବହାର ( ସମ୍ଭବତ ଅତିକାଳିକ ) କୃତ୍ରିମ ଅର୍ଥ ପ୍ରକାଶ କରେ ବୋଲି ତାଙ୍କର ମତ । ଏହି ଓଁକୁ ଆତ୍ମାର ପ୍ରତୀକ ବା ନାମ ରୂପେ ଗ୍ରହଣ କରିବାକୁ ସେ କହିଛନ୍ତି । କୌଣସି ବ୍ୟକ୍ତିକୁ ଡ଼ାକିଲେ ସେ 'ଓ' ବା 'ହୁଁ' କହିବା ଦ୍ୱାରା ଆତ୍ମପରିଚୟ ବା ନିଜ ଆତ୍ମା ବା ପୁରୁଷର ପରିଚୟ ଦିଏ । ଓଁ ଏହି ଅର୍ଥରେ ଅତି ପ୍ରାଚୀନ କାଳରୁ ବ୍ୟବହୃତ ହୋଇଛି ଏବଂ ଏହା ଜୀବସେବୀ, ଆତ୍ମସେବୀ ତଥା ପୁରୁଷସେବୀ ଜୈନମାନଙ୍କର କାର୍ଯ୍ୟବୋଲି ପଣ୍ଡିତ ଦାସଙ୍କର ବିଶ୍ୱାସ ଜୈନଧର୍ମକୁ ପ୍ରାଚୀନତମ ଆଧ୍ୟାତ୍ମଧର୍ମ ରୂପେ ପ୍ରତିଷ୍ଠିତ କରାଇ ପାରିଛି । ଆତ୍ମାର ପ୍ରତୀକ ହିସାବରେ 'ଓଁ' ବା 'ଓ' କୁ ଗ୍ରହଣ କରିବାଦ୍ୱାରା ପଣ୍ଡିତ ଦାସ ଆତ୍ମାର ପାରଲୌକିକତାରେ ବିଶ୍ୱାସ କରନ୍ତି ନାହିଁ ଏବଂ ଏହାର ସାମାଜିକ ବା ଲୌକିକ ପରିପ୍ରେକ୍ଷୀରେ ବ୍ୟବହାରକୁ ସ୍ୱୀକାର କରନ୍ତି । ଜୈନଧର୍ମର ସମସ୍ତ ସାଧନା ଯେ ମାନବାତ୍ମାକୁ ଧରି ହୋଇଛି ଏହା ଦର୍ଶାଇବା ପାଇଁ ସେ ଜୈନ ଶାସ୍ତ୍ରରୁ ଉଦ୍ଧାର କରି ଲେଖିଛନ୍ତି, "ଏକା ଏଇ ଆତ୍ମା ପୁଣ୍ୟ ସଞ୍ଚୟ କରେ, ଏଇ ଆତ୍ମା ଏକା ନାନା ସ୍ୱର୍ଗ ସୁଖ ଭୋଗ କରେ । ଏଇ ଏକା କର୍ମ ବିନଷ୍ଟ କରେ । ଏଇ ମଧ୍ୟ ଏକା ମୁକ୍ତି ଲାଭକରେ ।

ଇକ୍କୋ ସଂଚଦି ପୁଣ୍ଣଂ ଇକ୍କୋ ଭୁଂଜେଦି ବିବିହ ସୁରମୋକ୍ଖଂ
ଇକ୍କୋ ଖବେଦି କମ୍ମଂ ଇକ୍କୋ ବିୟ ପାବଏ ମୋକ୍ଖଂ ୧୯

(ଅନୁପ୍ରେକ୍ଷା-୭୬)

ସେ ପୁନଶ୍ଚ ଜୈନ ପଣ୍ଡିତ ଓ ଗ୍ରନ୍ଥକାର ଶ୍ରୀ ଜଗମନ୍ଦରଲାଲ ଜୈନିଙ୍କ ଲେଖାରୁ ଉଦ୍ଧାର କରିଛନ୍ତି "ମନୁଷ୍ୟ ନିଜେ ଓ ସେଇ ଏକା ଜୀବନରେ ଯାହା ଭଲ ବା ମନ୍ଦ ସେଥିପାଇଁ ଦାୟୀ । × × × ଜୈନଧର୍ମ ମନୁଷ୍ୟକୁ ପୂର୍ଣ୍ଣ ସ୍ୱାଧୀନତା ଦେଇଚି, ଏହା ଅନ୍ୟ କୌଣସି ଧର୍ମରେ ନାହିଁ । ଆମେ ଯେଉଁ କର୍ମ କରୁ, ଓ ସେଇ କର୍ମର ଫଳ ଏ ଦୁହିଂକ ମଧ୍ୟରେ ଆଉ କିଛି ନାଇ । ଥରେ କରାହେଲେ ସେମାନେ (ସେଇ କର୍ମମାନେ) ହୁଅଂନ୍ତି ଆମର ନିୟଂତା । ସେସବୁର ଫଳ ନିଶ୍ଚେ ଫଳିବ । ମୋର ସ୍ୱାଧୀନତା ଯେପରି ଅତ୍ୟଂତ ମୂଲ୍ୟବାନ୍, ସେଇପରି ମୋର ଦାୟିତ୍ୱ ମଧ୍ୟ ତା ସଂଗେ ସମାନ ମୂଲ୍ୟବାନ । ମୁଁ ଯେପରି ଇଚ୍ଛା ସେପରି ଜୀବନ ଯାପନ କରିପାରେ । କିନ୍ତୁ ଥରେ ବାଟ ବାଛିନେଲେ, ଆଉ ଫେରିବାର ଉପାୟ ନାଇଁ । ମୁଁ ସେ କର୍ମ ବାଛି ନେବାର ଫଳକୁ ଆଉ ଅନ୍ୟଥା କରିପାରିବି ନାଇ । ଏଇ ନୀତି ଜୈନଧର୍ମକୁ ଅନ୍ୟ ଧର୍ମମାନଂକରୁ ଯଥା— ଖ୍ରୀଷ୍ଟଧର୍ମ, ମୁସଲମାନଧର୍ମ ଓ ହିଂଦୁ ଧର୍ମରୁ ବାରି ଦେଉଚି । ଈଶ୍ୱର ବା ତାଙ୍କର ଅବତାର କମ୍ବା ତାଙ୍କ



Digitized by PPRACHIN, SOA

ସ୍ଥଳାଭିଷିକ୍ତ କମ୍ବା ତାଙ୍କ ପ୍ରିଯ୍ଯ ( ପୁତ୍ର ବା ପଯ୍ଯଗଂବର ) ମନୁଷ୍ୟ ଜୀବନରେ ହସ୍ତକ୍ଷେପ କରିପାରିବେ ନାଇ । ଆତ୍ମା ଯାହା କରେ, ସେଥିପାଇଁ ଆତ୍ମା ଏକା ସାକ୍ଷାତ ଭାବରେ ଓ ନିଶ୍ଚିତ ଭାବରେ ଦାୟୀ ।'' ୨୦

ଏହିଭଳିଭାବେ ଈଶ୍ୱର ଧର୍ମରୁ ଭିନ୍ନ ଜୈନଧର୍ମକୁ ପୁନଶ୍ଚ ମୈତ୍ରୀ ଧର୍ମ ରୂପେ ବର୍ଣ୍ଣନା କରି ପଣ୍ଡିତ ଦାସ କହିଛନ୍ତି ଯେ ଏହି ଧର୍ମରେ ସମ୍ରାଟଠାରୁ ଆରମ୍ଭ କରି କୃଷକ ପର୍ଯ୍ୟନ୍ତ ସମସ୍ତେ ସ୍ୱରାଟ, ଅର୍ଥାତ୍ ଆତ୍ମବାନ । ମାନବଠାରୁ ଆରମ୍ଭ କରି ପଶୁ ,ପକ୍ଷୀ,କୀଟ,ପତଙ୍ଗ ପର୍ଯ୍ୟନ୍ତ ଏମାନଙ୍କର ମୈତ୍ରୀଭାବ ବିସ୍ତୃତ । ଏହି ପରିପ୍ରେକ୍ଷୀରେ ପଣ୍ଡିତ ଦାସ ଲେଖିଛନ୍ତି;''ଦୁର୍ଭିକ୍ଷ ପଡ଼ିଲେ ମଧ୍ୟ ସାହାଯ୍ୟ କରି ଲୋକଂକୁ ବଂଚାଇବା ଆଡ଼କୁ ତାଙ୍କର ମତି ନ ଯାଇ ଯାଏ ଦୁର୍ଭିକ୍ଷରେ ଲୋକେ କିପରି ରହନ୍ତି, ତାହା ଅନୁଭବ କରି ତାଙ୍କ ସଙ୍ଗେ ସମାନ ହେବାପାଇଁ । ନିଜକୁ ବଡ଼ ମନେକରି ଦରିଦ୍ର ସେବାରେ ନିଜେ ପତିତପାବନଙ୍କ ଅନୁକରଣରେ ହେଇଭଲି ନ ହୋଇ ଅନୁଭବରେ ସାମ୍ୟ ପ୍ରତିଷ୍ଠା କରି ମୈତ୍ରୀର ଆଚରଣରେ ଆତ୍ମଲାଭର ପ୍ରଚେଷ୍ଟା କରନ୍ତି । '' [୨୧]

ଏଠାରେ ପଣ୍ଡିତ ଦାସଙ୍କ ସହ ଏକମତ ହୋଇ ଜୈନଧର୍ମ ମୈତ୍ରୀଧର୍ମ ଅନୁସରଣରେ ସମସ୍ତଙ୍କୁ ଆତ୍ମଦାନ ବୋଲି ଗ୍ରହଣ କରିବା ଏବଂ ସମସ୍ତ ପ୍ରାଣୀଙ୍କଠାରେ ମୈତ୍ରୀଭାବ ରକ୍ଷା କରିବା ଭାବ ବିନା ବାଧାରେ ସ୍ୱୀକାର କରାଯାଇ ପାରେ, କିନ୍ତୁ କାର୍ଯ୍ୟ କ୍ଷେତ୍ରରେ ଦୁର୍ଭିକ୍ଷ ପ୍ରପୀଡ଼ିତ ବ୍ୟକ୍ତିକୁ ବଞ୍ଚାଇବା ଦିଗରେ ସାହାଯ୍ୟ ନ କରି କେବଳ ତାର ଅନୁଭୂତି ସହ ଏକାତ୍ମ ହେବାକୁ ଚେଷ୍ଟା କରିବାର ଯେଉଁ ଉଗ୍ର ଆଦର୍ଶ ତାହା ମାନବତାବାଦୀ ଦାର୍ଶନିକ ଏଭଳି ଏକ ମାନବ ସ୍ୱାର୍ଥ ବିରୋଧୀ ବିଚାରଧାରାର ପୃଷ୍ଠପୋଷକତା କେବଳ ଚିନ୍ତାରେ କରିଥିବା ମନେ ହେଉନାହିଁ । ମୋ ମତରେ ଦୟା ପରବଶ ହୋଇ ସାହାଯ୍ୟ କରିବାରେ ହୁଏତ ବଡ଼ସାନ ଭେଦ ମନୋବୃତ୍ତି ଜାତ ହୋଇ ମୈତ୍ରୀଧର୍ମକୁ କ୍ଷୁର୍ଣ୍ଣ କରିପାରେ ଏବଂ ସମସ୍ତେ ଏକ ପର୍ଯ୍ୟାୟଭୁକ୍ତ ବୋଲି ଭାବ ସୃଷ୍ଟି ହୋଇ ନ ପାରେ । କିନ୍ତୁ ସମସ୍ତେ ଆତ୍ମବାନ୍ ଏବଂ ଏକ ପର୍ଯ୍ୟାୟଭୁକ୍ତ ମନେକରି ମାନବ ସ୍ୱାର୍ଥକୁ ଲକ୍ଷ୍ୟ ରଖି କର୍ତ୍ତବ୍ୟ ଦୃଷ୍ଟିରୁ ଦୁର୍ଭିକ୍ଷ ପ୍ରପୀଡ଼ିତ ବା ଦରିଦ୍ରର ସେବା କରାଯାଇ ପାରେ । ଏହାଦ୍ୱାରା ଭାବ ଓ କର୍ମ କ୍ଷେତ୍ରରେ ସାମଞ୍ଜସ୍ୟ ରକ୍ଷା କରିବା ସମ୍ଭବ ହୋଇ ପାରିବ । ଏହି ପ୍ରକାର ବିଚାରଧାରା ଜୈନ ଧର୍ମୀୟ ପରମ୍ପରାରେ ମଧ୍ୟ ପରିଦୃଷ୍ଟ ହୁଏ, ଯେପରିକି କେବଳୀ ବା ଜୈନ ମୁକ୍ତପୁରୁଷମାନେ ନିଜର କିଛି ଆବଶ୍ୟକତା ନଥିବା ସ୍ଥଳେ କେବଳ ଅନ୍ୟମାନଙ୍କର ଭଲ ପାଇଁ ଏକ କର୍ମମୟ ଜୀବନ ଯାପନ ଅବ୍ୟାହତ ରଖନ୍ତି । ମୈତ୍ରୀଧର୍ମକୁ ଏହିଭଳି ଦୃଷ୍ଟିକୋଣରୁ ବିଚାରକରି ତାକୁ ଜୈନଧର୍ମ ସହ ଯୋଡ଼ି ଦେବା ଦ୍ୱାରା ଅଧିକ ଯୁକ୍ତିଯୁକ୍ତ ଭାବେ ମାନବତାବାଦର ପୃଷ୍ଠପୋଷକତା କରାଯାଇ ପାରିବ ।



Digitized by PPRACHIN, SOA

ଜୈନଧର୍ମର ଉଦ୍ଭବ ସମ୍ପର୍କରେ ଆଲୋଚନା କରିବାକୁ ଯାଇ ପଣ୍ଡିତ ଦାସ କହିଛନ୍ତି ଯେ ପ୍ରାଚୀନ କାଳରେ ରାଜା ବା ସମ୍ରାଟଙ୍କଠାରେ ଆତ୍ମୋତ୍ସର୍ଗ କରିବାର ବାଧ୍ୟବାଧକତାରୁ ମନୁଷ୍ୟ ବିଦ୍ରୋହୀ ହୋଇପଡ଼ି ସମ୍ଭୋଗ ତୃଷ୍ଣା ପରିତ୍ୟାଗ କରି ସାଧନା ସଙ୍ଗେ ଆତ୍ମ ପ୍ରତିଷ୍ଠାର ଧର୍ମ ବା ଜୈନଧର୍ମର ମୂଳଦୁଆ ପକାଇଥିଲା । ମନୁଷ୍ୟ ନିଜ ପରିଶ୍ରମର ସମସ୍ତ ଫଳ ରାଜା ବା ସମ୍ରାଟଙ୍କୁ ପ୍ରଦାନ କରିବା ପରେ ପୁନଶ୍ଚ 'ପ୍ରାର୍ଥନା' କରି ଯେତିକି ନିଜପାଇଁ ଦରକାର ତାହା ମାଗି ନେଉଥିଲା । ( ଏହି ଭାବ ପରେ ଭକ୍ତିଧର୍ମ ତଥା ଏକେଶ୍ୱର ଧର୍ମକୁ ପ୍ରଭାବିତ କରିଥିଲା ) । ଏପରି ବାଧ୍ୟବାଧକତା ବା ଭୌତିକ ଅତ୍ୟାଚାର ବିରୁଦ୍ଧରେ ବିଦ୍ରୋହୀମାନେ ବାହାରେ ବିଦ୍ରୋହ କରିବାର ସାହସ କରି ନ ପାରି ନିଜ ଭିତରକୁ ଚାହିଁ ଦେଖିଲେ ଯେ ଭୋଗ ତୃଷ୍ଣା ଛାଡ଼ିଦେଲେ ସମ୍ରାଟଙ୍କୁ ଆତ୍ମ ସମର୍ପଣ କରିବାକୁ ପଡ଼ିବ ନାହିଁ ଓ ତାଙ୍କ ଅତ୍ୟାଚାର ସହିବାକୁ ହେବ ନାହିଁ । ଏହି ବିଦ୍ରୋହୀମାନେ କାଳକ୍ରମେ ସମାଜ ତ୍ୟାଗ କରି ବଣର ଫଳମୂଳରେ ଉଦର ପୂରଣ କଲେ । ଏହି ବିଦ୍ରୋହୀ ଭାବରୁ ଜୈନଧର୍ମର ଉତ୍ପତ୍ତି ଏବଂ ଏହାର ମୂଳପ୍ରେରଣା ଆତ୍ମସମର୍ପଣ ବୋଲି ପଣ୍ଡିତ ଦାସଙ୍କର ମତ ।

ଏଠାରେ ଏ ପ୍ରକାର ମତର ଐତିହାସିକ ତଥ୍ୟ ବା ସମ୍ଭାବ୍ୟତା ସମ୍ପର୍କରେ କିଛି କୁହାଯାଇ ନ ପାରେ । କିନ୍ତୁ ଜୈନଧର୍ମ ଯଦି କେବଳ ଉପରୋକ୍ତ ବିଦ୍ରୋହୀଭାବରୁ ଉତ୍ପନ୍ନ ହୋଇଥାନ୍ତା ଏବଂ ଆତ୍ମସମର୍ପଣ ଦ୍ୱାରା ପ୍ରେରଣା ପ୍ରାପ୍ତ ହୋଇଥାନ୍ତା ତେବେ ଏହା ବ୍ୟକ୍ତି ସ୍ୱାର୍ଥବାଦରେ ରୂପାନ୍ତରିତ ହୋଇଥାନ୍ତା ଏବଂ ସର୍ବପ୍ରାଣବାଦ କିମ୍ବା ମୈତ୍ରୀଧର୍ମର ଏହା ସହ ସମ୍ପର୍କିତ ହେବାର କିଛି ଯାଥାର୍ଥ୍ୟ ନ ଥାନ୍ତା । ଏକ ପକ୍ଷରେ ଜୈନଧର୍ମର ଏହି ମୌଳିକ ଭିତ୍ତିକୁ ଗ୍ରହଣ କରି ଅନ୍ୟ ପକ୍ଷରେ ତାକୁ ମୈତ୍ରୀ ଧର୍ମ ସହ ଯୁକ୍ତ କରିବା ଦ୍ୱାରା ପଣ୍ଡିତ ଦାସ ସାମଞ୍ଜସ୍ୟ ରକ୍ଷାକରି ପାରି ନାହାନ୍ତି ବୋଲି କେତେକ ଭାବି ପାରନ୍ତି । କିନ୍ତୁ ତାଙ୍କର ଏହି ସମସ୍ତ ବିଚାରଧାରା ନିମ୍ନୋକ୍ତ ଦୃଷ୍ଟିରୁ ଦେଖିଲେ ତାହାର ମୌଳିକ ତାତ୍ପର୍ଯ୍ୟ ବୋଧଗମ୍ୟ ହୋଇପାରିବ । ସମ୍ରାଟ ବା ରାଜାଙ୍କ ବ୍ୟବହାରରେ ଲାଞ୍ଛିତ ହୋଇ ଏବଂ ସମଗ୍ର ଜୀବଜଗତ ପ୍ରତି ଏହାର ପରିଣାମ ଦର୍ଶନ କରି ମାନବ ତଥା ଜୀବ ଜଗତର ସ୍ୱାର୍ଥ ରକ୍ଷା ଉଦ୍ଦେଶ୍ୟରେ ଜୈନ ଧର୍ମୀୟ ଦୃଷ୍ଟିଭଙ୍ଗୀର ଉଦ୍ଭବ ହୋଇଛି ବୋଲି କୁହାଯାଇପାରେ । ଏଥିପାଇଁ ମାନବକୁ ପ୍ରଥମେ ଆତ୍ମ-ସମର୍ପଣ ଦ୍ୱାରା ଆତ୍ମ-ବିଜେତା ବା 'ଜିନ' ହୋଇ ଆତ୍ମନିର୍ଭରଶୀଳ ହେବା ପରେ ବିଶ୍ୱାତ୍ମା ସହ ଏକାତ୍ମତା ଅନୁଭବ କରି ସାର୍ବଜନୀନ ସ୍ୱାର୍ଥରକ୍ଷା ଦିଗରେ ବ୍ରତୀ ହେବାକୁ ହୁଏ ବୋଲି ଅର୍ଥ କରିବା ଅପ୍ରାସଙ୍ଗିକ ବୋଧ ହେଉନାହିଁ ।



Digitized by PPRACHIN, SOA

ଜୈନଧର୍ମକୁ ଅସ୍ତିକ ଧର୍ମ ବା ଅଧ୍ୟାତ୍ମ ଧର୍ମକୁ ପୁରୁଷଭାବ ବା ପୂର୍ଣ୍ଣ-ଭାବର ମୂଳରୂପେ ଅଭିହିତ କରି ଏହାକୁ ସମ୍ପୂର୍ଣ୍ଣ ରୂପେ ଭାରତୀୟ ଭାବ ବୋଲି କହିବାରେ ପଣ୍ଡିତ ଦାସଙ୍କର କୃତିତ୍ୱ ଅନସ୍ୱୀକାର୍ଯ୍ୟ । ଏହି ପୁରୁଷ ବା 'ପୂର୍ଣ୍ଣଭାବ' ଧାରା ଜୈନଧର୍ମ ଭାରତୀୟ ଦ୍ରାବିଡମାନଙ୍କ ଦ୍ୱାରା ପ୍ରତିଷ୍ଠିତ । ଏହି 'ପୂର୍ଣ୍ଣଭାବ' ଏବଂ ଭାରତର ଦ୍ରାବିଡମାନଙ୍କ ପୂର୍ବରୁ ଥିବା ନିଷାଦମାନଙ୍କ 'ଶୂନ୍ୟଭାବ' ମିଳିତ ହୋଇ ଭାରତରେ ମାନବ ମଧ୍ୟରେ ହିନ୍ଦୁ, ମୁସଲମାନ, ଖ୍ରୀଷ୍ଟିୟାନ, ସଭ୍ୟ, ଅସଭ୍ୟ, ରଙ୍ଗ, ବର୍ଣ୍ଣର କୌଣସି ପ୍ରଭେଦ ନଥିଲା ବୋଲି ତାଙ୍କର ଯେଉଁ ଜୋର ଆତ୍ମପ୍ରତ୍ୟୟଯୁକ୍ତ ଦମ୍ଭୋକ୍ତି, ତାହା ବାସ୍ତବିକ୍ ତାଙ୍କର ମାନବତାବାଦୀ ମୌଳିକ ବିଚାରଧାରାର ପରିଚାୟକ ଅଟେ । ତାଙ୍କ ଭାଷାରେ : "ମାନବକୁ ସମାନ କରି ଦେଖିବାର ଏ ଭାବ ଏବେ ପ୍ରକୃତ ଭାରତୀୟ ଭାବ । ଗୀତାର ସମସ୍ତ ଜ୍ଞାନ ଏକେଶ୍ୱର ବଳରେ ନିବଦ୍ଧ ହେଲେ ମଧ୍ୟ ଏଇ ଆତ୍ମା ଭାବଧାରାରେ ପୂର୍ଣ୍ଣବିକାଶ ରୂପେ ବୁଝିବାକୁ ହେବ । ଏଥିରୁ ପୁରୁଷର ପୂର୍ଣ୍ଣଭାବଟି ପୁରୁଷୋତ୍ତମ ରୂପେ ଗୀତାରେ ଶୂନ୍ୟ ଭାବଟି ଖ୍ରୀଷ୍ଟ ୭ମ/୮ମ ଶତାବ୍ଦୀର ଉଡ୍ଡୀୟାନରେ ପୂର୍ଣ୍ଣ-ବିକାଶ ପାଇଥିବା ଜଗନ୍ନାଥ ଭାବରେ ସ୍ପଷ୍ଟ ଦେଖାପଡ଼େ ।" [୨୨]

ପୁରୀକୁ 'ଜିନାସନ' କ୍ଷେତ୍ର ବା 'ପୁରୁଷ ପୀଠ' ରୂପେ ପ୍ରମାଣିତ କରି [୨୩] ଜଗନ୍ନାଥଙ୍କୁ, ଯଦିଓ ବିରୁଦ୍ଧ ବା ଜୈନ ଦେବ ନୁହନ୍ତି ତଥାପି ଅଷ୍ଟମ ଶତାବ୍ଦୀର ପ୍ରଥମଭାଗ ପର୍ଯ୍ୟନ୍ତ ସେ ଜୈନଦେବ ରୂପେ ପ୍ରତିଷ୍ଠିତ ବୋଲି ପ୍ରମାଣ କରିବା ପାଇଁ ପଣ୍ଡିତ ଦାସ ଉଡ୍ଡୀୟାନର ରାଜା ଇନ୍ଦ୍ରଭୂତିଙ୍କ 'ଜ୍ଞାନସିଦ୍ଧି'ର ପ୍ରଥମ ଶ୍ଳୋକଟି ଉଦ୍ଧାର କରିଛନ୍ତି ।

ପ୍ରଣିପତ୍ୟ ଜଗନ୍ନାଥଂ ସର୍ବଜିନବରାର୍ଚ୍ଚିତଂ
ସର୍ବ ବୁଦ୍ଧମୟଂ ସିଦ୍ଧି ବ୍ୟାପିନୋ ଗଗନୋପମମ୍ ।

ଅର୍ଥାତ୍ ଜଗନ୍ନାଥ ହେଉଛନ୍ତି ଶ୍ରେଷ୍ଠ ଜିନମାନଙ୍କର ଅର୍ଚ୍ଚିତ ଓ ସର୍ବବୁଦ୍ଧମୟ । ସେ ସିଦ୍ଧିରେ ଆକାଶ ପରିବ୍ୟାପ୍ତ । ଓଡ଼ିଶାକୁ ଜୈନଭୂମି ରୂପେ ଏବଂ ଜଗନ୍ନାଥଙ୍କୁ ଜୈନଦେବ ରୂପେ ପ୍ରମାଣିତ କରିବାପାଇଁ ପଣ୍ଡିତ ଦାସଙ୍କର ଯେଉଁ ଅକ୍ଳାନ୍ତ ଅବିଶ୍ୱାସ୍ୟ ପରିଶ୍ରମ ତାହା ବାସ୍ତବିକ୍ ତାଙ୍କ ଅନୂଦିତ ଶ୍ରୀମଦ୍ ଭଗବଦ୍ ଗୀତାର ବିଶାଳ ପୀଠିକାକୁ ପାଠ ନକଲେ ଅନୁଭବ କରିହେବ ନାହିଁ । ଏହା ଅନ୍ୟ-ପକ୍ଷରେ ତାଙ୍କର ଜାତୀୟତାବାଦକୁ ପରିସ୍ଫୁଟ କରିଅଛି ।

ଉପସଂହାର— ପରିଶେଷରେ ପଣ୍ଡିତ ଦାସଙ୍କ ମତରେ ଜୈନ ଧର୍ମର ପ୍ରଭାବ ଆର୍ଯ୍ୟଧର୍ମ ଉପରେ ପତିତ ହୋଇଅଛି । ଏହି ବିଷୟର ତାଙ୍କ ପ୍ରଦତ୍ତ 'ଜୈନଧର୍ମ' ଓ 'ଆର୍ଯ୍ୟଧର୍ମ' ପ୍ରତ୍ୟୟ ଦୁଇଟିର ସାମଞ୍ଜସ୍ୟରୁ ଲକ୍ଷ୍ୟ କରାଯାଇ ପାରେ । ଜୈନଧର୍ମ କହିଲେ କ'ଣ ବୁଝାଯାଏ ତାହା ପୂର୍ବରୁ କୁହାଯାଇଛି ।



Digitized by PPRACHIN, SOA

ବର୍ତ୍ତମାନ ଦେଖାଯାଉ ଆର୍ଯ୍ୟଧର୍ମରେ କିଭଳି ଏହାର ପ୍ରଭାବ ପଡ଼ିଛି ବା ସାମଞ୍ଜସ୍ୟ ରହିଛି । 'ଆର୍ଯ୍ୟଜୀବନ' ପ୍ରବନ୍ଧରେ ପଣ୍ଡିତ ଦାସ ଲେଖିଛନ୍ତି ଯେ ସମୟେ ସମୟେ ଆର୍ଯ୍ୟଧର୍ମରେ ଈଶ୍ୱର ନିର୍ଦ୍ଦେଶର ଆବଶ୍ୟକତା କିଛି ପରିମାଣରେ ଅନୁଭୂତ ହେଲେ ମଧ୍ୟ "ଆର୍ଯ୍ୟର ଧର୍ମ କେବଳ ବିଧାତାଙ୍କର ନିର୍ଦ୍ଦେଶ ନୁହେଁ । ତହିଁରେ ସମ୍ପୂର୍ଣ୍ଣ ନିଜତ୍ୱ ଅଛି । ଏହିପରି ଧର୍ମ, କର୍ତ୍ତବ୍ୟରେ ପ୍ରତିଷ୍ଠିତ ରହି ଆର୍ଯ୍ୟ ବିମଳ ସ୍ୱାଧୀନତା ଭୋଗ କରେ । × × ଋଷି ଗାଇଛନ୍ତି :—

'ଯସ୍ତ୍ୱାତ୍ମବାନ୍ ସ ଏବ ସ୍ୱରାଟ ଭବତି'

ଅର୍ଥାତ୍ ଯେ ଆତ୍ମବାନ୍ ହୁଏ, ସେ ସ୍ୱରାଟ୍ ହୁଏ । ଯେ ଆତ୍ମଲାଭ କରେ ସେ ସ୍ୱରାଜ ପାଏ । ଅର୍ଥାତ ନିଜେ ନିଜର ରାଜା ହୁଏ ।" [୨୪] ପୁନଶ୍ଚ ଆର୍ଯ୍ୟଧର୍ମର ସ୍ୱରୂପ ଦର୍ଶାଇବାକୁ ଯାଇ ସେ ପରିଷ୍କାର ଭାବେ ଲେଖିଛନ୍ତି "ସୃଷ୍ଟିର ମୂଳ ପଦାର୍ଥ ବା ଈଶ୍ୱରାଦି ବିଷୟକ ମତବାଦ ଆର୍ଯ୍ୟର ଧର୍ମ ନୁହେଁ । ଧର୍ମର ଧାରଣା ଆର୍ଯ୍ୟର ଦୃଢ଼, ସ୍ଥିର ଓ ନିତ୍ୟ । ଧର୍ମ ମାନବ ଜୀବନର ପ୍ରକୃତି । ଏହା ମାନବର ମାନବତ୍ୱ" । [୨୫] ଏହି ଭାବରେ ଆର୍ଯ୍ୟଧର୍ମ ଜୈନ ଧର୍ମର ଅଧ୍ୟାତ୍ମ ଭାବକୁ ସ୍ୱୀକାର କରିଥିବାର ଦେଖାଯାଏ ।

ଜୈନଧର୍ମର ମୈତ୍ରୀଭାବ କିପରି ଭାବରେ ଆର୍ଯ୍ୟଧର୍ମରେ ପ୍ରତିଭାତ ହୋଇଛି, ତାହା ପଣ୍ଡିତ ଦାସଙ୍କ ଲେଖାରେ ସୁସ୍ପଷ୍ଟ ।

"ସଂକୀର୍ଣ୍ଣ ସ୍ୱାର୍ଥପରତାରୁ ବାହାରି ଜୀବନକୁ ଜଗତରେ ମିଶାଇ ଦେବା ଆର୍ଯ୍ୟର ଚିର ଲକ୍ଷ୍ୟ, ଅନନ୍ତ କର୍ତ୍ତବ୍ୟ ମଧ୍ୟରେ ସେଥିପାଇଁ ସେ ଆତ୍ମୋତ୍ସର୍ଗ କରେ । ଏହି ସାଧନାରେ ତାହାର ଅତ୍ମପ୍ରସାର ଏତେ ଦୂର ଯେ ସେ ଚରାଚର ସର୍ବତ୍ର ନିଜପରି ଆତ୍ମା ଦେଖି, ଅନନ୍ତ ପ୍ରେମରେ ପ୍ରାଣ ମିଶାଇଦିଏ । ଜଗତରେ ଯେଉଁ ବିଶ୍ୱାତ୍ମାର ଉଦ୍ଭେଦ ଦେଖେ, ନିଜେ ସେହି ଆତ୍ମା ବୋଲି ଅନୁଭବ କରି ଆନନ୍ଦରେ କହେ 'ସୋଽହଂ', ଅର୍ଥାତ୍ ସେହି ମୁଁ ।" [୨୬]

ଏଠାରେ ବିଶ୍ୱାତ୍ମା କହିଲେ ପଣ୍ଡିତ ଦାସ କୌଣସି ପାରଲୌକିକ ବା ଅତିଜାଗତିକ ଆତ୍ମାକୁ ନିର୍ଦ୍ଦେଶ କରିନାହାନ୍ତି । ବରଂ ଏହା ସାମାଜିକ ବା ଜାଗତିକ ପରିପ୍ରେକ୍ଷୀରେ ବ୍ୟବହୃତ ହୋଇଥିବାର ଜଣାପଡୁଛି । କାରଣ ଆତ୍ମାକୁ ମଧ୍ୟ ସେ ଏହି ପରିପ୍ରେକ୍ଷୀରେ ଗ୍ରହଣ କରିଛନ୍ତି । ଏହି ବିଶ୍ୱାତ୍ମାରେ ଆତ୍ମାନୁଭବ ବା ଏକାତ୍ମତା ଜୈନଧର୍ମର ସର୍ବପ୍ରାଣବାଦ ବା ମୈତ୍ରୀଭାବ ସହ ସାମଞ୍ଜସ୍ୟ ରକ୍ଷା କରିଥିବାର ପ୍ରତୀୟମାନ ହେଉଛି ।

ପଣ୍ଡିତ ଦାସଙ୍କର ଏହି ପ୍ରକାର ଜୈନଧର୍ମ ଓ ଆର୍ଯ୍ୟଧର୍ମ ମଧ୍ୟରେ ସାମଞ୍ଜସ୍ୟ ରକ୍ଷା ଏବଂ ଆତ୍ମା, ବିଶ୍ୱାତ୍ମା, ସର୍ବପ୍ରାଣବାଦ, ମୈତ୍ରୀଭାବ ଆଦି ପ୍ରତ୍ୟୟ ଉପରେ ଗଭୀର ବିଚାର ତାଙ୍କର ମାନବତାବାଦୀ ଦାର୍ଶନିକ ବିଚାର ଉପରେ ଆଲୋକପାତ କରେ ।



Digitized by PPRACHIN, SOA

# ଟୀପ୍ପଣୀ

୧. ଡ. ବଜ୍ରାନନ୍ଦ କର : 'ଦ ଧର୍ମ ଇନ୍ ଜୈନଜ୍ମ୍', ଇଣ୍ଟରନ୍ୟାସନାଲ ଫିଲୋସଫିକାଲ କ୍ୱାଟର୍ଲି, ୨୭ ଖଣ୍ଡ, ସଂଖ୍ୟା ୨ ରେ ପ୍ରକାଶିତ, ନ୍ୟୁୟର୍କ : ଫୋରଡ୍ହାମ୍ ୟୁନିଭର୍ସିଟି ୧୯୮୭, ଜୁନ୍, ପୃ ୧୬୨ ।

୨. ଡ଼. ଚନ୍ଦ୍ରଧର ଶର୍ମା : ଏ କ୍ରିଟିକାଲ୍ ସର୍ଭେ ଅଫ୍ ଇଣ୍ଡିଆନ୍ ଫିଲୋସଫି, ଦିଲ୍ଲୀ; ମୋତିଲାଲ ବନାରସୀ ଦାସ, ୧୯୭୪, ପୃ ୬୭ ।

୩. ତତ୍ରୈବ, ପୃ ୬୭ ।

୪. ଏମ୍. ହିରିୟାନା : ଆଉଟ୍‌ଲାଇନ୍‌ସ୍ ଅଫ୍ ଇଣ୍ଡିୟାନ୍ ଫିଲୋସଫି, ବମ୍ବେ : ବ୍ଲାକି ଆଣ୍ଡ ସନ୍‌ସ ପ୍ରାଇଭେଟ୍ ଲିମିଟେଡ୍, ୧୯୮୩, ପୃ ୧୫୫ ।

୫. ଇ. ଡବ୍ଲ୍ୟୁ ହପ୍‌କିନ୍‌ସ୍ : ଦ ରିଲିଜିଅନ୍‌ସ୍ ଅଫ୍ ଇଣ୍ଡିଆ, ବୋଷ୍ଟନ୍: ଗିନ୍ ଆଣ୍ଡ୍ କୋମ୍ପାନି, ୧୯୦୨, ପୃ ୨୮୩ ।

୬. ଏମ୍. ହିରିୟାନା : ଆଉଟ୍‌ଲାଇନ୍‌ସ୍ ଅଫ୍ ଇଣ୍ଡିୟାନ୍ ଫିଲୋସଫି, ( ପୂର୍ବରୁ ସୂଚିତ ) ପୃ ୬୦ ।

୭. ଡ. ବଜ୍ରାନନ୍ଦ କର : 'ଦ ଧର୍ମ ଇନ୍ ଜୈନଜ୍ମ୍', ( ପୂର୍ବରୁ ସୂଚିତ ), ପୃ ୧୬୨ ।

୮. ତତ୍ରୈବ, ପୃ ୧୬୩ ।

୯. ତେଲେଶପି : ଦ ନ୍ୟାଚୁରାଲିଷ୍ଟିକ୍ ଟ୍ରାଡ଼ିସନ୍ ଇନ୍ ଇଣ୍ଡିୟାନ୍ ଅଟ୍, ଦିଲ୍ଲୀ; ମୋତିଲାଲ ବନାରସୀ ଦାସ, ୧୯୭୪, ପୃ ୧୧୫ ।

୧୦. ମୋହନଲାଲ ମେହେଣ୍ଟା : ଜୈନ ଫିଲୋସଫି, ବାରାଣସୀ : ପି. ଭି. ରିସର୍ଚ୍ଚ ଇନ୍‌ଷ୍ଟିଚ୍ୟୁଟ୍. ୧୯୭୧, ପୃ ୧୧୦ ।

୧୧. ଡ. ବଜ୍ରାନନ୍ଦ କର : 'ଦ ଧର୍ମ ଇନ୍ ଜୈନଜ୍ମ୍', ପୃ ୧୬୫ ।

୧୨. ତତ୍ରୈବ : ପୃ ୧୬୬ ।

Digitized by PPRACHIN, SOA

୧୩. ତତ୍ରୈବ : ପୃ ୧୬୭ ।
୧୪. ତତ୍ରୈବ : ପୃ ୧୬୭-୧୬୮ ।
୧୫. ଜଗମନ୍ଦ୍‌ଲାଲ୍ ଜୈନ : **ଆଉଟ୍‌ଲାଇନ୍‌ସ୍ ଅଫ୍ ଜୈନଜିମ୍,** କ୍ୟାମ୍ବ୍ରିଜ୍ ୟୁନିଭର୍ସିଟି ପ୍ରେସ୍, ପୃ ୩ ।
୧୬. ପଣ୍ଡିତ ନୀଳକଂଠ ଦାସ : **ଶ୍ରୀମଦ୍ ଭଗବଦ୍‌ଗୀତା,** କଟକ : ନଉ ଷ୍ଟୁଡେଣ୍ଟସ୍ ଷ୍ଟୋର, ଦ୍ୱିତୀୟ ସଂସ୍କରଣ, ପୀଠିକା ୧୯୬୩, ପୃ ୮୨ ।
୧୭. ତତ୍ରୈବ, ପୃ ୭୫-୮୨ ।
୧୮. ତତ୍ରୈବ, ପୃ ୮୨-୮୩ ।
୧୯. ତତ୍ରୈବ, ପୃ ୮୮ ।
୨୦. ତତ୍ରୈବ, ପୃ ୮୯ ।
୨୧. ତତ୍ରୈବ, ପୃ ୯୭ ।
୨୨. ତତ୍ରୈବ, ପୃ ୨୫ ।
୨୩. ତତ୍ରୈବ, ପୃ ୭-୮ ଏବଂ ୪୪-୪୮ ।
୨୪. ପଣ୍ଡିତ ନୀଳକଂଠ ଦାସ : "ଆର୍ଯ୍ୟଜୀବନ", **ନୀଳକଂଠ ଗ୍ରଂଥାବଳୀ** ଦ୍ୱିତୀୟ ଖଣ୍ଡରେ ପ୍ରକାଶିତ, କଟକ ଷ୍ଟୁଡେଣ୍ଟସ୍ ଷ୍ଟୋର, ୧୯୬୫, ପୃ ୩୯୭ ।
୨୫. ତତ୍ରୈବ, ପୃ ୩୭୫ ।
୨୬. ତତ୍ରୈବ, ପୃ ୩୯୮ ।

ଡ. ଆର୍ତ୍ତିବଲ୍ଲଭ ମହାନ୍ତି ରିସର୍ଚ୍ଚ ଫେଲୋ
ସ୍ନାତକୋତ୍ତର ଦର୍ଶନ ବିଭାଗ
ଉତ୍କଳ ବିଶ୍ୱବିଦ୍ୟାଳୟ
ବାଣୀବିହାର-୭୫୧୦୦୪



Digitized by PPRACHIN, SOA

# ପଣ୍ଡିତ ନୀଳକଂଠଂକ ଦର୍ଶନରେ ଶ୍ରୀକୃଷ୍ଣ

ଶ୍ରୀଯୁକ୍ତ ଗୌରୀବନ୍ଧୁ କର

## ଶ୍ରୀକୃଷ୍ଣଙ୍କ ବ୍ୟକ୍ତିତ୍ୱ

ଶ୍ରୀମଦ୍ ଭଗବତଗୀତା ମହାଭରତର ଗୋଟିଏ ଅଂଶ । ଗୀତାକୁ ଜାଣିବାକୁ ହେଲେ କେତେଗୁଡ଼ିଏ ବିଷୟକୁ ଭଲ ରୂପେ ଜାଣିବା ଆବଶ୍ୟକ । ପ୍ରକୃତ ପକ୍ଷେ ଏହା କ'ଣ ପ୍ରକୃତରେ ମହାଭରତର ଅଂଶ ବିଶେଷ ଏବଂ ଏହାର ରଚୟିତା କ'ଣ ବେଦ-ବ୍ୟାସ ? ଦ୍ୱିତୀୟତଃ କୃଷ୍ଣ ନାମଧେୟ କୌଣସି ଐତିହାସିକ ବ୍ୟକ୍ତିତ୍ୱ ଥିଲେ କି ନାହିଁ । ତୃତୀୟତଃ କୁରୁକ୍ଷେତ୍ରରେ ପ୍ରକୃତରେ ଯୁଦ୍ଧ ସଂଘଟିତ ହୋଇଥିଲା କି ଏବଂ ସର୍ବୋପରି ଅର୍ଜୁନ ଏବଂ ଅନ୍ୟମାନେ କ'ଣ ବାସ୍ତବରେ ଐତିହାସିକ ବ୍ୟକ୍ତିତ୍ୱ ?

ବିଶେଷ ଭବରେ ମହାଭରତର ଗୀତାରେ କୃଷ୍ଣଙ୍କ ବ୍ୟକ୍ତିତ୍ୱ ଉପରେ ବିଶେଷ ଗୁରୁତ୍ୱ ଦିଆଯାଇଛି । ପ୍ରକୃତରେ ଏହି କୃଷ୍ଣ ବ୍ୟକ୍ତିତ୍ୱଟି କିଏ ତାହା ଅତ୍ୟନ୍ତ ସନ୍ଦେହ ଜନକ । ଛାନ୍ଦୋଗ୍ୟ ଉପନିଷଦରେ ଏକ ସ୍ଥାନରେ କୃଷ୍ଣ ଦେବକୀ ପୁତ୍ର ଭବେ ଉଲ୍ଲେଖ ଅଛି । ଏହି କୃଷ୍ଣ ଜନୈକ ଘୋର ଅଙ୍ଗୀରସ ନାମକ ଯୋଗୀଙ୍କ ଠାରୁ ଆଧ୍ୟାତ୍ମ୍ୟ ଶିକ୍ଷା ପ୍ରାପ୍ତ ହୋଇଥିଲେ । ମହାଭରତର କୃଷ୍ଣ ଦ୍ୱାରକାର ରଜା ଓ ଭଗବତରେ କୃଷ୍ଣଙ୍କର ରସଲୀଳାର ବର୍ଣ୍ଣନା ଅତି ବ୍ୟାପକ । ବହୁଦିନ ତଳେ ଭରତରେ ଏକ ବିଶେଷ ଉତ୍ସବ ପାଳନ କରଯାଇଥିଲା । ତାକୁ ମଦନୋତ୍ସବ କୁହାଯାଉଥିଲା । ଏହି ଉତ୍ସବଟି ଯୁବକ ଯୁବତୀ ମାନଙ୍କର ଏକ ବିଶେଷ ପର୍ବ ଥିଲା । ପରବର୍ତ୍ତୀ ସମୟରେ ଏହା ଦୋଳ ପର୍ବରେ ପରିଣତ ହେଲା ଏବଂ କୃଷ୍ଣଙ୍କ ପ୍ରତି ଅର୍ପିତ ହେଲା ।

କୃଷ୍ଣ ବୁଦ୍ଧଙ୍କ ବହୁ ପୂର୍ବରୁ ଜନ୍ମ ଗ୍ରହଣ କରିଥିଲେ । ବହୁ ଲୋକ କୃଷ୍ଣ ବୋଲି କେହି ଥିବାର ବିଶ୍ୱାସ କରନ୍ତି ନାହିଁ । କେତେକ ବିଶ୍ୱାସ କରନ୍ତି ଯେ ପ୍ରାଚୀନ କାଳରେ ସୂର୍ଯ୍ୟଙ୍କ ଉପାସନାରୁ କୃଷ୍ଣ ପୂଜା ଆସିଛି । ଅନୁମାନ କରଯାଏ ଯେ ଅନେକ କୃଷ୍ଣ ଅଛନ୍ତି। ଜଣକର କଥା ଉପନିଷଦରେ ଦେଖିବାକୁ ମିଳିବା ବେଳେ ଆଉ ଜଣେ ରଜା ଓ ଅନ୍ୟ

Digitized by PPRACHIN, SOA

ଜଣେ ସେନାପତି । ଯାହାହେଲେ ମଧ୍ୟ ଏହା ଦ୍ୱାରା ଆମର କୃଷ୍ଣଙ୍କ ପ୍ରତି ଥିବା ଭାବନାରେ କୌଣସି ପରିବର୍ତ୍ତନ ହେଉ ନାହିଁ ।

ଏହା ସତ୍ୟ ଯେ ଏପରି କେତେକ ବ୍ୟକ୍ତି ଜନ୍ମ ନିଅନ୍ତି ଯେଉଁମାନଙ୍କଠାରେ ଆଧ୍ୟାତ୍ମିକ ଶକ୍ତି ଅତ୍ୟନ୍ତ ଅଧିକ । ତାଙ୍କ ଚାରିକଡ଼ରେ ବିଭିନ୍ନ ପ୍ରବାଦମାନ ଯୋଡ଼ି ଦିଆଯାଏ ।

ଗୀତାରେ କୃଷ୍ଣଙ୍କଠାରେ ଆମେ ଦେଖୁ ଦୁଇଟି ଭାବ ଧାରାର ସମ୍ମିଶ୍ରଣ । ପ୍ରଥମତଃ ସମସ୍ତ ଚିନ୍ତାଧାରାର ସମନ୍ୱୟ ଓ ଦ୍ୱିତୀୟରେ ବନ୍ଧନମୁକ୍ତ ବା ବୈରାଗ୍ୟ । ଜଣେ ସାଧାରଣ ମନୁଷ୍ୟ ରାଜ ସିଂହାସନରେ ବସି, ଯୁଦ୍ଧ ପରିଚାଳନା କରି ଦେଶ ପାଇଁ କାର୍ଯ୍ୟ କରି ମୁକ୍ତି ବା ସିଦ୍ଧି ଲାଭ କରିପାରେ । ଗୀତା ଯୁଦ୍ଧ କ୍ଷେତ୍ରରେ କୁହା ଯାଇ ଏହା ପ୍ରମାଣିତ କରୁଛି ।

କୃଷ୍ଣ ନିଜକୁ ଈଶ୍ୱର ବା ଅବତାର ବୋଲି କହିଛନ୍ତି ଏବଂ ଘୋଷଣା କରି କହିଛନ୍ତି, "ମୋର ପ୍ରଦର୍ଶିତ ମାର୍ଗରୁ କେହି ଅଲଗା ହୋଇ ରହି ପାରିବ ନାହିଁ । ଯେ ଯେଉଁ ଭାବରେ ଆରାଧନା କରିବାକୁ ଇଚ୍ଛା କଲେ, ମୁଁ ତାଙ୍କୁ ବିଶ୍ୱାସ ଦିଏ ଏବଂ ସେ ମୋତେ ସେହି ମାଧ୍ୟମରେ ଲାଭ କରନ୍ତି ।" ତାଙ୍କର ହୃଦୟ ସାର୍ବଜନୀନ ମଙ୍ଗଳ ନିମିତ୍ତ ଉଦ୍ଦିଷ୍ଟ ଥିଲା ।

କୃଷ୍ଣଙ୍କ ବ୍ୟକ୍ତିତ୍ୱ ଆମକୁ ଭୟଭୀତ କରେ । ଆମେ ତାଙ୍କ ଉପରେ ଭରସା କରୁ । ତାଙ୍କର ତେଜୋମୟ ବାଣୀରେ ବିଶ୍ୱାସ ସ୍ଥାପନ କରୁ । କୃଷ୍ଣ ଆମ୍ଭମାନଙ୍କୁ ସହଜ ଓ ସରଳ ରାସ୍ତା ଦେଖାଇଛନ୍ତି । ଆମ୍ଭମାନଙ୍କ ଭିତରେ ଥିବା ଇଚ୍ଛାଶକ୍ତି ଦ୍ୱାରା ଆମ୍ଭେ ବନ୍ଧା ହୋଇ ରହୁ । ପ୍ରତ୍ୟେକ କର୍ମ କରିବା ଉଚିତ । କର୍ମର ଫଳ ଲାଭ ପ୍ରତି ଆସକ୍ତି ରହିବା ଉଚିତ ନୁହେଁ । 'କର୍ମରେ ଆମର ଅଧିକାର, ଫଳରେ ନୁହେଁ ।" ସୈନିକ ଯୁଦ୍ଧ କ୍ଷେତ୍ରରେ ଯୁଦ୍ଧ କରେ । ଯଦି ପରାସ୍ତ ହୁଏ, ତେବେ ତାହା ସେନାପତିର । ସେ କେବଳ ତାର କର୍ତ୍ତବ୍ୟ କରେ । ଆମ୍ଭେମାନେ କର୍ମକୁ ଭଲ ପାଉଁ—ସେନାପତିଙ୍କୁ ଭଲ ପାଉଁ, ଈଶ୍ୱରଙ୍କୁ ଭଲ ପାଉଁ ।

## ଗୀତା ଧର୍ମ—

କୃଷ୍ଣ ଗୀତାରେ ଈଶ୍ୱରଙ୍କୁ ମନ ପ୍ରାଣ ଦେଇ ଭଲ ପାଇବାକୁ କହିଛନ୍ତି । ଗୀତା ଧର୍ମର ଶେଷ କଥା ଓ ସର୍ବ ଗୁହ୍ୟତମ ଉପଦେଶ ଶ୍ରୀ ଭଗବାନଙ୍କ ଠାରେ ଅନନ୍ୟ ଶରଣାଗତି ଦ୍ୱାରା ଭାଗବତ ଜୀବନଲାଭ ।



Digitized by PPRACHIN, SOA

ଗୀତାରେ କହିଛନ୍ତି–

"ମନ୍ମନାଭବ ମଦ୍ଭକ୍ତୋ ମଦ୍ୟାଜୀ ମାଂ ନମସ୍କୁରୁ
ମାମେବୈଷ୍ୟସି ସତ୍ୟଂତେ ପ୍ରତିଜାନେ ପ୍ରିୟୋଽସିମେ ।।
ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
ଅହଂ ତ୍ୱାଂ ସର୍ବପାପେଭ୍ୟୋ ମୋକ୍ଷୟିଷ୍ୟାମି ମା ଶୁଚଃ ।। (ଅଧ୍ୟାୟ)

– ତୁମେ ମୋଠାରେ ଚିତ୍ତ ସମାହିତ କର ; ମୋର ଭକ୍ତ ହୁଅ, ମୋର ପୂଜନଶୀଳ ହୁଅ, ମୋତେ ନମସ୍କାର କର, ତାହା ହେଲେ ମୋର ପ୍ରସାଦଲବ୍ଧ ଜ୍ଞାନ ଦ୍ୱାରା ମୋତେ ଲଭ କରିବ । ତୁମକୁ ମୁଁ ଏକଥା ସତ୍ୟ ପ୍ରତିଜ୍ଞା କରି କହୁଛି, କାରଣ ତୁମେ ମୋର ଅତ୍ୟନ୍ତ ପ୍ରିୟ ।

ସମସ୍ତ ଧର୍ମ ଓ ଅଧର୍ମକୁ ପରିତ୍ୟାଗ କରି ଏକମାତ୍ର ମୋଠାରେ ଭକ୍ତି ଥିଲେ ତୁମର ସବୁ ହେବ– ଏହିପରି ଦୃଢ଼ ବିଶ୍ୱାସରେ ବିବିଧ ଅଧୀନତା ତ୍ୟାଗ କରି ଏକମାତ୍ର ମୋର ଶରଣାଗତ ହୁଅ । ତାହା ହେଲେ ମୁଁ ତୁମକୁ ସମସ୍ତ ପାପରୁ ମୁକ୍ତ କରିବି, ଶୋକ କରନାହିଁ । ଏହାହିଁ ଗୀତାର ଶ୍ରେଷ୍ଠ ଉପଦେଶ ।

ତେଣୁ ଶ୍ରୀକୃଷ୍ଣ କହିଛନ୍ତି, 'ଗୀତାମେ ହୃଦୟଂ ପାର୍ଥ, ଗୀତାମେ ସାରମୁତ୍ତମମ୍"– ଅର୍ଥାତ୍ ହେ ପାର୍ଥ, ଗୀତା ମୋର ହୃଦୟ, ଗୀତା ମୋର ସାର ସର୍ବସ୍ୱ । ସର୍ବଶକ୍ତିମାନ ବ୍ୟକ୍ତିତ୍ୱ ଭଗବାନ ଶ୍ରୀକୃଷ୍ଣ କିଏ, ଏହି ପ୍ରଶ୍ନଟି ଆମ ସମ୍ମୁଖରେ ଏକ ବିରାଟ ପ୍ରଶ୍ନବାଚୀ ।

## ପଣ୍ଡିତ ନୀଳକଂଠଂକ ଚିଂତାଧାରା–

ପଣ୍ଡିତ ନୀଳକଂଠ ତାଙ୍କ ଯୁକ୍ତିରେ ଅବତାରଣା କରି କହିଛନ୍ତି, "ବେଦରେ ନାନା ସ୍ଥାନରେ ଗୋଟିଏରୁ ଅଧିକ କୃଷ୍ଣ କଥା ମିଳେ । ସେଥିରୁ ଗୋଟିଏ ହେଉଛି ଛାଂଦୋଗ୍ୟ ଉପନିଷଦର କୃଷ୍ଣ । ସେ ହେଉଛନ୍ତି ଦେବକୀ ପୁତ୍ର କୃଷ୍ଣ ଓ ସେ ଘୋର ଅଂଗୀରସଙ୍କ ପାଖେ ଯଜ୍ଞତତ୍ତ୍ୱ ଶିକ୍ଷା କରୁଥିଲେ । ଏଇ ଯଜ୍ଞତତ୍ତ୍ୱ ଗୀତାର ଯଜ୍ଞତତ୍ତ୍ୱ ସଙ୍ଗେ ଖୁବ୍ ମିଳାଇ ଦେଖାଯାଇପାରେ । ଗୀତାର ୩ୟ ଓ ୪ର୍ଥ ଅଧ୍ୟାୟରେ ଯଜ୍ଞର ଅତି ନୂତନ ଓ ଆଶ୍ଚର୍ଯ୍ୟଜନକ ବାଖ୍ୟା । ସେଠାରେ ଯଜ୍ଞ ହେଉଛି ଆତ୍ମାର ବହିର୍ବିକାଶ ବା 'ପ୍ରକାଶ ଧର୍ମ'ରେ ସ୍ୱପ୍ରକାଶ । ତା ବାଦ୍ ଅନ୍ୟତ୍ର ଅଛି ଋକ୍‌ବେଦରେ ଦଶଟି ବୈଦିକ ଗଙ୍ଗା ମିଳି ଯମୁନା କୂଳରେ ଅନେକ ଗୋରୁ ରଖିଥିବା କୃଷ୍ଣଙ୍କୁ ପରାସ୍ତ କରିଥିଲେ । ଜଣେ କୃଷ୍ଣ ପୁଣି ବେଦରେ ମନ୍ତ୍ର ଲେଖି ମିଶାଇଛନ୍ତି । ଏଥିରୁ ଜଣାଯାଉଛି କୃଷ୍ଣ ବୋଲି ଜଣେ ମହାପୁରୁଷ ସେ ଆର୍ଯ୍ୟ ହୁଅନ୍ତୁ, ଅନାର୍ଯ୍ୟ ହୁଅନ୍ତୁ, ବୃନ୍ଦାବନ ଅଞ୍ଚଳରେ ଥିଲେ । ତାଙ୍କର ଦର୍ଶନତତ୍ତ୍ୱ ଖୁବ୍ ଉନ୍ନତ ଥିଲା । ସେ ଯୁଦ୍ଧରେ ପରାସ୍ତ ହୁଅନ୍ତୁ ବା ନହୁଅଂତୁ, ତାଙ୍କର ଦାର୍ଶନିକ ତତ୍ତ୍ୱ ବହୁ ଶିଷ୍ୟ ମନେରଖି ଉତ୍ତର ଭାରତରେ ପ୍ରଚାର କରୁଥିଲେ ।"



Digitized by PPRACHIN, SOA

"ସମସ୍ତ ଐକାନ୍ତିକ ଧର୍ମ ଖୁବ୍ ସମ୍ଭବ ସେଇ କୃଷ୍ଣଙ୍କଠାରେ ଆରୋପ କରଗଲା । ସେଇ କୃଷ୍ଣଙ୍କ ନାମ ବାସୁଦେବ । ସେଇ ବାସୁଦେବଙ୍କ ଅନୁସାରେ ଗୀତାରେ କୁହାଯାଇଛି, 'ବାସୁଦେବ ସର୍ବମିତ ସ ମହାତ୍ମା ସୁଦୁର୍ଲଭଃ ।' (ଗୀତା ୭ଷ୍ଠ ୧୯ ଶ୍ଳୋକ)

"ସ୍ୱର୍ଗତଃ ପଣ୍ଡିତ ଭଣ୍ଡାରକର ବହୁ ଗବେଷଣା କରି ଲେଖିଛନ୍ତି, ଦକ୍ଷିଣର ତାମିଲମାନଙ୍କ ମଧ୍ୟରେ ଗଉଡୁଣୀ ଟୋକିଙ୍କ ଭିତରେ ହଲ୍ଲିସକ ବୋଲି ଏବର ରସଯାତ୍ରା ପରି ଗୋଟିଏ ଯାତ୍ରା ବହୁପୂର୍ବରୁ ହେଉଥିଲା । ସେଥିରେ ପହିଲେ ନାରୀମାନେ ପୁରୁଷ ବେଶ ଧରି ଯାତ୍ରାକୁ ବାହାରୁ ଥିଲେ । କାଳକ୍ରମେ ଏହା ପୁରୁଷ ନାରୀର ଏକତ୍ରାବର୍ସ୍ଥିତିରେ ଯାତ୍ରା ହେବାରେ ପର୍ଯ୍ୟବସିତ ହେଲା । ଖ୍ରୀଷ୍ଟ ନବମ ଶତାବ୍ଦୀରେ ତାଞ୍ଜୋର ରାଜସଭା ପଣ୍ଡିତ ଭୋଗ ଦେବ ଯେଉଁ ଭଗବତ ଶାସ୍ତ୍ର ଲେଖିଥିଲେ, ସେଇ ପୁରାଣ ସେଇ ତାମିଲ ଦେଶରେ ଲେଖା ଯାଇଥିଲା । ତା'ପରେ ୧୧ଶ ଶତାବ୍ଦୀରେ ଆନ୍ଧ୍ର ନିର୍ବାକ ବୃନ୍ଦାବନରେ ଆସି କୃଷ୍ଣଙ୍କର ଓ ରାଧାଙ୍କର ସଂପର୍କରେ ଧର୍ମ ମାର୍ଗ ତିଆରି କଲେ । ତା'ପରେ ବଙ୍ଗଳାର ଗୋସ୍ୱାମୀମାନେ ତାକୁ ନାନା ଦାର୍ଶନିକ ବାଖ୍ୟା ଦେଇ ଭକ୍ତିର ଘୋର ପ୍ରଚାରରେ ମାତିଗଲେ । ସେଇ ରାଧାକୃଷ୍ଣ ଧର୍ମ ତା'ପରେ ପରାଧୀନ ଓଡ଼ିଶାର ଭକ୍ତି ଧର୍ମର ଅତି ସ୍ୱାଦ ଆସ୍ୱାଦନ ରୂପେ ପ୍ରଚାର ପାଇଁ ଏବେ ବ୍ୟାପ୍ତ ହୋଇଚି ।"

ପଣ୍ଡିତ ନୀଳକଂଠଂକ ମତ ଅନୁସାରେ ଗୀତାର କୃଷ୍ଣ ଭଗବତର କୃଷ୍ଣ ନୁହନ୍ତି । କାରଣ ଗୀତା ଲେଖା ହେବାରେ ୧୩୦୦ ବର୍ଷ ପରେ ଆର. ଡ଼ି: ଭଣ୍ଡାରକର କୃଷ୍ଣଙ୍କୁ ଭାରତ ସାହିତ୍ୟରୁ ବାହାର କଲେ । ସେ ହେଉଛନ୍ତି ତାମିଲ ଦେଶର କୃଷ୍ଣ । ସେ ହେଉଛନ୍ତି ଭଗବତ ଦଶମ ଅଧ୍ୟାୟରେ ବର୍ଣ୍ଣିତ ଗୋପୀଙ୍କ କୃଷ୍ଣ । ତାଙ୍କ ମତରେ ଯଦିଓ ଗୀତାର କୃଷ୍ଣ ଓ ଭଗବତର କୃଷ୍ଣଙ୍କୁ ଏକ ବୋଲି ବିଚାର କରଯାଏ, ସେ ଦୁହେଁ ଏକ ନୁହଁନ୍ତି ।

ଗୀତାରେ ଶ୍ରୀକୃଷ୍ଣ ଓ ପରମାତ୍ମା ଏକ । ପଣ୍ଡିତ ନୀଳକଂଠ ଏହାକୁ ବିଶ୍ଳେଷଣ କରି କହିଛନ୍ତି, "ମୋରିଠି ଆତ୍ମ ସମର୍ପଣ କରି ବସିଲେ ଇନ୍ଦ୍ରିୟର ସଂଯମ ସୁଗମ ହୁଏ । ଏଇଠାରେ ଶ୍ରୀକୃଷ୍ଣ ଯୋଗସ୍ଥ । ତାଙ୍କଠାରେ ବିଶ୍ୱାସର ପୂର୍ଣ୍ଣ ପ୍ରକାଶ । ଧର୍ମର ଏ ମହାସଙ୍କଟ ବେଳେ କର୍ତ୍ତବ୍ୟ ସ୍ଥିର କରିବାରେ ଶ୍ରୀକୃଷ୍ଣ ଏକାବେଳେକେ ବିଶ୍ୱାତ୍ମାର ବିଶ୍ୱଧର୍ମରେ ତନ୍ମୟ । ଅବସ୍ଥା ସାଙ୍ଘାତିକ । ଏକଆଡେ ସମସ୍ତ ଭାରତର ଶ୍ରେଷ୍ଠ ବୀର-ମାନେ ଧର୍ମର ମହାଧ୍ୱଂସଲୀଳାରେ ତତ୍ପର ହୋଇ ଦୁର୍ଯ୍ୟୋଧନ ଭଳି ମହାପ୍ରଭବଶାଳୀ ବ୍ୟକ୍ତିର ଭୋଗଲୋଭକୁ ଆର୍ଯ୍ୟଧର୍ମ ବା ବିଶ୍ୱଧର୍ମ ଆଦର୍ଶ ରୂପେ ଟେକି ଧରିବାକୁ ପ୍ରାଣପଣ କରି ଠିଆ ହୋଇଛନ୍ତି । ଅନ୍ୟଆଡ଼େ ଆର୍ଯ୍ୟଧର୍ମର ଏକମାତ୍ର ପ୍ରତୀକସମ ମହାବ୍ୟକ୍ତିତ୍ୱବାନ ମହାବୀର ଅର୍ଜୁନ ଧର୍ମରକ୍ଷାରେ ନିଜର ମହାକର୍ତ୍ତବ୍ୟ ବିସ୍ମୃତ ହୋଇ ସ୍ୱଜନମୋହର କାତରତାରେ ଏକ ପ୍ରକାର ଧର୍ମତ୍ୟାଗରେ ବ୍ରତୀ । ଭାରତର ମହାଧର୍ମ ତଥା ବିଶ୍ୱଧର୍ମର



Digitized by PPRACHIN, SOA

ପରଂପରା ଏବେ ଛିନ୍ନଭିନ୍ନ ହେବା ଉପରେ । ମାନବର ବିଶ୍ୱ ବିକାଶରେ ଏ ଘୋର ଦୁର୍ଗତି ବେଳେ ଏକମାତ୍ର ଶ୍ରୀକୃଷ୍ଣ ଦେଖୁଛନ୍ତି, ପଛରେ ଯୁଗଯୁଗାନ୍ତ ବ୍ୟାପୀ ବିଶ୍ୱଧର୍ମର ନିର୍ମଳଧାରା, ମାତ୍ର ଆଗରେ ସମସ୍ତ ମାନବ ସମାଜର ବିପ୍ଳବ ଓ ଧ୍ୱଂସ, କାମନାର ମହାତାଣ୍ଡବରେ ବିଶ୍ୱବାସୀର ହାହାକାର, ଉନ୍ନତ ମାନବ ସଭ୍ୟତାର ଏ କରାଳ କାଳାଗ୍ନିରେ ପ୍ରଧୂମିତ ପ୍ରଳୟର ତୁଙ୍ଗ ଶିଖା ଯେପରିକି ତାଙ୍କ ଆଗେ ସହସା ରୌରବ ଦିପ୍ତୀରେ ଜଳି ଉଠିଛି । ଅର୍ଜୁନଙ୍କୁ ବୁଝାଇଲେ, ମାତ୍ର ବୁଝାଇବାରେ ସେ ମୁହଁରୁ ଦେଖିଲେ ସହଜରେ ଅର୍ଜୁନଙ୍କ ମନ ଧର୍ମରେ ବସୁ ନାହିଁ । ମହାପୁରୁଷ ଶ୍ରୀକୃଷ୍ଣ ଏବେ ମହା ବିଶ୍ୱଧର୍ମର ପ୍ରେରଣାରେ ଦୀପ୍ତ ହୋଇ ସେଇ ସମରାଙ୍ଗନରେ ସମାଧିରେ ଯୋଗସ୍ଥ ହେଲେ– ବିଶ୍ୱାତ୍ମାରେ ତାଙ୍କ ଆତ୍ମା ମିଶି ଏକାକାର ହେଲା । ସେ ବିଶ୍ୱଧର୍ମ-ମାନବଧର୍ମ-ଆର୍ଯ୍ୟଧର୍ମ–କଳ୍ପନା ଓ କଳନା କରିବାକୁ ନଯାଇ, ଦୀପ୍ତ ଓ ଜୀବନ୍ତ ଅନୁଭୂତି ତଥା ସ୍ପଷ୍ଟ ଆତ୍ମବିକାଶରେ ପ୍ରକାଶ କଲେ ।” ଏଠାରେ ଶ୍ରୀକୃଷ୍ଣ ହେଲେ ମହାଯୋଗସ୍ଥ । ଏହାହିଁ ଆର୍ଯ୍ୟଧର୍ମର ଅବତାରବାଦ । ଏଇଠାରେ ହିଁ ଆର୍ଯ୍ୟଧର୍ମର ଯୋଗରେ ଭକ୍ତିର ଭିତ୍ତି । ଆର୍ଯ୍ୟ ଧର୍ମର ବିଶାଳତା ହେଉଛି—

“ଚତୁର୍ବିଧା ଭଜନ୍ତେ ମାଂ
ଜନାଃ ସୁକୃତିନୋଽର୍ଜୁନ
ଆର୍ତ୍ତୋ ଜିଜ୍ଞାସୁରର୍ଥାର୍ଥୀ
ଜ୍ଞାନୀଚ ଭରତର୍ଷଭ ।”

କର୍ତ୍ତବ୍ୟ ଓ ତ୍ୟାଗମୂଳକ ବିଶ୍ୱଧର୍ମକୁ ପ୍ରତିଷ୍ଠା କରିବା ପାଇଁ ଶ୍ରୀକୃଷ୍ଣ ନାନାଦି ବିରୋଧର ସମ୍ମୁଖୀନ ହୋଇଥିଲେ ମଧ୍ୟ ତାକୁ ପ୍ରତିଷ୍ଠା କରି ପାରିଛନ୍ତି ।

## ପଣ୍ଡିତ ନୀଳକଂଠଂକର କୃଷ୍ଣଂକ ସମ୍ପର୍କରେ ବଭିନ୍ନ ମତ

କୃଷ୍ଣଂକ ପରିଚୟ ଦେବାକୁ ଯାଇ ପଣ୍ଡିତ ନୀଳକଂଠ ଲେଖୁଛନ୍ତି–

(କ) ଭାଗବତ ଦଶମସ୍କନ୍ଧ, ମହାଭାରତ ଓ ହରିବଂଶରେ ଯେଉଁ ପରଂପରାଗତ କୃଷ୍ଣଂକ ଉଲ୍ଲେଖ ଅଛି, ସେଥିରୁ ଜଣାଯାଏ, କୃଷ୍ଣ ଦୈବକୀ ପୁତ୍ର ଓ କୃଷ୍ଣ ମଥୁରାର ଏକ ରାଜପୁରୁଷ । ସେଇ କୃଷ୍ଣଂକ ପିତାଂକ ନାମ ବସୁଦେବ । ତେଣୁ କୃଷ୍ଣ ମଧ୍ୟ ବାସୁଦେବ ।

(ଖ) ତତ୍କାଳୀନ ରାଜାମାନଂକ ମଧ୍ୟରେ ଜରାସଂଧ, ପୌଣ୍ଡ୍ର, ବାସୁଦେବ, ଚେଦୀର ଶିଶୁପାଳ ଓ ମଥୁରା ପାଖରେ କଂସ ପ୍ରଭୃତି ତାଂକର ବହୁ ଶତ୍ରୁ ଥିଲେ । ସେ ନିଜେ ଯମୁନାକୂଳରେ ଗୋପନଗରୀରେ ପାଳିତ ହୋଇ ବହୁ ଆଦରରେ ବଢିଥିଲେ । ଗୋପକୁମାର ଓ ଗୋପନାରୀମାନେ ତାଂକୁ ଅତି ସ୍ନେହ ଓ ଯତ୍ନ କରିଥିଲେ ଓ ତାଂକ ନେତୃତ୍ୱରେ ସେଠାଲୋକେ ତାଂକ ସମସ୍ତ ଆଦେଶ ପାଳନ କରିବାକୁ ପ୍ରସ୍ତୁତ ଥିଲେ ।



Digitized by PPRACHIN, SOA

(ଗ) କୃଷ୍ଣ ଇନ୍ଦ୍ରଂକ ଉପାସନାକୁ ମାନୁନଥିଲେ । ଏପରିକି ଥରେ ଗୋପନଗରରେ ରଜା ନନ୍ଦ ଇନ୍ଦ୍ରଯଜ୍ଞ କରିବାର ଆୟୋଜନ କରିଥିଲେ । ମାତ୍ର କୃଷ୍ଣ ଗୋପାଳମାନଂକୁ ମତାଇ ଦେବାରୁ ସେ ସମସ୍ତେ ଯଜ୍ଞ ପୂର୍ବରୁ ବଳି ଓ ପୂଜା ସାମଗ୍ରୀ ସବୁ ନିଜେ ଖାଇ ନଷ୍ଟ କରିଦେଲେ । ଫଳରେ ଇନ୍ଦ୍ର କ୍ରୋଧରେ ସାତଦିନ ଗୋପନଗର ଉପରେ ବଜ୍ରପାତ ଓ ଘୋର ବୃଷ୍ଟିକଲେ । ମାତ୍ର କୃଷ୍ଣ ଗୋବର୍ଦ୍ଧନ ଗିରିକୁ ଟେକି ଛତାଧରି ଗୋପକୁ ଇନ୍ଦ୍ରଂକ ଆକ୍ରମଣରୁ ରକ୍ଷା କଲେ ।

(ଘ) ଇନ୍ଦ୍ରପୂଜା ବା ଯଜ୍ଞର ବିରୋଧୀଥିଲେ ମଧ୍ୟ, କୃଷ୍ଣ କର୍ମଛାଡ଼ି ସନ୍ୟାସ ଆଦରିବା ଲୋକ ନ ଥିଲେ ।

(ଙ) ଗୋପ ବାଳକଙ୍କ ସଙ୍ଗେ ଖେଳିବା, ଗୋରୁ ଚରେଇବାଠାରୁ କୌଶଳରେ କଂସ, ଜରାସନ୍ଧ ଇତ୍ୟାଦିଙ୍କୁ ମାରିବା, ପଚିଶମହିଷୀମାନଙ୍କୁ ଓ ପୁଅନାତିଙ୍କୁ ଘେନି ସୁଖରେ ଘରକରି ଗୃହସ୍ଥର ସବୁ କର୍ତ୍ତବ୍ୟ ବିଧିମତେ କରିବାଠାରୁ ପାଣ୍ଡବମାନଙ୍କର ସହାୟ ହୋଇ ସବୁ ବଳ କଳ କୌଶଳ ପ୍ରୟୋଗ କରି ଦୁଷ୍ଟ କୌରବଙ୍କୁ ସଂହାର କରିବା ଏପରିକି ନିଜ ବଂଶର ଲୋକେ ମଦ୍ୟପ ଓ ଦୁର୍ବୃତ୍ତ ହେବାର ଦେଖି, କୌଶଳରେ ଧ୍ୱଂସ କରାଇ ଦେଶରେ ଶାଂତି ଓ ସୁଖ ସ୍ଥାପନ କରିବା ପ୍ରଭୃତି ସାଂସାରିକ କାର୍ଯ୍ୟରେ ସେ ବରାବର ଲାଗି ରହିଥିଲେ ।

(ଚ) ପୁଣି ଦେଖାଯାଏ, ଏତେ କୌଶଳୀ ଓ ରାଜନୀତି ନିପୁଣ ଥାଇ ମଧ୍ୟ ତାଙ୍କର ରାଜ୍ୟ ବା ଭୋଗର କୌଣସି କାମନା ନ ଥିଲା ।

(ଛ) ଧର୍ମରାଜ ଯୁଧିଷ୍ଠିରଙ୍କ ହାତେ ରାଜ୍ୟ ଦେବା ପାଇଁ ସେ ଘୋର ମହାଭାରତ ଯୁଦ୍ଧରେ ଏକମାତ୍ର ନୀତିଶକ୍ତିରୂପେ ପ୍ରାଣପଣ କାର୍ଯ୍ୟ କରିଥିଲେ ।

(ଜ) ସମସ୍ତ କାର୍ଯ୍ୟ ନିଜର ବୁଦ୍ଧି ଓ ବିବେକ ଦ୍ୱାରା କଲେ ହେଁ, ମୁହୂର୍ତ୍ତକ ପାଇଁ ସେ କାମନା ବା ଭୋଗଇଚ୍ଛାରେ ଜଳିତ ହୋଇ ନଥିଲେ । ସବୁ ନିଃସଙ୍ଗ ବା ଅନାସକ୍ତ କର୍ମଭବରେ କରି ଯାଉଥିଲେ । ଏହାହିଁ ପରଂପରାର କୃଷ୍ଣ । ଏଇ କୃଷ୍ଣ ଅର୍ଜୁନଙ୍କୁ ସମର ପ୍ରାଙ୍ଗଣରେ ଗୀତାର ଉପଦେଶ ଦେଇ ମୋହ ଛଡ଼ାଇ କର୍ତ୍ତବ୍ୟ ବୋଲି ତୁରନ୍ତ ନିଜବଂଶୀୟଙ୍କ ନାଶରେ ଲଗାଇଥିଲେ ।

## ବେଦରେ କୃଷ୍ଣ

ଋଗ୍‌ବେଦ ସଂହିତାରେ ଏଇ କୃଷ୍ଣ ସେନା ବା କୃଷ୍ଣଂକ ସେନାକୁ (କୃଷ୍ଣଯୋନି) ଇନ୍ଦ୍ର ଯୁଦ୍ଧରେ ନାଶ କରିବାର ବାରମ୍ବାର ଉଲ୍ଲେଖ ଅଛି ।

ବୈଶ୍ୱାନର ମଧ୍ୟ ଏଇ କୃଷ୍ଣସେନାଙ୍କୁ ଧ୍ୱଂସକରି ଅସ୍ତବ୍ୟସ୍ତ କରିଥିଲେ । କୃଷ୍ଣେ ଅଂଶୁମତୀ (ଯମୁନାର ଅନ୍ୟ ନାମ) କୂଳରେ ଇନ୍ଦ୍ରଙ୍କୁ ଭେଟିଥିଲେ ଓ ଇନ୍ଦ୍ର କୃଷ୍ଣଂକ ଦେବହୀନ ସେନାଙ୍କୁ ପରାସ୍ତ କରିଥିଲେ ।



Digitized by PPRACHIN, SOA

ଋଗ୍‌ବେଦରେ ମଧ୍ୟ ପୁଣି ଅଛି, ଏଇ ଯମୁନାକୂଳରେ ଗୋରୁଗାଈ ଠିକ୍ ବଢୁ-ଥିଲେ । ଗାଈମାନେ ବଡ ଦୁଧିଆଳୀ ହେଉଥିଲେ ।

କୃଷ୍ଣ ଘୋରଅଙ୍ଗିରସଙ୍କଠାରୁ ଜ୍ଞାନଯଜ୍ଞର ବିଦ୍ୟା ଶିଖିଥିଲେ । ଏଇ ଯଜ୍ଞକୁ ସେ ବିଶ୍ୱଧର୍ମ ଓ ମାନବଧର୍ମର ସର୍ବସ୍ୱ କରି ବୁଝାଇ, ଭକ୍ତିତତ୍ତ୍ୱର ଏଥିରେ ସାମଞ୍ଜସ୍ୟ ଓ ବିଶ୍ୱସେବା କରିଥିଲେ ।

ଗୀତାର ଏହି ଭକ୍ତିର ବିକାଶ ଭଗବତ ପୁରାଣ, ଶାଣ୍ଡିଲ୍ୟ ସୂତ୍ର, ନାରଦ ପାଞ୍ଚରାତ୍ର ଓ ନାରଦସୂତ୍ର ପ୍ରଭୃତି ପ୍ରାଚୀନ ଗ୍ରନ୍ଥ ମାନଙ୍କରେ ଦେଖିବାକୁ ମିଳେ । ମାତ୍ର ଭଗବତ ପୁରାଣରେ ସ୍ପଷ୍ଟ ଅଛି ବ୍ୟାସ ମହାଭାରତ ଅତଏବ ଗୀତାରେ ନୈଷ୍କର୍ମ୍ୟମୂଳକ ଯେଉଁ ଭକ୍ତିର ପ୍ରଚାର କଲେ, ସେଥିରେ ଭକ୍ତି ବିଭବ ଖୁବ୍ ସ୍ପଷ୍ଟ ନ ହେବାରୁ ଅର୍ଥାତ୍ ଲୋକେ ପାରମ୍ପାରିକ ନୈଷ୍କର୍ମ୍ୟରୁ ଭକ୍ତିଟି ସହଜରେ ଧରି ନପାରିବାରୁ, ନାରଦଂକ ପରାମର୍ଶ ଅନୁସାରେ ବ୍ୟାସ କେବଳ ଭକ୍ତିର ପ୍ରତିଷ୍ଠା ପାଇଁ ଭଗବତ ପୁରାଣ ଲେଖିଥିଲେ ।

## ଗୀତାଧର୍ମ ଓ ଭଗବତଧର୍ମ

ଗୀତାର ଧର୍ମ ଭଗବତଧର୍ମର ଅଭିବ୍ୟକ୍ତି । ବେଦଧର୍ମର ଏଇ ପ୍ରକାର ଧାରଣାଟି ବହୁ ପୂର୍ବରୁ ଫୁଟିଥିଲା । ମାତ୍ର କୃଷ୍ଣ ଏହା ସ୍ପଷ୍ଟ ଓ ପ୍ରାଞ୍ଜଳ ଭାବରେ ପ୍ରଚାର କରି ଏହାକୁ ପ୍ରତିଷ୍ଠିତ କରିଥିଲେ । କାରଣ ବେଦାନ୍ତ ବା ଉପନିଷଦର କର୍ମତ୍ୟାଗ ନିଷ୍କାମତାରେ ଏ ଭକ୍ତିଧର୍ମ ମୁଣ୍ଡ ଟେକି ପାରୁ ନଥିଲା । ଶ୍ରୀକୃଷ୍ଣ ଏଇ କଥାକୁ ଲକ୍ଷ୍ୟ କରି କହିଛନ୍ତି,

"ଇମଂ ବିବସ୍ୱତେ ଯୋଗଂ...........ରହସ୍ୟଂ ହ୍ୟେତ ଦୁତ୍ତମଂ । " (୪·୧-୩)

କୃଷ୍ଣ ଓ କୃଷ୍ଣବଂଶରେ ଏଇ ଧର୍ମ ଖୁବ୍ ପ୍ରସାର ଲଭିଥିବା କଥା ଏଇ ଭଗବତ ଧର୍ମର ପରଂପରାରୁ ସ୍ପଷ୍ଟ ଅନୁମାନ ହୁଏ । ଏଇ ଭଗବତଧର୍ମର ତତ୍ତ୍ୱ ଆଲୋଚନାରେ ପରମାତ୍ମାର ନାମ ବାସୁଦେବ, ଜିବାତ୍ମାର ନାମ ସଂକର୍ଷଣ, ମନର ନାମ ପ୍ରଦ୍ୟୁମ୍ନ ଓ ଅହଂକାରର ନାମ ଅନିରୁଦ୍ଧ । ଏହି ଅନିରୁଦ୍ଧ ହିଁ ବ୍ରହ୍ମଦେବ ବା ବ୍ରହ୍ମ ।

ଏଇ ନାମ ସବୁ କୃଷ୍ଣଙ୍କ ବଂଶରେ ମିଳେ । କୃଷ୍ଣ ନିଜେ ବାସୁଦେବ, ତାଙ୍କ ବଡ଼ଭାଇ ବଳରାମଙ୍କ ନାମ ସଂକର୍ଷଣ, କୃଷ୍ଣଙ୍କ ପୁଅ ପ୍ରଦ୍ୟୁମ୍ନ ଓ ନାତି ଅନିରୁଦ୍ଧ । ଏହାଛଡ଼ା ଏଇ ଭଗବତ ଧର୍ମର 'ସତ୍ତ୍ୱତ' ବୋଲି ଅନ୍ୟନାମ ଅଛି । କୃଷ୍ଣ ଯାଦବ ମାନଙ୍କର ଯେଉଁ ଶାଖାରେ ଜନ୍ମିଥିଲେ, ତାର ନାମ 'ସାତ୍ୱତ' କୁଳ ବା 'ସାତ୍ତ୍ୱତ' ଜାତି । ଅତଏବ ସମ୍ଭବତଃ ଏଇ ଧର୍ମ ବେଦର ଯଥାର୍ଥ ତତ୍ତ୍ୱ ବୋଲି ମନୁ, ଇକ୍ଷ୍ୱାକୁ ପ୍ରଭୃତି ସୂର୍ଯ୍ୟବଂଶୀୟ କ୍ଷତ୍ରୀୟମାନେ ଧରିଥିଲେ । ସେମାନେ ଭକ୍ତିରେ ଏଇ ଯଜ୍ଞ ବୁଦ୍ଧି ଧରି କର୍ମ ନିରତ ହେଲେ । କୃଷ୍ଣ ଏହା ଧରି ସେ କାଳର ଇନ୍ଦ୍ର ପୂଜକମାନଙ୍କର ଅପ୍ରିୟ ହୋଇଥିଲେ । ପରେ କୃଷ୍ଣ ଅର୍ଜୁନଙ୍କୁ ଏଇ ଧର୍ମର ଉପଦେଶ ଦେଇଥିଲେ ।"



Digitized by PPRACHIN, SOA

ପଣ୍ଡିତ ନୀଳକଂଠ ବିଭିନ୍ନ ତାତ୍ତ୍ୱିକ ଆଲୋଚନା ପ୍ରସଙ୍ଗରେ ଯାହା ବର୍ଣ୍ଣନା କରିଛନ୍ତି ସେଥିରୁ ସ୍ୱତଃ ପ୍ରମାଣିତ ହୁଏ ମହାଭାରତର କୃଷ୍ଣ ଯୋଗସ୍ଥ ହୋଇ ଗୀତା ମାଧ୍ୟମରେ ସାର୍ବଜନୀନ ବିଶ୍ୱଧର୍ମ ଓ ମାନବ ଧର୍ମ ମଧ୍ୟରେ ଭକ୍ତିତତ୍ତ୍ୱର ସାମଞ୍ଜସ୍ୟ ଓ ସମନ୍ୱୟ ଘଟାଇ ଆର୍ଯ୍ୟଧର୍ମକୁ ସରସ ଓ ବିଶ୍ୱସେବ୍ୟ କରିଥିଲେ ।

## ଆର୍ଯ୍ୟଧର୍ମ

ପଣ୍ଡିତ ନୀଳକଂଠ ପୁନରାୟ କୃଷ୍ଣ ଆର୍ଯ୍ୟ ବା ଅନାର୍ଯ୍ୟ ଏକଥା ସ୍ପଷ୍ଟଭାବରେ ନକହି ଆର୍ଯ୍ୟ ଓ ଆର୍ଯ୍ୟଧର୍ମ ସଂପର୍କରେ କହିବାକୁ ଯାଇ ଲେଖିଛନ୍ତି, "ଆର୍ଯ୍ୟଧର୍ମ କହିଲେ କୌଣସି ଆର୍ଯ୍ୟଜାତିର ଧର୍ମ ବା ଏପରି କିଛି ଜନ୍ମ ବା ରକ୍ତଗତ ସଂଘର ସଂସ୍କୃତି ବୋଲି ବୁଝିବାକୁ ହେବ ନାହିଁ । ଇଉରୋପର ସାମ୍ୟବାଦ ପ୍ରତିକ୍ରିୟାର ବିକାଶ ପୂର୍ବରୁ ଏଇପରି ଜାତି ବୋଲି ଗୋଟିଏ କୃତ୍ରିମ ଅନୁଷ୍ଠାନ ବାହାରିଥିବା କଥା କୁହାଯାଇଚି । ସେଇ ଅନୁକ୍ରମେ ଆର୍ଯ୍ୟଜାତି ବା ଭାରତୀୟ ଜାତୀୟତା କଥାଟି ଏବେ ଆମେ ବ୍ୟବହାର କରୁ । ମାତ୍ର ଯେଉଁ ଶ୍ରୀକୃଷ୍ଣ ଆର୍ଯ୍ୟ ଆଚରଣ ଗୀତାରେ ଉପଦେଶ ଦେଲେ, ଜନ୍ମତଃ ସେ କେଉଁ ଜାତିର ଲୋକଥିଲେ ତାହା କହିବାର ଉପାୟ ନାହିଁ । ପଣ୍ଡିତମାନେ କଂକାଳତତ୍ତ୍ୱ ସଙ୍ଗେ ପ୍ରାଚୀନ ଆଗ୍ରର ମିଳାଇ ଯାହାକୁ ଆର୍ଯ୍ୟଜାତି ବୋଲି କହୁଛନ୍ତି, ଖୁବ୍ ସମ୍ଭବ କୃଷ୍ଣ ସେ ଜାତିର ଲୋକ ନ ଥିଲେ ।"

ପଣ୍ଡିତ ନୀଳକଂଠ ଶ୍ରୀକୃଷ୍ଣଙ୍କ ସମ୍ବନ୍ଧରେ ଦୁଇଟି ମତ ପୋଷଣ କରିଛନ୍ତି । ପ୍ରଥମତଃ ମହାଭାରତର କୃଷ୍ଣ ଭାଗବତର କୃଷ୍ଣ ନୁହନ୍ତି ଯଦିଓ ସେ ଭାଗବତର ଭକ୍ତିତତ୍ତ୍ୱକୁ ଗୀତା ସହିତ ସାମଞ୍ଜସ୍ୟ ଓ ସମନ୍ୱୟ କରିଛନ୍ତି । ଦ୍ୱିତୀୟତଃ ଦେବକୀ ପୁତ୍ର କୃଷ୍ଣ ଆର୍ଯ୍ୟ ବା ଅନାର୍ଯ୍ୟ ଥିଲେ ତାହା ସଠିକ୍ ନହେଲେ ମଧ୍ୟ ସେ ଆର୍ଯ୍ୟୋଭର କାର୍ଯ୍ୟ କରି ଗୀତାଧର୍ମ ବା ଭାଗବତଧର୍ମକୁ ସ୍ଥାପନ କରିଛନ୍ତି ।

## କୃଷ୍ଣ—ଏକ ଐତିହାସିକ ନାମ

କେତେକଙ୍କ ମତରେ ଋଗବେଦ୍‌ର କୃଷ୍ଣ ଅଂଶୁମତୀ (ଯମୁନା) ନଦୀକୂଳରେ ବାସ କରୁଥିଲେ ଏବଂ ଇନ୍ଦ୍ରଙ୍କ ସହିତ ଯୁଦ୍ଧ କରିଥିଲେ । ସମ୍ଭବତଃ ଅନାର୍ଯ୍ୟ ଦେବତା, କିନ୍ତୁ ମହାଭାରତରେ କୃଷ୍ଣ ଅନ୍ୟ ପକ୍ଷରେ ବାସୁଦେବ ନାମରେ ପରିଚିତ ଏକ ଐତିହାସିକ ନାମ ।

କୃଷ୍ଣଙ୍କର ଐତିହାସିକ ସତ୍ୟତା ନେଇ ଏକ ଗ୍ରହଣଯୋଗ୍ୟ ମତ ବାହାର କରାଯାଇଛି । କେତକ ମତ ଦିଅନ୍ତି ଯେ ବାସୁଦେବ ଯାଦବଯୋଦ୍ଧା, ଗୋକୁଳର ଗୋପାଳବାଳକ କୃଷ୍ଣ, ପାଣ୍ଡବମାନଙ୍କର ମନ୍ତ୍ରଣାଦାତା ଏବଂ ଭଗବତ ଗୀତାର ଦାର୍ଶନିକ



Digitized by PPRACHIN, SOA

କିମ୍ବା ସଂକ୍ଷେପରେ ପୁରାଣର କୃଷ୍ଣ ଓ ମହାଭାରତର କୃଷ୍ଣ ଜଣେ ଓ ଏକମାତ୍ର ବ୍ୟକ୍ତି । (The History & Culture of Indian People Vol. I P.303) କିନ୍ତୁ A.D. Pusalkar ଛାନ୍ଦୋଗ୍ୟ ଉପନିଷଦର କୃଷ୍ଣ ଏବଂ ମହାଭାରତର କୃଷ୍ଣ ଏକା ନୁହନ୍ତି ବୋଲି ମତ ଦିଅନ୍ତି । ତାଙ୍କ ଯୁକ୍ତିରେ ପୁରାଣରେ ବର୍ଣ୍ଣିତ ଅଛି କୃଷ୍ଣଙ୍କର ଗୁରୁ ସଂଦିପନୀ ଓ ଗର୍ଗ । କିନ୍ତୁ ଛାଂଦୋଗ୍ୟ ଉପନିଷଦରେ ଘୋର ଅଗିଂରସ ତାଙ୍କର ଗୁରୁ ବୋଲି କୁହାଯାଇଛି । ଏପରି କୁହାଯାଇପାରେ ଯେ ଜୀବନର ବିଭିନ୍ନ ପର୍ଯ୍ୟାୟରେ କୃଷ୍ଣ ଏ ତିନିଜଣଙ୍କୁ ନିଜର ଗୁରୁଭାବରେ ଗ୍ରହଣ କରିଛନ୍ତି ।

## ଭାଗବତର ସମୟ

ପଣ୍ଡିତ ନୀଳକଂଠଂଙ୍କ ମତରେ ପଣ୍ଡିତ ଭୋପଦେବ ଖ୍ରୀଷ୍ଟ ୧୩ ଶତାବ୍ଦୀରେ ଭାଗବତ ଶାସ୍ତ୍ର ଲେଖିଥିଲେ ।

ଭାଗବତର ସମୟ ସଂପର୍କରେ ବିଦ୍ୱାନମାନେ ଏ ପର୍ଯ୍ୟନ୍ତ ଠିକ୍ ଭାବରେ କିଛି କହି ପାରିନାହାନ୍ତି । ପ୍ରଫେସର ହାଗେଙ୍କ ମତରେ ବର୍ତ୍ତମାନର ଭାଗବତ ଖ୍ରୀଷ୍ଟ ୬ଶତାବ୍ଦୀର ପାଖାପାଖି । ପ୍ରଫେସର ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ ଲେଖିଛନ୍ତି, ''ଶ୍ରୀମଦ୍ ଭାଗବତ ତିନିଗୋଟି ପର୍ଯ୍ୟାୟରେ ବର୍ଦ୍ଧିତ ହୋଇଛି ଏବଂ ଏହାର ଶେଷ ଓ ପରିସମାପ୍ତି ତାମିଲ ସନ୍ଥମାନଙ୍କ ଦ୍ୱାରା ହୋଇଛି' । ଏଦୃଷ୍ଟିରୁ ତାମିଲ ସନ୍ଥ (ଅଲୱାର)ଙ୍କ ସମୟରୁ ଏହାର ଆରମ୍ଭ ବୋଲି କୁହାଯାଇପାରେ ।

ତିନି ପର୍ଯ୍ୟାୟରେ ବର୍ଦ୍ଧିତ ହୋଇଥିବା ଶ୍ରୀମଦ୍ ଭାଗବତ ମଧ୍ୟରୁ ପ୍ରମାଣମିଳେ ଯେ ଭଗବାନ ସ୍ୱୟଂ ବ୍ରହ୍ମା ଓ ବ୍ରହ୍ମା ନାରଦଙ୍କୁ ଏହା କହିଥିଲେ ଏବଂ ଏହାର ଅଭିବୃଦ୍ଧି ଘଟାଇବାକୁ ନିର୍ଦ୍ଦେଶ ଦେଇଥିଲେ । ଶ୍ରୀମଦ୍ ଭାଗବତ ସ୍କନ୍ଧ ତିନିରେ ଦେଖାଯାଏ ଯେ ସଙ୍କର୍ଷଣ ଏହାକୁ ସନତ୍କୁମାରଙ୍କୁ ଏବଂ ସାଖ୍ୟାୟନ, ପରାଶର ଓ ମୈତ୍ରେୟଙ୍କ ଦ୍ୱାରା ବିଦୁରଙ୍କ ନିକଟରେ ପହଞ୍ଚିଥିଲା ଏବଂ ପ୍ରଥମସ୍କନ୍ଧରେ କୁହାଯାଇଛି ଯେ ବ୍ୟାସ ଏହାକୁ ଧ୍ୟାନରେ ଗ୍ରହଣ କରିଥିଲେ ଏବଂ ତାଙ୍କର ପୁତ୍ର ଶୁକଙ୍କ ଦ୍ୱାରା ବ୍ୟାପ୍ତ କରିଥିଲେ ।

## ଅଲୱାରଙ୍କ ଭକ୍ତି ଆନ୍ଦୋଳନ ଓ ଭାଗବତର ସଂପର୍କ

ଅଲୱାର ଆନ୍ଦୋଳନ ଓ ଭାଗବତର ସଂପର୍କ ବର୍ତ୍ତମାନର ଶ୍ରୀମଦ୍‌ଭାଗବତ ଓ ଭକ୍ତି ଆନ୍ଦୋଳନ ସହିତ ଯୋଗସୂତ୍ର ରହିଥିବାର ପ୍ରମାଣ ଉକ୍ତ ପଂକ୍ତିରୁ ବୁଝାଯାଏ, "କ୍ରିତ ଓ ଅନ୍ୟାନ୍ୟ ସମୟର ଲୋକମାନେ କଳିଯୁଗରେ ଜନ୍ମଲାଭ କରିବାକୁ ଇଚ୍ଛାକଲେ । କାରଣ କଳିଯୁଗରେ ଦ୍ରାବିଡ ଦେଶରେ ଭଗବାନ ନାରାୟଣଙ୍କର ବହୁଭକ୍ତ ଜନ୍ମ ଗ୍ରହଣ କରିଥିଲେ । ଏହି ଦ୍ରାବିଡ ଦେଶରେ ତାମ୍ରପର୍ଣ୍ଣୀ, କୀର୍ତ୍ତମାଳ, ପୟସ୍ୱିନୀ ଓ କାବେରୀ ଇତ୍ୟାଦି ପବିତ୍ର ନଦୀମାନ ପ୍ରବାହିତ ହେଉଅଛି । ଯେଉଁମାନେ ସେହି ନଦୀମାନଙ୍କର ପବିତ୍ର ଜଳକୁ ପାନକଲେ ସେମାନଙ୍କର ହୃଦୟ ପବିତ୍ର ହେଲା ଏବଂ ସେମାନଙ୍କର ବାସୁଦେବଙ୍କ ପ୍ରତି ଭକ୍ତି ଜାଗ୍ରତ ହେଲା ।



Digitized by PPRACHIN, SOA

ଏଥିରୁ ସ୍ପଷ୍ଟ ପ୍ରମାଣ ହୁଏ ଯେ ବର୍ତ୍ତମାନର ଭାଗବତ ସମ୍ପୂର୍ଣ୍ଣ ରୂପେ ଦକ୍ଷିଣ ଭାରତର କେହି ଜଣେ ଅଜଣା ସନ୍ଥଙ୍କ ଦ୍ୱାରା ପରିପୁଷ୍ଟ ହୋଇଛି । ସେ ନିଶ୍ଚିତ ଭାବେ ଅଲଓ୍ୱାରଙ୍କ ଭକ୍ତି ଆନ୍ଦୋଳନ ସହିତ ସଂପୃକ୍ତ, ଯଦିଓ ଭାଗବତର ପଦମାନ ପୂର୍ବରୁ ଥିଲା ମାତ୍ର ଏହି ବ୍ୟକ୍ତି ସମ୍ପୂର୍ଣ୍ଣ ଭାବରେ ପରିବର୍ତ୍ତନ କରି ଲେଖିଥିବେ । ଏହାର ପ୍ରତିଧ୍ୱନୀ ଆମେ ଦେଖୁ ମହାତ୍ମ୍ୟ ଅଂଶରେ ଯେଉଁଠାରେ ଭକ୍ତି ଏକ ସୁନ୍ଦରୀ ରମଣୀ ଭାବରେ ଦ୍ରାବିଡ଼ ଦେଶରେ ଜନ୍ମ ଗ୍ରହଣ କରି, କର୍ଣ୍ଣାଟକ ଓ ମହାରାଷ୍ଟ୍ର ମଧ୍ୟରେ ଭ୍ରମଣ ସମୟରେ ବିଭିନ୍ନ ଘାତ ପ୍ରତିଘାତର ସମ୍ମୁଖୀନ ହୋଇ ବୃନ୍ଦାବନଠାରେ ପହଞ୍ଚି ପୂର୍ଣ୍ଣତା ପ୍ରାପ୍ତ ହୋଇଛନ୍ତି ।

ଦକ୍ଷିଣ ଭାରତରେ ଯେ ଏହି ଶ୍ରୀମଦ୍ ଭାଗବତର ପରିବର୍ଦ୍ଧିତ ଘଟିଛି ଏହା ସଂପର୍କରେ କେତେକ ପ୍ରମାଣ ଦୃଷ୍ଟିକୁ ଆସେ । ଏହାର ନଗରବର୍ଣ୍ଣନାରେ ଦେଖାଯାଇଛି ସରସ୍ୱତୀ ନଦୀ କୂଳରେ ଥିବା ନଗରମାନ ଓ ଏପରିକି ଦ୍ୱାରକାରେ ଅପର୍ଯ୍ୟାପ୍ତ ନାରିକେଳ ବୃକ୍ଷ ଓ ତାଳବଣ ରହିଥିଲା । ଉତ୍ତର ଭାରତରେ ଏପରି ବ୍ୟାପକତା ଥିବା ସନ୍ଦେହ ଜନକ । ମାତ୍ର ଦକ୍ଷିଣ ଭାରତରେ ଏହାର ପ୍ରାଧାନ୍ୟ ବହୁତ ବେଶି । ଏପରିକି ବଳରାମଙ୍କ ତୀର୍ଥାଟନରେ ଦକ୍ଷିଣ ଭାରତର ସମସ୍ତ ସ୍ଥାନକୁ ଦେଖାଇବା ବେଳେ ଅନ୍ୟ ସ୍ଥାନ ଉପରେ ଆଦୌ ବା ବିଶେଷ ଗୁରୁତ୍ୱ ଦିଆଯାଇନାହିଁ ।

ବୈଷ୍ଣବ ଧର୍ମର ବ୍ୟାପକତା ହେତୁ ଏବଂ ଏଥି ସହିତ ଶ୍ରୀମଦ୍ ଭାଗବତର ସମ୍ପର୍କ ବେଶି ପ୍ରତୀୟମାନ ହେଉଥିବାରୁ ଅଲଓ୍ୱାରଙ୍କ ସମୟରେ କେହି ଜଣେ ଅଜ୍ଞାତ ବୈଷ୍ଣବଧର୍ମୀ ପଣ୍ଡିତ ଏହି ଶାସ୍ତ୍ରକୁ ପରିବର୍ଦ୍ଧିତ କରିଛନ୍ତି ବୋଲି ମନେହୁଏ ।

## ଭାଗବତର ରଚୟିତା ନିର୍ଣ୍ଣୟ

ଅଲଓ୍ୱାର ଆନ୍ଦୋଳନର ସମୟ ଖ୍ରୀଷ୍ଟ ୫ମ ଠାରୁ ୮ମ ଶତାବ୍ଦୀ ମଧ୍ୟଭାଗ । ତେଣୁ ପ୍ରଫେସର ହାରେଙ୍କ ମତ ଅନୁଯାୟୀ ଏହା ଖ୍ରୀଷ୍ଟାବ୍ଦ ଷଷ୍ଠ ଶତାବ୍ଦୀର କାର୍ଯ୍ୟ ବୋଲି ଗ୍ରହଣଯୋଗ୍ୟ ।

ପଣ୍ଡିତ ନୀଳକଂଠଂକ ମତ ଅନୁସାରେ ଭୋପଦେବ ଏହାର ରଚୟିତା ( ୧୩ ଶତାବ୍ଦୀ ) ମାତ୍ର ଏ ମତ ଠିକ୍ ନୁହେଁ କାରଣ ଆରବ ପଣ୍ଡିତ ଆଲବରୁନି ( ୧୦୩୦ ଶତାବ୍ଦୀ ) ଭାରତ ସଂପର୍କିତ ତାଙ୍କ ପୁସ୍ତକରେ ବୈଷ୍ଣବ ଭାଗବତ ସଂପର୍କରେ କହିଛନ୍ତି । ପ୍ରଫେସର ସିଦ୍ଧେଶ୍ୱର ଭଟ୍ଟାଚାର୍ଯ୍ୟ ତାଙ୍କର ପୁସ୍ତକ The Philosophy of Bhagabataର ମୁଖବନ୍ଧରେ Sachaw'sଙ୍କର ପୁସ୍ତକ



Digitized by PPRACHIN, SOA

Albaruni's India ବିଷୟରେ ଉଲ୍ଲେଖ କରି ଲେଖିଛନ୍ତି, "ଭୋପଦେବଙ୍କ ଦ୍ୱାରା ଏହାର ରଚନା ଆଲବରୁନିଙ୍କର ଭାଗବତ ସଂପର୍କିତ ମନ୍ତବ୍ୟରୁ ଜଣାଯାଏ ଯେ ବାସୁଦେବଙ୍କୁ ଏଠାରେ ପ୍ରଶଂସା କରାଯାଇଛି ।

## ଶ୍ରୀ ଶଙ୍କରାଚାର୍ଯ୍ୟ ଓ ଅଦ୍ୱୈତ ପରମ୍ପରାର ମତବାଦ

ଶ୍ରୀ ଶଙ୍କରାଚାର୍ଯ୍ୟ ତାଙ୍କର ପଦ୍ମ ପୁରାଣ ଅନ୍ତର୍ଗତ, ବାସୁଦେବ ସହସ୍ର ନାମାବଳୀ'ର ଟୀକାରେ ଦୁଇଟି ସ୍ଥାନରେ ଶ୍ରୀମଦ୍ ଭାଗବତ କଥା ଉଲ୍ଲେଖ କରିଛନ୍ତି । ପ୍ରଥମ ଶତକର ପାଞ୍ଚନାମଠାରେ ଲେଖିଛନ୍ତି–'ସ ଆଶ୍ରୟଃ ପରଂ ବ୍ରହ୍ମ ପରମାତ୍ମା ପରାତ୍ମରଃ' ଇତି ଭାଗବତେ । ପ୍ରଥମ ଶତକର ପଞ୍ଚାବନ ନାମଠାରେ ମଧ୍ୟ ଉଲ୍ଲେଖ କରି 'ପଶ୍ୟତ୍ୟ-ଦୋରୂପମଦଭ୍ର ଚକ୍ଷୁଷା' ଇତ୍ୟାଦି ଶ୍ଳୋକ ଉଦ୍ଧୃତକରି ଭାଗବତର ନାମ ନିର୍ଦ୍ଦେଶ କରିଛନ୍ତି । 'ସର୍ବସିଦ୍ଧାନ୍ତ ସଂଗ୍ରହ' ଏବଂ ଚତୁର୍ଦ୍ଦଶମତ ବିବେକ' ଗ୍ରନ୍ଥରେ ସେ ଲେଖିଛନ୍ତି– 'ପରମହଂସ ଧର୍ମୋ ଭାଗବତେ ପୁରାଣେ କୃଷ୍ଣେନୋଦ୍ଧ୍ୱୋ ବାୟୋପଦିଷ୍ଟଃ ।' ଅର୍ଥାତ୍ ପରମହଂସ ସଦୃଶ୍ୟ ଧର୍ମକୁ ଭାଗବତ ପୁରାଣରେ ଶ୍ରୀକୃଷ୍ଣ ଉଦ୍ଧବକୁ ଉପଦେଶ ଦେଇଛନ୍ତି ।

ଏହା ବ୍ୟତୀତ ଶ୍ରୀ ଶଙ୍କରାଚାର୍ଯ୍ୟଙ୍କର କୃତ ଗୋବିନ୍ଦାଷ୍ଟକ ନାମରେ ସ୍ତୋତ୍ର ଅଛି । ଏହାର ଗୋଟିଏ ଶ୍ଳୋକରେ କୁହାଯାଇଛି ଯେ ମା ଯଶୋଦା ଶ୍ରୀକୃଷ୍ଣଙ୍କୁ ଡରାଇକରି ପଚାରିଲେ—"କାହିଁକିରେ କହ୍ନାଇ ! ତୁ ମାଟି ଖାଇଛୁ ? "

ଯଶୋଦାଙ୍କର ପାଟି କରିବାରେ ଶ୍ରୀକୃଷ୍ଣ ଡରିଗଲେ ଏବଂ ସେ ମୁହଁ ଖୋଲିଦେଲେ । ଶ୍ରୀକୃଷ୍ଣଙ୍କ ମୁଖଭିତରେ ଯଶୋଦା ଚଉଦ ଲୋକର ଦର୍ଶନକଲେ । ସେ ଶ୍ଳୋକ ଏହିପରି,

"ମୃତ୍ସ୍ନାମସ୍ମିହେତି ଯଶୋଦାତାଡନ ଶୈଶବ ସଂତ୍ରାସଂ
ବ୍ୟାଦିତବକ୍ତ୍ରା ଲୋକତ ଲୋକାଲୋକ ଚତୁର୍ଦ୍ଦଶଲୋକାଲିମ୍ । "

ଏହି ବିଷୟ ଶ୍ରୀମଦ୍ ଭାଗବତର ମୃତ୍ତିକାଭକ୍ଷଣକୁ ଲକ୍ଷ୍ୟରଖି ଲେଖାଯାଇଛି । ଏହା ବ୍ୟତୀତ ଶ୍ରୀ ଶଙ୍କରାଚାର୍ଯ୍ୟ 'ପ୍ରବୋଧ ସୁଧାକର' ଗ୍ରନ୍ଥରେ ଭଗବାନ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା ବର୍ଣ୍ଣନା କରିଛନ୍ତି । ବ୍ରହ୍ମାଙ୍କର ମୋହିତ ହେବା, ବାଛୁରୀ ଚରାଇବା, ସର୍ବରୂପରେ କୃଷ୍ଣମୟ ହେବା ଇତ୍ୟାଦିର ବର୍ଣ୍ଣନା ଭାଗବତ ସଦୃଶ୍ୟ । ଗୋପୀମାନଙ୍କ କଥା ବର୍ଣ୍ଣନା କଲାବେଳେ ସେ ଯେପରି ତନ୍ମୟ ଅବସ୍ଥା କଥା ବର୍ଣ୍ଣନା କରିଛନ୍ତି, ଏହା କେବଳ ଭାଗବତରେ ରହିଛି ଏବଂ ସେ ମଧ୍ୟ ଲେଖିଛନ୍ତି ଯେ ଏହା ବ୍ୟାସଙ୍କ ମୁଖରୁ ନିସୃତ । ଶଙ୍କରାଚାର୍ଯ୍ୟଙ୍କର ଏବଂ ଭାଗବତର ଶ୍ଳୋକକୁ ତୁଳନା କରାଯାଇପାରେ ।



Digitized by PPRACHIN, SOA

କସ୍ୟାଶ୍ଚିତ୍ ପୂତନାନନ୍ୟାଃ କୃଷ୍ଣାୟନ୍ୟ ପିବତ୍ ସ୍ତନମ୍ (ଭାଗବତ)

କାପିଚ କୃଷ୍ଣାୟନ୍ତି କଶ୍ୟାଶ୍ଚିତ୍ ପୂତନାନନ୍ୟାଃ ।

ଅପିବତ୍ ସ୍ତନମିତି ସାକ୍ଷାତ୍ ବ୍ୟାସୋଃ ନାରାୟଣଃ ପ୍ରାହ ।। (ଶ୍ରୀ ଶଙ୍କରାଚାର୍ଯ୍ୟ)

ଶ୍ରୀ ଶଙ୍କରାଚାର୍ଯ୍ୟ ସ୍ପଷ୍ଟ ଭାବରେ କହିଛନ୍ତି ଏହା ବ୍ୟାସଙ୍କର କୃତ ଏବଂ ଭାଗବତ ଶ୍ରୀ ଶଙ୍କରଙ୍କର ପୂର୍ବରୁ ଲେଖା ଯାଇଛି ଏହା ପ୍ରମାଣିତ ।

ଶ୍ରୀ ଶଙ୍କରାଚାର୍ଯ୍ୟଙ୍କର ଗୁରୁ ଗୋବିନ୍ଦପାଦ ଏବଂ ତାଙ୍କର ଗୁରୁ ଶ୍ରୀ ଗୌଡପାଦାଚାର୍ଯ୍ୟ

ପଞ୍ଚୀକିରଣ ବାଖ୍ୟାରେ କହିଛନ୍ତି, "ଜଗୃହେ ପୌରୁଷଷଂ ରୂପମ୍" ଇତି ଭାଗବତ ମୁପନ୍ୟସ୍ତମା ଏହା ଶ୍ରୀମଦ୍ ଭାଗବତର ପ୍ରଥମସ୍କନ୍ଧ ତୃତୀୟ ଅଧ୍ୟାୟର ପ୍ରଥମଶ୍ଳୋକ । ଯେହି ଶ୍ଳୋକଟି ଏହିପରି ।

"ଶ୍ରେୟଃ ସ୍ରୁତି ଭକ୍ତିମୁଦସ୍ୟ ତେ ବିଭୋ

କ୍ଳିଶ୍ୟନ୍ତିୟେ କେବଳ ବୋଧ ଲବ୍ଧୟେ ।

ତେଷାମସୌ କ୍ଳେଶଳ ଏବ ଶିଷ୍ୟତେ

ନନ୍ୟଦ୍ୟଥା ସ୍ଥୁଳତୁଷାବଗାତି ନାମ୍ ।।

କେବଳ ଉଦ୍ଧୃତି କରି ନାହାନ୍ତି, ମାଣ୍ଡୁକ୍ୟ ଉପନିଷଦଉପରେ ଯେଉଁ କାରିକା ଲେଖିଛନ୍ତି ସେଥିରେ ମଧ୍ୟ ଶ୍ରୀମଦ୍ ଭାଗବତର ଆଶ୍ରୟ ନେଇଛନ୍ତି । ମାଣ୍ଡୁକ୍ୟ କାରିକାର ବହୁଗୁଡ଼ିଏ ଭାବ ଭାଗବତର ଦାନ । ଯେଉଁମାନେ ଭାବନ୍ତି ଯେ ଗୌଡପାଦଙ୍କର କାରିକା ପଛରେ ଭାଗବତ ଲେଖା ହୋଇଛି ଏବଂ କାରିକାରୁ ଭାଗବତର ଭାବ ଗ୍ରହଣ କରାଯାଇଛି, ସେମାନେ ଅଦ୍ୱୈତ ସମ୍ପ୍ରଦାୟ ସମ୍ପର୍କରେ ଅନଭିଜ୍ଞ । କାରଣ ଏହି ସଂପ୍ରଦାୟରେ ବ୍ୟାସଙ୍କର ଶିଷ୍ୟ ଶୁକଦେବ ଏବଂ ଶୁକଦେବଙ୍କର ଶିଷ୍ୟ ଗୌଡପାଦ ବୋଲି ଗ୍ରହଣ କରାଯାଇଛି । ଏଣୁ ଗୌଡପାଦ ତାଙ୍କର କାରିକାରେ ଭାଗବତର ଭାବନା ଗ୍ରହଣ କରିଛନ୍ତି ।

ପ୍ରଫେସର ବି. ଏନ୍, କ୍ରିଷ୍ଣମୂର୍ତ୍ତୀ ଶର୍ମା ଭାଗବତ ପୁରାଣର ସମୟ ସମ୍ପର୍କରେ ତାଙ୍କର ପ୍ରବନ୍ଧ (Annals of Bhandarkar Oriental research Institute of Poona Vol. XIV, 1932-33) ରେ କହିଛନ୍ତି ଯେ ଗୌଡପାନ (୭ମ ଶତାବ୍ଦୀ) ଭାଷ୍ୟ ହେବାବେଳେ ତାଙ୍କର ଉତ୍ତର ଗୀତାରେ 'ଭାଗବତ ପୁରାଣ' ସମ୍ପର୍କରେ କହିଛନ୍ତି । ଉତ୍ତର ଗୀତାର ଦ୍ୱିତୀୟଭାଗ ୪୬ ପଦରେ,

'ତଦୁକ୍ତମ ଭାଗବତେ, ତେସମଷ୍ଟ୍ୟ କ୍ଳେଶଳ ଈଭ୍ ଶିଷ୍ୟତେ,

ନାନାଦ୍ୟାଥ୍ ସ୍ଥୁଳତୁ ସାଭ ଗତିନମ୍ । ' ଏହି ବାକ୍ୟ ଭାଗବତର ଚଉଦଅଧ୍ୟାୟ ଚତୁର୍ଥଶ୍ଳୋକରୁ ଉଦ୍ଧୃତ ।



Digitized by PPRACHIN, SOA

ଭଗବତରେ, "ତେସମଷ୍ଟ୍ୟ କ୍ରେଶଳ ଇଭ ଶିଷ୍ୟତେ ନାନ୍ୟଦ୍ୟାଥ୍ ସ୍ଥୂଳତୁ ସଭ୍ଭଗତିନମ୍ । "

ଭେପଦେବା (୧୩ ଶତାବ୍ଦୀ) ଏହାର ରଚୟିତା ନେଇ ଯେଉଁ କେତେଜଣ Orientatists, Wilson, Macdonell, Colebrooke, Burnout ଇତ୍ୟାଦି ପ୍ରଗ୍ରର କରୁଥିଲେ, ସେ ପ୍ରକାର ସମ୍ଭାବନା ଏହା ଫଳରେ ଭୁଲ ବୋଲି ପ୍ରମାଣିତ ହେଲ ।

ପ୍ରଫେସର ଶର୍ମାଙ୍କର ଏହିମତ ବର୍ତ୍ତମାନ ମତସହିତ ସମ୍ପୂର୍ଣ୍ଣ ମିଳିଯାଉଥିବାହେତୁ ଭଗବତ ପୁରଣ ନିଶ୍ଚିତଭବେ ୬ଷ୍ଠ ଶତାବ୍ଦୀ ବେଳକୁ ଏପରି ରୂପନେଇଥିବ ଯେତେବେଳେ ଦକ୍ଷିଣଭରତରେ ଅଲଓ୍ବାର ଆନ୍ଦୋଳନ (୫ମଠାରୁ ୮ମ ଶତାବ୍ଦୀ) ଅତ୍ୟନ୍ତ ପ୍ରବଳ । ପ୍ରଫେସର ଶର୍ମାଙ୍କର ଗୌଡପାଦଙ୍କର ପାଦଟିକା ଉଦ୍ଧାର ଏହାର ଶ୍ରେଷ୍ଠ ପ୍ରମାଣ ।

ଏଣୁ ପଣ୍ଡିତ ନୀଳକଂଠଂକ ମତ ଅନୁସାରେ ତାଂକ ରଜସଭ ପଣ୍ଡିତ ଭେପଦେବ ଏହାକୁ ଖ୍ରୀଷ୍ଟ ନବମ ଶତାବ୍ଦୀରେ ଲେଖିଥିଲେ ଯୁକ୍ତିଯୁକ୍ତ ନୁହେଁ ।

## ମହାଭରତର କୃଷ୍ଣ ଓ ଭଗବତର କୃଷ୍ଣ ଏକ କି ?

ପଣ୍ଡିତ ନୀଳକଂଠଂକ ମତରେ ମହାଭରତ ଗୀତାର କୃଷ୍ଣ ଏକା ନୁହନ୍ତି ଏହା ମଧ୍ୟ ବିଗ୍ରର କରାଯାଇ ପାରେ ।

ଏହି ଆଲୋଚନାରେ ପୂର୍ବରୁ ବର୍ତ୍ତମାନ ପ୍ରଚଳିତ ମତ ଅନୁସାରେ ମହାଭରତ ଗୀତାର ଶ୍ରୀକୃଷ୍ଣ ଓ ରାସଲୀଳାରେ ମତ୍ତ କୃଷ୍ଣ ଏକ ଓ ଅଭିନ୍ନ । ଏହି ମତକୁ ଭଗବତ ପୁରଣ ଅନୁଯାୟୀ ପ୍ରମାଣ କରାଯାଇପାରେ ।

ଭଗବାନ ଶ୍ରୀକୃଷ୍ଣ ଏକ ଓ ଅନେକ । ସେ ଗୋଲକରେ ରହି ଗୋପୀମାନଙ୍କ ସହିତ ଲୀଳା କରିଛନ୍ତି । ସେ ମଧ୍ୟ ବୈକୁଣ୍ଠରେ ରହି ସମଗ୍ର ଜଗତକୁ ରକ୍ଷା କରିଛନ୍ତି । ସେ ନରନାରାୟଣ ରୂପରେ ନିଜର ତପସ୍ୟା ବଳରେ ସଂସାରକୁ ଧାରଣ କରିଛନ୍ତି । ସେ ଏକ ଏବଂ ଭକ୍ତ ମାନଙ୍କ ଦୃଷ୍ଟିରେ ଅନେକ । ଶ୍ରୀମଦ୍ ଭଗବତରେ ଯେଉଁ ଶ୍ରୀକୃଷ୍ଣଙ୍କର ବର୍ଣ୍ଣନା ମରାଯାଇଛି ସେ ପରିପୂର୍ଣ୍ଣ ଶ୍ରୀକୃଷ୍ଣ । କାରଣ ଶ୍ରୀମଦ୍ ଭଗବତରେ ଘୋଷଣା କରାଯାଇଛି 'ଅନ୍ୟେ ଚାଂଶକଳାଃ ପୁଂସଃ କୃଷ୍ଣସ୍ତୁ ଭଗବାନ ସ୍ୱୟମ୍ ।" ଅନ୍ୟ ଯେତେ ଅବତାର ସେମାନେ ଭଗବାନଙ୍କର ଅଂଶ ମାତ୍ର ଓ କଳା ମାତ୍ର, କିନ୍ତୁ ଭଗବାନ ଶ୍ରୀକୃଷ୍ଣ ସ୍ୱୟଂ ପରିପୂର୍ଣ୍ଣତମ ଅଟନ୍ତି ।



Digitized by PPRACHIN, SOA

କେତେକ ଶ୍ରୀକୃଷ୍ଣଙ୍କର କର୍ମଲୀଳା ଉପରେ ଗୁରୁତ୍ୱ ଆରୋପ କରନ୍ତି ଏବଂ ତାଙ୍କର ଉପାସନା ଲୀଳା ଓ ପ୍ରେମଲୀଳାକୁ ଗୌଣକରି ଦେଖନ୍ତି । ତେଣୁ ଗୋପୀମାନଙ୍କ ସହିତ ଦିବ୍ୟପ୍ରେମଲୀଳାର ଶ୍ରୀକୃଷ୍ଣ, ଅର୍ଜ୍ଜୁନରଥର ସାରଥି କୃଷ୍ଣ ହୋଇନପାରନ୍ତି ବୋଲି ଯୁକ୍ତିଆସେ, ଯାହା ପଣ୍ଡିତ ନୀଳକଂଠ କହିଛନ୍ତି । ତେଣୁ ଭଗବତର ଶ୍ରୀକୃଷ୍ଣ ଓ ମହାଭରତର ଶ୍ରୀକୃଷ୍ଣ ଏକ ନୁହନ୍ତି ବୋଲି ଧରଯାଇପାରେ ।

## ମହାଭାରତରେ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳା

କିନ୍ତୁ ମହାଭରତକୁ ଠିକ୍‌ଭବରେ ଅଧ୍ୟୟନକଲେ ସେଥିରେ ଭଗବାନ ଶ୍ରୀକୃଷ୍ଣଙ୍କର ବୃନ୍ଦାବନର ଲୀଳା ଉଲ୍ଲେଖ ଥିବାର ଦେଖାଯାଏ । ମହାଭରତର ସଭାପର୍ବରେ ଯେଉଁଠାରେ ଦ୍ରୌପଦୀଙ୍କର ବସ୍ତ୍ରହରଣ ବିଷୟ ଉଲ୍ଲେଖ କରାଯାଇଛି, ସେଠାରେ ଅତ୍ୟନ୍ତ ସ୍ପଷ୍ଟଭାବରେ ଦ୍ରୌପଦୀ ପ୍ରାର୍ଥନା କରି କହିଛନ୍ତି–"ଗୋବିନ୍ଦ ଦ୍ୱାରିକାବାସିନ୍ କୃଷ୍ଣଗୋପୀଜନପ୍ରିୟ ।" ଏହାର ଅର୍ଥହେଉଛି, 'ହେ ଗୋବିନ୍ଦ ! ହେ ଦ୍ୱାରକାରେ ବାସ କରୁଥିବା ଶ୍ରୀକୃଷ୍ଣ ! ହେ ଗୋପୀ ଜନଙ୍କର ପ୍ରିୟତମ ! ଆସି ମୋତେ ରକ୍ଷାକର ।'

ଦ୍ରୌପଦୀ ଭଗବାନ ଶ୍ରୀକୃଷ୍ଣଙ୍କର ଅନ୍ତରଙ୍ଗ ଭକ୍ତ । ସେ ଶ୍ରୀକୃଷ୍ଣଙ୍କର ଅନ୍ତରଙ୍ଗ ଲୀଳା ସହିତ ପରିଚିତ । ଗୋପୀମାନଙ୍କ ସହିତ ଭଗବାନଙ୍କର ଯେଉଁ ସଂପର୍କ ଏହା କହି ଡାକିବା ଦ୍ୱାରା ଭଗବାନ ଏହିନାମରେ ଶୀଘ୍ର ପ୍ରସନ୍ନ ହୁଅନ୍ତି । ଗୋପୀଜନପ୍ରିୟ' ସଂବୋଧନ ମଥୁରାବାସୀ ଓ ଦ୍ୱାରକାବାସୀଙ୍କ ପାଇଁ ସେତେବେଳେ ପ୍ରଯୁକ୍ତ ଯେତେ-ବେଳେ ସେ ପ୍ରଥମରୁ ଗୋକୁଳ ଏବଂ ବୃନ୍ଦାବନରେ ରହିଛନ୍ତି ଏବଂ ଗୋପୀମାନଙ୍କ ସହିତ ତାଙ୍କର ଉତ୍ତମ୍ ପ୍ରେମ ସଂପର୍କ ରହିଛି । ଏଥିରୁ ବ୍ରଜରେ ଏହି ଶ୍ରୀକୃଷ୍ଣ ସମସ୍ତଲୀଳା କରିଛନ୍ତି ତାର ପ୍ରମାଣ ମିଳେ ।

ମହାଭରତର ଅନ୍ୟାନ୍ୟ ସ୍ଥାନରେ ମଧ୍ୟ ଶ୍ରୀକୃଷ୍ଣଙ୍କର ବାଲ୍ୟଲୀଳାର ବର୍ଣ୍ଣନା ଦେଖିବାକୁ ମିଳେ । ଶିଶୁପାଳ ଶ୍ରୀକୃଷ୍ଣଙ୍କର ନିନ୍ଦା କରିବା ସମୟରେ ଏବଂ ଭୀଷ୍ମପିତାମହ ଦୁର୍ଯ୍ୟୋଧନଂକ ଆଗରେ ଶ୍ରୀକୃଷ୍ଣଙ୍କର ଗୁଣବର୍ଣ୍ଣନା କରିବା ସମୟରେ ତାଙ୍କର ବାଲ୍ୟଲୀଳା ସଂପର୍କରେ ଚର୍ଚ୍ଚା କରିଛନ୍ତି । ଦ୍ରୋଣପର୍ବର କେତେକ ଶ୍ଳୋକ ଏଠାରେ ଉଦ୍ଧାର କଲେ ଯଥେଷ୍ଟ ହେବ ।

### ଧୃତରାଷ୍ଟ୍ର ସଞ୍ଜୟକୁ କହୁଛନ୍ତି,

"ଶୃଣୁ ଦିବ୍ୟାନି କର୍ମାଣି ବାସୁଦେବସ୍ୟ ସଂଜୟ ।
କୃତବାନ୍ ଯାନି ଗୋବିନ୍ଦୋ ଯଥା ନାନ୍ୟଃ ପୁମାନ୍ କଚିତ୍ ॥
ଗୋକୁଳେ ବର୍ଦ୍ଧମାନେନ ବାଲେନୈବ ମହାତ୍ମନା ।
ବିଖ୍ୟାପିତଂ ବଳଂ ବାହ୍ୱୋସ୍ତ୍ରୀଷୁ ଲୋକେଷୁ ସଂଜୟ ॥



Digitized by PPRACHIN, SOA

ଉର୍ଚ୍ଚୈଃଶ୍ରବସ୍ତୁଲ୍ୟବଳଂ ବାୟୁବେଗସମ ଜବେ ।
ଜଘାନ ହୟରାଜଂ ତଂ ଯମୁନାବନବାସିନମ୍ ।।
ଦାନବଂ ଘୋରକର୍ମାଣଂ ଗବାଂ ମୃତ୍ୟୁମିବୋତ୍ଥିତମ୍ ;
ବୃଷ ରୂପଧରଂ ବାଲ୍ୟେ ଭୁଜାଭ୍ୟାଂ ନିଜଘାନହ ।
ପ୍ରଲମ୍ବଂ ନରକଂ ଜମ୍ଭଂ ପୀଠଂ ଚାପି ମହାସୁରମ୍ ।
ମୁରଂ ଚାମରସଙ୍କାଶମବଧୀତ୍ ପୁଷ୍କରେକ୍ଷଣଃ ।।
ତଥା କଂସୋ ମହାତେଜା ଜରାସନ୍ଧେନ ପାଳିତଃ ।
ବିକ୍ରମେଣୈବ କୃଷ୍ଣେନ ସଗଣଃ ପାତିତୋ ରଣେ ।।
ସୁନାମା ନରବିକ୍ରାନ୍ତଃ ସମଗ୍ରାକ୍ଷୌହିଣୀପତିଃ ।
ଭୋଜରାଜସ୍ୟ ମଧ୍ୟସ୍ଥୋ ଭ୍ରାତା କଂସସ୍ୟ ବୀର୍ଯ୍ୟବାନ ।।
ବଳଦେବ ଦ୍ୱିତୀୟେନ କୃଷ୍ଣେନ ଅମିତ୍ର ଘାତିନା ।
ତରସ୍ୱୀ ସମରେ ଦଗ୍ଧଃ ସସୈନ୍ୟଃ ଶୂରସେନରାଟ ।।
ଚୈଦିରାଜ ଚ ବିକ୍ରାନ୍ତଂ ରାଜସେନାପତିଂ ବଳୀ ।
ଅର୍ଘେ ବିବଦମାନଂ ଚ ଜଘାନ୍ ପଶୁବତ୍ତଦା ।।
ଯଚ୍ଚ ତନମ୍ମହଦାଶ୍ଚର୍ଯ୍ୟେ ସଭାୟାଂ ମମ ସଂଜୟ ।
କୃତବାନ୍ ପୁଣ୍ଡରୀକାକ୍ଷଂ କସ୍ତଦନ୍ୟ ଇହାର୍ହତି ।।

ଏହି ଶ୍ଳୋକ ଗୁଡ଼ିକର ଅର୍ଥ ଅତ୍ୟନ୍ତ ସ୍ପଷ୍ଟ । ଏଥିରେ ଗୋକୁଳ, ମଥୁରା ଓ ହସ୍ତିନାପୁରର ବର୍ଣ୍ଣନ ରହିଛି । ମହାଭାରତ ବ୍ୟତୀତ ଅଗ୍ନି ପୁରାଣ, ବିଷ୍ଣୁପୁରାଣ ପଦ୍ମପୁରାଣ ଇତ୍ୟାଦି ପୁରାଣ ଗ୍ରନ୍ଥରେ ଯେଉଁ ଯେଉଁଠାରେ ଭଗବାନଙ୍କ ଲୀଳାର ବର୍ଣ୍ଣନା କରାଯାଇଛି, ସବୁଠାରେ ସେହି ଏକମାତ୍ର ଶ୍ରୀକୃଷ୍ଣ ।

## କୃଷ୍ଣ ଏକ ଓ ଅଭିନ୍ନ

ମହାଭାରତର ଶ୍ରୀକୃଷ୍ଣ ଓ ଶ୍ରୀମଦ୍ ଭାଗବତର ଶ୍ରୀକୃଷ୍ଣ କବିର କଳ୍ପନାରେ ଭିନ୍ନ ଭିନ୍ନ ଭାବରେ ଚିତ୍ରିତ ହୋଇଥିଲେ ମଧ୍ୟ ସେ ଏକ ଓ ଅଭିନ୍ନ, ଏହା ନିଃସନ୍ଦେହ ଭାବରେ କୁହାଯାଇପାରେ । ଏ ଦୃଷ୍ଟିରୁ ପଣ୍ଡିତ ନୀଳକଣ୍ଠଙ୍କ ମତ ମଧ୍ୟ ଗ୍ରହଣ ଯୋଗ୍ୟନୁହେଁ ।

●

କାନାରା ବ୍ୟାଙ୍କ
ଭୁବନେଶ୍ୱର,



Digitized by PPRACHIN, SOA

# ବହୁ ମତରେ ବହୁ କୃଷ୍ଣ


## ଡଃ ଗୋପୀନାଥ ମହାପାତ୍ର


ଶ୍ରୀକୃଷ୍ଣ କିଏ, କ'ଣ ତାଙ୍କର ବ୍ୟକ୍ତିତ୍ୱ, ରୂପ, ଗୁଣସମ୍ଭାର ତାଙ୍କର କିପରି; ଏସବୁ କଥା ଯୁଗେ ଯୁଗେ ଧର୍ମଯାଜକ, ଐତିହାସିକ ତଥା ଗବେଷକମାନଙ୍କୁ ଏକ ଅହେତୁକୀ ଅନୁସନ୍ଧିଛାରେ ବୁଡ଼ାଇ ରଖିଛି । ଓଡ଼ିଶାର ବରେଣ୍ୟ ବିଦ୍ୱାନ ପଣ୍ଡିତ ନୀଳକଂଠ ଦାସ କହନ୍ତି, ଶ୍ରୀକୃଷ୍ଣ ଜଣେ ବ୍ୟକ୍ତି ନୁହନ୍ତି; ଏକ ବହୁବ୍ୟକ୍ତିତ୍ୱର ସମାହାର । ସେ ତାଙ୍କର ଶ୍ରୀମଦ୍ ଭଗବଦ୍‌ଗୀତା ସଂକଳନର ସମାଲୋଚନାରେ ସ୍ପଷ୍ଟ ଭାବରେ ଉଲ୍ଲେଖ କରିଛନ୍ତି ଯେ ଗୀତାର ଯୋଗେଶ୍ୱର କୃଷ୍ଣ ମଥୁରାର ଗୋପୀଜନପ୍ରିୟ କୃଷ୍ଣଙ୍କଠାରୁ ଭିନ୍ନ । ସେ ଦୃଷ୍ଟିରୁ ଗୀତାର କୃଷ୍ଣ, ଭାଗବତର କୃଷ୍ଣଙ୍କଠାରୁ ଭିନ୍ନ ।

ନୀଳକଂଠଙ୍କ ଏହି ଉକ୍ତି, ଏହି ବିଚାରଧାରା ଯେ କୌଣସି ସାଧାରଣ ପାଠକ ମନରେ ଦ୍ୱନ୍ଦ୍ୱ ସୃଷ୍ଟି କରିପାରେ । ଲୋକେ ସାଧାରଣତଃ ଭାବନ୍ତି, ଶ୍ରୀକୃଷ୍ଣ ତ ଦ୍ୱାପର ଯୁଗର ଯୁଗପୁରୁଷ; ବିଷ୍ଣୁଙ୍କର ଅବତାର । ତ୍ରେତା ଯୁଗରେ ରାମ ଅବତାର ପରେ ବିଷ୍ଣୁ ଏ ଅବତାର ଗ୍ରହଣ କଲେ; ଯଦିଓ ବୈଷ୍ଣବମାନେ କୃଷ୍ଣଙ୍କୁ ପରେ ଅବତାରୀ ଭାବରେ ଚିତ୍ରଣ କଲେ । ତେବେ ପଣ୍ଡିତ ନୀଳକଂଠ କୃଷ୍ଣ ଜଣେ ବ୍ୟକ୍ତି ବୋଲି ନ କହି ବହୁ ବ୍ୟକ୍ତି ବୋଲି ଭାବନ୍ତି କାହିଁକି ? ଏହି ପ୍ରଶ୍ନର ସମାଧାନ ଏ ଆଲୋଚିତ ପ୍ରବନ୍ଧର ଉଦ୍ଦେଶ୍ୟ ।

ନୀଳକଂଠ ଅଖଣ୍ଡ ପାଣ୍ଡିତ୍ୟର ଅଧିକାରୀ ଥିଲେ । ବହୁଗ୍ରନ୍ଥ ଅଧ୍ୟୟନରେ ସେ ସର୍ବଦା ନିଜକୁ ବୁଡ଼ାଇ ରଖୁଥିଲେ । ତାଙ୍କର ସ୍ୱୀୟ ପ୍ରଜ୍ଞା ତାଙ୍କୁ ଯେ କୌଣସି ତଥ୍ୟକୁ ସିଧା ସଳଖ ଅନ୍ଧଭାବରେ ବିଶ୍ୱାସ କରିବାରେ ପ୍ରତିବନ୍ଧକ ହେଉଥିଲା । ତେଣୁ ଥରେ ସେ ଭାଗବତ ସମ୍ବନ୍ଧରେ ଧର୍ମାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁଙ୍କ ସହିତ ଯୁକ୍ତିତର୍କ କରିଥିଲେ । ଏଥିରେ କ୍ଷୁବ୍ଧ ହୋଇ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ କହିଲେ, "ଧର୍ମପୁସ୍ତକ ପବିତ୍ର ଭାଗବତର ମତକୁ ଖଣ୍ଡନ କରି ଏପରି ଯୁକ୍ତି କର ନାହିଁ, ପାପ ହେବ" । ମାତ୍ର ନୀଳକଂଠ ସେଭଳି ସହଜରେ ସବୁକଥାକୁ ବିନାଯୁକ୍ତିରେ ମାନିଯିବାର ଲୋକ ନଥିଲେ । ସେ ପ୍ରତି କଥାକୁ ବିଚାରଲୋଚନା କରି ଦେଖୁଥିଲେ ଓ ମାନିବାର ହେଲେ ମାନୁଥିଲେ । ନୋହିଲେ ତାଙ୍କୁ ମନାଇବାର ଚେଷ୍ଟା ବୃଥା ଥିଲା ।

ସେ ଯାହାହେଉ ଆମର କହିବାର କଥା, ଏଭଳି ଜଣେ ତତ୍ତ୍ୱଦର୍ଶୀ ବିଜ୍ଞ ବ୍ୟକ୍ତି ପଣ୍ଡିତ ନୀଳକଂଠ ଯାହାକହନ୍ତି, ଅନୁଧ୍ୟାନ କରି କହନ୍ତି; ପାଠପଢ଼ି ତର୍କମାକରି କହନ୍ତି ।

Digitized by PPRACHIN, SOA

ତେଣୁ ସେ ଯେ କୃଷ୍ଣଙ୍କର ଏହିଭଳି ବହୁତ୍ୱକୁ ଯେ ପ୍ରକାଶ କଲେ, ତାହା ପଛରେ ବାସ୍ତବରେ ଯେ ଅନେକ ତଥ୍ୟସମ୍ବଳିତ ଯୁକ୍ତି ରହିଛି । ତାଙ୍କର ମତ ସାଧାରଣ ସ୍ରୋତାଙ୍କୁ ଟିକିଏ ଅଡୁଆ ଲଗିପାରେ, ମାତ୍ର ସର୍ବଦା ସ୍ୱୀକାର୍ଯ୍ୟ, ହେଲେହେଁ ଏହା ନିଶ୍ଚୟ ଆଲୋଚନା ସାପେକ୍ଷ । ଅତଏବ, ତାଙ୍କର ଏ ଭବନାର ଯଥାର୍ଥ୍ୟ ଆମର ପ୍ରଣୀଧାନର ବିଷୟ ।

## ଉପନିଷଦ ଯୁଗର କୃଷ୍ଣ—

ଶ୍ରୀକୃଷ୍ଣ ସତରେ ଥିଲେ କି ନଥିଲେ, ଅଥବା ମହାଭାରତରେ ଇଏ କ'ଣ କାଳ୍ପନିକ କବିପ୍ରସୂତ ନାୟକ କି ନା; ଏସବୁ ଜଣେ ନିଷ୍ଠାପର ଗବେଷକର ମନକୁ ଆନ୍ଦୋଳିତ କରିବା ସ୍ୱାଭାବିକ୍ । ତେଣୁ ନୀଳକଂଠଙ୍କ ମନକୁ ଏ ପ୍ରଶ୍ନ ମଧ୍ୟ ଆନ୍ଦୋଳିତ କରିଥିଲା ଓ ସେ ମହାଭାରତର କୃଷ୍ଣଙ୍କ ଛଡ଼ା ଆହୁରି କେତେକ ଗ୍ରନ୍ଥରେ କେତେକ କୃଷ୍ଣଙ୍କୁ ଠାବ କରିଥିଲେ । 'ଓଡ଼ିଆ ସାହିତ୍ୟର କ୍ରମପରିଣାମ'ରେ ସେ ଉଲ୍ଲେଖ କରିଛନ୍ତି ଯେ ଋଗ୍-ବେଦରେ ଜଣେ କୃଷ୍ଣଥିଲେ ଯେ କି କର୍ମକାଣ୍ଡକୁ ବିରୋଧ କରୁଥିଲେ, କର୍ମକାଣ୍ଡୀମାନେ ତାଙ୍କୁ ଅଂଶୁମତୀ ନଦୀକୂଳରେ ପରାସ୍ତ କରିଥିଲେ । (୧) ମହାଭାରତ ଛଡ଼ା ଉପନିଷଦ୍ ଯୁଗରେ ମଧ୍ୟ ଜଣେ କୃଷ୍ଣ ଥିବାର ସେ ଉଲ୍ଲେଖ କରିଛନ୍ତି । ଏ କୃଷ୍ଣ ପୁଣି ମହାଭାରତ ଭଳି ଦେବକୀଙ୍କ ପୁତ୍ରଥିଲେ ଓ ଘୋର ଅଙ୍ଗୀରସଙ୍କଠାରୁ ଯଜ୍ଞତତ୍ତ୍ୱ ଶିକ୍ଷା କରିଥିଲେ. (୨) ସନ୍ଦୀ-ପନୀଙ୍କଠାରୁ ନୁହେଁ । ଛାନ୍ଦୋଗ୍ୟ ଉପନିଷଦରେ ଏହି ତଥ୍ୟ ବର୍ଣ୍ଣିତ ଅଛି । ତେବେ ଏ କୃଷ୍ଣ ଏବଂ ମହାଭାରତର କୃଷ୍ଣଙ୍କଠାରୁ ଭିନ୍ନ ହେଲେ ମଧ୍ୟ ଉଭୟେ ଦେବକୀ-ନନ୍ଦନ ଉଭୟେ କୃଷ୍ଣ । ତେଣୁ କୁହାଯାଇପାରେ, ଉପନିଷଦ ଯୁଗ ମହାଭାରତର ପୂର୍ବବର୍ତ୍ତୀ ହୋଇଥିବାରୁ ମହାଭାରତର କୃଷ୍ଣଙ୍କଚରିତ୍ରର ମୂଳବୀଜ ହୁଏତ ଏହି ଉପନିଷଦରେ ନିହିତ ଓ ଏହିଠାରୁ ଏ ବୀଜକୁ ସଂଗ୍ରହ କରି ମହାଭାରତକାର ପୁଷ୍ପିତ, ପଲ୍ଲବିତ କରିଛନ୍ତି । ପୁଷ୍ପିତ ଓ ପଲ୍ଲବିତ ହେବାପରେ ଏହି ଚରିତ୍ର ଭିନ୍ନ ଆକାର ଧାରଣ କରିଛି । ପରେ ଶ୍ରୀମଦ୍ ଭଗବଦ୍ ଗୀତାରେ କୃଷ୍ଣଙ୍କର ଭାବମୂର୍ତ୍ତି ଯୋଗେଶ୍ୱର ପୁରୁଷୋତ୍ତମ ଭାବରେ ରୂପାୟିତ ହେବାପରେ ଭାଗବତରେ ପ୍ରେମମୟ ପୁରୁଷଭାବରେ ଅନ୍ୟ ଲେଖକଙ୍କ ଦ୍ୱାରା ବିସ୍ତାରିତ ହୋଇଛି । ବିଭିନ୍ନ ଯୁଗରେ ବିଭିନ୍ନ ଲେଖକ କୃଷ୍ଣଙ୍କୁ ବିଭିନ୍ନ ପୁରାଣରେ ତଥା ଗ୍ରନ୍ଥମାନଙ୍କରେ ଭିନ୍ନ ଭିନ୍ନ ଭାବରେ ଚିତ୍ରଣ କରିଛନ୍ତି । ଏପରିକି ସେ ପ୍ରଚେଷ୍ଟା ଏପର୍ଯ୍ୟନ୍ତ ମଧ୍ୟ ବନ୍ଦ ହୋଇ ନାହିଁ । କୃଷ୍ଣ ଓ ଅର୍ଜୁନଙ୍କ କଥୋପକଥନ ମାଧ୍ୟମରେ

---

(୧) ଓଡ଼ିଆ ସାହିତ୍ୟର କ୍ରମପରିଣାମ—ପଣ୍ଡିତ ନୀଳକଣ୍ଠ ଦାସ—ପ୍ରଥମଭାଗ—ପୃ: ୧୮୩

(୨) ଓଡ଼ିଆ ସାହିତ୍ୟର କ୍ରମପରିଣାମ—ପଣ୍ଡିତ ନୀଳକଣ୍ଠ ଦାସ—ପ୍ରଥମଭାଗ—ପୃ: ୧୮୩

(୩) ହରି ଅର୍ଜୁନ ଚଉତିଶା—କଟକ—ହରି ଅର୍ଜୁନଙ୍କୁ କହୁଛନ୍ତି—



Digitized by PPRACHIN, SOA

ଆଧୁନିକ ଯୁଗର ପ୍ରତ୍ୟେକ ବିଭାବ 'ହରି ଅର୍ଜୁନ ଚଉତିଶା' (୩) ଇତ୍ୟାଦି ନାମରେ ଏବେ ମଧ୍ୟ ଦେଖିବାକୁ ମିଳୁଛି । ଏଣୁ ଦେଖିବାର କଥା ଯେ, ଶ୍ରୀକୃଷ୍ଣ ଯଦି ଐତିହାସିକ ପୁରୁଷ ହୋଇଥାନ୍ତେ, ତାଙ୍କର ସ୍ଥିତିରେ ଯଦି ସତ୍ୟତା ଥାଆନ୍ତା, ତେବେ ଏପରି ଭିନ୍ନ ଭିନ୍ନ ରୂପରେ ସେ ବର୍ଣ୍ଣିତ ହୋଇ ନଥାନ୍ତେ । ଏଭଳି ଚିତ୍ରକଳ୍ପ ପଛରେ କଳ୍ପନା ବିଳାସ ହିଁ କାରଣ ସ୍ୱରୂପ ଥାଇପାରେ । ଯଦି ଏକଥା ସ୍ୱୀକୃତ ହୁଏ, ତେବେ ପୁରାଣମାନଙ୍କରେ କୃଷ୍ଣଙ୍କ ସମ୍ପର୍କରେ ଯାହା ଯାହା ଲେଖାଯାଇଛି, ତନ୍ମଧ୍ୟରେ ସବୁକଥା ବାସ୍ତବ ନୁହେଁ ।

## ପୁରାଣ ଯୁଗର କୃଷ୍ଣ—

ମହାଭାରତ ରଚନା ହେବା ପରେ ଶ୍ରୀକୃଷ୍ଣ ସାରାଭାରତରେ ଲୋକପ୍ରିୟ ଚରିତ୍ର ଭାବରେ ପ୍ରତ୍ୟେକ ପ୍ରାଣକୁ ଆକୃଷ୍ଟ କଲେ । ଏଥିରେ କୃଷ୍ଣଙ୍କର ନିଜ ଚରିତ୍ର ଯେତେ ଦାୟୀ ନୁହେଁ, ସେତେ ଦାୟୀ ମହାଭାରତକାରଙ୍କର ସେହି ଚରିତ୍ର ଚିତ୍ରଣ ଶୈଳୀ । ତାହାର ପରଯୁଗରେ କବିମାନେ ଯେତେବେଳେ ଦେଖିଲେ କୃଷ୍ଣଚରିତ୍ର ଏଡ଼େ ଲୋକପ୍ରିୟ, ସେତେବେଳେ ସେମାନେ ସେ ଚରିତ୍ରରେ ଆହୁରି ନାନା କୌତୂହଳୋଦ୍ଦୀପକ ମନଗଢ଼ା କାହାଣୀମାନ ଯୋଡ଼ି ପୁରାଣମାନଙ୍କରେ ବର୍ଣ୍ଣନା କଲେ । ଶ୍ରୋତାମାନଙ୍କର ମନ ମୋହିବା ପାଇଁ କୃଷ୍ଣଙ୍କ ଉପରେ ଅତିମାନବତ୍ୱ ଆରୋପକଲେ ଓ ବଡ଼ ଅଦ୍‌ଭୁତ କଥାମାନ ସୃଷ୍ଟି କରିଚାଲିଲେ । ଶେଷକୁ କଥା ଏପରି ଅବସ୍ଥାରେ ପହଞ୍ଚିଲା ଯେ, କୃଷ୍ଣ ଶୃଙ୍ଗାର ଚେଷ୍ଟାରେ ଏକ ଅତିଶକ୍ତିର ଅଧିକାରୀ ହୋଇଗଲେ । ଖାଲି ଷୋଳ ସହସ୍ର ଗୋପନାରୀ କାହିଁକି; ଅର୍ଜୁନ ଓ ନାରଦଙ୍କ ସହିତ ମଧ୍ୟ ସମ୍ଭୋଗ ରଚନା କରିଥିଲେ ବୋଲି ବର୍ଣ୍ଣନା କରିବାକୁ କବିମାନେ ପଛାଇଲେ ନାହିଁ । ପଦ୍ମପୁରାଣରେ ବର୍ଣ୍ଣନା କରାଗଲା, "ଥରେ ଅର୍ଜୁନ ଗୋଟାଏ ପରିସ୍ଥିତିରେ ପଡ଼ି ନାରୀ ହୋଇଗଲେ । ତାଙ୍କୁ ପୁଣି ଏହି 'ମହା-ଯୋଗେଶ୍ୱର କୃଷ୍ଣ' ଏକ ଉଦ୍ୟାନରେ ରମଣକଲେ । ତା ପରେ ସେଠାରେ ଥିବା ସେହି ପୁଷ୍କରିଣୀ ତଟକୁ ଆସି ଶାରଦାଙ୍କୁ କହିଲେ, "ହେ ଶାରଦେ ! ଏ ସୁନ୍ଦରୀଙ୍କୁ ଏଠାରେ ସ୍ନାନ କରାଇଦିଅ; ଇଏ କାମକ୍ରୀଡ଼ାରେ ବହୁତ କ୍ଳାନ୍ତ ହୋଇପଡ଼ିଛନ୍ତି ।" ଏହା ଶୁଣି ଶାରଦା ଅର୍ଜୁନୀଙ୍କୁ ସେହି ସରୋବରରେ ସ୍ନାନ କରିବାକୁ କହିଲେ । ଅର୍ଜୁନୀ ସ୍ନାନ

---

"ବ୍ରାହ୍ମଣେ ଗାୟତ୍ରୀଛାଡ଼ି ଗାରଡ଼ି ପଢ଼ିବେ ।
ଘରେ ଘରେ ମିଥ୍ୟାବାଦୀ, କଳି ଉପୁଜିବେ ।
ଘୋଷା ହେବ ହେ ।
ଢାଉଁ ଢାଉଁ ଜଗତେ ଶୁଭିବ ହେ ॥ ଇତ୍ୟାଦି ॥

(ଶ୍ରୀକୃଷ୍ଣ ସତେ ଅବା ଏବର ଚାଲିଚଳଣି ସବୁ ଜାଣି ଦ୍ୱାପର ଯୁଗରେ ଅର୍ଜୁନଙ୍କୁ କହିଥିଲେ ! ଏସବୁ ସତ କଥା ନୁହେ; ଲୋକଙ୍କ ମନରେ ବିଶ୍ୱାସ ଜନ୍ମାଇବା ପାଇଁ ଏ ସବୁ କୃଷ୍ଣଙ୍କ ନାମରେ କବିର କଳ୍ପନା । )



Digitized by PPRACHIN, SOA

କଲପରେ ପୁଣି ଅର୍ଜୁନ ହୋଇଗଲେ" । (୪) ଏସବୁ କ'ଣ କେବେ ସତକଥା ହୋଇପାରେ ? ଗୀତାର ଯୋଗେଶ୍ୱର କୃଷ୍ଣ ତଥା ଏହି ପୁରାଣର ମହାଯୋଗେଶ୍ୱର କୃଷ୍ଣ କ'ଣ ଏଭଳି ପଦସ୍ଖଳିତଭାବରେ ସମ୍ଭୋଗପାଇଁ ସଦା ପ୍ରସ୍ତୁତ ଥାନ୍ତି ? ଏହା କ'ଣ ଯୋଗେଶ୍ୱରଙ୍କ ଆଦର୍ଶର ମାପକାଠି ? ଏସବୁର ଗୋଟିଏ ଉତ୍ତର ହେଉଛି, ଏହା କବିଙ୍କର ମନଗଢ଼ା କାହାଣୀ । ଉଦ୍ଦେଶ୍ୟ ହେଲା ଜନାନୁରଞ୍ଜନ । ଅନ୍ୟଥା ଏଥିରେ ସତ୍ୟତା କାହିଁ ? ସେ ଦୃଷ୍ଟିରୁ ଏଭଳି କୃଷ୍ଣଚରିତ୍ର ଚିତ୍ରଣରେ ମଧ୍ୟ ସତ୍ୟତା ନାହିଁ ଓ ନାରଦ (୫) ଏବଂ ଅର୍ଜୁନଙ୍କୁ କୃଷ୍ଣ ରମଣ କରିବା ପଛରେ ତିଳେମାତ୍ର ବାସ୍ତବତା ନାହିଁ । ଥାଇ ନପାରେ ।

## ଭାଗବତର ଅତିରଞ୍ଜନ :

ସବୁ ପୁରାଣଭଳି, ଭାଗବତ ପୁରାଣ ମଧ୍ୟ ଅତିରଞ୍ଜନରେ ଭରପୂର । କୃଷ୍ଣଙ୍କର ଅତିମାନବତାକୁ ସାବ୍ୟସ୍ତ କରିବା ଏହି ପୁରାଣର ମୁଖ୍ୟ ଲକ୍ଷ୍ୟ । ତେଣୁ ଅନେକ ଅସମ୍ଭବ ଓ ମନଗଢା କଥା ଏଥିରେ ସ୍ଥାନ ପାଇଛି । ଉଦାହରଣ ସ୍ୱରୂପ ଏଥିରେ କୁହାଯାଇଛି କୃଷ୍ଣଙ୍କର ଦ୍ୱାରିକାରେ ଷୋଳହଜାର ପତ୍ନୀ ଥିଲେ । ଏମାନେ ଷୋଳସହସ୍ର ଗୋପନାରୀ ନୁହନ୍ତି, ସମସ୍ତେ ରାଜକନ୍ୟା । କୃଷ୍ଣ ଏମାନଙ୍କୁ ଭୌମାସୁରର ବନ୍ଦୀଶାଳାରୁ ମୁକ୍ତ କରି ଦ୍ୱାରକାକୁ ଆଣି ବିବାହ କରିଥିଲେ । (୬) ତା'ଛଡ଼ା ପୁଣି କୃଷ୍ଣଙ୍କର ଅଷ୍ଟପାଟବଂଶୀ ତ

---

(୪) ପଦ୍ମପୁରାଣ, ପାତାଳଖଣ୍ଡ, ୫/ଅଧ୍ୟାୟ ୭୪/୧୯୨–୧୯୫ ॥

ତସ୍ୟାଃ ପାଣି ଗୃହୀତ୍ୱୈବ ସର୍ବକ୍ରୀଡ଼ା ବନାନ୍ତରେ ।
ଯଥା କାମଂ ରହୋରେମେ ମହାଯୋଗେଶ୍ୱର ବିଭୁଃ । ୧୯୨ ॥
ତତଃସ୍ତସ୍ୟାଃ ସ୍କନ୍ଧଦେଶେ ପ୍ରଦତ୍ତଭୁଜ ପଲ୍ଲବଃ ।
ଆଗତ୍ୟ ଶାରଦାଂ ପ୍ରାହ ପଶ୍ଚିମେ ଽ ସ୍ମିନ୍ ସ୍ୱରୋବରେ । ୧୯୩ ॥
ଶୀଘ୍ରଂ ସ୍ନାପୟ ତନ୍ୱଙ୍ଗୀ କ୍ରୀଡ଼ାଶ୍ରାନ୍ତାଂ ମୃଦୁସ୍ମିତାମ୍ ।
ତତସ୍ତାଂ ଶାରଦାଦେବୀ ତସ୍ମିନ୍ କ୍ରୀଡ଼ା ସରୋବରେ । ୧୯୪ ॥
ସ୍ନାନଂ କୁର୍ବିତ୍ୟୁବାଚୌନାଂ ସା ଚ ଶ୍ରାନ୍ତା ତଥା ଽ କରୋତ୍ ।
ଜଳାଭ୍ୟନ୍ତରମାପ୍ତାଽସୌ ପୁନରର୍ଜୁନତାଂ ଗତଃ ॥ ୧୯୫ ॥

(୫) ପଦ୍ମପୁରାଣ, ପାତାଳ ଖଣ୍ଡ, ୭୫/୪୦–୪୨ ॥

ନାରଦ ଉବାଚ,–ଯୋଷିଦାନନ୍ଦହୃଦୟୋ ଦୃଷ୍ଟ୍ୱା ମାଂ ପ୍ରାବ୍ରବୀନ୍ମୁହୁଃ
ସମାଗଚ୍ଛ ପ୍ରିୟେ କାନ୍ତେ ! ଭକ୍ତ୍ୟା ମାଂ ପରିରମ୍ଭୟ ॥ ୪୧ ॥
ରେମେ ବର୍ଷପ୍ରମାଣେନ ତତ୍ର ଚୈବ ଦ୍ୱିଜୋତ୍ତମ ॥ ୪୨ ॥
( କବିଏ ସତମିଛ କରି କହନ୍ତି । କବିତା ଚାତୁରୀରେ ମନ ମୋହନ୍ତି । )

(୬) ଭାଗବତ ୧୦/୫୯/୩୩–୪୨



Digitized by PPRACHIN, SOA

ଥିଲେ । ଏ ପ୍ରତ୍ୟେକ ରାଜରାଜେମାଙ୍କର କୃଷ୍ଣଙ୍କ ଔରସରେ ହିସାବକରି ଦଶଟି ଲେଖାଏ କେବଳ ପୁତ୍ର ଜାତହେଲେ; କନ୍ୟା ନୁହନ୍ତି । କାରଣ, କନ୍ୟାଙ୍କ ଉପରେ ସେକାଳରେ ପ୍ରାଧାନ୍ୟ ନଥିଲା । ସର୍ବଶେଷରେ ଭାଗବତ ହିସାବକରି ବର୍ଣ୍ଣନା କରିଛି ଯେ କୃଷ୍ଣଙ୍କର ପୁତ୍ର ପୌତ୍ରଙ୍କ ସଂଖ୍ୟା ହେଲା ଏକକୋଟି; ଆଉ ଲକ୍ଷ କି ହଜାର ନୁହେ ।

"ଏତେଷାଂ ପୁତ୍ରପୌତ୍ରାଶ୍ଚ ବଭୂବୁଃ କୋଟିଶୋ ନୃପ ! "

ଏସବୁ କଥା ପୁଣି ନୃପ ପରୀକ୍ଷିତଙ୍କୁ ସତ୍ୟବାଦୀ ଜ୍ଞାନୀ ଶୁକମୁନି କହିଛନ୍ତି ।

ସତରେ କ'ଣ ଶୁକମୁନି ପରୀକ୍ଷିତଙ୍କୁ ଏସବୁ କଥା କହିଥିଲେ ? ସତ ହୋଇଥିଲେ ଆମର କିଛି କହିବାର ନାହିଁ । କିନ୍ତୁ ସମାନ କୋଟିଏରେ ପୁତ୍ର ପୌତ୍ରଙ୍କର ସଂଖ୍ୟା ଛିଡ଼ିଗଲା କିପରି ? ଏତେ ପୁତ୍ର ପୌତ୍ର ହେଲେ, ମାତ୍ର କନ୍ୟାଙ୍କ ସମ୍ବନ୍ଧରେ କିଛି କୁହାଗଲା ନାହିଁ କାହିଁକି ? କ'ଣ କୃଷ୍ଣଙ୍କ ହାତରେ ଏଭଳି ଶକ୍ତି ଥିଲା ଯେ, ତାଙ୍କର ଖାଲି ପୁତ୍ର ଜାତ ହେଉଥିଲେ ? ତାଛଡ଼ା, ଏକଥା ନିଶ୍ଚିତ ଯେ ମହାଭାରତ ଭାଗବତର ପୂର୍ବରୁ ଲେଖା ଯାଇଛି । ଏଥିରେ ସମସ୍ତ ସମାଲୋଚକ ଏକମତ । ସେହି ମହାଭାରତରେ ଶାନ୍ତି ପର୍ବରେ ଭୀଷ୍ମ ଶରଶଯ୍ୟାରେ ଶୋଇରହି ଯୁଧିଷ୍ଠିରଙ୍କୁ ବ୍ୟାସପୁତ୍ର ଶୁକଦେବଙ୍କର ଜନ୍ମ ମରଣର କାହାଣୀ ଶୁଣାଇଛନ୍ତି । (୭) ତେଣୁ ଶୁକଦେବ ଯେବେ ସେତେବେଳକୁ ଦେହତ୍ୟାଗ କରିସାରିଥିଲେ, ତେବେ ଭାଗବତ ପୁରାଣ ଲେଖାହେବା ବେଳକୁ ପୁଣି ଆସିଲେ କିପରି ? ଭାଗବତରେ ଲେଖା ଅଛି, ଶୁକଦେବ ଯୁଧିଷ୍ଠିରଙ୍କର ପରବର୍ତ୍ତୀ ରାଜା ପରୀକ୍ଷିତଙ୍କୁ ଗଙ୍ଗାତୀରରେ ଭାଗବତ ଶୁଣାଇଥିଲେ ଓ ତା'ର ଅଳ୍ପଦିନ ପରେ ପରୀକ୍ଷିତ ତକ୍ଷକ ସର୍ପର ଦଂଶନରେ ପ୍ରାଣତ୍ୟାଗ କଲେ । ଏହି ସମୟରେ ଶୁକଦେବଙ୍କର ବୟସ ଥିଲା ମାତ୍ର ଷୋଳବର୍ଷ; (୮) ସତେ ଯେପରି ଷୋହଳ ସଂଖ୍ୟାର ଗୋଟାଏ କିଛି ସାର୍ଥକତା ରହିଛି; ଯଥା— ଷୋଳ ସହସ୍ର ଗୋପନାରୀ, ଷୋଳସହସ୍ର ରାଜ କନ୍ୟା, ଆଉ ଏ ଷୋଳ ବର୍ଷର ମୁନିକୁମାର ଶୁକ ଦେବ ।

ମହାଭାରତ ଯୁଦ୍ଧ ସରିବା ବେଳକୁ ଯୁଧିଷ୍ଠିର ପ୍ରୌଢ଼ଥିଲେ । ଯୁଦ୍ଧପରେ ସେ ୩୬ ବର୍ଷ ରାଜତ୍ୱ କରି ନାତି ପରୀକ୍ଷିତଙ୍କୁ ରାଜ୍ୟଭାର ସମର୍ପଣ କରି ମହାଯାତ୍ରାରେ ଚାଲିଗଲେ । ତାହାପରେ ପରୀକ୍ଷିତ ପୁଣି ୬୦ ବର୍ଷ ରାଜତ୍ୱ କରିଥିଲେ । ଅତଏବ ଯୁଧିଷ୍ଠିର ଓ ପରୀକ୍ଷିତଙ୍କର ରାଜ୍ୟଶାସନକାଳ ମିଶି ହେଲା ୬୦+୩୬=୯୬ ବର୍ଷ । ଏଣୁ ଶୁକଦେବ

---

(୭) ମହାଭାରତ, ଶାନ୍ତିପର୍ବ, ଅ: ୩୩୩/୨୬–୩୭ ।।

(୮) ଭାଗବତ— ୧/୧୯/୨୫–୨୬ ।।

"ତତ୍ରାଭବଦ୍ ଭଗବାନ୍ ବ୍ୟାସପୁତ୍ରୋ । ଯଦୃଚ୍ଛୟା ଗାମଟମାନୋଽନପେକ୍ଷ ।
ଅଲକ୍ଷ୍ୟଲିଙ୍ଗୋ ନିଜଲାଭତୁଷ୍ଟୋ । ବୃତଶ୍ଚ ବାଳୈରବଧୂତ ବେଷଃ ।
ତଂ ଦ୍ୱ୍ୟଷ୍ଟବର୍ଷଂ ସୁକୁମାରପାଦ- । କରୋରୁ ବାହ୍ୱଂ ସକପୋଳଗାତ୍ରମ୍ ।।



Digitized by PPRACHIN, SOA

ପରୀକ୍ଷିତଙ୍କର ଅନ୍ତିମ ମୁହୂର୍ତ୍ତରେ ଆସିବାବେଳେ ତାଙ୍କୁ ଷୋଳବର୍ଷ ହୋଇଥିବା କଥା କଦାପି ସତ୍ୟ ହୋଇନପାରେ । ଅତଏବ, ଭଗବତର ବାକ୍ୟ ସବୁବେଳେ ସତ୍ୟ ବୋଲି ଧରାଯାଇ ନପାରେ । ଭଗବତରେ ଏଗାରଶହଯୋଜନ ଉଚ୍ଚ ଆମ୍ବଗଛର ବର୍ଣ୍ଣନା ରହିଛି । (୯) ମନ୍ଦରାଚଳରେ ଏ ଆମ୍ବଗଛ ଶୋଭାପାଉଛି । ପୁଣି ପୁତନାରାକ୍ଷସୀକୁ ଶ୍ରୀକୃଷ୍ଣ ଦୁଗ୍ଧ ପାନକରି ବଧ କଲାବେଳେ ସେ ଏପରି ଭାବରେ କାଉଡ଼ି ହୋଇ ପଡ଼ିଲା ଯେ, ତା'ର ଶରୀର ଛଅକୋଶଯାଏଁ ମାଡ଼ିକରି ରହିଲା । (୧୦) ଏସବୁ କଥା ଶୁକଦେବ ଯାହା ପରୀକ୍ଷିତଙ୍କୁ ଶୁଣାଇଥିଲେ, ଏଥିରେ ସତ୍ୟତା ଥିବାର ଜଣାଯାଉନାହିଁ । ତା'ଛଡ଼ା ମୋହିନୀ ରୂପଧାରୀ ବିଷ୍ଣୁଙ୍କ ପ୍ରତି ଆସକ୍ତ ହୋଇ ଶିବ ତାଙ୍କପଛରେ ଗୋଡ଼ାଉଥିବା ବେଳେ ଯେଉଁଠାରେ ଶିବଙ୍କର ରେତ ସ୍ଖଳନ ହୋଇପଡ଼ିଲା ସେଠାରେ ସୁନାରୁପାର , ଖଣିମାନ ସୃଷ୍ଟିହେଲା । (୧୧) ଏ ସବୁ କଥା ଶୁକ ପରୀକ୍ଷିତଙ୍କୁ ଯାହାକହିଲେ ଏହା ମୋଟେ ସତ୍ୟ ନୁହେ, ହୋଇ ନପାରେ । ଭାରତ ବାହାରେ, ଯେଉଁଠାରେ ଶିବପୂଜା ବା ବିଷ୍ଣୁପୂଜା ହେଉ ନାହିଁ, ସେଠାରେ ସୁନାଖଣି ଅଛି କିପରି ? ଏଣୁ କୁହାଯାଇପାରେ ଯେ ପୁରାଣର ଲେଖକମାନେ ଯେକୌଣସି ବସ୍ତୁ ଉପରେ କାଳ୍ପନିକ କାହାଣୀ ସୃଷ୍ଟିକରି ତାହା ବ୍ୟାସଙ୍କ ଉକ୍ତି, ଶୁକଙ୍କ ଉକ୍ତି ଅଥବା ଶ୍ରୀକୃଷ୍ଣଙ୍କ ଉକ୍ତି ବୋଲି କରି ପାରନ୍ତି ।

ଶ୍ରୀକୃଷ୍ଣଙ୍କ କଥା ବର୍ଣ୍ଣନା କରିବାବେଳେ, ଭଗବତ ଭଳି ଅନ୍ୟାନ୍ୟ ପୁରାଣକାର ମାନେ ମଧ୍ୟ ଆହୁରି ଅତିରଞ୍ଜନ କରିଯାଇଛନ୍ତି । ବ୍ରହ୍ମବୈବର୍ତ୍ତପୁରାଣରେ ଉଲେଖଅଛି ଶ୍ରୀକୃଷ୍ଣଙ୍କର ତିରଶକୋଟି ପତ୍ନୀଥିଲେ । ଏମାନେ କେହି ରାଜକନ୍ୟା ନୁହନ୍ତି, ଗୋପକନ୍ୟା । (୧୨) ପୁଣି ସେହିପୁରାଣର ସୃଷ୍ଟିଖଣ୍ଡରେ ଅଛି, କୃଷ୍ଣଙ୍କର ଷୋଳହଜାର ଗୋପନାରୀ ପତ୍ନୀରୂପେ ଥିଲେ । (୧୩) ପୁରାଣର ଲେଖକ କଳ୍ପନାକରି କୃଷ୍ଣଙ୍କ କଥା ଲେଖୁ ଲେଖୁ ବେଳେବେଳେ ଏ ପ୍ରକାର ଭ୍ରମ ହେବା ସ୍ଵାଭବିକ । ମୋଟ ଉପରେ ଦେଖିବାକୁ ଗଲେ, ଏକଥା ନିଶ୍ଚିତ ଭାବରେ କୁହାଯାଇପାରେ ଯେ, ପୁରାଣମାନ ଲେଖାଗଲାବେଳେ କୃଷ୍ଣ ନଥିଲେ । ଲେଖକମାନେ ଯାହାଲେଖିଥିଲେ, କଳ୍ପନାକରି ଲେଖିଥିଲେ । ତେଣୁ କୃଷ୍ଣଚରିତ୍ର

---

(୯) ଭାଗବତ–୫/୧୬/୧୨

(୧୦) ଭାଗବତ–୧୦/୬/୧୪ ।।"ପତମାନୋଽପି ତଦ୍ଦେହ ସ୍ତ୍ରିଗବ୍ୟୁତ୍ୟନ୍ତର ଦ୍ରୁମାନ୍ ।
ଚୂର୍ଣ୍ଣୟାମାସ ରାଜେନ୍ଦ୍ର ମହାଦାସୀତ୍ତଦଦ୍‌ଭୁତମ୍ ।। "

(୧୧) ଭାଗବତ–୮/୧୨/୩୩ "ଯତ୍ର ଯତ୍ର ପତନ୍ ମହ୍ୟାଂ ରେତସ୍ତସ୍ୟ ମହାତ୍ମନଃ ।
ତାନି ରୂପ୍ୟସ୍ୟ ହେମ୍ନଶ୍ଚ କ୍ଷେତ୍ରାଣ୍ୟାସନ୍ ମହୀପତେ ।। "

(୧୨) ବ୍ରହ୍ମବୈବର୍ତ୍ତପୁରାଣ, ଉତ୍ତରାର୍ଦ୍ଧ, ଅଃ୧୧୫/୮୬ ।।
"ତ୍ରିଂଶତ୍ କୋଟିଶ୍ଚ ଗୋପୀନାଂ ଗୃହୀତ୍ୱା ଭର୍ତ୍ତୃରାଜ୍ଞୟା ।
ପୁଣ୍ୟଂ ଚ ଭାରତଂ କ୍ଷେତ୍ରଂ ଗୌ ଲୋକାଦାଜଗାମ ସା ।।

(୧୩) ବ୍ରହ୍ମବୈବର୍ତ୍ତ ପୁରାଣ– ସୃଷ୍ଟିଖଣ୍ଡ–୨୨/୭୫ ।।



Digitized by PPRACHIN, SOA

ଚିତ୍ରଣରେ ନାନା ଭିନ୍ନତା ପରିଦୃଷ୍ଟ ହେଉଥିଲା । ଅତଏବ ପ୍ରତ୍ୟେକ ପୁରାଣର କୃଷ୍ଣ ପରସ୍ପରଠାରୁ ଭିନ୍ନ ଭାବରେ ପ୍ରତୀୟମାନ ହେଲେ । ତେଣୁ ଗବେଷକମାନେ କହିଲେ ଏ ପୁରାଣର କୃଷ୍ଣ ସେ ପୁରାଣର କୃଷ୍ଣଙ୍କଠାରୁ ଭିନ୍ନ । କିନ୍ତୁ ବୁଝିଲାବେଳକୁ ବାସ୍ତବରେ କୃଷ୍ଣ ସେ ପୁରାଣଯୁଗରେ ନଥିଲେ । କେବଳ ସ୍ୱପ୍ନର କଳ୍ପନାରେ ହିଁ ଥିଲେ ।

**ମହାଭାରତର କୃଷ୍ଣ:** ଉପରେ ପୁରାଣ ଯୁଗର କଥା କୁହା ଗଲା । ମହାଭାରତ ଯୁଗକଥାକୁ ଆମେ କିନ୍ତୁ ଏପରିଭାବରେ ଉଡ଼ାଇ ଦେଇ ପାରିବା ନାହିଁ । କାରଣ, ମହାଭାରତର ତଥାକଥିତ ଲେଖକ ବ୍ୟାସ ସେ ଗ୍ରନ୍ଥର ଏକ ଚରିତ୍ର । କୃଷ୍ଣ ମଧ୍ୟ ଏକ ଚରିତ୍ର । ଅତଏବ ବ୍ୟାସ ଶ୍ରୀକୃଷ୍ଣଙ୍କୁ ନିଶ୍ଚୟ ଦେଖିଥିଲେ । ଗୀତାର ଯୋଗେଶ୍ୱର କୃଷ୍ଣଙ୍କ ସହିତ କଥାବାର୍ତ୍ତା ହୋଇଥିବେ । ତାହାପରେ ମହାଭାରତ ଓ ଗୀତାରେ ଯାହାସବୁ ଲେଖିଛନ୍ତି, ସେ ସବୁ କଳ୍ପନାପ୍ରସୂତ ହୋଇନଥିବ । ସବୁ ତଥ୍ୟ ସତ ହୋଇଥିବ । ତେଣୁ ଆମେ ମହାଭାରତ ଓ ଗୀତାକୁ ଅକ୍ଷରେ ଅକ୍ଷରେ ବିଶ୍ୱାସ କରିଯିବା । ସେଥିରେ ବର୍ଣ୍ଣିତ କୃଷ୍ଣଚରିତ୍ର ସବୁ ସତ୍ୟଘଟଣା ଉପରେ ନିଶ୍ଚୟ ପର୍ଯ୍ୟବସିତ ହୋଇଥିବ । ଅତିରଞ୍ଜନର ସ୍ଥାନ ମଧ୍ୟ ନଥିବ । ବ୍ୟାସ ମୁନି କେବେ ମିଛ କହିବେ ନାହିଁ; ଏହା ଆମର ବିଶ୍ୱାସ । ମାତ୍ର ବିଶ୍ୱାସ ଯେ ସବୁବେଳେ ସତ ନୁହେଁ; ଏହା କିଏ ଅସ୍ୱୀକାର କରିବ ?

**ସବୁ ତଥ୍ୟ ସତ ନୁହେଁ**—ମହାଭାରତର ଭୀଷ୍ମ ପର୍ବରେ ଶ୍ରୀମଦ୍ ଭଗବଦ୍‌ଗୀତାକୁ କୃଷ୍ଣ ଅର୍ଜୁନଙ୍କୁ ବୁଝାଇ କହିଛନ୍ତି । ଏଥିରେ ସାଂଖ୍ୟଯୋଗ, କର୍ମଯୋଗ ଆଦି ଅନେକ ଦାର୍ଶନିକ ଯୋଗତତ୍ତ୍ୱମାନ ରହିଅଛି । ମାତ୍ର କଥା ହେଉଛି, ସତେକ'ଣ କୃଷ୍ଣ ଏସବୁ ଏପରି ବିସ୍ତୃତ ଭାବରେ ଅଠର ଅଧ୍ୟାୟରେ କହୁଥିଲେ । ଯୁଦ୍ଧକ୍ଷେତ୍ରରେ କ'ଣ ସେତେବେଳେ ଯୁଦ୍ଧ ବନ୍ଦ ରହିଲା ? କୃଷ୍ଣ କହିଲେ, "କୃଷ୍ଣଙ୍କୁ ଭକ୍ତିକର, ଭଜନକର, ଉପାସନାକର, ଇତ୍ୟାଦି । ନିଜ ବିଷୟରେ ଏପରି କ'ଣ କିଏ କହିଥାଏ ? କୃଷ୍ଣ କହିଲେ, ହେ ଅର୍ଜୁନ !

> "ସର୍ବଧର୍ମାନ୍ ପରିତ୍ୟଜ୍ୟ ମାମେକଂ ଶରଣଂ ବ୍ରଜ ।
> ଅହଂ ତ୍ୱାଂ ସର୍ବପାପେଭ୍ୟଃ ମୋକ୍ଷୟିଷ୍ୟାମି ମା ଶୁଚ ।। "

ଏଥିରେ ଶ୍ରୀକୃଷ୍ଣଙ୍କୁ ଯେପରିଭାବରେ ବର୍ଣ୍ଣନା କରଯାଇଛି, ତହିଁରେ ଶ୍ରୀକୃଷ୍ଣ ମହାଭାରତର ଏକ ପ୍ରମୁଖ ଚରିତ୍ରଭାବରେ ନୁହନ୍ତି, ବରଂ ପରଂବ୍ରହ୍ମ, ପୁରୁଷୋତ୍ତମ, ବିଷ୍ଣୁ ଭଗବାନ୍ ଭାବରେ ବର୍ଣ୍ଣିତ ହୋଇଛନ୍ତି । (୧୪) ଏ ଗ୍ରନ୍ଥ ଏକ ବୈଷ୍ଣବ ଗ୍ରନ୍ଥ ଭାବରେ ରୂପନେଇଛି ଓ ଏଥିରେ ଶୈବତତ୍ତ୍ୱ ଓ ଶାକ୍ତତତ୍ତ୍ୱ ଉପରେ ସେପରି ଗୁରୁତ୍ୱ ଆରୋପ କରାଯାଇ ନାହିଁ । ଷଡ଼ଦର୍ଶନର ସାରତତ୍ତ୍ୱ, ବ୍ରହ୍ମ, ଈଶ୍ୱରତତ୍ତ୍ୱ, ପ୍ରକୃତିପୁରୁଷବାଦ ଆଦି ଦାର୍ଶନିକତତ୍ତ୍ୱମାନ ଶ୍ରୀକୃଷ୍ଣଙ୍କ ମୁଖରେ ପ୍ରଚାର କରାଯାଇଛି । ଶ୍ରୀକୃଷ୍ଣଙ୍କ ମୁଖନିଃସୃତବାଣୀ

---

(୧୪) ଦ୍ରଷ୍ଟବ୍ୟ-ମୋର ସଂକଳିତ ଶ୍ରୀମଦ୍ ଭଗବଦ୍ ଗୀତା-ପୁରୁଷୋତ୍ତମଯୋଗ-ପୃ୧୧୫ ।।
(ପ୍ରକାଶକ–ନାଲନ୍ଦା, କଟକ–୧୯୮୭ ।। )



Digitized by PPRACHIN, SOA

ହୋଇଥିବାରୁ ଲୋକେ ଏସବୁ ପ୍ରସ୍ତରକୁ ବିନାଯୁକ୍ତିରେ ସହଜରେ ଗ୍ରହଣ କରିବେ; ଏହାଥିଲା ଗୀତାର ଲେଖକଙ୍କର ଉଦ୍ଦେଶ୍ୟ । ସେ ନିଶ୍ଚୟ ଜଣେ ବିଷ୍ଣୁଭକ୍ତ ବା ବୈଷ୍ଣବ ଥିଲେ ଓ ଷଡ଼ଦର୍ଶନରେ ପଣ୍ଡିତ ଥିଲେ; ଏହା ନିର୍ବିବାଦରେ ସ୍ୱୀକାର୍ଯ୍ୟ । ଏଣୁ ଏ କଥା ସତ୍ୟ ଯେ ଶ୍ରୀକୃଷ୍ଣ ସତରେ ଏତେକଥା ଅର୍ଜୁନଙ୍କୁ କହିନାହାଁନ୍ତି କି ଅଠରଦିନ ମହାଭାରତ ଯୁଦ୍ଧରୁ ଦିନେ ହେଲେ ଗୀତା ଶ୍ରବଣ ପାଇଁ ବ୍ୟୟିତ ହୋଇନାହିଁ । ଏସବୁ ଗୀତା-ପ୍ରଣେତାଙ୍କର ବାସ୍ତବ କୃତିତ୍ୱ । (୧୫) ସେ ଉପନିଷଦ୍‌କୁ ଭଲଭାବରେ ପଢ଼ିଛନ୍ତି ଓ ସେହି ଶ୍ଳୋକମାନଙ୍କୁ ବଦଳାଇ ଗୀତା ରଚନା କରିଛନ୍ତି । (୧୬) ପାଠକମାନଙ୍କ ଅବଗତି ନିମନ୍ତେ ସବୁ ଉଦାହରଣ ମାନ ନ ଦେଇ ଗୋଟିଏ ଲେଖାଏଁ ମାତ୍ର ଉଦାହରଣର ଅବତାରଣା କରନ୍ତି —

ଉପନିଷଦରେ ଅଛି— ନିଜାୟତେ ମ୍ରିୟତେ ବା ବିପଶ୍ଚିତ୍,
ନାୟଂ କୁତଶ୍ଚିନ୍ ନ ବଭୁବ କଶ୍ଚିତ୍ ।
ଅଜୋ ନିତ୍ୟଃ ଶାଶ୍ୱତୋ ଽୟଂ ପୁରାଣୋ,
ନ ହନ୍ୟତେ ହନ୍ୟମାନେ ଶରୀରେ ।
(କଠୋପନିଷଦ୍–୨ୟବଲ୍ଲୀ–ଶ୍ଳୋକ–୧୮୦)

ଗୀତାରେ ଅଛି— ନଜାୟତେ ମ୍ରିୟତେ ବା କଦାଚିତ୍,
ନାୟଂ ଭୂତ୍ୱା ଭବିତା ବା ନ ଭୂୟଃ ।
ଅଜୋ ନିତ୍ୟଃ ଶାଶ୍ୱତୋଽୟଂ ପୁରାଣୋ,
ନ ହନ୍ୟତେ ହନ୍ୟମାନେ ଶରୀରେ ॥
(ଗୀତା–୨/୨୦) (ଗୀତା ଓ ଉପନିଷଦରେ ଏପରି ଅନେକ ସାମ୍ୟ ରହିଅଛି)

## ଗୀତାର କୃଷ୍ଣ ଏକ ସ୍ୱତନ୍ତ୍ର କୃଷ୍ଣ :

ଉପନିଷଦ ଓ ଗୀତାର ଶ୍ଳୋକମାନଙ୍କୁ ପର୍ଯ୍ୟାଲୋଚନା ଜଣାଯାଏ ଯେ, ଗୀତା ହେଉଛି ଉପନିଷଦମାନଙ୍କର ଏକ ସାର ସଂଗ୍ରହ ମାତ୍ର । ତେଣୁ କୁହାଯାଇଛି– "ସର୍ବୋପନିଷଦୋ ଗାବୋ ଦୋଗ୍‌ଧା ଗୋପାଳନନ୍ଦନଃ" । ମହାଭାରତ ଲେଖିଲା ବେଳେ ବ୍ୟାସଦେବ ଗୀତା ଅଂଶଟି ଲେଖି ନ ଥିଲେ । ସେ ଲେଖିଥିଲେ, ଶ୍ରୀକୃଷ୍ଣ କହିନଥିବା କଥାକୁ ଶ୍ରୀକୃଷ୍ଣ କହିଛନ୍ତି ବୋଲି ମିଛକଥା କେବେ ହେଲେ କହି ନଥାନ୍ତେ । ତା'ଛଡା ଯିଏ ଏ ଗୀତାକୁ ଲେଖିଛନ୍ତି, ସେ ବେଦାନ୍ତ, ଦର୍ଶନ, ମହାଭାରତ ଇତ୍ୟାଦିକୁ ଭଲଭାବରେ ଅଧ୍ୟୟନ କରିଛନ୍ତି 'ମହାଭାରତର ଅଠରଦିନ ଯୁଦ୍ଧ, ସେଥିରେ ଥିବା ଅଠର ପର୍ବ ଆଦି ସହ ତାଳ ଦେଇ ଗୀତାର ଏହି ଅଠର ଅଧ୍ୟାୟ ରଚିତ ହୋଇଛି । ଏଥିରେ ଶ୍ରୀକୃଷ୍ଣଙ୍କୁ

---

(୧୫) ମୋର ସଂକଳିତ ଶ୍ରୀମତ୍ ଭଗବତ୍ ଗୀତା ପୃ:–୬୩ ,,
(୧୬) ,, ,, ,, ପୃ–୬୩ ,,



Digitized by PPRACHIN, SOA

ରାଜନୀତିଜ୍ଞ, ଦାର୍ଶନିକ ତଥା ଯୋଗେଶ୍ୱର ଭାବରେ ଚିତ୍ରଣ କରାଯାଇଛି । ମାତ୍ର ବାସ୍ତବରେ ଶ୍ରୀକୃଷ୍ଣ ଦ୍ୱାପର ଯୁଗର କଠୋପନିଷଦ ଇତ୍ୟାଦି ପଢିଥିଲେ କି ନା, ସେ କଥା କୁହାଯାଇ ନ ପାରେ । କାରଣ, ସେତେବେଳେ କଠୋପନିଷଦ ରଚିତ ହୋଇଥିଲା କି ନା, ଏହା ଏକ ବିବଦମାନ ପ୍ରଶ୍ନ । ସେ ଯାହାହେଉ, ଗୀତାର କୃଷ୍ଣଙ୍କ ବିଷୟରେ ଏତିକି କୁହା-ଯାଇପାରେ ଯେ ସେ ମଧ୍ୟ ଏକ କଳ୍ପିତ ବ୍ୟକ୍ତିତ୍ୱ, ବାସ୍ତବ ନୁହନ୍ତି । ପୁଣି ଗୀତା ବ୍ୟାସକୃତ ନୁହେ କି ମହାଭାରତର ଅଂଶ ବିଶେଷ ନୁହେ । ଏହା ମହାଭାରତର ପରବର୍ତ୍ତୀ ରଚନା ଓ ତହିଁରେ ଅନ୍ତର୍ଭୁକ୍ତ ହିଁ କରାଯାଇଛି (୧୭) ।

ମହାଭାରତର ସମୟ ଖ୍ରୀ: ପୂ: ୪ର୍ଥର ପୂର୍ବବର୍ତ୍ତୀ ଓ ଗୀତାର ସମୟ ହେଉଛି ଅନ୍ତତଃ ଖ୍ରୀ: ପୂ: ତୃତୀୟ ଶତକ (୧୮) । ସମାଲୋଚକମାନଙ୍କ ମତରେ ମହାଭାରତ ତିନି ଗୋଟି ପର୍ଯ୍ୟାୟରେ ବହୁ ବର୍ଷରେ ଲେଖାଯାଇଛି । ଯଥା:– ଜୟକାବ୍ୟ, ଭାରତକାବ୍ୟ, ଓ ଶେଷରେ ମହାଭାରତ । ପ୍ରଥମ ଦୁଇଟି କାବ୍ୟ ଆଜି ଆଉ ଆମର ଉପଲବ୍ଧ ହେଉ-ନାହିଁ । କେବଳ ମହାଭାରତ ହିଁ ଆମେ ଦେଖିବାକୁ ପାଉଛୁ । ବ୍ୟାସ ଯଦି ଲେଖିଥାନ୍ତି, ତେବେ ଜୟକାବ୍ୟକୁ ହିଁ ସେ ଲେଖିଥିବେ । ମାତ୍ର, ମହାଭାରତ ବ୍ୟାସଙ୍କ ଦ୍ୱାରା ଲିଖିତ ହୋଇନାହିଁ । ଏଥିରେ ବ୍ୟାସ ଜଣେ ଚରିତ୍ର ଭାବରେ ଯେଉଁଠି ଯାହା କହିଛନ୍ତି, ସବୁଠାରେ "ମୁଁ କହୁଛି" ବୋଲି ନ କହି 'ବ୍ୟାସ କହିଲେ' ବୋଲି କହୁଛନ୍ତି । ଜୟକାବ୍ୟ ଆମର ହସ୍ତଗତ ନ ହୋଇ ଥିବାରୁ ସେଥିରେ କୃଷ୍ଣଙ୍କ ଚରିତ୍ରର ରୂପରେଖ କିପରି ଥିଲା, ସେକଥା ପରିଷ୍କାର ଭାବରେ କିଛି କୁହାଯାଇ ପାରିବ ନାହିଁ । ମାତ୍ର ନାନା ପ୍ରକ୍ଷେପ ମଧ୍ୟରେ ମହାଭାରତରେ କୃଷ୍ଣଙ୍କୁ ବାସୁଦେବ, ଗୋପୀଜନ ପ୍ରିୟ, ଦ୍ୱାରକାବାସୀ ଓ ବୃନ୍ଦାବନବାସୀ ଭାବରେ ବର୍ଣ୍ଣନା କରିଛନ୍ତି । ବସ୍ତ୍ର ହରଣ ସମୟରେ ସଭାପର୍ବରେ ଦ୍ରୌପଦୀ ତାଙ୍କୁ ଏହିଭଳି ସ୍ମରଣ କରିଛନ୍ତି । ଦ୍ରୋଣପର୍ବରେ ଶିଶୁପାଳ ତାଙ୍କୁ ନିନ୍ଦାକରିବା ସମୟରେ ଭୀଷ୍ମ କୃଷ୍ଣଙ୍କର ଗୁଣମାନ ବର୍ଣ୍ଣନା କରିଛନ୍ତି । ସେତେବେଳେ କୃଷ୍ଣଙ୍କୁ ମଧ୍ୟ ବାସୁଦେବ, ଗୋକୁ-ଳରେ ପରିପାଳିତ, ଯମୁନାବନବାସୀ, କଂସ ଆଦି ଅସୁରଙ୍କର ସଂହାରକ, ଶିଶୁପାଳ ନାଶକ, ପୁଣ୍ଡରିକାକ୍ଷ ଇତ୍ୟାଦି ଭାବରେ ବର୍ଣ୍ଣନା କରିଛନ୍ତି । ଶ୍ରୀକୃଷ୍ଣ ବାଲ୍ୟାବସ୍ଥାରେ ମଥୁରାରେ ଥିଲେ ଓ ପରେ ଦ୍ୱାରକାରେ ଯାଇ ରାଜତ୍ୱ କରି ରହିଲେ, ଏହା ମହାଭାରତରୁ ଜଣାପଡ଼େ । କିନ୍ତୁ ଅନୁପଲବ୍ଧ ଜୟକାବ୍ୟରେ କ'ଣ ଥିଲା, ତାହା ସହଜରେ କୁହାଯାଇ-

---

୧୭ । ମତ୍ ସଂକଳିତ ଗୀତା– ପୃ ୬୯

୧୮ । ମତ୍ କୃତ ସଂସ୍କୃତ ସାହିତ୍ୟର ଇତିହାସ ଦ୍ରଷ୍ଟବ୍ୟ– ପୃ ୯୫,

ମଦୀୟ ଗୀତା ସଂକଳନ– ପୃ. ୭୩



Digitized by PPRACHIN, SOA

ପାରୁନାହିଁ (୧୯) । ସେ ଯାହାହେଉ, ପରିଶେଷରେ ସାରତତ୍ତ୍ୱ ଭାବରେ ଏତିକି କୁହାଯାଇପାରେ ଯେ, ପୁରାଣମାନଙ୍କରେ, ଗୀତାରେ ତଥା ଭାଗବତରେ କୃଷ୍ଣଙ୍କ ଚରିତ୍ର ମହାଭାରତକୁ ପୂରାପୂରି ଅନୁସରଣ କରି ଲେଖାଯାଇ ନାହିଁ । ବିଭିନ୍ନ ଲେଖକ ଭିନ୍ନ ଭିନ୍ନ ଭାବରେ ନିଜ ଦୃଷ୍ଟିକୋଣରୁ କୃଷ୍ଣଙ୍କ ବ୍ୟକ୍ତିତ୍ୱକୁ ଚିତ୍ରଣ କରିଛନ୍ତି । ଫଳରେ ବହୁ ପ୍ରକାରର କୃଷ୍ଣଙ୍କର ଆବିର୍ଭାବ ଭାରତୀୟ ପୁରାଣାଦି ଧର୍ମଗ୍ରନ୍ଥରେ ଆତ୍ମପ୍ରକାଶ କରିଛି ।

---

୧୯ । 'ଜୟକାବ୍ୟ'ଠାରୁ ମହାଭାରତ ବହୁ ଗୁଣରେ ବୃହତ୍ତର । ଅନେକ କାହାଣୀ କଳ୍ପନା କରି ଯୋଡ଼ା ଯାଇ ମହାଭାରତ ଏପରି ବୃହତ୍ କଳେବର ହୋଇଛି । ତେଣୁ ସେଥିରେ ଦ୍ୱାରକାର କୃଷ୍ଣ ଓ ମଥୁରାର କୃଷ୍ଣଙ୍କୁ ଏକ ବୋଲି ଯାହା କୁହା ଯାଇଛି, ତାକୁ ପୂରାପୂରି ଗ୍ରହଣ କରିବା ସନ୍ଦେହମୁକ୍ତ ନୁହେଁ । କାରଣ, ଏହା ହୁଏତ ମୂଳ ଜୟକାବ୍ୟରେ ନଥାଇପାରେ ଓ ପ୍ରକ୍ଷେପ ମଧ୍ୟ ହୋଇପାରେ । ଏଣୁ ବିନା ପ୍ରମାଣରେ ଗ୍ରହଣୀୟ ନୁହେଁ ।

ମୁଖ୍ୟ ସଂସ୍କୃତାଧ୍ୟାପକ
ବିନିମୟ ପାଠ୍ୟ ସଂସ୍ଥା
ଉତ୍କଳ ବିଶ୍ୱବିଦ୍ୟାଳୟ



Digitized by PPRACHIN, SOA

# ନୀଳକଂଠଂକ ଦର୍ଶନଭିତ୍ତିକ ଧର୍ମୀୟ ଦୃଷ୍ଟିଭଙ୍ଗୀ

ଡକ୍ଟର ନମିତା କର

ନୀଳକଂଠ ଦର୍ଶନରେ ଏମ୍. ଏ. ଡିଗ୍ରି ଲାଭ କରିଥିଲେ ହେଁ କେବେହେଲେ ଏକ ପେଷାଦାର ଦାର୍ଶନିକ ହୋଇ ନଥିଲେ । କିନ୍ତୁ ସେ ଯେ ଦର୍ଶନ ସମ୍ବଳିତ କେତୋଟି ଉପାଦେୟ ଗ୍ରନ୍ଥ ଖାଲି ରଚନା କରିଯାଇଛନ୍ତି, ତା' ନୁହେଁ, ଜୀବନର ବିଭିନ୍ନ ଗୁରୁତ୍ୱପୂର୍ଣ୍ଣ ଅବସରରେ ସେ ନିଜର ସୂକ୍ଷ୍ମ ଦାର୍ଶନିକ ଚିନ୍ତନର ପ୍ରୟୋଗାତ୍ମକ ଅନୁଶୀଳନ କରି ଦର୍ଶନ ଓ ଜୀବନ ମଧ୍ୟରେ ଅନ୍ତର୍ନିହିତ ସମତ୍ୱର ଏକ ଯଥାଯୋଗ୍ୟ ପ୍ରତିପ୍ରକାଶ କରିପାରିଛନ୍ତି । ଦର୍ଶନର ଗୂଢ଼ତତ୍ତ୍ୱ ଯାହାକି ସାଧାରଣତଃ ଦୁର୍ବୋଧ୍ୟ ତଥା କ୍ଲିଷ୍ଟ ବୋଲି ଧାରଣା କରାଯାଏ, ତାହାକୁ ଅତି ସରଳ ଭାବରେ ଉପସ୍ଥାପନ କରିବାରେ, ନୀଳକଂଠ ଉଲ୍ଲେଖନୀୟ ଭାବେ ସଫଳତା ହାସଲ କରିଥିଲେ । ଦାର୍ଶନିକ ଚିନ୍ତନ ଯୁକ୍ତି ପ୍ରତିଷ୍ଠିତ ଓ ଏହା ମାନବୀୟ ମୂଲ୍ୟବୋଧ ସହିତ ନିବିଡ଼ ଭାବେ ସଂଶ୍ଳିଷ୍ଟ— ଏହାକୁ ବୁଝାଇବା ନୀଳକଂଠଂକର ମହନୀୟ ଉଦ୍ଦେଶ୍ୟ ରହିଥିଲା ।

ପିଲାବେଳୁ ତାଙ୍କୁ ନିଜ ଗାଁରେ ଦେଖିବା ତଥା ଆମ ଦଦେଇ (ଆଚାର୍ଯ୍ୟ ହରିହର)ଙ୍କ ଠାରୁ ତାଙ୍କ ବିଷୟରେ କିଛି ଜାଣିବାର ସୁଯୋଗ ମତେ ମିଳିଥିଲା । ୧୯୦୪ ମସିହାରେ ନୀଳକଂଠ ନିଜର କିଶୋର ଅବସ୍ଥାରେ ଶ୍ରୀ ରାମଚନ୍ଦ୍ରପୁର ଗ୍ରାମରୁ ହରିଭାଇନା ( ଆଚାର୍ଯ୍ୟ ହରିହର )ଙ୍କ ସହିତ ସୁଆଣ୍ଡୋ ଗାଁକୁ ଯାଇ ଗୋପବନ୍ଧୁଙ୍କୁ ପ୍ରଥମେ ସାକ୍ଷାତ କରିଥିଲେ ଓ ତାହାଙ୍କ ଦେଶପ୍ରେମ ତଥା ଜାତୀୟତା ବୋଧରେ ଉଦ୍‌ବୁଦ୍ଧ ହୋଇ ବିଦେଶୀ ସରକାରର ଗୋଲାମ ନ ହେବାପାଇଁ ସଂକଳ୍ପ ନେଇଥିଲେ । ପରବର୍ତ୍ତୀ କାଳରେ ସମାଜରେ ନୀଳକଂଠ ବେଶ୍ ଭଲ ଭାବେ ଆର୍ଥିକ ତଥା ଲୋକପ୍ରିୟତା ଦୃଷ୍ଟିରୁ ପ୍ରତିଷ୍ଠିତ ହୋଇ ଥିଲେ ହେଁ ସରଳ, ନିଷ୍କପଟ, ସର୍ବୋଦୟ କର୍ମୀ ଆଚାର୍ଯ୍ୟ ହରିହର ଗାଁ ଦାଣ୍ଡରେ ପଦଯାତ୍ରା କରୁଥିଲାବେଳେ ସେ ନିଜ ମଟର ଗାଡ଼ିରୁ ଓହ୍ଲାଇ ତାଙ୍କୁ "ହରି ଭାଇନା" ସମ୍ବୋଧନ କରି ଶ୍ରଦ୍ଧା ପୂର୍ବକ ମୁଣ୍ଡିଆ ମାରିବାର ଦୃଶ୍ୟ ମୋର ପରିଷ୍କାର ମନେ ପଡ଼ୁଛି । ଏହା ମାନବୀୟ ମହାନୁଭବତାର ଏକ ନିର୍ଦ୍ଦିଷ୍ଟ ଦ୍ୟୋତକ ।

Digitized by PPRACHIN, SOA

ନୈଷ୍ଠିକ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ମଧ୍ୟ ନିଜର ଯୌକ୍ତିକ ଚିନ୍ତାଧାରା ତାଙ୍କୁ ବ୍ରାହ୍ମଣ୍ୟ ମତାନ୍ଧତାରୁ ଉର୍ଦ୍ଧ୍ୱରେ ରଖିଥିଲା ଏବଂ ବ୍ରାହ୍ମଣ ହୋଇ ସେ ସେତେବେଳେ ବ୍ରାହ୍ମଣ୍ୟ ଧର୍ମାନ୍ଧତା ବିରୁଦ୍ଧରେ ପ୍ରଚାର କରିବାରେ ଅଗ୍ରଣୀ ଥିଲେ । ତାଙ୍କର "ନିଶ ଆନ୍ଦୋଳନ" ଏବଂ ତାଂକ 'ଆପଣେ'ଙ୍କ ସହ ମିଶି କରି "କାଳିସୀ ପ୍ରଥା"ର ଅସାରତା ପ୍ରତିପାଦନ କରିବାପ୍ରଭୃତି କେତୋଟି ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟାବଳୀ ତାଙ୍କର ମାନବୀୟ ଦାର୍ଶନିକ ଦୃଷ୍ଟିଭଙ୍ଗୀର ସ୍ପଷ୍ଟ ସଙ୍କେତ ଦେଇଥାଏ ।

ଅତି ସରଳ ଭାଷାରେ ବୁଝାଇବାକୁ ଯାଇ ସେ ଯୁକ୍ତି ଧର୍ମର ଅବତାରଣା କରିଛନ୍ତି । ସାଧାରଣତଃ ଧର୍ମ କହିଲେ ଯୁକ୍ତି ବହିର୍ଭୂତ କୌଣସି ଅତି ଜାଗତିକ ରହସ୍ୟାତ୍ମକ ଐଶ୍ୱରୀୟ ଶକ୍ତି ଉପରେ ଏକ ଭକ୍ତିପ୍ଲୁତ ବିଶ୍ୱାସକୁ ବୁଝାଇଥାଏ । କିନ୍ତୁ ନୀଳକଂଠଂକ ଧର୍ମ ବିଷୟକ ଚିନ୍ତନ ଏହି ସାଧାରଣ ଭକ୍ତି ଧର୍ମ ଧାରଣାର ବ୍ୟତିକ୍ରମ । ଅତି ନିର୍ଭୟ ତଥା ନିଃସଂକୋଚରେ ସେ ଭକ୍ତି ଧର୍ମକୁ ମାନବ ଧର୍ମ ନ କହି "ପଶୁ ଧର୍ମ" କହିଛନ୍ତି । ଏପରି କହିବାର ତାତ୍ପର୍ଯ୍ୟ ହେଲା, ମଣିଷ ବିଚାର ବୁଦ୍ଧି ବଳରେ ହିଁ ପଶୁମାନଙ୍କଠାରୁ ପୃଥକ୍ ରୂପେ ସ୍ୱୀକୃତ । ପଶୁର ବିବିଧ କାର୍ଯ୍ୟାବଳୀ ମୁଖ୍ୟତଃ ଭାବାବେଗ ଦ୍ୱାରା ପରିଚାଳିତ ହେଉଥିବା ବେଳେ ମଣିଷ ସ୍ୱ ବିଚାର ବୁଦ୍ଧି ଦ୍ୱାରା ଭଲ, ମନ୍ଦ ତଥା ଠିକ୍, ଅଠିକ୍ ମଧ୍ୟରେ ପାର୍ଥକ୍ୟର ସନ୍ଧାନ କରେ ଏବଂ ତଦନୁଯାୟୀ ନିଜ ଜୀବନକୁ ଜାଗତିକ ପରିବେଷ୍ଟନୀ ମଧ୍ୟରେ ବିବେକାନୁମୋଦିତ ଚିନ୍ତନ ଦ୍ୱାରା ନିୟନ୍ତ୍ରଣାଧୀନ କରିଥାଏ । ତେଣୁ ଧର୍ମୀୟ ଚିନ୍ତନ ତାଙ୍କ ମତରେ ବସ୍ତୁତଃ ଭକ୍ତି ଆଚ୍ଛାଦିତ ନ ହୋଇ ଯୁକ୍ତି ପ୍ରତିଷ୍ଠିତ ହେବାକୁ ବାଧ୍ୟ । ଏଥିରେ କୌଣସି ପ୍ରକାର ଅହେତୁକ ମତାନ୍ଧତା ବା ଭୟ ଭିତ୍ତିକ ଭୀରୁ ଧାରଣାର ଅବକାଶ ରହି ନପାରେ । ଦାର୍ଶନିକ ବିଚାର ସଦା ସର୍ବଦା ଯୁକ୍ତି ପ୍ରତିଷ୍ଠିତ । ଏଥିରେ ପ୍ରମାଣ ବହିର୍ଭୂତ କୌଣସି ପ୍ରକାର ମତାନ୍ଧତାର ସ୍ଥାନ ନାହିଁ । ନୀଳକଂଠ ଅତି ସ୍ୱଚ୍ଛତା ତଥା ସତର୍କତାର ସହ ଭାରତୀୟ ଆର୍ଯ୍ୟ ସନାତନ ଧର୍ମର ବ୍ୟାଖ୍ୟା ( ଗୀତାର ଭାଷ୍ୟ ରଚନା ) କଲାବେଳେ ଏହି ଦୃଷ୍ଟିରୁ ଧର୍ମ ଓ ଦର୍ଶନର ମିଳନ ବିନ୍ଦୁର ସନ୍ଧାନ ଦେଇଛନ୍ତି । ଭାରତୀୟ ପରମ୍ପରାରେ ଧର୍ମୀୟ ଚିନ୍ତନ ଯୁକ୍ତି ଭିତ୍ତିକ ହୋଇଥିବାରୁ ଏହା ଦର୍ଶନ ବ୍ୟବସ୍ଥିତ । ଏଥିରେ କୌଣସି ପ୍ରକାର ମାନବେତର କୁହେଳିକା ପୂର୍ଣ୍ଣ ରହସ୍ୟାତ୍ମକ ଚିନ୍ତନର ସ୍ଥାନ ନାହିଁ । ଏହା କେବଳ ମାନବୀୟ କଲ୍ୟାଣ ନିମନ୍ତେ ଉଦ୍ଦିଷ୍ଟ । ସେଥିପାଇଁ ନୀଳକଂଠ ଗୀତା ଧର୍ମକୁ ମାନବ ଧର୍ମ ଏବଂ ଯୁକ୍ତି ଧର୍ମ ଭାବେ ଗ୍ରହଣ କରିଛନ୍ତି ।

ଏଇ ପ୍ରସଙ୍ଗରେ ତାଙ୍କ ଜୀବନର ଗୋଟିଏ ଘଟଣାକୁ ଉଲ୍ଲେଖ କରିବା ଶ୍ରେୟ ମଣୁଛି । ଥରେ ସଭାରେ 'ଆତ୍ମା' କ'ଣ ? ମୃତ୍ୟୁ ପରେ ଆତ୍ମା ଯାଏ କେଉଁଆଡ଼େ ? ଆତ୍ମା ଅମର ହୋଇ ରହେ କିପରି ? ପ୍ରଶ୍ନର ଉତ୍ଥାପନ ହୁଅନ୍ତେ ନୀଳକଂଠ ଅତି ସହଜ ଭାବରେ କହିଥିଲେ ଯେ ଆତ୍ମା ଅମର କଥାର ଅର୍ଥ ନୁହେଁ ଯେ ଆତ୍ମା ଦେହ ରୂପକ ପିଂଜରା ଛାଡ଼ି ପକ୍ଷୀ ସଦୃଶ ଏଣେ ତେଣେ ବୁଲୁ ଥାଏ । ତାଙ୍କ 'ମତାନୁଯାୟୀ' ଏହାର



Digitized by PPRACHIN, SOA

ଏକ ମାନବ ସମାଜ ଭିତ୍ତିକ ନୈତିକ ଦୃଷ୍ଟିକୋଣରୁ ବ୍ୟାଖ୍ୟା କରଯିବା ଶ୍ରେୟସ୍କର । ଅର୍ଥାତ୍ ପ୍ରତ୍ୟେକ ମାନବ ନିଜର ସୁଚିନ୍ତିତ କାର୍ଯ୍ୟାବଳୀ ଭିତ୍ତିରେହିଁ ଭବିଷ୍ୟତ ବଂଶଧରମାନଙ୍କ ଭିତରେ ଅମର ହୋଇ ରହିବ । ଏଠାରେ ଅମରତ୍ୱ ଏକ ନୀତିଗତ, ସୁ-ସଂହତ, ବିବେକାନୁମୋଦିତ ସମାଜ ବ୍ୟବସ୍ଥିତ ଜୀବନଯାପନକୁହିଁ ନିର୍ଦ୍ଦେଶ କରୁଅଛି । ଯେ ଯେତେ ନ୍ୟାୟବନ୍ତ ତଥା ବିଚାରବାନ୍, ସେ ସେତେ ସ୍ମରଣୀୟ, ଅନୁକରଣୀୟ ଓ ବନ୍ଦନୀୟ । ସେ ହିଁ ମାନବ ସମାଜରେ ପୂଜନୀୟ ନେତା ଓ ଏହି ଦୃଷ୍ଟିରୁ ସେ ଅମର ଓ ଅକ୍ଷୟ । ମଣିଷ ବିଚାର ବୁଦ୍ଧି ପ୍ରୟୋଗ କରି ବ୍ୟକ୍ତିତ୍ୱ ତଥା ଜାତିତ୍ୱ ମଧ୍ୟରେ ସୁସଂହତ ସମନ୍ୱୟ ଆଣିପାରିଲେ ହିଁ ଅମୃତତ୍ୱ ପ୍ରାପ୍ତ ହୁଏ ତଥା ଆତ୍ମୋପଲବ୍ଧି ସମ୍ଭବ ହୁଏ । ଏହି ଦୃଷ୍ଟିକୋଣରୁ ଆତ୍ମଜ୍ଞାନ କୌଣସି ପ୍ରକାର ରହସ୍ୟାତ୍ମକ ଅତି ମାନବୀୟ ବିଷୟକ ନହୋଇ ଜାଗତିକ ପରିବେଶରେ ମାନବୋଚିତ ସଦ୍‌ଗୁଣ ବିଷୟାଦିର ପରିପ୍ରକାଶକୁହିଁ ନିର୍ଦ୍ଦେଶ କରୁଛି । ମାନବ ଧର୍ମ ଏହି ଦୃଷ୍ଟିରୁ ପ୍ରକୃତ ପକ୍ଷେ ଯୁକ୍ତି ସଙ୍ଗତ ନୈତିକ ବିଚାରଧାରରେ ପୁଷ୍ଟ । ଏହି ପରିପ୍ରେକ୍ଷୀରେ ନୀଳକଂଠଂକ ଦର୍ଶନଭିତ୍ତିକ ଧର୍ମୀୟ ବିଚାର, ଯାହାକି ମାନବର ମାନବତ୍ୱର ପୂର୍ଣ୍ଣ ବିକାଶ ଉପରେ ଗୁରୁତ୍ୱ ଆରୋପ କରିଆସିଅଛି, ତାହାର ଆଚାର୍ଯ୍ୟ ହରିହରଙ୍କର ସଂକ୍ଷିପ୍ତ କଥନୀ "ଭଲ ମଣିଷ ହୁଅ" ସହିତ ସାଦୃଶ୍ୟ ଅବଶ୍ୟ ଉଲ୍ଲେଖନୀୟ । ସେହି ଦୃଷ୍ଟିରୁ ଦୁହିଁଙ୍କର ବିଚାରଧାରରେ ଏକ ସାଧାରଣ ଭିତ୍ତିଭୂମିର ନିର୍ଦ୍ଦିଷ୍ଟ ସଙ୍କେତ ମିଳୁଅଛି ।

ଅଧ୍ୟାପିକା ଏବଂ ଦର୍ଶନ ବିଭାଗୀୟ ମୁଖ୍ୟା
ଶ୍ରୀ ଜୟଦେବ କଲେଜ ଅଫ୍ ଏଡୁକେଶନ୍ ଏଣ୍ଡ୍
ଟେକ୍ନୋଲଜି, ନହରକଣ୍ଟା, ପୁରୀ ।

Digitized by PPRACHIN, SOA

ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ ଏକ ଅତ୍ୟାବଶ୍ୟକ ସେବାସଂସ୍ଥା । ରାଜ୍ୟରେ ବିଦ୍ୟୁତ୍ ଉତ୍ପାଦନ, ପରିବହନ ଓ ବଣ୍ଟନ ଦାୟିତ୍ୱ ଏହା ଉପରେ ନ୍ୟସ୍ତ । ତେଣୁ ବିଦ୍ୟୁତ୍ ବ୍ୟବହାରରେ ଗ୍ରାହକମାନେ ଯେପରି କୌଣସି ଅସୁବିଧାର ସମ୍ମୁଖୀନ ନ ହେବେ ସେଥିପ୍ରତି ଦୃଷ୍ଟି ଦେବା ଏହାର ଏକ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ । ଏହି କାର୍ଯ୍ୟ ସଂପାଦନରେ ଯେପରି କୌଣସି ତ୍ରୁଟି ନ ହୁଏ ସେଥିପାଇଁ ସର୍ବଦା ଦୃଷ୍ଟି ଦିଆଯାଉ ଥିଲେ ମଧ୍ୟ ଗ୍ରାହକମାନଙ୍କର ସଂଖ୍ୟା, ପରିବହନ ଓ ବଣ୍ଟନ ଲାଇନର ବ୍ୟାପକତା ଏବଂ ସର୍ବୋପରି ବିଦ୍ୟୁତ୍ ଆବଶ୍ୟକତା ଉତ୍ପାଦନ ତୁଳନାରେ ଅଧିକ ହୋଇ ଥିବାରୁ, ବେଳେ ବେଳେ ବିଦ୍ୟୁତ୍ ଯୋଗାଣରେ ବ୍ୟାଘାତ ସୃଷ୍ଟି ହେବା ସ୍ୱାଭାବିକ ।

ଏହି ପରିପ୍ରେକ୍ଷୀରେ ଗ୍ରାହକମାନଙ୍କର ବିଭିନ୍ନ ସମସ୍ୟା ଗୁଡ଼ିକର ଶୀଘ୍ର ସମାଧାନ କରିବା ପାଇଁ ବୋର୍ଡର ପ୍ରଧାନ କାର୍ଯ୍ୟାଳୟ, ବିଦ୍ୟୁତ୍ ମଣ୍ଡଳ, ଡିଭିଜନ, ସବ୍‌ଡ଼ିଭିଜନ ଓ ସେକ୍‌ସନ ସ୍ତରରେ ପ୍ରତି ବୁଧବାର ଦିନ ଅଭିଯୋଗ ପ୍ରକୋଷ୍ଠ ଖୋଲି ସେମାନଙ୍କର ଆପତ୍ତି–ଅଭିଯୋଗ ଶୁଣିବା ପାଇଁ ବ୍ୟବସ୍ଥା କରାଯାଉଛି । ଏହି ଅଭିଯୋଗ ପ୍ରକୋଷ୍ଠ ପ୍ରତି ବୁଧବାର ଦିନ ଦିବା ସାଢେ ଦଶଟାରୁ ଅପରାହ୍ଣ ଦେଢ଼ଟା ପର୍ଯ୍ୟନ୍ତ ଖୋଲା ରହିବ ।

ଜନସାଧାରଣ ଏବଂ ବିଶେଷ କରି ବିଦ୍ୟୁତ୍ ଗ୍ରାହକମାନଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉ ଅଛି ଯେ, ପ୍ରତ୍ୟେକ ବୁଧବାର ଦିନ (ଛୁଟିଦିନ ବ୍ୟତୀତ) ବିଦ୍ୟୁତ୍ ଯୋଗାଣ ସମ୍ବନ୍ଧୀୟ ଯେ କୌଣସି ସମସ୍ୟା ସେମାନେ ପ୍ରଥମେ ସଂପୃକ୍ତ ଅଂଚଳର ସେକ୍‌ସନ, ସବ୍‌ଡ଼ିଭିଜନ, ଡ଼ିଭିଜନ ଏବଂ ସର୍କଲ କାର୍ଯ୍ୟାଳୟରେ ସଂପୃକ୍ତ ସେକ୍‌ସନ ଅଫିସର, ଏସ୍.ଡ଼ି.ଓ., ଏକ୍‌ଜିକ୍ୟୁଟିଭ୍ ଇଂଜିନିୟର ଓ ତତ୍‌ପରେ ସୁପରିନ୍‌ଟେନ୍‌ଡ଼ିଂ ଇଂଜିନିୟରଙ୍କ ପାଖରେ ଉପସ୍ଥାପନ କରିପାରିବେ । ଏଥିପାଇଁ ଆବଶ୍ୟକ ହେଉଥିବା କାଗଜପତ୍ର ସଂଗରେ ଆଣିବାକୁ ଭୁଲିବେ ନାହିଁ । ଏହା ସତ୍ତ୍ୱେ ଯଦି ସେମାନଙ୍କର ସମସ୍ୟାର ସମାଧାନ ହୋଇ ନ ପାରିଲା ତେବେ ସେମାନେ ବୋର୍ଡ ପ୍ରଧାନ କାର୍ଯ୍ୟାଳୟର ସଂପୃକ୍ତ ମୁଖ୍ୟ ଯନ୍ତ୍ରୀ, ସଦସ୍ୟ (ଟି.ଡ଼ି.ସି), ପ୍ରଶାସନିକ ଓ ଅର୍ଥ ସଦସ୍ୟ କିମ୍ବା ଅଧ୍ୟକ୍ଷଙ୍କ ସହିତ ପରାମର୍ଶ କରିପାରିବେ ।

ଏହି ଅଭିଯୋଗ ପ୍ରକୋଷ୍ଠ ପ୍ରତ୍ୟେକ ସ୍ତରରେ ନିୟମିତ ଭାବେ କାର୍ଯ୍ୟକାରୀ କରିବା ପାଇଁ ସଂପୃକ୍ତ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଛି । ଜନସାଧାରଣ ଏବଂ ବିଦ୍ୟୁତ୍ ଗ୍ରାହକମାନଙ୍କୁ ଅନୁରୋଧ ଏହି କାର୍ଯ୍ୟ ସଂପାଦନରେ ସେମାନେ ଯଥୋଚିତ ସାହାଯ୍ୟ ଓ ସହଯୋଗ ପ୍ରଦାନ କରିବେ ।

ପ୍ରଶାନ୍ତ କୁମାର କର
ଅଧ୍ୟକ୍ଷ

**ଓଡ଼ିଶା ରାଜ୍ୟ ବିଦ୍ୟୁତ୍ ବୋର୍ଡ, ଭୁବନେଶ୍ୱର**

Digitized by PPRACHIN, SOA

ବାଣିଜ୍ୟେ ବସତେ ଲକ୍ଷ୍ମୀ
ତଦର୍ଦ୍ଧଂ କୃଷି କର୍ମଣି
ତଦର୍ଦ୍ଧଂ ରାଜ ସେବାୟୁ
ଭିକ୍ଷାୟାଂ ନୈବ ନୈବଚ ।

ମହାମନ୍ତ୍ରକୁ ଅନୁସରଣ କରି ଯେଉଁ ମହାମନୀଷୀମାନେ ରାଜ ସେବା (ଚାକିରୀ)ରୁ ବିରତ ରହି ସେମାନଙ୍କର ସାରା ଜୀବନ ଦେଶ ସେବାରେ କଟାଇ ଦେଇଛନ୍ତି, ସେମାନଙ୍କ ମଧ୍ୟରୁ ଅନ୍ୟତମ ସଖା, 'ସବ୍ୟସାଚୀ', ବକୁଳ ବନର ଗୁରୁ, ଭାରତର ବିଶିଷ୍ଟ ସାହିତ୍ୟିକ, ନିର୍ଭୀକ ରାଜନୈତିକ ନେତା ତଥା ପ୍ରତିଷ୍ଠିତ ମାନବତାବାଦୀ ଦାର୍ଶନିକ

ପଣ୍ଡିତ ନୀଳକଣ୍ଠଙ୍କ ପବିତ୍ର ସ୍ମୃତିରେ
ଫିଲିପ୍ସ ରେଡ଼ିଓ, ଟେଲିଭିଜନ, ଟୁ-ଇନ୍-ଓ୍ୱାନ୍,

ଏବଂ

ଫିଲିପ୍ସର ସମସ୍ତ ପ୍ରକାର ବୈଦ୍ୟୁତିକ ସରଞ୍ଜାମର କ୍ଷମତାପ୍ରାପ୍ତ ବିକ୍ରେତା
ଶ୍ରଦ୍ଧାଞ୍ଜଳି ଅର୍ପଣ କରୁଛି—

# ବାଣିଜ୍ୟ ବିକାଶ

ମାର୍କେଟ୍ ବିଲ୍ଡିଙ୍ଗ୍ସ, ଭୁବନେଶ୍ୱର-୯

Digitized by PPRACHIN, SOA

ବୁଲି ବାରଦ୍ୱାର ଖରା ତରାରେ
ଲାଗି ରହିଥିଲେ ଲୋକ ସେବାରେ,

× × × ×

ଦେଶ ଲାଗି ସାରା ଜୀବନ ଦେଲେ
'ପଦ୍ମଭୂଷଣ' ସେ ପଦ ପାଇଲେ ।

(ଜାତୀୟ କବି ବୀରକିଶୋର)

ଯେଉଁ ଲୋକ ସେବା ଓ ଦେଶ ସେବା ପଣ୍ଡିତ ଗୋପବନ୍ଧୁ ଓ ପଣ୍ଡିତ ନୀଳକଣ୍ଠ ପ୍ରଭୃତି ପଞ୍ଚସଖାଙ୍କର ଜୀବନର ଲକ୍ଷ୍ୟ ଥିଲା, ସେଇ ଆଦର୍ଶରେ ଅନୁପ୍ରାଣିତ ହୋଇ ପ୍ରାଚ୍ୟ ଓ ହିନ୍ଦୁ ସଂସ୍କୃତିର ପ୍ରତୀକ ପରମ ଆରାଧ୍ୟ ମହାପ୍ରଭୁ **ଜଗନ୍ନାଥଙ୍କ** ପବିତ୍ର ନାମ ବହନ କରି ଗଢ଼ି ଉଠିଛି ଓ ଆଜି

ମହାମନୀଷୀ ପଣ୍ଡିତ ନୀଳକଣ୍ଠଙ୍କ ପ୍ରତି
ଶ୍ରଦ୍ଧାଞ୍ଜଳୀ ଅର୍ପଣ କରୁଛି—

# ଜଗନ୍ନାଥ ସେବାସଦନ

—[ନର୍ସିଂ ହୋମ]—

ରାଜମହଲ ଛକ, ଭୁବନେଶ୍ୱର-୯

Digitized by PPRACHIN, SOA